RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in



ବୀର ପ୍ରସବିନୀ ଓଡ଼ିଶା ମାଟିର ସୁଯୋଗ୍ୟ ବରପୁତ୍ରମାନଙ୍କ ନିରନ୍ତର ଉଦ୍ୟମ ବଳରେ ୧୯୩୬ ମସିହା ଆଜିର ଦିନରେ ଭାଷା ଭିତ୍ତିରେ ଗଠନ ହୋଇଥିଲା ପ୍ରଥମ ରାଜ୍ୟ ଓଡ଼ିଶା । ସେଦିନର ସେଇ ଅଭୁଲା ସ୍ମୃତିକୁ ମନେ ପକାଇ ଆମେ ପ୍ରତିବର୍ଷ ଏହି ଦିନକୁ 'ଓଡ଼ିଶା ଦିବସ' ଭାବେ ପାଳି ଆସୁଛୁ । ଏହି ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ 'ସକାଳ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ।



# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-273 ♦WEDNESDAY ♦01 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୭୩ ♦ବୁଧବାର ♦୦୧ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ଭିତର ପୃଷ୍ଠାରେ: ଆନ୍ଧ୍ର ନାବାଳିକାଙ୍କୁ ଓଡ଼ିଶାରେ ଗଣଦୁଷ୍କର୍ମ | ବୀର ବିକ୍ରମ ଯାଦବ ଡିଜିସିଏ ଅଧ୍ୟକ୍ଷ | ଇରାନ ଅସ୍ତ୍ରଭଣ୍ଡାର ଉପରେ ଆମେରିକାର ବଙ୍କର ବଷ୍ଟର ମାଡ଼

# ବିଧାନସଭାରେ ବିଜୁ ନିଆଁ

## ଦୁବେଙ୍କ ମନ୍ତବ୍ୟକୁ ସବୁ ଦଳର ବିରୋଧ: ଆସିଲା ନିନ୍ଦା ପ୍ରସ୍ତାବ



### ଓଡ଼ିଶାକୁ ଅପମାନ ଘଟଣାରେ ନିରବଦ୍ରଷ୍ଟା ହେବନାହିଁ ଓଡ଼ିଆ ଜାତି

### ନିନ୍ଦା ପ୍ରସ୍ତାବ ଗୃହୀତ ନ ହେଲେ ଭବିଷ୍ୟତ କ୍ଷମା ଦେବନାହିଁ: ବିଜେଡି

### ଦେଶଦ୍ରୋହ ଆଇନରେ ବିଜେପି ସାଂସଦଙ୍କୁ ଗିରଫ କରାଯାଉ: କଂଗ୍ରେସ

### ବିଜୁବାବୁ ସମଗ୍ର ଓଡ଼ିଶାବାସୀଙ୍କ ସମ୍ମାନନୀୟ: ବିଜେପି

### କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଆଲୋଚନା ହେବ: ବାଚସ୍ପତି

■ ଭୁବନେଶ୍ୱର, ୩୧।୩ (ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ସାରା ଦେଶରେ ସୃଷ୍ଟି କରିଛି ରାଜନୈତିକ ଝଡ଼ । ଦେଶର ପ୍ରାୟ ସବୁ ରାଜନୈତିକ ଦଳ ଶ୍ରୀ ଦୁବେଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି । ସଡ଼କରୁ ସଂସଦ ଯାଏଁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଓଡ଼ିଶା ବିଧାନସଭାରେ ବି ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ୍ ଏହାକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ସହ ଶୂନ୍ୟକାଳରେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ।

ବିଜୁ ପଟ୍ଟନାୟକଙ୍କ ପରି ଉତ୍ତୁଙ୍ଗ ବ୍ୟକ୍ତିତ୍ୱଙ୍କ ପ୍ରତି ଜଣେ ବିଜେପି ସାଂସଦଙ୍କ ଆପତ୍ତିଜନକ ମନ୍ତବ୍ୟକୁ କେହିବି ଗ୍ରହଣ କରିପାରିବେ ନାହିଁ । ଏପରି ଅଶାଳୀନ, ଅସତ୍ୟ, ଭିତ୍ତିହୀନ ମନ୍ତବ୍ୟ ଭାରତବର୍ଷର ଲୋକଙ୍କ ହୃଦୟତନ୍ତ୍ରକୁ ଦୋହଲାଇ ଦେଇଛି । ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱାଭିମାନକୁ ଆଘାତ ଦେଇଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ବିଜେଡି ପକ୍ଷରୁ ଏନେଇ ଗୃହରେ ନିନ୍ଦା ପ୍ରସ୍ତାବ ନୋଟିସ ଆଗତ କରାଯାଇଥିବା ବେଳେ ଏହାର ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରିବାକୁ ବିରୋଧୀ ଦଳ ଅଡ଼ି ବସିଛନ୍ତି । ଏପରି ମନ୍ତବ୍ୟକୁ ସାରା ଭାରତବର୍ଷ ନିନ୍ଦା କରୁଛି, ତେଣୁ ଏ ଗୃହ ନିରବଦ୍ରଷ୍ଟା ହୋଇ ବସିରହିପାରିବ ନାହିଁ । ବିଜେଡି ପକ୍ଷରୁ ଦିଆଯାଇଥିବା ନୋଟିସ ଓ ସଂକଳ୍ପ କାର୍ଯ୍ୟ ପରାମର୍ଶଦାତା କମିଟି ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବାଚସ୍ପତି ବିଧାନସଭାରେ ଆଜି ରୁଲିଂ ଦେଇଛନ୍ତି ।

ମଙ୍ଗଳବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ନାରାବାଜି କରିଥିଲେ । ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନ ଚଳିବ ନାହିଁ, ବିଜୁ ପଟ୍ଟନାୟକ ଅମର ରହେ, ଓଡ଼ିଆ ଅସ୍ମିତା କୁଆଡ଼େ ଗଲା, ଓଡ଼ିଆ ଅସ୍ମିତା ତୁଲିକି ଗଲା ଆଦି ସ୍ଲୋଗାନ ଦେଇ ଗୃହ ▶ପୃଷ୍ଠା-୭

## ସିଏଜି ରିପୋର୍ଟ ୨୦୨୪-୨୫: ରାଜ୍ୟ ଜିଏସ୍‌ଡିପିରେ ୬୫% ବୃଦ୍ଧି

# ନବୀନ ସରକାରରେ ଅଭିବୃଦ୍ଧିର ଶିଖରରେ ଓଡ଼ିଶା

### ଗତ ୫ ବର୍ଷରେ ଜିଏସ୍‌ଡିପି ଜାତୀୟ ଅଭିବୃଦ୍ଧି ହାର ସହ ତୁଳନୀୟ

### ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ

### ୧୦ ବର୍ଷରେ ରାଜସ୍ୱ ସଂଗ୍ରହରେ ୪୬.୬୩% ବୃଦ୍ଧି

### ୨୦୨୪-୨୫ରେ ସବ୍‌ସିଡି ୧୫%ରୁ ଅଧିକ ବଢ଼ିଛି



■ ଭୁବନେଶ୍ୱର, ୩୧।୩ (ସମିସ): ବିକାଶ ହେଉ କି ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି, ସବୁ କ୍ଷେତ୍ରରେ ଓଡ଼ିଶା କେନ୍ଦ୍ରଠାରୁ ଆଗରେ । ନବୀନ ସରକାରଙ୍କ ଅମଳରେ ଓଡ଼ିଶା ଅଭିବୃଦ୍ଧି କ୍ଷେତ୍ରରେ ନୂତନ ଶିଖର ଛୁଇଁଛି । କାରଣ ପ୍ରତିବର୍ଷ ଓଡ଼ିଶାର ଜିଡିପି ଅଭିବୃଦ୍ଧି କେନ୍ଦ୍ରଠାରୁ ଅଧିକ ରହିଛି । ସେହିପରି ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ପ୍ରାୟ ୬୫% ଅଭିବୃଦ୍ଧି ହାସଲ କରିଛି, ଯାହା ଏହି ଅବଧିରେ ଭାରତର ଜିଡିପି ଅଭିବୃଦ୍ଧି ୬୬.୫୬% ସହ ତୁଳନୀୟ ବୋଲି ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ ସମ୍ପର୍କିତ ରିପୋର୍ଟରେ କୁହାଯାଇଛି । ସେହିପରି ନବୀନଙ୍କ ଶାସନରେ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି । ବିଗତ ୧୦ ବର୍ଷର ରେକର୍ଡ ଦେଖିଲେ ରାଜ୍ୟର ରାଜସ୍ୱ ସଂଗ୍ରହରେ ୪୬.୬୩% ଅଭିବୃଦ୍ଧି ପରିଲକ୍ଷିତ ହୋଇଥିବା ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ଅଡିଟ୍-୨ ଅତୁଲ ପ୍ରକାଶ ଏହି ସୂଚନା ଦେଇଛନ୍ତି ।

ବିଗତ ୧୦ ବର୍ଷରେ ଓଡ଼ିଶାର ରାଜସ୍ୱ ପ୍ରାପ୍ତି ୧୧.୫୨ ପ୍ରତିଶତ ସିଏଜିଆର୍ ସହିତ ଉପରମୁହାଁ ▶ପୃଷ୍ଠା-୭






15001/13/2526



ସତ୍ୟମେବ ଜୟତେ

**ପବିତ୍ର ଓଡ଼ିଶା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଓଡ଼ିଶା ଦିବସ–୨୦୨୬ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)




**ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଜୟ ଜଗନ୍ନାଥ!

ଆଜି ଓଡ଼ିଶା ଦିବସ । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅସ୍ମିତା ଓ ସ୍ୱାଭିମାନର ଦିବସ । ଏହି ଅବସରରେ ଓଡ଼ିଶା ତଥା ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତ୍ୟାଗ ଓ ବଳିଦାନ ରଖିଥିବା ସମସ୍ତ ବରପୁତ୍ରମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଶା ଆଜି ନୂଆ ଆଶା, ନୂଆ ଭରସା ଓ ଗଭୀର ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ୁଛି । ୨୦୩୬ ସୁଦ୍ଧା ଆମେ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଛୁ । ଆଗାମୀ ଦଶ ବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସଂକଳ୍ପର ବର୍ଷ ହେଉ ।

ଆସନ୍ତୁ, ଆମେ ସମସ୍ତେ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ କାମ କରିବା ।

*ବନ୍ଦେ ଉତ୍କଳ ଜନନୀ ।*

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0013

ସକାଳ THE SAKALA



**ବଟ ଗୋସେଇଁ ପୀଠରେ ମାଇପି ମେଳା**

# ଗୁହାରିଆ ପଡ଼ିଲେ ଶତାଧିକ ମାନସିକଧାରୀ ମହିଳା

ନିମାପଡ଼ା,୩୧ା୩(ସମିସ)



ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତର କାନପୁରଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରସିଦ୍ଧ ଶ୍ରୀବଟ ଗୋସେଇଁ ପୀଠରେ ମାଇପି ମେଳା ଯାତ୍ରା ଆୟୋଜିତ ହୋଇଯାଇଛି। ବଟ ଗୋସେଇଁଙ୍କ ପୀଠରେ ଶତାଧିକ ମାନସିକଧାରୀ ମହିଳା ମାନସିକ ରଖି ଗୁହାରିଆ ପଡ଼ିଛନ୍ତି। ପ୍ରତିବର୍ଷ ଚୈତ୍ର ମାସ ଶୁକ୍ଳପକ୍ଷ ଶିବ ଓ ବିଷ୍ଣୁଙ୍କ ଦମନକ ଚତୁର୍ଦ୍ଦଶୀ ତିଥିରେ ଏହି ମେଳା ଆୟୋଜିତ ହୋଇଥାଏ।

ଏଠାରେ କେଉଁ ଆବହମାନ କାଳରୁ ଗୋଟିଏ ବଟ ବୃକ୍ଷ ମୂଳରେ ଦୁଇଟି କଠଉ, ବନ ବିହାରୀ ବୃକ୍ଷକୁ ନିରାକାର ବିଷ୍ଣୁ ଭାବରେ ପୂଜାର୍ଚ୍ଚନା କରାଯାଇଆସୁଛି। ଏହି ପୀଠରେ ଥିବା ହୁଙ୍କା ଭିତରକୁ ନାଗ ସାପ ଯାଆସ କରିବାକୁ ଏକ ସୁଡ଼ଙ୍ଗ ରହିଛି। ନିମାପଡ଼ା, ଗୋପ, ନିଆଳି ଓ କାକଟପୁର ବ୍ଲକ୍ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ମେଳାକୁ ଆସି ଠାକୁରଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥା'ନ୍ତି। ନିଃସନ୍ତାନ ଓ ଦୁରାରୋଗ୍ୟ ଆରୋଗ୍ୟ ପାଇଁ ଶତାଧିକ ମାନସିକ ରଖି ମହିଳା ଓ ପୁରୁଷମାନେ ଆସି ମେଳାର ପୂର୍ବଦିନ ସୋମବାର ରାତ୍ରରେ ପୀଠରେ ଗୁହାରିଆ ପଡ଼ିଥାନ୍ତି। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ କୋଠଭୋଗ ସରିବା ପରେ ମୁଖ୍ୟ ପୂଜକ ମାନସିକଧାରୀଙ୍କ ନିକଟରେ ପହଞ୍ଚି ଠାକୁରଙ୍କ ପୂଜା ଜଳ ସିଞ୍ଚି ଜଳ ତୁଳସୀ ପାଦୁକା ଓ ପଣା ପିଇବାକୁ ଦେବା ପରେ ଅଧିଆ ପଡ଼ିଥିବା ମାନସିକଧାରୀ ମହିଳାମାନେ ଉଠିଥିଲେ। ଏହି ପୀଠରେ ଗୁହାରିଆ ପଡ଼ିଲେ ନିଃସନ୍ତାନ ମହିଳାମାନେ ସନ୍ତାନ ପ୍ରାପ୍ତି ହେବା ସହିତ ବିଭିନ୍ନ ଦୁଃସାଧ ରୋଗ ଦୂର ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ରହିଛି। ମୁଖ୍ୟ ପୂଜକ କ୍ଷୀରୋଦ ଚନ୍ଦ୍ର ଦାଶ, ଦୀପକ କୁମାର ଦାଶ ପ୍ରମୁଖ ପୂଜକମାନେ ଠାକୁରଙ୍କ ନୀତିକାନ୍ତି ସେବା କରିଥିଲେ। ପୂଜା ସମୟରେ ସୁଡ଼ଙ୍ଗ ମଧ୍ୟରେ ନାଗସାପ ଦୃଶ୍ୟମାନ ହୋଇଥାଏ ବୋଲି ପୂଜକ କହିଛନ୍ତି। ଶ୍ରୀବଟ ଗୋସେଇଁ ମାଇପି ମେଳା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏହି ମେଳା ପ୍ରତିବର୍ଷ ଆୟୋଜିତ ହୋଇଥାଏ। ମେଳାସ୍ଥଳରେ ପୀତବାସ ସାହୁ ମେମୋରିଆଲ ଟ୍ରଷ୍ଟ ତରଫରୁ ଭକ୍ତଙ୍କୁ ଖେଚୁଡ଼ି ଓ ସେଲ୍ଫ ଏମ୍‌ପାୱାରମେଣ୍ଟ ଗ୍ରୁପ୍ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଉକ୍ତ ପୀଠକୁ ଯାତାୟାତ ପାଇଁ ଭଲ ରାସ୍ତା ଓ ଏଠାରେ ପିଇବା ପାଣି ନ ଥିବାରୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଟ୍ରଷ୍ଟର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ପରିଚାଳନା କମିଟିର ସଭାପତି ଗୋପବନ୍ଧୁ ଲେଙ୍କା, ସମ୍ପାଦକ ଭାସ୍କର ସ୍ୱାଇଁ, କୋଷାଧ୍ୟକ୍ଷ ଭରତ ପ୍ରଧାନ, ସଦସ୍ୟ ସୁଶାନ୍ତ କୁମାର ବେହେରା, ଯୁଧିଷ୍ଠିର ନାୟକ, ଟ୍ରଷ୍ଟର ସଭାପତି ସୁଧିର ମହାନ୍ତି, ସମ୍ପାଦକ ରଣଜିତ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟିନେଲେ ୨ ଦୁର୍ବୃତ୍ତ

**ଗୋପ,୩୧ା୩(ସମିସ):** ମଙ୍ଗଳବାର ସକାଳ ୮ଟା ସମୟରେ ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତସ୍ଥିତ ଭଇରିପୁର ଗ୍ରାମରେ ଜୈନିକ ବୃଦ୍ଧାଙ୍କଠାରୁ ଦୁଇ ଜଣ ଯୁବକ ନାଲି ପଲ୍‌ସର ବାଇକ୍‌ରେ ଆସି ସୁନାଚେନ୍ ଛିଣ୍ଡାଇ ନେଇଥିବା ଗୋପ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ୍ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତସ୍ଥିତ ଭଇରିପୁର ଗ୍ରାମର ଶୈଳବାଳା ମିଶ୍ର (୭୨) ସବୁଦିନ ଭଳି ମଙ୍ଗଳବାର ସକାଳେ ନିଜ ଘର ସମ୍ମୁଖ ଝାଡୁ କରୁଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ନାଲି ରଙ୍ଗର ପଲ୍‌ସର ବାଇକ୍‌ରେ ଆସି ତାଙ୍କ ବେକରେ ପିନ୍ଧିଥିବା ସୁନାଚେନ୍‌ଟିକୁ ଛିଣ୍ଡାଇ ପାଟେଳିଆ ଦେଇ କୋଣାର୍କ ଅଭିମୁଖେ ଦ୍ରୁତ ଗତିରେ ପଳାଇ ଯାଇଥିଲେ। କିଛି ଯୁବକ ଅଭିଯୁକ୍ତମାନଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କ କୌଣସି ସନ୍ଧାନ ପାଇପାରି ନ ଥିଲେ। ଏନେଇ ଶୈଳବାଳାଙ୍କ ସାନପୁଅ ବିଶ୍ୱଜିତ୍ ମିଶ୍ର ଗୋପ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ୍ ବିଭିନ୍ନ ତଥ୍ୟ ପ୍ରମାଣକୁ ଆଧାର କରି ତଦନ୍ତ ଜାରି ରଖିଛି। ଅପରପକ୍ଷେ ଅଭିଯୁକ୍ତମାନେ ଯାଉଥିବା ସମୟର ସିସିଟିଭି ଫୁଟେଜ୍ ମିଳିଥିଲେ ମଧ୍ୟ ଗାଡ଼ି ନମ୍ବର ସଠିକ୍ ଭାବେ ଦେଖାଯାଉନାହିଁ। ବନାଖଣ୍ଡିଠାରେ ଲାଗିଥିବା ସିସି କ୍ୟାମେରାକୁ ସଠିକ୍ ଭାବେ ଯାଞ୍ଚ କଲେ ଅଭିଯୁକ୍ତମାନଙ୍କର ସନ୍ଧାନ ମିଳିପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହା ଉପରେ ପୁରୀ ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଅବସର ଦିନ ଦୁଇ ପ୍ରଧାନଶିକ୍ଷକଙ୍କୁ ମିଳିଲା ଫାଇନାଲ୍ ପେନ୍‌ସନ୍

**ଗୋପ,୩୧ା୩(ସମିସ):** ଗୋପ ଶିକ୍ଷା ବିଭାଗରେ କାର୍ଯ୍ୟରତ ଥିବା ଦୁଇ ଜଣ ପ୍ରଧାନଶିକ୍ଷକଙ୍କୁ ଅବସର ଦିନ ଫାଇନାଲ ପେନ୍‌ସନ୍ ଅର୍ଡର ପ୍ରଦାନ କରାଯାଇଛି। ଗୋପ ବ୍ଲକ୍ ଅଧୀନ ଭୂଆଁସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଶତପଥୀ, ମୁରୁଡ଼ା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉଲ୍ଲାସ ଚନ୍ଦ୍ର ସାହୁ, ମଣ୍ଡଳ ଶିକ୍ଷାଧିକାରୀ ଅମିତା ସେନାପତି ଉତ୍ତରୀୟ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରିଥିବାବେଳେ ଫାଇନାଲ୍ ପେନ୍‌ସନ୍ ଅର୍ଡର ପ୍ରଦାନ କରିଛନ୍ତି। ଏହି ଅବସରରେ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ଦେବେନ୍ଦ୍ରନାଥ କାଣ୍ଡି, ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଚନ୍ଦ୍ରଶେଖର ପାତ୍ର, ଶିକ୍ଷକ ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ବିଶ୍ୱଶାନ୍ତି ପାଇଁ ମହାବତୀ ଧୁନି ଯଜ୍ଞ



**ଚାରିଛକ,୩୧ା୩(ସମିସ):** ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ମଲଉସାହିରେ ମହିମା ଅଲେଖ ଆଶ୍ରମ ପରିସରରେ ବିଶ୍ୱର ମଙ୍ଗଳ ଉଦ୍ଦେଶ୍ୟରେ ବିଶ୍ୱଶାନ୍ତି ପାଇଁ ଗୁରୁ ଗଣେଶ୍ୱର ବାବା ସ୍ମରଣରେ ବାବା ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ବତୀ ଧୁନି ପୂଜାର ଆୟୋଜନ କରାଯାଉଛି। ଏହି ବତୀ ଧୁନି ପୂଜା ଉତ୍ସବରେ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ଗାଦିର ସୁଶାନ୍ତ ବାବା, ଅରୂପାନନ୍ଦ ବାବା, ସୁକାନ୍ତ ବାବା, ଯଶୋବନ୍ତ ବାବା, ଗୁଣନିଧି ବାବା, ସନ ବାବା ଯୋଗଦେଇ ଆନୁଷ୍ଠାନିକ ଭାବେ ନୀତି ନିୟମ ଅନୁସାରେ ବତୀ ଧୁନି ଯଜ୍ଞ ପୂଜା ଆରମ୍ଭ କରିଥିଲେ। ପରେ ଅଲେଖ ମହିମା ଧର୍ମର ଭକ୍ତମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଏହି ବତୀ ଧୁନି ଯଜ୍ଞ ପୂଜାରେ ବିଭିନ୍ନ ଅଞ୍ଚଳରୁ ଭକ୍ତ ଆସି ପବିତ୍ର ଯଜ୍ଞ ଧୁନିକୁ ଦେଖିବା ସହିତ ନିଜ ପରିବାର ସହ ଅଞ୍ଚଳର ମଙ୍ଗଳ କାମନା କରିଥିଲେ। ଯଜ୍ଞ ଧୁନି ପରେ ମଲଉ ସାହିରେ ଗ୍ରାମ ପରିକ୍ରମା କରି ବିଭୁତି ଦେଇ ସାଧାରଣ ଲୋକମାନଙ୍କ ମଙ୍ଗଳ କାମନା କରିଥିଲେ।

## ଆଜି ଜମିବ ଘୋରଡ଼ିଆ ଦୟଣା ଚୋରି ମେଳଣ



**ଡେଲାଙ୍ଗ,୩୧ା୩(ସମିସ):** ପୁରୀ ଜିଲ୍ଲାର ବୃହତମ ଗ୍ରାମ ଘୋରଡ଼ିଆର ପ୍ରସିଦ୍ଧ ଦୟଣା ଚୋରି ମେଳଣର ଜମାଣ ଉତ୍ସବ ବୁଧବାର ମଧ୍ୟରାତ୍ରରେ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଅପରାହ୍ଣରେ ଘୋରଡ଼ିଆ ବଜାରସ୍ଥିତ ଘନିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମେଳଣ କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳଣ କମିଟିର ଆବାହକ ଶଶିଶେଖର ରାୟଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ରାଧାମୋହନ ମଠର ଟ୍ରଷ୍ଟି ପ୍ରହଲ୍ଲାଦ ବଳିୟାରସିଂହ ସଭାପତିତ୍ୱ କରିଥିବାବେଳେ ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ, ଘୋରଡ଼ିଆ ପୁଲିସ ସହାୟତା କେନ୍ଦ୍ର ଅଧିକାରୀ କୁଳମଣି ବେହେରା, ଘନିପୁର ପଞ୍ଚାୟତ ଦାୟିତ୍ୱରେ ଥିବା ସରପଞ୍ଚ କାମିନୀପ୍ରଭା ରାଉତରାୟ, ସମିତିସଭ୍ୟା ରାଜଲକ୍ଷ୍ମୀ ବେହେରା, ସାଉରିଆ ସମିତିସଭ୍ୟା ଅନ୍ନପୂର୍ଣ୍ଣା ପ୍ରମୁଖ ଉପସ୍ଥିତ ରହି ମେଳଣ ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି

**ମେଳଣ କମିଟି ଓ ପୁଲିସ ପକ୍ଷରୁ ସମନ୍ୱୟ ବୈଠକ**

ମେଳଣରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ବୁଧବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି। ଦୁଇଟି ସମ୍ପ୍ରଦାୟ ଲୋକଙ୍କ ଭାଇଚାରାରେ ଦୀର୍ଘ ୨୦୦ ବର୍ଷ ପୂର୍ବରୁ ଏହି ଦୟଣା ଚୋରି ମେଳଣ ଅନୁଷ୍ଠିତ ହୋଇଆସୁଛି। ରାଜତନ୍ତ୍ର ସମୟର ଏହି ପ୍ରସିଦ୍ଧ ମେଳଣ ଏପ୍ରିଲ ୧ରୁ ଆରମ୍ଭ ହୋଇ ୪ ତାରିଖରେ ସମାପନ ହେବ ବୋଲି କମିଟି ସଦସ୍ୟ ରମେଶ ପାଟଶାଣୀ ସୂଚନା ଦେଇଛନ୍ତି। ଏହି ବୈଠକରେ ରାଧାକାନ୍ତ ମଠର ପରିଚାଳକ ସୋମନାଥ ମଙ୍ଗରାଜ, ମେଳଣ କମିଟି ସଦସ୍ୟ ପ୍ରସନ୍ନ କୁମାର ସାହୁ, ରଙ୍କନିଧି ବେହେରା, ତ୍ରିନାଥ ସାମନ୍ତରାୟ, ଅର୍ଜୁନ ପାଲ, ରାଜକିଶୋର ବେହେରା, କମୁର ମହମ୍ମଦ, ଅବଦୁଲ ୱାହିଦ୍ ଖାଁ, କମାଲ ମହମ୍ମଦ, ମହମ୍ମଦ ମୁସ୍ତାକ୍, ନାଶିମ ଖାଁ, ସୈୟଦ ମହମ୍ମଦ, ପ୍ରିନ୍ସ ପାତ୍ର ପ୍ରମୁଖ ଉପସ୍ଥିତ ରହି ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

**● ମା' ମଙ୍ଗଳାଙ୍କ ଚତୁର୍ଥ ପାଳି ଯାତ୍ରା ଶେଷ**

## ଦିନରେ ପାଟୁଆ, ରାତିରେ କାଳିକା ନୃତ୍ୟ



**କାକଟପୁର,୩୧ା୩(ସମିସ):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଚୈତ୍ର ପର୍ବର ମଙ୍ଗଳବାର ଥିଲା ଚତୁର୍ଥ ପାଳି ଯାତ୍ରା। ରାତି ୨ଟାରୁ ଦ୍ୱାରଫିଟା, ମଙ୍ଗଳ ଆଳତି, ସ୍ନାନ ମାର୍ଜନା କରାଯାଇ ମା'ଙ୍କୁ ଚନ୍ଦନ ବେଶରେ ସଜ୍ଜିତ କରାଯାଇଥିଲା। ପରେ ବଲ୍ଲଭ, ସକାଳ ଧୂପ ଶେଷ ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା। ଉତ୍ତର ଦ୍ୱାର ପଟୁ ବ୍ୟାରିକେଡ୍‌ରେ ଯାଇ ଭକ୍ତଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଦିନ ୧ଟା ବେଳକୁ ଝଙ୍କଡ଼ରୁ ଆସିଥିବା ପାଟୁଆମାନେ ପ୍ରାଚୀ ନଦୀରୁ ଜଳ ତୋଳି ମନ୍ଦିର ବେଢ଼ାରେ ଓ ସମ୍ମୁଖରେ ଘଣ୍ଟ ବାଦ୍ୟର ତାଳେ ତାଳେ ପାଟୁଆ ନୃତ୍ୟ କରିଥିଲେ। ଏହି ନୃତ୍ୟ ଦେଖିବାକୁ ଭକ୍ତମାନେ ଭିଡ଼ ଲଗାଇଥିଲେ। ଏହି ପାଟୁଆମାନେ ମା'ଙ୍କର କାଳିସୀ ସଦୃଶ। ଏମାନେ ଗାଁକୁ ଗାଁ ବୁଲି ମା'ଙ୍କ ମହିମା ବର୍ଷ ତମାମ ପ୍ରଚାର କରିଥା'ନ୍ତି। ଦିନ ୪ଟାରେ ଦ୍ୱିପ୍ରହର ଧୂପ, ଭଣ୍ଡ ନୀତି ସମାପନ ପରେ ସନ୍ଧ୍ୟାରେ ସନ୍ଧ୍ୟା ଆଳତି କରାଯାଇ ପୁନଃ ସ୍ନାନ ମାର୍ଜନା କରାଯାଇ ବେଶ କରାଯାଏ। ବେଶ ପୂର୍ବରୁ ମନ୍ଦିର ପ୍ରଥା ପରମ୍ପରା ଅନୁଯାୟୀ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥାଏ। ମା'ଙ୍କର ଜନୈକ ଖମାରେଇ ସେବକ ଦିନରେ ଉପବାସ ରହି ନିଜକୁ କାଳୀ ବେଶରେ ସଜ୍ଜିତ କରି ମନ୍ଦିର ଭିତରେ ଓ ଗ୍ରାମ ଦାଣ୍ଡରେ ନୃତ୍ୟ କରିଥାନ୍ତି। ଏହି କାଳିକା ନୃତ୍ୟ ଦେଖିବାକୁ ଭକ୍ତମାନେ ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ମନ୍ଦିରରେ ଭିଡ଼ ଜମାଇଥିଲେ। ମା'ଙ୍କର ଏହି ଚୈତ୍ର ପର୍ବକୁ ଦିନରେ ପାଟୁଆ, ରାତିରେ କାଳିକା ନୃତ୍ୟ ଦେଖି ଭକ୍ତ ବିମୋହିତ ହୋଇପଡ଼ିଥିଲେ। ମଙ୍ଗଳବାର ଦିନତମାମ ୫୦ ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ପୁଲିସ ପ୍ରଶାସନ ପକ୍ଷରୁ ମନ୍ଦିରରେ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କାକଟପୁର ଆଇଆଇସି ବସନ୍ତ ସାହୁ, ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା। ଆସନ୍ତା ମଙ୍ଗଳବାର ଝାମୁଯାତ୍ରା ଅନୁଷ୍ଠିତ ହେବ ବୋଲି ମନ୍ଦିର ଟ୍ରଷ୍ଟି ଅଙ୍କିତା ଅନିନ୍ଦିତା ସୂଚନା ଦେଇଛନ୍ତି।

## ୮ମ ବାର୍ଷିକ ବାଈଦେଇ ମହୋତ୍ସବ ଉଦ୍‌ଘାଟିତ



**ଚାରିଛକ,୩୧ା୩(ସମିସ):** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅନ୍ତର୍ଗତ ଗଡ଼ ଅମରପ୍ରସାଦ ଗ୍ରାମର ୮ମ ବାର୍ଷିକ ବାଈଦେଇ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରତାପ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ରଣଜିତ୍ ସାହୁ, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ସମିତିସଭ୍ୟ ଝରଣା ସାହୁ, ଚାରିଛକ ମଣ୍ଡଳ ଭାଜପା ସଭାପତି ପ୍ରଭାତ କୁମାର ନାୟକ, ତୁଳସୀପୁର ପଞ୍ଚାୟତ ଭାଜପା ସଭାପତି କୈଳାସ କର, ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ରାଜ କିଶୋର ସାହୁ, ମୁରଲୀଧର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଗତ ୨୯ ତାରିଖରୁ ମା' ବାଈଦେଇଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ପରେ ୩୧ ତାରିଖରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ବାଈଦେଇ ମହୋତ୍ସବ ଚାଲିବ ବୋଲି କମିଟିର ସଭାପତି ପ୍ରକାଶ କରିଛନ୍ତି। ଇଣ୍ଡିଆନ୍ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ଏବଂ ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ, ବାଙ୍କୀର ବିଭିନ୍ନ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାଈଦେଇ ମହୋତ୍ସବ କମିଟି ଓ ଇଣ୍ଡିଆନ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲ୍‌ଚର ସମେତ ଗଡ଼ ଅମରପ୍ରସାଦ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ଦେଖି ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ।

**● ଚତୁର୍ଥପାଳି ଝାମୁଯାତ୍ରା**

## ନୟାହାଟରେ ଟ୍ରାଫିକ୍ ସମସ୍ୟା ଅଣାୟତ



**ନୟାହାଟ,୩୧ା୩(ସମିସ):** ସବୁଆଡ଼େ ରାସ୍ତା ଉଚ୍ଛେଦ ପରେ ସମ୍ପ୍ରସାରଣ ହେଉଥିବାବେଳେ ପୁରୀ ଜିଲ୍ଲା ଗୋପ ତହସିଲ୍ ଅନ୍ତର୍ଗତ ନୟାହାଟ ବଜାରରେ ଟ୍ରାଫିକ୍ ସମସ୍ୟା ଲାଗି ରହିଥିବାବେଳେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାରେ ବିଳମ୍ବ କରାଯାଉଥିବାରୁ ମଙ୍ଗଳବାର ମା' ମଙ୍ଗଳାଙ୍କ ଚତୁର୍ଥ ପାଳି ଝାମୁଯାତ୍ରା ଅପରାହ୍ଣ ୪ଟାରୁ ୫ଟା ଦୀର୍ଘ ଏକ ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟା ଅଣାୟତ ହୋଇପଡ଼ିଥିଲା। ରାସ୍ତାରେ ଆମ୍ବୁଲାନ୍ସ, କାର୍, ବାଇକ୍, ବସ୍, ଟ୍ରକ୍, ହାଇୱା ଅଟକି ରହିଥିଲା। ମା' ମଙ୍ଗଳାଙ୍କୁ ଦର୍ଶନ କରି ଯାଉଥିବା ଭକ୍ତମାନେ ଖରାରେ ଛିଡ଼ା ହୋଇ କଲବଲ ହେଉଥିବାବେଳେ ଖବର ପାଇ ନୟାହାଟ ଫାଣ୍ଡି ପୁଲିସ ପହଞ୍ଚି ଟ୍ରାଫିକ୍ ସମସ୍ୟା ଦୂର କରିଥିଲେ। ରାସ୍ତା ଉପରେ ଦୋକାନ, ଅଟୋ ଥୁଆ ହେବା ଫଳରେ ଟ୍ରାଫିକ୍ ସମସ୍ୟା ସବୁଦିନ ସୃଷ୍ଟି ହେଉଛି। ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି ଓ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକଙ୍କୁ ପଚାରିବାରେ, ରାସ୍ତା ଓସାର କରିବା ନିହାତି ଜରୁରୀ ହୋଇପଡ଼ିଛି ବୋଲି କହିଛନ୍ତି।

## ଉତ୍କଳ ଦିବସ ଉପଲକ୍ଷେ ବାଲୁକା କଳା




**କୋଣାର୍କ,୩୧ା୩(ସମିସ):** ଉତ୍କଳ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଗୋଛାୟତ ଆକର୍ଷଣୀୟ ବାଲୁକା କଳା ପ୍ରସ୍ତୁତ କରିଛନ୍ତି। ଏହି ବାଲୁକା କଳା ମାଧ୍ୟମରେ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶାବାସୀଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି।

## ନୂଆପଡ଼ା ମେଳଣ ଉଦ୍‌ଯାପିତ



**କଣାସ,୩୧ା୩(ସମିସ):** କଣାସ ବ୍ଲକ୍ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ନୂଆପଡ଼ା ଗ୍ରାମରେ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ଚଣ୍ଡୀଙ୍କ ପୀଠରେ ମଙ୍ଗଳବାର ଠାକୁରମାନେ ଦୋଳବେଦୀ ଚାରିପଟ ବୁଲିବା ପରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଠାକୁର ମଦନ ମୋହନ ଦୁଇଦିନ ତଳେ ସୁସଜ୍ଜିତ ବିମାନରେ ବସି ଘଣ୍ଟଘଣ୍ଟି ବାଦ୍ୟ ଧ୍ୱନି ତଗା ନାଚ, ଘୋଡ଼ାନାଚ, ସଖୀ ନାଚ, ପଶୁପକ୍ଷୀ ନୃତ୍ୟ ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରି ମେଳଣ ପଡ଼ିଆରେ ପହଞ୍ଚି ନିଜ ଆସ୍ଥାନରେ ବସିବା ପରେ ଆଖପାଖ ୧୫ଟି ଗ୍ରାମର ଠାକୁରମାନେ ସୁସଜ୍ଜିତ ବିମାନରେ ମେଳଣ ପଡ଼ିଆକୁ ଆସି ନିଜ ଆସ୍ଥାନରେ ବସିଥିଲେ। ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ସଭାପତି ଧନେଶ୍ୱର ରାଉତ, ସମ୍ପାଦକ ଲଲାଟ କେଶରୀ ପ୍ରଧାନ, ଗୁଣନିଧି ରାଉତ, ନାଲୁ ରାଉତ, ସିଲୁ ରାଉତ ଏବଂ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ବିଶେଷ ଭାବେ ସହଯୋଗ କରିଥିଲେ।

## ବିଜୁ ବାବୁଙ୍କ ବିରୋଧରେ ସାଂସଦଙ୍କ ମନ୍ତବ୍ୟକୁ ସମୀରଙ୍କ ନିନ୍ଦା

**ନିମାପଡ଼ା,୩୧ା୩(ସମିସ):** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ନେଇ ଗତକାଲିଠାରୁ ଯେଉଁ ଧରଣର ଚର୍ଚ୍ଚା ଓ ମନ୍ତବ୍ୟ ପ୍ରକାଶ ପାଉଛି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜୁ ବାବୁ କେବଳ ଜଣେ ଜନନେତା ନ ଥିଲେ ସେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶା ଏବଂ ଓଡ଼ିଆ ଜାତିର ସେବା ପାଇଁ ସର୍ବଦା ଚେଷ୍ଟିତ ଥିଲେ। ତାଙ୍କ ବିରୋଧରେ ହୋଇଥିବା ଅଶୋଭନୀୟ ମନ୍ତବ୍ୟକୁ ମୁଁ କଠୋର ଶବ୍ଦରେ ନିନ୍ଦା କରୁଛି। ବ୍ୟକ୍ତିବିଶେଷ ଯିଏ ହୁଅନ୍ତୁ ନା କାହିଁକି, ବିଜୁ ବାବୁଙ୍କ ଭଳି ଜଣେ ଜନନେତାଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେବା ମୋଟେ ଗ୍ରହଣୀୟ ନୁହେଁ। ଏହି ଘଟଣା ସାରା ଓଡ଼ିଶାର ଜନସାଧାରଣଙ୍କ ମନରେ ଗଭୀର ଆଘାତ ଦେଇଛି। ଯେଉଁମାନେ ତାଙ୍କ ବିରୋଧରେ କଥାକୁ କଦର୍ଥ କରି କହୁଛନ୍ତି, ସେମାନେ ଏଭଳି ଅପଚେଷ୍ଟାରୁ ଦୂରେଇ ରୁହନ୍ତୁ ଏବଂ ନିଜର ଭୁଲ୍ ପାଇଁ ସାର୍ବଜନୀନ ଭାବେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ପ୍ରକାଶ କରିଛନ୍ତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ।

## ସାକ୍ଷୀଗୋପାଳଙ୍କ ଦୟଣା ଚୋରି ପର୍ବ

**ସାକ୍ଷୀଗୋପାଳ,୩୧ା୩(ସମିସ):** ମଙ୍ଗଳବାର ପବିତ୍ର ଚୈତ୍ର ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥି ଅବସରରେ ସାକ୍ଷୀଗୋପାଳ ମନ୍ଦିରରେ ବିଳମ୍ବିତ ରାତିରେ ସାକ୍ଷୀଗୋପାଳ ଠାକୁରଙ୍କ ଦୟଣା ଚୋରି ପର୍ବ ଅନୁଷ୍ଠିତ ହୋଇଥିଲା। ବଡ଼ସିଂହାର ଧୂପ ପରେ ସାକ୍ଷୀଗୋପାଳ ଠାକୁରଙ୍କ ବିଜେ ପ୍ରତିମା ଶ୍ରୀଶ୍ରୀ ମଦନମୋହନ ଦେବ ବିମାନରେ ଦୟଣା ଚୋରି ମଣ୍ଡପକୁ ବିଜେ କରିଥିଲେ। ସେଠାରେ ଉପଚାର ଆଳତି ଜାତଭୋଗ ଓ ପଣାଭୋଗ ଅନ୍ତେ ଠାକୁରଙ୍କ ପ୍ରତିନିଧି ଭାବରେ ପାଳିଆପତ୍ରୀ ସେବକ ନଅରବାଡ଼ିରୁ ଦୟଣା ଚୋରି କରିବା ସମୟରେ ମଣ୍ଡଳୀ ସୁଆଁସିଆ ସେବାୟତଙ୍କ ହାତରେ ଧରାପଡ଼ିଥିଲେ। ରୁପା ପାତ୍ରରେ ଚୋରି ଦୟଣା ମୁଣ୍ଡ ଉପରେ ଧରି ବନ୍ଧା ହୋଇ ବିମାନ ସହ ମନ୍ଦିର ଫେରିଥିଲେ। ଠାକୁରଙ୍କ ଏହି ମାନବୀୟ ଲୀଳା ଦେଖିବାକୁ ଭକ୍ତମଣ୍ଡଳୀ ସମବେତ ହୋଇଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ଦୟଣା ଚୋରି ମଣ୍ଡପରେ ଆଲୋକସଜ୍ଜା କରାଯାଇଥିଲା। ଠାକୁର ମନ୍ଦିରକୁ ଫେରିବା ପରେ ପହୁଡ଼ ନୀତି ପୂର୍ବରୁ ଭଣ୍ଡାର ଦ୍ୱାର ସମ୍ମୁଖରେ ପାଳିଆ ପତ୍ରୀ ସେବକ ରାତି ତମାମ ବନ୍ଧାହୋଇ ରହିଥିଲେ।

# ରେଳ ଅଣ୍ଡର ପାସ୍ ଯାତାୟାତକୁ ଗ୍ରାମବାସୀଙ୍କ ବିରୋଧ

ସାକ୍ଷୀଗୋପାଳ,୩୧ା୩(ସମିସ)



ସତ୍ୟବାଦୀ ବ୍ଲକ୍ ମୂଳ ଅଳସା ଗ୍ରାମକୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ବଡ଼ହାଟ ଛକଠାରୁ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଏକ ରେଳ ଫାଟକ ରହିଥିଲା। ରେଳ ବିଭାଗ ତରଫରୁ ଏହି ରେଳ ଫାଟକଟିକୁ ବନ୍ଦ କରି ଅଣ୍ଡର ପାସ୍ ନିର୍ମାଣ ହୋଇଛି। ଏହି ଅଣ୍ଡର ପାସ୍ ଦେଇ ଯାତାୟାତ କରାଯିବାକୁ ନେଇ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ମଙ୍ଗଳବାର ସକାଳୁ ମୂଳ ଅଳସା ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ସେଠାରେ ବିରୋଧ ପ୍ରଦର୍ଶନ କରିଛନ୍ତି। ଯେପର୍ଯ୍ୟନ୍ତ କର୍ତ୍ତୃପକ୍ଷ ଏହାର ବିକଳ୍ପ ବ୍ୟବସ୍ଥା ନ କରିଛନ୍ତି, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଯୁବକମାନେ କହିଛନ୍ତି। ଏହି ରାସ୍ତା ଉପରେ ମୂଳ ଅଳସା ଗ୍ରାମ ପଞ୍ଚାୟତ ସମେତ ପାଖାପାଖି ୧୫ଟି ଗ୍ରାମର ଲୋକ ନିର୍ଭର କରିଥାନ୍ତି। ବାଣିଜ୍ୟ ହେଉ ଅବା ଚାଷ କାର୍ଯ୍ୟ ହଜାର ହଜାର ଲୋକଙ୍କ ପରିବହନର ମୁଖ୍ୟ ମାଧ୍ୟମ ଥିଲା ଏହି ରାସ୍ତା। କିନ୍ତୁ ଏହି ରାସ୍ତାକୁ ବନ୍ଦ କରି ଅଣ୍ଡର ପାସ୍‌ରେ ଯାତାୟାତ ହେଲେ ନାନାଦି ଅସୁବିଧା ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। କାରଣ ଏହି ରାସ୍ତା ଗହୀର ପତନଠାରୁ ନିମ୍ନରେ ରହୁଥିବାରୁ ଅସରାଏ ବର୍ଷାରେ ପାଣି ଜମିଯିବା ଯୋଗୁଁ ସାଧାରଣ ଯାତାୟାତ ମଧ୍ୟ ଅସମ୍ଭବ ହୋଇପଡ଼ିବ। କୌଣସି ଭାରୀଯାନ ଏହି ବାଟରେ ଯିବାଆସିବା କରିପାରିବ ନାହିଁ। ଫଳରେ ନିର୍ଭରଶୀଳ ଅଞ୍ଚଳବାସୀଙ୍କ ପ୍ରଭୁତ ଅର୍ଥନୈତିକ କ୍ଷତି ଘଟିବ ବୋଲି ସେମାନେ କହିଛନ୍ତି। ତେବେ କର୍ତ୍ତୃପକ୍ଷ ତୁରନ୍ତ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା କରି ବିକଳ୍ପ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

## ଦୁଇ ବାଇକ ଧକ୍କା, ୩ ଗୁରୁତର

**ସୋର, ୩୧।୩ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନୂଆଗାଁ ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖରେ ଦୁଇ ବାଇକ ଧକ୍କା ହେବା ଫଳରେ ତିନି ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। ଖଇରା ଥାନା ଝିଙ୍କିରିଆ ଗ୍ରାମର ଚିନ୍ତାମଣି ବେହେରା (୪୮) ଦହିସଡା ସ୍ଥିତ ମଡ଼ର୍ଣ୍ଣ ହୋଟେଲରେ କାର୍ଯ୍ୟ କରନ୍ତି। ଆଜି ଅପରାହ୍ନରେ ସେ ଜଣେ ସମ୍ପର୍କୀୟଙ୍କୁ ସୋରରେ ଛାଡି ବାଇକ ଯୋଗେ ହୋଟେଲକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଚିନ୍ତାମଣିଙ୍କ ସମେତ ତଳନଗର ଗ୍ରାମର ରଥିଆ ସିଂ (୫୦) ଏବଂ ତାଙ୍କ ପୁଅ ବସନ୍ତ ସିଂ (୨୬) ଗୁରୁତର ହୋଇଥିଲେ। ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଦୁଇଟିକୁ ଜବତ କରି ଥାନାରେ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା



**ନୀଳଗିରି, ୩୧।୩ (ସମିସ):** ଆଜିର ଯୁବ ସମାଜକୁ ଏକତାର ଡୋରି ରେ ବାନ୍ଧିବା ସହ ଭାଇଚାରା ସୃଷ୍ଟି କରିଥାଏ ବୋଲି ସ୍ୱର୍ଣ୍ଣଚୁଡ ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ମଞ୍ଚାସିନ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟିର ସଭାପତି ସବ୍ୟସାଚି ମହାପାତ୍ର ନିଜ ଅଭିଭାଷଣରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ମହୋତ୍ସବ କମିଟି କୁ ଅତୁଳନୀୟ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ। ଭାସ୍କର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବସ୍ତା ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ



**ବସ୍ତା ବ୍ଲକ, ୩୧।୩ (ସମିସ):** ବସ୍ତା ବ୍ଲକ ରୋଡସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ମୁଖ୍ୟବକ୍ତା ଭାବେ ଆର୍ ପି କମ୍ପ୍ୟୁଟରର ଅଧ୍ୟକ୍ଷ ବସନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସ୍କୁଲର ଚେୟାରମ୍ୟାନ ରବୀନ୍ଦ୍ର କୁମାର ଜୈନ, ସ୍କୁଲ ର ଟ୍ରଷ୍ଟି ଅନିଲ କୁମାର ଗୁପ୍ତା, ସାମ୍ବାଦିକ ଦୀପକ କୁମାର ପରିଡ଼ା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍କୁଲ ର ଅଧ୍ୟକ୍ଷ ବଳରାମ ବିଶ୍ୱାଳ ସଭାପତିତ୍ୱ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନିଲ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନକିଣା ଦାବିରେ ରାସ୍ତାରୋକ

**ନୀଳଗିରି, ୩୧।୩ (ସମିସ):** ନୀଳଗିରି ବ୍ଲକରେ ଏବେ ବିଭିନ୍ନ ସ୍ଥାନରେ ଧାନ କିଣା କୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଧାନ କିଣାରେ ମାସ ମାସ ଧରି ଚାଷୀ ଧାନ ବିଭିନ୍ନ ସମିତିରେ ରଖିଥିବା ବେଳେ ସରକାର ସେମାନଙ୍କର ଧାନକୁ କ୍ରୟ କରୁନଥିବା ରୁ ମଙ୍ଗଳବାର ମିତ୍ରପୁର ଛକରେ ଚାଷୀମାନେ ଟାୟାର ଜାଳି ରାସ୍ତରୋକ କରିଛନ୍ତି। ଦୀର୍ଘ ୩ ଘଣ୍ଟା ଧରି ରାଜରାସ୍ତା ଅବରୋଧ ହୋଇ ଯିବାରୁ ରାସ୍ତାର ଦୁଇ ପାଶ୍ୱର୍ରେ ଯାନବାହାନ ଅଟକି ରହିଥିଲା। ତୁରନ୍ତ ସରକାର ଚାଷୀମାନଙ୍କର ଧାନ କ୍ରୟ କରନ୍ତୁ ବୋଲି ଦାବି ରଖିଥିବା ବେଳେ ଏବେ ଚାଷୀମାନଙ୍କର ଟୋକନ୍ କଟିବାକୁ ବସିଲାଣି। ଖରା ବର୍ଷାରେ ଧାନ ସମିତିରେ ପଡ଼ିଥିବା ବେଳେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାବେଳେ ଚାଷୀ ଏହାକୁ କେନ୍ଦ୍ରକରି ରାସ୍ତାରୋକ କରିଥିବାର ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଖବର ଲେଖିବା ବେଳକୁ ରାସ୍ତା ଅବରୋଧ କରିଥିବା ଚାଷୀଙ୍କ ସମସ୍ୟାକୁ ସମାଧାନ ପାଇଁ ଘଟଣାସ୍ଥଳ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନଥିବା ବେଳେ ରାସ୍ତାରୋକ ଜାରି ରହିଥିଲା।

## ୮ ଟି ବେଆଇନ ବାଲି ଡମ୍ପର ଜବତ

**ବାଲେଶ୍ୱର,୩୧।୩ (ସମିସ):** ବାଲେଶ୍ୱର ଜିଲ୍ଲାର ମାଙ୍କଡିଆ ବାଲି ଖାଦାନରୁ ଦିନ ରାତି ବେଧଡ଼କ ବାଲି ଚୋରା ଚାଲାଣ ଚାଲିଛି। ଏ ନେଇ ବାଲେଶ୍ୱର ଜିଲ୍ଲା ଖଣି ବିଭାଗ ଆଖି ବୁଜି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ବସିଛି। ବିନା ବୈଧ ଅନୁମତି କାଗଜ ପତ୍ର ଏହି ବାଲି ଉତ୍ତୋଳନ ଓ ଚୋରା ଚାଲାଣ ହେଉଛି ବୋଲି ପ୍ରମାଣିତ ହୋଇଛି। ଗତକାଲି ବିଳମ୍ବିତ ରାତିରେ ମାଇନିଂ ବିଭାଗ (ଏନଫୋର୍ସମେଣ୍ଟ ଟିମ) ଏବଂ ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ମିଳିତ ଚଢ଼ାଉ କରି ମାଙ୍କଡିଆ ଅଞ୍ଚଳରୁ ବିନା କାଗଜପତ୍ରରେ ଆସୁଥିବା ବେଆଇନ ବାଲି ଗାଡିକୁ ଜବତ କରିଥିଲେ। ଦୀର୍ଘଦିନରୁ ଏହି ଅଞ୍ଚଳରୁ ବାଲି ଚୋରା ଚାଲାଣ ହୋଉଥିବା ଖବର ପାଇ ଅଚାନକ ଚଢ଼ଉ କରି ୮ଟି ବେଆଇନ ଡମ୍ପରକୁ ଜବତ କରାଯାଇଛି। ଚଢାଉ ସମୟରେ ପୋଲିସକୁ ଦେଖି ସମସ୍ତ ଗାଡିର ଡ୍ରାଇଭର ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି। ସୂଚନାଯୋଗ୍ୟ, ଜଳେଶ୍ୱର ତହସିଲ ଅଧୀନରେ ଥିବା ମାଙ୍କିଡ଼ିଆ (କ) ବାଲି ସୈରାତ ଏବେ ଏକ ବଡ଼ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଛି।

# ପ୍ରସ୍ତାବରେ ଅଟକିଛି ବାଲେଶ୍ୱରରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା

ବାଲେଶ୍ୱର, ୩୧।୩ (ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି)



ଆଗରୁ ସାଇନ୍ସ ପାର୍କ ଓ ପ୍ଲାନେଟୋରିୟମ କଥା କହିଲେ ସବୁବେଳେ ରାଜଧାନୀ କଥା ମନେପଡ଼େ। କାରଣ ସମସ୍ତେ ସେଠାକୁ ଯାଆନ୍ତି। ଧୀରେ ଧୀରେ ପ୍ରତି ଜିଲ୍ଲାରେ ସାଇନ୍ସ ପାର୍କ ତଥା ଜିଲ୍ଲା ବିଜ୍ଞାନ କେନ୍ଦ୍ର (ଡିଷ୍ଟ୍ରିକ୍ଟ ସାଇନ୍ସ ସେଣ୍ଟର) ନିର୍ମାଣ ହେଉଛି। ବାରିପଦାରେ ସାଇନ୍ସ ସେଣ୍ଟର କମ୍ ପ୍ଲାନେଟୋରିୟମ ନିର୍ମାଣ ହୋଇସାରିଛି। ହେଲେ ଏଯାଏଁ ବାଲେଶ୍ୱରରେ ହୋଇପାରିଲା ନାହିଁ। କେବଳ ପ୍ରସ୍ତାବରେ ଅଟକିଛି ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା। ପାଞ୍ଚ ବର୍ଷରୁ ଅଧିକ ହେବ ବାଲେଶ୍ୱରରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଥିଲେ ମଧ୍ୟ ସର୍ବନିମ୍ନ ୫ ଏକର ଜମି ଜିଲ୍ଲା ପ୍ରଶାସନ ଚିହ୍ନଟ କରିପାରୁନାହିଁ। ଯାହା ଫଳରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ବାଲେଶ୍ୱରର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ହେଉଛି ଭାରତର ଏକ ପ୍ରମୁଖ କ୍ଷେପଣାସ୍ତ୍ର ପରୀକ୍ଷା ସ୍ଥଳୀ। ଡିଆରଡିଓ ଦ୍ୱାରା ଏଠାରେ ଆଧୁନିକ ମିସାଇଲର ସଫଳ ପରୀକ୍ଷଣ କରାଯାଇଥାଏ। ଏହାବ୍ୟତୀତ ସରକାରୀ ନୁହେଁ ବେସରକାରୀ ଶିକ୍ଷାନୁଷ୍ଠାନମାନ ବାଲେଶ୍ୱରରେ ରହିଛି। ବାଲେଶ୍ୱରରେ ବାହାରୁ ବହୁ ବିଦ୍ୟାର୍ଥୀ ମଧ୍ୟ ପାଠ ପଢ଼ନ୍ତି। ତେବେ ପିଲାମାନେ କିପରି ନୂଆ ନୂଆ କଥା ଜାଣିବେ ଏବଂ ପାଠ ପଢ଼ିବେ ସେନେଇ ବାଲେଶ୍ୱର ସହରରେ ଏକ ସାଇନ୍ସ ପାର୍କର ଯୋଜନା ହୋଇଥିଲା। ଚାନ୍ଦିପୁରରେ ଏକ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏ ନେଇ ତତ୍କାଳୀନ ତଥା ଅବସରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଗଗନ କୁମାର ସାହୁ କହିଛନ୍ତି, ତତ୍କାଳୀନ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ ସାଇନ୍ସ ପାର୍କ ନିର୍ମାଣ ପାଇଁ ଚାନ୍ଦିପୁରରେ ପୁଲିସ ସେଲ୍ ନିକଟରେ ୨ ଏକର ଜାଗା ଚିହ୍ନଟ ହୋଇଥିଲା। ଯେଉଁ ସାଇନ୍ସ ଟିମ୍ ସର୍ଭେ ପାଇଁ ଆସିଥିଲେ ସେମାନେ ଏହି ଜାଗାକୁ ରିଜେକ୍ଟ କରିଥିଲେ। କାରଣ ଏହା ସାଇନ୍ସ ପାର୍କ ପାଇଁ ପ୍ରଯୁଜ୍ୟ ନ ଥିଲା। ଏହାପରେ ସମୁଦ୍ର ପାଖ ଏକ ଜାଗା ଚିହ୍ନଟ ହୋଇଥିଲା। ହେଲେ ତାହା ଜଙ୍ଗଲ ଅଞ୍ଚଳ ଥିଲା। ପରେ ପରେ ଜିଲ୍ଲପାଳ ବଦଳି ହୋଇଗଲେ। ଏହାପରଠାରୁ ସାଇନ୍ସ କେନ୍ଦ୍ର ପାଇଁ ଜାଗା ଚିହ୍ନଟ ହୋଇପାରୁନାହିଁ।

ପ୍ରକାଶ ଥାଉକି, ଓଡିଶାରେ ବର୍ତ୍ତମାନ ୪ଟି ଜିଲ୍ଲା ଯଥା ମୟୂରଭଞ୍ଜ ଜିଲ୍ଲାର ଦେବେନ୍ଦ୍ରପୁର, କେନ୍ଦୁଝର ଜିଲ୍ଲାର ଉପରଡିହା, କୋରାପୁଟ ଜିଲ୍ଲାର ଉମୁରି, ବରଗଡ ଜିଲ୍ଲାର ଟୁକୁର୍ଲା ଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏତଦ୍ ବ୍ୟତୀତ ଅନ୍ୟ ୪ଟି ଜିଲ୍ଲା ଯଥା ଗଞ୍ଜାମ ଜିଲ୍ଲାର ବିକ୍ରମପୁର, ଭଦ୍ରକ ଜିଲ୍ଲାର କୁଳେଇପଦା, ବଲାଙ୍ଗିର ଏବଂ

**ବାରିପଦାରେ ସରିଛି, ବାଲେଶ୍ୱରରେ କେବେ ?**

ସୁନ୍ଦରଗଡ ଜିଲ୍ଲାର ଆରଟିୟୁ ନଂ-୩ ଛେଣ୍ଡ ଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣାଧୀନ ଅଛି। ଅନ୍ୟ ୬ଟି ଜିଲ୍ଲା ଯଥା ଜଗତସିଂହପୁର ଜିଲ୍ଲାର ନୂଆଶଣ୍ଢକୁଦ, ବୌଦ୍ଧ ଜିଲ୍ଲାର ମର୍ଜାକୁଦ, ଝାରସୁଗୁଡା ଜିଲ୍ଲାର ଝାରସୁଗୁଡା ୟୁ ନଂ-୯ ପଞ୍ଚପଡା, ନୂଆପଡ଼ା ଜିଲ୍ଲାର ଖୋଲ୍ବା, ଗଜପତି ଜିଲ୍ଲାର ରେଲିସାହି ଏବଂ କେନ୍ଦ୍ରାପଡା ଜିଲ୍ଲାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି। ସେହିପରି ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ ଥିବା ଏନ୍ ସି ଏସ୍ ଏମ୍ (ନେସନାଲ କାଉନସିଲ ଅଫ୍ ସାଇନ୍ସ ମ୍ୟୁଜିୟମ)ଙ୍କ ଦ୍ୱାରା ଭୁବନେଶ୍ୱରରେ ଗୋଟିଏ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଏବଂ ଢେଙ୍କାନାଳଠାରେ ଏକ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ବାଲେଶ୍ୱରରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର (ଡିଷ୍ଟ୍ରିକ୍ଟ ସାଇନ୍ସ ସେଣ୍ଟର) ପ୍ରତିଷ୍ଠା କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି। ଏଥିପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ୫ ଏକର ଜମି ଚିହ୍ନଟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ବିଭାଗକୁ ହସ୍ତାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନଙ୍କୁ ଅନୁରୋଧ କରାଯାଇଛି। ଏ ବାବଦରେ ଜିଲ୍ଲା ପ୍ରଶାସନଙ୍କଠାରୁ ଜମି ବିଷୟରେ ଚୂଡାନ୍ତ ପ୍ରସ୍ତାବ ଆସିଲେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ତରଫରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ' ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି। ସାଇନ୍ସ ପାର୍କ ନିର୍ମାଣ ପ୍ରସଙ୍ଗ ୨୦୨୫ ସେପ୍ଟେମ୍ବର ୨୪ ତାରିଖରେ ବିଧାନସଭାରେ ଉଠିଥିଲା। ସେତେବେଳେ ବାଲେଶ୍ୱରରେ ସାଇନ୍ସ ପାର୍କ ନୁହେଁ ବରଂ ଏକ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିବା ସୂଚନା ଦେଇଥିଲେ। ଏଥିପାଇଁ ୫ ଏକର ଜାଗା ଜିଲ୍ଲା ପ୍ରଶାସନ ବିଭାଗକୁ ହସ୍ତାନ୍ତର କରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ନେଇ ଉତ୍ତର ଆସିଥିଲା। ସେହିପରି ଚଳିତବର୍ଷ ମାର୍ଚ୍ଚ ୧୧ରେ ମଧ୍ୟ ଏହି ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପ୍ରସଙ୍ଗ ବିଧାନସଭାରେ ଉଠିଛି। ଯେଉଁଥିରେ ଏଯାଏଁ ଜିଲ୍ଲା ପ୍ରଶାସନ ଜାଗା ଚିହ୍ନଟ ଚୂଡ଼ାନ୍ତ କରିନଥିବା ଉତ୍ତର ମିଳିଛି। ଓଡ଼ିଶାରେ ବିଭିନ୍ନ ସାଇନ୍ସ ପାର୍କ ବା ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ହୋଇଥିବା ବେଳେ ବାଲେଶ୍ୱର ପରି ଜିଲ୍ଲାରେ ଏଯାଏଁ ଏହା ଆଗେଇ ପାରୁନି। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ପଚାରିବାରୁ କହିଛନ୍ତି, ଜାଗା ଚିହ୍ନଟ ପ୍ରକ୍ରିୟା ଚାଲିଛି। ଜାଗା ଚିହ୍ନଟ ହେଲେ ସେଠାରେ ଡିଷ୍ଟ୍ରିକ୍ଟ ସାଇନ୍ସ ସେଣ୍ଟର ସହିତ ଆର୍ଟ ଆଣ୍ଡ କଲଚର୍, ମ୍ୟୁଜିକ୍ ଆଣ୍ଡ ଅଡିଟୋରିୟମ୍ ଆଦି ମିଳିତ ପ୍ରସ୍ତାବ ରହିଛି। ଏଥିପାଇଁ ଜାଗା ଚିହ୍ନଟ ଚାଲିଛି। ଯେହେତୁ ବାଲେଶ୍ୱର ସହରରେ ବେଶୀ ଜାଗା ନାହିଁ ସେଥିପାଇଁ ଆମେ ସହରକୁ ଲାଗିକି ଥିବା ଜାଗାକୁ ଦେଖିବୁ। ଏ ନେଇ କିଛି ନିଷ୍ପତ୍ତି ହୋଇନାହିଁ, ପ୍ରକ୍ରିୟା ଚାଲିଛି।

● ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

## ବିଦ୍ୟାଳୟ ଫାଟକରେ ତାଲା ପକାଇ ମହିଳାଙ୍କ ଧାରଣା



**ଚନ୍ଦନେଶ୍ୱର, ୩୧।୩ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ସାହାବାଜିପୁର ଗ୍ରାମପଞ୍ଚାୟତର ହାସିମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ପାଇଁ ଶିଶୁ ସେବିକା ପ୍ରାର୍ଥିନୀ ଚୟନରେ ଅନିୟମିତତା ଅଭିଯୋଗ କରି ଆବେଦନକାରୀ ମହିଳାମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଆଜି ମଙ୍ଗଳବାର ସକାଳେ ଆବେଦନକାରୀ ମହିଳାମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଫାଟକ ସମ୍ମୁଖରେ ଧାରଣାରେ ବସି ପ୍ରକୃତ ହିତାଧିକାରୀଙ୍କୁ ଚୟନ ପାଇଁ ଦାବି କରିଥିଲେ। ସାହାବାଜିପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ହାସିମପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରେ ଶିଶୁ ସେବିକା ଭାବେ କାର୍ଯ୍ୟକରିବା ପାଇଁ ୧୬ ଜଣ ପ୍ରାର୍ଥୀନୀ ଆବେଦନ କରିଥିଲେ। ସେଥିମଧ୍ୟରୁ ଗତକାଲି ବିଦ୍ୟାଳୟ ପରିସରରେ ୧୩ ଜଣ ପ୍ରାର୍ଥୀନୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଉର୍ମିଳା ଲାୟାଙ୍କୁ ପ୍ରାର୍ଥୀନୀ ଭାବେ ମନୋନୀତ କରାଯାଇଥିଲା। ଉକ୍ତ ଶିଶୁ ସେବିକା ଚୟନ ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ନାରାୟଣ ମାରାଣ୍ଡି, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପର୍ଯ୍ୟବେକ୍ଷକ ଭାବେ ସିଆରସିସି ଚନ୍ଦନ ଗିରି ଉପସ୍ଥିତ ଥିଲେ। ମାତ୍ର ଚୟନ କମିଟି ସଠିକ ପ୍ରାର୍ଥୀନୀଙ୍କୁ ମନୋନୀତ ନ କରିବା ସେମାନଙ୍କର ସଠିକ କାଗଜପତ୍ର ଯାଞ୍ଚ ନ କରିବା ଏବଂ ସେମାନଙ୍କର ଯୋଗ୍ୟତାକୁ ସଠିକ ମୂଲ୍ୟାଙ୍କନ ନ କରି ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ କରି ଆଜି ସକାଳେ ପ୍ରାର୍ଥୀନୀମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ସଠିକ ପ୍ରକ୍ରିୟାରେ ପ୍ରାର୍ଥୀନୀ ଚୟନ କରିବା ପାଇଁ ଦାବି କରିବା ସହିତ ଏ ବିଷୟରେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିବା ବିଷୟରେ ପ୍ରାର୍ଥୀନୀ ମାନେ ପ୍ରକାଶ କରିଛନ୍ତି। ଖବରପାଇ ସାହାବାଜିପୁର ଗ୍ରାମପଞ୍ଚାୟତର ସରପଞ୍ଚ ଅରୁଣ କୁମାର ଗିରି, ସମିତି ସଭ୍ୟ ତରଣୀକାନ୍ତ ସେନାପତି ଘଟଣା ସ୍ଥଳରେ ପହଞ୍ଚି ଧାରଣାରତ ପ୍ରାର୍ଥୀନୀମାନଙ୍କୁ ବୁଝାସୁଝା କରି ଧାରଣାରୁ ବିରତ କରିଥିଲେ। ଗୀତା ଫଗେଇ, ଇତିଶ୍ରୀ ଲାୟା, ମାମି ଲାୟା, ରଶ୍ମିତା ପାତ୍ର, ପଙ୍କଜିନୀ ପାତ୍ର, ଜ୍ୟୋସ୍ନାରାଣୀ ପାତ୍ର, କବିତା ରାଣୀ ପାତ୍ର ପ୍ରମୁଖ ଧାରଣାରେ ବସିଥିଲେ।

## ଗୁଡ୍ଡୁ ମେମୋରିଆଲ କ୍ରିକେଟ: ମହୁଲ ପଡ଼ିଆ ଚାମ୍ପିଅନ

**ବାଲେଶ୍ୱର, ୩୧।୩ (ସମିସ):** ସାରଗାଁସ୍ଥିତ ମଲ୍ଲି ଖେଳ ପଡ଼ିଆରେ ଏକ ଦିବସୀୟ ଗୁଡ୍ଡୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶୁଭଙ୍କର ପିରି (ଗୁଡ୍ଡୁ) ସ୍ମୃତିରେ ସାରଗାଁ ଯୁବ ସଂଗଠକ ଆଲୋକ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦ୍ୱିତୀୟ ସଂସ୍କରଣରେ ଯୁବ ସଂଗଠକ ବିକାଶ ପାତ୍ରୀ, ସର୍ବେଶ୍ୱର ବୁଗୁଡ଼ାଇ, ରାକେଶ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଶାସଙ୍ଗ ଓ ମହୁଲ ପଡ଼ିଆ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମହୁଲ ପଡ଼ିଆ ଦଳ ଚମ୍ପିଆନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାସ୍ତୁବିଦ ଡ଼. ମନ୍ମଥ ମିଶ୍ର, ଗୋସେବକ ଜିତେନ୍ଦ୍ର ସ୍ୱାଇଁ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗୁଡୁଙ୍କ ପିତା ସାମ୍ବାଦିକ ଲୋକନାଥ ପିରି ଓ ମାତା ଅମିତା ପିରି ଉପସ୍ଥିତ ଥିଲେ।

## ସହଜପଦା ମହୋତ୍ସବ ଉଦଘାଟିତ



**ସିମୁଳିଆ, ୩୧।୩ (ସମିସ):** ସିମୁଳିଆ ବ୍ଲକ ଅନ୍ତର୍ଗତ ସବଙ୍ଗ ପଞ୍ଚାୟତର ସହଜପଦା ଠାରେ ବଜରଙ୍ଗୀ ସେନା ପକ୍ଷରୁ ଗ୍ରାମାଞ୍ଚଳ ସହଜପଦା ମହୋତ୍ସବ ଉଦଘାଟିତ ହୋଇଯାଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ପତ୍ରୀ ମୁଖ୍ୟଅତିଥି, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଅଧକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଶିକ୍ଷାବିତ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ମଦନ ମହାକୁଡ଼, ସୁଶାନ୍ତ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିକ୍ରମ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ।

## ରବିଧାନ ପଞ୍ଜୀକରଣ ସମୟ ସୀମା ବୃଦ୍ଧି ଦାବି

**ସୋର, ୩୧।୩ (ସମିସ):** ଖରିଫ ଧାନ କିଣା ଅବଧି ଆଜି ସରୁଥିବା ବେଳେ ଧାନ ବିକ୍ରି ନିମନ୍ତେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପୁଣି ରବିଧାନ ବିକ୍ରି ପାଇଁ ଚାଷୀକୁ ଏକ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡିଛି। ଏହି ରବିଧାନ ବିକ୍ରୀ କରିବା ନିମନ୍ତେ ଚାଷୀ ନିଜର ନାମ ପଞ୍ଜୀକରଣ କରିବା ପାଇଁ ସରକାର ଯେଉଁ ସମୟ ସୀମା ଧାର୍ଯ୍ୟ କରିଛନ୍ତି ଏହାକୁ ଅଧିକ ଏକ ସପ୍ତାହ ବୃଦ୍ଧି କରିବାକୁ ସୋର ବିଧାୟକ ମାଧବ ଧଡା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସୋର ଓ ବାହାନଗା ବ୍ଲକର ବହୁ ଗ୍ରାମ ରେ ଜଳସେଚନର ସୁବିଧା ଥିବାରୁ ଚଳିତ ବର୍ଷ ବହୁ ଚାଷୀ ରବି ଧାନ ଚାଷ କରିଛନ୍ତି। ଏହି ଦୁଇଟି ବ୍ଲକରେ ୧୫ ଗୋଟି ସେବା ସମବାୟ ସମିତି ଜରିଆରେ ଚାଷୀ ଏହି ସ୍ୱଳ୍ପ ସମୟ ମଧ୍ୟରେ ନିଜର ନାମ ପଞ୍ଜିକରଣ କରିପାରି ନାହାନ୍ତି।ଗ୍ରାମାଞ୍ଚଳରେ ଇଣ୍ଟରନେଟ ସୁବିଧା ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ ସମସ୍ତ ଚାଷୀ ନାମ ପଞ୍ଜିକରଣ ରୁ ବଞ୍ଚିତ ହୋଇଛନ୍ତି। ଏଥିସହିତ ଚାଷୀ ସରକାରଙ୍କୁ ଏହି ଧାନ ବିକ୍ରୀ କରିବା ପାଇଁ ଆବଶ୍ୟକ ମୁତାବକ ଜମିର ଉତ୍ତରାଧିକାରୀ କାଗଜପତ୍ର ପ୍ରଦାନ କରିବାପାଇଁ ସମୟର ଆବଶ୍ୟକତା ଜରୁରୀ ହୋଇଥିବାରୁ ଏହି ସ୍ୱଳ୍ପ ସମୟ ମଧ୍ୟରେ ତାହା ପ୍ରଦାନ କରିବା ଆଉ ଏକ ସମସ୍ୟା ରୂପେ ଦେଖା ଦେଇଛି। ଏହି ସମସ୍ତ ସମସ୍ୟାକୁ ହୃଦୟଙ୍ଗମ କରି ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକ ଏକ ସପ୍ତାହ ସମୟ ଦେବାକୁ ବିଧାୟକ ଶ୍ରୀ ଧଡା ଦାବି କରିଛନ୍ତି। ଏ ବାବଦରେ ଏକ ଦାବିପତ୍ର ମନ୍ତ୍ରୀଙ୍କୁ ଭେଟି ବିଧାୟକ ଶ୍ରୀ ଧଡ଼ା ପ୍ରଦାନ କରିଛନ୍ତି।



ସରକାରୀ ମହିଳା ପଲିଟେକନିକ୍ ପ୍ରତିଷ୍ଠା ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କଲେ ବସ୍ତା ବିଧାୟିକା

**ବାଲେଶ୍ୱର,୩୧।୩ (ସମିସ):** ବାଲେଶ୍ୱର ଜିଲ୍ଲାର ବସ୍ତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକ ସରକାରୀ ମହିଳା ପଲିଟେକନିକ୍ ପ୍ରତିଷ୍ଠା କରିବା ପାଇଁ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରି ଦାବି ଜଣାଇଛନ୍ତି। ପ୍ରକାଶଥାଉକି ବସ୍ତା ନିର୍ବାଚନ ମଣ୍ଡଳୀର ଦୁଇଟି ବସ୍ତା ଓ ବାଲିଆପାଳ ବ୍ଲକ୍ ଏବଂ ତତ୍ ସଂଲଗ୍ନ ଉତ୍ତର ବାଲେଶ୍ୱରର ଗ୍ରାମାଞ୍ଚଳ ଗୁଡିକରେ ଅଧିକାଂଶ ପରିବାର କୃଷି, କ୍ଷୁଦ୍ର ବ୍ୟବସାୟ ଏବଂ ଅଣସଂଗଠିତ କ୍ଷେତ୍ରର ନିଯୁକ୍ତି ଉପରେ ନିର୍ଭର କରିଥାନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯୋଗୁଁ ବିଦ୍ୟାଳୟ ସ୍ତରରେ ନାମଲେଖା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହୋଇଥିଲେ ମଧ୍ୟ, ଉଚ୍ଚ ଏବଂ ବୈଷୟିକ ଶିକ୍ଷା କ୍ଷେତ୍ରରେ ଝିଅମାନଙ୍କ ଯୋଗଦାନ ଏବେ ବି ଯଥେଷ୍ଟ କମ୍ ରହିଛି। ରାଜ୍ୟ ଶିକ୍ଷା ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ମହିଳା ସାକ୍ଷରତା



ହାରରେ ସୁଧାର ଆସିଥିଲେ ହେଁ, ଡିପ୍ଲୋମା ସ୍ତରୀୟ ବୈଷୟିକ ଶିକ୍ଷା କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ଅଂଶଗ୍ରହଣ ଏବେ ବି ପଛରେ ରହିଛି, ବିଶେଷ କରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଏହା ସ୍ପଷ୍ଟ ବାରି ହୋଇପଡ଼େ। ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାରେ ଝିଅମାନଙ୍କ ପାଇଁ ପଲିଟେକନିକ୍ ଶିକ୍ଷା ସୁବିଧା ଅତ୍ୟନ୍ତ ସୀମିତ। ବର୍ତ୍ତମାନ ଥିବା ଅନୁଷ୍ଠାନଗୁଡ଼ିକ ମିଳିତ ଶିକ୍ଷା ବା କୋ ଏଜୁକେଶନ୍ ପ୍ରଦାନ କରୁଛନ୍ତି ଯେଉଁଠାରେ ସିଟ୍ ସଂଖ୍ୟା ସୀମିତ ଅଛି କିମ୍ବା ସେଗୁଡ଼ିକ ବାଲେଶ୍ୱର ସହର ଠାରୁ ଦୂର ସ୍ଥାନରେ ଅବସ୍ଥିତ। ତେଣୁ ଉତ୍ତର ବାଲେଶ୍ୱର ର ଆର୍ଥିକ ଅନଗ୍ରସର ଶ୍ରେଣୀର ଝିଅମାନଙ୍କ ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ଏଥି ସହିତ ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବୈଷୟିକ ଶିକ୍ଷା ଏବଂ ନିଯୁକ୍ତି କ୍ଷେତ୍ରରେ ଥିବା ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ପାଇଁ ଓ ଉତ୍ତର ବାଲେଶ୍ୱର ଅଞ୍ଚଳର ମହିଳା ମାନଙ୍କୁ ବୈଷୟିକ ଶିକ୍ଷା କ୍ଷେତ୍ରରେ ଅଧିକ ସୁଯୋଗ ଦେବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀରେ ଗୋଟିଏ ସରକାରୀ ମହିଳା ପଲିଟେକନିକ୍ ସ୍ଥାପନ କରିବା ପାଇଁ ବିଧାୟିକା ଜେନା ଦାବି କରିଥିଲେ।

ଦାମୋଦରପୁର ଗ୍ରାମରେ ଆଦିବାସୀଙ୍କ ଘରଭାଙ୍ଗିଲା ପ୍ରଶାସନ

## ପ୍ରତିବାଦରେ ଗ୍ରାମବାସୀଙ୍କ ବିକ୍ଷୋଭ ଓ ରାସ୍ତାରୋକ

ଭୋଗରାଇ, ୩୧।୩ (ସମିସ)



ରାଜ୍ୟ ସରକାରଙ୍କ ଆଦିବାସୀଙ୍କ ପ୍ରୀତି ପଦାରେ ପଡ଼ିଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦାମଦୋରପୁର ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଗ୍ରାମରେ ଗଙ୍ଗାରାମ ହେମ୍ବ୍ରମ ନାମକ ଜଣେ ଅତ୍ୟନ୍ତ ଗରିବ ଆଦିବାସୀ ପରିବାର ରହି ଆସୁଥିବା ବେଳେ ଦେୱାନୀ କୋର୍ଟ ଆଦେଶନାମା ବଳରେ ଆଜି ପ୍ରଶାସନ ତାଙ୍କର ଆଜବେଷ୍ଟସ ଛପର ଘରକୁ ଭାଙ୍ଗି ଚୁରମାର କରିଥିବା ଜଣାପଡ଼ିଛି। ଏପରିକି ସମ୍ପୃକ୍ତ ଆଦିବାସୀ ବ୍ୟକ୍ତିଙ୍କ ଘରେ ଥିବା ସମସ୍ତ ଆସବାବପାତ୍ର, ଖାଦ୍ୟ ସାମଗ୍ରୀ, ଗଛିତ ଥିବା ଧାନ ବସ୍ତା ଇତ୍ୟାଦି ବାହାରକୁ କାଢ଼ି ଫିଙ୍ଗି ଦିଆଯାଇଛି। ଦେୱାନୀ କୋର୍ଟ କମିଶନରଙ୍କ ଉପସ୍ଥିତିରେ ପ୍ରଶାସନ ଲୋକ ଲଗାଇ ଆଦିବାସୀଙ୍କ ଘର ଭିତରେ ପଶି ଘର ଭାଙ୍ଗିବା ସହିତ ଘରେ ଥିବା ଗଙ୍ଗାରାମ ହେମ୍ବ୍ରମଙ୍କ ୮୦ ବର୍ଷିଆ ବୃଦ୍ଧା ମା' ସିନିଗୋ ହେମ୍ବ୍ରମକୁ ଜବରଦସ୍ତ ଘରୁ ଟାଣି ଘୋଷାରି ବାହାରକୁ ବାହାର କରିଥିବାର ଅଭିଯୋଗ ହୋଇଛି। ଏପରିକି ଏହି ଗରିବ ଆଦିବାସୀ ପରିବାରର ଛୁଆପିଲା ମାନଙ୍କୁ କେତେକ ବ୍ୟକ୍ତି ଠେଲାପେଲା ଓ ମାରଧର କରି ଘରଭିତରୁ ବାହାର କରିଦେଇଥିବା ପରିବାର ଓ ଗ୍ରାମବାସୀ ପକ୍ଷରୁ ଅଭିଯୋଗ ହୋଇଛି କ୍ଷଆଦିବାସୀଙ୍କ ଘରକୁ ପ୍ରଶାସନ ପୁଣି ଜେସିବି ମେସିନ ଲଗାଇ ଭାଙ୍ଗିବାରୁ ଶତାଧିକ ଗ୍ରାମବାସୀ ପ୍ରବଳ ପ୍ରତିରୋଧ କରିଛନ୍ତି। ଆଦିବାସୀ ପରିବାର ଓ ଗ୍ରାମବାସୀମାନେ ଉତ୍ତେଜିତ ହୋଇ ମିଳିତଭାବେ ପ୍ରଶାସନଙ୍କ କାର୍ଯ୍ୟରେ ବିରୋଧ କରିବା ସହିତ ସେଠାରେ ଉତ୍ତେଜନା ପ୍ରକାଶପାଇ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ୨ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ଆଦିବାସୀ ଘର ସମ୍ମୁଖକୁ ଲାଗିଥିବା ରାସ୍ତାରେ ବସିପଡି ପ୍ରଶାସନ ବିରୋଧରେ ସ୍ଲୋଗାନ ଦେଇ ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଏବେ ଏହି ପରିବାର ବାସଗୃହ ହରାଇ ଛୁଆପିଲା ଧରି ଅନ୍ୟ ଘରେ ଆଶ୍ରୟ ନେଇଥିବାର ଖବର ମିଳିଛି। ଅପରପକ୍ଷରେ ଆଦିବାସୀ ପରିବାର ଘରବାଡ଼ ପାଖରେ ପ୍ରତିପକ୍ଷ କାର୍ତ୍ତିକ ଦାସ ଆଦିବାସୀ ପରିବାର ରହୁଥିବା ଜାଗା ତାଙ୍କର ବୋଲି ଦାବି କରିବା ସହିତ ଦୀର୍ଘବର୍ଷ ଧରି ସେ ଦେୱାନୀ କୋର୍ଟରେ ଆଶ୍ରୟ ନେଇଁ କୋର୍ଟ ଆଦେଶନାମା ବଳରେ ପ୍ରଶାସନ ଉପସ୍ଥିତିରେ ତାଙ୍କ ଘର ଭଙ୍ଗା ଯାଇଛି ବୋଲି ସୂଚନା ମିଳିଛି। ଏହି ଘଟଣାକୁ ନେଇଁ ଗ୍ରାମରେ ତୀବ୍ର ଉତ୍ତେଜନା ଦେଖାଦେଇଛି।




# ବଞ୍ଚି ଥାଉଥାଉ ମୃତ

## ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି ହିତାଧିକାରୀ

**ବ୍ରହ୍ମପୁର, ୩୧।୩ (ସମିସ):** ସ୍ଥାନୀୟ କେନାଲ ସାହି ବାସିନ୍ଦା ତଥା ସ୍ୱର୍ଗତ ଗୌରାଙ୍ଗ ବେହେରାଙ୍କ ବିଧବା ପତ୍ନୀ ଅନୁ ବେହେରା(୫୭)। ସେହିଭଳି ଗେଟବଜାର ଜାଗିଲି ସାହିର ସ୍ୱର୍ଗତ ବିଜୟ କୁମାର ବେହେରାଙ୍କ ବିଧବା ପତ୍ନୀ ସଂଯୁକ୍ତା ବେହେରା (୫୬) ଏବଂ ସ୍ୱର୍ଗତ ଗୋପାଳ ବେହେରାଙ୍କ ବିଧବା ପତ୍ନୀ କୁମାରୀ ବେହେରା (୫୦)। ସମସ୍ତେ ବ୍ରହ୍ମପୁର ମହାନଗର ନିଗମର ୧୭ନମ୍ବର ୱାର୍ଡ ବାସିନ୍ଦା। ସମସ୍ତେ ଜୀବିତ ମଧ୍ୟ। ତେବେ ଆଧାର ତଥ୍ୟ ଅନୁଯାୟୀ ଏମାନେ ସମସ୍ତେ ମୃତ। ଆଧାର କାର୍ଡ ଅପଡେଟ କରିବାକୁ ଯିବାବେଳେ ସେମାନଙ୍କୁ ମୃତ ଦର୍ଶାଯାଇଥିବା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। କେବଳ ଆଶ୍ଚର୍ଯ୍ୟ ହୋଇନଥିଲେ ବରଂ ଏହା ଦ୍ୱାରା ସେମାନେ ପରବର୍ତ୍ତି ସମୟରେ ପୂର୍ବରୁ ପାଇ ଆସୁଥିବା ବିଭିନ୍ନ ସରକାରୀ ଯୋଜନାରୁ ମଧ୍ୟ ବଞ୍ଚିତ ହୋଇଥିବା ଜାଣିବାକୁ ପାଇଥିଲେ। ତେବେ ନିଜର କୌଣସି ଭୁଲ ନଥାଇ ସୁଦ୍ଧା କେବଳ ଅନୁ, ସଂଯୁକ୍ତା ଏବଂ କୁମାରୀ ଯେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଏହା ନୁହେଁ ବରଂ ଏମାନଙ୍କ ଭଳି ବହୁ ନିରୀହ ତଥା ଗରୀବ ହିତାଧିକାରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଧାର କାର୍ଡରେ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଜଣାପଡିଛି।



ସବୁଠାରୁ ବଡକଥା ହେଲା ହିତାଧିକାରୀଙ୍କ ପୂର୍ବରୁ ଥିବା ଆଧାର କାର୍ଡ ଜରିଆରେ ସେମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ ପାଇ ଆସୁଥିଲେ। ଏପରିକି ବର୍ତ୍ତମାନର ଡବଲ ଇଂଜିନ ସରକାରଙ୍କ ସୁଭଦ୍ରା ଯୋଜନାର ମଧ୍ୟ କିଏ ୪ଟି ତ ଆଉ କିଏ ୩ଟି କିସ୍ତିର ଅର୍ଥ ମଧ୍ୟ ପାଇଛନ୍ତି। ତେବେ ବର୍ତ୍ତମାନ ଯେତେବେଳେ ଆଧାର ଅପଡେଟ ପାଇଁ କୁହାଯାଇଛି ସେହି ସମୟରେ ଏଭଳି ସମସ୍ୟା ଦେଖାଦେଇଛି। ସହରର ବିଭିନ୍ନ ୱାର୍ଡର ବହୁ ହିତାଧିକାରୀଙ୍କ ଏଭଳି ସମସ୍ୟା ଉପୁଜିଥିବା ବେଳେ ଅନେକ ଜିବୀତଙ୍କୁ ମୃତ ମଧ୍ୟ ଦର୍ଶାଯାଇଛି। ଯାହାର ସଂଶୋଧନ କରିବାକୁ ଯାଇ ହିତାଧିକାରୀଙ୍କୁ ଏଣେତେଣେ ଦୌଡ଼ିବାକୁ ପଡୁଛି। କେବଳ ଏତିକି ନୁହେଁ ବରଂ ଆଧାର ସଂଶୋଧନ ପାଇଁ ଲୋକେ ଥରକୁ ୧୩୦ଟଙ୍କା ଖର୍ଚ୍ଚ କରି ନୟାନ୍ତ ହୋଇଥିଲେ ହେଁ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି। ଆଧାରରେ ସମସ୍ୟା ସୃଷ୍ଟି ଯୋଗୁଁ ଲୋକେ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୫କିଲୋ ଚାଉଳ ଏପରିକି ଆଧାରରେ ଭୁଲ ଯୋଗୁଁ ବ୍ୟାଙ୍କରୁ ଋଣ ପାଇବାରୁ ମଧ୍ୟ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ସବୁଠାରୁ ବଡକଥା ହେଲା ଆଧାରରେ ସଂଶୋଧନ କରିବାକୁ ଲୋକେ ବିଇଏମସି, ଡାକବିଭାଗ, ବିଭିନ୍ନ ବ୍ୟାଙ୍କ, ଜନସେବା କେନ୍ଦ୍ର ଓ ଆଧାର କେନ୍ଦ୍ରକୁ ଗଲେ ସେଠାରେ ଭୁବନେଶ୍ୱର ଓକାକ କେନ୍ଦ୍ରକୁ ଯିବାକୁ ପରାମର୍ଶ ଦିଆଯାଉଛି। ସମସ୍ତଙ୍କ ପକ୍ଷେ ଭୁବନେଶ୍ୱର ଯିବା ସମ୍ଭବପର ନଥିବା ବେଳେ ଯେଉଁମାନେ ଭୁବନେଶ୍ୱର ଯାଉଛନ୍ତି ସେଠାରେ ସେମାନଙ୍କୁ ଦୁଇମାସ ସମୟ ଲାଗିବ ବୋଲି କୁହାଯାଉଛି। ଫଳରେ ଗରୀବ ଲୋକମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଘଟଣାରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ କର୍ପୋରେଟର ଦୁର୍ଗାପ୍ରସାଦ ଲାୟକ ଦାବି କରିଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କ ସହ ଯୋଗାଯୋଗ କରାଯିବାରେ ସେ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏବଂ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

- ଆଧାର ଅପଡେଟରେ ସମସ୍ୟା ଯୋଗୁଁ ଏଣେତେଣେ ଦୌଡ଼ି ଲୋକେ ହନ୍ତସନ୍ତ
- ନିଜର ଭୁଲ ନ ଥାଇ ବି ରାସନ ଏବଂ ଋଣ ପାଇବାରୁ ବଞ୍ଚିତ
- ସମସ୍ୟା ସମ୍ପର୍କରେ ଅବଗତ ପରେ ସ୍ଥାୟୀ ସମାଧାନ ନେଇ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

## ଯୁବତୀଙ୍କୁ ପ୍ରତାରଣା; ପ୍ରେମିକ ଗିରଫ

**ରଙ୍ଗେଇଲୁଣ୍ଡା,୩୧।୩(ସମିସ):** ସାମାଜିକ ଗଣମାଧ୍ୟମରେ ପରିଚୟ ପରେ ପ୍ରେମ ସମ୍ପର୍କ ଓ ପରେ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଘଟଣାରେ ଗୋଳନ୍ଥରା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କନିଷି ହାଟର ଅଭିଳାଷ ଦଳେଇ(୩୧)। ସୂଚନା ଅନୁସାରେ, ବରଗଡ଼ ଜିଲ୍ଲାର ଜଣେ ଯୁବତୀଙ୍କ ସହ ଗୋଳନ୍ଥରା ଥାନା କନିଷିହାଟର ଅଭିଳାଷଙ୍କର ଗତ ୫ ବର୍ଷ ତଳେ ସାମାଜିକ ଗଣମଧ୍ୟମରେ ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଭିଳାଷ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଜୋରଜବରଦସ୍ତ ଶାରିରୀକ ସମ୍ପର୍କ ରଖିଥିବାବେଳେ ପରେ ବାହା ହେବାକୁ ମନା କରିଥିଲେ। ସୋମବାର ଯୁବତୀ ଜଣକ ବରଗଡ଼ରୁ ଅଭିଳାଷଙ୍କ ଘରକୁ ଆସି ବିବାହ ପାଇଁ ଜିଦ୍ କରିବାରୁ ଅଭିଳାଷ ପରିବାର ଲୋକ ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏନେଇ ଯୁବତୀ ଜଣକ ଗୋଳନ୍ଥରା ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା (ନଂ.୧୨୬/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ଅଭିଳାଷଙ୍କୁ ଗିରଫ କରାଯିବା ସହ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏଥିସହ ବିଏନଏସ ୧୮୩ ଧାରା ଅନୁସାରେ ଯୁବତୀଙ୍କ ବୟାନ ରେକର୍ଡ କରାଯାଇଛି।

## ଟ୍ରାକ୍ଟର ଧକ୍କାରେ ୨ ଯୁବକ ମୃତ

**ଦିଗପହଣ୍ଡି, ୩୧।୩ (ସମିସ):** ଦିଗପହଣ୍ଡି-ଘୋଡ଼ାହାଡ଼ ଡ୍ୟାମ୍ ମୁଖ୍ୟରାସ୍ତାର ଭୁଶୁଣ୍ଡା ନିକଟରେ ମଙ୍ଗଳବାର ପଥର ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି ୦୭ ଇ-୦୭୦୯) ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ଚଷା ନିମଖଣ୍ଡି ପଞ୍ଚାୟତ ପାଳଝାଡିର ବୃନ୍ଦାବନ ଗୌଡ଼ଙ୍କ ପୁଅ ତୋଫାନ ଓରଫ ନିରଞ୍ଜନ ଗୌଡ଼ (୨୮) ଏବଂ ସ୍ୱର୍ଗତ ସନ୍ତୋଷ ପଣ୍ଡାଙ୍କ ଏକମାତ୍ର ପୁଅ ସୁମିତ ପଣ୍ଡା(୨୫)। ଉଭୟେ ଦିଗପହଣ୍ଡିରେ କାମସାରି ବାଇକ (ନଂ. ଓଡ଼ି୦୭ ଏପି -୬୩୦୭) ଯୋଗେ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପଥର ବୋଝେଇ ଟ୍ରାକ୍ଟର ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ନିରଞ୍ଜନ ଓ ସୁମିତଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସୁମିତଙ୍କ ମା' ସୁନୀତା କୁମାରୀ ପଣ୍ଡା ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ମାମଲା (ନଂ.୧୩୫/୨୬)ରୁଜୁ କରି ତଦନ୍ତ ଚଳାଇଛନ୍ତି। ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଦୁଇଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ପରେ ପୁଲିସ ବାଇକ୍ ଓ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଛି। ଦିଗପହଣ୍ଡି ଥାନା ଚାଞ୍ଚଡ଼ାପଲ୍ଲୀ ଗ୍ରାମର ଅଭିଯୁକ୍ତ ଟ୍ରାକ୍ଟର ଚାଳକ ସରୋଜ ବିଷୋୟୀଙ୍କୁ ଚିହ୍ନଟ କରାଯାଇଥିବା ଆଇଆଇସି କହିଛନ୍ତି।

## ସାମାନ୍ୟ ବଚସାରୁ ଯୁବକଙ୍କୁ ହତ୍ୟା

**ପୋଲସରା,୩୧।୩(ସମିସ):** ପୋଲସରା ଥାନା ଅଧୀନ କେନ୍ଦୁବାଡ଼ି ଗ୍ରାମରେ ସାମାନ୍ୟ ବଚସାରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ କେନ୍ଦୁବାଡ଼ି ଗ୍ରାମର ବିକ୍ରମ ସେଠୀ (୨୨)। ଡ୍ରାଇଭିଂ ଲାଇସେନ୍ସ ଅସଲି ନା ନକଲି ତାକୁ ନେଇ ବଚସା ହୋଇଥିଲା। ଏହା କ୍ରମେ ଉଗ୍ରରୂପ ନେଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଣେ ଯୁବକ ବିକ୍ରମଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ପୋଲସରା ଥାନା ଅଧିକାରୀ କୌଶିକ ମାଝୀଙ୍କ ସୂଚନା ଅନୁଯାୟୀ, ରବିବାର ରାତିରେ ବିକ୍ରମ ଏବଂ ପ୍ରଶାନ୍ତ କୋଠିଆଙ୍କ ମଧ୍ୟରେ ଡ୍ରାଇଭିଂ ଲାଇସେନ୍ସ ଅସଲି ଓ ନକଲିକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ପ୍ରଶାନ୍ତ ଏକ ଧାରୁଆ ଅସ୍ତ୍ର ଧରି ଘର ଭିତରେ ପଶି ବିକ୍ରମଙ୍କ ବେକ ଓ ହାତକୁ ହାଣିଥିଲା। ଆହତ ବିକ୍ରମକୁ ପ୍ରଥମେ ପୋଲସରା ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାକୁ ନେଇ ମୃତକଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ କେସନଂ ୧୭୪/୨୬ରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଅଟକ ରଖି ତଦନ୍ତ ଜାରୀ ରଖିଛି।

## ଗ୍ୟାସ୍ ଲିକ୍‌ରୁ ଦୁଇ ବଖରା ଜଳିଗଲା

**ପାତ୍ରପୁର,୩୧।୩(ସମିସ):** ପାତ୍ରପୁର ତହସିଲ ଅନ୍ତର୍ଗତ ତଣ୍ଡିପୁର ଗାଁରେ ରୋଷେଇ କରୁଥିବା ବେଳେ ଗ୍ୟାସ୍ ଲିକ୍ ହୋଇ ୨ ବଖରା ଜଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗାଁର ରେଡିକା ସାହିର ଗାଙ୍ଗାମା ରେଡି ଘରେ ରୋଷେଇ କରୁଥିବାବେଳେ ଗ୍ୟାସ୍ ଲିକ୍ ହୋଇଥିଲା। ଫଳରେ ଗାଙ୍ଗାମା ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଆସିଥିଲେ। ନିଆଁ ଲାଗି ଗାଙ୍ଗାମାଙ୍କ ଦୁଇଟି ଘର ପୋଡି ପାଉଁଶ ହୋଇଯାଇଛି। ତେବେ ଏହି ଅଗ୍ନିକାଣ୍ଡରେ କାହାରି କିଛି କ୍ଷତି ହୋଇନାହିଁ। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ।

## ଏମ୍‌କେସିଜିରୁ ବାଇକ୍ ଚୋରି କରି ପିଅନ ଗିରଫ

**ବ୍ରହ୍ମପୁର,୩୧।୩(ସମିସ):** ଏମକେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ କାଜୁଆଲଟିରୁ ବାଇକ ଚୋରି ଅଭିଯୋଗରେ ପୁଲିସ ଏମକେସିଜିର ଜଣେ ପିଅନଙ୍କୁ ଗିରଫ କରିଛି। ସେ ହେଲେ ଏମ୍‌କେସିଜି ପିଅନ କଲୋନୀର ମିଟୁ ଦଳବେହେରା(୪୨)। ପୁଲିସ ତାଙ୍କ ନିକଟରୁ ଚୋରି ବାଇକ୍ ଉଦ୍ଧାର କରିଛି। ପୂର୍ବରୁ ମିଟୁ ଏକାଧିକ ଥର ଗିରଫ ହୋଇସାରିଥିବା ବେଳେ କାର୍ଯ୍ୟରେ ଅବହେଳା ପାଇଁ ଚାକିରିରୁ ମଧ୍ୟ ନିଲମ୍ବିତ ହୋଇସାରିଛନ୍ତି। ସୂଚନାପ୍ରକାରେ, ନରେନ୍ଦ୍ରପୁରର ଯୁବକ ସୁଜାଇଲ ନାୟକ ସୋମବାର କୌଣସି କାମରେ ଏମକେସିଜିକୁ ଆସି କାଜୁଆଲଟି ନିକଟରେ ନିଜ ପଲସର ବାଇକ୍ ରଖିଥିବାବେଳେ ମିଟି ବାଇକ୍‌କୁ ଚୋରି କରିନେଇଥିଲେ। ଏନେଇ ସୁଜାଇଲ୍ ଏମକେସିଜି ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଆଜି ଅଭିଯୁକ୍ତ ମିଟୁ ଉକ୍ତ ଗାଡ଼ି ଧରି ଏମକେସିଜିରେ ବୁଲୁଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା।

## ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ



**ଆସିକା,୩୧।୩(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ଝାଡ଼ଖଣ୍ଡ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ କରିଛି ଜିଲ୍ଲା ବିଜେଡି। ଗଞ୍ଜାମ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନଚିକେତା ସ୍ୱାଇଁଙ୍କ ନେତୃତ୍ୱରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ କଳିଙ୍ଗ ରୋଡଠାରେ ଥିବା ବିଜେଡି କାର୍ଯ୍ୟାଳୟରୁ ଏକ ବିରାଟ ବାଇକ ରାଲିରେ ବାହାରି ଆସିକା ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପଟ୍ଟନାୟକ ଛକଠାରେ ପହଞ୍ଚିଥିଲେ। ସାଂସଦ ଦୁବେ ଉତ୍କଳର ବୀରପୁତ୍ର ବିଜୁ ବାବୁଙ୍କ ପ୍ରତି ଦେଇଥିବା ମନ୍ତବ୍ୟ ପ୍ରତିବାଦରେ ବିଭିନ୍ନ ସ୍ଲୋଗାନ ଦେଇ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ ସହ ଏକ ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ବିଦ୍ୟନ୍ତ ଚର୍ଚ୍ଚି, ତାରିଣୀ ସେନାପତି, ସୂର୍ଯ୍ୟକାନ୍ତ ପରିଡା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମନୋଜ ଦୋରା, କାହ୍ନୁଚରଣ ଦଳାଇ, ଜିତେନ୍ଦ୍ର ମହାରଣା, ନିଗମ ରାଉତ, ବିମଳ ପ୍ରଧାନ, ଜୟସେନ ସ୍ୱାଇଁ, ପ୍ରତାପ ପ୍ରଧାନ, ସନ୍ତୋଷ ନାହାକ, ମନୋଜ ନାହାକ, ଶଙ୍କର ନାହାକଙ୍କ ସମେତ ବହୁ ଯୁବ ଛାତ୍ର ଛାମୁଆ ନେତା ଓ ବିଜେଡି କର୍ମୀ ମାନେ ଉପସ୍ଥିତ ଥିଲେ।

## ଷଣ୍ଢକୁ ଧକ୍କା ଦେଇ ବାଇକଚାଳକ ମୃତ

**ଦିଗପହଣ୍ଡି,୩୧।୩(ସମିସ):** ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ କୁକୁଟବନ୍ଧ ଗାଁ ଛକରେ ମଙ୍ଗଳବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବମୋକେଇ ପଞ୍ଚାୟତ ଖଇରପଙ୍କ ଗ୍ରାମର ବିଭୁ ସାହୁ(୩୨)। ବିଭୁ ବାଇକ ଯୋଗେ ଯାଉଥିବା ବେଳେ ରାସ୍ତାରେ ଏକ ଷଣ୍ଢକୁ ଧକ୍କା ଦେଇ ରାସ୍ତାକଡ଼ ଗଛରେ ପିଟି ହୋଇ ଚାଷଜମିରେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ସଂକଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିବା ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ନାୟକ କହିଛନ୍ତି। ଏନେଇ କେ.ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକଙ୍କୁ ପଚାରିବାରୁ ବୁଧବାର ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାଇଛନ୍ତି।

## ବଡ଼ଘାଟିରେ ଓଲଟିଲା ଏସିଡ୍ ଟ୍ୟାଙ୍କର

### ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତା ବନ୍ଦ

**ଖଲ୍ଲିକୋଟ,୩୧।୩(ସମିସ):** ଖଲ୍ଲିକୋଟ ଥାନା ଅଞ୍ଚଳ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ୨୪ ଘଣ୍ଟା ମଧ୍ୟରେ ତିନୋଟି ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ବିଜୟାନଗରମରୁ ଭୁବନେଶ୍ୱର ଯାଉଥିବା ଏକ ଏସିଡ ବୋଝେଇ ଟ୍ୟାଙ୍କର ଖଲ୍ଲିକୋଟ ବଡ଼ଘାଟିରେ ଓଲଟି ପଡିଛି। ବଡ଼ଘାଟିରୁ ତଳକୁ ଆସୁଥିବା ସମୟରେ ବ୍ରେକ୍ ଫେଲ ହୋଇଯିବାରୁ ଏକ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା ବୋଲି ଡ୍ରାଇଭର ଅବଦୁଲ ରସିଦ କହିଛନ୍ତି। ତାଙ୍କର ଅଣ୍ଟାରେ ଆଘାତ ଲାଗିଥିବାରୁ ତାଙ୍କୁ ଖଲ୍ଲିକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଓଲଟି ପଡ଼ିଥିବା ଟ୍ୟାଙ୍କରରୁ ଏସିଡ୍ ଅନବରତ ବୋହି ଚାଲିଛି। କୌଣସି ଅଘଟଣ ଆଶଙ୍କା କରି ବ୍ରହ୍ମପୁର-ଭୁବନେଶ୍ୱର ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ କରି ଦିଆଯାଇଛି। ଦୁର୍ଘଟଣା ସ୍ଥଳରେ ଖଲ୍ଲିକୋଟ ଓ ଛତ୍ରପୁର ଅଗ୍ନିଶମବାହିନୀ ପହଞ୍ଚି ପାଣି ପକାଉଛି। ଏସିଡ୍ ଲିକ ହେଉଥିବାରୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ, ଛତ୍ରପୁର ଅଗ୍ନିଶମ ଅଧିକାରୀ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ଛତ୍ରପୁରରୁ ଟେକ୍ନିକାଲ ଟିମ୍ ପହଞ୍ଚି ଏସିଡ ଲିକ୍‌କୁ ବନ୍ଦ କରିଛନ୍ତି। ଜିଲ୍ଲାପାଳଙ୍କଠାରୁ ନିର୍ଦ୍ଦେଶ ପାଇ ଖଲ୍ଲିକୋଟ ତହସିଲଦାର ଡି. ମାଲେଶ୍ୱର ପାତ୍ର ଦୁର୍ଘଟଣାସ୍ଥଳରେ ପହଞ୍ଚିଛନ୍ତି।



## ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ୯ ୱିକେଟ୍‌ରେ ସିଂହାରିନି ବିଜୟୀ



**ଗଞ୍ଜାମ,୩୧।୩(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ମାଳି ଜଗନ୍ନାଥପୁର ଖେଳ ପଡିଆରେ ବାବା ବାଲି ଲୋକନାଥ କ୍ରିକେଟ କ୍ଲବ ପକ୍ଷରୁ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ ହୋଇଯାଇଛି। ଅତିଥି ଭାବେ ଭାଜପା ଯୁବ ସାଙ୍ଗଠନିକ ନେତା ବନଜ ନାୟକ, ଜିଲ୍ଲା ସମ୍ପାଦକ ଦୁର୍ଯ୍ୟୋଧନ ରେଡି, ସମିତିସଭ୍ୟ ଏନ୍. ଜୟକୃଷ୍ଣ ରେଡି, ସମିତି ସଭ୍ୟା ପ୍ରତିନିଧି ଲିଙ୍ଗରାଜ ମହାପାତ୍ର, ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ, ଯୁବ ସଂଗଠକ ରାକେଶ ରଞ୍ଜନ ଦାସ, ରାଜେଶ ପୃଷ୍ଟି, ଭଦ୍ର ବ୍ୟକ୍ତି ଭୋବିନି ରେଡି, ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ମନୋଜ ପ୍ରଧାନ, ଅସ୍ମିତ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ କରିଥିଲେ। ପ୍ରଥମ ଦିବସରେ ଗ୍ରାସିମ୍ ଟିମ ଓ ସିଂହାରିନି ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗ୍ରାସିମ୍ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ମାତ୍ର ୪୬ ରନ କରିଥିବା ବେଳେ ସିଂହାରିନି ଦଳ ଗୋଟିଏ ୱିକେଟ ହରାଇ ଆବଶ୍ୟକ ରନ ହାସଲ କରିଥିଲା। ଫଳରେ ୯ ୱିକେଟରେ ସିଂହାରୀନ ଦଳ ବିଜୟୀ ଘୋଷିତ ହୋଇଛି। ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। କେ ଏଲେୟା ରେଡି, ଏସ ନୀଳକଣ୍ଠ ରେଡି, ଏନ ଜୟକୃଷ୍ଣ ଏବଂ ଏସ ରାଜୁ ରେଡି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

### ଆଜିଠାରୁ ଚାଲିବ ସ୍ୱ-ଗଣନା

## ସାମିଲ ହେବାକୁ ଜିଲ୍ଲାପାଳଙ୍କ ଅନୁରୋଧ

**ଛତ୍ରପୁର,୩୧।୩(ସମିସ):** ପ୍ରଥମ ପର୍ଯ୍ୟାୟର ଗୃହ ତାଲିକା ଓ ଗୃହ ଗଣନା (ସ୍ୱ-ଗଣନା) ଆସନ୍ତାକାଲି ଅର୍ଥାତ ୧ ଏପ୍ରିଲରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ନାଗରିକମାନେ ସରକାରୀ ଜନଗଣନା ୱେବସାଇଟ ପରିଦର୍ଶନ କରି ଏସଇଆଇଡି ପ୍ରାପ୍ତ କରନ୍ତୁ। ପ୍ରଥମ ଥର ପାଇଁ ସମଗ୍ର ପ୍ରକ୍ରିୟାକୁ ଡିଜିଟାଲ ମାଧ୍ୟମରେ କରାଯିବ। ଗଣନାକାରୀମାନେ ଘରେ ଘରେ ଯାଇ ମୋବାଇଲ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରି କେନ୍ଦ୍ରୀୟ ସର୍ଭରକୁ ପଠାଇବେ। ଯାହା ଫଳରେ ସମସ୍ତ ତଥ୍ୟ ସଠିକ ଭାବେ ସଂଗ୍ରହ କରାଯାଇ ପାରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଜି ସ୍ଥାନୀୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ସହିତ ଜିଲ୍ଲାର ସବୁସ୍ତରର ଜନପ୍ରତିନିଧି, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସଚେତନ ନାଗରିକମାନଙ୍କୁ ସ୍ୱ-ଗଣନାରେ ସାମିଲ ହୋଇ ନିଜର ତଥ୍ୟ ଦାଖଲ କରିବା ସହିତ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବା ପାଇଁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳ ଜିଲାବାସୀଙ୍କୁ ଗଣନାକାରୀମାନଙ୍କୁ ସଠିକ ତଥ୍ୟ ଯୋଗାଇବାକୁ ଅନୁରୋଧ କରିଥିବା ବେଳେ, ଏହି ଜନଗଣନାକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।



ଜନଗଣନା ୨୦୧୧ ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ଜନସଂଖ୍ୟା ୩୫ ଲକ୍ଷ ୨୯ହଜାର ୩୧ ଅଟେ। ଆସନ୍ତା ଜନଗଣନା ପାଇଁ ୭୧୧୫ ଜଣ ଗଣନାକାରୀ ନିଯୁକ୍ତି ହୋଇଥିବା ବେଳେ ୧୨୫୪ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ଡିଜିଟାଲ ପ୍ରଣାଳୀ ଦ୍ୱାରା ପାରଦର୍ଶୀତା, କାର୍ଯ୍ୟକୁଶଳତା ଓ ଲୋକମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇବ, ଯାହା ଜନଗଣନା–୨୦୨୭ କୁ ଅଧିକ ବିଶ୍ୱସନୀୟ ଓ ସଫଳ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରୀଜଗନ୍ନାଥ କଲେଜରେ ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ ପ୍ରତିଯୋଗିତା

**ରାଜନଗର,୩୧।୩(ସମିସ):** ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଇନୋଭେସନ ଆଣ୍ଡ ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅମିୟ ଦାସ ଉଦଘାଟନ କରିବା ସହିତ ଆଜିର ଦିନରେ ଷ୍ଟାର୍ଟଅପର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ଭିତରକନିକା ବ୍ୟବସାୟିକ ମୁଖ୍ୟ ଫଙ୍ଗମିତ୍ରା ଜେନା ଯୋଗଦେଇ ୨୦୦୮ରେ ସେ ତାଙ୍କର ପ୍ରଥମ ଷ୍ଟାର୍ଟଅପ ଭାବେ ଭିତରକନିକା ନେଚର କ୍ୟାମ୍ପ ଆରମ୍ଭ କରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗ ମୁଖ୍ୟ ଅଭିମନ୍ୟୁ ରାଉତ ଷ୍ଟାର୍ଟଅପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଷ୍ଟାର ଟେକ୍‌ର ମୁଖ୍ୟ ପୁରାତନ ଛାତ୍ର ପ୍ରଣବ ପାତ୍ର ଓ ବିଭାସ ମହାନ୍ତି ପିଲାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୫ଟି ଷ୍ଟଲ ପଡିଥିଲା । ସେଥିରୁ ସୁଭସ୍ମିତା ଜେନା, ଅଙ୍କନ ନାୟକ, ଅର୍ଚ୍ଚିତା ସ୍ୱାଇଁ ଓ ସେମାନଙ୍କ ଟିମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ଅନୁସୟା ବେହେରା ପ୍ରମୁଖ ପରିଚାଳନା କରିଥିଲେ।



## କର୍କଟ ପୀଡ଼ିତ ଛାତ୍ରଙ୍କୁ ସହାୟତା

**ଡେରାବିଶ, ୩୧।୩(ସମିସ):** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ କର୍କଟ ପୀଡ଼ିତ ଛାତ୍ରଙ୍କୁ ଆଜି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଜନଗର ବ୍ଲକ୍ ମଧପଡ଼ା ଗ୍ରାମର ବିଷ୍ଣୁ ଚରଣ ବାରିକଙ୍କ ୧୨ ବର୍ଷର ପୁଅ ସତ୍ୟବାନ ଗତ କିଛିଦିନ ହେବ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ବିଷ୍ଣୁ ଜଣେ ଅଭାବୀ ପରିବାରର ହୋଇଥିବାବେଳେ ପୁଅର ଏହି ବ୍ୟୟବହୁଳ ଚିକିତ୍ସା କରିବା ତାଙ୍କ ପକ୍ଷେ କଷ୍ଟସାଧ ହୋଇପଡୁଛି। ଏହି ଖବର ପାଇ ବଦନୀଦେବୀ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟର ଦୁଇ ଶିକ୍ଷକ ଦୁର୍ଗାପ୍ରସାଦ ପଣ୍ଡା ଓ ସଞ୍ଜୟ କୁମାର ମଲିକ ମଦନପୁର ଗ୍ରାମରେ ପହଞ୍ଚି ସତ୍ୟବାନଙ୍କ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



## ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସମ୍ମାନିତ

**ପଟ୍ଟାମୁଣ୍ଡାଇ,୩୧।୩(ସମିସ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ଉଲ୍ଲେଖନୀୟ ପୁଲିସ ସେବା ପାଇଁ ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବରେ ସମ୍ମାନିତ କରାଯାଇଛି। ପ୍ରାଧ୍ୟାପକ ଅଜୟ ସାମଲ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ସଚିକାନ୍ତ ନାଥ ମୁଖ୍ୟବକ୍ତା ଓ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ପ୍ରାକ୍ତନ ଅଧକ୍ଷ ମାନସ ପରିଡା, ଧନୁର୍ଜୟ ବିଶ୍ୱାଳ ଚାରିଟେବଲ ଟ୍ରଷ୍ଟ ଅଧକ୍ଷ ଇଂ ଭଗବାନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପାତ୍ରଙ୍କୁ ମାନପତ୍ର, ଉପଢୌକନ ସହ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ମୂର୍ତ୍ତି ପ୍ରଦାନ କରି ସମ୍ମାନିତ କରିଥିଲେ। ଏଥିପାଇଁ ଆଇଆଇସି ଶ୍ରୀମତୀ ପାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଜିଲ୍ଲାସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବରେ ସମ୍ମାନିତ ଆଇଆଇସି ଶ୍ରୀମତୀ ପାତ୍ର ପୁଲିସ ସେବା ଯୋଗାଇବା କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ବିଶେଷକରି ପଟ୍ଟାମୁଣ୍ଡାଇବାସୀଙ୍କ ସହଯୋଗ ଓ ସମର୍ଥନ ଚିରଦିନ ଅଭୁଲା ରହିବ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ,୩୧।୩(ସମିସ):** ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମନ୍ମଥ ନାଥ ଉଚ୍ଚବିଦ୍ୟାଳୟର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ସନାତନ ବେହୁରା ଓ କଷଣଅଣ୍ଟା ହାଇସ୍କୁଲର ପ୍ରାକ୍ତନ କିରାଣି ନିମାଇଁ ଚରଣ ସ୍ୱାଇଁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଉପଦେଷ୍ଟା ଡ. କେଳୁ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟ ଓ ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ସମ୍ପାଦକ ପ୍ରଫେସର ଭରତ ପାତ୍ର, କାର୍ଯ୍ୟକାରୀ ସଭାପତି କସ୍ତୁରୀ ଚରଣ ସ୍ୱାଇଁ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୈଳାସ ପାତ୍ର, ପ୍ରଫେସର ରମେଶ ଜେନା, ପ୍ରଫେସର ଗୋଲକ ମହାରଣା, ପ୍ରଫେସର ନରହରି ଲେଙ୍କା, ପ୍ରଦୀପ ରଥ, ପାବନୀ ରାଉତ, ବିଜୟ ରାଉତ, ଇଂ ତପନ ପାତ୍ର, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ପ୍ରମୋଦ ନାୟକ, ଜଗନ୍ନାଥ ନାୟକ, ଗୋକୁଳ ରାଉତ, ନିହାର ବେହୁରା, ସଞ୍ଜୟ ବର୍ମା, ଆଦ୍ୟାଶା ରାଉତ ପ୍ରମୁଖ ଯୋଗଦେଇ ଦିବଂଗତ ଶିକ୍ଷକ ସନାତନ ବେହୁରା ଓ କିରାଣି ନିମାଇଁ ଚରଣ ସ୍ୱାଇଁଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।



## ଦିବ୍ୟାଙ୍ଗ ଚନ୍ଦନକୁ ସହାୟତା

**ମହାକାଳପଡ଼ା,୩୧।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୁବକ ଚନ୍ଦନ ପାଇଟାଳ ନାନା ସମସ୍ୟା ଘେରରେ ରହି ଅର୍ଥ ଅଭାବରୁ ଘର ଖଣ୍ଡିଏ କରିବାକୁ ଅସମର୍ଥ ଥିଲେ। ଘର ନ ଥିବାରୁ ରୋଗୀଣା ବାପାମାଆଙ୍କ ସହିତ ଭଙ୍ଗା କୁଡ଼ିଆରେ ଜୀବନ କାଟୁଛନ୍ତି ଚନ୍ଦନ। ଏଭଳି ପରିସ୍ଥିତିରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ତାଙ୍କ ଘରକାମ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ବିଭିନ୍ନ ବ୍ୟକ୍ତିବିଶେଷ ଚନ୍ଦନଙ୍କ ଘରକାମ ପାଇଁ ସହଯୋଗ ଯୋଗାଇ ଦେଉଛନ୍ତି। ଚନ୍ଦନଙ୍କ ସମସ୍ୟା ବିଷୟରେ ଜାଣିବାକୁ ପାଇ ସହଯୋଗର ହାତ ବଢାଇଛନ୍ତି ମହାକାଳପଡ଼ା ନିର୍ବାଚନମଣ୍ଡଳୀର ବିଜେପି ନେତା ସୌଭାଗ୍ୟ ପରିଡା। ଚନ୍ଦନଙ୍କ ଘର କାମ ପାଇଁ ସେ ୩୦ ବସ୍ତା ସିମେଣ୍ଟ ପ୍ରଦାନ କରିଥିବା ଜଣାପଡ଼ିଛି।

### ପୂର୍ବ ସରକାରରେ ଆସିଥିବା ୩୫ ଲକ୍ଷ ଟଙ୍କା ନୂଆ ସରକାରରେ ଫେରିଗଲା

# କୃଷକ ପରାମର୍ଶ କେନ୍ଦ୍ରରେ ଚାଲିଛି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

**ପଞ୍ଚୁପାଣ୍ଡବ,୩୧।୩(ସମିସ)**




ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଯୋଜନାର ହେବାକୁ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତିନିବର୍ଷ ପରେ ବି ହୋଇପାରିଲାନାହିଁ। ବିଜେଡି ସରକାର ଅମଳରେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଯୋଜନାର ଟେଣ୍ଡର ହୋଇଥିଲା। ଏହି ଆରୋଗ୍ୟ ଗୃହ ନିର୍ମାଣ ପାଇଁ ପଞ୍ଚାୟତରେ ଜାଗା ସମସ୍ୟାକୁ ନେଇ ଦୀର୍ଘଦିନ ଧରି ହୋଇପାରି ନ ଥିଲା। ନୂଆ ସରକାରକୁ ଦୁଇବର୍ଷ ପୂରିଥିଲେ ସୁଦ୍ଧା ଏହି ଘର ହୋଇ ନ ଥିବାବେଳେ ସରକାରଙ୍କ ନିକଟକୁ ଫେରିଯାଇଥିବା ଅଭିଯୋଗ ହେଉଛି। ଫଳରେ କୃଷକ ପରାମର୍ଶ କେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଚାଲିଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୃହ ନିର୍ମାଣ ପାଇଁ ବେଣୀପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପ୍ରଶାସନ ପକ୍ଷରୁ ଶୁଭାରମ୍ଭ ହୋଇଥିଲା। ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ୩୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବାବେଳେ କମ୍ୟୁନିଟି ହେଲଥ୍ ଅଫିସର (ସିଏଚଓ)ଙ୍କୁ ନିୟୋଜିତ କରାଯାଇଛି। ଏବେ କୃଷକ ପରାମର୍ଶ କେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳୁଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନ ଥିବାରୁ ଲୋକମାନେ ଚିକିତ୍ସା ସେବା ଓ ଔଷଧରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସରପଞ୍ଚ ମୋହନ ଚରଣ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଦୀର୍ଘଦିନ ଧରି ଜାଗା ସମସ୍ୟା ଲାଗି ରହିଥିବାରୁ ଟେଣ୍ଡର ନେଇଥିବା ଠିକାଦାର ଏହି କାମକୁ ବର୍ଷେ ହେବ ବାତିଲ କରି ଦେଇଛନ୍ତି। ଏବେ କାମ ଚଳିବା ପାଇଁ କୃଷକ ପରାମର୍ଶ କେନ୍ଦ୍ରରେ ସିଏଚଓ ରହି କାମ କରୁଥିବା କହିଛନ୍ତି। ଏହି ଗୃହ ନ ହେବାରୁ ସ୍ଥାନୀୟ ପଞ୍ଚାୟତର ସଦାନନ୍ଦପୁର, ରାଏତୁଣ୍ଡି, ବଜାର ଓ ବେଣୀପୁର ଗ୍ରାମର ହଜାର ହଜାର ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ତୁରନ୍ତ ଏହି କାର୍ଯ୍ୟକୁ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ଦାବି

**ରାଜନଗର, ୩୧।୩(ସମିସ):** ଭିତରକନିକା ଅଞ୍ଚଳରୁ ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ବେଳେ ଉତ୍ତେଜନା ଓ ବନ ବିଭାଗ କର୍ମଚାରୀଙ୍କୁ ଘେରି ମାଲିକ ମାଡ଼ ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଉତ୍ତେଜନା ଭିତରେ ଭିତରକନିକାର ସୁରକ୍ଷା ପାଇଁ ସମସ୍ତ ବେଆଇନ ଘେରି ଉଚ୍ଛେଦ କରି ଭିତରକନିକାକୁ ସୁରକ୍ଷିତ ରଖିବାକୁ ଦାବି କରିଛି ଗହୀରମଥା ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନଗ୍ରୁପ କଞ୍ଜରଭେସନ ସୋସାଇଟ। ସୋସାଇଟର ସଭାପତି ସତ୍ୟପ୍ରକାଶ ମହାନ୍ତି ଓ ସମ୍ପାଦକ ହେମନ୍ତ ରାଉତ ଡିଏଫ୍‌ଓଙ୍କୁ ଭେଟି ଦାବିପତ୍ର ଦେବା ସହ ଚିଙ୍ଗୁଡ଼ିଘେରି ସମ୍ପୂର୍ଣ୍ଣ ଉଚ୍ଛେଦ କରନ୍ତୁ, ନଚେତ ଆନ୍ଦୋଳନକୁ ସୋସାଇଟ ଓହ୍ଲାଇବ ବୋଲି ଦର୍ଶାଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଗହୀରମଥା ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନଗ୍ରୁପ କଞ୍ଜରଭେସନ ସୋସାଇଟ ପକ୍ଷରୁ ଦାବିପତ୍ରରେ ଭିତରକନିକା କେବଳ ଓଡ଼ିଶା କି ଭାରତର ନୁହେଁ, ସାରା ପୃଥିବୀର ଅମୂଲ୍ୟ ସମ୍ପଦ। ଭିତରକନିକା ନଦୀ ନାଳକୁ ଘେରି କରି ପ୍ରାୟ ୨୦୦୦ ବେଆଇନ ଚିଙ୍ଗୁଡ଼ିଘେରି ରହିଛି। ଯେଉଁଥି ପାଇଁ ଭିତରକନିକା ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ ହେଲା। ହାଇକୋର୍ଟ ଓ ସୁପ୍ରିମକୋର୍ଟ ଚିଙ୍ଗୁଡ଼ିଘେରି ଉଚ୍ଛେଦ କରିବାକୁ ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ କିପରି ତାହା କାର୍ଯ୍ୟକାରୀ ହୋଇପାରୁନି। ଓଡ଼ିଶା ସରକାରଙ୍କ ଆନ୍ତରିକତା ଥିଲେ ମଧ୍ୟ ଚିଙ୍ଗୁଡ଼ିଘେରି ଉଚ୍ଛେଦ ନ ହେବାର କାରଣ କ'ଣ ବୋଲି ଦାବିପତ୍ରରେ ପ୍ରଶ୍ନ କରାଯାଇଛି। ଭିତରକନିକା ଚାରିପାଖରେ ଥିବା ଚିଙ୍ଗୁଡ଼ି ଘେରିରେ ସାର, ଔଷଧ ପ୍ରୟୋଗ କରାଯାଉଛି। ଭିତରକନିକା ଅଞ୍ଚଳରୁ ଚିଙ୍ଗୁଡ଼ି ଘେରି ସମ୍ପୂର୍ଣ୍ଣ ଉଚ୍ଛେଦ କରି ଭିତରକନିକାକୁ ସଙ୍କଟରୁ ଉଦ୍ଧାର କରିବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ନଚେତ ବଡ଼ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି।



### ଛାତ୍ରଙ୍କୁ ଅପହରଣ ଉଦ୍ୟମ ପଣ୍ଡ

## ଜଣକୁ କାବୁକଲେ ଗ୍ରାମବାସୀ, ୭ ଜଣ ଖସିଗଲେ

**ଡେରାବିଶ, ୩୧।୩(ସମିସ):** ଚଣ୍ଡିଖୋଲ-ପାରାଦୀପ ରାସ୍ତାର ବରାହିଲୋ ଛକରୁ ଆଜି ଜଣେ ଛାତ୍ରଙ୍କୁ ଅପହରଣ ଉଦ୍ୟମ ବିଫଳ ହୋଇଛି। ଅପହରଣ କରିବାକୁ ଆସିଥିବା ୮ ଜଣ ଯୁବକଙ୍କ ମଧ୍ୟରୁ ୭ ଜଣ ଚମ୍ପଟ ମାରିଥିବାବେଳେ ଜଣକୁ ଗ୍ରାମବାସୀ କାବୁ କରି ପୁଲିସ ଜିମା ଦେଇଥିବା ଜଣାଯାଇଛି। ଏ ସମ୍ପର୍କରେ ବରାହିଲୋ ଗ୍ରାମର ବିଜୟ ମଲିକଙ୍କ ପୁଅ ଆଶିଷ (୨୨) ଡେରାବିଶ ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ସେ ଆଜି ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଡ୍ରିମସ୍ କଲେଜ ବସରୁ ଜାତୀୟ ରାଜପଥର ବରାହିଲୋ ଛକରେ ଓହ୍ଲାଇଥିଲେ। ଏହି ସମୟରେ ୭/୮ ଜଣ ଯୁବକ ଭୁଜାଲି, ଚେନ୍ ଓ ରଡ୍ ଦ୍ୱାରା ଆକ୍ରମଣ କରି ତାଙ୍କୁ ଅପହରଣ କରି ନେଇଯିବାକୁ ଉଦ୍ୟମ କରିଥିଲେ। ଆଶିଷ ଚିତ୍କାର କରିବାରୁ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଫଳରେ ଆକ୍ରମଣକାରୀ ଆଶିଷଙ୍କୁ ଛାଡ଼ି ସେଠାରୁ ଚମ୍ପଟ ମାରିଥିଲେ। ହେଲେ ଗ୍ରାମବାସୀ ଜଣଙ୍କୁ ଧରିଥିଲେ। ପରେ ପୁଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ନିଜ ହେପାଜତକୁ ନେଇଥିବା ଜଣାଯାଇଛି। ଏହି ଯୁବକମାନେ ଆଶିଷକୁ କେଉଁ କାରଣ ପାଇଁ ଆକ୍ରମଣ କଲେ ଓ ଅପହରଣ କରିବାକୁ ଉଦ୍ୟମ କରୁଥିଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଆଶିଷଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଚଳାଇଥିବା ଜଣାଯାଇଛି।



## ପଞ୍ଚମୁଖୀ ହନୁମାନଙ୍କ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୩୧।୩(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ଗ୍ରାମର ମୁଖଶାଳାରେ ପୂଜା ପାଇ ଆସୁଥିବା ସଙ୍କଟମୋଚନ ପଞ୍ଚମୁଖୀ ହନୁମାନଦେବଙ୍କ ହନୁମାନ ବାଟିକାରେ ୯ ଦିନ ବ୍ୟାପି ଆୟୋଜିତ ଆଧାତ୍ମିକ ଉତ୍ସବ ଉଦଯାପିତ ହୋଇଛି। ସହସ୍ର ଶୁଭ କଳସ ଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ମାତା ସୀତା, ଶ୍ରେଷ୍ଠ ଭକ୍ତ ହନୁମାନଦେବଙ୍କ ମୃଣ୍ମୟ ମୂର୍ତ୍ତିଙ୍କ ବୈଦିକ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆୟୋଜିତ ପ୍ରବଚନରେ ଓଡିଶାର ସୁନାମଧନ୍ୟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ସୁଶ୍ରୀ ଗଙ୍ଗା ମାଆ, ପଣ୍ଡିତ ସୁଧାଂଶୁ ଦେବତା, ପଣ୍ଡିତ ଶ୍ରୀଧର ପତି, ପଣ୍ଡିତ ରାମଚନ୍ଦ୍ର ଦାଶ ପୌରାଣିକ, ଆଧାତ୍ମିକ, ଜୀବନ ଦର୍ଶନ ଉପରେ ପ୍ରବଚନ ଦେଇଥିଲେ। ସାମ୍ବାଦିକ ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ର, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ବାରିକ, ସମାଜସେବୀ ଶରତ ସ୍ୱାଇଁ, ବିଘ୍ନେଶ୍ୱର ବରାଳ ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ପଣ୍ଡିତ ଚନ୍ଦ୍ରଶେଖର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୮ଜଣ ପଣ୍ଡିତଙ୍କ ଦ୍ୱାରା ପୂଜା ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚମୁଖୀ ପୂଜା କମିଟିର ବରିଷ୍ଠ ସଦସ୍ୟ ପଞ୍ଚାନନ ସ୍ୱାଇଁ, ସାମ୍ବାଦିକ ତ୍ରିଲୋଚନ ଦାସ, କୃତ୍ତିବାସ ପ୍ରଧାନ, ବିପିନ ଗାହାଣ, ନିମାଇଁ ପାତ୍ର, ବଳରାମ ପାତ୍ର, ଅବକାଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ।



## ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ



**କେନ୍ଦ୍ରାପଡ଼ା,୩୧।୩(ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ସୁଭଦ୍ରା ଶକ୍ତି ମେଳା ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଓ ମିଶନ ଶକ୍ତିର ଡିପିସି ଆରତୀ ସାହୁ ଉପସ୍ଥିତ ଥିଲେ। ମେଳାରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା। କୃଷି ଉତ୍ପାଦ ବର୍ଗରେ ରାଜନଗରର ଗଙ୍ଗା ମାତା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମାର୍ଶାଘାଇର ବଜ୍ର ମହାକାଳୀ ଡାଲ୍ ଓ ଗଞ୍ଜାମର ଶ୍ରୀକୃଷ୍ଣ ଗୋଷ୍ଠୀ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଅଣକୃଷି ଉତ୍ପାଦ ବର୍ଗରେ ବରଗଡ଼ର ମା' ସମଲେଶ୍ୱରୀ ଗୋଷ୍ଠୀ ପ୍ରଥମ ହୋଇଥିଲା। ପ୍ୟାକିଂ ଓ ପ୍ରଦର୍ଶନରେ ଗରଦପୁରର ମା' ବିମଳେଇ ଗୋଷ୍ଠୀ ଶ୍ରେଷ୍ଠ ହୋଇଥିଲା। ଗ୍ରାହକ ବ୍ୟବହାର ଓ ପ୍ରସ୍ତୁତିକରଣରେ କେନ୍ଦ୍ରାପଡ଼ାର ସତ୍ୟସାଇ ଗୋଷ୍ଠୀ ଶ୍ରେଷ୍ଠ ଘୋଷିତ ହୋଇଥିଲା। ଏହାସହିତ ଡେରାବିଶର ଉତ୍କଳ ଗ୍ରାମୀଣ ଗୋଷ୍ଠୀ ଉଦ୍ଭାବନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସମୁଦାୟ ପ୍ରଦର୍ଶନରେ ତୁଳସୀ କ୍ଷେତ୍ର ଗୋଷ୍ଠୀ ଶ୍ରେଷ୍ଠ ଷ୍ଟଲ୍ ହିସାବରେ ଚୟନ ହୋଇଥିଲା। ଏ ଅବସରରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼ ସହ ଅନ୍ୟାନ୍ୟ ପୁଲିସ ଓ ପ୍ରଶାସନିକ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ପରେ ମହିଳା ସଶକ୍ତୀକରଣ ବିଷୟରେ ଲେଖା ପାଇଁ ମନ କି ବାତ" କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପାଇଥିବା ଏଚଏନଏସ ମହାବିଦ୍ୟାଳୟର ଛାତ୍ର ଓମ ପ୍ରକାଶ ରଥଙ୍କୁ ବିଶେଷ ସମ୍ମାନ ଜଣାଯାଇଥିଲା।

## ବ୍ରହ୍ମ ଅବଧୂତ ତାରକଚନ୍ଦ୍ର ବାବାଙ୍କ ଜନ୍ମୋତ୍ସବ

**ଡେରାବିଶ, ୩୧।୩(ସମିସ):** ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ଜଳପୋକସ୍ଥ ମହିମା ଆଶ୍ରମ ତଥା ତାରକଚନ୍ଦ୍ର ବାବାଙ୍କ ଜନ୍ମପୀଠରେ ବାବାଙ୍କ ୧୦୧ତମ ଜନ୍ମୋତ୍ସବ ପାଳିତ ହେଉଛି। ଆସନ୍ତା ୩ ତାରିଖ ଯାଏ ୫ ଦିନ ବ୍ୟାପୀ ମହିମା ମେଳ ହେବା ସହ ନୂତନ ସ୍ମୃତି ମନ୍ଦିର ପ୍ରତିଷ୍ଠା କରାଯିବା କାର୍ଯ୍ୟକ୍ରମ ରହିଛି। ଗତକାଲି ସୋମବାର ପୂର୍ବାହ୍ନରୁ ଜଳକୁମ୍ଭଯାତ୍ରା ଓ ରାତ୍ର ସମୟରେ ମହିମା ଆଶ୍ରମରୁ ସ୍ମୃତି ମନ୍ଦିରକୁ ଭେକବାନା ସହ ଅର୍ଘ୍ୟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପ୍ରତ୍ୟୁଷରେ ମନ୍ଦିର ପ୍ରତିଷ୍ଠା ଓ ବ୍ରହ୍ମଧ୍ୱନି ସ୍ଥାପନ, ଅଖଣ୍ଡବତୀ ପ୍ରଜ୍ୱଳନ ସହ ଅପରାହ୍ନରେ ବାଲ୍ୟଲୀଳା ଅର୍ପଣ କରାଯାଇଛି। ପ୍ରତ୍ୟେହ ପ୍ରାତଃ ଓ ସନ୍ଧ୍ୟାରେ ମନ୍ଦିରରେ ନୀତିକାନ୍ତି ଓ ଜଗତମଙ୍ଗଳ ଉଦ୍ଦେଶ୍ୟରେ ବ୍ରହ୍ମଧ୍ୱନିରେ ଘୃତାହୁତି ପ୍ରଦାନ ଓ ବେଢ଼ା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶୁକ୍ରବାର ଦିନ ମହାପ୍ରଭୁଙ୍କୁ ନୂତନ ଝାଡ଼ ପ୍ରଦର୍ଶନ ଓ ଚାରିଦ୍ୱାରରେ ପ୍ରଜ୍ୱଳନ କରାଯିବ, ଶନିବାର ପ୍ରତ୍ୟୁଷରେ ପୂର୍ଣ୍ଣାହୁତି ଓ ନଗର ଭ୍ରମଣ କରାଯିବ। ପାଞ୍ଚଦିନ ବ୍ୟାପୀ ପ୍ରତି ସନ୍ଧ୍ୟାରେ ବାବା ତାରକଚନ୍ଦ୍ରଙ୍କ ଚରିତାମୃତ ଓ ମହିମାଧର୍ମ ଆଲୋଚନାର କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ବ୍ରହ୍ମଅବଧୂତ ମୃଷମ୍ବର ବାବାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହିମା ମେଳାରେ ବ୍ରହ୍ମ ଅବଧୂତ ଶଙ୍କର ବାବା, ପର୍ଶୁରାମ ବାବା, ଗୁରୁଚରଣ ବାବା, କିଶୋର ବାବା, ବିଶ୍ୱମ୍ବର ବାବା, ପ୍ରଫୁଲ୍ଲ ବାବା, ଗଙ୍ଗାଧର ବାବା, ଲୋକନାଥ ବାବା ଓ ସାଧୁବାବା କାଶୀନାଥ ଦାସ, ନିରାକାର ଦାସ, ଅନାଦୀ ଦାସ, ସଚ୍ଚିଦାନନ୍ଦ ଦାସ, ପ୍ରବୀର ଦାସ, ରଞ୍ଜନ ଦାସ, ସୁବାସ ଦାସ, ସମ୍ରାଟ ଦାସ, ଦିବାକର ଦାସ ଯୋଗ ଦେଇଛନ୍ତି।



## ପଟ୍ଟାମୁଣ୍ଡାଇ କୋର୍ଟରେ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ,୩୧।୩(ସମିସ):** ସରକାରୀ ଓକିଲ ପ୍ରଭାତ ରଞ୍ଜନ ଦାଶଙ୍କ ବିୟୋଗରେ ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ କୋର୍ଟର ନବନିଯୁକ୍ତ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ପ୍ରମୋଦ ସାହୁ, ଶାନ୍ତି ସ୍ୱରୂପ ଭୂୟାଁ, ଭବାନୀ ଶଙ୍କର ପଣ୍ଡା, ଧୀରେନ୍ଦ୍ର ସାହୁ, ଚିତ୍ତରଞ୍ଜନ ଦାସ, ପ୍ରଣତୀ ଦାସ, ସୁଶାନ୍ତ ସାମଲ ଯୋଗଦେଇ ସ୍ୱର୍ଗତ ଦାସ କେନ୍ଦ୍ରାପଡ଼ା କୋର୍ଟର ବରିଷ୍ଠ ଓକିଲ ଭାବେ ଚଳିତ ବର୍ଷ କେନ୍ଦ୍ରାପଡ଼ା ଫାଷ୍ଟଟ୍ରାକ୍ ପକ୍‌ସୋ କୋର୍ଟର ସରକାରୀ ଓକିଲ ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ। ତାଙ୍କର ସରଳ, ଅମାୟିକ ବ୍ୟବହାର ଯୋଗୁଁ ସମସ୍ତଙ୍କ ପ୍ରିୟପାତ୍ର ଥିଲେ ବୋଲି ମତ ପ୍ରକାଶ କରି ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## କେବେ ଲାଗିବ ସରକାରୀ ଶିକ୍ଷକଙ୍କ ଘରୋଇ ଟିଉସନରେ ରୋକ୍

**ରାଜକନିକା,୩୧।୩(ସମିସ)**

ସରକାରଙ୍କ କଡ଼ା ନିୟମକୁ ଫାଙ୍କି ଚାଲିଛନ୍ତି ଖୋଦ ସରକାରଙ୍କ ଉଚ୍ଚ ବେତନ ପାଉଥିବା ଶିକ୍ଷକ। ଘରୋଇ ଭାବେ ଟିଉସନ ନ କରିବାକୁ କଡ଼ା ନିୟମ ଥିବା, ପ୍ରତି ଏପ୍ରିଲ ମାସରେ ମୁଁ କୌଣସି ଘରୋଇ ଟିଉସନ କରୁନାହିଁ ବୋଲି ସ୍ୱୀକାରୋକ୍ତି ଦେଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ଟିଉସନକୁ ବ୍ୟବସାୟରେ ପରିଣତ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀଙ୍କ ଜାଣତରେ ରାଜକନିକା ବ୍ଲକ୍‌ରେ ଶତାଧିକ ସରକାରୀ ଶିକ୍ଷକ ଘରୋଇ ଟିଉସନକୁ ଆପଣେଇଥିବା ଅନୁସନ୍ଧାନରୁ ଜଣାପଡିଛି। ରାଜକନିକା ବ୍ଲକର ସଦରର ଏକ ବହୁ ପୁରୁଣା ଓ ବ୍ଲକର ପ୍ରଥମ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଟିଉସନକୁ ଆପଣାଇ ମାସକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଗଣମାଧ୍ୟମ ଜାଣୁଥିବାବେଳେ କେମିତି ଶିକ୍ଷାଧିକାରୀ ଜାଣୁନାହାନ୍ତି ତାହା ସନ୍ଦେହ ଆଣିଛି। ଘରୋଇ ଭାବେ ଟିଉସନ କରିବା ଦ୍ୱାରା ଛାତ୍ରଛାତ୍ରୀ ବହୁଳ ଭାବେ ପ୍ରଭାବିତ ହେଉଥିବା, ଏହି ଘରୋଇ ଟିଉସନରୁ ବହୁ କେଳଙ୍କାରୀ ଜଣାପଡିବା ପରେ ଗଣଶିକ୍ଷା ବିଭାଗ ଏଭଳି ଟିଉସନ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇ ଏହାକୁ ବନ୍ଦ କରିବା ପାଇଁ ପ୍ରତିବର୍ଷ ଶିକ୍ଷକଙ୍କଠାରୁ ଆଗୁଆ ଏଗ୍ରିମେଣ୍ଟ ନେଇଯାଉଛି। ମାତ୍ର ସବୁ ଆଇନକାନୁନକୁ ଫାଙ୍କି ରାଜକନିକା ବ୍ଲକର ପ୍ରତିଷ୍ଠିତ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ରାଜକନିକା ସଦରରେ ଦୈନିକ ନିଜ ଘର ଆଗରେ ଶହ ଶହ ପିଲାଙ୍କୁ ଟିଉସନ କରାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିବା ଦେଖିବାକୁ ମିଳିଛି। ଏମିତିକି ଯଦି ପିଲା ସମ୍ପୃକ୍ତ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କ ପାଖରେ ଟିଉସନ ହେବନାହିଁ ତେବେ ତାଙ୍କର ଭବିଷ୍ୟତକୁ କେହି ଦାୟୀ ହେବେ ନାହିଁ ବୋଲି ପ୍ରକାରାନ୍ତରେ ଧମକ ମଧ୍ୟ ମିଳିଥିବା କିଛି ଅଭିଭାବକ କହିଛନ୍ତି। ଆସନ୍ତାକାଲି ଶିକ୍ଷାବର୍ଷ ଶେଷ ହୋଇ ପରଦିନଠାରୁ ନୂଆ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଥିବାବେଳେ ଟିଉସନ ଲୋଭି ଶିକ୍ଷକ କେଉଁ ପିଲା କେଉଁ ସ୍କୁଲରେ ଆଡ଼ମିଶନ କରିବେ, ତାହା ଏହି ଟିଉସନ କରୁଥିବା ଶିକ୍ଷକ ସ୍ଥିର କରିବା ଭଳି ଘଟଣା ଓ ଚାପ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି। ଶିକ୍ଷାଦାନକୁ ଚାପମୁକ୍ତ କରିବାକୁ ସରକାର ଯୋଜନା କରୁଥିବାବେଳେ କିଛି ଅସାଧୁ, ଲାଭଖୋର ଓ ବ୍ୟବସାୟ ମାନସିକତା ରଖିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଦିଗହରା ହେବାରେ ଲାଗିଛି। ରାଜକନିକା ସଦରରେ ଶିକ୍ଷାଦାନର ସଉଦା କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରତି ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେଇ ସରକାରଙ୍କ ମୌଳିକ ଶିକ୍ଷାନୀତିରେ ବାଧକ ସାଜୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଶିକ୍ଷା ବ୍ୟବସାୟ ବନ୍ଦ କରିବାକୁ ଦାବି ହେଉଛି।




### ନିର୍ଦ୍ଧାରିତ ଦରଠାରୁ ଅଧିକ ବସ୍ ଭଡ଼ା ଆଦାୟ

# ପ୍ରତିବାଦରେ ତିହିଡ଼ିରେ ବସ୍‌ରୋକ ଆନ୍ଦୋଳନ

ତିହିଡ଼ି,୩୧।୩(ସମିସ)

## ଯାତ୍ରୀ ସଚେତନ ହେବାକୁ ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚର ଆହ୍ୱାନ




ଅଧିକ ବସ୍ ଭଡ଼ା ଆଦାୟ ପ୍ରତିବାଦରେ ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚ ତରଫରୁ ମଙ୍ଗଳବାର ଅନୁଷ୍ଠିତ ବସ୍ ରୋକ୍ ଆନ୍ଦୋଳନ ସଫଳ ହୋଇଛି। ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ବସ୍ ଭଡ଼ା ଦୀର୍ଘ ବର୍ଷ ହେଲା ନିଆଯାଉଛି ଓ ବସ୍‌ରେ ଭଡ଼ା ତାଲିକା ମରାଯାଉ ନାହିଁ କି ବସ୍‌ର ପ୍ରକାର ଭେଦ ମଧ ଲେଖାଯାଉ ନାହିଁ ବୋଲି ଅଧିକାର ମଞ୍ଚ ଦୀର୍ଘଦିନ ହେଲା ଅଭିଯୋଗ କରିଆସୁଥିଲା। ପୂର୍ବ ସୂଚନା ମୁତାବକ ମଙ୍ଗଳବାର ଅଧିକାର ମଞ୍ଚର ବିଷ୍ଣୁ ଦାଶ, ସତ୍ୟବ୍ରତ କୁଣ୍ଡ, ଭାଗବତ ସେନାପତି, ମନମୋହନ କୁଣ୍ଡ, ବାବୁରାମ ମଳିକ, କୃଷ୍ଣଚନ୍ଦ୍ର ମଳିକ, ବିଜୟ ମଳିକ, ପୁରଷ୍ତମ ସାହୁ ପ୍ରମୁଖ ତିହିଡ଼ି ବଜାରରେ ବସି ରହିଥିଲେ। ଫଳରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଠାରେ ପଥପ୍ରାନ୍ତ ସଭା ମଧ କରାଯାଇଥିଲା। ସାଧାରଣ ଯାତ୍ରୀଙ୍କୁ କେଉଁପରି ଭାବେ ଶୋଷଣ କରାଯାଉଛି ସେ ନେଇ ବକ୍ତାମାନେ ସଚେତନ କରିଥିଲେ। ଭଦ୍ରକ ଜିଲ୍ଲା ପରିବହନ ଅଧିକାରୀ, ମୋଟର ଯାନ ନିରୀକ୍ଷକ ତିହିଡ଼ିରେ ପହଞ୍ଚି ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ଧାର୍ଯ୍ୟ ଦରରେ ଯାତ୍ରୀଙ୍କ ପାଖରୁ ଭଡ଼ା ଆଦାୟ କରାଯିବ, ଯାତ୍ରୀଙ୍କ ସହ ଦୁର୍ବ୍ୟବହାର କରାଯିବ ନାହିଁ ଓ ସର୍ବୋପରି ବସରେ ଭଡ଼ା ତାଲିକା ଯାତ୍ରୀଙ୍କ ଦେଖିବା ଭଳି ସ୍ଥାନରେ ବାଧତାମୂଳକ ମରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଗତ ନଭେମ୍ବର ୨୪ ତାରିଖରେ ଅଧିକ ବସ୍ ଭଡ଼ା ଆଦାୟର ପ୍ରତିବାଦ କରି ତିହିଡ଼ି ଜନସାଧାରଣ ଅଧିକାର ମଞ୍ଚ ଆନ୍ଦୋଳନ ଡକରା ଦେଇଥିଲା। ତେବେ ତିହିଡ଼ି ଥାନା ଅଧିକାରୀଙ୍କ ଉଦ୍ୟମ ଫଳରେ ବସ୍ ମାଲିକ ସିଣ୍ଡିକେଟ୍ ଓ ତିହିଡ଼ି ଜନସାଧାରଣ ମଞ୍ଚର ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇ ଅଧିକ ଭଡ଼ା ଆଦାୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏ ପ୍ରତିଶ୍ରୁତି ପାଳନ କରାଗଲା ନାହିଁ। ବରଂ ଯାତ୍ରୀଙ୍କଠାରୁ ସେହି ଅଧିକ ଭଡ଼ା ଆଦାୟ କରାଗଲା ଓ ପ୍ରତିବାଦ କଲେ ସେମାନଙ୍କ ସହ ଦୁର୍ବ୍ୟବହାର କରାଗଲା ବୋଲି ମଞ୍ଚ ଅଭିଯୋଗ କରିବା ସହ ଆନ୍ଦୋଳନ ପାଇଁ ଚେତାବନୀ ଦେଇଥିଲା। ଯାତ୍ରୀମାନେ ସଚେତନ ହେବାକୁ ତିହିଡ଼ି ନାଗରିକ ମଞ୍ଚ ତରଫରୁ ଅନୁରୋଧ କରାଯାଇଛି।

## ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

ବାରିକପୁର,୩୧।୩(ସମିସ): ଭଣ୍ଡାରିପୋଖରୀ ଥାନା ମାଳଦା ପଞ୍ଚାୟତ ରଘୁନାଥପୁର ଗ୍ରାମର ମଣି ମାଝିଙ୍କ ପୁଅ କାଳନ୍ଦୀ(୨୧)ଙ୍କର ଟ୍ରାକ୍ଟର ଧକ୍କାରେ ଶୋଚନୀୟ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳୁ କାଳନ୍ଦୀ ଯାଜପୁର ସହର ନିକଟବର୍ତ୍ତୀ ମଙ୍ଗଳପୁରଠାରୁ ଚାଲିଚାଲି ଘରକୁ ଆସୁଥିବାବେଳେ ଦ୍ରୁତଗାମୀ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଳନ୍ଦୀଙ୍କ ଅକାଳ ବିୟୋଗକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସାମାନ୍ୟ ବଚସାରୁ ଛୁରାମାଡ଼; ଯୁବକ ଗୁରୁତର

ଭଦ୍ରକ,୩୧।୩(ସମିସ): ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଞ୍ଚଳରେ କଥା କଟାକଟିରୁ ଛୁରାମାଡ଼। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ଅଟକ ରଖିଛି। ଛୁରାମାଡ଼ରେ ଗୁରୁତର ବ୍ୟକ୍ତି କଟକ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ସୋମବାର ଧନିଓଖି ଗାଁର ବାଦଲ ଯେନା, ଆପଣ୍ଡା ଗ୍ରାମର ଶୁଭଙ୍କର ମୁଖି ଏବଂ ବରକୋଣା ଗ୍ରାମର ଶକ୍ତି ରଞ୍ଜନ ଯେନା ମିଳିମିଶି ନିକଟସ୍ଥ ଅଞ୍ଚଳକୁ ଟେଣ୍ଟ କାର୍ଯ୍ୟ କରିବାକୁ ଯାଇଥିଲେ। କାର୍ଯ୍ୟ କରୁଥିବା ସମୟରେ ବାଦଲ ଏବଂ ଶୁଭଙ୍କର ସହିତ ଶକ୍ତି ରଞ୍ଜନଙ୍କର କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ରାତି ପ୍ରାୟ ୧୦ଟାରେ ବାଦଲ ଏବଂ ଶୁଭଙ୍କରଙ୍କୁ ବରକୋଣା ସ୍କୁଲ ନିକଟରେ ଶକ୍ତି ରଞ୍ଜନ ଏବଂ ତାଙ୍କ ଗ୍ରାମର ଚନ୍ଦ୍ରକାନ୍ତ ଯେନା ମିଶି ଛୁରିରେ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ କୋଳିପଦି ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। କିନ୍ତୁ ବାଦଲଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ବାଦଲଙ୍କ ଦାଦା ସୁବାସ ଯେନାଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା(ନଂ-୧୧୮/୨୬) ରୁଜୁ କରିଛି। ଅଭିଯୁକ୍ତ ଶକ୍ତିରଞ୍ଜନ ଏବଂ ଚନ୍ଦ୍ରକାନ୍ତଙ୍କୁ ପୁଲିସ ଅଟକ ରଖିଥିବାବେଳେ ଆକ୍ରମଣରେ ବ୍ୟବହୃତ ଛୁରିକୁ ଜବତ ହୋଇଥିବା ଜଣାଯାଇଛି। ମଙ୍ଗଳବାର ଅପରାହ୍ଣରେ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ବରକୋଣା ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ମହାବୀରଙ୍କ ନବମ ବାର୍ଷିକ ଉତ୍ସବ

ବାରିକପୁର,୩୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ଆକୁଳିକଣାଠାରେ ବଜରଙ୍ଗବାଲୀ ହନୁମାନ ମହାବୀରଙ୍କ ୯ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ତପନ କୁମାର ପାଢ଼ୀ, ପ୍ରଫୁଲ୍ଲ ପଣ୍ଡା, ବାବୁଲା ପଣ୍ଡା ପ୍ରମୁଖ ବୈଦିକ ରୀତିନୀତି ଅନୁଯାୟୀ ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ପୀଠରେ ବେଦମନ୍ତ୍ର ପାଠ, ହନୁମାନ ଚାଳିଶା ଓ ହୋମଯଜ୍ଞ ଆୟୋଜିତ ହୋଇଥିଲା। ଏଥିରେ ସଂକଳ୍ପ କର୍ତ୍ତା ଭାବେ ବୀରେନ୍ଦ୍ର କୁମାର ବରାଳ ଓ ବିଦ୍ୟୁତ୍‌ପ୍ରଭା ବରାଳ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ପ୍ରଦୀପ ସାମଲଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମାଜସେବୀ ପ୍ରଦ୍ୟୁମ୍ନ ଜେନା, ଅକ୍ଷୟ ସାହୁ, ଶିକ୍ଷାବିତ୍ ନରେନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁବ ନେତା ଶିବାନୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପୂଜା ଉତ୍ସବ ଉପଲକ୍ଷେ ମହିଳା ବାଦୀପାଲା ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## କଳା ସଂସ୍କୃତି ସଂଘର ଚତୁର୍ଦ୍ଦଶ ବାର୍ଷିକ ସମ୍ମିଳନୀ

ବାରିକପୁର,୩୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଲାଠାରେ ମଣ୍ଡଳସ୍ତରୀୟ ପାଲା ଗାୟକ ପରିଷଦ ଓ କଳା ସଂସ୍କୃତି ସଂଘର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଉମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜନ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭଦ୍ରକ-ବାଲେଶ୍ୱର ଜିଲ୍ଲା ପାଲା ପରିଷଦ ସଭାପତି ରାଜକିଶୋର ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘ ସଭାପତି ତ୍ରିଲୋଚନ ପଣ୍ଡା, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ଗଣେଶ ଭାରତୀ, ସଞ୍ଜୟ ସାହୁ ପ୍ରମୁଖ ଯୋଗଦେଇ ଲୋକ କଳା ପାଲା ସଂସ୍କୃତି ବିଷୟରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଗାୟକ ପ୍ରାଣକୃଷ୍ଣ ସାହୁ, ସରସ୍ୱତୀ ରାଉତ, ହରପ୍ରିୟା ଦାସ, ଗାୟତ୍ରୀ ବେହେରା ପ୍ରମୁଖ ପାଲା ପରିବେଷଣ କରିଥିଲେ। ଏହାଛଡ଼ା ପାଲା ଓ ସଂକୀର୍ତ୍ତନ ଅନୁଷ୍ଠାନର ଦକ୍ଷ କଳାକାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ବ୍ଲକ୍ କଳା ସଂସ୍କୃତି ସଂଘର ସଭାପତି ରବୀନ୍ଦ୍ର ଜେନା, ଗୋପୀନାଥ ଜେନା, ନିରଞ୍ଜନ ବାରିକ, ପ୍ରାଣକୃଷ୍ଣ ସାହୁ, ନୃସିଂହ ଚରଣ ଜେନା, ଦୁଃଶାସନ ବାରିକ, ମାଧବ ଦାସ ପ୍ରମୁଖ ପରିଚାଳନା କରିଥିବାବେଳେ ସଞ୍ଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ସାନ ସରକାର ବାବାଙ୍କ ବାର୍ଷିକ ଫାତେହା ପ୍ରସ୍ତୁତି

ଭଦ୍ରକ,୩୧।୩(ସମିସ): ଭଦ୍ରକ ବାଇପାସ୍ ରୋଡ଼ସ୍ଥିତ ଖାନକାହା ପରିସରରେ ଗୁଲ୍‌ସନେ ଗୌସପାକ ଟ୍ରଷ୍ଟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ବୈଠକ ଟ୍ରଷ୍ଟର ସଭାପତି ହାଜୀ ଓ ହାଫିଜ୍ ଶେଖ୍ ମହମ୍ମଦ ଇସହାକଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଶେଖ୍ ଅତା ମୋହିଦ୍ଦିନଙ୍କ ସହଯୋଗରେ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ସୁଫି ହଜରତ ସୈୟଦ ଶାହା ଓସୀମ ଅଖତର କାଦରୀ ଓରଫ ସାନ ସରକାର (ମାମାଜାନ)ଙ୍କ ୧୩ତମ ଫାତେହା ଉତ୍ସବ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଏପ୍ରିଲ ୫ରେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ଉତ୍ସବ ପୂର୍ବ ଦିନ ଅର୍ଥାତ୍ ୪ ତାରିଖ ଅପରାହ୍ଣ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବାବାଙ୍କ ଭକ୍ତମାନେ ଖାନକାହା କମିଟିଠାରେ ଫାତେହା ଉତ୍ସବ ପାଇଁ ଫଳ ସାମଗ୍ରୀ ପହଞ୍ଚାଇଦେବେ ଓ ରାତି ୧୧ଟାରୁ ଫଳ ସାମଗ୍ରୀ କଟା ଆରମ୍ଭ ହେବ ଓ ଅର୍ଦ୍ଧରାତ୍ରିରୁ ବାବାଙ୍କ ସ୍ନାନ (ଗୋସଲଖାନୀ) ପରେ କମିଟିର ଚାଦର ଚଢ଼ାଇବେ। ୫ ତାରିଖ ସକାଳ ନମାଜ ପାଠ ପରେ କୁରାନଖାନୀ, ମିଲାଦ ସରିଫ୍ ଓ ଫାତେହାର ଆୟୋଜନ କରାଯିବ। ଫାତେହା ପରେ ଭକ୍ତଙ୍କୁ ପ୍ରସାଦ(ଶିରିଣୀ) ବଣ୍ଟନ କରାଯିବ ଓ ଫାତେହା ପରେ ଆମ ରାଜ୍ୟ ସହିତ ଭାରତର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତ ବାବାଙ୍କ ସମାଧିରେ ଚାଦର ଚଢ଼ାଇ ଦର୍ଶନ କରିପାରିବେ। ବାହାରୁ ଆସୁଥିବା ବାବାଙ୍କ ଭକ୍ତମାନଙ୍କ ପାଇଁ ସୁବ୍ୟବସ୍ଥା, ଯାତାୟାତ ପାଇଁ ଖାନକାହା ଟ୍ରଷ୍ଟ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହି ବୈଠକରେ ଟ୍ରଷ୍ଟର ସମସ୍ତ ସଭ୍ୟ ଯୋଗଦେଇଥିଲେ ଓ ଖାନକାହାଠାରେ ସମସ୍ତ ଧର୍ମର ଭକ୍ତ ଯୋଗଦେଇପାରିବେ। ଏଠି କୌଣସି ଭେଦଭାବ ନାହିଁ ଓ ଭାଇଚାରା ସହର ଭଦ୍ରକ ଖାନକାହାଠାରେ ଶାନ୍ତିଶୃଙ୍ଖଳା ସହିତ ଫାତେହା ଉତ୍ସବ ପାଳନ କରିବାକୁ ଟ୍ରଷ୍ଟର ସମ୍ପାଦକ ଶେଖ୍ ଅତା ମୋହିଉଦ୍ଦିନ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ସାମ୍ବାଦିକ ମଦନମୋହନ ଦାସଙ୍କ ସ୍ମୃତିସଭା



ଦୋବଲ,୩୧।୩(ସମିସ): ସାମ୍ବାଦିକ, ସମାଜସେବୀ ତଥା ସୂଚନା ଅଧିକାର କର୍ମୀ ମଦନମୋହନ ଦାସଙ୍କ ଏକାଦଶାହ ଅବସରରେ ଧାମନଗର ବ୍ଲକ୍ କାଞ୍ଜିଆପାଳସ୍ଥିତ ତାଙ୍କ ଜନ୍ମମାଟିଠାରେ ଏକ ଭାବପୂର୍ଣ୍ଣ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାର ପ୍ରାରମ୍ଭରେ ବେଦ ଶାସ୍ତ୍ରୀ ପଣ୍ଡିତ ସୁଧାକର ଖୁଣ୍ଟିଆ ବେଦପାଠ କରି ପରିବେଶକୁ ଅଧ୍ୟାତ୍ମ୍ୟ କରିଥିଲେ। ଏହି ସଭାରେ ଯୋଗଦେଇଥିବା ଅତିଥିମାନେ ସ୍ୱର୍ଗତ ଦାସଙ୍କ ଜୀବନୀ ଓ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ମଦନ ବାବୁ ଜଣେ ନିର୍ଭୀକ ସାମ୍ବାଦିକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ସର୍ବଦା ସତ୍ୟ ଓ ନ୍ୟାୟ ମାର୍ଗରେ ଚାଲିବା ସହ ସରକାରୀ ଯୋଜନାର ସଫଳ ରୂପାୟଣ ଓ ସ୍ୱଚ୍ଛତା ପାଇଁ ଜଣେ ସୁରକ୍ଷାକର୍ତ୍ତା ସଦୃଶ କାର୍ଯ୍ୟ କରୁଥିଲେ। ନିଜ ଅଞ୍ଚଳ ତଥା ଗାଁର ବିକାଶ ପାଇଁ ସେ ସର୍ବଦା ଚିନ୍ତାଶୀଳ ଥିଲେ। ତାଙ୍କର ବିୟୋଗ ଧାମନଗର ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଧାମନଗର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ନେତା ପ୍ରତାପ ସାମଲ, ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ଚନ୍ଦ୍ର ମାଝୀ, ଅମିୟ ମହାନ୍ତି, ନରୋତ୍ତମ ଯେନା, ସାମ୍ବାଦିକ ପ୍ରଦୀପ ମହାପାତ୍ର, କିଶାନ ରାଉତ, ରଜତ ପଣ୍ଡା ଓ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ଶିକ୍ଷାବିତ୍ ହୃଦାନନ୍ଦ କର, ମନୋଜ ଜେନା, ମଦନମୋହନ ପାଣିଗ୍ରାହୀ, ସମାଜସେବୀ ସେକ୍ ତାଜୁଦ୍ଦିନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଶୁଭେଚ୍ଛୁ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଦୋବଲ,୩୧।୩(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏକ ଆଦର୍ଶ ଶିକ୍ଷାନୁଷ୍ଠାନ। ଯାହା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମୂଳଭିତ୍ତି ରୂପରେ ଗ୍ରହଣ କରି ଶିକ୍ଷାଦାନ କରି ଆସୁଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ବୋଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଧାମନଗର ବ୍ଲକ୍ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆଶିଷ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ "ବେଦପିୟୁଷ" ସମ୍ପାଦକ ତଥା ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ଉପସଭାପତି ଗୋପାଳ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିରାକାର ଦାଶ ଅତିଥି ପରିଚୟ ଓ ସମ୍ପାଦକ ଗଦାଧର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଷଣ କରାଯାଇଥିଲା।

## ନିଖିଳ ଉତ୍କଳ ଗୋଲା ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ

ଭଦ୍ରକ,୩୧।୩(ସମିସ): ଭଦ୍ରକ ଜିଲ୍ଲା ଲକ୍ଷ୍ମୀନାରାୟଣ ଗୋଲା ମହାସଂଘ ଆନୁକୂଲ୍ୟରେ ଇଚ୍ଛାପୁର ନିକଟ ଭବାନୀବିନ୍ଧା ଗଣେଶ ମଣ୍ଡପରେ ନିଖିଳ ଉତ୍କଳ ଗୋଲା ସମାଜର ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଯଶୋବନ୍ତ ବେହେରା ଅଧ୍ୟକ୍ଷତା କରିଥିବାବେଳେ ସଭା ସଞ୍ଚାଳନା କରିଥିଲେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରାଧ୍ୟାପକ ଶିବ ଚରଣ ଖାମୁରାଇ। ମୁଖ୍ୟ ଅତିଥି ଭାବେ "ବୋଲଗଡ଼ର ଇତିହାସ' ରଚୟିତା ସମାଜସେବୀ ରବିନ୍ଦ୍ର କୁମାର ପରିଡ଼ା ଯୋଗଦେଇ ଗୋଲା ଜାତି ଏକ କୃଷିଭିତ୍ତିକ ଜାତି, ଚାଷବାସ ହେଉଛି ସେମାନଙ୍କର ପ୍ରଧାନ ବୃତ୍ତି। ଧରିତ୍ରୀ ବକ୍ଷରେ ସୁନାର ଫସଲ ଉତ୍ପନ୍ନ କରି ମାଟିକୁ ଶସ୍ୟଶ୍ୟାମଳା କରିବା ସହ ଦେଶକୁ ଖାଦ୍ୟଶସ୍ୟ ଯୋଗାଣ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୋନପୁର ବିନିକାର ପ୍ରାକ୍ତନ ଅଧ୍ୟକ୍ଷ ଉଷତ୍ କର, ବିଶିଷ୍ଟ ଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ହରିହର ଦାସ, ସମ୍ମାନିତ ଅତିଥିଭାବେ ନୟାଗଡ଼ ଜିଲ୍ଲାରୁ ସମାଜସେବୀ ସ୍ନେହରଞ୍ଜନ ଜୟସିଂ, ସେବତୀ ପରିଡ଼ା, ଗଞ୍ଜାମରୁ ଜୟଦେବ ଜେନା, କଳାହାଣ୍ଡିରୁ ଜିତେନ୍ଦ୍ର ମହାନ୍ତି, ବାଲେଶ୍ୱରରୁ ଅଧ୍ୟାପକ ବିଜୟ ଘୋଷ, ନିରଞ୍ଜନ ଗିରି, ବଂଶୀଧର ଦାସ, ପ୍ରକୃତିବନ୍ଧୁ ବଳରାମ ବେହେରା, ଡ. ନୃସିଂହ ବେହେରା, କର୍ଣ୍ଣଚନ୍ଦ୍ର ଘଡ଼େଇ, ରେମୁଣା ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଧଡ଼ା, ଭଦ୍ରକ ଆଗରପଡ଼ାରୁ ଡ. ହୃଷୀକେଶ ଗିରି, କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ୨ଜଣ ମେଧାବୀ ତଥା ଗରିବ ଛାତ୍ରୀ ଭୂମିକା ପ୍ରିୟଦର୍ଶିନୀ ଓ ଦୀପାଂଶୀ ପାଲ, ୨ଜଣ ସଫଳ ମହିଳା ଚାଷୀ ଗଣେଶ ଖାମୁରାଇ ଓ ସରୋଜିନୀ ଖାମୁରାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଆରାଧ୍ୟ ଦେବତା ଶ୍ରୀଲକ୍ଷ୍ମୀନାରାୟଣ ଫଟୋଚିତ୍ରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଆଦର୍ଶ ଶିକ୍ଷକ ଦୁର୍ଯ୍ୟୋଧନ ଖାମୁରାଇ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

ବନ୍ତ/ଆଗରପଡ଼ା,୩୧।୩(ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଗଣିଜାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ବିନାୟକପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଟୁଟୁ କୁମାର ପାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ହରିହର ପାଣିଗ୍ରାହୀ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ଗଗନବିହାରୀ ଦାସ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଗନ ଦାଶ, ପ୍ରଧାନଶିକ୍ଷକ ଶିବାନନ୍ଦ ନାୟକ, ହାସିନପୁର ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ପଣ୍ଡା, ପ୍ରଧାନଶିକ୍ଷକ ପ୍ରତାପ ମହାପାତ୍ର, ପ୍ରଧାନଶିକ୍ଷକ ସତ୍ୟବ୍ରତ ଦେହୁରୀ, ପ୍ରଧାନଶିକ୍ଷକ ରବୀନ୍ଦ୍ର ଜେନା, ଶିକ୍ଷକ ଆଶିଷ ଜେନା, ନୀଳମାଧବ ଦାସ, କଳ୍ପନା ରାଉଳ, ପ୍ରଣତି ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ହେବା ଫଳରେ ପିଲାମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥାଏ ବୋଲି କହିଥିଲେ। ଆୟୋଜିତ ବିଭିନ୍ନ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ଶିକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ବିବରଣୀ ପଠନ ଓ ଅତିଥି ପରିଚୟ ଶିକ୍ଷକ ଜିତେନ୍ଦ୍ର ମିଶ୍ର, କମିଟି ସଦସ୍ୟ ତାରିଣୀ ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ମହେଶ୍ୱର ଦାସ, ବିଜୟ ଦାସ, ମହେନ୍ଦ୍ର ପରିଡ଼ା, କନକଲତା ଦାସ, ଲକ୍ଷ୍ମୀପ୍ରିୟା ସେଠୀ, ଆରତୀ ଦାସ, ଅହଲ୍ୟା ଦାସ, ଶ୍ରୀକାନ୍ତ ଦାସ, ରୀନାରାଣୀ ଦାସ, ଉତ୍ତମ ଦାସ, ହରେକୃଷ୍ଣ ରଣା, ଗୌରାଙ୍ଗ ଦାସ, ଶାନ୍ତିଲତା ବାରିକ୍, ପାଗିଳୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ନପଙ୍ଗରେ ବାର୍ଷିକ ବାଦୀପାଲା ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୩୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ନପଙ୍ଗ ପାଲା ପଡ଼ିଆରେ ଅନୁଷ୍ଠିତ ୪୪ତମ ବାର୍ଷିକ ବାଦୀପାଲା ମଙ୍ଗଳବାର ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖ ପବିତ୍ର ଶ୍ରୀରାମ ନବମୀରେ ଅଧିବାସ ପାଲା ଆରମ୍ଭ ହୋଇଥିଲା। ପାଲା ପଡ଼ିଆରେ କାରିଗର ବାବାଜୀ ସାମଲଙ୍କ ଦ୍ୱାରା ନିର୍ମିତ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ନରନାରାୟଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗାୟକ ଜ୍ଞାନ ବାରିଧି ଡ. କଳାକାର ନାୟକ ଓ ସାଥି ଏବଂ ଗାୟକ ବାଣୀ ଝଙ୍କାର ପ୍ରଦ୍ୟୁମ୍ନ କୁମାର ନନ୍ଦ ଓ ସାଥି ରାମାୟଣ କଥାବସ୍ତୁ, ନଳଦମୟନ୍ତୀ, ମହାଭାରତ, ପୁରାଣ କଥାବସ୍ତୁ ଆଧାରିତ ପାଲା ପରିବେଷଣ କରିଥିଲେ। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟକୃତୀ, ସଂସ୍କୃତ ସାହିତ୍ୟ ଆଦିର ପ୍ରାସଙ୍ଗିକ ପଂକ୍ତି ପରିବେଷଣ ସହ ଉଭୟ ଗାୟକଙ୍କ ମଧ୍ୟରେ ବ୍ୟାଖ୍ୟାଗତ ମତଭେଦ ବାଦୀପାଲାର ମହତ୍ତ୍ୱ ବୃଦ୍ଧି କରି ଦର୍ଶକଙ୍କ ପାଇଁ ରୁଚିକର ହୋଇଥିଲା। ପାଲା କମିଟି ସଭାପତି ପ୍ରଫୁଲ୍ଲ ନାୟକ, ସମ୍ପାଦକ ରସାନନ୍ଦ ନାୟକ, ମନୋରଞ୍ଜନ ନାୟକ, ଗୋବିନ୍ଦ ରାଉତ, ପ୍ରସନ୍ନ ନାୟକ, ଦାଶରଥି ରାଉତ, ନନ୍ଦକିଶୋର ଜେନା, ଲଳିତ ନାୟକ, ଉଦୟ ନାୟକ, ଦିଲ୍ଲୀପ ସାମଲ, କହ୍ନେଇ ପହି ପ୍ରମୁଖ ପାଲା ପରିଚାଳନା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା




ବନ୍ତ/ଆଗରପଡ଼ା,୩୧।୩(ସମିସ): ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ସହକାରୀ ଶିକ୍ଷକ ବିରେନ୍ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତଥା ଏଏଓ, ଭଦ୍ରକ ଗୀତା କୁମାରୀ ପରିଡ଼ା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ସହକାରୀ ଶିକ୍ଷକ ଶଦେନ୍ଦୁ ମିଶ୍ର, ସିଆର୍‌ସିସି ନିରଞ୍ଜନ ଖିଲାର, ସ୍କୁଲ ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଅଜିତ୍ ରାଉଳ ଅତିଥି ପରିଚୟ ଓ ଶିକ୍ଷକ କୈଳାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୀର୍ଘ ୩୦ ବର୍ଷ ଧରି ଶିକ୍ଷକତା କରିଆସୁଥିବା ସହକାରୀ ଶିକ୍ଷକ ଶ୍ରୀ ମିଶ୍ରଙ୍କ ସମେତ କୃଷ୍ଣଚନ୍ଦ୍ର ସାହୁ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ଜେନାଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବନଜିନି ନାୟକ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ସାଗରିକା ମହାନ୍ତି, ଭୀମସେନ ପାଲ, ବିଦ୍ୟୁତ୍‌ଲତା ଦାଶ, ରଞ୍ଜିତା ଶିଅଳ, ସାବିତ୍ରୀ ଦାଶ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଶିକ୍ଷା କର୍ମଚାରୀ ନିହାରିକା ପୃଷ୍ଟି, ପ୍ରକାଶ ରାଉତ, ଧନେଶ୍ୱର ଜେନା ପ୍ରମୁଖ ସହଯୋଗ କରିଥିଲେ।

### ଶ୍ରୀରାମ ବିଜୟା ଦଶମୀ ସଂକୀର୍ତ୍ତନ ଶୋଭାଯାତ୍ରା

# ୨୪ରୁ ଊର୍ଦ୍ଧ୍ୱ ମେଢ଼ ସାମିଲ୍; ଡିଜେ ଶବ୍ଦରେ କମ୍ପିଲା ସହର

ଧାମନଗର,୩୧।୩(ସମିସ)




ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଆୟୋଜିତ ପାଞ୍ଚଦିନ ବ୍ୟାପୀ ରାମନବମୀ ଉପଲକ୍ଷେ ଧାମନଗରରେ ବିଜୟା ଦଶମୀ ଶୋଭାଯାତ୍ରା ଧୁମ୍‌ଧାମରେ ଚାଲିଛି। ମେଡିକାଲ ବଜାରରୁ ଜୟନଗର, ବିଜୁ ପଟ୍ଟନାୟକ ଛକ ହୋଇ ବ୍ଲକ୍ ରାମ ମନ୍ଦିର ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଆକର୍ଷଣୀୟ ଆଲୋକ, ଗୈରିକ ପତାକା ଓ ତୋରଣରେ ଝଲସି ଉଠୁଛି। ୩୦ତାରିଖ ସୋମବାର ସନ୍ଧ୍ୟାରେ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ରାମ ମନ୍ଦିରରୁ ବିଭିନ୍ନ ଅଞ୍ଚଳରୁ ସୀତାଙ୍କ ସହ ହନୁମାନଙ୍କ ଆସିଥିବା ପ୍ରାୟ ୨୪ରୁ ଊର୍ଦ୍ଧ୍ୱ ସୁଦୃଶ୍ୟ ମେଢ଼ ଶୋଭାଯାତ୍ରାରେ ବାହାରି ଏଗୁଡ଼ିକ କ୍ଲବ୍ ଛକ, ଚୁନୁପଡ଼ା ଛକ, ସାନ ବଜାର, ବଡ଼ ବଜାର ଛକ, ମେଡିକାଲ ଛକ ଆଦି ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ମେଳଣ ପଡ଼ିଆସ୍ଥିତ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ପାରମ୍ପରିକକୁ ଭୁଲି ଡିଜେରେ ଝୁମିଲେ ଭକ୍ତ। ଏଥିରେ ସାଧୁସନ୍ଥ, ସାମାଜିକ ଓ ଆଧ୍ୟାତ୍ମିକ ଲୋକ ପ୍ରତିନିଧି ସହିତ ନେତୃମଣ୍ଡଳୀଙ୍କ ସମେତ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଗେରୁଆ ବସ୍ତ୍ର ପରିଧାନ କରି, ମୁଣ୍ଡରେ ଗେରୁଆ ଫିତା ଓ ପଗଡ଼ି ବାନ୍ଧି ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଜୟ ଶ୍ରୀରାମ ନାରାରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏଥି ପୂର୍ବରୁ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ବିଶ୍ୱ କଲ୍ୟାଣ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ସହ ରାବଣ ପୋଡ଼ି କାର୍ଯ୍ୟକ୍ରମ ହୋଇଥିଲା। ଏହି ଶ୍ରୀରାମ ବିଜୟା ଦଶମୀ ସଂକୀର୍ତ୍ତନ ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରପଞ୍ଚ ଅଶୋକ ପୁହାଣ, ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ବିଜେପି ନେତା ଶରତ ଚନ୍ଦ୍ର ମହାନ୍ତି, ମନୋରଞ୍ଜନ ମଲ୍ଲିକ, ଅରବିନ୍ଦ ପତି, ସନ୍ତୋଷ ଦାସ ଅଧିକାରୀ, ବିଜୟ ରାମ, ଶ୍ରୀଧର ବେହେରାଙ୍କ ସମେତ ବହୁ ଦଳୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ସେହିପରି ଜିଲ୍ଲା ପୁଲିସ ପ୍ରଶାସନ ତରଫରୁ ଏସ୍‌ପି ମନୋଜ କୁମାର ରାଉତ ଧାମନଗରଠାରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ୨ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଅରୂପ ଅଭିଷେକ ବେହେରା, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ସୁବ୍ରଜିତ ଦାଶଙ୍କ ସମେତ ଡିଏସ୍‌ପି ତିନି ଜଣ, ଇନ୍ସପେକ୍ଟର ୯ଜଣ, ସବ୍‌ଇନ୍ସପେକ୍ଟର ୫୪ ଜଣ ସହିତ ୧୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବାବେଳେ ଥାନାର ସମସ୍ତ ଅଧିକାରୀ ଓ ସହଯୋଗୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ବିଡିଓ ବନବିହାରୀ ଦିନ୍ଦା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ।

ସକାଳ
THE SAKALA



www.sakalaepaper.com

# ଆଜିଠୁ ବୀରମହାରାଜପୁର ଅଞ୍ଚଳରେ ଜନଗଣନା



**ବୀରମହାରାଜପୁର,୩୧।୩(ସମିସ):** ବୀରମହାରାଜପୁରର ଗ୍ରାମୀଣ ଅଞ୍ଚଳରେ ଅପ୍ରେଲ ୧ ତଥା ବୁଧବାରଠାରୁ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ। ଏନେଇ ଜନଗଣନା ଅଧିକାରୀ ଆଜି ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ବୀରମହାରାଜପୁର ତହସିଲଦାର ତଥା ଜନଗଣନା ସେନ୍ସସ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ଓ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜନ ଗଣନା ଉପରେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ। ସରକାରଙ୍କ ଯୋଜନା ଅନୁସାରେ ଅପ୍ରେଲ ୧ ତଥା ବୁଧବାରରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ଡିଜିଟାଲ ସ୍ୱ ଘର ଗଣନା ତାଲିକା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ପାଇଁ ଏକ ତାଲିମ ଶିବିର ଗତକାଲି ଶେଷ ହୋଇଛି। ତାଲିମ ପ୍ରାପ୍ତ ଜନଗଣନା ଅଧିକାରୀମାନେ ବୁଧବାରଠାରୁ ଘରକୁ ଘର ଯାଇ ଏହି କାର୍ଯ୍ୟ କରିବେ। ଏହି ପର୍ଯ୍ୟାୟରେ ହେବ ବୋଲି ଚାର୍ଜ ସେନ୍ସସ ଅଫିସର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ପରିବାର ମୁଖ୍ୟ ଦେବେ ୩୪ ପ୍ରଶ୍ନର ଉତ୍ତର

ପ୍ରତ୍ୟେକ ଘରର ମୁଖ୍ୟଙ୍କ ନାମରେ ଏକ ଆଇଡି ଖୋଲା ହେବ। ଏଥିରେ ପରିବାର ସମସ୍ତ ତଥ୍ୟ ରହିବ। ଏଥିପାଇଁ ୩୪ ଟି ପ୍ରଶ୍ନ ରହିଛି। ସେଗୁଡିକର ପରିବାର ମୁଖ୍ୟ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ତହସିଲଦାର ଅନୁରୋଧ କରିଛନ୍ତି।

ଅପ୍ରେଲ ୧୬ ଠାରୁ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇ ମେ ୧୫ ତାରିଖରେ ଶେଷ ଆଜିର ଏହି ଖବରଦାତା ସମ୍ମିଳନୀରେ ସାମ୍ବାଦିକ ରବୀନ୍ଦ୍ର ହୋତା, ଶତ୍ରୁଘ୍ନ ମେହେର, ଯୁଗଳ କିଶୋର ମିଶ୍ର, କିଶୋର ହୋତା, ନିଲକମଳ ମିଶ୍ର, ଶେଷଦେବ ବାରିକ୍, ରାଧାକାନ୍ତ ବାଗ, ସୁଧୀର ବିଶ୍ୱାଳ, ସତ୍ୟବାନ ପୁରୋହିତ, ମନୋରଂଜନ ଦାସଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲ୍ଲାଗସ୍ତରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର



**ବୌଦ୍ଧ,୩୧।୩(ସମିସ):** ବୌଦ୍ଧ ଜିଲ୍ଲା ଗସ୍ତେ ଆସିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର। ସମ୍ବଲପୁରରୁ ଆସି ରାଜସ୍ୱ କମିଶନର ଶ୍ରୀ ମହାପାତ୍ର ପ୍ରଥମେ ବୌଦ୍ଧ ସର୍କିଟହାଉସ୍ ଠାରେ ପହଞ୍ଚି ଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ଜିଲ୍ଲାପାଳ ବିଭୁତିଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଓ ଅନ୍ୟଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗ ଦୃଶ୍ୟମାନ ଦିବସ

**ତରଭା,୩୧।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ବା ତୃତୀୟ ଲିଙ୍ଗ ଦୃଶ୍ୟମାନ ଦିବସ ଜିଲ୍ଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସୁବର୍ଣ୍ଣପୁର ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟା ରଞ୍ଜିତା ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ସହାୟକ



ଜିଲ୍ଲାପାଳମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ କହିଥିଲେ, ତୃତୀୟ ଲିଙ୍ଗଙ୍କୁ ଆମେ ଗ୍ରହଣ କରିବା ନିହାତି ଆବଶ୍ୟକ। ଏହା ଦ୍ୱାରା ତାଙ୍କର ଆତ୍ମସମ୍ମାନ ବୃଦ୍ଧି ପାଇବା ସହିତ ସେମାନେ ସମାଜରେ ସମ୍ମାନ ପାଇପାରିବେ। ଏହି ଉପଲକ୍ଷେ ତୃତୀୟ ଲିଙ୍ଗର ବ୍ୟକ୍ତିଙ୍କୁ ସମ୍ମାନଜନକ ଶବ୍ଦରେ ସମ୍ବୋଧନ କରିବା ପାଇଁ ସୁପାରିଶ କରିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତୃତୀୟ ଲିଙ୍ଗ ବ୍ୟକ୍ତି ବିଶେଷଙ୍କ ସୁରକ୍ଷା ଆକ୍ଟ ୨୦୧୯ ବିଷୟରେ ଜିଲ୍ଲା ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟା ରଞ୍ଜିତା ସାହୁ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ଲିଙ୍ଗର ଚିହ୍ନଟ, ଲିଙ୍ଗ ପରିବର୍ତ୍ତନ, ଜୀବନ ସାଥି ଚୟନ, ପକ୍ଷପାତ ଓ ଦୁର୍ବ୍ୟବହାର ନିବାରଣ ସହିତ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ତୃତୀୟ ଲିଙ୍ଗର ବ୍ୟକ୍ତିବିଶେଷମାନେ ନିଜ ସମ୍ମାନ ସମାଜରେ ସ୍ଥାପନ କରି କିପରି ଉଚ୍ଚସ୍ତରକୁ ପହଞ୍ଚି ପାରିଛନ୍ତି ସେନେଇ ଆଲୋକପାତ କରିଥିଲେ।

# ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ତରଭା ୩୧।୩(ସମିସ):** ଉତ୍ତମ ଶିକ୍ଷା ହିଁ ଜୀବନରେ ପରିପୂର୍ଣ୍ଣତା ଆଣିଦିଏ। ତେଣୁ ମାନବିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦ୍ୱାରା ରାଷ୍ଟ୍ରବାଦୀ ନାଗରିକ ଗଢ଼ି ତୋଳିବା ପାଇଁ ବ୍ରତୀ ହେବାକୁ ତରଭା ବ୍ଲକ୍ ଦୁବୁଲା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିଗଣ ଏପରି କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବ 'ପ୍ରୟାସ'ରେ ମୁଖ୍ୟଅତିଥି ଭାବେ ତରଭା ଏଇଏସ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ମିନତି ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ ତୁଲୁଣ୍ଡା ସରପଞ୍ଚ ଉମା ସାହୁ, ମୁଖ୍ୟବକ୍ତା ଭାବେ ଦୁବୁଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅର୍ଜୁନ ନାଗ, ସମ୍ମାନିତ ଅତିଥି ଭାବେ ତୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ନନ୍ଦ, ପରିଚାଳନା କମିଟି ସଭାପତି ସଞ୍ଜୟ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ, ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ସମେତ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଆରାଧ୍ୟା ମିଶ୍ର, ନବୋଦୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଗୁଡଲି ସେନାପତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆର୍ଯ୍ୟାସ୍ମିତା ମିଶ୍ର, ବିକାଶ ଝାଙ୍କର, ଜସ୍ମିନ କୁଅଁର, ବ୍ଲକସ୍ତରୀୟ ସୁରଭିରେ ତୃତୀୟ ସ୍ଥାନ ରଖିଥିବା ଦଳର ସଦସ୍ୟ ଶାଳିନୀ ପଧାନ, ଆଦର୍ଶ ମିଶ୍ର, ପ୍ରିୟଦର୍ଶନୀ ପଧାନ, ଆକୃତି ମିଶ୍ର, ସ୍ୱାତୀରାଣୀ ପଧାନ, ପ୍ରିୟା ସେନାପତି, ଦିପସା ହେର୍ଣ୍ଣାଙ୍କୁ ସମ୍ମାନୀତ କରାଯାଇଥିଲା। ସେହିପରି ସର୍ବୋତ୍ତମ ଛାତ୍ରଛାତ୍ରୀ ଭାବେ ଶିଶୁବାଟିକା ପାଇଁ ଆରବ ସୁନା, ପ୍ରଥମ ଶ୍ରେଣୀର ରିହାନ ନନ୍ଦ, ଦ୍ୱିତୀୟ ଶ୍ରେଣୀ ପାଇଁ ଆଦିତି ସୁନା, ତୃତୀୟ ଶ୍ରେଣୀ ପାଇଁ ଅମିତ ସାହୁ, ଚତୁର୍ଥ ଶ୍ରେଣୀ ପାଇଁ ସୋହମ ସାହୁ, ପଞ୍ଚମ ଶ୍ରେଣୀର ଅମ୍ରିତା ମିଶ୍ର, ଷଷ୍ଠ ଶ୍ରେଣୀରେ ଅଭିଷେକ ସାହୁ, ସପ୍ତମ ଶ୍ରେଣୀ ପାଇଁ ମାନସ ମଲ୍ଲିକ ଓ ଅଷ୍ଟମ ଶ୍ରେଣୀ ପାଇଁ ଦୋଳଗୋବିନ୍ଦ ପଧାନଙ୍କୁ ପୁରସ୍କୃତ କରାଯାଇଥିଲା।

ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶାଳିନୀ ପଧାନଙ୍କୁ ବିଦ୍ୟାଳୟର ଶ୍ରେଷ୍ଠ ଭାବେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ପ୍ରାୟ ୨୦ଟି ଦଳ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ବରିଷ୍ଠ ଶିକ୍ଷୟିତ୍ରୀ ସୁନନ୍ଦା ବାବୁ, କମଳିନୀ ତ୍ରିପାଠୀ, ଯାଜ୍ଞସେନୀ ନାଗ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଗଣେଶରାମ ସାହୁ, ସତ୍ୟନାରାୟଣ ଭୋଇ, ସଦସ୍ୟା ବବିତା ମିଶ୍ର, ଭଗ୍ୟସିନି ମିଶ୍ର, ନଡର୍ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଳାଞ୍ଚଳ ଭୋଇ, ଦୁବୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ଛତ୍ରିଆ, ଝାରମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମ୍ପତ୍ତି ନାୟକ, ଫଲସାପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି କୁଅଁର, ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ ବାଦି, କମାସର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁବାସ ପଧାନ, ସତ୍ୟବ୍ରତ ବେହେରା, ତୁଲୁଣ୍ଡା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୁରେଶ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ତାଲପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ।

ଶିକ୍ଷକ ପ୍ରଦୀପ କୁମାର ବରାଳ ଓ ଭାରତୀ ବେହେରା ପୁରସ୍କାର ବିତରଣ କାର୍ଯ୍ୟ ତୁଲାଇଥିବା ବେଳେ ଶିକ୍ଷକ ଶିବ ଚରଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

**ବୀରମହାରାଜପୁର,୩୧।୩(ସମିସ):** ବୀରମହାରାଜପୁର ବ୍ଲକ୍ ଚମ୍ପାପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ପ୍ରତିଷ୍ଠାତା ବିକ୍ରମ୍ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତଥା ସାମ୍ବାଦିକା ସ୍ୱୟମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟ ଅତିଥି, ସାମ୍ବାଦିକ ସତ୍ୟବାନ ପୁରୋହିତ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧେଶ୍ୟାମ ପୁରୋହିତ, ଅବସର ପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଗୋପୀନାଥ ମହାକୁର ଓ ଶିକ୍ଷକ ଶୁରେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଓ ବକ୍ତାମାନେ ସ୍ୱାମୀ ବିବେକାନନ୍ଦ ସମାଜ ମଙ୍ଗଳ ପାଇଁ ଦେଇଥିବା ଅମୃତବାଣୀ ଉପରେ ଦିଗଦର୍ଶନ ଦେବା ସହ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷକ ସରୋଜ ପାତ୍ର



ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମେରିଡିଏନ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷା ସଙ୍ଗୀତା ରାଣୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ଆରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା




**ବୀରମହାରାଜପୁର,୩୧।୩(ସମିସ):** ବୀରମହାରାଜପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱିତୀୟ ବର୍ଷ ଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଆଶୁତୋଷ ହୋତା ସଭାପତିତ୍ୱ କରିଥିଲେ। କଲେଜର ସମସ୍ତ କର୍ମଚାରୀ ମଞ୍ଚାସୀନ ଥିଲେ। ଭବିଷ୍ୟତରେ କିପରି ସବୁ ଛାତ୍ରୀ ଉତ୍ତମ ନାଗରିକ ହିସାବରେ ପ୍ରତିଷ୍ଠିତ ହେବେ ଏବଂ ନିଜର ପରିବାର ତଥା ସମାଜର ଉନ୍ନତିରେ ସହାୟକ ହେବେ ସେ ଦିଗରେ ଚେଷ୍ଟା କରିବା ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉଭୟ ବର୍ଷର ଛାତ୍ରୀମାନେ କଲେଜରେ ନିଜନିଜ ଅନୁଭୂତି କହିଥିଲେ। ସଭା ପୂର୍ବରୁ ବିଦାୟୀ ଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ହାତ ବଢାଇଲା ବିଡିପିଏଲ

**ବୌଦ୍ଧ,୩୧।୩ (ସମିସ):** ବୌଦ୍ଧ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି। ଅନେକ ଗରିବ ପିଲାଙ୍କ ଶିକ୍ଷା ଅଧାରେ ବାଟ ହୁଡୁଛି। ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଡିପିଏଲ ଭଳି ଅନୁଷ୍ଠାନ ସହଯୋଗର ହାତ ବଢାଇଛି। ଏହି ଅନୁଷ୍ଠାନ ପକ୍ଷରୁ ଅନେକ ବିଦ୍ୟାଳୟରେ ପାନୀୟଜଳ ସୁବିଧା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଛି। ବେଞ୍ଚ ଓ ଡେସ୍କ ପ୍ରଦାନ କରାଯାଇଛି। ଏୟାରକୁଲର ପ୍ରଦାନ କରାଯାଇଛି। ସର୍ବୋପରି ଗୁଣାତ୍ମକ ଶିକ୍ଷାଦାନ ପାଇଁ ଏଲଇଡି ବୋର୍ଡ ମଧ୍ୟ ପ୍ରଦାନ କରାଯାଇଛି। ଜିଲ୍ଲାର ବିକାଶ ଆନ୍ଦୋଳନକୁ ଏକ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରିଛି।




ବିଡିପିଏଲ ପକ୍ଷରୁ ଶିକ୍ଷା ଭିତ୍ତିଭୂମିର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ନେଇ ନିର୍ଦ୍ଦେଶକ ରିତେଶ ସାହୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି। ରାମ୍ପିକଟା, ବରଝୁଲି, ଭରତାପୁର, ହରେକୃଷ୍ଣପୁର, ଶ୍ୟାମସୁନ୍ଦରପୁର, ଫକୀରପୁର, ପୁରୁଣାକଟକ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଓ ବୁଟୁପାଲି ସେବା ବିହାରକୁ ବିଭିନ୍ନ ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଡିପିଏଲର ନିର୍ଦ୍ଦେଶକ ରାଜୁ ପ୍ରସାଦ ଓ ୟୁନିଟ ହେଡ୍ କେ. ଦେବେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

● ଚର୍ଚ୍ଚାରେ ୭୭ ବର୍ଷୀୟ ବିନାୟକ ମେହେର

# ଉତ୍କଳ ଦିବସ ପାଇଁ ପ୍ରସ୍ତୁତ କରିଛନ୍ତି 'ଉତ୍କଳ କୀରତି'

**ବୀରମହାରାଜପୁର,୩୧।୩(ସମିସ):** ବୀରମହାରାଜପୁର ବ୍ଲକ୍ ଅନ୍ତର୍ଗତ ସୁବଳୟା ପଞ୍ଚାୟତ ଟିକ୍ରାପଡ଼ା ଗ୍ରାମର ବିନାୟକ ମେହେର ଉତ୍କଳ ଦିବସ ପାଇଁ ଏକ ସ୍ୱତନ୍ତ୍ର ସମ୍ବଲପୁରୀ ଶାଢ଼ୀ ବାନ୍ଧ କାମରେ 'ଉତ୍କଳ କୀରତି' ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି। ଦୀର୍ଘ ଦେଢ଼ ମାସ କଠିନ ପରିଶ୍ରମ କରି ସେ ଏହାକୁ ପ୍ରସ୍ତୁତ କରିଛନ୍ତି। ଏହି ଶାଢୀରେ ଅନେକ ମନ୍ଦିର ଓ ଦର୍ଶନୀୟ ସ୍ଥାନ ସେ ଆଙ୍କି ଥିବା ଦେଖିବାକୁ ମିଳିଛି। ଆଙ୍କିଥିବା ବାନ୍ଧ କଳା ମଧ୍ୟରେ ବଡଦେଉଳ ପୁରୀ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ବିରଜା ମନ୍ଦିର, କୋଣାର୍କ ଚକ୍ର. ଉଦୟଗିରି ଧଉଳି ପାହାଡ଼, ଖଣ୍ଡଗିରି ଘୁମରା ଲୋକାନୃତ୍ୟ, ବାରବାଟୀ ଦୁର୍ଗ ଓ ପାଇକ ଲଢେଇ ଇତ୍ୟାଦି ଶାଢୀରେ ସ୍ଥାନ ଦେଇ ତିଆରି କରିବା ପାଇଁ ପ୍ରାୟ ଦେଢ଼ମାସ ସମୟ ଲାଗିଥିଲା। ଶାଢ଼ୀ ତିଆରି କରିଥିବା ବିନାୟକ ମେହେର ଗତ ସରକାରରେ ୨୦୧୭ ମସିହାରେ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ପାଇଥିବା ଜଣାଯାଇଛି। ଏହି ବର୍ଷିଆନ ଶାଢ଼ୀ ବୁଣାକାରଙ୍କୁ ବିଭିନ୍ନସ୍ତରରୁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି।



# ମରୁଭୂମିର ଭ୍ରମ ସୃଷ୍ଟି କରୁଛି ସାଲୁଙ୍କି

**ବୌଦ୍ଧ,୩୧।୩(ସମିସ):** ବୌଦ୍ଧ ଜିଲ୍ଲା ଜଳସମ୍ପଦରେ ପରିପୂର୍ଣ୍ଣ। ଜିଲ୍ଲା ଦେଇ ମହାନଦୀ, ତେଲନଦୀ, ସାଲୁଙ୍କି ଓ ବାଘନଦୀ ପ୍ରମୁଖ ପ୍ରବାହିତ ହେଉଛି; ହେଲେ ନଦୀଗୁଡ଼ିକରେ ଜଳ ସଂରକ୍ଷଣର କୌଣସି ବ୍ୟବସ୍ଥା ନ ଥିବାରୁ ଅନେକ ଜଳ ବେକାର ଯାଉଛି। ତେଣୁ ଜିଲ୍ଲାର ଚାଷୀ ଚାଷ ପାଇଁ ଋତୁକାଳୀନ ବର୍ଷା ଉପରେ ନିର୍ଭର କରୁଥିବାବେଳେ ଅନେକ ସମୟରେ ପାଣି ଅଭାବରୁ ମରୁଡ଼ିର ଶିକାର ହେଉଛନ୍ତି। ନଦୀ ଗୁଡ଼ିକ ବର୍ଷା ୪ମାସ ଛାଡ଼ିଦେଲେ ବାକି ସମୟ ଶୁଷ୍କ ରହୁଥିବାରୁ ନଦୀ କୂଳରେ ଥିବା ଗାଁ ଗୁଡିକ ଜଳକଷ୍ଟ ଭୋଗୁଛନ୍ତି। ଗ୍ରୀଷ୍ମ ଆରମ୍ଭରୁ ଏବେ ଜିଲ୍ଲାଦେଇ ପ୍ରବାହିତ ହେଉଥିବା ସାଲୁଙ୍କି ନଦୀ ଶୁଷ୍କ ହୋଇପଡ଼ିଛି। ନଦୀକୁ ଦେଖିଲେ କୌଣସି ଏକ ମରୁଭୂମିରେ ଏକ ଜଳଧାର ପ୍ରବାହିତ ହେଉଥିବା ପ୍ରତୀତ ହେଉଛି। ଏହି ନଦୀ କନ୍ଧମାଳ ଜିଲ୍ଲା ଦେଇ ଆସି ଥିବାବେଳେ ବୌଦ୍ଧ ଜିଲ୍ଲାରେ ପ୍ରାୟ ୪୦କିମି ପର୍ଯ୍ୟନ୍ତ ପ୍ରବାହିତ ହୋଇ ମର୍ଯ୍ୟାଦପୁର ମହାନଦୀରେ ମିଶିଛି। ଟିକରପଡ଼ା, ବଘିଆପଡ଼ା, ବ୍ରାହ୍ମଣୀପାଲି, ବଡ଼ିଗାଁ, ମୁଣ୍ଡାପଡ଼ା, ଖୁଣ୍ଟବନ୍ଧ ଆଦି ପଞ୍ଚାୟତର ଏରଡ଼ା, ଜାମୁପାଲି, ଇସିରିସିଙ୍ଗା, ଖୁଣ୍ଟିଆପଡ଼ା, ନୂଆପାଲି, ଓଲଣ୍ଡା, ଖମାରୀପଡ଼ା, କମିରା,ପଦ୍ମନପୁର, ଚରଦା, ବଲାସିଙ୍ଗା, ମର୍ଜାପୁର, ଗିରାସିଙ୍ଗା ଆଦି ଅନେକ ଗ୍ରାମ ସାଲୁଙ୍କି ନଦୀ କୂଳରେ ରହିଛି। ଗ୍ରାମବାସୀ ପାନୀୟଜଳ ତଥା କୃଷି କାର୍ଯ୍ୟ ପାଇଁ ସାଲୁଙ୍କି ନଦୀ ଉପରେ ନିର୍ଭର କରିଥାନ୍ତି। ପାଲଝାର ଡ୍ୟାମ୍ ଆଗକୁ ଜଙ୍ଗଲ ଦେଇ ବୋହି ଆସିଥିବା ସାଲୁଙ୍କି ନଦୀର ଉଭୟ ପାଶ୍ୱର୍ରେ ବେଆଇନ ଗଞ୍ଜେଇ ଚାଷ ହେଉଥିବାରୁ ମାଫିଆ ପାଣି ପମ୍ପ ଯୋଗେ ପାଣି ମଡ଼ାଇଥାନ୍ତି। ଏହାଫଳରେ ଦୀର୍ଘ ୫/୬ ବର୍ଷ ହେଲାଣି ପାଣି ସମସ୍ୟା ଦେଖା ଦେଇଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାବେଳେ ନଦୀ ଶୁଷ୍କ ହୋଇଗଲାଣି। ତେଣୁ ନଈକୂଳିଆ ଗ୍ରାମବାସୀ ଆଗକୁ ଜଳକଷ୍ଟ ଭୋଗିବା ଆଶଙ୍କା ଜଳ ଜଳ ଦିଶୁଛି। ବର୍ତ୍ତମାନ ସାଲୁଙ୍କି ନଦୀରେ ବଘିଆପଡ଼ା ପଞ୍ଚାୟତର ପାଲଝାର ଡ୍ୟାମ ପର୍ଯ୍ୟନ୍ତ ପାଣି ରହୁଥିବାବେଳେ ବାକି ଅଂଶ ଶୁଖୁଲା ପଡ଼ିଛି। ଏହାଫଳରେ ସାଲୁଙ୍କି ନଦୀ ତଳ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗାଧୋଇବା ପାଇଁ ମଧ୍ୟ ପାଣି ପର୍ଯ୍ୟାପ୍ତ ନ ଥିବାରୁ ଚୁଆ ଖୋଳି ଗାଧୋଇବା ସହ ପାଣି ସଂଗ୍ରହ କରୁଛନ୍ତି।



# ମାସେ ହେଲା ନଳକୂପ ଅଚଳ: ହନ୍ତସନ୍ତ ଗ୍ରାମବାସୀ

**ଶଗଡ଼ା,୩୧।୩ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଲଏଡ଼ା ଗ୍ରାମ ପାଠାଗାର ନିକଟରେ ଥିବା ନଳକୂପର ଚେନ୍ ଛିଣ୍ଡି ଯାଇଥିବାରୁ ଦୀର୍ଘ ଏକ ମାସ ହେବ ଅଚଳ ହୋଇ ପଡ଼ି ରହିଛି। ଏଣୁ ଗାଁର ୪୦ ପରିବାର ୧୦୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପରେ ଲୋକେ ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ। ହେଲେ ଏକ ମାସ ବିତି ଯାଇଥିଲେ ସୁଦ୍ଧା ନଳକୂପ ମରାମତି ନ ହେବା ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏକ ମାସ ହେବ ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ଦପଲା ପଞ୍ଚାୟତ ଯୁରୁମୁଣ୍ଡା ଗ୍ରାମରେ ଥିବା ନଳକୂପ ଦୀର୍ଘ ୫ଦିନ ହେଲା ଅଚଳ ହୋଇ ପଡ଼ିଛି। ଯାହାଫଳରେ ୨୫ ପରିବାରର ୭୦ ଜଣ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଳକୂପ ଅଚଳ ହେବା ହେବା ଫଳରେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



## କାମକୁ ଆସୁନି ଗଭୀର ନଳକୂପ; ଲାଭ ପାଉନି ଚାଷୀ

# ମିଟର ଲାଗୁନି; ଅଭିଯୋଗ ଶୁଣୁନି ବିଭାଗ

**ଶଗଡା,୩୧।୩(ସମିସ):** ସରକାର ଚାଷୀ ଓ ଚାଷ ପାଇଁ ମାଳମାଳ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ସରକାରଙ୍କ ସମସ୍ତ ଯୋଜନା ଚାଷୀଙ୍କ କ୍ଷେତ୍ରରେ ଏକ ପ୍ରକାର ପ୍ରହସନ ପାଲଟିଥିବା ଅଭିଯୋଗ ହୋଇଛି। କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ବାଞ୍ଜୀମୁଣ୍ଡା ଗ୍ରାମର ୫ଜଣ ଚାଷୀ ୨୦୧୯ ମସିହାରେ ବିଜୁ କୃଷକ ବିକାଶ ଯୋଜନାରେ ୨୦ ହଜାର ଟଙ୍କା ଅଗ୍ରୀମ ଦେଇ ନିଜ ଚାଷ ଜମିରେ ଗଭୀର ନଳକୂପ ଖନନ କରିଥିଲେ। ୨୦୨୪ ମସିହାରେ ନଳକୂପରେ ବିଦ୍ୟୁତ୍ ସଂଯୋଗ ଦିଆ ଯାଇଥିଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ବିଭାଗ ପକ୍ଷରୁ ମିଟର ଲଗାଯାଇ ନାହିଁ। ଅଣ ଜଳସେଚିତ ଜମିରେ ଅଧିକ ଚାଷ କରି ଲାଭବାନ ହୋଇ ପରିବାର ଚଳାଇବା ଆଶା ନେଇ ଚାଷୀ ଏହି ବୋରୱେଲ ଖନନ କରିଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀ ବୋରୱେଲରେ ବିଦ୍ୟୁତ ମିଟର ଲାଗି ନ ଥିବା ଅଭିଯୋଗ କରିଛନ୍ତି। ମିଟର ନ ଥିବା ଫଳରେ ଚାଷୀ ଚାଷ କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ ବିଭାଗର ଅବହେଳାକୁ ଚାଷୀ ଦାୟୀ କରିଛନ୍ତି। ଏନେଇ ଚାଷୀ ବାରମ୍ବାର ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି; କିନ୍ତୁ ସୁଫଳ ମିଳି ନ ଥିବା କହିଛନ୍ତି। ଘନଶ୍ୟାମ ମହାକୁଡ଼, ପରମାନନ୍ଦ ମହାକୁଡ଼, ଅନାଦି ସିକ୍କା, କମଳ୍ପ ସିଂ, ଭାଗ୍ୟ ମଲ୍ଲିକ ପ୍ରମୁଖ ଚାଷୀ ଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ। ୧୫ ଦିନରେ ଗଭୀର ନଳକୂପଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।



# ଓଲମରା -ଲୁହାପଡା ମୁଖ୍ୟ ରାସ୍ତା ମରଣଯନ୍ତା

ଜଳେଶ୍ୱର ବ୍ଲକ, ୩୧।୩ (ସମିସ): ରାଇବଣିଆର ମୁଖ୍ୟ ରାସ୍ତା କହିଲେ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଲୁହାପଡ଼ାଠାରୁ ଓଲମରା ପର୍ଯ୍ୟନ୍ତ ରାସ୍ତାକୁ ବୁଝାଇ ଥାଏ। ରାଇବଣିଆ ଅଞ୍ଚଳରେ ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ଏହି ରାସ୍ତା ପ୍ରଥମେ ହସ୍ତାନ୍ତର ହୋଇ ଆଜକୁ ୭ ବର୍ଷ ପୂର୍ବେ ୫ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଥିଲା। ଏହି ରାସ୍ତା ଦେଇ ବାଲେଶ୍ୱର, ଭୁବନେଶ୍ୱର, ବାରିପଦା, ପର୍ଯ୍ୟନ୍ତ ବସ୍ ,ଟ୍ରକ, ଓ ସମସ୍ତ ବଡ଼ ଗାଡ଼ିର ଯିବା ଆସିବାର ମୁଖ୍ୟ ଧାରା ହୋଇଥିବା ସତ୍ତ୍ୱେ ରକ୍ଷଣାବେକ୍ଷଣ ଅଭାବ ହେତୁ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ଖାଲଖମାରେ ଭରିଯାଇଛି। ସ୍ଥାନୀୟ ଲୋକେ ପୂର୍ତ୍ତ ବିଭାଗକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି।



# ଚାଷୀଙ୍କ ସମସ୍ୟା ଶୁଣିଲେ ବିଧାୟକ

ଖଇରା, ୩୧।୩ (ସମିସ): ଖଇରା ବ୍ଲକରେ ବିଭିନ୍ନ ସେବା ସମବାୟ ସମିତିରେ ଧାନ କିଣା ନେଇ ବହୁ ସମସ୍ୟାରେ ଚାଷୀ ରହିଛନ୍ତି। ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡା କୁରୁଣ୍ଟା ବଜାରରେ ଚା ପେ ଚର୍ଚ୍ଚା ବେଳେ କୁରୁଣ୍ଟା ପଞ୍ଚାୟତ କିଛି ଚାଷୀ ମାନେ ପହଁଚି ବିଧାୟକ ଶ୍ରୀ ପଣ୍ଡାଙ୍କୁ ମଣ୍ଡି ରେ ଧାନ ଦେଇ ପାରୁନଥିବା ନେଇ ଦୁଃଖ ଜଣାଇଥିଲେ। ବିଧାୟକ ଚାଷୀଙ୍କ ଦୁଃଖ ଶୁଣି ସଙ୍ଗେ ସଙ୍ଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ କୁରୁଣ୍ଟା ମଣ୍ଡିରେ ଟାର୍ଗେଟ ନଥିବା ସହିତ ଶୀଘ୍ର ମିଲରଙ୍କୁ ଟାର୍ଗେଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ କଥା ହେବା ପରେ କୁରୁଣ୍ଟା ସମିତି କୁ ବାସୁଦେବ ମିଲର ୧୫ଶହ କୁଇଣ୍ଟାଲ ଓ ସଖୀ ମିଲରକୁ ୮୦୦ଶହ କୁଇଣ୍ଟାଲ ପ୍ରଦାନ କରାଯାଇଛି। କୁରୁଣ୍ଟା ସମିତିରେ ୨୩୦ ଜଣ ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଥିବାବେଳେ ଆଉ ଟାର୍ଗେଟ ଖୁବ୍‌ଶୀଘ୍ର ଦିଆଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

# ମା' ଶୀତଳାଙ୍କ ସପ୍ତଦିନାତ୍ମକ ପୂଜା

ବାଲେଶ୍ୱର, ୩୧।୩ (ସମିସ): ରେମୁଣା ଅଞ୍ଚଳର ସର୍ବ ପୁରାତନ ପୂଜା ମା'ଶୀତଳା ଦେବୀଙ୍କ ସପ୍ତଦିନାତ୍ମକ ସାମ୍ବତ୍ସରିକ ପୂଜା ଉତ୍ସବ ତେନ୍ତୁଳିଦା ପଞ୍ଚାୟତ ସୋନ ନଦୀ କୂଳରେ ଅବସ୍ଥିତ ଐତିହାସିକ ଗ୍ରାମ ବାଇତବାଙ୍କରେ ଆରମ୍ଭ ହୋଇଛି। ଆଜି ପ୍ରାତଃରୁ ମା'ଙ୍କ ଆସ୍ଥାନ କାକବରାଇ ଗ୍ରାମରୁ ଏକ ସୁସଜ୍ଜିତ ବିମାନରେ ଅଣାଯାଇ ସକାଳ ସକାଳ ୯ଟାରେ ଗ୍ରାମରେ ପହଞ୍ଚାଯାଇଥିଲା। ଗ୍ରାମ ମୁଣ୍ଡରେ ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଶଙ୍ଖ, ହୁଳହୁଳି, ବାଜା ଏବଂ କୀର୍ତନରେ ସ୍ୱାଗତ କରିବାସହ ସହ ଗ୍ରାମ ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଗ୍ରାମବାସୀ ମା'ଙ୍କୁ ବିଭିନ୍ନ ପ୍ରକାର ଓ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ଗ୍ରାମର ମଧ୍ୟ ଭାଗରେ ଥିବା ମଣ୍ଡପରେ ମା'ଙ୍କୁ ସ୍ଥାପନ କରାଇଯାଇ ଘଟ ଉତ୍ତୋଳନ କରାଯାଇ ନିତ୍ୟାନ୍ତି ପୂଜା ଆରମ୍ଭ ହୋଇଛି। ସନ୍ଧ୍ୟାରେ ମା'ଙ୍କ ପ୍ରସିଦ୍ଧ ଆରତୀ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା।



# ଜିଲ୍ଲାରେ ସୁରକ୍ଷିତ ନୁହନ୍ତି ସରକାରୀ ବାବୁ

ବାଲେଶ୍ୱର, ୩୧।୩(ସମିସ)

ବାଲେଶ୍ୱର ଜିଲ୍ଲାରେ ସରକାରୀ ଅଧିକାରୀଙ୍କୁ ଆକ୍ରମଣ ବଢ଼ିବାରେ ଲାଗିଛି। ଯାହାଫଳରେ ସରକାରୀ ବାବୁମାନେ ସୁରକ୍ଷିତ ନୁହଁନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ବିଧାନସଭାରେ ରଖିଥିବା ଲିଖିତ ଉତ୍ତର ଜିଲ୍ଲା ପୁଲିସ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ଦୁଇବର୍ଷରେ ମୋଟ ୧୨୮୬ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ରହିଛି ୧୫୪ଟି ମାମଲା।

୨୦୨୪ମସିହାରେ ଜିଲ୍ଲାର ବିଭିନ୍ନ ଥାନାରେସରକାରୀଅଧିକାରୀମାନଙ୍କ ଉପରେ ହୋଇଥିବାଆକ୍ରମଣକୁ ନେଇ ୭୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୮୧ଟି ମାମଲା ରୁଜୁ ହୋଇଛି। ତେବେ ଏହାକୁ ମିଶାଇ ମୋଟ ୧୫୪ଟି ମାମଲା ରୁଜୁ ହୋଇଥିବା ଜଣାଯାଇଛି। ବିଶେଷ କରି ଶିଳ୍ପାଂଚଳ ଓ ସହରାଂଚଳ ଅର୍ଥାତ ଟାଉନ, ସଦର ଏବଂ ସହଦେବଖୁଂଟା ଥାନା ଅଧିନରେ ଥିବା ଅଂଚଳ ଗୁଡିକରେ ସରକାରୀ କାର୍ଯ୍ୟାଳୟ ଅଧିକ ରହିଛି। ଏଠାରେ ଅଧିକାରୀମାନଙ୍କୁ ଧମକ କିମ୍ବା ଆକ୍ରମଣ ହେବା ପୁଲିସର ତଦାରଖ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡା ସୀମାନ୍ତ ଓ ଉପକୂଳ ଅର୍ଥାତ ବାଲିଆପାଳ, ଭୋଗରାଇ ଏବଂ ଜଳେଶ୍ୱର ଭଳି ଥାନା ଗୁଡିକରେ ବାଲି ମାଫିଆ, ପଥର ମାଫିଆ ଏବଂ ବ୍ରାଉନସୁଗାର ମାଫିଆମାନଙ୍କ କାରବାର ବୃଦ୍ଧି ପାଉଛି। ଏହାର ଚଢ଼ଉ ବେଳେ ପ୍ରଶାସନିକ ଅଧିକାରୀମାନେ ଆକ୍ରମଣର ଶିକାର ହେଉଛନ୍ତି। ଦୁଇ ବର୍ଷ ମଧ୍ୟରେ ୧୫୪ଟି ମାମଲାକୁ ଦେଖିଲେ ପୁଲିସ ପ୍ରତି ଅପରାଧୀଙ୍କ ଭୟ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। ବିଶେଷ କରି ବାଲି ମାଫିଆ, ଗୋ ଚାଲାଣକାରୀ ଏବଂ ନିଶା ବେପାରୀଙ୍କ ନେଟୱର୍କ ଏବେ ସକ୍ରିୟ ଯେ ସେମାନେ ବାଟରେ ଆସୁଥିବା ତହସିଲଦାର, ଆରଆଇ କିମ୍ବା ପୁଲିସ ଅଧିକାରୀମାନଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି। ଏହାଛଡା ଖଣି ବିଭାଗର କର୍ମଚାରୀମାନେ ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଡ ଖାଉଥିବା ଦେଖିବାକୁ ମିଳିଛି।

**ଦୁଇବର୍ଷରେ ରୁଜୁ ହୋଇଛି ୧୫୪ ମାମଲା**

୨୦୨୪ମସିହାରେ ଟାଉନ ଥାନାରେ ୧୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ସେହିପରି ସହଦେବଖୁଂଟା ଥାନାରେ ୨୦୨୪ମସିହାରେ ୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ସଦର ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୫ଟି ମାମଲା ରୁଜୁ ହୋଇଛି। ଖନ୍ତାପଡା ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୫ଟି ମାମଲା ରୁଜୁ ହୋଇଛି। ଗୋପାଳପୁର ଥାନାରେ୨୦୨୪ମସିହାରେ ୪ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ଶିଳ୍ପାଂଚଳ ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୩ଟି ମାମଲା ରୁଜୁ ହୋଇଛି। ସୋର ଥାନାରେ ୨୦୨୪ମସିହାରେ ୯ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୯ଟି ମାମଲା ରୁଜୁ ହୋଇଛି। ସିମୁଳିଆ ଥାନାରେ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୯ଟି ମାମଲା ରୁଜୁ ହୋଇଛି। ଚାନ୍ଦିପୁର ଥାନାରେ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ବଳରାମଗଡି ମେରାଇନ ଥାନାରେ ୨୦୨୪ମସିହାରେ ଗୋଟିଏବି ମାମଲା ରୁଜୁ ହୋଇନଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ବସ୍ତା ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୪ଟି ମାମଲା ରୁଜୁ ହୋଇଛି। ରୁପସା ଥାନାରେ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ସିଂଲା ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ବାଲିଆପାଳ ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୩ଟି ମାମଲା ରୁଜୁ ହୋଇଛି। କଶାଫଳ ମେରାଇ ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ଗୋଟିଏ ବି ମାମଲା ରୁଜୁ ହୋଇ ନାହିଁ। ଜଳେଶ୍ୱର ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ଭୋଗରାଇ ଥାନାରେ ୨୦୨୪ମସିହାରେ ୪ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ମାମଲା ରୁଜୁ ହୋଇନାହିଁ। କମର୍ଦ୍ଦା ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୩ଟି ମାମଲା ରୁଜୁ ହୋଇଛି। ସରାଇବଣିଆ ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୫ଟି ମାମଲା ରୁଜୁ ହୋଇଛି। ତାଳସାରୀ ମେରାଇନ ଥାନାରେ ୨୦୨୪ମସିହାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି। ସହଦେବଖୁଣ୍ଟା ଥାନାରେ ୨୦୨୪ମସିହାରେ ୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ନୀଳଗିରି ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୬ଟି ମାମଲା ରୁଜୁ ହୋଇଛି। ରେମୁଣା ଥାନାରେ ୨୦୨୪ମସିହାରେ ୬ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ ମସିହାରେ ୨ଟି ମାମଲା ରୁଜୁ ହୋଇଛି। ଖଇରା ଥାନାରେ ୨୦୨୪ମସିହାରେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୨ଟି ମାମଲା ରୁଜୁ ହୋଇଛି। ବରହମପୁର ଥାନାରେ୨୦୨୪ମସିହାରେ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ୨ଟି ମାମଲା ରୁଜୁ ହୋଇଛି। ଔପଦା ଥାନାରେ ୨୦୨୪ମସିହାରେ ୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୫ମସିହାରେ ୧ଟି ମାମଲା ରୁଜୁ ହୋଇଛି।

ଏ ନେଇ ଏସପି ପ୍ରତ୍ୟୁଷ ଦିୱାକର କହିଛନ୍ତି ଯେ ଏହି ମାମଲା ଗୁଡିକ ଉପରେ ତଦନ୍ତ କରାଯାଉଛି ଏବଂ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାଛଡା କିଛି ଜଣଙ୍କୁ ଗିରଫ କରାଯାଇଥିବା ଆଉ କିଛି ନୋଟିସ ଦିଆଯାଇଛି।

# ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା ଶିବିର

ସୋର, ୩୧।୩ (ସମିସ): ସୋର ଗାନ୍ଧି ସେବା ସଂଘ ପୁରୁବାଇ କନ୍ୟାଶ୍ରମ ପରିସରରେ ସୋର ତାଲୁକ୍ ଆଇନ ସେବା କମିଟି ତରଫରୁ ନାଲସାର ନିର୍ଦ୍ଦେଶ କ୍ରମେ ଏକ ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରକାରୀ ଆଇନଜୀବୀ କାହ୍ନୁଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସୋର ଆଇନ ସହାୟତା କମିଟିର ସଭାପତି ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ମୀନାକ୍ଷୀ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପଲ୍ଲବୀ ଦାସ ଯୋଗଦେଇ କହିଲେ ଯେ ବାଲ୍ୟ ବିବାହ ମୁକ୍ତ ପାଇଁ କ୍ଷେତ୍ରରେ ଜନ ସଚେତନତା ଅତ୍ୟନ୍ତ ଜରୁରୀ। ପୁରୁବାଇ କନ୍ୟାଶ୍ରମର ସଂପାଦିକା ସୁମତି ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲିଗାଲ ଏଡ୍ ରିଟର୍ଣ୍ଣର ଭବ ଶଙ୍କର ଦାସ ଆଲୋଚନାରେ ଅଂଶ ଗ୍ରହଣ କରି ଆଇଗତ ସାମାଜିକ ଦିଗ ଉପରେ ଆଲୋଚନା କରିଥିଲେ। ଶେଷରେ ମହେଶ୍ୱର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୋର୍ଟ କର୍ମଚାରୀ ଜ୍ୟୋତି ପ୍ରକାଶ ସେଠୀ, ବିଶ୍ୱରଂଜନ ବାରିକ ଓ ସ୍ୱେଚ୍ଛାସେବୀ ସନତ ପାତ୍ର, ତପସ୍ୱିନୀ ପାତ୍ର, ଶଶିକାନ୍ତ କର, ସୁକାନ୍ତୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।







ଉତ୍କଳ ଦିବସ ଉପଲକ୍ଷେ ଜଳେଶ୍ୱର ଅଞ୍ଚଳର ବାଲୁକାଶିଳ୍ପୀ ଅଜୟ ଘୋଷଙ୍କ କଦଳୀ ପତ୍ରରେ କଳାକୃତି

# ଫିନିକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋର, ୩୧।୩ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଅଡଙ୍ଗ ବଜାରସ୍ଥିତ ଫିନିକ୍ସ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷା ଲିପସିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କ୍ୟାନ୍ସର ଆର୍କିଭିଷ୍ଟ ସ୍ୱାଗତିକା ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ଡ଼. ମୃତ୍ୟୁଞ୍ଜୟ ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ କ୍ରୀଡାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ପରିଚାଳକ ବିଭୁଦତ୍ତ ଦାସ ସହଯୋଗ କରିଥିଲେ।



# ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର, ୩୧।୩(ସମିସ): ସଦର ବ୍ଲକ ଅର୍ନ୍ତଗତ କଷାଫଳ ପଂଚାୟତର ସାହଛକ ଗ୍ରାମର ବଳରାମ ସରକାରୀ ଉପ୍ରା ବିଦ୍ୟାଳୟର ଶିଶୁ ସେବିକା ଚୟନରେ ଅନିୟମିତତା ହୋଇଥିବା ନେଇ ଆଜି କିଛି ଆବେଦନକାରୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଗତକାଲି ଅର୍ଥାତ ସୋମବାର ସେମାନଙ୍କ ବିଦ୍ୟାଳୟରେ ଶିଶୁ ସେବିକା ଚୟନ କାର୍ଯ୍ୟ ହୋଇଥିଲା। ଏହି ଚୟନ ପ୍ରକ୍ରିୟାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ମାଝୀ,ଏସଏମସି ଚେୟାରମେନ ପୂର୍ଣ୍ଣଚନ୍ଦ୍ର ଶାସମଲ, ଦୁଇ ନମ୍ବର ୱାର୍ଡର ୱାର୍ଡ ମେମ୍ବର ଏବଂ ଦୁଇ ସିଆରସିସି ଉପସ୍ଥିତ ଥିଲେ। କିନ୍ତୁ ସମସ୍ତ ଆବେଦନକାରୀଙ୍କୁ ବାହାର କରି ଏକ ଧନୀ ଶ୍ରେଣୀର ପ୍ରାର୍ଥିଙ୍କୁ ଚୟନ କରାଯାଇଛି। ଆବେଦନକାରୀଙ୍କ ମଧ୍ୟରେ ସରସ୍ୱତୀ ମାଝୀ ରହିଥିବା ବେଳେ ଅନ୍ୟ ଜଣେ ବିଧବା ମହିଳା ମାମୁନୀ ସାହୁ ଏବଂ ଅନ୍ୟମାନଙ୍କର ଶିକ୍ଷାଗତ ଯୋଗ୍ୟତା ଥିବା ବେଳେ ଅନିୟମିତତା କରି ଅନ୍ୟ ଜଣଙ୍କୁ ପ୍ରଦାନ କରିଛନ୍ତି। ଏଣୁ ଏହାର ସଠିକ ଭାବେ ତଦନ୍ତ କରାଯାଇ ଚୟନ କରାଯାଉ ବୋଲି ଆବେଦନକାରୀ ଝରଣାରାଣୀ ସାମଲ, ମାମୁନି ସାହୁ, ମଞ୍ଜୁଲତା ସେଠୀ ପ୍ରମୁଖଙ୍କ ଅନ୍ୟମାନେ ଦାବି କରିଛନ୍ତି।

# ଶ୍ରୀରାମ ନବମୀ ଉତ୍ସବ ଉଦ୍‌ଯାପିତ

ରେମୁଣା, ୩୧।୩ (ସମିସ): ଶ୍ରୀରାମ ଭକ୍ତି ଚେତନା ସମିତି କଁଅରାଳି ଆନୁକୂଲ୍ୟରେ ଭାଗବତ ଟୁଙ୍ଗି ପରିସରରେ ଅନୁଷ୍ଠିତ ଶ୍ରୀରାମ ନବମୀ ସମାରୋହ ଉଦଯାପିତ ହୋଇଯାଇଛି। ସରୋଜ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଶିକ୍ଷାବିତ ଡ଼. ଭାଗବତ ପ୍ରସାଦ ଦାସ, ମୁଖ୍ୟବକ୍ତା ଗବେଷକ ହରେକୃଷ୍ଣ ଗିରି, ଅତିଥି ଭାବେ ପ୍ରବଚକ ଅନାଦି ଚରଣ ବିନ୍ଧାଣି, ସତ୍ୟରଞ୍ଜନ ଦାସ, କମଳାକାନ୍ତ ଦାସ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ମହନୀୟ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ହିରାଲାଲ ପାକଳ ଅତିଥିଙ୍କ ପରିଚୟ ଦେଇଥିବାବେଳେ ଅନୁଷ୍ଠାନର ସଭାପତି ଉମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

# ସୁବର୍ଣ୍ଣରେଖା ହାଇସ୍କୁଲ ସମ୍ମୁଖରୁ ଅଳିଆ ହଟିଲା

କାଳିପଦା, ୩୧।୩ (ସମିସ): ବାଲିଆପାଳ ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ମାରାଥନ ଦୌଡରେ ଆଦର୍ଶ ସମାଜ ସେବୀ ତଥା ବାଲିଆପାଳ ପଞ୍ଚାୟତର ସରପଞ୍ଚ ବନଲତା ଦାସଙ୍କ ପ୍ରତିନିଧି ହେମନ୍ତ ଦାସ ଏବେ ଅଣ୍ଟା ଭିଡିଛନ୍ତି। ମଙ୍ଗଳବାର ବାଲିଆପାଳର ସର୍ବ ପୁରାତନ ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ବହୁ ଦିନରୁ ଗଦା ହୋଇଥିବା ଅଳିଆ ଆବର୍ଜନାକୁ ୮ଜଣ ମଜୁରିଆଙ୍କୁ ନେଇ ଜେସିବି ଓ ଟ୍ରାକ୍ଟର ମାଧ୍ୟମରେ ଉଠାଇ ସେ ଅନ୍ୟ ସ୍ଥାନରେ ପକାଇଛନ୍ତି। ଆଗାମୀ ଦିନରେ ଏଭଳି କାର୍ଯ୍ୟ ଜାରୀ ରହିବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

କାଳିପଦା, ୩୧।୩ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଳାଡିହା ପନ୍ତା ମଣିଭଦ୍ର ଉ.ପ୍ରା.ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବୁରାମ ରାଉଳଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୌରହିତ୍ୟ କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧିରେନ୍ଦ୍ର ନାଥ ମହାନ୍ତି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ସୁଧାସିନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ବିଶ୍ୱମ୍ବର ଜେନା, ଶିକ୍ଷକ ସମନ୍ୱୟ ସମିତିର ଉପଦେଷ୍ଟା ପ୍ରଭାତ କୁମାର ସାହୁ, ଶିକ୍ଷକ ମାୟାଧର ପରିଡା, ଜିଲ୍ଲାପରିଷଦ ସଦସ୍ୟ ବାବାଜୀ ଦେହୁରୀ, ସରପଞ୍ଚ ମମତା କୁହ୍ଲାରି, ଆଳାଡିହା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ସିଆରସିସି. ରତିକାନ୍ତ ମଲ୍ଲିକ, ପୂର୍ବତନ ସି.ଆର.ସି. ସି. ଯୁଧିଷ୍ଠିର ବେହେରା, ଆଦର୍ଶ ଶିକ୍ଷକ ମଦନମୋହନ ପ୍ରାମାଣିକ,ଶିକ୍ଷକ ବାଇଧର ମଣ୍ଡଳ,ଶିକ୍ଷକ ଅଶୋକ ଗିରି କବି ଓ ଶିକ୍ଷକ ନଳିନୀକାନ୍ତ ପାଢ଼ୀ,ଏସ.ଏମ. ସି. ସଭାପତି ସରୋଜକୁମାର ପାତ୍ର ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ସୁମହତ ଗୁଣାବଳୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଦେବସେନା କର୍ମଶାଳା

ଜଳେଶ୍ୱର, ୩୧।୩ (ସମିସ) : ଜଳେଶ୍ୱର ବ୍ଲକସ୍ତରୀୟ ଦେବସେନା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସବିତା ସେଠୀଙ୍କ ବାସଭାବନରେ ଅନୁଷ୍ଠିତ ବୈଠକରେ ଜିଲା ଦେବସେନା ସଭାପତି ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ ସଭାପତିତ୍ୱ କରି ରାଷ୍ଟ୍ରରେ ହିନ୍ଦୁମାନେ ଏକ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବରେ ଦେବସେନା ରାଜ୍ୟ ଯୁବ ସଭାପତି ଶ୍ରୀମାନ ଶଙ୍କର ଜେନା, ବସ୍ତା ବ୍ଲକ୍ ମହିଳା ପ୍ରକୋଷ୍ଠ ଅଧ୍ୟକ୍ଷା ଅର୍ଚ୍ଚନା ଦତ୍ତ, ଜିଲା ଦିବ୍ୟାଙ୍ଗ ପ୍ରକୋଷ୍ଠ ଅଧ୍ୟକ୍ଷ ରଂଜିତ ମାନ୍ନା, ସଂପାଦକ ଖଗେନ୍ଦ୍ର ଜେନା, ବିଭୁ ଦତ୍ତ, ସୁଜାତା ଜେନା, ସୁଧିର ମହାନ୍ତି, ଲକ୍ଷ୍ମୀଧର ଜେନା, ତପନ ସେଠୀ, ରଣଜିତ୍ ସେଠୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ଦେବସେନାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।



# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର

କାଳିପଦା, ୩୧।୩ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ଜାତୀୟ ସେବା ଯୋଜନାର ପୁରୁଷ ଓ ମହିଳା ୟୁନିଟର ସ୍ୱତନ୍ତ୍ର ସେବା ଶିବିର କଲେଜ ପରିସରରେ ଉଦଯାପିତ ହୋଇ ଯାଇଛି। ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରି ପୌରହିତ୍ୟ କରିବା ସହିତ ଏନଏସଏସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାକ୍ତନ ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁକାନ୍ତ କୁମାର ଗିରି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ଅଜିତ ଭୂୟାଁ ଯୋଗ ଦେଇ ଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର ସ୍ୱାଗତ ଭାଷଣ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିତା ରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରଙ୍କ ଧାନକିଣା ନୀତିକୁ ନେଇ ରାସ୍ତା ଅବରୋଧ

ସୋର, ୩୧।୩ (ସମିସ)

ରାଜ୍ୟ ସରକାରଙ୍କ ଧାନ କିଣା ନୀତିକୁ ନେଇ ଚାଷୀ ମାନେ ଧାନ ବିକ୍ରି କରି ନ ପାରି ସୋର କୁପାରୀ ରାସ୍ତା ନଦୀଗାଁ ନିକଟରେ ଧାନ ବସ୍ତା ରାସ୍ତା ଉପରେ ରଖି ଚାଷୀ ମାନେ ରାସ୍ତା ଅବରୋଧ କରିଥିଲେ। ସୋର ବ୍ଲକ ନଦୀଗାଁ ସେବା ସମବାୟ ସମିତିରେ ପାଞ୍ଚଟି ପଞ୍ଚାୟତର ମୋଟ ୧୨୮୯ ଜଣ ଚାଷୀ ଖରିପ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିଲେ। ସରକାରଙ୍କ ତରଫରୁ ୩୭, ୫୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୫, ୩୩୮ କୁଇଣ୍ଟାଲ ଧାନ କିଣା ଯାଇଛି। ତେଣୁ ଅବଶିଷ୍ଟ ୨ ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଚାଷୀ ମାନେ ବିକ୍ରି କରିପାରିନାହାନ୍ତି। ସରକାର ମାର୍ଚ୍ଚ ୩୧ ତାରିଖକୁ ଖରିଫ ଧାନ କିଣିବାର ଶେଷ ତାରିଖ ଘୋଷଣା କରିବା ପରେ ଚାଷୀଙ୍କ ଅସନ୍ତୋଷ ଦେଖା ଯାଇଥିଲା। ଫଳରେ ଆଜି ପୂର୍ବାହ୍ନରେ ସମିତି ସଭାପତି କରୁଣାକର ଖୁଣ୍ଟିଆଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସୋର କୁପାରୀ ରାସ୍ତା ନଦୀଗାଁ ନିକଟରେ ରାସ୍ତାରେ ଧାନ ବସ୍ତା ରଖି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣା ଦେଇଥିଲେ। ଏ ବାବଦରେ ସୋର ତହସିଲ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକଙ୍କୁ ଅବଗତ କରାଇବା ପରେ ସେ ଅଧିକ ୧୫ ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ଜିଲ୍ଲା ପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ, ନିଶ୍ଚିନ୍ତପୁର ସରପଞ୍ଚ ସୌମେନ୍ଦ୍ରନାଥ ଦାଶମହାପାତ୍ର, ସମିତି ସଭ୍ୟ ପ୍ରଶାନ୍ତ କୁମାର ସାହୁ, ଚାଷୀ ବିଦ୍ୟାଧର ରାଉତ, ଉମାକାନ୍ତ ଦାସ, ଯଦୁନାଥ ରାଉତ, ବିକାଶ ରାଉତ, ପ୍ରଫୁଲ୍ଲ ଶିଅଳ, ମହେଶ୍ୱର ରାଉତଙ୍କ ସମେତ ଶତାଧିକ ପୁରୁଷ ମହିଳା ଚାଷୀ ସାମିଲ ହୋଇଥିଲେ।



# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ




କାଳିପଦା, ୩୧।୩ (ସମିସ): ବାଲିଆପାଳର ଜଗାଇଠାରେ ଅବସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଅଧ୍ୟକ୍ଷା ମାନସୀ ସାହୁଙ୍କ ସଭାପତିତ୍ୱରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ରାଜୀବଲୋଚନ ମାଝୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟାପକ ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ବିଜୟ କୁମାର ଜେନା ମତ ରଖିଥିଲେ। ପରିଶେଷରେ ଅଧ୍ୟାପିକା ମନସ୍ୱିନୀ ଆଚାର୍ଯ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ।

ପୁଣି ଫେରିଲା ୮୦ କୋଟି ଦୁର୍ନୀତିର ତଦନ୍ତ

# ବ୍ଲକକୁ ଫାଇଲ ମାଗିଲା ଇଓଡବ୍ଲ୍ୟୁ

ଭାପୁର,୩୧।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ୨୦୧୭ରୁ ୨୦୨୧ ମଧ୍ୟରେ ହୋଇଥିବା ମହାଦୁର୍ନୀତି ନେଇ ପୁନର୍ବାର ଇଓଡବ୍ଲ୍ୟୁ ଫାଇଲ ଘାଣ୍ଟିବା ଆରମ୍ଭ କରିଛି। ଏହାକୁ ନେଇ ତତ୍କାଳୀନ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଭାପୁର ବ୍ଲକ ଗତ କିଛିବର୍ଷ ହେଲା ଦୁର୍ନୀତି ପାଇଁ ରାଜ୍ୟରେ ଚର୍ଚ୍ଚିତ ରହିଆସିଛି। କିଛିଦିନ ଏହି ଚର୍ଚ୍ଚା କମିଯାଇଥିବା ବେଳେ ଇଓଡବ୍ଲ୍ୟୁ ପୁନର୍ବାର ଫାଇଲ ଘାଣ୍ଟିବା ଏହି କ୍ଷତକୁ ତାଜା କରିଛି। ୨୦୧୭ରୁ ୨୦୨୧ ମଧ୍ୟରେ ତତ୍କାଳୀନ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କ ଦସ୍ତଖତକୁ ଜାଲ୍ କରାଯାଇ ଉପାଧ୍ୟକ୍ଷ ଓ ଅନ୍ୟମାନଙ୍କ ଦ୍ୱାରା କୋଟି କୋଟି ଟଙ୍କାର ଫଲ୍ସ ବିଲ କରାଯାଇଥିବା ଖୋଦ ଶାନ୍ତିଲତା ଏ ନେଇ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ। ଏପରିକି ଜିଲ୍ଲା ପ୍ରଶାସନ ଓ କୋର୍ଟରେ ମଧ୍ୟ ଅଭିଯୋଗ କରିଥିଲେ। ତତ୍କାଳୀନ ଉପଜିଲ୍ଲାପାଳ ତଥା ଏବେକାର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ସେତେବେଳେ ବ୍ଲକକୁ ଆସି ତଦନ୍ତ କରି ଦସ୍ତଖତ ଜାଲିଆତି ହୋଇଥିବା ଗଣମାଧ୍ୟମରେ ସ୍ୱୀକାର କରିଥିଲେ। ଏହି ମହାଦୁର୍ନୀତି ପ୍ରାୟ ୮୦ କୋଟି ଟଙ୍କାର ହେବ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଥିଲା। ମାତ୍ର ଏ ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ଏହା ୮୦ କୋଟି ନୁହେଁ ବରଂ ୨୦୬ କୋଟି ହେବ ବୋଲି ଜଣାପଡ଼ିଥିଲା। ଲୋକାୟୁକ୍ତ ଏହି ଦୁର୍ନୀତିର ତଦନ୍ତ ଇଓଡବ୍ଲ୍ୟୁକୁ ପ୍ରଦାନ କରିଥିଲେ। ମାତ୍ର ଇଓଡବ୍ଲ୍ୟୁ ମାମଲା ରୁଜୁ କରି ନ ଥିଲା। ଯାହାକୁ ନେଇ ଶାନ୍ତିଲତା ଉଚ୍ଚ ନ୍ୟାୟାଳୟର ଦାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପରେ ଇଓଡବ୍ଲ୍ୟୁ ୨୦୨୫ ସେପ୍ଟେମ୍ବରରେ ମାମଲା ରୁଜୁ କରିଥିଲା। ଇଓଡବ୍ଲ୍ୟୁ ଏହାର ତଦନ୍ତ ଜାରି ରଖିଥିବା ବେଳେ ଆଜି କେତେଜଣ ଅଧିକାରୀ ଭାପୁର ବ୍ଲକକୁ ଆସି ଫାଇଲ ଖୋଜିଥିଲେ। ଇଓଡବ୍ଲ୍ୟୁ ଅଧିକାରୀ ବିଡିଓଙ୍କଠାରୁ ନିର୍ଦ୍ଦିଷ୍ଟ ବିଷୟରେ ରିପୋର୍ଟ ଏବଂ ଫାଇଲ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ଅଧିକାରୀ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କୁ ମଧ୍ୟ ଯୋଗାଯୋଗ କରିଥିବା ସୂଚନା ମିଳିଛି। ଏ ନେଇ ବ୍ଲକ କର୍ମଚାରୀମାନେ ନିଜ ଚାକିରି ବଞ୍ଚାଇବା ପାଇଁ ଫାଇଲ କାଢ଼ି ଇଓଡବ୍ଲ୍ୟୁକୁ ଦେବା ପାଇଁ ଝାଳନାଳ ହୋଇ ଚେଷ୍ଟା କରିଚାଲିଛନ୍ତି। ଏନେଇ ବ୍ଲକର କୌଣସି କର୍ମଚାରୀ କିଛି ତଥ୍ୟ ଦେବାକୁ ରାଜି ହୋଇ ନ ଥିବାବେଳେ ଏହା ଅଫିସିଆଲ ସିକ୍ରେସି ବୋଲି ବିଡିଓ ସାରଦା ପ୍ରସନ୍ନ ପଣ୍ଡା କହିଛନ୍ତି। ଇଓଡବ୍ଲ୍ୟୁ ଫାଇଲ ମାଗିବା କଥା ସେ ସ୍ୱୀକାର କରିଛନ୍ତି। ସେତେବେଳେ ଦୁର୍ନୀତି କରିଥିବା ନେତାମାନେ ବର୍ତ୍ତମାନ ଶାସକ ଦଳରେ ମିଶି ନିଜକୁ ନିଜେ କ୍ଲିନ୍‌ଚିଟ୍ ଦେଉଥିବା ବେଳେ ଇଓଡବ୍ଲ୍ୟୁ ଏବେ କଣ୍ଟା ହୋଇ ତଣ୍ଟିରେ ଲାଗିଛି। ଏହି ତଦନ୍ତ କେଉଁ ମୋଡ଼ ନେବ ସେ ନେଇ ବ୍ଲକର ସବୁ ଛକ ବଜାରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

**କର୍ମଚାରୀଙ୍କ ମଧ୍ୟରେ ଭୟର ବାତାବରଣ**

ଶେଷ ହେଲା ଧାନକିଣା, ୧୭ ଲକ୍ଷ କ୍ୱିଣ୍ଟାଲ ଛୁଇଁଲା

# ବଳକା ଧାନକୁ ନେଇ ଚିନ୍ତାରେ ଚାଷୀ

ନୟାଗଡ଼,୩୧।୩(ସମିସ)

ନୟାଗଡ଼ ଜିଲ୍ଲାରେ ଧାନକିଣା ଶେଷ ହୋଇଛି। ଚଳିତ ବର୍ଷ ଜିଲ୍ଲାରେ ୫୯ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୫୬,୩୫୪ ଚାଷୀ ଧାନ ବିକ୍ରି କରିଛନ୍ତି। ମୋଟ ୧୭ ଲକ୍ଷ ୨ ହଜାର ୬୩୬ କ୍ୱିଣ୍ଟାଲ ଧାନ କିଣା ହୋଇଛି। ଗତବର୍ଷ ୫୧ ହଜାର ୬୮୨ ଚାଷୀଙ୍କଠାରୁ ୧୬ ଲକ୍ଷ ୯୩ ହଜାର ୨୯୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଚଳିତ ବର୍ଷ ଜିଲ୍ଲାର ୧୭୪ ମଣ୍ଡି ଜରିଆରେ ଧାନ କିଣାଯାଇଥିଲା। ଜିଲ୍ଲାରେ ଗତବର୍ଷଠାରୁ ଚଳିତ ବର୍ଷ ୪,୬୯୨ ଚାଷୀ ଅଧିକ ଧାନ ବିକ୍ରି କରିଛନ୍ତି। କିନ୍ତୁ ଗତବର୍ଷଠାରୁ ଚଳିତ ବର୍ଷ ମାତ୍ର ୯,୩୪୬ କ୍ୱିଣ୍ଟାଲ ଧାନ ଅଧିକ କିଣାଯାଇଛି। ଗତବର୍ଷଠାରୁ ଚଳିତ ବର୍ଷ ୪,୬୯୨ ଚାଷୀ ଅଧିକ ଧାନ ବିକ୍ରି କରିଥିବା ବେଳେ ମାତ୍ର ୯,୩୪୬ କ୍ୱିଣ୍ଟାଲ ଅଧିକ ଧାନ କିଣାଯିବା ଟୋକନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ଚଳିତ ବର୍ଷ ଚାଷୀଙ୍କ ଟୋକନ କମାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ଚାଷୀଙ୍କ ପାଖରେ ଆହୁରି ୪ ଲକ୍ଷରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ ବଳକା ରହିଯାଇଛି। ଅଧିକାଂଶ ଚାଷୀ ବଳକା ଧାନକୁ ନେଇ ଚିନ୍ତାରେ ରହିଛନ୍ତି। କିଛି ଚାଷୀ ବଳକା ଧାନକୁ ବିଭିନ୍ନ ଚୁଡ଼ାକଳକୁ କ୍ୱିଣ୍ଟାଲ ପିଛା ୧୫ ଶହ ଟଙ୍କାରେ ବିକ୍ରି କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି। ଧାନକିଣା ଡିସେମ୍ବର ମାସରେ ଶୁଭାରମ୍ଭ ହୋଇଥିଲେ ମଧ୍ୟ ବାସ୍ତବରେ ଜାନୁଆରୀ ଶେଷ ସପ୍ତାହକୁ ଧାନକିଣା ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା। ଜିଲ୍ଲାର ୧୫ ମିଲର ଧାନକିଣାରେ ସାମିଲ ହୋଇଥିଲେ। ଚଳିତ ବର୍ଷ କଟନୀଛଟନୀକୁ ନେଇ ଜିଲ୍ଲାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲାରେ ମିଲରଙ୍କ ଜିଦ୍ ଆଗରେ ଚାଷୀ ମୁଣ୍ଡ ନୁଆଇଁବାକୁ ବାଧ୍ୟ ହୋଇଥିଲେ। କ୍ୱିଣ୍ଟାଲ ପିଛା ସର୍ବନିମ୍ନ ୬ କେଜି, ସର୍ବାଧିକ ୭ କେଜି ଲେଖାଏଁ କଟନୀଛଟନୀ କରାଯାଇଥିଲା। ଚଳିତ ବର୍ଷ କଟନୀଛଟନୀ ଦ୍ୱାରା ମିଲରମାନେ ୧ ଲକ୍ଷ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଚାଷୀଙ୍କଠାରୁ ଲୁଟିଥିବା ଅଭିଯୋଗ ହୋଇଛି। ଏହି ଧାନର ସରକାରୀ ମୂଲ୍ୟ ୩୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଧାନ ସଂଗ୍ରହ ଟିଠା ଏବଂ ମିଲରଙ୍କ ଗୋଦାମରେ ଗଚ୍ଛିତ ଧାନର ପରିମାଣକୁ ଯାଞ୍ଚ କରାଗଲେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ମତ ପ୍ରକାଶ ପାଇଛି।

- ୪,୬୯୨ ଚାଷୀ, ୯,୩୪୬ କ୍ୱିଣ୍ଟାଲ ଧାନକିଣା ଅଧିକ
- କଟନୀଛଟନୀରେ ମିଲର ଲୁଟିଲେ ୩୦ କୋଟିର ଧାନ

ଏବେଠାରୁ ଜଳ ସଙ୍କଟ

# ଗ୍ରୀଷ୍ମ ଆରମ୍ଭରୁ ଶୁଖିଲା ପଡ଼ିଛି କୂଅ, ପୋଖରୀ

ଗଣିଆ,୩୧।୩(ସମିସ): ଗ୍ରୀଷ୍ମ ଆରମ୍ଭରୁ ରୌଦ୍ରତାପ ବୃଦ୍ଧି ସାଙ୍ଗକୁ ଜଳସ୍ତର ହ୍ରାସ ପାଉଥିବାରୁ ଗଣିଆ ବ୍ଲକରେ ପାନୀୟ ଜଳ ସମସ୍ୟା ଚିନ୍ତାର କାରଣ ପାଲଟିଛି। ପ୍ରତିବର୍ଷ ଏହି ସମସ୍ୟା ସମାଧାନ ପାଇଁ ବ୍ଲକ ସ୍ତରରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ପାନୀୟ ଜଳ ପ୍ରକଳ୍ପ, ନଳକୂପ ନିର୍ମାଣ ଓ ମରାମତି ଲାଗି ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଛି। ତେବେ ଏହା କାର୍ଯ୍ୟକାରୀ ପୂର୍ବରୁ ଖରାଦିନ ଶେଷ ହୋଇ ବର୍ଷାଋତୁ ପ୍ରବେଶ କରିଥାଏ। ଫଳରେ ପ୍ରତ୍ୟେକ ବର୍ଷ ଗଣିଆରେ ଖରାଦିନେ ଜଳ ସଙ୍କଟ ଦେଖା ଦେଉଛି। ଚଳିତବର୍ଷ ଗଣିଆ, ରାସଙ୍ଗ, ବଡ଼ସିଲିଙ୍ଗା ଓ ଛାମୁଣ୍ଡିଆ ପଞ୍ଚାୟତରେ ଜଳ ସଙ୍କଟ ଉତ୍କଟ ରୂପ ନେବ ବୋଲି ଆଶଙ୍କା କରାଯାଉଛି। ବଡ଼ସିଲିଙ୍ଗା ପଞ୍ଚାୟତର ବଡ଼ ବାଙ୍କଝରୀ, ସେକଟାପଲ୍ଲୀ, ରେକାଡ଼ି, ସେରେଣ୍ଡା, ଡମାଘାଟି, ଶିଖରଗୋଛି ଆଦି ସ୍ଥାନରେ ପାନୀୟ ଜଳ ପାଇଁ ଲୋକେ ଖରାଦିନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେଠାରୁ ଅନେକ ଗ୍ରାମରେ କୂଅ, ପୋଖରୀ ଓ ନାଳ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳିଛି। ବଡ଼ସିଲିଙ୍ଗା ପଞ୍ଚାୟତର ୩୩ଟି ରାଜସ୍ୱ ଗ୍ରାମରେ ଥିବା ନଳକୂପ ଖରାଦିନେ ଅଚଳ କି ସଚଳ ତାହା ଦିନକ ପାଇଁ ତଦାରଖ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକର ଅନେକ ସ୍ଥାନରେ କେଉଁଠି ଷ୍ଟାଣ୍ଡପୋଷ୍ଟ ଅଛି, ପାଣି ଆସୁନାହିଁ ତ ଆଉ କେଉଁଠି ମାସ ମାସ ଧରି ନଳକୂପ ଅଚଳ ହୋଇ ପଡ଼ିରହିଛି। କେଉଁଠି ବୋରିଂଖୋଳାହୋଇଛି କିନ୍ତୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ।



ସେହିପରି ଅନେକ ସ୍ଥାନରେ କୂଅ ପୋଖରୀ, ନାଳ ଶୁଖିଯାଉଥିବାରୁ ଗୃହପାଳିତ ପଶୁ ମଧ୍ୟ ହନ୍ତସନ୍ତ ହେଉଛନ୍ତି। ଗଣିଆରେ ଥିବା ଘାଗେରା ନାଳ ଶୁଖି ଗଲାଣି। ଏହି ନାଳ ଉପରେ ଗଣିଆ, ପଣ୍ଡା, କରଡ଼ାପଡ଼ା, କିଶୋର ପ୍ରସାଦ ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ନାଳ, ପୋଖରୀ ଶୁଖିଯିବା ଫଳରେ ଲୋକେ ଅନେକ ଦୁର୍ଦ୍ଦଶା ଭୋଗୁଛନ୍ତି। ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପ୍ରାୟ ୧୫ରୁ ଅଧିକ ପାନୀୟ ଜଳ ଯୋଗାଣ ସମ୍ପର୍କିତ ଅଭିଯୋଗ ହୋଇଥିଲା। ରାଉତପଡ଼ା ଭଳି ନଦୀକୂଳିଆ ଗାଁର ଲୋକମାନେ ମଧ୍ୟ ପାନୀୟ ଜଳ ସଙ୍କଟରେ ଥିବା ଅଭିଯୋଗ କରିଥିଲେ। କିଶୋର ପ୍ରସାଦରେ ଅନେକ ନଳକୂପ ଅଚଳ ହୋଇ ପଡ଼ିଥିବା ସରପଞ୍ଚ ବାରମ୍ବାର ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ନଳକୂପ ସଚଳ କରିବା ସହିତ ପୋଖରୀଗୁଡ଼ିକର ପୁନରୁଦ୍ଧାର କରାଗଲେ ଜଳସଙ୍କଟ କିଛି ମାତ୍ରାରେ ହ୍ରାସ ପାଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

ଲଙ୍କାପୋଡ଼ି ଯାତ୍ରାର ପଞ୍ଚମ ସନ୍ଧ୍ୟା

# ସୀତାଙ୍କୁ ଚୋରିକଲା ରାବଣ



ଗଣିଆ,୩୧।୩(ସମିସ): ଗଣିଆ ଲଙ୍କାପୋଡ଼ି ଯାତ୍ରାର ପଞ୍ଚମ ସନ୍ଧ୍ୟାରେ ଯାତ୍ରା ପରିଷଦ କଳାକାରଙ୍କ ଦ୍ୱାରା ସୀତାହରଣ ନାଟକ ମଞ୍ଚସ୍ଥ ହୋଇଥିଲା। ବଣରେ ରହୁଥିବା ବେଳେ ଏକ ମାୟାମୃଗକୁ ଦେଖି ସୀତା ତାକୁ ଆଣିବାକୁ ରାମଙ୍କୁ କହିଥିଲେ। ମାୟାମୃଗ ପଛରେ ଯାଇ ରାମଚନ୍ଦ୍ର ବାଟବଣା ହୋଇଯାଇଥିଲେ। କିଛି ସମୟ ପରେ ତ୍ରାହି ଲକ୍ଷ୍ମଣ ଡାକ ଶୁଭନ୍ତେ ରାମଚନ୍ଦ୍ରଙ୍କୁ ବିପଦ ପଡ଼ିଥିବା ଆଶଙ୍କା କରି ମାତା ସୀତା ଲକ୍ଷ୍ମଣଙ୍କୁ ବଣ ଭିତରକୁ ପଠାଇଥିଲେ। ଏଣେ କୁଟୀରରେ ସୀତା ଏକୁଟିଆ ହୋଇଯିବା ପରେ ଲଙ୍କାପତି ରାବଣ ଛଦ୍ମବେଶ ଧାରଣ କରି ଭୀକ୍ଷାମ୍ ଦେହି ଡାକରା ଦେଇଥିଲା। ରାବଣକୁ ଭିକ୍ଷା ଦେବାକୁ ଆସିବା ସମୟରେ ରାବଣ ନିଜ ରୂପ ଧାରଣ କରି ସୀତାଙ୍କୁ ହରଣ କରି ନେଇଥିଲା। ରାମଲୀଳା ଯାତ୍ରାର ଏହି ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଜନ ସମାଗମ ହୋଇଥିଲା। ବୁଧବାର ଶ୍ରୀରାମ ବିଳାପ, ସୁଗ୍ରୀବ ଭେଟ ଏବଂ ବାଳିବଧ ନାଟକ ମଞ୍ଚସ୍ଥ ହେବ ବୋଲି ଜଣାପଡ଼ିଛି।

ଶ୍ରୀରାମ ନବମୀ ଯାତ୍ରାର ୫ମ ସନ୍ଧ୍ୟା

# ବରଣମାଳା ଗ୍ରହଣ କଲେ ଶ୍ରୀରଘୁନାଥ

ଓଡ଼ଗାଁ,୩୧।୩(ସମିସ): ଓଡ଼ଗାଁ ପ୍ରସିଦ୍ଧ ଶ୍ରୀରଘୁନାଥଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ୫ମ ସନ୍ଧ୍ୟା ମଙ୍ଗଳବାର ବେଶ ଆନନ୍ଦ ଓ ଉଦ୍ଦୀପନାର ସହ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି। ମୁନୀ ଆଶ୍ରମ ଯଜ୍ଞବେଦି ଉପରେ ନିର୍ମିତ ରତ୍ନ ସିଂହାସନରେ ବିରାଜିତ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ଗୁରୁ ବିଶ୍ୱାମିତ୍ରଙ୍କ ସହ ମିଥିଳାର ସ୍ୱୟଂବର ସଭା ଦୃଶ୍ୟ ଜୀବନ୍ତ ହୋଇ ଉଠିଥିଲା। ରାଜର୍ଷି ଜନକଙ୍କ ନନ୍ଦିନୀ ସୀତାଙ୍କ ବିବାହ ପାଇଁ ଆୟୋଜିତ ସ୍ୱୟଂବରରେ ଶ୍ରୀରଘୁନାଥଙ୍କୁ ସୀତା ବରଣମାଳା ପିନ୍ଧାଇଥିବା ଦୃଶ୍ୟ ବିମୋହିତ କରିଥିଲା। ପରମ୍ପରା ଅନୁସାରେ ରାତିରେ ପ୍ରଭୁଙ୍କୁ ବରବେଶରେ ସଜାଇ ବରଯାତ୍ରାର ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ସମ୍ବଲପୁରୀ ଦୁଲଦୁଲି, ଢୋଲ ନୃତ୍ୟ, ଘଣ୍ଟ ବାଦ୍ୟ, ପୁରୀର ନାଗା ମେଢ଼ ନୃତ୍ୟ, ଯୋଡ଼ି ଶଙ୍ଖ, କଳାଘୋଡ଼ା, ବାଘ ଲଢ଼େଇ ଆଦି ବିଭିନ୍ନ ଲୋକନୃତ୍ୟ ଓ ଆତସବାଜି ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଝୁଲଣ ମଣ୍ଡପରେ ପହଞ୍ଚିବା ପରେ ବୈଦିକ ରୀତିରେ ପୁରୋହିତ ଶିବରାମ ଷଡ଼ଙ୍ଗୀଙ୍କ ଦ୍ୱାରା ସୀତା-ରାମଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପାଳିଆ ପଣ୍ଡା, ପୂଜକ ଓ ସେବକଙ୍କ ସହଯୋଗରେ ନିର୍ବିଘ୍ନରେ ନୀତି ସମାପନ ହୋଇଥିବା ବେଳେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



■ ଗ୍ୟାସ୍ ପାଇଁ ହୋହାଲ୍ଲା

# ରାସ୍ତାକୁ ଓହ୍ଲାଇଲେ ହିତାଧିକାରୀ

ନୟାଗଡ଼,୩୧।୩(ସମିସ): ଗ୍ୟାସ ଅଭାବ ନ ଥିବା ରାଜ୍ୟ ସରକାର ଯେତେ ଘୋଷଣା କଲେ ମଧ୍ୟ ଉପଭୋକ୍ତାଙ୍କ ସମସ୍ୟା ଦୂର ହୋଇପାରୁନି। ସରକାରଙ୍କ ଘୋଷଣା ଏବଂ ବାସ୍ତବ ସ୍ଥିତିର ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଛି। ନୟାଗଡ଼ ସହରରେ ଥିବା ଏଚପି ଗ୍ୟାସର ଉପଭୋକ୍ତାମାନେ ଗ୍ୟାସ୍ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଶହଶହ ସଂଖ୍ୟାରେ ଲୋକ ଗ୍ୟାସ୍ ପାଇଁ ଦୋକାନ ଆଗରେ ଲାଇନରେ ଛିଡ଼ା ହେଉଥିଲେ ମଧ୍ୟ ଗ୍ୟାସ୍ ନ ପାଇ ଫେରୁଛନ୍ତି। ମଙ୍ଗଳବାର ସକାଳେ ସହରରେ ଥିବା ଏଚପି ଗ୍ୟାସ୍ କାଉଣ୍ଟର ସମ୍ମୁଖରେ ଲୋକେ ଲାଇନ୍ ଲଗାଇଥିଲେ ମଧ୍ୟ ଦିନ ୧୦ଟା ପର୍ଯ୍ୟନ୍ତ କାଉଣ୍ଟର ନ ଖୋଲିବାରୁ କିଛି ସମୟ ପାଇଁ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ଖବର ପାଇ ଟାଉନଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଲୋକଙ୍କ ହୋହାଲ୍ଲା ପରେ ଲାଇନରେ ୨୦୦ ପରେ ଲୋକଥିବା ବେଳେ ମାତ୍ର ୪୦ଟି ସିଲିଣ୍ଡର ଆସିଥିଲା। ଯାହାକୁ ନେଇ ଲୋଲେ ପାଟିତୁଣ୍ଡ କରିଥିଲେ। ଉପଭୋକ୍ତା ବୁକିଂ କରିବାର ଦୁଇତିନି ଦିନ ପରେ ଡେଲିଭରି ମେସେଜ୍ ଆସୁଛି କିନ୍ତୁ ଏହାର ସପ୍ତାହକ ପର୍ଯ୍ୟନ୍ତ ଗ୍ୟାସ୍ ମିଳୁ ନ ଥିବା ଅଭିଯୋଗ ହେଉଛି। ସେପଟେ କଳାବଜାରୀ ରୋକିବା ପାଇଁ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଥିବା ଯୋଗାଣ ବିଭାଗ ପକ୍ଷରୁ ଗଣମାଧ୍ୟମକୁ କୁହାଯାଇଛି।

● ସହକାରୀ କୃଷି ଅଧିକାରୀ ପରୀକ୍ଷା

# ରାଜ୍ୟରେ ତୃତୀୟ ସ୍ଥାନରେ ମଳୟ

ଓଡ଼ଗାଁ,୩୧।୩(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ପନ୍ତିଖାରୀ ଶାସନ ଗ୍ରାମର ମଳୟ ହୋତା ସହକାରୀ କୃଷି ଅଧିକାରୀ ପରୀକ୍ଷାରେ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିପାଇଁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ମଳୟ ଜଣେ ମେଧାବୀ ଛାତ୍ର। ଓଡ଼ଗାଁ ରଘୁନାଥ ବିଦ୍ୟାପୀଠରୁ ମାଟ୍ରିକ ପାସ କରି +୨ ବିଜ୍ଞାନ ପରୀକ୍ଷାରେ ସମ୍ମାନ ଜନକ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ପରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରିଥିଲେ। ଗତ ଫେବୃଆରୀ ୧୯ ତାରିଖ ଅନୁଷ୍ଠିତ ସହକାରୀ କୃଷି ଅଧିକାରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେ ଶିକ୍ଷକ ଦିଲୀପ କୁମାର ହୋତା ଏବଂ ଶିକ୍ଷୟିତ୍ରୀ ରଞ୍ଜୁଲତା ଦାଶଙ୍କ ପୁଅ ଏବଂ ପଣ୍ଡିତ ଖଗେଶ୍ୱର ହୋତାଙ୍କ ପୌତ୍ର ଅଟନ୍ତି।



# କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଗଣିଆ,୩୧।୩(ସମିସ): ସ୍ଥାନୀୟ ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଶିକ୍ଷାବିତ୍ ପ୍ରଧାନୀ ବୃନ୍ଦାବନୀ ମହାପାତ୍ର, ନରସିଂହପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ କୁଳମଣି ବାରିକ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନୀହାରବାଳା ରାଉତ, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଦେବାନନ୍ଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।



ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଗୁରୁତ୍ୱ ଦେଇ ଭଲ ପାଠ ପଢ଼ିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାଂସଦ ପାଣିଗ୍ରାହୀ ନିଜ ପିଲାଦିନର ଅନୁଭୂତି ବର୍ଣ୍ଣନା କରିବା ସହ ସଂସ୍କାର ଶିଖିବା ନିହାତି ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷା ସହ କ୍ରୀଡ଼ା ଏବଂ ସାଂସ୍କୃତିକ ଶିକ୍ଷା ନିହାତି ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ। ଶିକ୍ଷା, କ୍ରୀଡ଼ା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସତ୍ୟଭାମା ସେନାପତି, ରାକେଶ କୁମାର ସାହୁ, ଅମ୍ଲାନ ତପନ ରାଉତ, ଉର୍ଜା ସାହୁ, ସସ୍ମିତା ମଣ୍ଡଳ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

ଢେଙ୍କେଣା ରଘୁନାଥ ଉଚ୍ଚ ବିଦ୍ୟାଳୟ

# ଭୁଶୁଡ଼ିଲାଣି ଶିକ୍ଷା ବ୍ୟବସ୍ଥା, ମନଇଚ୍ଛା ଆସୁଛନ୍ତି ଶିକ୍ଷକ

ନୟାଗଡ଼,୩୧।୩(ସମିସ)

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଢେଙ୍କେଣା ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀ ରହିଥିବା ବେଳେ ଦଶମ ପରୀକ୍ଷା ଶେଷ ହୋଇରୁ ବର୍ତ୍ତମାନ କେବଳ ନବମ ଶ୍ରେଣୀ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସୁଛନ୍ତି। ଏଠାରେ ନବମ ଶ୍ରେଣୀରେ ୨୯ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଅନେକ ବାଧା ଉପୁଜୁଛି। ଯେଉଁ ହାତଗଣତି କିଛି ଶିକ୍ଷକ ଏଠାରେ କାର୍ଯ୍ୟରତ ଅଛନ୍ତି, ସେମାନେ ବିଦ୍ୟାଳୟକୁ ସଠିକ୍ ସମୟରେ ନ ଆସି ନିଜକୁ ସୁହାଇଲା ଭଳି ଏବଂ ସୁବିଧା ଦେଖି ଆସୁଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଯାହାଦ୍ୱାରା କିଛି ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ନାମ ନ ଲେଖାଇ ପଡ଼ୋଶୀ ବିଦ୍ୟାଳୟ ଦୂର ହେଲେ ମଧ୍ୟ ସେଠାରେ ନାମ ଲେଖାଇବାକୁ ଉଚିତ୍ ମନେ କରୁଛନ୍ତି ଏବଂ ଆଉ କିଛି ଛାତ୍ରଛାତ୍ରୀ ଶିକ୍ଷକଙ୍କ ବିଦ୍ୟାଳୟକୁ ଯିବା ଆସିବା ଗତିବିଧି ଦେଖି ପାଠପଢ଼ାରୁ ମୁହଁ ଫେରାଉଛନ୍ତି।



ଢେଙ୍କେଣା ରଘୁନାଥ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନେ ସଠିକ୍ ସମୟରେ ବିଦ୍ୟାଳୟକୁ ଆସୁ ନ ଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ବିଦ୍ୟାଳୟରେ ୩ ଜଣ ନିୟମିତ ଶିକ୍ଷକ ଏବଂ ୩ ଜଣ ଅତିଥି ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଶିକ୍ଷକ ସମସ୍ୟା ଲାଗି ରହିଥିବା ବେଳେ କାର୍ଯ୍ୟରତ ଶିକ୍ଷକମାନେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ପ୍ରତି ଆଡ଼ ଆଖିରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏହା ଏକ ନିୟମିତ ସମସ୍ୟା ହୋଇଥିବା ବେଳେ ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ତେବେ ଏନେଇ ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

● ଉଦଘାଟନ ହୋଇପାରୁନି ୮ କୋଟିର କୋଠା

# ପୁରୁଣା କୋଠାରେ ଚାଲିଛି ସ୍ୱାସ୍ଥ୍ୟସେବା

ଭାପୁର,୩୧।୩(ସମିସ): ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ୩ ମହଲା ବିଶିଷ୍ଟ ନୂତନ କୋଠା ନିର୍ମାଣ ହୋଇଛି। ଗୋଟିଏ କୋଠାରେ ସମସ୍ତ ସ୍ୱାସ୍ଥ୍ୟସେବା ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ପୂର୍ବ ସରକାର ୭ କୋଟି ୯୦ ଲକ୍ଷ ୨୫ ହଜାର ଟଙ୍କା ମଞ୍ଜୁର କରିଥିଲେ। ହେଲେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ହେଁ କେଉଁ କାରଣ ପାଇଁ ଏହା ଲୋକାର୍ପଣ ହେଉନାହିଁ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡାକ୍ତର ଅଭାବ ସାଙ୍ଗକୁ ଅନ୍ୟ କର୍ମଚାରୀଙ୍କ ଅଭାବ ଭାପୁର ଡାକ୍ତରଖାନା ବର୍ଷ ବର୍ଷର ସମସ୍ୟା। ବିଶେଷଜ୍ଞ ଡାକ୍ତର ସାତସପନ। ଏ ସମସ୍ତ ଅସୁବିଧା ସତ୍ତ୍ୱେ ଏଠାରେ ଏକ ତିନି ମହଲା ବିଶିଷ୍ଟ ନୂତନ କୋଠା ଘର ପୂର୍ବ ସରକାର ଅମଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଶା ହାଉସିଂ କର୍ପୋରେସନ ଏହି କାର୍ଯ୍ୟ ତଦାରଖ କରୁଥିଲା। ସ୍ଥାନ ଅଭାବରୁ ଏହି କୋଠାଘରର ଦୁଇଥର ନିକ୍ସା ବଦଳାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଅଧିକ ଏକ ବର୍ଷ ସମୟ ଲାଗିଛି। ହେଲେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ହେଁ ଏହାକୁ ଉଦଘାଟନ କରାଯାଉନାହିଁ କି ରୋଗୀ ସେବାରେ ଲାଗୁନାହିଁ। ଏନେଇ କାହା ପାଖରେ କୌଣସି ଉତ୍ତର ନାହିଁ। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ କହୁଛନ୍ତି, ଆମେ ଏ ବିଷୟରେ କିଛି ଜାଣିନାହୁଁ। ଗତ ଏକବର୍ଷ ହେଲା ନୂତନ ସରକାର ଆସିବା ପରଠାରୁ ଭାପୁର ପ୍ରଗତି ସ୍ଥାଣୁ ହୋଇଥିବା ଦେଖିବାକୁ ମିଳୁଛି। ବ୍ଲକରେ ବିଡିଓ, ଅଧ୍ୟକ୍ଷାଙ୍କ ସମ୍ପର୍କ ଖରାପ ରହିବା ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଡିଓ ଖାତିର ନ କରିବା ବ୍ଲକ କାର୍ଯ୍ୟକୁ ସ୍ଥାଣୁ କରିଦେଇଛି। ସେହିପରି କାଳିଗିରି ପୋଲ ନିର୍ମାଣ କାର୍ଯ୍ୟ ଦୀର୍ଘ ପାଞ୍ଚ ବର୍ଷ ହେଲା ସରୁନାହିଁ। ଭାପୁରରେ ନୂତନ ବସଷ୍ଟାଣ୍ଡ, ଡାକଘର, ସବ ରେଜିଷ୍ଟ୍ରାର ଅଫିସ ଗୃହ, ଶବ ବ୍ୟବଚ୍ଛେଦ ଗୃହ, ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ ଅଫିସ ଗୃହ ଘୋଷଣାରେ ସୀମିତ ରହିଛି। ଏପରି ଅବସ୍ଥାରେ ଭାପୁର ଅଞ୍ଚଳ ନେତୃତ୍ୱବିହୀନ ପରି ମନେ ହେଉଛି। ଏ ନେଇ ସବୁଠାରେ ଅସନ୍ତୋଷ ସୃଷ୍ଟି ହୋଇଛି।



● ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ପ୍ରସ୍ତୁତି

## ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ଦେଲେ ଜିଲ୍ଲାପାଳ



ଝାରସୁଗୁଡା, ୩୧।୩(ସମିସ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ବର୍ଷ ୨୦୨୬-୨୭ ପାଇଁ ଆୟୋଜିତ ହେବାକୁ ଥିବା 'ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ' କାର୍ଯ୍ୟକ୍ରମ ନିମନ୍ତେ ଝାରସୁଗୁଡା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ରକୁ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖାଇବାକୁ ଥିବା ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗରତିଆ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ଅଭିଭାବକଙ୍କୁ ଶିକ୍ଷାର ଗୁରୁତ୍ୱ ଏବଂ ସରକାରୀ ବିଦ୍ୟାଳୟରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ । ସୂଚନାଯୋଗ୍ୟ, ଏପ୍ରିଲ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ ଏହି ଖଡ଼ି ଛୁଆଁ ଉତ୍ସବ ପାଳିତ ହେବ ।

ବେଆଇନ ସିଲିଣ୍ଡର ଜବତ ଘଟଣାକୁ ୧୭ଦିନ ବିତିଲା

# ତଦନ୍ତ ନାଁରେ ଦିନ ଗଡ଼ାଉଛି ଯୋଗାଣ ବିଭାଗ

ଝାରସୁଗୁଡା,୩୧।୩(ସମିସ)

ଝାରସୁଗୁଡା ସହରସ୍ଥ ବେହେରାମାଲରେ ଥିବା ସାହୁ ଗ୍ୟାସ ସର୍ଭିସ ଦୋକାନରେ ଜିଲ୍ଲା ଯୋଗାଣ ବିଭାଗ କରିଥିବା ଚଢ଼ଉକୁ ୧୭ଦିନ ବିତିଥିବା ବେଳେ ତଦନ୍ତରେ ଶିଥିଳତାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଯୋଗାଣ ବିଭାଗ ତଦନ୍ତ ନାଁରେ ଦିନ ଗଡ଼ାଇ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର କରୁଥିବା ଓ ଜିଲ୍ଲାରେ ବେଆଇନ ଗ୍ୟାସ ସିଲିଣ୍ଡର ବେପାରକୁ ବିଭାଗ ପ୍ରଶ୍ରୟ ଦେଉଥିବା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୩ ତାରିଖ ଦିନ ଜିଲ୍ଲା ଯୋଗାଣ ବିଭାଗ ବେହେରାମାଲ ସ୍ଥିତ ସାହୁ ଗ୍ୟାସ ସର୍ଭିସ ଦୋକାନରୁ ଖାଲି ଓ ଗ୍ୟାସ ଥିବା ୯୩ ଟି ସିଲିଣ୍ଡର ଜବତ କରିଥିଲା । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲା ଯୋଗାଣ ବିଭାଗ ବେଆଇନ ଗ୍ୟାସ କାରବାର ଚଳାଉଥିବା ସାହୁ ଗ୍ୟାସ ସର୍ଭିସ ଦୋକାନର ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ

**ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର**

ଥିବା ବେଳେ କେବଳ ତଦନ୍ତ ଚାଲିଛି, ଜିଲ୍ଲାପାଳଙ୍କ ପାଖକୁ ଫାଇଲ ଯାଇଛି ବୋଲି ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀମାନେ କହି ଦିନ ଗଡ଼ାଇ ଚାଲିଛନ୍ତି । ରାଜ୍ୟରେ ବେଆଇନ ଗ୍ୟାସ ବିକ୍ରି କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଦେଶ ଦେଇଥିବା ବେଳେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଧ୍ୟ ବେଆଇନ ଗ୍ୟାସ ବିକ୍ରି ଉପରେ କଡା ପଦକ୍ଷେପ ନେବାକୁ କହିଛନ୍ତି । ଜିଲ୍ଲା ଯୋଗାଣ ବିଭାଗ କିନ୍ତୁ ଏହାକୁ ବେଖାତିର କରି ସିଲିଣ୍ଡର ଜବତ ଘଟଣାର ୧୭ଦିନ ବିତିଯାଇଥିଲେ ମଧ୍ୟ ଯୋଗାଣ ବିଭାଗର ଉତ୍ତର କେବଳ ତଦନ୍ତ ଚାଲିଛି । ଯାହାକୁ ନେଇ ଝାରସୁଗୁଡା ସହର ତଥା ଜିଲ୍ଲାବାସୀ ଯୋଗାଣ ବିଭାଗର କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକଟ କରିଛନ୍ତି । ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରାଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ୟାସ ସିଲିଣ୍ଡର ଗୁଡିକ କାହା କାହା ନାମରେ ଅଛି ତଦନ୍ତ ଚାଲିଛି, ତଦନ୍ତ ସରିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଚୋରି ସାମଗ୍ରୀ ଉଦ୍ଧାର; ୩ ଗିରଫ

ବ୍ରଜରାଜନଗର ୩୧।୩(ସମିସ): ସ୍ଥାନୀୟ ଓରିଏଣ୍ଟ ଥାନା ଗାୟତ୍ରୀ ନଗର ଚର୍ଚ୍ଚ ପଡ଼ାରେ ଶନିବାର ମଧ୍ୟ ରାତ୍ରରେ ଅରୁଣ ମିଶ୍ରଙ୍କ ଘରୁ ଚୋରି ହୋଇଥିଲା । ରବିବାର ଥାନାରେ ଏତଲା ହୋଇଥିଲା । ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ବିଭିର୍ନ ଜାଗାରେ ଚଢ଼ଉ କରି ଗାୟତ୍ରୀ ନଗରର ୩ ଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ ରମେଶ ଚୌଭାନ(୩୦), ଉମେଶ ଚୌଭାନ(୩୦) ଓ ସୁରଜ ନାୟକ(୨୪) । ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତମାନେ ଘର ତାଲା ଭାଙ୍ଗି ଘରୁ ୨ ହଳ କାନଫୁଲ, ୨ ଗୋଟି ସୁନା ମୁଦି, ୪ ଗୋଟି ନାକ ଫୁଲ ଓ ୩ ଗୋଟି ସୁନା ଲକେଟ ଚୋରି କରିଥିଲେ । ସମସ୍ତ ଚୋରି ସାମଗ୍ରୀକୁ ପୁଲିସ ସେମାନଙ୍କଠାରୁ ଜବତ କରିଛି । ୩ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକ ପ୍ରକାଶ କରିଛନ୍ତି ।

## ଝିଅକୁ ଦୁଷ୍କର୍ମ ଅଭିଯୋଗରେ ବାପାକୁ ଆଜୀବନ

ଝାରସୁଗୁଡା,୩୧।୩(ସମିସ): ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ତଥା ସେସନ୍ ଜଜ୍ ଏକ ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ଶୁଣାଣି କରି ବାପାକୁ ଆଜୀବନ କାରାଦଣ୍ଡ ଓ ଦୁଷ୍କର୍ମ ଘଟଣା ଚପାଇଥିବାରୁ ମାଆକୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଉକ୍ତ ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ବାପା ପଙ୍କଜ ପୋଡ଼ଙ୍କୁ ପୋକ୍ସୋ ଆଇନ୍

**ଘଟଣାକୁ ଚପାଇଥିବାରୁ ମାଆକୁ ଦୁଇବର୍ଷ ଜେଲ୍**

ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦୟ ସ୍ଥଳେ ଅତିରିକ୍ତ ଏକ ବର୍ଷ ଜେଲ୍ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି । ସେହିପରି ଘଟଣା ଚପାଇଥିବାରୁ ମାଆ ଅନୁ ବାଗକୁ ୨ ବର୍ଷର କାରାଦଣ୍ଡ ସହ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନାନୁଯାୟୀ, ୨୦୨୫ ଜୁନ ୨୭ ତାରିଖରେ ବ୍ରଜରାଜନଗର ଅଞ୍ଚଳରେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ବ୍ରଜରାଜନଗର ଥାନାରେ ଏକ ମାମଲା(୧୪୦/୨୦୨୫) ରୁଜୁ ହୋଇଥିଲା । ତଦନ୍ତ ସମୟରେ ପୁଲିସ ସଂଗ୍ରହ କରିଥିବା ସାକ୍ଷ୍ୟପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତ ବାପା ଓ ମାଆକୁ ଆଜି ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ମାମଲାରେ ପୋକ୍ସୋ ଆଇନ ସହିତ ଭାରତୀୟ ନ୍ୟାୟ ସଂହିତାର ସମ୍ପର୍କିତ ଧାରା ଅନୁଯାୟୀ ଅଭିଯୋଗ ପ୍ରମାଣିତ ହେବା ପରେ କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି । ଝାରସୁଗୁଡା ଏସ୍‌ପି ଜିଆର ରାଘବେନ୍ଦ୍ରଙ୍କ ଦ୍ୱାରା କୋର୍ଟ ଟ୍ରାଏଲ୍ ମନିଟରିଂ ସିଷ୍ଟମ ଅଧୀନରେ ମାମଲାଟି କଡ଼ାକଡ଼ି ତଦାରଖ କରାଯାଇଥିଲା । କୋର୍ଟଙ୍କ ଏହି ରାୟ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ପ୍ରତି ଏକ କଠୋର ସନ୍ଦେଶ ଦେଇଛି । ଏହା ସହିତ ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯାତନାକୁ ଏପରି ରାୟ ଫଳରେ କିଛି ମାତ୍ରାରେ ରୋକାଯାଇପାରିବ । ଝାରସୁଗୁଡା ପୁଲିସ ମଧ୍ୟ ଏହି ମାମଲାକୁ ଗୁରୁତ୍ୱର ସହିତ ନେଇ ଶୀଘ୍ର ତଦନ୍ତ ସମାପ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିବା ଫଳରେ ଅଳ୍ପ ସମୟ ମଧ୍ୟରେ ପୀଡିତାଙ୍କୁ ନ୍ୟାୟ ମିଳିପାରିଛି ବୋଲି ଏସ୍‌ପି ରଘବେନ୍ଦ୍ର କହିଛନ୍ତି ।

● ବିଜୁ ବାବୁଙ୍କ ପ୍ରତି ବିବଦୀୟ ମନ୍ତବ୍ୟକୁ ବିରୋଧ

## ବିଜେଡି ପକ୍ଷରୁ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ



ଝାରସୁଗୁଡା,୩୧।୩(ସମିସ): ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିଜୁ ବାବୁଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୂର୍ବତନ ବିଧାୟିକା ଦିପାଳୀ ଦାସଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ବିଜୁ ଜନତା ଦଳ, ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ତରଫରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଜେପି ନେତାମାନେ ଦିନକୁ ଦିନ ହୀନ ରାଜନୀତି କରୁଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଏଭଳି ଅସମ୍ମାନ ମନ୍ତବ୍ୟ ପ୍ରଦାନ କରିବା ଅର୍ଥ ସିଧାସଳଖ ଓଡ଼ିଶା ମାଟି ଓ ଓଡ଼ିଆଙ୍କୁ ଅସମ୍ମାନ କରିବା ବୋଲି ଝାରସୁଗୁଡାର ପୂର୍ବତନ ବିଧାୟିକା ଦିପାଳୀ ଦାସ ଅଭିଯୋଗ କରିଛନ୍ତି । ଶତାଧିକ ବିଜେଡି କର୍ମୀ ଓ ବିଜୁ ଛାତ୍ର ଜନତା ଦଳର ସଦସ୍ୟ ସଦସ୍ୟାମାନେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ କରିବା ସହିତ ତାଙ୍କ ଇସ୍ତଫା ଦାବି କରିଛନ୍ତି । ଯଦି ସେ କ୍ଷମା ପ୍ରାର୍ଥନା ଓ ଇସ୍ତଫା ନଦିଅନ୍ତି ତେବେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି । ଏଥିରେ ଝାରସୁଗୁଡା ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଯୁବ ବିଜେଡି ସଭାପତି ରୋବିନ ପାଣ୍ଡେ, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ପୌରାଧ୍ୟକ୍ଷା ରାନୀ ହାତୀ, ବିଜେଡି ବରିଷ୍ଠ ନେତା ରବି ସିଂହ, ସନ୍ଦିପ ଅୱସ୍ତି, ରଘୁମଣି ପଟେଲ, ଅଶୋକ ଦାସ, ତୁଳସୀ ଦାସ, ମଦନ ହାତୀ, ଆଲୋକ ତ୍ରିପାଠୀ ଦାମୋଦର ନାଥ, ପବନ ଶର୍ମା, ସୁବାସ କେଡ଼ିଆ, ଶିବାଶିଷ ପଟ୍ଟନାୟକ, ନବନୀତ କୌର, ବି. ନାଗେଶ୍ୱରି, ଦୀପା ନାଏକ ଏବଂ ବିଜେଡିର ସମସ୍ତ କାଉନସିଲର ଉପସ୍ଥିତ ରହି ବିରୋଧ ପ୍ରଦର୍ଶନ କରିଛନ୍ତି ।

● ଘରୋଇ ସ୍କୁଲର ମନମୁଖୀ କାର୍ଯ୍ୟକୁ ବିରୋଧ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନଗର କଂଗ୍ରେସର ଦାବିପତ୍ର

ଝାରସୁଗୁଡା,୩୧।୩(ସମିସ): ଝାରସୁଗୁଡା ଜିଲ୍ଲାରେ ଘରୋଇ ସ୍କୁଲମାନଙ୍କର ମନମୁଖୀ କାର୍ଯ୍ୟକଳାପ ସହିତ ମନଇଚ୍ଛା ସ୍କୁଲ ଫି ଆଦାୟ ପ୍ରତିବାଦରେ ଝାରସୁଗୁଡା ନଗର କଂଗ୍ରେସର ପକ୍ଷରୁ ମଙ୍ଗଳବାର ୪ ଘଣ୍ଟିଆ ପ୍ରତିବାଦ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡା ଶିକ୍ଷା ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଝାରସୁଗୁଡା ଟାଉନ କଂଗ୍ରେସ ପକ୍ଷରୁ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରତିବାଦ ସଭାରେ କଂଗ୍ରେସ କର୍ମୀମାନେ ଘରୋଇ ସ୍କୁଲମାନଙ୍କ ଦ୍ୱାରା ଅତ୍ୟଧିକ ଫି ବୃଦ୍ଧି, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଉପରେ ଅନାବଶ୍ୟକ ଚାପ ଏବଂ ଶିକ୍ଷାର ନାମରେ ବାଣିଜ୍ୟିକରଣର ତୀବ୍ର ପ୍ରତିବାଦ କରିଥିଲେ । ସଭା ପରେ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଏହି ଦାବିପତ୍ରରେ ଘରୋଇ ସ୍କୁଲମାନଙ୍କର ଅନିୟନ୍ତ୍ରିତ ଫି ବୃଦ୍ଧିର ତତ୍‌କ୍ଷଣାତ ନିୟନ୍ତ୍ରଣ ସହ ପ୍ରତ୍ୟେକ ସ୍କୁଲରେ ଫି ନିର୍ଣ୍ଣୟ ପାଇଁ ସରକାରୀ ନିୟମ ପ୍ରୟୋଗ କରାଯିବା, ଅଭିଭାବକଙ୍କୁ ଅନାବଶ୍ୟକ ଜରିମାନା ଓ ଚାପ ଦେବା ଉପରେ ପ୍ରତିବନ୍ଧ ଲଗାଇବା, ପୁସ୍ତକ, ଖାତା ୟୁନିଫର୍ମକୁ ନିର୍ଦ୍ଧାରିତ ଦୋକାନରୁ କିଣିବାକୁ ବାଧ କରିବା ପ୍ରଥା ବନ୍ଦ କରିବା, ସିବିଏସଇ ସ୍ୱୀକୃତି ପ୍ରାପ୍ତ ସ୍କୁଲମାନଙ୍କରେ ବେସରକାରୀ ପୁସ୍ତକ ପ୍ରଚଳନ ବନ୍ଦ କରିବା, ଅଭିଯୋଗ ନିବାରଣ ପାଇଁ ଜିଲ୍ଲା ସ୍ତରରେ ବିଶେଷ ସେଲ ଗଠନ କରାଯିବା ଆଦି ପାଞ୍ଚ ଦଫା ଦାବି କରାଯାଇଛି । ଏହି ଧାରଣା ସମୟରେ ଝାରସୁଗୁଡା ଟାଉନ କଂଗ୍ରେସ ସଭାପତି ଦେବାନନ୍ଦ ବାରିକ, ରିୟାଜ ହୁସେନ, ଶୈଳେଶ ଅବସ୍ତି, ନିଖିଳ ଘୋଷ, କାଜଲ ଘୋଷ, ସଞ୍ଜୟ ମହାପାତ୍ର, ସଞ୍ଜୟ ପାଲ, ଭି. ଗୌରୀ ଶଙ୍କର, ବୁଦ୍ଧିଜୀବୀ ବସନ୍ତ ପଣ୍ଡା, ବିଜୟ ଦାସ, ସଞ୍ଜୟ ପାଣିଗ୍ରାହୀ, କୋଶଳ ନେତା ଗୌରୀଶଙ୍କର ତନ୍ତୀ, ଜ୍ଞାନେନ୍ଦ୍ର ବେହେରାଙ୍କ ସହ ଅନେକ ଅଭିଭାବକ ଯୋଗଦେଇଥିଲେ । ଦାବିଗୁଡିକୁ ଶୀଘ୍ର ପୂରଣ କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି ।



## ଧରଣୀଗର୍ଭ ପିରାମିଡ୍‌ର ଧ୍ୟାନ ଶିବିର

ଝାରସୁଗୁଡ଼ା,୩୧।୩(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଖୁନ୍ତାମାଲ ଗ୍ରାମରେ ଏକ ପରିବର୍ତ୍ତନଶୀଳ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆନାପାନା ସତୀ ଧ୍ୟାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଧରଣୀଗର୍ଭ ପିରାମିଡ୍ ଆଶ୍ରମ ଚନ୍ଦନିମାଲ୍ ଟିମ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନସିକ ଶାନ୍ତି ଏବଂ ଶାରୀରିକ ସୁସ୍ଥତା ଉପରେ ଆଲୋଚନା କରାଯାଇଥିଲା । ଖୁନ୍ତାମାଲ ଗ୍ରାମ ପଞ୍ଚାୟତ ସରପଞ୍ଚ ସବ୍ୟସାଚୀ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟବକ୍ତା ତଥା ପ୍ରଶିକ୍ଷକ ଭାବେ ରାୟପୁରରୁ ଆସିଥିବା ପିରାମିଡ୍ ମାଷ୍ଟର ସୁବର୍ଣ୍ଣା ସୁଭି ଯୋଗଦେଇ ଏହି ପ୍ରାଚୀନ ଜ୍ଞାନ ବିଷୟରେ ଆଲୋକପାତ କରିଥିଲେ । ସେ ଧ୍ୟାନର ଗଭୀର ଉପକାରିତା ବିଷୟରେ ବୁଝାଇବା ସହ ଆନାପାନ ସତୀ ଧ୍ୟାନ କୌଶଳ ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ଦେଓ ସଞ୍ଚାଳନ କରିଥିବାବେଳେ ଚାନ୍ଦିନୀମାଲ୍ ଟିମ୍‌ର ଦୀପକ ନାୟକ, ନୀଳିମା ନାୟକ, ପୁଷ୍ପକ ନାୟକ ଏବଂ ଅନିତା ନାୟକ ସହଯୋଗ କରିଥିଲେ । ନବୀନ ନାଏକ, ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଖୁନ୍ତାମାଲ ଗ୍ରାମବାସୀ ସହଯୋଗ କରିଥିଲେ । ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ତାରିଣୀ ମନ୍ଦିରର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ରିଆମାଳ ୩୧।୩(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ତାରଙ୍ଗ ହାଇସ୍କୁଲ ସାହି ତାରିଣୀ ମନ୍ଦିରର ରତ୍ନମୁଦ ଉତ୍ସବ ଓ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ସୁରେନ୍ଦ୍ର କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସଞ୍ଜୟ ଶତପଥୀ, ପ୍ରଶାନ୍ତ ନନ୍ଦ, ସଞ୍ଜୟ ମିଶ୍ର ଓ ଚକ୍ରଧର ଦାସ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ସୁଦାମ ମାଝୀ ଓ ପତ୍ନୀ ପାର୍ବତୀ ମାଝୀ ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଭକ୍ତମାନେ ରତ୍ନ ଗର୍ଭରେ ଧାନ, ରୂପା, ସୁନା ଆଦି ସମର୍ପଣ କଲାପରେ ମନ୍ଦିରର ରତ୍ନ ମୁଦ ହୋଇଥିଲା । ଝାର୍ ବେଡ଼ା, କରିପାଲ ଓ ତାରଙ୍ଗ ଗ୍ରାମର ସଙ୍କୀର୍ତ୍ତନ ଭକ୍ତମାନେ ମା' ତାରିଣୀଙ୍କ ଭଜନ ଗାନ କରିଥିଲେ ।

# ପୌରାଧ୍ୟକ୍ଷାଙ୍କୁ ପୁନଃ ଅବସ୍ଥାପିତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଦେବଗଡ,୩୧।୩(ସମିସ): ୨୦୨୫ ଜାନୁୟାରୀ ୨୮ ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିବା ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କୁ ତାଙ୍କ ପଦବୀରେ ପୁନଃ ଅବସ୍ଥାପିତ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ଦେବଗଡ ପୌର ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କୁ ବେଆଇନ ଭାବେ ପଦବୀରୁ ଅପସାରିତ କରିଥିବା ଉଚ୍ଚ ନ୍ୟାୟାଳୟ ତାଙ୍କ ଆଦେଶରେ ଦର୍ଶାଇବା ସହ ତାଙ୍କୁ ତୁରନ୍ତ ପୌରାଧ୍ୟକ୍ଷା ପଦବୀରେ ପୁନଃ ଅବସ୍ଥାପିତ କରିବାକୁ ପୌର ନିର୍ଦ୍ଦେଶକ ତଥା ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଆଦେଶ ଦେଇଛନ୍ତି । ଏଥିସହ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପଦରେ ଥିବା ପୌର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କୁ ଏହି ପଦବୀରୁ ଦାୟିତ୍ୱମୁକ୍ତ କରିବାକୁ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ, ପୌରାଧ୍ୟକ୍ଷା ଶ୍ରୀମତି ଦେଇଙ୍କ ବିରୁଦ୍ଧରେ ନିୟମିତ ମାସିକ ବୈଠକ ଡାକୁନଥବା, ମାର୍କେଟ ଟେଣ୍ଡର ଓ ମୁକ୍ତା ଯୋଜନାରେ ଅନିୟମିତା କରିଥିବା ଅଭିଯୋଗ ହୋଇଥିଲା । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳ ଏହି ଅଭିଯୋଗର ତଦନ୍ତ କରି ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ରାଜ୍ୟ ସରକାର ପୌରାଧ୍ୟକ୍ଷା ଶ୍ରୀମତୀ ଦେଇଙ୍କୁ ପୌରାଧ୍ୟକ୍ଷା ପଦବୀରୁ ଅପସାରଣ କରିଥିଲେ । ଫଳରେ ୨୦୨୫ ଜାନୁୟାରୀ ୩୧ରେ ଦେବଗଡ ପୌର ପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଉଥିଲେ । ଅପସାରିତ ହେବାପରେ ପୌରାଧ୍ୟକ୍ଷା ରାଜନୈତିକ ଆକ୍ରୋଶ ରଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଅଭିଯୋଗ କରିବା ସହ ଏନେଇ ସେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଯାହାର ଓଡିଶା ଉଚ୍ଚ ନ୍ୟାୟଳୟରେ ବିଚାରାଧିନ ଥିଲା । ତେବେ ଉଚ୍ଚ ନ୍ୟାୟାଳୟଙ୍କ ଏହି ଆଦେଶ ପରେ ଶ୍ରୀମତୀ ଦେଇଙ୍କ ଅନୁଗତ ଓ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଛି । ଆଜି ସନ୍ଧ୍ୟାରୁ ପୌରାଞ୍ଚଳର ବିଭିନ୍ନ ୱାର୍ଡର ଛକ ସମେତ ମୁଖ୍ୟ ବଜାରଠାରେ ଶ୍ରୀମତୀ ଦେଇଙ୍କ ସମର୍ଥକ ବାଣ ଫୁଟାଇ ଖୁସି ଜାହିର କରିଛନ୍ତି । ଯାହା ସହରରେ ଦୀପାବଳିର ଭ୍ରମ ସୃଷ୍ଟି କରିଥିଲା । ଉଚ୍ଚ ନ୍ୟାୟଳୟର ରାୟ ପରେ ସତ୍ୟର ବିଜୟ ହୋଇଥିବା ଏବଂ କ୍ଷମତା ଲାଳସାରେ ଜଣେ ନିର୍ବାଚିତ ମହିଳା ଜନ ପ୍ରତିନିଧିଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ରଚିଥିବା ଷଡଯନ୍ତ୍ର ଆଇନ ହାତରେ ଧରା ପଡ଼ିଥିବା ବିଜେଡିର ବହୁ ବରିଷ୍ଠ ସଦସ୍ୟ ମତ ପ୍ରକାଶ କରିଛନ୍ତି ।





ବାଣଫୁଟାଇ ଖୁସି ମନାଇଲେ ବିଜେଡି କର୍ମୀ ଓ ସମର୍ଥକ

ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବୈଠକ

# ୧୧୮.୯୬ କୋଟିରୁ ଅଧିକ ପୁଞ୍ଜି ନିବେଶ ଉପରେ ଆଲୋଚନା

ଝାରସୁଗୁଡ଼ା,୩୧।୩(ସମିସ)

ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପାୟନ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବା ଲକ୍ଷ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ୯୮ତମ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆସିଥିବା ମୋଟ ୫ଟି ନିବେଶ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତାବଗୁଡ଼ିକର ସମୁଦାୟ ପୁଞ୍ଜି ନିବେଶ ମୂଲ୍ୟ ପ୍ରାୟ ୧୧୮.୯୬ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହା କାର୍ଯ୍ୟକାରୀ ହେଲେ ଜିଲ୍ଲାର ପ୍ରାୟ ୧୨୪୧ ଜଣ ବ୍ୟକ୍ତିଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ମାଣ୍ଡିଆ ବେକେରୀ ୟୁନିଟ୍, ରିଫ୍ରାକ୍ଟୋରୀ ଇଟା, ତରଳ ପ୍ରାକୃତିକ ଗ୍ୟାସ ମଲ୍ଟି ଫାସିଲିଟି ଆଉଟଲେଟ୍, ରେଲୱେ ସାଇଡିଂ ଏବଂ ଆଲୁମିନିୟମ କଣ୍ଡକ୍ଟର ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସାମିଲ ରହିଛି । ଏହି ବୈଠକରେ ମାଣ୍ଡିଆ ବେକେରୀ ଏବଂ ଏଲଏନଜି ମଲ୍ଟି ଫାସିଲିଟି ଆଉଟଲେଟ୍ କ୍ଷେତ୍ରରେ ୧୪.୪୬ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ପ୍ରଶାସନ ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି । ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ, ଉଦ୍ୟାନ କୃଷି ବିଭାଗର ପ୍ରତିନିଧି, ଇଡକୋ ସମ୍ବଲପୁରର ପ୍ରତିନିଧି, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ, ଝାରସୁଗୁଡ଼ା ଓ କୋଲାବିରା ତହସିଲଦାର, ଲିଡ୍ ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ, ବାଣିଜ୍ୟିକ କର ଓ ଜିଏସଟି ବିଭାଗର ଯୁଗ୍ମ କମିଶନରଙ୍କ ପ୍ରତିନିଧି, ବୁର୍ଲା ଜଳସେଚନ ବିଭାଗର ପ୍ରତିନିଧି ଏବଂ ଦୀପା ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ ।



**୧୨୪୧ ଜଣଙ୍କ ପାଇଁ ସୃଷ୍ଟି ହେବ ନିଯୁକ୍ତି ସୁଯୋଗ**

## ଆମ ପୁଲିସ ସମିତି ବୈଠକ

ବ୍ରଜରାଜନଗର,୩୧।୩(ସମିସ): ବ୍ରଜରାଜନଗର ଥାନା ପରିସରରେ ମଙ୍ଗଳବାର ସନ୍ଧ୍ୟାରେ 'ଆମ ପୁଲିସ ସମିତି' ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା । ଥାନା ଅଧିକାରୀ ଧବଳେଶ୍ୱର ସାହୁ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ନାୟକ, ପ୍ରଭାକର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ସେମାନେ ଲୋକମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ଓ ସମସ୍ୟାର ସମାଧାନର ପ୍ରତିଶ୍ରୁତି ଦେଇଥିଲେ । ବିଶେଷ କରି କୁଚିଆ ମଦ ଦୋକାନ ବନ୍ଦ କରିବା, ନାବାଳକଙ୍କ ଦ୍ରୁତ ବାଇକ ଚାଳନା ଉପରେ ଅଙ୍କୁଶ ଲଗାଇବା, ପୁଲିସ ପାଟ୍ରୋଲିଂ କଡାକଡି କରିବା ଉପରେ ଆଲୋଚନା ହୋଇଥିଲା । ସହରରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ବ୍ରଜରାଜନଗର ପୁଲିସ କାର୍ଯ୍ୟ ଜାରି ରଖିବ ବୋଲି ଥାନାଧିକାରୀ ପ୍ରତିଶ୍ରୁତି ଦେଇଥିଲେ ।

## କୋଲାବିରାରେ ଅଭିଯୋଗ ଶୁଣାଣି



ଝାରସୁଗୁଡ଼ା,୩୧।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ କୋଲାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳ ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟାକୁ ଗୁରୁତର ସହ ଶୁଣିବା ସହ ସେଗୁଡ଼ିକର ସମୟାନୁବର୍ତ୍ତୀ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଶୁଣାଣି ଶିବିରରେ ମୋଟ ୩୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଆସନ୍ନ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ଜନସାଧାରଣଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇବା ସହ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ଯତ୍ନବାନ ହେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଶିବିରରେ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକ ଜି.ଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, କୋଲାବିରା ବ୍ଲକ ଉନ୍ନୟନ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ସରିଲା ମାର୍ଚ୍ଚ, ଆସିଲାନି ଟୋକନ

- ଗଚ୍ଛିତ ଧାନକୁ ନେଇ ଚିନ୍ତାରେ ଚାଷୀ
- ସମ୍ବଲପୁର ଜିଲ୍ଲାରେ ୩୨.୭୨ ଲକ୍ଷ କ୍ୱିଣ୍ଟାଲ କ୍ରୟ

ସମ୍ବଲପୁର, ୩୧।୩ (ସମିସ)

ସରକାରଙ୍କ ଘୋଷଣା ଅନୁଯାୟୀ ଆଜି ମାର୍ଚ୍ଚ ୩୧ ତାରିଖ ଖରିଫ୍ ଧାନକିଣା ସରିଯାଇଛି। କିନ୍ତୁ ଅନେକ ଚାଷୀ ଟୋକନକୁ ଅପେକ୍ଷା କରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ରଖି ବସି ରହିଛନ୍ତି। ଶେଷ ପର୍ଯ୍ୟନ୍ତ ଟୋକନ ଆସିଲାନି। ଏବେ ଚାଷୀମାନଙ୍କୁ ଗଚ୍ଛିତ ଧାନକୁ ନେଇ ଚିନ୍ତା ଘାରିଛି। ଅନ୍ୟପକ୍ଷରେ ଚଳିତ ଖରିଫ୍‌ରେ ଗତବର୍ଷଠାରୁ ଅଧିକ ଧାନ କ୍ରୟ କରାଯାଇଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ପ୍ରକାଶ। ଚଳିତବର୍ଷ ଖରିଫ୍‌ରେ ସମ୍ବଲପୁର ଜିଲ୍ଲାରେ ୬୩୩୨୩ ଜଣ ଚାଷୀଙ୍କଠାରୁ ୩୨, ୭୨, ୨୧୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଗତବର୍ଷ ଖରିଫ୍‌ରେ ୫୮୦୨୮ ଜଣ ଚାଷୀଙ୍କଠାରୁ ୩୧, ୫୧, ୧୮୬ କ୍ୱିଣ୍ଟାଲ ଧାନ କିଣାଯାଇଥିଲା।

ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନକ୍ରୟ ଗତ ନଭେମ୍ବର ୨୮ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରଥମରୁ ମିଲର୍ ଧାନ ନ ଉଠାଇବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ଏହାପରେ ଟୋକନ ପାଇଁ ଚାଷୀ ବାରମ୍ବାର ଆନ୍ଦୋଳନ କଲା। ସରକାର ପ୍ରତିଶ୍ରୁତି ଦେଲେ ଚାଷୀ ପଞ୍ଜିକରଣ କରିଥିବା ସମସ୍ତ ଧାନ କିଣିବେ, ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଷୀର ଧାନ କିଣାହେବ। ଅମଳ କରିଥିବା ଧାନକୁ ଗଚ୍ଛିତ ରଖି ଚାଷୀ ଟୋକନ ଆଶାରେ ରହିଲା। ସରକାର ପ୍ରତିଶ୍ରୁତି ଦେଇଛନ୍ତି ଅର୍ଥାତ୍ ଧାନ ନିଶ୍ଚୟ କିଣିବେ। କିଛି ଚାଷୀ ଚାଲାକ୍ ହୋଇ ଟୋକନ ନ ଆସିବାରୁ ବଜାରରେ କମ୍ ଦରରେ ବିକ୍ରୟ କରିଦେଲେ। ତେବେ, ଅନେକ ଚାଷୀ ତାଙ୍କ ଧାନକୁ ବସ୍ତାରେ ପୁରାଇ, ଏପରିକି ଗାଡ଼ିରେ ଲୋଡ୍ କରି, ଜଗି ରହିଲେ ଟୋକନ୍‌କୁ। ଜିଲ୍ଲା ପ୍ରଶାସନ ପକ୍ଷରୁ ଚତୁର୍ଥ ଓ ପଞ୍ଚମ ଟୋକନ ପାଇଁ ଅପେକ୍ଷା କରିଥିବା ଚାଷୀମାନଙ୍କ ତାଲିକା ମଧ୍ୟ ଉପରିସ୍ଥ ଅଧିକାରୀଙ୍କୁ ପଠାଯାଇଥିବା ଜଣାପଡ଼ିଛି। ଏହା ଚାଷୀମାନଙ୍କ ଆଶାକୁ ଆହୁରି ଉଜ୍ଜ୍ୱଳ କଲା, କିନ୍ତୁ ମାର୍ଚ୍ଚ ସରିଗଲା ପଛେ ଧାନ ଉଠିଲାନି। ଏବେ ଚାଷୀ ଏତେ ପରିମାଣରେ ଧାନକୁ କରିବ କ'ଣ? ପୁଣି ତାର ଧାରଉର୍ଦ୍ଧାର, କ୍ଷେତ ଶ୍ରମିକଙ୍କ ପାଉଣା ସହିତ ପରିବାରର ନିତିଦିନିଆ ଖର୍ଚ୍ଚ ଅଛି। ସରକାର ଗତବର୍ଷ ଖରିଫ୍‌ରୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ୮୦୦ ଟଙ୍କା ସହାୟତା ରାଶି ଦେଉଥିବାରୁ ପରିଶ୍ରମ କରି ଚାଷୀ ତା' କ୍ଷେତରେ ସୁନା ଫଳାଇଥିଲା। ତେବେ, ଶେଷ ପର୍ଯ୍ୟନ୍ତ ସରକାର କେତେ ଧାନ କିଣିବେ ଓ କେଉଁ ଦରରେ କିଣିବେ ତାହା ସ୍ପଷ୍ଟ କଲେନାହିଁ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ସରକାର କେତେ ଧାନରେ ସବ୍‌ସିଡି ଦେବେ ତାହା ପୂର୍ବରୁ ଘୋଷଣା କରିଥିଲେ, ଚାଷୀମାନେ ସେହି ଅନୁଯାୟୀ ନିଷ୍ପତ୍ତି ନେଇଥାନ୍ତେ। ତେବେ, ସମସ୍ତ ପଞ୍ଜିକୃତ ଧାନ ନ କିଣିଥିବା କୁହାଯାଉଛି। ଏବେ ସମୟ ବିତିଯିବା ପରେ ଜମା ହୋଇ ରହିଥିବା ଧାନକୁ କେମିତି ବିକ୍ରୟ କରିବ ବୋଲି ଦ୍ୱନ୍ଦ୍ୱରେ ପଡ଼ିଛି ଚାଷୀ।

ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ମିଶ୍ର କହିଛନ୍ତି, ପୂର୍ବବର୍ଷମାନଙ୍କରେ ଚାଷୀର ପଞ୍ଜିକରଣ ଅନୁଯାୟୀ ସମସ୍ତ ଧାନ ସରକାର କ୍ରୟ କରିଥାନ୍ତି। ଚଳିତବର୍ଷ ସମସ୍ତ ପଞ୍ଜିକୃତ ଜମିର ଧାନ କିଣାଯାଇନାହିଁ। ଏପରିସ୍ଥଳେ ସରକାର ପ୍ରଥମରୁ ବୋନସ ସହ କେତେ ଧାନ କିଣିବେ ତାହା ସ୍ପଷ୍ଟ କରିଥିଲେ ଭଲ ହୋଇଥାଆନ୍ତା। ଆଗାମୀ ଦିନରେ ରବି ଧାନ କିଣା ରହିଛି। ଏଥିରେ ପ୍ରାୟ ୧୯ ହଜାର ଚାଷୀ ଆମ ଜିଲ୍ଲାରେ ପଞ୍ଜିକରଣ କରିଛନ୍ତି। ତେଣୁ, ଧାନ କିଣିବାକୁ ନେଇ ସରକାର ପୂର୍ବରୁ ସ୍ପଷ୍ଟ ଘୋଷଣା କରିଦେବା ଉଚିତ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଛନ୍ତି।

## ଜିଏମ୍‌ୟୁ ପଦାର୍ଥ ବିଜ୍ଞାନ ବିଭାଗ ଆଲୋଚନାଚକ୍ର ଉଦ୍‌ଯାପିତ



**ସମ୍ବଲପୁର, ୩୧।୩ (ସମିସ):** ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରିତ ଆର୍.ଟି.ଆର୍.ଏମ.ଏସ୍-୨୦୨୬ ଉପରେ ପର୍ଯ୍ୟବେସିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ଦ୍ୱିଦିବସୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ଏହି ଆଲୋଚନାଚକ୍ର ପିଏମ୍ -ଉଷା ପ୍ରାୟୋଜିତ ଥିଲା। କାର୍ଯ୍ୟକ୍ରମକୁ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ନମିତା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଉଦଘାଟିତ ହେଇଥିଲା। ଡ. ନମିତା ଷଡଙ୍ଗୀ ସ୍ୱାଗତ ଭାଷଣ ଏବଂ ଡ. ପ୍ରଣତି ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିନ ଆମନ୍ତ୍ରିତ ବକ୍ତା ଡ. କରୁଣାକର ନନ୍ଦ (ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ, ଭୁବନେଶ୍ୱର), ଡ. ରାମକୃଷ୍ଣ ସାବତ (ଆଇଆଇଟି ଭୁବନେଶ୍ୱର), ଡ.ମନୋଜ ମହାପାତ୍ର (ସିଲିକନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ସମ୍ବଲପୁର), ପ୍ରଫେସର ବାନାର୍ଜୀ ବେହେରା (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା), ଡ. ରାକେଶ ସାହୁ (ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର) ଗବେଷଣା ଭିତ୍ତିକ ବିଷୟ ଆଲୋଚନା କରିଥିଲେ। ଦ୍ୱିତୀୟ ଦିନ ଆମନ୍ତ୍ରିତ ବକ୍ତା ଡ. ସୁନନ୍ଦା ପତ୍ରି (ପଦାର୍ଥ ବିଜ୍ଞାନ ବିଭାଗମୁଖ୍ୟ, ଭିସୁଟ୍, ବୁର୍ଲା), ଡ. ସୁମନ୍ତ ସାମଲ (ଆଇଆଇଟି ଇନ୍ଦୋର) ଓ ଡ. ଦୀପକ ରାଉତ (ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼) ଯୋଗଦେଇ ଗବେଷଣା ଭିତ୍ତିକ ବିଷୟ ଆଲୋଚନା କରିଥିଲେ। ଶେଷରେ ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

**ସମ୍ବଲପୁର, ୩୧।୩ (ସମିସ) :** କଟକ ଏସ୍‌ସିବି ମେଡିକାଲ କଲେଜରେ ଅଗ୍ନିକାଣ୍ଡ ପରେ ତତ୍ପର ହୋଇଉଠିଛି ଅଗ୍ନିଶମ ବିଭାଗ। ଗତ ୨୪ ତାରିଖ ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ସମ୍ବଲପୁର ଗସ୍ତରେ ଆସି ଭିମ୍‌ସାରରେ ଅଗ୍ନି ନିରାପତ୍ତାକୁ ନେଇ ସମୀକ୍ଷା କରିଥିଲେ। ଆଜି ଫାର୍ମରୋଡ୍‌ସ୍ଥିତ ସିଟି ସେଣ୍ଟର ମଲ୍ ପରିସରରେ ଅଗ୍ନିଶମ ବିଭାଗ ଓ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମକ୍‌ଡ୍ରିଲ୍ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନିକାଣ୍ଡ ଭଳି ଜରୁରୀ ପରିସ୍ଥିତିର ମୁକାବିଲା ଏବଂ କିଭଳି ଫଶି ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ତାହା ପ୍ରଦର୍ଶନ କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଅତ୍ୟାଧୁନିକ 'ରୋବୋଟିକ୍ ମନିଟର୍', 'ଏଆର୍‌ଟି' (ଆଡଭାନ୍ସଡ ରେସ୍କ୍ୟୁ ଟେଣ୍ଡର) ଉପକରଣ ଏବଂ 'ହାଇଡ୍ରୋଲିକ୍ ପ୍ଲାଟଫର୍ମ' (ବ୍ରୋଣ୍ଟୋ), ଯାହାକି ୪୦ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ଅଗ୍ନି ମୁକାବିଲା ଓ ଉଦ୍ଧାର କାର୍ଯ୍ୟ କରିପାରିବ, ଆଦି ବ୍ୟବହାର ପ୍ରଦର୍ଶନ କରାଯାଇଥିଲା। ଯେଉଁ ସ୍ଥାନକୁ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପାରିବେ ନାହିଁ, ସେଠାରେ ଏହି ରୋବୋଟିକ୍ ମେସିନ୍ ନିଆଁକୁ ଆୟତ୍ତ କରିବାସହ ଆବଶ୍ୟକସ୍ଥଳେ ଲୋକଙ୍କୁ ଉଦ୍ଧାର ମଧ୍ୟ କରିବ। ମକ୍‌ଡ୍ରିଲ୍ ସମୟରେ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଯାଇଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଅଗ୍ନିଶମ ବିଭାଗ ଅଧିକାରୀମାନେ ନିଆଁ ଲାଗିବା ସ୍ଥିତିରେ 'କ'ଣ କରିବେ ଏବଂ କ'ଣ ନକରିବେ' ତାହା ବୁଝାଇଥିଲେ।





ଜିଲ୍ଲା ଅଗ୍ନିଶମ ଅଧିକାରୀ ସୁଦାମ କିସ୍‌କୋ କହିଛନ୍ତି, ମଲ୍‌ରେ ସମ୍ବଲପୁର ଅଗ୍ନିଶମ ବାହିନୀ ଓ ଷ୍ଟ୍ରାଇକିଂ ଫାୟାର୍ ଫୋର୍ସ, ସମ୍ବଲପୁର ପକ୍ଷରୁ ସଚେତନତା ଏବଂ ମକ୍‌ଡ୍ରିଲ୍ କରାଯାଇଥିଲା। ସେମାନଙ୍କ ପାଖରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଓ ରକ୍ଷଣାବେକ୍ଷଣ ବିଷୟରେ ମଲ୍ କର୍ମଚାରୀ ମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିସହିତ କୌଣସି ଅଘଟଣ ଘଟିଲେ ଇମର୍‌ଜେନ୍ସି ଆଲାର୍ମ ବଜାଇବା ସହ ସ୍ଥାନାନ୍ତର (ଇଭାକୁଏସନ୍) ହୋଇ ଆସେମ୍ବ୍ଲି ପଏଣ୍ଟକୁ ଆସିବେ। ଆବଶ୍ୟକସ୍ଥଳେ ୧୧୨କୁ ଡାଏଲ କରି ଘଟଣା ବିଷୟରେ ଜଣାଇଲେ, ତୁରନ୍ତ ଅଗ୍ନିଶମ ବିଭାଗ ସହାୟତା ପ୍ରଦାନ କରିବ ବୋଲି ସେ ସୂଚନା ଦେଇଛନ୍ତି। ମହାନଗର ନିଗମ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ କହିଲେ ଯେ, ସାଧାରଣ ଜନତାଙ୍କୁ ସଚେତନ କରିବା ସହ ଅଗ୍ନିଶମ ବାହିନୀର ପ୍ରସ୍ତୁତି ପରଖିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ।

## ସାଇବର ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସମ୍ବଲପୁର, ୩୧।୩(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୂଚନା ବିଜ୍ଞାନ ଓ ଦୂରସଞ୍ଚାର (ଆଇଏସ୍‌ଟି) ବିଭାଗରେ ପିଏମ୍-ଉଷା ଦ୍ୱାରା ପ୍ରାୟୋଜିତ 'ସାଇବର ସୁରକ୍ଷା ଓ ଡିଜିଟାଲ ନ୍ୟାୟବିଜ୍ଞାନ (ଡିଜିଟାଲ ଅନୁସନ୍ଧାନରେ ପ୍ରମାଣ ସଂଗ୍ରହ କରିବାର ପ୍ରକ୍ରିୟା)' ଶୀର୍ଷକ ୭-ଦିନିଆ ସ୍ୱଳ୍ପକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗତ ୨୫ ତାରିଖରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତି ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଡ. ସୁଦର୍ଶନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମ୍ପାଦକ ଇଂ. ସତ୍ୟବାନ ବେହେରା ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଭିନ୍ନ ପର୍ଯ୍ୟାୟରେ ଭିସୁଟ୍‌ର ସହାୟକ ପ୍ରଫେସର ଡ. ସତ୍ୟବ୍ରତ ଦାସ, ଡ. ଜ୍ଞାନରଞ୍ଜନ ଶିଆଳ, ଭୁବନେଶ୍ୱରସ୍ଥ ଓଡ଼ିଶା ପ୍ରଯୁକ୍ତି ଓ ଗବେଷଣା ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡ. ଦେବାଶିଷ ଗୌନ୍ତିଆ, ସମ୍ବଲପୁରର ପୁଲିସ ଉପଅଧୀକ୍ଷକ ଇଶ୍ୱର ତାଣ୍ଡି, ଆଇଏମ୍‌ଆଇଟି-ବିପିଏୟୁଟିର ସହାୟକ ପ୍ରଫେସର ଓ କମ୍ପ୍ୟୁଟର ବିଭାଗାଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ଜୟସିଂହ ପ୍ରମୁଖ ଯୋଗଦେଇଥିଲେ। ସେମାନେ ସାଇବର ସୁରକ୍ଷା ଓ ଡିଜିଟାଲ ନ୍ୟାୟବିଜ୍ଞାନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ ୧୨ଟି ପ୍ରାୟୋଗିକ ସତ୍ର ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକମାନେ ସାଇବର ସୁରକ୍ଷା ଓ ଡିଜିଟାଲ ନ୍ୟାୟବିଜ୍ଞାନର ବିଭିନ୍ନ ବିଷୟ ଡିଜିଟାଲ ନ୍ୟାୟବିଜ୍ଞାନର ଆକର୍ଷଣୀୟ ଜଗତ, ସ୍ୱାସ୍ଥ୍ୟ ସେବାରେ ସୁରକ୍ଷା ସମସ୍ୟାରେ କୃତ୍ରିମ ବୁଦ୍ଧିର ଭୂମିକା, ଡିଜିଟାଲ ନ୍ୟାୟବିଜ୍ଞାନର ପରିମାଣ, କରିବା ଓ ନକରିବା କାମ, ସାଇବର ସୁରକ୍ଷା ଓ ଡିଜିଟାଲ ନ୍ୟାୟବିଜ୍ଞାନରେ କୃତ୍ରିମ ବୁଦ୍ଧି ଇତ୍ୟାଦି ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଅବସରରେ ପରିଚାଳନା ଓ ସୂଚନା ପ୍ରଯୁକ୍ତି ସଂସ୍ଥାନର ସହାୟକ ପ୍ରଫେସର ଓ କମ୍ପ୍ୟୁଟର ବିଜ୍ଞାନ ବିଭାଗାଧ୍ୟକ୍ଷ ଡ. ଶୁଭେନ୍ଦ୍ର କୁମାର ଜୟସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଏମ୍‌ୟୁର କୁଳସଚିବ ସନତ ନାଏକ ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ବିଶ୍ୱବିଦ୍ୟାଳୟର ଅର୍ଥ ନିୟନ୍ତ୍ରକ ଜଗନ୍ନାଥ ରାଉତ, ଡିନ୍ ଷ୍ଟୁଡେଣ୍ଟସ୍ ୱେଲଫେୟାର୍ ପ୍ରଫେସର ପାର୍ଥସାରଥି ମଲ୍ଲିକ, ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡ. ଶ୍ରୀନିବାସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆଇଏସ୍‌ଟି ବିଭାଗର ଅଧ୍ୟାପକ ଡ. ସୁଜିତ ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅଧ୍ୟାପକ କଲ୍ଲୋଲ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଟେକ୍ନିକାଲ୍ ଆସିଷ୍ଟାଣ୍ଟ ଖଗେଶ୍ୱର ସାହୁ ଓ ଜଗଦୀଶ ବିଶି ପ୍ରାୟୋଗିକ ସହାୟତା ପ୍ରଦାନ କରିଥିଲେ। ଆଇଏସ୍‌ଟି ବିଭାଗର ଛାତ୍ରଛାତ୍ରୀ ବିଶାଳ, ବିଷ୍ଣୁପ୍ରସାଦ, ଗାୟତ୍ରୀ, ଅମିତ, ଯଶରାଜ, ସୁଜାତା, ସୁମେଧା, ଶ୍ରିୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଇଣ୍ଟରସିଟିରୁ ଲାପଟପ୍ ଚୋରି, ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୩୧।୩(ସମିସ):** ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସରୁ ଲାପଟପ୍ ଚୋରି ଘଟଣାରେ ରେଳବାଇ ପୁଲିସ ବୁର୍ଲା ଥାନା ଅନ୍ତର୍ଗତ ଇନ୍ଦିରାଛକ ଅଞ୍ଚଳର ବିକାଶ ସାମଲ (୨୩)କୁ ଗିରଫ କରିଛି। ରେଳବାଇ ପୁଲିସର ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୨୯ ତାରିଖ ସକାଳେ କଳାହାଣ୍ଡି ଜିଲ୍ଲାର ଜଣେ ବ୍ୟକ୍ତି ଟ୍ରେନ୍ ଯୋଗେ ଭୁବନେଶ୍ୱର ଯାଉଥିବା ସମୟରେ ତାଙ୍କ ଲାପଟପ୍ ଏବଂ ପାନକାର୍ଡ, ଆଧାରକାର୍ଡ ଓ ନଗଦ ଟଙ୍କା ଥିବା ମନିପର୍ସ ଚୋରି ହୋଇଯାଇଥିଲା। ଏନେଇ ସେ ମାର୍ଚ୍ଚ ୩୦ ତାରିଖ ସମ୍ବଲପୁର ରେଳବାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ମାମଲା ସଂଖ୍ୟା ୩୪/୨୦୨୬ ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ପୁଲିସ ଅଭିଯୁକ୍ତକୁ ଗିରଫ କରିବାସହ ତା'ଠାରୁ ଚୋରି ହୋଇଥିବା ଲାପଟପ୍, ଏକ ମୋବାଇଲ୍ ଫୋନ୍ ଏବଂ ଏକ ବାଇକ୍ ଜବତ କରିଛି। ବାଇକ୍‌ଟି ଗଡ଼ପୋଷ ଅଞ୍ଚଳରୁ ଚୋରି କରିଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ରେଳବାଇ ପୁଲିସ କହିଛି।

## ସାଂସଦ ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ

**ସମ୍ବଲପୁର, ୩୧।୩ (ସମିସ):** ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଏବଂ ଛାତ୍ର ବିଜେଡି ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ଆହ୍ୱାନକ୍ରମେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ହୀନ ମନ୍ତବ୍ୟ ପ୍ରତିବାଦରେ ଆଜି ସମ୍ବଲପୁର ଗୋଲବଜାର ଛକଠାରେ ସମ୍ବଲପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯାଇ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଛାତ୍ର ଜନତା ଦଳ ସହିତ ବିଜୁ ଜନତା ଦଳର ବହୁ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତା ସାଂସଦ ନିଶିକାନ୍ତ ଦୁବେ ଏବଂ ବିଜେପି ଦଳ ବିରୋଧରେ ବିଭିନ୍ନ ପ୍ରକାର ନାରାଦେଇ ତାଙ୍କ କୁଶ ପୁତ୍ତଳିକାରେ ଚପଲ, ଜୋତା ମାରିଥିଲେ। ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତିଙ୍କ ସଂଯୋଜନାରେ ବିଜୁ ଜନତା ଦଳର ବରିଷ୍ଠ ନେତା ବସନ୍ତ ମିଶ୍ର, ସୁରୁବାବୁ ମେହେର, ବେଣୁଧର ଦାସ, ଏମ୍‌ଡି ସନାଉଲ୍ଲା, ସତ୍ୟେନ୍ଦ୍ର ଦାସ, ଗୋକୁଳ ମେହେର, ବିଜୁ ଯୁବ ଜନତା ଦଳର ଧର୍ମରାଜ ମରେଇ, ଦେବାଶିଷ ପରିଡ଼ା, ପ୍ରଶାନ୍ତ ଥାପା, ଅଂଶୁମାନ ବେହେରା, ପ୍ରତାପ ତପନ, ବିକାଶ ଖେତୀ, ବିଜୁ ଛାତ୍ର ଜନତା ଦଳର ଅନମୋଲ ଦାସ, ସମୀର ମହାପାତ୍ର, କୌଶିକ ରାଜା, ଅବିନାଶ କେରକେଟା, ଲୁଲୁ ପଟ୍ଟନାୟକ, ଅଙ୍କିତ, ଭୂପେନ୍ଦ୍ର, ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାନେତ୍ରୀ ଉଷା ପ୍ରଧାନ, ଜିଲ୍ଲା ସଭାନେତ୍ରୀ ସଂଯୁକ୍ତା ମେହେର, ସୁରେଖା ସାହୁ, ରୂପାଞ୍ଜଳି ରଣବିଡା, ସରିତା ଦାସ, ସବାନା ବେଗମ, ନନ୍ଦିନୀ ପ୍ରଧାନ, ହସିନା ବେଗମ୍, ନୁରି ବେଗମ୍, ବିଜୟଲକ୍ଷ୍ମୀ ଯାଦବ, ଲକ୍ଷ୍ମୀ ଭୋଇ, ଇଶିତା ବେଗମ୍, ଯୁବ ନେତା ଭାବେଶ ଚାନ୍ଦ, ରବୀନ୍ଦ୍ର ସିଂ, ପ୍ରହଲ୍ଲାଦ ଗୁରୁ, ଅଜିମ୍ ଆଲ୍ଲୁ, ଜୁଲ୍‌ଫିକର ଅଲି ଭୁଟ୍ଟୋ, କୁନାଲ ପ୍ରଧାନ, କିଶୋର ମୁଣ୍ଡା, ଅଜୟ ସୁନା, ହୀରାଲାଲ ବାରିକ, ମନୋଜ ମହାପାତ୍ର, ସୁକେଶ ସିଂ, ଶେଷଦେବ ଗୁରୁ, ଯୁନସ ମୁଣ୍ଡା, କିଶୋର ମୁଣ୍ଡା, ଧର୍ମେନ୍ଦ୍ର ସୁନା, ବିକ୍ରମ, ଗଣେଶ କରାଲିଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ।



## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ସମ୍ବଲପୁର, ୩୧।୩ (ସମିସ):** ଡୁଙ୍ଗୁରିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ସଭାରେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟଅତିଥି, ସମାଜସେବୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବାହାମ ପଞ୍ଚାୟତ ସରପଞ୍ଚ ସରସ୍ୱତୀ ଭୁସାଗର, ବାହାମ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିର୍ମଳଚନ୍ଦ୍ର ଭୋଇ, କୁଲୁଣ୍ଡି ବିଶ୍ୱ ସେବା ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ପ୍ରତିମା ପଣ୍ଡା ଡୁଙ୍ଗୁରିପାଲି ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନଧାତା ପଣ୍ଡା, ଏସଏମସି ସଭାପତି ନିର୍ମଳ ଗଡ଼ିଆ, ସିଆରସିସି ଶ୍ୟାମ ବାଗ, ମୋ ସ୍କୁଲ ଅଭିଯାନ ସଭାପତି ସମୀର ଶାସନୀ, ଯୁଯୋମୁରାର ଅବସରପ୍ରାପ୍ତ ଏବିଇଓ ମାନଭଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ କାର୍ଯ୍ୟକାଳରେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। କୁକୁଡ଼ାପାଲି ସିଆରସିସି ସୁବ୍ରତ ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍କୁଲର ଶିକ୍ଷୟିତ୍ରୀ କିଶୋରୀ ରଣା ସ୍ୱାଗତ ଭାଷଣ ସହ ପରିଚୟ ପ୍ରଦାନ କରିଥିଲେ। ବିଦାୟୀ ଶିକ୍ଷୟିତ୍ରୀଙ୍କୁ ସ୍କୁଲର କର୍ମଚାରୀ, ଶିକ୍ଷାର୍ଥୀ, ଅଭିଭାବକ ତଥା ଶୁଭେଚ୍ଛୁମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କିଶୋରୀ ରଣା ଧନ୍ୟବାଦ ଦେଇଥିଲେ।



## ଜିଏମ୍‌ୟୁ ରସାୟନ ବିଭାଗ ପକ୍ଷରୁ ଦକ୍ଷତା ବୃଦ୍ଧି ସାର୍ଟିଫିକେଟ୍ କୋର୍ସ ଉଦ୍‌ଯାପିତ

**ସମ୍ବଲପୁର, ୩୧।୩ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ କେମିଷ୍ଟ୍ରି ପକ୍ଷରୁ ପିଏମ୍-ଉଷା ଯୋଜନା ଅଧୀନରେ ଆୟୋଜିତ "ଜୈବିକ ଯୋଗିକର ପରିଚୟ ପାଇଁ ସ୍ପେକ୍ଟ୍ରୋସ୍କୋପିକ ପ୍ରଣାଳୀ (ସ୍ପେକ୍ଟ୍ରୋସ୍କୋପିକ୍ ମେଥଡ୍ ଫର୍ ଆଇଡେଣ୍ଟିଫିକେସନ୍ ଅଫ୍ ଅର୍ଗାନିକ କମ୍ପାଉଣ୍ଡସ୍)" ବିଷୟକ ଦକ୍ଷତା ବୃଦ୍ଧି ସାର୍ଟିଫିକେଟ୍ କୋର୍ସ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅଧିବେଶନରେ ସ୍କୁଲ ଅଫ୍ କେମିଷ୍ଟ୍ରିର ସହକାରୀ ପ୍ରଫେସର ତଥା କୋର୍ସ ସମନ୍ୱୟକାରୀ ଡଃ ସୁପ୍ରଭା ନାୟକ କୋର୍ସର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଓ ବିଭାଗୀୟ ମୁଖ୍ୟ ପ୍ରଫେସର ମୋନାଲିସା ମହାପାତ୍ର କାର୍ଯ୍ୟକ୍ରମର ସଫଳ ସଞ୍ଚାଳନ ପାଇଁ ଲିଖିତ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିଥିଲେ। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ବିଜୟ କୁମାର ମିଶ୍ର ଏଭଳି କୋର୍ସର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଏମ୍‌ୟୁ କୁଳସଚିବ ସନତ କୁମାର ନାଏକ ଓ ଉପ-କୁଳସଚିବ ଡଃ ଚନ୍ଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ଅଫ କେମିଷ୍ଟ୍ରିର ସହକାରୀ ପ୍ରଫେସର ଡଃ ଦେବାଶିଷ ବେହେରା ଓ ସୁମନ୍ତ ପ୍ରଧାନ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଅଧିବେଶନକୁ ଡଃ ରୈସାରାଣୀ ଶର୍ମା ସଂଯୋଜନା କରିଥିଲେ।

ଏହି କୋର୍ସରେ ଡଃ ଅଜୟ କୁମାର ମିଶ୍ର (ରାଉରକେଲା ମ୍ୟୁନିସିପାଲ୍ କଲେଜର ଅବସରପ୍ରାପ୍ତ ପ୍ରାଚାର୍ଯ୍ୟ), ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟ ସାହୁ ଓ ଏନ୍‌ଏସ୍‌ସିବି କଲେଜର ଡଃ ଶ୍ରୀନିବାସ ସାହୁ ସହ କୋର୍ସ ସମନ୍ୱୟକାରୀ ଡଃ ସୁପ୍ରଭା ନାୟକ ଗତ ୩୦ ଦିନ ଧରି ଅଂଶଗ୍ରାହୀମାନଙ୍କୁ ପାଠ୍ୟଦାନ କରି ସ୍ପେକ୍ଟ୍ରମ୍ ବ୍ୟାଖ୍ୟା କୁଶଳତାର ବିକାଶ କରିଥିଲେ। ଏହି କୋର୍ସରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହ ଏନ୍‌ଏସ୍‌ସିବି କଲେଜ ଓ ଗାୟତ୍ରୀ କଲେଜ ଅଫ ଫାର୍ମାସି, ସମ୍ବଲପୁରର ରସାୟନ ସହ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ବାୟୋଟେକ୍ନୋଲୋଜି ଓ ଫାର୍ମାସି ଆଦି ବିଭିନ୍ନ ବିଷୟରୁ ମୋଟ ୫୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହୋଇ ଆଜି ସାର୍ଟିଫିକେଟ୍ ବଣ୍ଟନ ସହ ଶେଷ ହୋଇଥିଲା। ଏହି କୋର୍ସରେ ବିଭିନ୍ନ ଶିକ୍ଷା ପୃଷ୍ଠଭୂମିର ଏହି ସମ୍ମିଳିତ ଶ୍ରେଣୀ ତାତ୍ତ୍ୱିକ ଓ ପ୍ରାୟୋଗିକ ଶିକ୍ଷା ସମାପ୍ତ ପରେ ଶେଷ ପରୀକ୍ଷାରେ ଉଲ୍ଲେଖନୀୟ ଫଳାଫଳ ଅର୍ଜନ କରିଥିଲେ। ଶେଷରେ କୋର୍ସ ସମନ୍ୱୟକାରୀ ଡଃ ସୁପ୍ରଭା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ୧୧ ଦିନରେ ୧ କୋଟି ୩୦ଲକ୍ଷ ଜରିମାନା

## ମଙ୍ଗଳବାର ସରିଲା ପରିବହନ ବିଭାଗ ଚଢ଼ଉ ଅଭିଯାନ

ସମ୍ବଲପୁର, ୩୧।୩ (ସମିସ)

ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ), ଓଡ଼ିଶାର ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଗାଡ଼ି ଯାଞ୍ଚ (ଏନ୍‌ଫୋର୍ସମେଣ୍ଟ) ତଥା ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆଜି ଶେଷ ହୋଇଛି। ବିଭିନ୍ନ ମୁଖ୍ୟରାସ୍ତା ଓ ସ୍ଥାନ ମାନଙ୍କରେ ପରିବହନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଗାଡ଼ି କାଗଜାତ ଯାଞ୍ଚ କରିବାସହ ସଚେତନ କରିଥିଲେ। ଆଞ୍ଚଳିକ ପରିବହନ ବିଭାଗ, ସମ୍ବଲପୁରର ସୂଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ୧୧ ଦିନରେ ୨୧୭୬ ଟି ଚାଲାଣ କଟିଥିବାବେଳେ ୧, ୩୦, ୧୭, ୮୦୪ ଟଙ୍କା ଜୋରିମାନା କରାଯାଇଛି। ତନ୍ମଧ୍ୟରୁ ୧୩, ୭୪, ୮୩୩ ଟଙ୍କା ଜରିମାନା ସଂଗ୍ରହ କରାଯାଇଛି। ଏହି ଅଭିଯାନରେ ଚଢ଼ଉ ସମୟରେ ଦ୍ରୁତ ଗାଡ଼ିଚାଳନା, ନିଶାସକ୍ତ ଗାଡ଼ିଚାଳନା, ହେଲମେଟ୍ ନପିନ୍ଧିବା, ଦି'ଚକିଆରେ ତିନିଜଣ ବସିବା, ଭୁଲ ରାସ୍ତାରେ ଗାଡ଼ିଚାଳନା, ମାଲବାହୀ ଗାଡ଼ିରେ ଓଭରଲୋଡିଂ, ଯାତ୍ରୀବାହୀ ଗାଡ଼ିରେ ଓଭରଲୋଡିଂ, ଅନୁମତି ନନେଇ ବଡ଼ ଆକାରର ମାଲ ପରିବହନ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ିଚାଳନା ତଥା ଅନ୍ୟ ଟ୍ରାଫିକ ନିୟମ ଉଲ୍ଲଂଘନ ଆଦି ଯାଞ୍ଚ କରାଯାଇଥିଲା।



ଏହି ଚଢ଼ଉ ଓ ସଚେତନତା ଅଭିଯାନରେ ୨୧ ତାରିଖ ୧୫୪ଟି ଚାଲାଣ ଇସ୍ୟୁ କରି ୧୧, ୧୨, ୨୨୮ ଟଙ୍କା ଜରିମାନା କରାଯାଇଥିଲା। ସେହିପରି ୨୨ ତାରିଖ ୧୮୩ଟି ଚାଲାଣ ୧୦, ୮୨, ୯୯୦ ଟଙ୍କା ଜରିମାନା, ୨୩ ତାରିଖ ୨୦୯ଟି ଚାଲାଣ ୧୧, ୫୮, ୩୬୦ ଟଙ୍କା ଜରିମାନା, ୨୪ ତାରିଖ ୨୭୫ଟି ଚାଲାଣ ୨୦, ୨୬, ୪୯୫ ଟଙ୍କା ଜୋରିମାନା, ୨୫ ତାରିଖ ୨୧୮ଟି ଚାଲାଣ ୧୧, ୭୭, ୪୩୦ ଟଙ୍କା ଜରିମାନା, ୨୬ ତାରିଖ ୨୩୪ଟି ଚାଲାଣ ୧୦, ୫୨, ୨୫୫ ଟଙ୍କା ଜରିମାନା, ୨୭ ତାରିଖ ୧୧୦ଟି ଚାଲାଣ ୧୦, ୮୮, ୦୨୦ ଟଙ୍କା ଜୋରିମାନା, ୨୮ ତାରିଖ ୨୧୯ଟି ଚାଲାଣ ୧୩, ୫୯, ୪୨୧ ଟଙ୍କା ଜରିମାନା, ୨୯ ତାରିଖ ୩୧୮ଟି ଚାଲାଣ ୧୦, ୬୧, ୦୬୭ ଟଙ୍କା ଜରିମାନା, ୩୦ ତାରିଖ ୧୫୫ଟି ଚାଲାଣ ୧୦, ୩୨, ୨୦୦ ଟଙ୍କା ଜୋରିମାନା ଏବଂ ୩୧ ତାରିଖ ୧୦୧ଟି ଚାଲାଣ ୮, ୬୭, ୩୩୮ ଟଙ୍କା ଜରିମାନା କରାଯାଇଥିଲା। ତନ୍ମଧ୍ୟରେ ନିଶାସକ୍ତ ଗାଡ଼ିଚାଳନା ପାଇଁ ୨୧୯ଟି ଚାଲାଣ କଟିଥିବା ବେଳେ ଦ୍ରୁତଗତିରେ ଗାଡ଼ିଚାଳନା (୩୩୫), ହେଲମେଟ୍ (୮୨୭), ସିଟ୍‌ବେଲ୍ଟ (୬୫), ଓଭର୍‌ଲୋଡିଂ (୩୪), ମୋବାଇଲ ବ୍ୟବହାର (୪୦), ବୈଧ ଡ୍ରାଇଭିଂ ଲାଇସେନ୍ସ ନଥିବା (୨୫୯), ବାଇକ୍‌ରେ ତିନିଜଣିଆ ବସିବା (୭୩) ଏବଂ ଅନ୍ୟାନ୍ୟ ୩୫୩ ସହ ମୋଟ ୨୧୭୬ ଟି ଚାଲାନ କଟିଥିବା ବେଳେ ୧, ୩୦, ୧୭, ୮୦୪ ଟଙ୍କା ଜରିମାନା କରାଯାଇଛି।



# ସିଟି କଟକ

● ଅଦାଲତ ଅବମାନନା ମାମଲା

## ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନ ନିର୍ଦ୍ଦେଶକଙ୍କୁ ହାଜିରା ନିର୍ଦ୍ଦେଶ

କଟକ,୩୧।୩(ସମିସ): ଅଦାଲତଙ୍କ ନିର୍ଦ୍ଦେଶ ପରେ ବି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ(ଏଏଚଆରସି)ର ନିର୍ଦ୍ଦେଶକ ବ୍ୟକ୍ତିଗତ ହାଜର ନ ହେବା ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୧ତାରିଖକୁ ଧାର୍ଯ୍ୟ କରାଯାଇଥିବା ବେଳେ ଏହି ଦିନ ଏଏଚଆରସି ନିର୍ଦ୍ଦେଶକ ବ୍ୟକ୍ତିଗତ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି। ଶରତ କୁମାର ପଣ୍ଡାଙ୍କ ପକ୍ଷରୁ ଦାୟର ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଡଃ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରେ ପ୍ରତିପକ୍ଷ ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶକ ଏକ ଜରୁରୀ ଅସ୍ତ୍ରୋପଚାର ଥିବା ଦର୍ଶାଇ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିଲେ। ମାତ୍ର ବ୍ୟକ୍ତିଗତ ହାଜିରାରୁ ଛାଡ ପାଇଁ ସେ କିମ୍ବା ତାଙ୍କ ଓକିଲ କୌଣସି ଆବେଦନ କରି ନ ଥିବାରୁ ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ବେପରୁଆ ମନୋଭାବ ପାଇଁ କୋର୍ଟ ତାଙ୍କୁ ଭବିଷ୍ୟତରେ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପଦ୍ମଶ୍ରୀ ଶୈଳବାଳା ଦାସଙ୍କ ତିରୋଧାନ ଦିବସ



କଟକ,୩୧।୩(ସମିସ): ଓଡ଼ିଶାରେ ନାରୀଶିକ୍ଷା ଓ ମୁକ୍ତି ସଂଗ୍ରାମର ଅନ୍ୟତମ ପ୍ରବର୍ତ୍ତିକା ପଦ୍ମଶ୍ରୀ ଶୈଳବାଳା ଦାସଙ୍କ ୫୮ତମ ତିରୋଧାନ ଦିବସ ମଙ୍ଗଳବାର ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯଥାବିଧି ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ଜୀବନବଲ୍ଲଭ ଜେନା ପୌରହିତ୍ୟ କରିଥିଲେ। ଏହି ଅବସରରେ ସକାଳ ୭ଟା ୩୦ ମିନିଟରେ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଓ ଛାତ୍ରୀ ପ୍ରତିନିଧିମାନେ ଗୋରାକବର ଯାଇ ଶୈଳବାଳାଙ୍କ ସମାଧି ପୀଠରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପରେ ଦିବା ୧୧ଟା ୩୦ ମିନିଟରେ ଆୟୋଜିତ ପ୍ରାର୍ଥନା ସଭାରେ ଡ. ଗିରୀଶଚନ୍ଦ୍ର ବେହେରା, ସୁରେଶ ନାୟକ ଓ ରଶ୍ମିରେଖା ଜେନା ସ୍ୱରଚିତ କବିତା ପାଠ କରିଥିବା ବେଳେ ଶିବାନୀ ଦାସ ଭକ୍ତି ସଙ୍ଗୀତ ଗାନ କରିଥିଲେ। ଆବାହକ ଡକ୍ଟର ଅନିରୁଦ୍ଧ ଖିଲାର ଓଡ଼ିଶାର ଶିକ୍ଷା, ସାମାଜିକ ସଂସ୍କାର ଓ ରାଜନୀତି କ୍ଷେତ୍ରରେ ଶୈଳବାଳାଙ୍କ ଅବଦାନ ଏକ ଅନାଲୋଚିତ ଅଧ୍ୟାୟ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ। ଡ. ଗାୟତ୍ରୀ କର ତାଙ୍କ ଜୀବନୀ ଓ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିବା ବେଳେ ଡ. ବିଦ୍ୟୁଲତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଡ. ସଞ୍ଜିତା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଷ୍ଟାଫ୍ କ୍ଲବ୍ ପକ୍ଷରୁ ଅବସର ନେଉଥିବା ବରିଷ୍ଠ ଇତିହାସ ପ୍ରାଧ୍ୟାପକ ପିଟ୍ରୋସ ବୋଦ୍ରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

## ୪ଟି ହାଇସ୍କୁଲରେ 'ନାରାୟଣ ପତି ସ୍ମାରକୀ ପୁରସ୍କାର' ପ୍ରବର୍ତ୍ତନ



କଟକ,୩୧।୩(ସମିସ): ପ୍ରବୀଣ ଗଣିତ ବିଶାରଦ ତଥା ପ୍ରଧାନଶିକ୍ଷକ ସ୍ୱର୍ଗତ ନାରାୟଣ ପତିଙ୍କ ସ୍ମୃତିରେ ରାଜ୍ୟର ୪ଟି ପ୍ରମୁଖ ହାଇସ୍କୁଲରେ ମେଧାବୀ ବିଦ୍ୟାର୍ଥୀଙ୍କୁ ପ୍ରତିବର୍ଷ ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ନାରାୟଣ ପତି ସ୍ମୃତି ସଂସଦର କାର୍ଯ୍ୟକାରୀ କମିଟି ବୈଠକରେ ଏହି ନୂତନ ପୁରସ୍କାର ବ୍ୟବସ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। ସ୍ୱର୍ଗତ ପତି ନିଜ ଶିକ୍ଷକତା ଜୀବନରେ ଏହି ୪ଟି ସ୍କୁଲରେ ବରିଷ୍ଠ ଶିକ୍ଷକ ଓ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ନିଷ୍ପତ୍ତି ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ କଟକର ରେଭେନ୍ସା କଲିଜିଏଟ୍ ସ୍କୁଲ ଓ ଓଡ଼ିଶା ପୁଲିସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଚେକ୍ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ ଓ ଅନୁଗୁଳ ସରକାରୀ ହାଇସ୍କୁଲକୁ ସମାନ ପରିମାଣର ଅର୍ଥରାଶି ପ୍ରଦାନ କରାଯିବ। ଏହି ଅର୍ଥକୁ ବ୍ୟାଙ୍କରେ ସ୍ଥାୟୀ ଜମା ରଖାଯାଇ ସେଥିରୁ ମିଳୁଥିବା ସୁଧକୁ ପ୍ରତିବର୍ଷ ଦୁଇଜଣ ଲେଖାଏଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସ୍ୱରୂପ ଦିଆଯିବ। ଏଥିସହ ରାଜ୍ୟର ଜଣେ କୃତୀ ଗଣିତ ବିଶାରଦଙ୍କୁ ମଧ୍ୟ ଚଳିତ ବର୍ଷ "ନାରାୟଣ ପତି ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯିବ। ବୈଠକ ପ୍ରାରମ୍ଭରେ ସଂସଦର ପୂର୍ବତନ ସଭାପତି ପଦ୍ମନାଭ ସାମଲ ଓ ସଦସ୍ୟ ଶରତ ମିଶ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ସ୍ୱର୍ଗତ ସାମଲଙ୍କ ସ୍ଥାନରେ ଡାକ୍ତର ନିମାଇଁ ଚରଣ ପରିଡ଼ାଙ୍କୁ ସଂସଦର ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ଏହି ବୈଠକରେ ସମ୍ପାଦକ ଡ. ସତ୍ୟ ରାୟ, ଯୁଗ୍ମ ସମ୍ପାଦକ ଭୁବନାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଗୋକୁଳାନନ୍ଦ ପଟ୍ଟନାୟକ ଓ ଅଧ୍ୟାପିକା ବିଦ୍ୟୁତଲାଲା ପ୍ରମୁଖ ଯୋଗଦେଇଥିଲେ।

ନିଶା ମାଫିଆଙ୍କ ନେଟୱର୍କ ଉପରେ ଅବକାରୀ ବିଭାଗର ଆକ୍ରମଣ

# ଫେବୃଆରୀ ସୁଦ୍ଧା ୩୪୩ କୋଟିରୁ ଅଧିକ ସମ୍ପତ୍ତି ଜବତ

କଟକ,୩୧।୩(ସମିସ):

କଟକ ଜିଲ୍ଲାରେ ବେଆଇନ ନିଶା କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଜାରି ରହିଥିବା ଜୋରଦାର ଅଭିଯାନରେ ଏକ ବଡ଼ ସଫଳତା ମିଳିଛି।

- ଗତବର୍ଷ ତୁଳନାରେ ୩ ଗୁଣ ବଢ଼ିଛି ଜବତ ପରିମାଣ
- ଜାଲ୍ ମଦଠାରୁ ବ୍ରାଉନ୍‌ସୁଗର୍ ପର୍ଯ୍ୟନ୍ତ ସବୁଠି ପ୍ରଶାସନର କଡ଼ା ନଜର

୨୦୨୫-୨୬ ଆର୍ଥିକ ବର୍ଷର ଫେବୃଆରୀ ମାସ ସୁଦ୍ଧା ବିଭାଗ ପକ୍ଷରୁ ଜବତ କରାଯାଇଥିବା ନିଶାଦ୍ରବ୍ୟ ଓ ସମ୍ପୃକ୍ତ ଯାନବାହନର ଆନୁମାନିକ ମୂଲ୍ୟ ପ୍ରାୟ ୩୪୩ କୋଟି ୮୩ ଲକ୍ଷ ୨୦ ହଜାର ଟଙ୍କା ଛୁଇଁଛି। ଗତବର୍ଷ (୨୦୨୪-୨୫) ଏହି ସମୟ ମଧ୍ୟରେ ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୧୧୧ କୋଟି ଟଙ୍କା ଥିବାବେଳେ ଚଳିତବର୍ଷ ଏଥିରେ ପ୍ରାୟ ୩ ଗୁଣରୁ ଅଧିକ ବୃଦ୍ଧି ପରିଲକ୍ଷିତ ହୋଇଛି।

ବେଆଇନ ମଦ କାରବାର ରୋକିବା କ୍ଷେତ୍ରରେ



ବିଭାଗକୁ ବ୍ୟାପକ ସଫଳତା ମିଳିଛି। ଫେବୃଆରୀ ସୁଦ୍ଧା ପ୍ରାୟ ୧୩,୭୨,୨୫ କିଲୋ ଲିଟର ଦେଶୀ ମଦ ଏବଂ ୭,୬୧,୮୧୦ ଲିଟର ଆଇ.ଡି. ୱାସ୍ ଜବତ କରାଯାଇଛି। କେବଳ ସେତିକି ନୁହେଁ, ମଦ ମାଫିଆଙ୍କ ଯୋଜନାକୁ ପଣ୍ଡ କରି ବିଭାଗ ପକ୍ଷରୁ ୬୮ ହଜାରଟି ଜାଲ୍ କ୍ୟାପ୍ ଏବଂ ପ୍ରାୟ ୧,୬୭,୧୬୪ଟି ଜାଲ୍ ଲେବଲ୍ ଜବତ କରାଯାଇଛି, ଯାହା ନକଲି ମଦ କାରବାରର ଏକ ବଡ଼ ନେଟୱାର୍କକୁ ପଦାରେ ପକାଇଛି। ସାଧାରଣ ନିଶାଦ୍ରବ୍ୟ ସହ ମାରାତ୍ମକ "ଏନଡିପିଏସ୍' ସାମଗ୍ରୀ ଉପରେ ମଧ୍ୟ ଅବକାରୀ ବିଭାଗ କଡ଼ା ନଜର ରଖିଛି। ଚଳିତ ବର୍ଷ ୧୯୩୩ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୨୦୮.୨ ଗ୍ରାମ୍ ବ୍ରାଉନ୍ ସୁଗର୍ ଜବତ ହୋଇଛି। ଏହା ବ୍ୟତିତ ପ୍ରାୟ ୪୩,୭୫୦ଟି ଅଫିମ ଗଛ ନଷ୍ଟ କରାଯାଇଛି ଏବଂ ନିଶା ଭାବେ ବ୍ୟବହୃତ ହେଉଥିବା ୬୭୦୯.୬ ଲିଟର କାଶ କଫ ସିରପ୍ ମଧ୍ୟ ଜବତ ହୋଇଛି।

ନିଶାଦ୍ରବ୍ୟ ପରିବହନରେ ବ୍ୟବହୃତ ହେଉଥିବା ଯାନବାହନ ଉପରେ ବିଭାଗ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫେବୃଆରୀ ସୁଦ୍ଧା ୨୯ଟି ଚାରିଚକିଆ ଯାନ, ୧୬୨ଟି ମୋଟର ସାଇକଲ୍ ଏବଂ ୮ଟି ଅଟୋରିକ୍ସା ଜବତ କରାଯାଇଛି। କେବଳ ୨୦୨୬ ଫେବୃଆରୀ ମାସରେ ହିଁ ୨୨ କୋଟି ୮୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ କରାଯାଇ ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ଚେଷ୍ଟା କରାଯାଇଛି। ଅବକାରୀ ବିଭାଗର ଏହି ତଥ୍ୟ ସ୍ପଷ୍ଟ କରୁଛି ଯେ କଟକ ଜିଲ୍ଲାରେ ନିଶା କାରବାରକୁ ସମ୍ପୂର୍ଣ୍ଣ ରୂପେ ନିପାତ କରିବା ପାଇଁ ପ୍ରଶାସନ ପକ୍ଷରୁ 'ଜିରୋ ଟୋଲରାନ୍ସ' ନୀତି ଆପଣାଯାଇଛି। ଆଗାମୀ ଦିନରେ ଏହି ଚଢ଼ଉ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ସୂଚନା ଦେଇଛନ୍ତି।

## କଟକ ନଗର କଂଗ୍ରେସ ସଭାପତି ହେଲେ ସାନ୍ତାୟନ ମିଶ୍ର



କଟକ,୩୧।୩(ସମିସ): କଂଗ୍ରେସ ହାଇକମାଣ୍ଡ ସାନ୍ତାୟନ ମିଶ୍ରଙ୍କ ଉପରେ ଭରସା କରି କଟକ ନଗର କଂଗ୍ରେସ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଶ୍ରୀ ମିଶ୍ର ଏହା ପୂର୍ବରୁ ପିସିସି ସମ୍ପାଦକ ସହ ବିଭିନ୍ନ ସମୟରେ ବହୁ ଦାୟିତ୍ୱ ନିଷ୍ଠାର ସହ ସମ୍ପାଦନ କରିଛନ୍ତି। ସାନ୍ତାୟନ ମିଶ୍ର ହେଉଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଓ କାହ୍ନୁ ଚରଣ ଲେଙ୍କାଙ୍କ ଘନିଷ୍ଠ ସହଯୋଗୀ ଥିବା ସ୍ୱର୍ଗତଃ ରମାକାନ୍ତ ମିଶ୍ରଙ୍କ ପୁତ୍ର। କଂଗ୍ରେସ ଦଳ ସହିତ ବିଭିନ୍ନ ପଦ ପଦବୀରେ ରହି ଶୃଙ୍ଖଳିତ ଭାବରେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଥିଲେ। ସାନ୍ତାୟନ ମିଶ୍ରଙ୍କୁ କଟକ ନଗର(ଜିଲ୍ଲା) କଂଗ୍ରେସର ସଭାପତି ଭାବେ ନିଯୁକ୍ତି ମିଳିଥିବାରୁ କଟକ ସହରରେ କଂଗ୍ରେସ କର୍ମୀମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀ ମିଶ୍ରଙ୍କୁ ଏହି ନିଯୁକ୍ତି ଦିଆଯାଇଥିବାରୁ କଟକ ନଗର କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ବ୍ଲକ୍ କଂଗ୍ରେସ ସଭାପତି ଜ୍ଞାନେଶ୍ୱ ନାୟକ, ଅଲେଖ ଚନ୍ଦ୍ର ବେହେରା, ପିସିସି ମିଡିଆ ପାନେଲିଷ୍ଟ ଅମ୍ରିତା ଦାସ, ପ୍ରାକ୍ତନ ନଗର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ପ୍ରଧାନ, କଟକ ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଛାତ୍ରନେତା ହରିଶଙ୍କର ରାଉତ ଓ ଫେଲୁ ପଟ୍ଟନାୟକ ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ନେତୃତ୍ୱରେ କଟକ ସହରରେ କଂଗ୍ରେସ ତୃଣମୂଳସ୍ତରରୁ ଅଧିକ ସଶକ୍ତ, ସଂଗଠିତ ଓ ମଜବୁତ୍ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଏହି ନିଯୁକ୍ତି ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ, ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଅଖିଳ ଭାରତ କଂଗ୍ରେସ କମିଟି ସଂଗଠନ ସମ୍ପାଦକ କେ.ସି. ବେଣୁଗୋପାଳ, ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ସର୍ବୋପରି କଂଗ୍ରେସର ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କୁ ସେମାନେ କୃତଜ୍ଞତା ଜଣାଇଛନ୍ତି।

## କଟକ କଲେଜରେ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ




କଟକ,୩୧।୩(ସମିସ): କଟକ କଲେଜର ରେଡ୍‌କ୍ରସ୍, ଏନ୍‌ଏସ୍‌ଏସ୍, ଏନ୍‌ସିସି ଏବଂ ଆର୍‌ଆର୍‌ସି ପକ୍ଷରୁ ମିଳିତ ଭାବେ ଏକ ରକ୍ତଦାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ. ଶୁଭଦର୍ଶିନୀ ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଯୁବସମାଜ ରକ୍ତଦାନ ଭଳି ମହତ୍ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ରକ୍ତଦାନ ଶିବିର ପାଇଁ ବିଦ୍ୟାର୍ଥୀଙ୍କୁ ରକ୍ତଦାନର ଆବଶ୍ୟକତା ଓ ଏହାର ସମାଜ ପ୍ରତି ଥିବା ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଣିଜ୍ୟ ଅଧ୍ୟାପକ ଡ. ଦେବେନ୍ଦ୍ର କୁମାର ଓଝା, ରେଡ୍‌କ୍ରସ୍ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର, ଏନ୍‌ସିସି ଅଫିସର ପ୍ରିୟଦର୍ଶିନୀ ଡାକୁଆ ଏବଂ ଆର୍‌ଆର୍‌ସି ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ବିଭାଗ ମୁଖ୍ୟ ଡ. ପ୍ରଣତୀ ପଟ୍ଟନାୟକ, ଡ. ରୁନୁବାଳା ମହାରଣା ଏବଂ ଡ. ମନ୍ଦାକିନୀ ପଣ୍ଡା ଯୋଗଦେଇ ରକ୍ତଦାନର ମହତ୍ତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନାଜମିନ୍ ସୁଲତାନା, ସୁଜଲ୍ ସ୍ୱାଇଁ, ରିହାନ୍ ଖାନ୍ ଓ ରଶ୍ମୀ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

# ମେ ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୩୧।୩(ସମିସ): ଆସନ୍ତା ମେ ମାସ ୯ ତାରିଖ ଶନିବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପରିସରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ନ୍ୟାୟାଳୟରେ ପଡ଼ି ରହିଥିବା ବିଭିନ୍ନ ମାମଲାର ଶୀଘ୍ର ଏବଂ ସହଜ ସମାଧାନ ପାଇଁ ଜାତୀୟ ଆଇନ ସେବା ପ୍ରାଧିକରଣ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ହାଇକୋର୍ଟ ଆଇନ ସେବା କମିଟିର ମିଳିତ ସହଯୋଗରେ ଏହା ଆୟୋଜିତ ହେବ। ମାମଲାଗୁଡ଼ିକର ପରିଚାଳନା ପାଇଁ ଏକ ପ୍ରାକ୍-ଲୋକ ଅଦାଲତ ବୈଠକ ଆସନ୍ତା ଏପ୍ରିଲ ୨୨ ତାରିଖ ଅପରାହ୍ନ ୪:୩୦ ସମୟରେ ଅନୁଷ୍ଠିତ ହେବ। ଏଥିରେ ରାଜିନାମା ଯୋଗ୍ୟ ଫୌଜଦାରୀ ମାମଲା, ଏନଆଇ ଆକ୍ଟର ଧାରା ୧୩୮ ଅନ୍ତର୍ଗତ ମାମଲା, ବ୍ୟାଙ୍କ ଋଣ ସଂକ୍ରାନ୍ତୀୟ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ଏବଂ ଚାକିରି ସମ୍ବନ୍ଧୀୟ (ପେନସନ ସମେତ) ମାମଲା, ବିଦ୍ୟୁତ ଓ ଜଳ ଦେୟ ସମ୍ବନ୍ଧୀୟ ବିବାଦ, ପାରିବାରିକ ଓ ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) ଜମି ଅଧିଗ୍ରହଣ, ରାଜସ୍ୱ ଏବଂ ଅନ୍ୟାନ୍ୟ ଦେୱାନୀ ମାମଲାଗୁଡିକର ଫଇସଲା କରାଯିବ। ଯେଉଁ ଆଇନଜୀବୀମାନେ ନିଜର ମାମଲାକୁ ଲୋକ ଅଦାଲତ ମାଧ୍ୟମରେ ସମାଧାନ କରିବାକୁ ଚାହୁଁଛନ୍ତି, ସେମାନେ ହାଇକୋର୍ଟ ଆଇନ ସେବା କମିଟିର କାର୍ଯ୍ୟାଳୟରେ ନିଜର "ମେନସନ୍ ମେମୋ' ଏପ୍ରିଲ ୮ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି।




ଉତ୍କଳ ଦିବସ ଅବସରରେ ଆଲୋକମାଳାରେ ଝଲସୁଛି ସହର

ଏଲ୍‌ପିଜି ସିଲିଣ୍ଡର କଳାବଜାର ବିରୋଧରେ କଡ଼ା ଆଭିମୁଖ୍ୟ

# କଟକରୁ ୧୦୨ଟି ସିଲିଣ୍ଡର ଜବତ

କଟକ,୩୧।୩(ସମିସ):

ଜିଲ୍ଲାରେ ଏଲପିଜି ସିଲିଣ୍ଡର କଳାବଜାର ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ଉ ଜୋରଦାର କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ସିଡିଏ ସମେତ କଟକ ସହରର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ସମୁଦାୟ ୧୦୨ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ଗ୍ୟାସ କଳାବଜାରୀ ଓ ଅନୁଷ୍ଠାନ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଏହା ଉପରେ ତୀକ୍ଷଣ ନଜର ରଖିବାକୁ ଜିଲ୍ଲାପାଳ ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପୁଲିସ ଓ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ



ଆଲୋଚନା କରିଥିଲେ। ସାଧାରଣ ଜନତା ଯେପରି ରନ୍ଧନ ଗ୍ୟାସ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସତର୍କ ରହିବାକୁ ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ବିଦ୍ୟାଳୟ, ହସ୍ପିଟାଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଗ୍ୟାସର କୌଣସି ଅଭାବ ପରିଲକ୍ଷିତ ହୋଇନାହିଁ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ଏଥିସହ ବାଣିଜ୍ୟିକ ପ୍ରତିଷ୍ଠାନ, ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକୁ ବାଧ୍ୟତାମୂଳକ ଭାବେ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ ସଂଯୋଗ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଗ୍ୟାସ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ଗେଲ) ପକ୍ଷରୁ ଘରୋଇ ଓ ବାଣିଜ୍ୟିକ ଉପଭୋକ୍ତାଙ୍କ ମଧ୍ୟରେ ପାଇପ୍ ଗ୍ୟାସ ସଂଯୋଗୀକରଣ ନେଇ ସଚେତନତା ସୃଷ୍ଟି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ବ୍ୟବଧାନରେ ଚଢ଼ଉ ଜାରି ରଖିବାକୁ ପୁଲିସ ଅଧିକାରୀଙ୍କୁ କୁହାଯାଇଛି।

## କେନ୍ଦ୍ର ସାହିତ୍ୟ ଅକାଦେମୀ ବାଲ୍ ସାହିତ୍ୟ ଉତ୍ସବକୁ ଡ ସୁନାମଣି ନିମନ୍ତ୍ରିତ



କଟକ,୩୧।୩(ସମିସ): କେନ୍ଦ୍ର ସାହିତ୍ୟ ଅକାଦେମୀର ସାହିତ୍ୟୋତ୍ସବ ନୂଆଦିଲ୍ଲୀସ୍ଥିତ ଫିରୋଜସାହା ରୋଡ୍, ରବୀନ୍ଦ୍ର ଭବନଠାରେ ମାର୍ଚ୍ଚ ୩୦ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ "ଶିଶୁ ସାହିତ୍ୟର ସ୍ୱତନ୍ତ୍ର ପରିଚୟ ଫେରିପାଇବା' ଶୀର୍ଷକ ଶିଶୁ ସାହିତ୍ୟ ସମ୍ମେଳନରେ ଓଡିଶାରୁ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ ନିମନ୍ତ୍ରିତ ହୋଇ ୪ ତାରିଖରେ ହେବାକୁ ଥିବା ଏହି ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି। ଏଥିପାଇଁ ସାହିତ୍ୟ ଅକାଦେମୀ ତାଙ୍କର ଯାତାୟାତ ଓ ରହଣୀର ସୁବନ୍ଦୋବସ୍ତ କରିଛନ୍ତି। ଉତ୍ସବରେ ଡ. ରାଉତ ବିଷୟଭିତ୍ତିକ ସ୍ୱରଚିତ ଓଡ଼ିଆ ଶିଶୁ କବିତା ସହିତ ଏହାର ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୁଦିତ କବିତା ପାଠ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଡ. ରାଉତ ସାହିତ୍ୟ ଅକାଦେମୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ଦିବାରାତ୍ରି ଭଲିବଲ୍ ଟୁର୍ଣ୍ଣାମେଣ୍ଟ



**କବାଟବନ୍ଧ, ୩୧।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତ ବାଲିକୁଦିଆ ଠାରେ ଦିବାରାତ୍ରି ଭଲି ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ ତରଫରୁ ଯାଜପୁର ଜିଲ୍ଲା କମିଟି ଆହ୍ୱାନରେ ସହିଦ୍ ଭଗତ ସିଂଙ୍କର ୯୬ତମ ବଳିଦାନ ଦିବସ ଉପଲକ୍ଷେ ଏହି ଭଲିବଲ୍ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ୍‌ରେ କାଙ୍କଡ଼ପାଳ ପ୍ରତିଦ୍ୱନ୍ଦୀ ଟିମ୍ ଛତିପୁରକୁ ୨-୧ ସେଟ୍‌ରେ ପରାସ୍ତ କରି ବିଜୟଲାଭ କରିଥିଲା। ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟକ ଭାବରେ ଇଂ. ଉମେଶ କୁମାର ମହାରଣା ଓ ମୁଖ୍ୟଅତିଥି ଭାବରେ ଏଆଇଡିୱାଇଓର ସର୍ବଭାରତୀୟ ଅଫିସ୍ ସମ୍ପାଦକ ବିଜୟାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ପରିଶେଷରେ ବିଜେତା ଦଳକୁ ଜିଲ୍ଲା ସଭାପତି ସୁବାସ ମଲ୍ଲିକ ଏବଂ ରନର୍ସ ଦଳକୁ ରାଜ୍ୟ କୋଷାଧ୍ୟକ୍ଷ ଚୈତନ୍ୟ ମହାରଣା ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଜିଲ୍ଲା କମିଟି ସଭ୍ୟ ମନୋରଞ୍ଜନ ଭଞ୍ଜ, ପ୍ରଶାନ୍ତ ମଳିକ, କୁଳମଣି ପରିଡ଼ା, ଭଗନ ବଳ, କିଶୋର ମଲ୍ଲିକ ଓ ସନ୍ତୋଷ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

# ରବିନାରାୟଣ ରାଉତରାୟଙ୍କ ସ୍ମୃତିସଭା



**ଯାଜପୁର, ୩୧।୩(ସମିସ):** ଦଶରଥପୁର ବ୍ଲକର କଟିକଟା ପଞ୍ଚାୟତ ଅନ୍ତର୍ଗତ ହୀରାପୁର ଗ୍ରାମରେ ରବିନାରାୟଣ ରାଉତରାୟଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ପୋର୍ଟର ପୂର୍ବତନ ମୁଖ୍ୟ ଆର୍ଥିକ ଉପଦେଷ୍ଟା ଭାବେ ସେ ପରିଚିତ ଥିଲେ। ଦେବକୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କଟକ ମେୟର ସୁବାସ ସିଂହ, ଶ୍ରୀକାନ୍ତ ତ୍ରିପାଠୀ, କବି ଘନ ପରିଡ଼ା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମେଶ ସାମଲ, କଂଗ୍ରେସ ନେତା ଶ୍ୟାମସୁନ୍ଦର କର, ପଣ୍ଡିତ ଲକ୍ଷ୍ମୀଧର ମିଶ୍ର, ଡା. ସଂଯୁକ୍ତା ସ୍ୱାଇଁ, ଡା. ସାର୍ଥକ ରାଉତରାୟ, ଆଇନଜୀବୀ ଅଶୋକ ପାହିଲ, ପ୍ରଫେସର ସତ୍ୟନାରାୟଣ ରାଉତରାୟ, ଡାକ୍ତର ବିଶ୍ୱଜିତା ରାଉତରାୟ ସହ ପାରାଦୀପ ପୋର୍ଟ ବନ୍ଦର ମୁଖ୍ୟ ଯନ୍ତ୍ରୀ ବିରଞ୍ଚି ନାରାୟଣ ପ୍ରଧାନ ଏବଂ ପୂର୍ବତନ ମୁଖ୍ୟଯନ୍ତ୍ରୀ ଉମେଶ ଚନ୍ଦ୍ର ଜେନା, କଟକ ଉଚ୍ଚ ନ୍ୟାୟାଳୟର ସିନିୟର ଆଡ଼ଭୋକେଟ ସଞ୍ଜିବ ସ୍ୱାଇଁ, ବିଜେପି ନେତା ଗୌତମ ରାୟ, ବିଭିନ୍ନ ସମ୍ମାନିତ ବ୍ୟକ୍ତିତ୍ୱମାନେ ଯୋଗଦେଇଥିଲେ। ସେ ନିଜ ଜୀବନକୁ ସମାଜସେବା, ଶିକ୍ଷା ଓ ଧାର୍ମିକ କାର୍ଯ୍ୟରେ ନିୟୁକ୍ତ କରି ସମାଜରେ ଏକ ଉଦାହରଣ ସୃଷ୍ଟି କରିଥିଲେ। ହୀରାପୁରର ଚିରବସନ୍ତ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଓ ହୀରାବାଗ ମଠର ଉନ୍ନତିକାର୍ଯ୍ୟରେ ତାଙ୍କ ଅବଦାନ ସଦା ସ୍ମରଣୀୟ ରହିବ ବୋଲି ଅତିଥିମାନେ କହିଥିଲେ।

# ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ବିଦାୟ ସମ୍ବର୍ଦ୍ଧନା



**ବଡ଼ଚଣା, ୩୧।୩(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ଆୟୋଜିତ ସଭାରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ନାୟକଙ୍କ ସଭାପତିତ୍ୱ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ୍ ପରିଚାଳନା କମିଟିର ପ୍ରାକ୍ତନ ଅଧ୍ୟକ୍ଷ ତ୍ରିଲୋଚନ ରାଉତ, ପୁରାତନ ଛାତ୍ର ସଂଘ ସମ୍ପାଦକ ଶ୍ରୀକାନ୍ତ ଦାସ, ଛତିଆ ସ୍ଥିତ ମହାପୁରୁଷ ହାଡ଼ିଦାଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମନୋଜ ମିଶ୍ର, ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଶ୍ୱନାଥ ଦାସ, ଅଧ୍ୟାପକ ତ୍ରୈଲୋକ୍ୟ କୁମାର ସାମଲ, ନୃସିଂହ ଚରଣ ବସ୍ତିଆ, ୬୬୨ବର୍ଗ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ସଂଘ ସଭାପତି ଗୋଲଖ ନାୟକ, ଅବନୀ ରଞ୍ଜନ ନାୟକ, ରାଜ୍ୟ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ବଡ଼ଚଣା ବ୍ଲକ ଓଷ୍ଟା ସଂଘ ସମ୍ପାଦକ ସତ୍ୟବାଦୀ ପଣ୍ଡା, ହୋଲି ଜେଶସ୍ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ତଥା ବିକେ ଏଜୁକେଶନାଲ୍ ଟ୍ରଷ୍ଟର ଅଧ୍ୟକ୍ଷା କାମିନୀ ନାୟକ, ଅଧ୍ୟାପକ ଚକ୍ରଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରର ଏକ ସ୍ମରଣିକା 'ଅବସରଣିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ରସଂଘ ସଭାପତି କେଶବ ଚନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ତାଙ୍କ ଘର ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

**ମଙ୍ଗଳପୁର, ୩୧।୩(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ଶିକ୍ଷକ ବ୍ରହ୍ମାନନ୍ଦ ନାୟକଙ୍କ ବିୟୋଗରେ ଆଜି ବିଦ୍ୟାଳୟ ପରିସରରେ ଏକ ସ୍ମୃତିଚାରଣ ସଭା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଝୁନୁପ୍ରିୟା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଏସ୍‌ଏମଡିସି ସଭ୍ୟ ଚିନ୍ମୟ କୁମାର ବାରିକ, ଜୟପ୍ରକାଶ ନାୟକ, ସଭ୍ୟା ଆଶାଲତା ସାହୁ, ସ୍ନେହଲତା ବାରିକ, ସହକାରୀ ଶିକ୍ଷକ ଧରମଜିତ ମଲ୍ଲିକ, ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ, ଚିତ୍ରା ଘୋଷ, କିରାଣି ସଂଗ୍ରାମ ନାୟକ, କର୍ମଚାରୀ ଅଶୋକ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଯାଜପୁର ପୁଲିସର ଇ-ମିତ୍ର ଆପ୍ ଉଦ୍‌ଘାଟିତ

**ପାଣିକୋଇଲି, ୩୧।୩(ସମିସ):** ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଜିଲ୍ଲା ପୁଲିସ ପକ୍ଷରୁ ଇ-ମିତ୍ର ଆପ୍ ଆଇଜି ସତ୍ୟଜିତ ନାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଏଥି ସହିତ ମୋବାଇଲ ହଜିଲେ ବା ଚୋରି ହେଲେ କିପରି ଅଭିଯୋଗ କରିହେବ ତାହା ଦ୍ୱାରା ପ୍ରକୃତ ମାଲିକ କିପରି ତାହା ପାଇପାରିବେ ସେ ନେଇ ଆଇଜି ଶ୍ରୀ ନାୟକ ସୂଚନା ଦେଇଥିଲେ। ଯାଜପୁର



## ମୋବାଇଲ ମେଳା ଆୟୋଜିତ

ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଚୋରି ହୋଇଥିବା ମୋବାଇଲ ଫୋନକୁ ଫୋନର ପ୍ରକୃତ ମାଲିକଙ୍କ ପାଖରେ ପହଞ୍ଚାଇବା ଲାଗି ଯାଜପୁର ପୁଲିସର ଏହି ଆପ୍ ଜରିଆରେ ସୂଚନା ଦେଇଥିଲେ। ସାଧାରଣ ଲୋକ କିପରି ସୁଫଳ ପାଇବେ ସେ ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଯାଜପୁର ଜିଲ୍ଲାରେ ଅପରେସନ ରିକନେକ୍ଟ ମାଧ୍ୟମରେ ଏକ ସପ୍ତାହ ମଧ୍ୟରେ ୯୨ଟି ମୋବାଇଲ ଉଦ୍ଧାର କରାଯାଇ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ମୋବାଇଲ ମେଳା କାର୍ଯ୍ୟକ୍ରମ ପାଣିକୋଇଲିସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଉକ୍ତ ମେଳାରେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଯସପ୍ରତାପ ଶ୍ରୀମଲ ଯୋଗ ଦେଇ ବିଭିନ୍ନ ଥାନା ପକ୍ଷରୁ ଉଦ୍ଧାର ହୋଇଥିବା ୯୨ଟି ମୋବାଇଲ ଫୋନ ମଧ୍ୟରୁ ମେଳାକୁ ଆସିଥିବା ବ୍ୟକ୍ତିଙ୍କୁ ସେମାନଙ୍କ ମୋବାଇଲ ଫୋନ ପ୍ରଦାନ କରିଥିଲେ। ଯେଉଁ ଥାନା ଅଞ୍ଚଳର ଫୋନ ପାଇଁ ଆସିନାହାନ୍ତି ସେହି ଫୋନ ଗୁଡିକୁ ସେମାନେ ଉପଯୁକ୍ତ ପ୍ରମାଣ ଦେଇ ନିଜ ନିଜ ଥାନାରୁ ନେଇଯିବେ ବୋଲି ଶ୍ରୀମଲ ପ୍ରକାଶ କରିଥିଲେ। ଜିଲ୍ଲାର କଳିଙ୍ଗନଗର, ବିଞ୍ଝାରପୁର, ବାଲିଚନ୍ଦ୍ରପୁର, ଯାଜପୁର ସଦର, ଯାଜପୁରରୋଡ, ଦଶରଥପୁର, ମଙ୍ଗଳପୁର, ବରୀ, କାଳିଆପାଣି, ଜେନାପୁର, ସୁକିନ୍ଦା, ଟମକା, କୁଆଖିଆ, ଜେନାପୁର, କୋରାଇ, ଧର୍ମଶାଳା, ପାଣିକୋଇଲି, ବୈରୀ ଥାନାରୁ ଏକ ସପ୍ତାହ ମଧ୍ୟରେ ଉକ୍ତ ମୋବାଇଲ ଗୁଡ଼ିକ ଚୋରି ହୋଇଥିବାର ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଥିଲା। ପରେ ଏହି ମୋବାଇଲ ଗୁଡ଼ିକ ଟ୍ରାକିଂ କରି ଧରାଯାଇଥିଲା। ଯାଜପୁର ଜିଲ୍ଲା ପୁଲିସ ଇତିହାସରେ ଦ୍ୱିତୀୟ ଥର ପାଇଁ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଜଣାଇବା ସହିତ ସାଧାରଣ ଜନତାଙ୍କୁ ସେଣ୍ଟ୍ରାଲ ଇକ୍ୱିପମେଣ୍ଟ ଆଇଡେଣ୍ଟି ରେଜିଷ୍ଟର ମୋବାଇଲ ଆପ୍ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଯାହାର ମୋବାଇଲ ଫୋନ ଚୋରି ହୋଇଛି ଥାନାକୁ ନ ଯାଇ ଉକ୍ତ ଆପ୍ ମାଧ୍ୟମରେ ଚୋରି ହୋଇଯାଇଥିବା ମୋବାଇଲର ଆଇଏମଆଇଇ ନମ୍ବରକୁ ରେଜିଷ୍ଟ୍ରସନ କରିବାକୁ ଅନୁରୋଧ କରିଥିଲେ। ଯାହାଦ୍ୱାରା ଉକ୍ତ ଅଭିଯୋଗଟି ସିଧା ପୁଲିସ ମୁଖ୍ୟାଳୟରେ ପହଞ୍ଚି ପାରିବ ଓ ପୁଲିସ ଉକ୍ତ ମୋବାଇଲକୁ ଟ୍ରାକିଂ କରି ପ୍ରକୃତ ମାଲିକଙ୍କୁ ଫେରାଇପାରିବ। ଉକ୍ତ ମେଳାରେ ଅତିରିକ୍ତ ଏସ୍‌ପି ପୁଷ୍ପଲତା ବାରିକ, ଲକ୍ଷ୍ମୀଧର ସ୍ୱାଇଁ, ରିଜର୍ଭ ଇନ୍ସପେକ୍ଟର ଦିନେଶ କୁମାର ସାହୁ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ଅଜିତ ବେହେରା, ସରଜେଣ୍ଟ ମନୋଜ କୁମାର ସାହୁ, ବିଶ୍ୱରଞ୍ଜନ ଗଡ଼ପାରୀ, ସବଇନ୍ସପେକ୍ଟର ସୌମ୍ୟାରଞ୍ଜନ ନାଥ, ପ୍ରଶାନ୍ତ କୁମର ଦାଶଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ପୁଲିସର ଥାର୍ଡ ଡିଗ୍ରୀ ଓ କଙ୍ଗାରୁ କୋର୍ଟ ବିରୋଧରେ ରଣହୁଙ୍କାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଦଳିତ ଆଦିବାସୀ

**ଯାଜପୁର, ୩୧।୩(ସମିସ):** ଥାନା ଭିତରେ ପୁଲିସର ଥାର୍ଡ ଡିଗ୍ରୀ ଦେଇ ଶାରୀରିକ ମାନସିକ ନିର୍ଯାତନା ଦେଇଥିବା ଯାଜପୁର ସଦର ଥାନା ଆଇଆଇସି ଏବଂ ଅନ୍ୟ ପୁଲିସ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରି କଙ୍ଗାରୁ କୋର୍ଟ କରିଥିବା ବ୍ୟକ୍ତିବିଶେଷଙ୍କୁ ଗିରଫ ଦାବିରେ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଯାଜପୁରସଦର ଥାନା ମହେଶ୍ୱର ପୁରଙ୍ଗାରେ ଦେବାଶିଷ ମଲ୍ଲିକ, ରାଜେନ୍ଦ୍ର ମହାରଣାଙ୍କୁ ବାନ୍ଧି ମାଡ଼ ମାରି କଙ୍ଗାରୁ କୋର୍ଟ କରିବା ଏବଂ ଯାଜପୁର ସଦର ପୁଲିସ ଦୁଇରୁ ତିନି ଦିନ ତିନିଜଣ ଯୁବକଙ୍କୁ ଅଟକ ରଖି ଥାନା ଭିତରେ ଥାର୍ଡ ଡିଗ୍ରୀ ଦେଇ ନିର୍ଯାତନା ଦେବା ଘଟଣାର ତୀବ୍ର ପ୍ରତିବାଦ କରାଯାଇଛି। ମାନବାଧିକାର କର୍ମୀ ବିଶ୍ୱନାଥ ପାତ୍ର, ବିଭ୍ରାନ୍ତ ବିଶ୍ୱଜିତ, ଦୁଷ୍ମନ୍ତ ଜେନା, ଲିଲୁ ଦାସ, ଅନିଲ ଜେନା, ଭୈରବ ପ୍ରସାଦ ବେହେରା, ତରଣୀ ସେନ ମଲ୍ଲିକ, ସସ୍ମିତା ଜେନା, ରଞ୍ଜିତ ଜାମୁଡା, ବିଦ୍ୟା ମୁଣ୍ଡା, ପ୍ରମୁଖଙ୍କ ଆହ୍ୱାନ କ୍ରମେ ମୂଳ ନିବାସୀ ଯୁବ ଛାତ୍ର ସାମ୍ମୁଖ୍ୟ, ଆମ୍ବେଦକର ଫାଉଣ୍ଡେସନ, ଭୀମଆର୍ମି, ସାନ୍ତାଳ ସମାଜ, ବରୀ ବିକାଶ ପରିଷଦ ସହ ୧୫ଟି ଗଣ ସଂଗଠନ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ବିଜୁ ପଟ୍ଟନାୟକ ଛକ ସନ୍ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ରାଜ୍ୟର ବହୁଜନ ସମାଜର ପ୍ରତିନିଧି ଅଭିରାମ ମଲ୍ଲିକ, ମାନସ ଜେନା, ଅଞ୍ଚଳ ଦାସ, ଲିଲୁ ଦାସ ଅନିଲ ମଲ୍ଲିକ, ନିହାର ରଞ୍ଜନ ସାମଲ, ଟିକିନା ପରିଡ଼ା ପ୍ରମୁଖ ଯୋଗଦେଇ କଙ୍ଗାରୁ କୋର୍ଟ ଓ ପୁଲିସର ନିର୍ଯାତନାକୁ ନିନ୍ଦା କରି ତୀବ୍ର ପ୍ରତିବାଦ କରିଥିଲେ। ଘଟଣା ସ୍ଥଳରେ ଉତ୍ତେଜନାକୁ ଦେଖି ଯାଜପୁର ସଦର ଥାନା ଆଇଆଇସି ଏକ ପୁଲିସ ଟିମ ସହ ଜଗି ରହିଥିଲେ। ଜିଲ୍ଲା ସଂସ୍କୃତି ଭବନ ନିକଟରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ କରାଯାଇଥିଲା। ଆନ୍ଦୋଳନ କାରିମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ।

### ଥାନାରୁ ଚମ୍ପଟ ଅଭିଯୁକ୍ତଙ୍କୁ ଗିରଫ ବେଳେ ବୃଦ୍ଧାଙ୍କ ହାତ ଭାଙ୍ଗିଲା

# ଗାଁରେ ପହଞ୍ଚି ଏସ୍‌ଡିପିଓଙ୍କ ତଦନ୍ତ

**ଧର୍ମଶାଳା, ୩୧।୩(ସମିସ):** ଧର୍ମଶାଳା ଥାନା ଉତ୍ତରପ୍ରତାପୁର ଗ୍ରାମର ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ବେଳେ ପୁଲିସର ଆକ୍ରୋସରେ ଜଣେ ବୃଦ୍ଧାଙ୍କ ହାତ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ବୃଦ୍ଧା ଜଣକ କଟକରୁ ଚିକିତ୍ସିତ ହୋଇ ଫେରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ବ୍ରହ୍ମବରଦା ଥାନା କୁଣ୍ଡପାଟଣା ଡାକ୍ତରଖାନାରୁ ଗତ ସେପ୍ଟେମ୍ବର ୨୦୨୫ ମସିହାରେ ଚୋରି ହୋଇଥିଲା। ଏନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ବ୍ରହ୍ମବରଦା ପୁଲିସ ଏହି ଘଟଣାରେ ଅଭିଯୁକ୍ତ ଧର୍ମଶାଳା ଥାନା ଉତ୍ତରପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରା(୨୩)କୁ ଗିରଫ କରି ଥାନା ହାଜତରେ ରଖିଥିବା ବେଳେ ଗତ ୨୮ ତାରିଖ ରାତିରେ ସେ ଥାନା ହାଜତରୁ ଚମ୍ପଟ ମାରିଥିଲା। ଏହି ଘଟଣାରେ ଯାଜପୁର ଏସ୍‌ପି ଜଣେ ଏଏସଆଇ ସମେତ ୨ ଜଣ କନଷ୍ଟେବଲଙ୍କୁ ନିଲମ୍ବନ କରିଛନ୍ତି। ତେବେ ଥାନାରୁ ଚମ୍ପଟ ମାରିଥିବା ଅଭିଯୁକ୍ତକୁ ତାର ବାପା ଅଶୋକ ବେହେରା ଘରେ ଲୁଚାଇ ରଖିଥିବା ଜଣାପଡ଼ିବା ପରେ ଗତ ୨୯ ତାରିଖ ପୁଲିସ ଚାନ୍ଦମୋହିନୀ ଗ୍ରାମରେ



ପହଞ୍ଚି ଅଭିଯୁକ୍ତ ଆଶିଷ ଏବଂ ତାର ବାପାଙ୍କୁ ଘର ନିକଟରୁ ଉଠାଇ ଆଣିଥିଲା। ଗତକାଲି ଉଭୟ ବାପା ଓ ପୁଅକୁ କୋର୍ଟଚାଲାଣ କରାଯାଇଛି। ତେବେ ବ୍ରହ୍ମବରଦା ପୁଲିସ ଗିରଫ କରିବା ସମୟରେ ଆଶିଷର ବୁଢ଼ୀମା' ସେବତୀ ବେହେରାକୁ ଟଣା ଓଟରା କରିବା ସମୟରେ ତାର ହାତ ଭାଙ୍ଗିଯାଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହି ଘଟଣାରେ ଆଜି ପୂର୍ବାହ୍ନରେ ଯାଜପୁରରୋଡ୍ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ଚାନ୍ଦମୋହିନୀ ଗ୍ରାମକୁ ଆସି ଘଟଣାର ତଦନ୍ତ କରିଛନ୍ତି। ତେବେ ବାପା ଅଶୋକ ଓ ପୁଅ ଆଶିଷ ଘରେ ନ ଶୋଇ ଘର ନିକଟରେ ଥିବା ଏକ କାଜୁ ଜଙ୍ଗଲରେ ଶୋଇଥିବା ବେଳେ ସେବତୀ ସେଠାରେ ଶୋଇଥିଲା। ପୁଲିସ ସେଠାରେ ପହଞ୍ଚି ଅଭିଯୁକ୍ତ ବାପା ଓ ପୁଅକୁ ଗିରଫ କରି ବ୍ରହ୍ମବରଦା ଥାନାକୁ ଆଣିଥିଲା। ହେଲେ ଗିରଫ ସମୟରେ ପୁଲିସ କାହାକୁ ମାରଧର କରିନଥିବା ବେଳେ ବୃଦ୍ଧା ଜଣକ ବାଲିରେ ପଡ଼ିଯାଇ ହାତ ଭାଙ୍ଗିଥାଇପାରେ ବୋଲି ଏସ୍‌ଡିପିଓ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଏନେଇ ଆଜି ସନ୍ଧ୍ୟାରେ ସେବତୀ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।

# ଜେମାଶୁଣୀ ପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



**ଧର୍ମଶାଳା, ୩୧।୩(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା' ଜେମାଶୁଣୀ ପୀଠରେ ଗାୟତ୍ରୀ ପରିବାର ଧର୍ମଶାଳା ଶାଖା ପକ୍ଷରୁ ୩୦ତମ ବାର୍ଷିକ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆଜି ଠାରୁ ଆରମ୍ଭ ହୋଇଛି। ଏହି ମହାଯଜ୍ଞ ୩ଦିନ ବ୍ୟାପୀ ପାଳନ କରାଯିବ। ପଣ୍ଡିତ ରାଧାନାଥ ଦାଶଙ୍କ ନେତୃତ୍ୱରେ ବିଦ୍ୱାନ ପଣ୍ଡିତମାନେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାକର୍ତ୍ତୀ ଭାବେ ଚନ୍ଦ୍ରମଣି ନାୟକ ଓ ଗୀତାଞ୍ଜଳି ନାୟକ, ନବଘନ ମହାନ୍ତି ଓ ବୀଣାପାଣି ମହାନ୍ତି, ବିବେକାନନ୍ଦ ଜେନା ଓ ମନୋରମା ଜେନା, ଅନିରୁଦ୍ଧ ରାଉତ ଓ ତିଳୋତ୍ତମା ରାଉତ, ସୁଦାମ ମହାରଣା ଓ କୋଇଲି ମହାରଣା, ଆନନ୍ଦ ଚରଣ ଜେନା ଓ ପ୍ରତିଭା ଜେନା, ପ୍ରାଣକୃଷ୍ଣ ସାମଲ ଓ କବିତା ସାମଲ, ଚିତ୍ତରଞ୍ଜନ ମଲ୍ଲିକ ଓ ପୁଷ୍ପିତା ମଲ୍ଲିକ ପ୍ରମୁଖ ସଂକଳ୍ପ ଆସନରେ ବସିଥିଲେ। ଆଜି ଅପରାହ୍ନ ୩ଘଟିକାରେ ଧର୍ମଧ୍ୱଜା ଉତ୍ତୋଳନ ହେବା ପରେ କଳସ ଯାତ୍ରା ହୋଇଥିଲା। ସନ୍ଧ୍ୟା ୬ଘଟିକା ସମୟରେ ଶାନ୍ତିକୁଞ୍ଜ ପ୍ରତିନିଧି ପ୍ରଫେସର ପ୍ରଦୀପ କୁମାର ମହାନ୍ତିଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯାଇଥିଲା। ଆସନ୍ତାକାଲି ସକାଳ ୮ ଘଟିକାରେ ଦେବ ସ୍ଥାପନ, ଯଜ୍ଞ ଆରମ୍ଭ ଓ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସନ୍ଧ୍ୟାରେ ଶାନ୍ତିକୁଞ୍ଜ ପ୍ରତିନିଧିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ରହିଛି। ୨ ତାରିଖ ସକାଳ ପ୍ରାତଃ ୬ଘଟିକା ସମୟରେ ମଙ୍ଗଳ ଆରତୀ ସମୁହ ସାଧନା, ପରେ ଯଜ୍ଞାରମ୍ଭ ଓ ସଂସ୍କାର ସାଧନା, ଅପରାହ୍ନ ୨ଘଟିକାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଆଜି ଆଖପାଖ ଅଞ୍ଚଳର ବହୁ ଭକ୍ତ ଯଜ୍ଞରେ ଯୋଗ ଦେବା ସହିତ ବିଭୁକୃପା ଲାଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଭିରାମ ନାୟକ, ମଦନମୋହନ ବିଶ୍ୱାଳ, ଉତ୍ସବ ରାଉତ, ଦେବନାରାୟଣ ପୃଷ୍ଟି, କୈଳାଶ ବେହେରା, ବିଦ୍ୟାଧର ତରାଇ, ଉତ୍ସବ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଖଡିଛୁଆଁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ

**ବାଲିଚନ୍ଦ୍ରପୁର, ୩୧।୩(ସମିସ):** ଚଳିତ ନୂତନ ଶିକ୍ଷାବର୍ଷ ପାଇଁ ଏପ୍ରିଲ ୪ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହେବ। ଏଥିପାଇଁ ନୂତନ ଭାବେ ବିଦ୍ୟାଳୟର ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କ ଘରକୁ ଘର ଯାଇ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ ପତ୍ର ବଣ୍ଟନ କରିଛନ୍ତି ଶିକ୍ଷକ ଓ ଶିକ୍ଷୟିତ୍ରୀ। ବଡଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ମହାରଣାଙ୍କ ତତ୍ତ୍ୱାବଧାନରେ ପତରାଜପୁର ପଞ୍ଚାୟତର ବିଭିନ୍ନ ୱାର୍ଡର ଘରକୁ ଘର ଯାଇ ନୂତନ ଭାବେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇ, ଫୁଲ ଦେବା ସହ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଏହି ନିମନ୍ତ୍ରଣପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ସଭାପତି ରାକେଶ କୁମାର ବାରିକ, ଶିକ୍ଷକ ପ୍ରତିନିଧି ଦୁଃଶାସନ ସେଠୀ, ବିଘ୍ନେଶ୍ୱର ସିଂ, ମରୁତ କୁମାର ସାମଲ, ମଧୁସ୍ମିତା ପଣ୍ଡା, ସ୍ନେହଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ

**ବରୀ, ୩୧।୩(ସମିସ):** ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତ ହଳଦୀବସନ୍ତ ଗ୍ରାମସ୍ଥ ଜଗନ୍ନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ତିନି ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ କୀର୍ତ୍ତନ କରା ଯାଇଥିବା ବେଳେ ଅନ୍ତିମ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟିର ସଦସ୍ୟ ଓ ହଳଦିବସନ୍ତ ଗ୍ରାମର ଯୁବକ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁ ରୁପେ ଅନୁଷ୍ଠିତ ହୋଇଥିବାରୁ କମିଟିର ସଭାପତି, ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଛନ୍ତି।

## ଅଙ୍ଗନବାଡ଼ି ଘର ନିର୍ମାଣ ବେଳେ ବିବାଦ

# ବିଦ୍ୟୁତ୍ ମିସ୍ତ୍ରିଙ୍କୁ ଆକ୍ରମଣ ଅଭିଯୋଗ

**ଯାଜପୁର/ମଙ୍ଗଳପୁର/କୟାଁଗୋଲା, ୩୧।୩(ସମିସ)**

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଗ୍ରାମରେ ନିର୍ମାଣଧୀନ କୟାଁ-୨ ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇ ବେଶ କିଛିଦିନ ହେବ ବିବାଦ ଲାଗିରହିଛି। ପୂର୍ବରୁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ଘର ଛାତ ପଡ଼ିବା ଯାଏଁ ବିବାଦ ଲାଗି ରହିଥିବା ବେଳେ ଆଜି ପୁଣି ଥରେ ବିବାଦ ସୃଷ୍ଟି ହୋଇଛି। ଘରର ଛାତ ସେଣ୍ଟ୍ରିଂ ଖୋଲା ଯିବା ପରେ ବିଦ୍ୟୁତ୍ କାମ କରୁଥିବା ମିସ୍ତ୍ରିଙ୍କୁ ଗାଳିଗୁଲଜ ଓ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସୋମବାର ବିଦ୍ୟୁତ୍ ମିସ୍ତ୍ରି ସୁନୀଲ ସେଠୀ ଅଙ୍ଗନବାଡି ଘରର ଇଲେକ୍ଟ୍ରି ୱାରିଂ କାର୍ଯ୍ୟ କରୁଥିବା ବେଳେ ଜବରଦଖଲକାରୀ ପରିବାରର ଜଣେ ମହିଳା ସଦସ୍ୟା ତାଙ୍କୁ ଇଟା ଫିଙ୍ଗିଥିଲେ। ଇଟାଟି ତାଙ୍କ ଦେହରେ ନ ବାଜି ଗୋଡ଼ରେ ବାଜିଥିଲା। ପରେ ପରିବାର ଅନ୍ୟ ମହିଳା ସଦସ୍ୟାମାନେ ବିଦ୍ୟୁତ୍ ମିସ୍ତ୍ରିଙ୍କୁ ଏଠାରେ କାମ ହୋଇପାରିବ ନାହିଁ ବୋଲି କହିବା ସହ କାମ କଲେ ଆମେ ତମକୁ ମାଡ଼ ମାରିବୁ ବୋଲି ଧମକ ଦେଇଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ୨ ଜଣ ପୁଲିସ କର୍ମଚାରୀ ସେମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣିବା ପରିବର୍ତ୍ତେ ପୁଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

### ଗୋଚର ଜମିକୁ ଜବରଦଖଲ ମୁକ୍ତ ପାଇଁ ରାଜସ୍ୱ ବିଭାଗର ଚିଠି

ଅନ୍ୟ ପକ୍ଷରେ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ଗୋଚର ଜମିରେ ପ୍ରଶାସନ ଏହି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରୁଥିବା ବେଳେ ଏହାର ବୈଧତା ନେଇ ପ୍ରଶ୍ନ ଉଠିଲାଣି। ଦୁବକଣ ଗ୍ରାମର ରାଜସ୍ୱ ଗାଁ କୟାଁ ପ୍ଲଟ ନଂ ୬୨୬ ଏକ ଗୋଚର ଜମି। ଗାଁର ଗୃହପାଳିତ ପଶୁଙ୍କ ଚାରଣ ଭୂମି ଓ ୫୦ଟି ଦଳିତ ପରିବାର ଏହି ଜମି ଉପରେ ନିର୍ଭର କରିଥାନ୍ତି। କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ତହସିଲ ଓ ବ୍ଲକ ପ୍ରଶାସନକୁ ପ୍ରଭାବିତ କରି ଏହି ଗୋଚର ଜମି ଜବରଦଖଲ କରି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରୁଛନ୍ତି। ଏହାର ପ୍ରତିବାଦରେ ସୋମନାଥ ନାୟକ ଓ ଅନ୍ୟ ଗ୍ରାମବାସୀ ତହସିଲଦାର, ବିଡିଓ, ଜିଲ୍ଲାପାଳ ଏବଂ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ଦୃଷ୍ଟି ଆକର୍ଷଣ କରି ନ୍ୟାୟ ପ୍ରାର୍ଥନା କରିଥିଲେ। ବିଭାଗ ପକ୍ଷରୁ ଓଡ଼ିଶା ସରକାରଙ୍କ ଉପସଚିବ ଶୁଭେନ୍ଦୁଦେବ ଆଚାର୍ଯ୍ୟ ଏଦିଗରେ ତଦନ୍ତ କରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାର୍ଚ୍ଚ ୩୦ ତାରିଖରେ ଚିଠି ନଂ-୧୩୧୬୦ରେ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି କରିଛନ୍ତି। ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତୁରନ୍ତ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ ରହିଛି। ଏହା ଜଣାପଡ଼ିବା ପରେ ସ୍ଥାନୀୟ ପ୍ରଶାସନର ଚିନ୍ତା ବଢ଼ିଯାଇଛି।

## ଟ୍ରେନ୍ ଲାଇନରେ କଟି ବାଳକ ଗୁରୁତର

**ଦାନଗଦି, ୩୧।୩(ସମିସ):** ସୁକିନ୍ଦା ରୋଡ୍ ରେଲୱେ ଷ୍ଟେସନ ନିକଟରେ ଏକ ଟ୍ରେନ ଇଞ୍ଜିନରେ ବାଳକର ଗୋଡ଼ କଟି ଗୁରୁତର ଆହତ ହୋଇଛି। ଖବର ମୁତାବକ ମଙ୍ଗଳବାର ସକାଳ ସମୟରେ ୧୨ବର୍ଷର ବାଳକର ସୁକିନ୍ଦା ରୋଡ଼ ରେଲୱେ ଷ୍ଟେସନ ନିକଟରେ ଟ୍ରେନ୍ ଲାଇନ ପାର ହେଉଥିବା ସମୟରେ ଏପରି ଅଘଟଣ ଘଟିଛି। ଟ୍ରେନ ଇଞ୍ଜିନରେ ଡାହାଣ ଗୋଡ଼ଟି ସମ୍ପୂର୍ଣ୍ଣ କଟି ଯାଇଥିବା ବେଳେ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ୧୦୮ ଯୋଗେ ପ୍ରଥମେ ଦାନଗଦି ମେଡିକାଲ ଓ ପରେ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତରିତ ହୋଇଛି। ବାଳକଟି କାଇରା ହେମ୍ବ୍ରମ୍‌ଙ୍କ ପୁଅ ଲାଲମୋହନ ହେମ୍ବ୍ରମ(୧୨)। ତାଙ୍କ ଘର ସୋଲେଇ ଗ୍ରାମରେ ବୋଲି ଜଣାପଡ଼ିଛି।

# ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବ୍ୟାସନଗର, ୩୧।୩(ସମିସ):** ରସୁଲପୁର ଶିକ୍ଷାମଣ୍ଡଳ ଅଧୀନସ୍ଥ ଲକ୍ଷ୍ମୀନଗର ସାଧନ କେନ୍ଦ୍ରର ଲକ୍ଷ୍ମୀନଗରସ୍ଥିତ ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲରେ ହିନ୍ଦୀ ଶିକ୍ଷକ କାଳନ୍ଦୀ ଚରଣ ଭଞ୍ଜଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବପ୍ରକାଶ ସାହୁ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂସ୍କୃତ ଶିକ୍ଷକ ପଣ୍ଡିତ ବାସୁଦେବ ପାଢ଼ୀ ମଙ୍ଗଳଚରଣ କରିଥିବା ବେଳେ ଶିକ୍ଷକ ରାଘବ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶିବ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ଆଲେକ୍ସଜାଣ୍ଡାର ଦାସ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସାଧନ କେନ୍ଦ୍ର



ସଂଯୋଜକ ମଦନ ମୋହନ ବେହେରା, ସ୍ଥାନୀୟ ସରପଞ୍ଚ ଇଂ.ସର୍ବେଶ୍ୱର ସାହୁ, ସମିତିସଭ୍ୟ ବିକ୍ରମ ରାଜ, ପରିଚାଳନା କମିଟି ସଭାପତି ଅଶୋକ କୁମାର ରଥ, ପଞ୍ଚଶଖା ଶିକ୍ଷା ସେତୁର ସଭାପତି ରମାକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏତଦ୍ ବ୍ୟତୀତ ପଞ୍ଚାୟତର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସଭ୍ୟ, ବୁଦ୍ଧିଜୀବୀ, ପୁରାତନ ଛାତ୍ରଛାତ୍ରୀ, ସାଧନ କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତି ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ସୁଜୟ ହଳଧର ନିରଜ ମାଝୀ, ଶୁଭଶ୍ରୀ ରାଉତ, ଗୀତାଞ୍ଜଳି ରଣା ଏବଂ ପୁରାତନ ଛାତ୍ର ଅଞ୍ଜନ ସାମଲ, ଉଦୟ ମଲ୍ଲିକ, ବାବାଜୀ ସାହୁ, ଅଶୋକ ସାହୁ, ବିଜୟ ଭଦ୍ର, ଜିତେନ୍ଦ୍ର କୁମାର ସାହୁ, ଉମେଶ ଚନ୍ଦ୍ର ଦାସ, ବିକାଶ କୁମାର ସାହୁ, ପ୍ରଦୀପ୍ତ ବିଶ୍ୱାଳ ଏବଂ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ହଳଧର ପଣ୍ଡା, ଉତ୍ତମ କୁମାର ସାହୁ, ସୁରଥ ଚନ୍ଦ୍ର ବଳ, ବେଣୁଧର ରଣା, କାଶୀନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ହଳଧର ଧନ୍ୟବାଦ ପ୍ରଦାନ କରିଥିଲେ।

## ବସ୍ ଧକ୍କାରେ ସାଇକଲ୍ ଆରୋହୀ ମୃତ

ଅମ୍ବାଦଳା,୩୧।୩(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଧିନସ୍ଥ ରାଣୀପିଣ୍ଡା ନିକଟରେ ଭବାନୀପାଟଣାରୁ ବିଶାଖାପାଟଣା ଯାଉଥିବା ବସ ଧକାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ରାଣୀପିଣ୍ଡା ପଞ୍ଚାୟତର ପେଡିଗୁଡା ଗ୍ରାମବାସୀ ବଳିଷ୍ଟ ଦିଶାରି। ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ସେ ଅମ୍ବାଦଳା ପାଇକସାହି ଘଣ୍ଟ ଯାତ୍ରା ଦେଖିବାକୁ ଘରୁ ସାଇକେଲେ ବାହାରିଥିବା ବେଳେ ମୁନିଗୁଡାଭବାନୀପାଟଣା ରାଜପଥ ରାଣୀପିଣ୍ଡା ନିକଟରେ ବସ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସେ ଗୁରୁତର ଆହତ ହୋଇଥିବା ସହିତ ମୃତ୍ୟୁ ବରଣ କରିଥିବା ଜଣାପଡିଛି।

### ପୋଖରୀ ଖୋଳାକୁ ବିରୋଧ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

କୋରାପୁଟ,୩୧।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବଡପଡ଼ା ଗ୍ରାମର ବାସିନ୍ଦା ମାନେ ଗ୍ରାମରେ ପୋଖରୀ ଖୋଳାକୁ ବିରୋଧ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଗୋଚରରେ କାହିଁକି ପୋଖରୀ ଖୋଳାଗଲା ବୋଲି ପ୍ରଶ୍ନ କରିଛନ୍ତି। ନୂଆ ପୋଖରୀ ଖୋଳା ହେବା ନିକଟରେ ପୂର୍ବରୁ ଏକ ପୋଖରୀ, କୂଅ ଓ ଗୋଟିଏ ନଳକୂପ ରହିଥିବା ବେଳେ ସେହି ସ୍ଥାନରେ ପୁଣି ଏକ ପୋଖରୀର ଆବଶ୍ୟକତା ରହିଛି କି ବୋଲି ଜିଲ୍ଲାପାଳଙ୍କୁ ଲିଖିତ ଭାବେ




ଜଣାଇଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ଓ ଜାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେମାନଙ୍କ ପାଖରେ କୌଣସି ସୂଚନା ନଥିବା ସେମାନେ ପ୍ରକାଶ କରିଛନ୍ତି। ଗ୍ରାମବାସୀ ଙ୍କ ସହ ବିନା ଆଲୋଚନାରେ ନୂତନ ପୋଖରୀ ଖୋଳାର ତଦନ୍ତ କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି। ଅପରପକ୍ଷେ ଜିଲ୍ଲାପାଳ ତୁରନ୍ତ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଙ୍କୁ ନିର୍ଦ୍ଦେଶ ଦେଇ ତଦନ୍ତ କରିବାକୁ କହିଛନ୍ତି। ଏନେଇ ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଟି କହିଛନ୍ତି ଯେ ମୁଁ ଆଜି ସନ୍ଧ୍ୟା ସମୟରେ ସେ ଗାଁ କୁ ଲୋକମାନଙ୍କ ସହ ଆଲୋଚନା କରିବି। ଲୋକମାନଙ୍କ ନିଷ୍ପତ୍ତି ଯାହା ରହିବ ସେହି ଅନୁସାରେ କାର୍ଯ୍ୟ ହେବ। ଗ୍ରାମରେ ଥିବା ଜଳ ବିଭାଜିକା କମିଟିର ନିଷ୍ପତ୍ତି ଅନୁସାରେ ପୋଖରୀ ଖୋଳା ହୋଇଥିବା ସେ ପ୍ରକାଶ କରିଛନ୍ତି।

## ବିଟ୍ ରାସ୍ତାରେ ସହପାଠିନୀଙ୍କୁ ଆକ୍ରମଣ

ଗୁଣୁପୁର,୩୧।୩(ସମିସ): ଗୁଣୁପୁର ସହରରେ ସୋମବାର ସନ୍ଧ୍ୟାରେ କମ୍ପ୍ୟୁଟର ଶିକ୍ଷା ନେଇ ଘରକୁ ଫେରୁଥିବା ଦୁଇ ଛାତ୍ରୀଙ୍କୁ ରାଜରାସ୍ତା ଉପରେ ଜଣେ ସହପାଠୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତ ଛାତ୍ରୀଙ୍କୁ ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ପରିବାର ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହା ପୂର୍ବରୁ ୨୫ ତାରିଖରେ ଗୁଣୁପୁର ଆଦର୍ଶ ଥାନା ନିକଟରେ ଡାକ୍ତର

### ରକ୍ତାକ୍ତ ଯୁବତୀ ଥାନାର ଦ୍ୱାରସ୍ଥ

ସୁଜାତା ଗମାଙ୍ଗଙ୍କ ଘରୁ ରାତିରେ ଦୁର୍ବୃତ୍ତମାନେ ପ୍ରବେଶ କରି ପ୍ରାୟ ୩ ଭରି ସୁନା ଓ ୨୫ ହଜାର ଟଙ୍କା ଚୋରି କରିଥିଲେ। ସହରରେ ପ୍ରତିଦିନ ସନ୍ଧ୍ୟା ସମୟରେ ଯୁବକମାନେ ଦ୍ରୁତଗତିରେ ବାଇକ୍ ଚଳାଇବା ସହ ସାଇଲେନ୍ସରରୁ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଦେଖାଯାଉଛି।ଏଥିରେ ସାଧାରଣ ଲୋକ ଓ ଛାତ୍ରଛାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି, ବିଶେଷକରି ଟ୍ୟୁସନ୍ ଯାଉଥିବା ଛାତ୍ରୀମାନଙ୍କ ମଧ୍ୟରେ ଭୟ ବଢିବାରେ ଲାଗିଛି।"ଅନ୍ୟପଟେ ସହରରେ ଲାଗିଥିବା ସିସିଟିଭି କ୍ୟାମେରା ଅଚଳ ଥିବାରୁ ଅପରାଧୀମାନଙ୍କ ଗତିବିଧି ଉପରେ ପୋଲିସ୍ ତୀକ୍ଷ୍ଣ ନଜର ରଖିପାରୁ ନାହାଁନ୍ତି।

## ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ୪ ପୁରସ୍କୃତ




ମାଥିଲି,୩୧।୩ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି,ମହିଳା ଆରୋଗ୍ୟ ସମିତି ଏବଂ ଜନ ଆରୋଗ୍ୟ ସମ୍ମିଳନୀରେ ୨୦୨୫-୨୬ ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାଥିଲି ବ୍ଲକ ନାୟକଗୁଡା ଜନ ଆରୋଗ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ସାବିତ୍ରୀ ବେହେରାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ଜନ ଆରୋଗ୍ୟ ସମିତି ପୁରସ୍କାର ପାଇଛନ୍ତି। ସେହିପରି କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ ତାଳପଦରକୁ ଗାଁ କଲ୍ୟାଣ ସମିତି ସୁସ୍ଥ ଗ୍ରାମ ଗଠନ ପାଇଁ ପୁରସ୍କୃତ କରାଯାଇଛି। ତାହା ସହିତ ଆଶା କର୍ମୀ ମାନଙ୍କ ଉତ୍ତମ କାର୍ଯ୍ୟ ପାଇଁ ସାଲିମି ପଞ୍ଚାୟତ ସମାପୋଡା ଗ୍ରାମର ଦେବେ ଦୁତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କିଆଙ୍ଗ ପଞ୍ଚାୟତ କୋପ୍ରା ଗ୍ରାମର ରାମା ନାୟକ ଦ୍ୱିତୀୟ ସ୍ଥାନ ଓ ମାଥିଲି ସଦର ଗ୍ରାମର ଆଦିବାସୀ କଲୋନୀ ସାହିର ଶକୁନ୍ତଳା ଜେନା ତୃତୀୟ ସ୍ଥାନ ଅଧିକାର କରି ଆଜି ଜିଲ୍ଲା ସ୍ତରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଟ୍ରଫି ସହିତ ସାନ୍ତନା ମୂଳକ ରାଶି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି ସଫଳତା ପାଇଥିବା ସାମସ୍ତ କର୍ମଚାରୀ ମାନଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଓ ସମସ୍ତ କର୍ମଚାରୀ ଓ ଅଞ୍ଚଳର ଜନସାଧାରଣ ମାନେ ଶୁଭେଚ୍ଛା ଜଣାଇଛନ୍ତି।

### ● ବକେୟା ବିଲ୍ ପାଇଁ ବିଦ୍ୟୁତ୍ ବିଚ୍ଛିନ୍ନ

## ଅନ୍ଧାରରେ ଇନ୍ଦ୍ରାବତୀ ପ୍ରକଳ୍ପ

ତେନ୍ତୁଲୀଖୁଣ୍ଟି ୩୧।୩(ସମିସ): ଗତ ଦୁଇ ଦିନ ହେବ ଅନ୍ଧାରରେ ରହିଛି ଏସିଆ ମହାଦେଶର ଦ୍ୱିତୀୟ ସର୍ବ ବୃହତ ଜଳବିଦ୍ୟୁତ ପ୍ରକଳ୍ପର ଚାରୋଟି ବନ୍ଧ ସାଙ୍ଗକୁ ମୁରାନ ବନ୍ଧ ବିଭାଗର ଅତିଥି ଭବନ ଏବଂ ମୁରାନ କଲୋନୀ । ଦୁଇ ମାସ ର ବିଦ୍ୟୁତ ବିଲ ବକେୟା ପାଇଁ ଟାଟା ପାୱାର ସ୍ୱର୍ଣକାତର ଅଞ୍ଚଳର ବିଦ୍ୟୁତ ବିଛିନ୍ନ କରିଥିବା ଜଣାପଡିଛି । ସୂଚନା ଅନୁଯାଇ ଗତ ଦୁଇ ମାସର ବକେୟା ବିଦ୍ୟୁତ ବିଲ ପୈଠ ହୋଇନଥିବା ହେତୁ ସୋମବାର ବିଭାଗୀୟ ଯନ୍ତ୍ରୀ ସଦଳବଳେ ପହଞ୍ଚି ବିଦ୍ୟୁତ ବିଛିନ୍ନ କରିଛନ୍ତି । ପ୍ରକଳ୍ପ ରୁ ଦୈନିକ ୬୦୦ମେଗା ୱାଟ ବିଦ୍ୟୁତ ଉତ୍ପାଦନ କରୁଥିବା ଏହି ପ୍ରକଳ୍ପ ର ଚାରୋଟି ବନ୍ଧ ଯଥା ଇନ୍ଦ୍ରାବତୀ, କପୁର, ପୋଡ଼ଗଡ଼ ଏବଂ ମୁରାନ ବର୍ତ୍ତମାନ ସାମାନ୍ୟ ଦୁଇମାସ ର ବକେୟା ପାଇଁ ବିଦ୍ୟୁତ କାଟ ଅଂଚଳରେ ଚର୍ଚ୍ଚା ର ବିଷୟ ହୋଇଛି । ପ୍ରକଳ୍ପ ଆରମ୍ଭ ରୁ ଦୀର୍ଘ ୨୬ ବର୍ଷ ଧରି ଏହିଭଳି ଅବ୍ୟବସ୍ଥା ପରିଲକ୍ଷିତ ହୋଇନଥିଲା । ଦୀପ ତଳ ଅନ୍ଧାର ଭଳି ବୃହତ ଜଳ ବିଦ୍ୟୁତ ପ୍ରକଳ୍ପ ଅନ୍ଧକାର ରେ ରହିବା କୁ ଲୋକେ ନାପସନ୍ଦ କରୁଛନ୍ତି । ପୋଡ଼ଗଡ଼ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ପଟନାୟକ, ମୁରାନ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୁଲସନ ଦେବ ମାର୍କମ ଙ୍କୁ ପଚାରିବାର ବିଦ୍ୟୁତ ବିଭାଗ ବିଦ୍ୟୁତ ବିଛିନ୍ନ କରିଥିବା କହିଥିଲେ । ଏନେଇ ତେନ୍ତୁଳିଖୁଣ୍ଟି ଟି ପି ଏସ ଓ ଡି ଏଲ ଯନ୍ତ୍ରୀ ଭରତ ତନ୍ତୀ ଙ୍କୁ ପଚାରିବାରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ ଅଶୋକ କୁମାର ରାଉତଙ୍କ ନିର୍ଦ୍ଦେଶ କ୍ରମେ ସେ ବିଦ୍ୟୁତ ବିଛିନ୍ନ କରିଥିବା କହିଛନ୍ତି।

## ମା' ଠାକୁରାଣୀଙ୍କ କଳସ ଯାତ୍ରା ସମ୍ପନ୍ନ



ଡାବୁଗାଁ, ୩୧।୩(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ଠାରେ ୯ ଦିନ ବ୍ୟାପୀ ଚାଲିଥିବା ମା' ଠାକୁରାଣୀ ଙ୍କ କଳସ ଯାତ୍ରା ମଙ୍ଗଳବାର ଶେଷ ହୋଇଯାଇଛି । ଆଜି ଦିନ ସାରା ମା ଠାକୁରାଣୀ ଙ୍କ କଳସୀ ମଣ୍ଡପ ଠାରେ ପୂଜାର୍ଚ୍ଚନା ପରେ ଅପରାହ୍ନ ୫ ଘ ସମୟରେ ମା ଠାକୁରାଣୀଙ୍କ ଘଟ ସହ ଲାଠି, କୁର୍ଚ୍ଚି ଆଦି କଳସୀ ମଣ୍ଡପ ଠାରୁ ବହୁ ଆଡମ୍ବରରେ ଶୋଭାଯାତ୍ରା ବାହାରି ବାଜା ବଜାଇ ବାଣ ଫୁଟାଇ ଗ୍ରାମର ସମସ୍ତ ଦେବୀ ମାନଙ୍କୁ ଡାକ ଦେଇ ବାହାରି ପଡିଥିଲେ ମା ଠାକୁରାଣୀଙ୍କ ମନ୍ଦିରକୁ । ଏଥିରେ ବହୁ ଭକ୍ତ ଉପସ୍ଥିତ ଥିଲେ। ପ୍ରାୟ ୩୦ରୁ ଅଧିକ ବାଳିକା ମୁଣ୍ଡରେ କଳସ ବୋହି ମା ଠାକୁରାଣୀଙ୍କ ମନ୍ଦିରକୁ ଯାଇ ସେଠାକାର ପୋଖୋରୀରେ ବୁଡ ପକାଇ ଥିଲେ । ପରେ ସମସ୍ତ ଗ୍ରାମବାସୀ ନିଜ ଘରକୁ ଫେରିଥିଲେ। ଏଥିରେ ଡାବୁଗାଁ ଥାନା ଆଇଆଇସି ରଘୁନାଥ ମାଝିଙ୍କ ସମେତ ପୋଲିସ କର୍ମଚାରୀ ମାନେ ସହଯୋଗ କରିଥିଲେ । ଏଥିରେ କମିଟି ସଭାପତି ଭାବେ ସତ୍ୟ ରଞ୍ଜନ ପାତ୍ର, ଉପସଭାପତି ପାପନ୍ନା ରେଲି, ବିନୋଦ ସୌରା, କୋଷାଧକ୍ଷ ଭାବେ କୁନୁ ପାତ୍ର ଓ ସୁରେନ୍ଦ୍ର ରେଲି ଙ୍କ ସହ କମିଟି ସଭ୍ୟ ମାନେ ଉପସ୍ଥିତ ଥିବା ବେଳେ ଅନ୍ୟ ମାନେ ମିଶି ଏହି ଯାତ୍ରା କୁ ସୁରୁଖୁରୁ ରେ ପରିଚାଳନା କରିଥିଲେ ।ଏହି ଶୋଭାଯାତ୍ରାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବିଜେଡି ବରିଷ୍ଠ ନେତା ଏମ. ଆପ୍ପା ରାଓ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ ଓ ଅନ୍ୟ ମାନେ ସାମିଲ ହୋଇଥିଲେ।

## ଏଡିଇଓ ବଦଳିକୁ ବିରୋଧ କଲେ ବୋଦାପୁଟ ବାସିନ୍ଦା

ବୈପାରୀଗୁଡ଼ା, ୩୧।୩(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ଏଡିଇଓ ତଥା ହିସାବ ରକ୍ଷକଙ୍କୁ ଅନ୍ୟ ପଞ୍ଚାୟତକୁ ବଦଳି ହୋଇଛି। ଏଣୁ ଏହାର ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟରେ ସ୍ଥାନୀୟ ବିଡ଼ିଓ ସୁବ୍ରତ ସାହୁଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି ପଞ୍ଚାୟବାସୀ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବୋଦାପୁଟ ପଞ୍ଚାୟତର ଅଧିକାଂଶ ଗାଁ ଗୁଡିକ ଉପାନ୍ତ ଓ ଅପହଞ୍ଚ ଅଞ୍ଚଳ । କିଛି ଦିନ ପୂର୍ବେ ବୋଦାପୁଟ ଏଡିଇଓ ଆମର ବର ମଲିକ ଭିଜେଲାନ୍ସ ଦ୍ୱରା ଗିରଫ ହେବା ପରେ ଚେରକା ଏଡିଇଓ ଶ୍ରୀମତ ସାମଲଙ୍କୁ ବୋଦାପୁଟ ପଞ୍ଚାୟତ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ସେ ଦୁଇ ମାସ ପୂର୍ବେ ବୋଦାପୁଟ ପଞ୍ଚାୟତ ଦାୟୀତ୍ୱ ଗ୍ରହଣ କରଥିଲେ। ପୁଣି ତାଙ୍କୁ ବୋଦାପୁଟ ପଞ୍ଚାୟତ ଦାୟିତ୍ୱର ହଟେଇ ଦିଆଯାଇଛି । ଏହି ପଞ୍ଚାୟତକୁ ପାର୍ଥ ସାରଥୀ ବିଶୋଇଙ୍କୁ ନିଯୁକ୍ତି ଦିଆଯାଇଛି ।ନୂତନ ଏଡିଇଓଙ୍କୁ ନୂତନ ପଞ୍ଚାୟତର ଭୌଗଳିକ ସ୍ଥିତ ଜାଣିବା ପାଇଁ ପୁଣି କିଛି ମାସ ଗଡ଼ିଯିବ । ଏଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇପାରେ ବୋଲି ଗ୍ରାମବାସୀ କହିଛନ୍ତି । ଏଣୁ ଏଡିଇଓ ଶ୍ରୀମତ ସାମଲଙ୍କୁ ବୋଦାପୁଟ ପଞ୍ଚାୟତ ଅତିରିକ୍ତ ଦାୟିତ୍ୱ ଚାଲୁ ରହୁ ବୋଲି ବିଡ଼ିଓଙ୍କୁ ଅନୁରୋଧ କରିଛନ୍ତି ।

## ଶାଶୂଘର ଗଲେ ମା' ଜଗତ୍‌ଜନନୀ ଠାକୁରାଣୀ



ଉମରକୋଟ,୩୧।୩ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ପ୍ରସିଦ୍ଧ ମାଁ ଜଗତ ଜନନୀ ଠାକୁରାଣୀ ମାଁ ଘରୁକୁ ଆସି ସାତ ଦିନ ଧରି ସହର ପରିକ୍ରମା କରି ପ୍ରତ୍ୟେକ ସାହି ବୁଲିବା ପରେ ଆଜି ଶାଶୁ ଘରକୁ ଫେରିଥିଲେ । ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ମହାଆଡମ୍ବର ସହ ଏହି ଯାତ୍ରା ପାଳନ କରାଯାଇଛି। ମାଁ ଙ୍କ ଆଗମନକୁ ଦେଖି ଉମରକୋଟ ସହର ଚଳଚଞ୍ଚଳ ହୋଇ ପଡ଼ିଥିଲା ସାରା ସହର ରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ଶେଷ ଦିନରେ ଉମରକୋଟ ବାସୀ ଭାବବିହ୍ୱଳ ହୋଇ ମାଁ ଙ୍କୁ ବିଦାୟ ଦେଇଥିଲେ ପ୍ରତିବର୍ଷ ଚୈତ୍ର ମାସ ତୃତୀୟ ସୋମବାର ଠାରୁ ଏହି ଯାତ୍ରା ଆରମ୍ଭ ହୋଇ ଚତୁର୍ଥ ମଙ୍ଗଳବାର ଯାଏ ଏହି ଯାତ୍ରା ଚାଲେ। ମାଁ ସାହି ସାହି ବୁଲିବା ସମୟ ରେ ମୁଆଁ ଓ ପଣା ସହ ବିଭିନ୍ନ ଭୋଗ ଲଗାଯାଏ। ମାନସିକ ଧରି ମାନେ ମାଁ ଙ୍କୁ ଶାଢ଼ୀ ଚୁଡ଼ି ସହ ଅନ୍ୟ ଅଳଙ୍କାର ଦେଇଥାନ୍ତି। ଅଷ୍ଟମ ମାଁ ଙ୍କୁ ମାଗୁର ମାଛ ଭୋଗ ଦିଆଯାଏ । ମାଁ ନିଜ ବାପା ଘରକୁ ନଅ ଦିନ ପାଇଁ ଯାଉଥିବା ପରମ୍ପରା ରହିଥିବାରୁ ଉମରକୋଟ ସହରର ପ୍ରାୟ ସମସ୍ତ ବିବାହିତ ଝିଅ ମାନେ ମଧ୍ୟ ନିଜ ଶଶୁର ଘରୁ ଏହି ନଅ ଦିନ ପାଇଁ ନିଜ ବାପାଘର ବା ଉମରକୋଟକୁ ଆସିଥାନ୍ତି ଓ ମାଁ ଙ୍କୁ ଯେମିତି ଚର୍ଚ୍ଚା କରାଯାଏ ଶାଶୁଘର ଆସିଥିବା ବିବାହିତ ଝିଅ ମାନଙ୍କୁ ମଧ୍ୟ ସେହିଭଳି ଚର୍ଚ୍ଚା କରାଯାଏ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭକ୍ତ ମାନଙ୍କ ମନରଞ୍ଜନ ପାଇଁ ମୀନା ବଜାର ଆସିଥାଏ। ଦୋଳି ଝୁଲିବା, ବିଭିନ୍ନ ସୁସ୍ୱାଦ ଖାଦ୍ୟ ଓ ବିଭିନ୍ନ ଜିନିଷ କିଣି ବହୁତ ଉପଭୋଗ କରିଛନ୍ତି ଉମରକୋଟବାସୀ । ଏହି ଯାତ୍ରାରେ ସାମିଲ ହେବାପାଇଁ ଆଖପାଖ ଅଞ୍ଚଳ ସହ ପଡୋଶୀ ଜିଲା ଓ ରାଜ୍ୟରୁ ଭକ୍ତ ଆସିଥାନ୍ତି।

## ଚୈତ୍ର ଶେଷ ମଙ୍ଗଳବାରରେ ଉତ୍ସବମୁଖର ଶୈବ ପୀଠ

ଗୁଣୁପୁର,୩୧।୩(ସମିସ): ଆଜି ଚୈତ୍ର ମାସର ଶେଷ ମଙ୍ଗଳବାର ଅବସରରେ ଗୁଣୁପୁର ସହର ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ ଦେବୀପୀଠରେ ଭକ୍ତିମୟ ଓ ଉତ୍ସବମୟ ପରିବେଶ ଦେଖିବାକୁ ମିଳିଛି। ବିଭିନ୍ନ ମନ୍ଦିରଗୁଡିକୁ ଭକ୍ତମାନେ ଯାଇ ମାଙ୍କୁ ପାରମ୍ପରିକ ଭୋଗ ଅର୍ପଣ କରିଥିଲେ। ବିଭିନ୍ନ ପୀଠରେ ପ୍ରସାଦ ବିତରଣ ବ୍ୟବସ୍ଥା ହେବା ସହ କେତେକ ସ୍ଥାନରେ ପୂଜକମାନେ ନିଆମାଡ଼ି ନୃତ୍ୟ ପ୍ରଦର୍ଶନ କରୁଥିବା ଦୃଶ୍ୟ ଭକ୍ତମାନଙ୍କୁ ଆକର୍ଷିତ କରିଥିଲା। ଦେବୀପୀଠଗୁଡିକୁ ଆଲୋକମାଳା ଓ ସୁନ୍ଦର ସାଜସଜ୍ଜାରେ ଶୋଭାୟମାନ କରାଯାଇଥିଲା। ଗୁଣୁପୁର ସହର ନିକଟସ୍ଥ ପୁଲୁଗୁମି ଗ୍ରାମସ୍ଥିତ ଶ୍ରୀଶ୍ରୀ ବଣଦୁର୍ଗା ମନ୍ଦିରରେ ଚୈତ୍ର ପର୍ବ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଶତାଧିକ ଲୋକେ ଯୋଗ ଦେଇ ମାଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରିଛନ୍ତି। ପୂଜକ ଲୋକନାଥ ଷଡଙ୍ଗୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ପ୍ରଶାନ୍ତ କୁମାର ହୋତା, ପଞ୍ଚାନନ ହୋତା, ମେଘନାଦ ଚୌଧୁରୀ, ରାମ ଚୌଧୁରୀ ଓ ଧନ ଚୌଧୁରୀ ପରିଚାଳନା କରିଥିଲେ। ସେହିପରି ମରାଠିଗୁଡା ଗ୍ରାମଦେବୀ ମନ୍ଦିର ସହ ଗୁଣୁପୁର ସହରର ଗ୍ରାମଦେବୀ ମନ୍ଦିର, ମଙ୍ଗଳା ମନ୍ଦିର, ମାଣିକେଶ୍ୱରୀ ମନ୍ଦିର ଓ ବାଣୀଶ୍ରୀ ବିହାରର କନକଦୁର୍ଗା ମନ୍ଦିରରେ ଭକ୍ତମାନଙ୍କ ଭିଡ଼ ଜମିଥିଲା। କନକଦୁର୍ଗା ମନ୍ଦିରରେ ତିନିଦିନ ଧରି ପ୍ରସାଦ ବିତରଣ କରାଯାଇଥିବା ବେଳେ ଶେଷ ଦିନରେ ମାଙ୍କ ପାଟ ଚାଙ୍ଗୁଡ଼ି ସହ ପରିକ୍ରମା ହୋଇଥିଲା। ପରିକ୍ରମା ସମୟରେ ଭକ୍ତମାନେ ଘରେ ଘରେ ମାଙ୍କୁ ପଣା ଅର୍ପଣ କରିଥିଲେ। ପୂଜାର ମୁଖ୍ୟ ଆକର୍ଷଣ ଥିଲା ପୂଜକଙ୍କ ଦ୍ୱାରା କଞ୍ଚା ମାଟିର ହାଣ୍ଡିରେ ବସିବା, କଣ୍ଟା ଦୋଳିରେ ଝୁଲିବା ଓ ଦାହୁଁଥିବା ଅଗ୍ନିରେ ଚାଲିବା ଭଳି ପାରମ୍ପରିକ ଆଚାର। ପରେ ଭକ୍ତମାନେ ମନୋକାମନା ପୂରଣ ପାଇଁ ଅଗ୍ନି ଉପରେ ଚାଲିଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଅନ୍ୟପଟେ ମୁଟେଲୁ ନଗରରେ ମୁତ୍ୟାଲୁ ମାଙ୍କ ପୂଜା ଉତ୍ସବ ଆଜିଠାରୁ ଆରମ୍ଭ ହୋଇ ତିନିଦିନ ଧରି ଚାଲିବ ବୋଲି ଜଣାପଡ଼ିଛି।

### ● ଆସନା ପଞ୍ଚାୟତର ନୂତନ ଭବନ ନିର୍ମାଣ ପ୍ରସଙ୍ଗ

## ଅଦାଲତର ଦ୍ୱାରସ୍ଥ ପାଇଁ ଗାଁ ଲୋକଙ୍କ ଚେତାବନୀ

କୁନ୍ଦୁରା, ୩୧।୩(ସମିସ): ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରୁ ନିରାଶ ହୋଇ ଫେରିଲେ ଅଞ୍ଚଳବାସୀ । ଏଭଳି ଘଟଣା କୁନ୍ଦୁରା ଠାରେ ଦେଖିବାକୁ ମିଳିଛି । ଆସନା ପଞ୍ଚାୟତରେ ନୂତନ ପଞ୍ଚାୟତ ଭବନ ନିର୍ମାଣକୁ ନେଇ ଅଭିଯୋଗ କରିଥିଲେ ଆସନା ଅଞ୍ଚଳବାସୀ ଓ ଜିଲ୍ଲାପାଳ ଅଭିଯୋଗ ଶୁଣି ବିଡିଓଙ୍କ ଠାରୁ ଅଭିଯୋଗ ବିଷୟରେ ବୁଝିଥିଲେ ଓ ଜିଲ୍ଲାପାଳ



ଏବଂ ସିଡିଓ ଆସନା ବାସୀଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ । ନୂତନ ପଞ୍ଚାୟତ ଭବନ ନିର୍ମାଣ ହେବ ନାହିଁ ବୋଲି ରୋକ ଠୋକ କହିଥିଲେ। ସୂଚନା ଥାଉକି, ଏହି ସମସ୍ୟା ସମାଧାନ ପାଇଁ ବିଡିଓ ତାଙ୍କ କାର୍ଯ୍ୟାଳୟକୁ ପଞ୍ଚାୟତବାସୀଙ୍କୁ ଡାକିଥିଲେ । କିନ୍ତୁ ସରପଞ୍ଚ ବିଡ଼ିଓଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ସେଠାକୁ ଗଲେ ନାହିଁ । ପଞ୍ଚାୟତର ୧୦ ଜଣ ୱାର୍ଡ଼ ସଭ୍ୟସଭ୍ୟାଙ୍କ ମଧ୍ୟରୁ ୬ ଜଣ ଆସନା ସପକ୍ଷରେ ବିଡିଓଙ୍କୁ ଲିଖିତ ଭାବେ ସହମତି ପ୍ରଦାନ କରିଛନ୍ତି । ବିଡିଓଙ୍କ ଏ ସବୁ ପ୍ରକ୍ରିୟାରୁ ପ୍ରାଶାସନିକ ସ୍ତରରେ କାର୍ଯ୍ୟାନୁଷ୍ଠାନ ହେବା ଆଶାରେ ଥିଲେ ଆସନା ଅଞ୍ଚଳବାସୀ କିନ୍ତୁ ତାହା ହେଲା ନାହିଁ । ଗତକାଲି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ କିନ୍ତୁ ନିରାଶ ହୋଇ ଫେରିଛନ୍ତି । ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ଆସନା ପଞ୍ଚାୟତବାସୀ।

## ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ଝୁଲୁଛି ତାଲା, ଗାଁ ଲୋକେ ହଟହଟା

ବୈପାରୀଗୁଡା, ୩୧।୩ (ସମିସ): ଗାଁ ଗହଳିରେ ସାଧାରଣ ଲୋକେ କିପରି ହାତପାହାନ୍ତାରେ ସାସ୍ଥ୍ୟସେବା ସୁବିଧାରେ ପାଇପାରିବେ, ସେଥିପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ପଞ୍ଚାୟତ ସ୍ତରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନାମରେ ସ୍ୱାସ୍ଥ୍ୟ କେନ୍ଦ୍ର ଗଠନ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା କିମ୍ବା କର୍ମଚାରୀଙ୍କ ଉଦାସୀନତା ଯୋଗୁଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ତାଲା ଝୁଲୁଛ। କେନ୍ଦ୍ର ଦାୟୀତ୍ୱରେ ଥିବା ସିଏଚଓ ତଥା କମ୍ୟୁନିଟି ହେଲଥ ଅଫିସର କେନ୍ଦ୍ରକୁ ଆସୁନଥିବା ଅଭିଯୋଗ ହୋଇଛି । ଏଭଳି ଏକ ଘଟଣା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତ ସଦର ମହକୁମା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଦେଖିବାକୁ ମିଳିଛି । ସୁବିଧା ଥିବା ସତ୍ତ୍ୱେ ମଧ୍ୟ ଦାୟିତ୍ୱରେ ଥିବା କର୍ମଚାରୀ କେନ୍ଦ୍ରକୁ ଆସୁନାହାନ୍ତି । ଫଳରେ ଦୋରାଗୁଡା ପଞ୍ଚାୟତର ୨୨ ଖଣ୍ଡ ଗାଁ ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ ବାଧା ସୃଷ୍ଟି ହେଉଛି । ଏଥିଲାଗି ସ୍ଥାନୀୟ ନାଏବ ସରପଞ୍ଚ ହରିଚନ୍ଦ୍ର ଖିଲଙ୍କ ସମତ ଚାଁଚଳା ମାଝୀ, ଦୁଲୁବ ନାୟକ, ଡାଁମୁରୁ ତରାପୁଟିଆ, ତୁଳାରାମ ନାୟକ ପ୍ରମୁଖ ସିଏଚଓଙ୍କ ବଦଳି ଦାବି କରୁଛନ୍ତି । ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥା ଇନଚାର୍ଜ ଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

## ରାସ୍ତା ନିର୍ମାଣ ପାଇଁ ଦାବି କଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା

କୋରାପୁଟ,୩୧।୩(ସମିସ): ବନ୍ଧୁଗାଁ ବ୍ଲକ ଅନ୍ତର୍ଗତ କୁମ୍ଭଗଣ୍ଡା ଠାରୁ ଫୁଲଗୁମି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିକଟରେ ଦାବି କରିଛନ୍ତି। ୨୦୧୮-୧୯ ରେ ଏନବିସିସି ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଥିଲା। କାମ ନିମ୍ନ ମାନର ହୋଇଥିବାରୁ ତାହା ଏବେ ସଂପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ ରହିଛି। ମାଟି ଉପରେ ପିଚୁ ପକାଇଥିବାରୁ ଏପରି ସ୍ଥିତି ଉପୁଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ନ ଥିବାରୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ମାନେ ଗୃହ ନିର୍ମାଣ କରି ପାରୁ ନାହାନ୍ତି, ଅଙ୍ଗନୱାଡି ଗୃହ ନିର୍ମାଣ ହୋଇପାରୁ ନାହିଁ ଏବଂ ନଳକୂପ ଖନନ ପାଇଁ ଭାରୀଯାନ ଗ୍ରାମକୁ ଯାଇପାରୁ ନାହିଁ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା କହିଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏନବିସିସି କରିଥିବା କାର୍ଯ୍ୟଗୁଡିକ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଛନ୍ତି।

## ଅବସର ଦିନ ମିଳିଲା ପେନ୍‌ସନ୍ ପେପର




ମାଥିଲି ,୩୧।୩ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସାନ କୋରାପାଲ୍ଲୀ ପ୍ରାଥମିକ ବିଦ୍ୟାଳୟ ରୁ ଆଜି ଅବସର ଗ୍ରହଣ କରିଥିବା ଶିକ୍ଷକ ମନୋରଞ୍ଜନ ମହାପାତ୍ର ଓ ମେକା ପଞ୍ଚାୟତ ଅନ୍ତର୍ଗତ ପୂଜାରିଗୁଡ଼ା ପ୍ରାଥମିକ ବିଦ୍ୟାଳୟର ଏକ୍ସ କ୍ୟାଡ଼ର ଶିକ୍ଷକ ବିଶ୍ୱମ୍ବର ଦାସ ଉଭୟଙ୍କୁ ତାଙ୍କ ଅବସର ଦିନ ପେନସନ ବ୍ୟବସ୍ଥା ଯୋଗାଇ ଦିଆଯିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ସମସ୍ତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟାଳୟର ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି ଉଭୟଙ୍କର କାଗଜପତ୍ର ସମସ୍ତ କାଗଜପତ୍ର କାର୍ଯ୍ୟ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରିଥିଲେ। ଆଜି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ବିଶ୍ୱାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ଶ୍ରୀ ମହାପାତ୍ର ଓ ଶ୍ରୀ ଦାସଙ୍କୁ ଉପଢୌକନ ଓ ପେନସନ କାଗଜ ପ୍ରଦାନ କରିଥିଲେ। ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସାଧୁବାଦ୍ ଜଣା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଆର ରତିକାନ୍ତ ମହାନ୍ତି, ସିଆରସିସି ମାନଙ୍କ ସହ କାର୍ଯ୍ୟାଳୟ କନିଷ୍ଠ ସହକାରୀ ବିଷ୍ଣୁ ସାହୁକାରୀ, ମହେଶ୍ୱର କଂସାରୀ, ବିଭୂତି ସାନା ଓ ମନୋହର ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପଥର କ୍ୱାରୀ ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



କୋରାପୁଟ,୩୧।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ ଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଉପର କଙ୍କଡାଗୁଡା ଗ୍ରାମରେ ଚିକିମା ପାହାଡର ସନ୍ଧି ଜାଗାରେ ଚାଲୁଥିବା ପଥର କୁଆଁରୀକୁ ବନ୍ଦ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପୂର୍ବ ପୁରୁଷରୁ ସେମାନେ ଗ୍ରାମ ଅଧିନସ୍ଥ ସନ୍ଧି ଜାଗାରେ ଥିବା ପାହାଡର ବିବିଧତା ରକ୍ଷଣାବେକ୍ଷଣ କରିବା ନିମନ୍ତେ ଲୋକମାନଙ୍କ ଠାରୁ ଅର୍ଥ ସଂଗ୍ରହ କରି ଜଗୁଆଳିଙ୍କୁ ବାର୍ଷିକ ଦରମା ଦେଇ ରକ୍ଷଣାବେକ୍ଷଣ କରୁଛନ୍ତି। କିନ୍ତୁ ଏହାକୁ ବାହାର ରାଜ୍ୟର ମୁଷ୍ଟିମେୟ ଲୋକଙ୍କ ହାତକୁ ପଥର କ୍ୱାରୀ କରିବା ନିମନ୍ତେ ସରକାର ଟେକିଦେଇଛନ୍ତି। ପ୍ରତିଦିନ ୫୦୦ରୁ ଅଧିକ ହୋଡି ବ୍ଲାଷ୍ଟି କରାଯାଉଥିବାରୁ ଗ୍ରାମରେ ଥିବା ଘର ଗୁଡିକ ଫାଟି ନଷ୍ଟ ହେବାକୁ ବସିଲାଣି। ଏପରିକି ଏହି ପଥର ଗୁଣ୍ଡ ଯୋଗୁଁ ଗ୍ରାମର ଛୋଟ ଛୋଟ ପିଲାମାନେ ବିଭିନ୍ନ ଶ୍ୱାସ ଜନିତ ରୋଗରେ ପୀଡିତ ହେଉଛନ୍ତି। ବିଭିନ୍ନ ଗୁଣ୍ଡା ଶ୍ରେଣୀର ଲୋକମାନଙ୍କୁ ମୃତୟନ କରି ଜେସିବି ଲଗାଇ ଶହ ଶହ ବିଭିନ୍ନ ବୃକ୍ଷ ଗୁଡିକୁ କାଟି ସଫା କରିଦେଲେଣି। କେହି କିଛି କହିଲେ ସେମାନଙ୍କୁ ମାରିଦେବାକୁ ଧମକ ଦିଆ ଯାଉଛି। ଉକ୍ତ ଜଙ୍ଗଲକୁ ମହିଳା ମାନେ ସେମାନଙ୍କର କିଛି କାମ ଉଦ୍ଦେଶ୍ୟରେ ଗଲେ ସେମାନଙ୍କୁ ବିଭିନ୍ନ ପ୍ରକାର ଅଶ୍ଳିଳ କଥା କହି ଅତ୍ୟାଚାର କରୁଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ପାହାଡର ତଳମୁଣ୍ଡରେ ବ୍ଲାଷ୍ଟିର ଗୁଣ୍ଡ ଏବଂ ଛୋଟ ଛୋଟ ପଥର ସବୁ ପଡି ଜମି ଆଉ ଚାଷପୋଯୋଗୀ ହୋଇ ପାରୁନାହିଁ ଯଦ୍ୱାରା ଚାଷୀ ହତାଶ ହୋଇ ବସିଛନ୍ତି। ବ୍ଲାଷ୍ଟି ଓ ଜଙ୍ଗଲ କାଟିବା ଯୋଗୁଁ ଜୀବଜନ୍ତୁ ମାନେ ବହୁ ସଂଖ୍ୟାରେ ମୃତ୍ୟୁବରଣ କଲେଣି । ଆଗାମୀ ଦିନରେ ଏହି ଜଙ୍ଗଲରୁ ସମସ୍ତ ପଶୁପକ୍ଷୀ ମୂଳପୋଛ ହୋଇଯିବେ ବୋଲି ଗ୍ରାମବାସୀ ମାନେ କହିଛନ୍ତି। ଗ୍ରାମରେ ବୈଠକ କରାଯାଇ ପଥର କ୍ୱାରୀ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସରପଞ୍ଚ ମନୋହର ଗାଦବା କହିଛନ୍ତି। ତେଣୁ ଏହି ପଥର କ୍ୱାରୀକୁ ବନ୍ଦ କରିବା ପାଇଁ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସରପଞ୍ଚଙ୍କ ମାତୃ ବିୟୋଗ



ନନ୍ଦପୁର,୩୧।୩ (ସମିସ) ନନ୍ଦପୁର ବ୍ଲକ କସନ୍ଧି ଗ୍ରାମ ପଞ୍ଚାୟତ ସରପଞ୍ଚ ନବିନା ମୁଦୁଲିଙ୍କ ମାତା କମଳା ମୁଦୁଲିଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା। ଖବର ପାଇ ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ କସନ୍ଧି ପଞ୍ଚାୟତ ସରପଞ୍ଚଙ୍କ ବାସଭବନରେ ପହଞ୍ଚି ମୃତକଙ୍କ ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ସରପଞ୍ଚ ସଂଘ ଓ ସମିତି ସଭ୍ୟ ସଂଘ ପକ୍ଷରୁ ମଧ୍ୟ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା



କେନ୍ଦୁଝର,୩୧।୩(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅଧାରୁ ପାଠ ଛାଡ଼ିଥିବା/ଆଦୌ ବିଦ୍ୟାଳୟ ଯାଇ ନ ଥିବା ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆୟୋଜନ ହେଉଛି ରାଜ୍ୟବ୍ୟାପୀ ଆସ ସ୍କୁଲ ଯିବା ଅଭିଯାନ କାର୍ଯ୍ୟକ୍ରମ। ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ପଦଯାତ୍ରା କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପଦଯାତ୍ରା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ସାଂସଦ ପ୍ରତିନିଧି ଦିଲ୍ଲୀପ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ଶୁଭାରମ୍ଭ କରିଥିଲେ। ଏକ ସଚେତନତା ରଥ ସହ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକଙ୍କୁ ନେଇ ଆସ ସ୍କୁଲ ଯିବା ପଦଯାତ୍ରା ସହର ପରିକ୍ରମା କରାଯାଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଦିଲ୍ଲୀପ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ସତ୍ୟନାରାୟଣ ମହାନ୍ତ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ଜିଲ୍ଲା ଯୋଜନା ସଂଯୋଜକ ଅପର୍ଣ୍ଣା ତ୍ରିପାଠୀ, ଜିଲ୍ଲା ବାଳିକା ସଂଯୋଜକ ଅନୁପମା ରାଉତ, ସହ ଗୋଷ୍ଠୀ ଶିକ୍ଷାଧିକାରୀ କେନ୍ଦୁଝର ମାନସ ମିଶ୍ର, କପିଳଚନ୍ଦ୍ର ଦାଶ, ଶିରିଶପାଳ ସିଆରସିସି ରବୀନ୍ଦ୍ର ଦାଶ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀଙ୍କ ସୂଚନା ଅନୁଯାୟୀ, ଜିଲ୍ଲାରେ ୧୦୪୦୫ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ ବାହାରେ ଥିବା ବେଳେ ଶିକ୍ଷା ବିଭାଗର ପ୍ରୟାସରେ ବର୍ତ୍ତମାନ ସୁଦ୍ଧା ୪୧୨୨ ଜଣ ଛାତ୍ରଛାତ୍ରୀ ପୁଣି ଥରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଥିଲା। ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁର ବିଜ୍ଞାନ ଶିକ୍ଷକ ବିଜୟ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସହ ଗୋଷ୍ଠୀ ଶିକ୍ଷାଧିକାରୀ କପିଳଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ଅନୁସୂଚିତ ଜନଜାତି ସଂଯୋଜକ ଦୁର୍ଗାପ୍ରସନ୍ନ ନାୟକ, ସମଗ୍ର ଶିକ୍ଷା ପ୍ରୋଗ୍ରାମର ରଶ୍ମିରଞ୍ଜନ ସାହୁ, ଏନ୍‌ଏସ୍ ପୁଲିସ ହାଇସ୍କୁଲର ଏନ୍‌ସିସି ଅଫିସର୍ ବିଜୟ ବେହେରା, କ୍ରୀଡ଼ା ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ମହାନ୍ତ, ମୋଚିବନ୍ଧ ସିଆରସିସି ମୋନାଲିସା ଶତପଥୀ, ଭଟସାହି ସିଆରସିସି ସସ୍ମିତା ପଣ୍ଡା, ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟମ୍ବଦା ରାଉତ, ରଞ୍ଜିତାରାଣୀ ମଲ୍ଲିକ ସହଯୋଗ କରିଥିଲେ।

## ପରମାନନ୍ଦ କଲେଜରେ ଅଗ୍ନିଶମ ସଚେତନତା



ଆନନ୍ଦପୁର, ୩୧।୩ (ସମିସ): ଆନନ୍ଦପୁର ଅଗ୍ନିଶମ କେନ୍ଦ୍ର ତରଫରୁ ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଏଏସଓ ଭବାନୀ ଶଙ୍କର ନାୟକ ଅଗ୍ନିକାଣ୍ଡ ଘଟିବାର ପ୍ରମୁଖ କାରଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ସତର୍କ ରହିବା, ନିୟମିତ ଭାବରେ ବିଦ୍ୟୁତ୍ ପ୍ରବାହ ଯାଞ୍ଚ କରିବା, ସିଲିଣ୍ଡର ଯାଞ୍ଚ୍ କରିବାକୁ ପରାମର୍ଶ ଦେଇଥିଲେ। ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ସମୟରେ କିପରି ନିରାପତ୍ତା ଅବଲମ୍ବନ କରାଯିବା ଏବଂ ଦୁର୍ଘଟଣା ବଶତଃ ଯଦି ସିଲିଣ୍ଡରରେ ନିଆଁ ଲାଗିଯାଏ ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। କୌଣସି ବ୍ୟକ୍ତି ପାଣିରେ ବୁଡି ଯାଉଥିବା ସମୟରେ କିପରି ନିଜକୁ ସୁରକ୍ଷିତ ରଖି ଅନ୍ୟକୁ ଉଦ୍ଧାର କରିବାର କୌଶଳ ଅତି ସରଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ହାବିଲଦାର ରଞ୍ଜିତ ନାୟକ, ଫାୟାରମ୍ୟାନ ଅଜୟ ରାଉତ, ଆଶିଷ କୁମାର ମହାରଣା, ବିପିନ କୁମାର ନାଥ ଓ ସଞ୍ଜିତ ରାଜ୍ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ଫାୟାର ଅଫିସର ଅତି ସରଳ ଭାବରେ ଉତ୍ତର ଦେଇ ସମସ୍ତଙ୍କ ସନ୍ଦେହ ଦୂର କରିଥିଲେ। କଲେଜ ତରଫରୁ ଅଧ୍ୟାପିକା ମମତା ସାହୁ, ଜୟଶ୍ରୀ ଓଝା, ସୁଲଳିତା ମହାନ୍ତ, ଆୟିଶା ଜେନା ଅଧ୍ୟାପକ ଜଗଦୀଶ ବାରିକ, ଦେବବ୍ରତ ଓଝା ସହଯୋଗ କରିଥିଲେ।

## ଶିଶୁ ମନ୍ଦିରର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ଆନନ୍ଦପୁର, ୩୧।୩(ସମିସ): ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏନେଇ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିରାକାର ସାହୁ, ଆନନ୍ଦପୁର ସଙ୍କୁଳ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଶିଶୁ ମନ୍ଦିରର ଛାତ୍ର ଛାତ୍ରୀଙ୍କ ସ୍ୱତନ୍ତ୍ରତା ଓ ଶୈକ୍ଷିକ ଦିଗ ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ବାର୍ଷିକ ପରୀକ୍ଷା ଫଳ ଉନ୍ମୋଚନ କରିଥିଲେ। ସମ୍ପାଦକ ପ୍ରକାଶନ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ଉଷାରାଣୀ ଜେନା ଓ ସଦସ୍ୟ ସୁବାସଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷା ବର୍ଷରେ ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଓ ଶ୍ରେଣୀର ସର୍ବୋଚ୍ଚ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ପଙ୍କଜ କୁମାର ମହାନ୍ତି ପରିଚାଳନା କରିଥିଲେ। ଗୁରୁମା ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟାଟା ଡିଏଭି ସ୍କୁଲର ବାର୍ଷିକୋତ୍ସବ 'ମେଲିଓରା'




ଯୋଡ଼ା,୩୧।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ଅବସ୍ଥିତ ଟାଟା ଡିଏଭି ପବ୍ଲିକ ସ୍କୁଲର ଚତୁର୍ଦ୍ଦଶତମ ବାର୍ଷିକ ଉତ୍ସବ 'ମେଲିଓରା-୨୦୨୬' ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବି. ସାଇଶିବାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦେବାଶିଷ ଜେନା (ଓଏମ୍‌କ୍ୟୁ) ଜିଏମ୍, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ସମ୍ପାଦକ ତଥା ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଏବଂ ବିଡି ମହାନ୍ତି (ଟାଟା ସ୍ପଞ୍ଜ ଆଇରନ ମୁଖ୍ୟ, ଯୋଡ଼ା) ଯୋଗଦେଇଥିଲେ। ଚଳିତବର୍ଷ ସର୍ବଭାରତୀୟ ସ୍ତରରେ ଜେଇ ମୁଖ୍ୟ ପରୀକ୍ଷାରେ ୩ ଜଣ କୃତୀ ଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ବି. ସାଇଶିବା ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜେଶ କୁମାର ଛାତ୍ରଛାତ୍ରୀଙ୍କ କୃତିତ୍ୱ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ୧୫୦୦ ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ନୃତ୍ୟଗୁରୁ ବିଜୟ ସାମଲ ଓ ଆଦିତ୍ୟଙ୍କ ଦ୍ୱାରା ପ୍ରଶିକ୍ଷିତ ହୋଇଥିବା ତରୁଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଧା କୌର, ଇନ୍ଦ୍ରାଣୀ ବୋଷ ଓ ଶିକ୍ଷକ କେ.ଈଶ୍ୱର ପ୍ରସାଦ ସଞ୍ଚାଳନ କରିଥିଲାବେଳେ ଶିକ୍ଷୟିତ୍ରୀ ଅମ୍ରିତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରିବାରିକ କଳହକୁ ନେଇ ମହିଳାଙ୍କ ଆତ୍ମହତ୍ୟା

ତୁରୁମୁଙ୍ଗା, ୩୧।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମରେ ପାରିବାରିକ କଳହକୁ ନେଇ ବିବାହିତା ମହିଳା ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଉକ୍ତ ଗ୍ରାମର ରାଜକିଶୋର ମୁଣ୍ଡାଙ୍କ ସ୍ତ୍ରୀ ଗୋଲାପ (୨୧)। ସୂଚନା ଅନୁଯାୟୀ, ପାରିବାରିକ ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ଗୋଲାପ ଘରଠାରୁ କିଛି ଦୂରରେ ଥିବା ଏକ ଲିମ୍ବ ଗଛରେ ନିଜ ପିନ୍ଧିଥିବା ଲୁଗାକୁ ବେକରେ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ତାଙ୍କର ବିବାହ ପ୍ରାୟ ୩ ବର୍ଷ ପୂର୍ବରୁ ହୋଇଥିବା ବେଳେ ୨ ବର୍ଷର ଏକ ଶିଶୁ ଥିବା ସୂଚନା ମିଳିଛି। ଖବର ପାଇ ପାଟଣା ଥାନାର ଏସ୍‌ଆଇ ଲକ୍ଷ୍ମଣ ମାଝୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣା ମେଡିକାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଫିଜିଓଥେରାପି ସେବାକୁ ବିକଶିତ କରିବାକୁ ଡିଏମ୍‌ଏଫ୍ ସିଇଓଙ୍କ ସମୀକ୍ଷା



କେନ୍ଦୁଝର,୩୧।୩(ସମିସ):

ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ୍), ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ରୀନା ପ୍ରଧାନ ସୋମବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଙ୍କିସ୍ଥିତ ଆଡ୍‌ଭାନ୍ସଡ୍ ରିହାବିଲିଟେସନ୍ ସେଣ୍ଟର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଆଧୁନିକ ଫିଜିଓଥେରାପି ଉପକରଣଗୁଡ଼ିକର ବ୍ୟବହାର ଆକଳନ କରିବା, କାର୍ଯ୍ୟକାରିତା ସମୀକ୍ଷା କରିବା ଏବଂ କେନ୍ଦୁଝର ଜନସାଧାରଣଙ୍କ ପାଇଁ ପୁନର୍ବାସ ଆଧାରିତ ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବା ପରିଦର୍ଶନର ଉଦ୍ଦେଶ୍ୟ ଥିଲା। ଭ୍ରମଣ ସମୟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଙ୍କିସ୍ଥିତ ଏଆର୍‌ସିର କାର୍ଯ୍ୟପ୍ରଣାଳୀର ବିସ୍ତୃତ ସମୀକ୍ଷା କରିଥିଲେ। ସମୀକ୍ଷାର ମୁଖ୍ୟ ଲକ୍ଷ୍ୟ ଥିଲା, ଉପକରଣଗୁଡିକର ବ୍ୟବହାର ଅବସ୍ଥା ଆକଳନ କରିବା, ରୋଗୀ ଭର୍ତ୍ତି ଏବଂ ରୋଗୀ ସୁବିଧା ମୂଲ୍ୟାୟନ କରିବା ଏବଂ ଯେଉଁମାନେ ଫିଜିଓଥେରାପି ଓ ପୁନରୁଦ୍ଧାର ସହାୟତା ଆବଶ୍ୟକ କରୁଛନ୍ତି ସେମାନଙ୍କ ପାଇଁ କେନ୍ଦ୍ରଟି ସର୍ବାଧିକ କ୍ଷମତାରେ କାମ କରୁଛି କି ନାହିଁ ତାହା ନିଶ୍ଚିତ କରିବା। ସେ ଚିକିତ୍ସକ, ଫିଜିଓଥେରାପିଷ୍ଟ ଏବଂ ପ୍ରଶାସନିକ କର୍ମଚାରୀଙ୍କ ସହ ଆଲୋଚନା କରି ସମସ୍ୟା ବୁଝିଥିଲେ। ୨୦୨୧ରେ ଡିଏମଏଫ୍ କେନ୍ଦୁଝରର ଆର୍ଥିକ ସହାୟତାରେ ସ୍ଥାପିତ ରାଙ୍କିସ୍ଥିତ ଏହି ଆଡ୍‌ଭାନ୍ସଡ୍ ରିହାବିଲିଟେସନ୍ ସେଣ୍ଟର ଆଧୁନିକ ପ୍ରଯୁକ୍ତି ସହ ସଜ୍ଜିତ, ଯାହାରେ ନିମ୍ନ ଅଙ୍ଗ ପୁନର୍ବାସନ ପାଇଁ ବିଶେଷ ଭାବେ ଡିଜାଇନ୍ ହୋଇଥିବା ରୋବୋଟିକ୍ ଇଣ୍ଟରଭେନ୍ସନ୍ ସିଷ୍ଟମ୍ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଡିଏମଏଫ୍ ପାଣ୍ଠିରୁ ସ୍ଥାପିତ ହୋଇଛି। ଏହି ସମୀକ୍ଷା ମାଧ୍ୟମରେ କେନ୍ଦ୍ରଟିର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ୨୦୨୧ଠାରୁ ଗଢ଼ିଉଠିଥିବା ଭିତ୍ତିକୁ ଆହୁରି ମଜବୁତ କରିବାକୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଉଦ୍ୟମ କରୁଛନ୍ତି ବୋଲି କହିଥିଲେ।

## ନାବାଳିକାକୁ ଅଶ୍ଳୀଳ ଇଙ୍ଗିତ କରି ଯୁବକ ଗିରଫ



ହାଟଡ଼ିହୀ,୩୧।୩(ସମିସ): ନନ୍ଦିପଦା ଥାନାଞ୍ଚଳର ବଟକୃଷ୍ଣ ବେହେରାଙ୍କ ଲିଖିତ ରିପୋର୍ଟ ଅନୁଯାୟୀ, ନସିରପୁର ଗ୍ରାମର ସିପୁନ୍ ଜେନା (୨୨)ଙ୍କୁ ପୁଲିସ ଗିରଫ୍ କରି କୋର୍ଟ ଚାଲାଣ କରିଛି। ନସିରପୁର ଗ୍ରାମର ସିପୁନ ନନ୍ଦିପଦା ଅଞ୍ଚଳର ବଟକୃଷ୍ଣ ବେହେରାଙ୍କ ଝିଅକୁ ସ୍କୁଲ ଯିବା ବାଟରେ ପ୍ରତ୍ୟେକ ଦିନ ଅନୁସରଣ କରିବା, ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିବା ଏବଂ ଯୌନ ମନ୍ତବ୍ୟ ଦେବା ସହ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଧମକ୍ ଦେବା ଅଭିଯୋଗରେ ନନ୍ଦିପଦା ପୁଲିସ ଅଭିଯୁକ୍ତକୁ କେସ୍ ନଂ ୩୩/୨୬ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

## ଦେଓଗାଁ ପଞ୍ଚାୟତରେ ଆମ ପୁଲିସ ସମିତି ବୈଠକ




ଆନନ୍ଦପୁର, ୩୧।୩ (ସମିସ): ଘସିପୁରା ବ୍ଲକ ଦେଓଗାଁ ଗ୍ରାମପଞ୍ଚାୟତ ପରିସରରେ ଘସିପୁରା ଥାନା ଅଧିକାରୀ କିଶୋର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆମ ପୁଲିସ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଏସଡିପିଓ କମଲ କୁମାର ପଣ୍ଡାଙ୍କୁ ଆମ ପୁଲିସର ସଦସ୍ୟମାନେ ଶୁଭେଚ୍ଛା ଜଣାଇଥିଲେ। ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୁୟାଁ, ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ରାଉତ, ରମାକାନ୍ତ ବଳ, ପ୍ରଦିପ କୁମାର ପଣ୍ଡା, ଡ଼ଃ ସଂଗ୍ରାମ କେଶରୀ ଦାସ ଉପସ୍ଥିତ ଥିଲେ। ସାଇବର କ୍ରାଇମ ବଢୁଥିବାରୁ, ବିଶେଷ କରି, ବରିଷ୍ଠ ଲୋକମାନେ କିପରି ଅସୁବିଧାର ଶିକାର ନ ହେବେ ଓ ଅଞ୍ଚଳରେ ବଢୁଥିବା କ୍ରାଇମ, ନିଶା କାରବାର, ଦୁର୍ଘଟଣା, ଯୁବକଙ୍କ ବେପରୁଆ ଗାଡି ଚଳାଇବା ଉପରେ ଆଲୋଚନା ହୋଇଥିଲା। ଘସିପୁରା ଥାନା ଅନ୍ତର୍ଗତ ଅନ୍ୟାନ୍ୟ ପଞ୍ଚାୟତଗୁଡିକରେ ବୈଠକ କରିବା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଗଣ ସଚେତନତା ମାଧ୍ୟମରେ ଲୋକଙ୍କ ନିକଟତର ହୋଇ ପୁଲିସ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପରାମର୍ଶ ଦେବାସହ ବ୍ୟାଙ୍କ, ଇନସୁରାନ୍ସ ଓ ସାମାଜିକ ଗଣମାଧ୍ୟମରେ ଆସୁଥିବା ଅଜଣା ଲିଙ୍କ୍ ଓ ଲୋଭନୀୟ ଅଫର ପ୍ରତି ବିଶ୍ୱାସ ନକରି ସର୍ତ୍ତକତା ଅବଲମ୍ବନ କରିବା କରିବା ସହ ବିଭିନ୍ନ ସମୟରେ ପିଏମ କିଶାନ ଯୋଜନା, ଶ୍ରମିକ କାର୍ଡ କିମ୍ବା ବ୍ୟାଙ୍କ୍, ବିଦ୍ୟୁତ୍ କର୍ମଚାରୀ ପରିଚୟ ଦେଇ ଟଙ୍କା ଠକେଇ କରିବା ପାଇଁ ଦଲାଲ୍‌ଙ୍କ ସମ୍ପର୍କରେ ତୁରନ୍ତ ପୁଲିସକୁ ଖବର ଦେବାକୁ ପରାମର୍ଶ ଦିଆଯାଇଛି।

## ହାଟଡ଼ିହୀ ତହସିଲରେ ନୂତନ ବରିଷ୍ଠ କିରାଣିଙ୍କ ଯୋଗଦାନ



ହାଟଡ଼ିହୀ,୩୧।୩(ସମିସ): ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ନୂତନ ବରିଷ୍ଠ କିରାଣି ଭାବେ ଶ୍ରବଣ କୁମାର ପରିଡ଼ା ଯୋଗଦାନ କରିଛନ୍ତି। ୧୪ମାସ ହେବ ବରିଷ୍ଠ କିରାଣିଙ୍କ ସ୍ଥାନ ଖାଲି ପଡ଼ିଥିଲା। ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଶ୍ରୀ ପରିଡ଼ାଙ୍କ ପଦୋନ୍ନତି ପରେ ସେ ତହସିଲ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ ଯୋଗଦାନ କରିଛନ୍ତି। ସେହିପରି ତହସିଲଦାର ଶିବବ୍ରତ ତ୍ରିପାଠୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ଆଜକୁ ୩ମାସ ହେବ ସେ ଛୁଟିରେ ଯିବା ପରଠୁଁ ତହସିଲଦାରଙ୍କ ସ୍ଥାନ ଖାଲି ପଡିଥିଲା। ତାଙ୍କ ସ୍ଥାନରେ ଆନନ୍ଦପୁର ଅତିରିକ୍ତ ତହସିଲଦାର ମନୋଜ କେରକେଟ୍ଟା ଅସ୍ଥାୟୀ ଭାବେ ଦାୟିତ୍ୱ ବହନ କରୁଥିଲେ। ଏକାବେଳେ ଦୁଇଟି ତହସିଲ ଦାୟିତ୍ୱରେ ରହି ଲୋକଙ୍କୁ ସେବା ଯୋଗାଇବାରେ ଶ୍ରୀ କେରକେଟ୍ଟାଙ୍କୁ ମଧ୍ୟ ସମ୍ଭବ ହେଉ ନଥିଲା। ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗତ ଶନିବାର ଅତିରିକ୍ତ ଜିଲ୍ଲାପାଳ ସଞ୍ଜୟ କୁମାର ସାମନ୍ତରା ହାଟଡିହୀ ତହସିଲଦାର ଭାବେ ଦାୟିତ୍ୱଭାର ନେଇଛନ୍ତି। ନୂତନ ତହସିଲଦାର ଏବେ ବରିଷ୍ଠ ସହାୟକଙ୍କ ଯୋଗଦାନ ପରେ ଲୋକମାନେ ପୂର୍ବଭଳି ସଠିକ୍ ସମୟରେ ସେବା ପାଇପାରିବେ ବୋଲି ଆଶା ପ୍ରକଟ କରିଛନ୍ତି।

## ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ଯୋଡ଼ା ଚାମ୍ପିଅନ



ନାରଦପୁର,୩୧।୩(ସମିସ): ଚମ୍ପୁଆ ବ୍ଲକ୍ ବଡ଼ନଇଠାରେ ହରେଶ୍ୱର କ୍ଲବ୍ ପକ୍ଷରୁ ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ଓବିସି ମୋର୍ଚ୍ଚା ସଂଯୋଜକ ଚନ୍ଦ୍ରଗୁପ୍ତା ପ୍ରସାଦ, ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. କ୍ଷୀରୋଦ କୁମାର ମହାନ୍ତ, ସମାଜସେବୀ ବିକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବଡ଼ନଇ, ଯୋଡ଼ା, ଖେଣ୍ଡରା, ବଲାଣୀ, କରଞ୍ଜିଆ ଗଡ଼ ଭଲିବଲ୍ ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲରେ କରଞ୍ଜିଆ ଗଡ଼କୁ ପରାସ୍ତ କରି ଯୋଡ଼ା ଦଳ ଚାମ୍ପିଅନ ହୋଇଥିଲେ। ସତ୍ୟବାନ ପାତ୍ର ଓ ଅମୂଲ୍ୟ ପରିଡ଼ା ଏହି ଖେଳକୁ ପରିଚାଳନା କରିଥିଲେ। କ୍ଲବ୍‌ର ସୁଶାନ୍ତ ବଡ଼ପଣ୍ଡା, ଟିକୁନ ବଡ଼ପଣ୍ଡା, ଅମରେଶ କର, ପିଣ୍ଟୁ ବଡ଼ପଣ୍ଡା, ଅମୂଲ୍ୟ ପତି, ପ୍ରକାଶ ବଡ଼ପଣ୍ଡା, ବିକୁନ ପାଣି ଗ୍ରାହୀ, ରାଜା ବଡ଼ପଣ୍ଡା, ମୁନା ମହାନ୍ତ ପରିଚାଳନା କରିଥିଲେ।

## ଟଙ୍କା ଧାର ନଦେବାରୁ ଭିଶୋଇ ଜାଳିଦେଲା ଶାଳୀଙ୍କ ଘର

ତୁରୁମୁଙ୍ଗା, ୩୧।୩(ସମିସ):





ଧାର ମାଗିବା ପରେ ଟଙ୍କା ନଦେବାରୁ ଶାଳୀ ସହ ଝଗଡ଼ା। ପରେ ଘରେ ଶୋଇଥିବା ସମୟରେ ଶାଳୀ ଘରକୁ ପେଟ୍ରୋଲ ଢାଳି ଜାଳି ଦେଇଛି ଅଭିଯୁକ୍ତ ଭିଶୋଇ। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା କିଆପଡା ଗାଁରେ ରବିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଧାର ଟଙ୍କାକୁ କେନ୍ଦ୍ରକରି ଏପରି ହିଂସାତ୍ମକ ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦୁଝର ସଦର ଥାନା ସଦରପଡା ଗ୍ରାମର ଭିଶୋଇ ଦେବ ମୁଣ୍ଡା ଶାଳୀ ମଙ୍ଗୁଳି କାରୁଆଙ୍କ ଘରକୁ ଆସି ୧୦ ହଜାର ଟଙ୍କା ଧାର ସୂତ୍ରରେ ମାଗିଥିଲା; କିନ୍ତୁ ଟଙ୍କା ନଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଭିଶୋଇ ରାଗି ଯାଇ ଘରେ ସମସ୍ତେ ଶୋଇଥିବା ସମୟରେ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ନିଆଁ ଲାଗି ଖପର ଘର ସହ ଜରୁରୀ କାଗଜପତ୍ର ନଗଦ ଟଙ୍କା ପୋଡି ଯାଇଛି। ସୂଚନା ଅନୁସାରେ, ମଙ୍ଗୁଳିଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ଆସିଥିଲା। ଘର ନିର୍ମାଣ ପାଇଁ ମଙ୍ଗୁଳି ସ୍ୱୟଂସହାୟକ ଗୋଷ୍ଠୀରୁ ୪୦ ହଜାର ଟଙ୍କା ଋଣ ସୂତ୍ରରେ ଆଣିବା ସହ ଝିଅ ଜ୍ୱାଇଁଙ୍କଠାରୁ ୨୦ ହଜାର ଟଙ୍କା ଆଣି ଘରେ ରଖିଥିଲେ। ନିଆଁ ଲାଗିବା କାରଣରୁ ନଗଦ ୬୦ ହଜାର ଟଙ୍କା ସହ, ରାସନ କାର୍ଡ, ଆଧାରକାର୍ଡ ବ୍ୟାଙ୍କ ପାସବୁକ ଏବଂ ପିଲା ଛୁଆଙ୍କ ଜନ୍ମ ପ୍ରମାଣପତ୍ର ସହ ଜରୁରୀ କାଗଜପତ୍ର, ଆସବାବପତ୍ର ଓ ସିମେଣ୍ଟ ଜଳିପୋଡି ନଷ୍ଟ ହୋଇଯାଇଛି। ଘଟଣାକୁ ନେଇ ମଙ୍ଗୁଳି ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି। ଘଟଣା ଘଟାଇ ଅଭିଯୁକ୍ତ ଭିଶୋଇ ଫେରାର ହୋଇଯାଇଛି।

## ରୁକୁଣାପୁର ଶାସନରେ ଷୋଡ଼ଶ ଦାନ



ଆନନ୍ଦପୁର, ୩୧।୩ (ସମିସ): କେନ୍ଦୁଝର ଜିଲ୍ଲା ରୁକୁଣାପୁର ଶାସନରେ ସମାଜସେବୀ ଡ଼ ବିପିନ ବିହାରୀ ମିଶ୍ରଙ୍କ ପିତା କ୍ଷେତ୍ରବାସୀ ମିଶ୍ର ଓ ମାତା ସୂର୍ଯ୍ୟମଣି ମିଶ୍ରଙ୍କର ଷୋଡଶ ଦାନ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବ୍ରାହ୍ମଣ ମହାସଂଘ ସଭାପତି ଡ଼ ସଦାନନ୍ଦ ଦୀକ୍ଷିତଙ୍କ ସମେତ ବିଭିନ୍ନ ବ୍ରାହ୍ମଣ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ଭୂ-ଦାନ, ଗୋ-ଦାନ, ସୁବର୍ଣ୍ଣ ଦାନ ଏମିତି ୧୬ ପ୍ରକାର ଦାନ ଦିଆଯାଇଥିଲା। ସମସ୍ତ ବ୍ରାହ୍ମଣଙ୍କ ପରିଧାନ ସହ ଦକ୍ଷିଣା ଓ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ବ୍ରାହ୍ମଣ ସମାଜ ଦେଓଗାଁ, ଓଡିଶା ବ୍ରାହ୍ମଣ ମହାସଂଘ, ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଂଘ, କେନ୍ଦୁଝର ବ୍ରାହ୍ମଣ ମହାସଭାଙ୍କୁ ବ୍ରତୋପନୟନ ଲାଗି କ୍ଷେତ୍ରବାସୀ ମିଶ୍ର ଓ ସୂର୍ଯ୍ୟମଣି ମିଶ୍ରଙ୍କ କରକମଳରେ ପାଣ୍ଠି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମଧ୍ୟରେ କେନ୍ଦୁଝର ବ୍ରାହ୍ମଣ ମହାସଙ୍ଘ ଉପସଭାପତି ରଞ୍ଜନ ପାଢ଼ୀ, ଚାରୁଲତା ପାଣିଗ୍ରାହୀ, ମଦନ ପାଣି ଯୋଗ ଦେଇଥିଲେ। ଡ଼ ସୁକାନ୍ତି ମିଶ୍ର, ଉଷାମଣି ମିଶ୍ର, ଅନ୍ନପୂର୍ଣ୍ଣା ମିଶ୍ର, ନିରୁପମା ମିଶ୍ର, ସତୀଶ କୁମାର ମିଶ୍ର, ଅମିତ କୁମାର ମିଶ୍ର, ସତ୍ୟଭାମା ମିଶ୍ର, ସୁସ୍ମିତା ମିଶ୍ର, ସୁନିତ ମିଶ୍ର, ସୁମିତ୍ରା ମିଶ୍ର, ରାକେଶ ଦାଶ, ଶିବାନୀ ମିଶ୍ର, ଶମ୍ଭୁନାଥ ଦାଶ, ମନୋରଞ୍ଜନ ମହାପାତ୍ର, ପ୍ରସନ୍ନ ଦାଶ ସମସ୍ତ ପରିବାର ବର୍ଗ ଓ ବନ୍ଧୁ ବାନ୍ଧବ ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍କଳ ସାହିତ୍ୟ ସମାଜ ରାୟଗଡ଼ ଶାଖା ପୁନର୍ଗଠିତ




ରାୟଗଡ଼, ୩୧।୩(ସମିସ): ଗତ ମାର୍ଚ୍ଚ ୨୧ ତାରିଖରେ ଉତ୍କଳ ସାହିତ୍ୟ ସମାଜର ଉପ ସଭାପତି ସୁଶାନ୍ତ ନାୟକଙ୍କ ସଭାପତିତ୍ୱ ଓ ସଂପାଦକ ରାଜୀବ ଷଡ଼ଙ୍ଗୀ, ରାୟଗଡ଼ ଶାଖାର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟ ନିର୍ବାହୀ ସମିତି ବୈଠକରେ ଅନୁମୋଦନ ଲାଭ କରିଥିବା ବିଷୟ ଚିଠି ସଂଖ୍ୟା ଓସାସ ୧୦୪/୨୦୨୬/ ୩୦.୩.୨୦୨୬ ଦ୍ୱାରା କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଜଣାଇଛନ୍ତି। ଏହି ପ୍ରସ୍ତାବ କ୍ରମେ ଡକ୍ଟର ଦୁଷ୍ମନ୍ତ କୁମାର ମହାନ୍ତି, ସଭାପତି, ଶିବ ପ୍ରସାଦ ମିଶ୍ର ଓ ଡକ୍ଟର ରାଜେଶ କୁମାର ପାଢ଼ୀ ସମ୍ପାଦକ ଓ ନୀଳମଣି ପାଟଯୋଷୀ କୋଷାଧ୍ୟକ୍ଷ ରୂପେ ମନୋନୀତ ହୋଇଛନ୍ତି। ଏହି ସଭାରେ ଉତ୍କଳ ସାହିତ୍ୟ ସମାଜ ରାୟଗଡ଼ା ଜିଲ୍ଲାର ପ୍ରତିଷ୍ଠାତା ସଭାପତି ଡକ୍ଟର ନିରଞ୍ଜନ ବକ୍ସିପାତ୍ର ନୂତନ କମିଟିର ନାମ ପ୍ରସ୍ତାବ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜ ରାୟଗଡ଼ ତରଫରୁ ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା, ବିଭିନ୍ନ ସାହିତ୍ୟ ସଭା, ଆଲୋଚନା ମାଧ୍ୟମରେ ଆଗାମୀ ପିଢ଼ିକୁ ପ୍ରୋତ୍ସାହନ ଦେବା ଏବଂ ଆସନ୍ତା ମଇ ମାସ ୧୭ ତାରିଖରେ ରାଜ୍ୟସ୍ତରୀୟ 'ନିଦାଘ' ଉତ୍ସବ ଅନୁଷ୍ଠିତ ହେବ ବୋଲି ସଭାପତି ଡକ୍ଟର ମହାନ୍ତି ସୂଚନା ଦେଇଛନ୍ତି। ଏଥିପାଇଁ ସମ୍ପାଦକ ଶ୍ରୀ ମିଶ୍ର ଏବଂ ଶ୍ରୀ ପାଢ଼ୀ ଉତ୍କଳ ସାହିତ୍ୟ ସମାଜ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

**➤ ଦୁଷ୍ମନ୍ତ ମହାନ୍ତି ସଭାପତି, ଶିବ ମିଶ୍ର ଓ ରାଜେଶ ପାଢ଼ୀ ସମ୍ପାଦକ**
**➤ ନୀଳମଣି କୋଷାଧ୍ୟକ୍ଷ**

# ହ୍ୱାଟ୍ସ ଆପ୍‌ରେ ଠିକାଦାରଙ୍କୁ ହତ୍ୟା ଧମକ, ଯୁବକ ଗିରଫ

ସେମିଳିଗୁଡ଼ା,୩୧।୩ (ସମିସ):

ହ୍ୱାଟ୍ସଆପ୍ ମାଧ୍ୟମରେ ଜଣେ ଠିକାଦାରଙ୍କୁ ଟଙ୍କା ମାଗିବା ଓ ନ ଦେବାରୁ ହତ୍ୟା ଧମକ ଦେବା ଅଭିଯୋଗରେ ଜଣେ ସାଇବର ଅପରାଧୀକୁ ଗିରଫ କରିଛି କୋରାପୁଟ ଜିଲ୍ଲାର ସେମିଳିଗୁଡା ଥାନା ପୁଲିସ। ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନା ଦେଇଥିବା ସୂଚନା ଅନୁଯାୟୀ, ସେମିଳିଗୁଡ଼ାର ଜଣାଶୁଣା ଠିକାଦାର ଓ ବ୍ୟବସାୟୀ ଚନ୍ଦନ କୁମାର ବିଷୋୟୀଙ୍କୁ ଗତ ୩ ତାରିଖରେ ଏକ ଧମକପୂର୍ଣ୍ଣ ବାର୍ତ୍ତା ହ୍ୱାଟ୍ସ୍ ଆପ୍‌ରେ ଆସିଥିଲା। ଏହାକୁ ହାଲୁକା ଭାବେ ସେ ଗ୍ରହଣ କରିଥିଲେ। ପରେ ବାରମ୍ବାର ଅନ୍ତର୍ଜାତୀୟ ନମ୍ବରରୁ ହ୍ୱାଟ୍ସଆପ୍ ବାର୍ତ୍ତାରେ ନିଜକୁ ଲରେନ୍ସ ବିଷୋୟୀ ଗ୍ୟାଙ୍ଗର ସଦସ୍ୟ ଭାବେ ପରିଚୟ ଦେଇଥିଲେ ଅଭିଯୁକ୍ତ। ହରିୟାଣା ଭାଷାରେ ଭଏସ୍ ମେସେଜ ପଠାଇ ଏତେ କୋଟି ଟଙ୍କାର କାମ ନେଇଛ, ପଇସା ଦିଅ, ନହେଲେ ଜୀବନରେ ମାରି ଦିଆଯିବ ବୋଲି ଧମକ ଦେଇଥିଲା। ଏଥିରେ ଭୟଭୀତ ହୋଇ ଚନ୍ଦନ ଗତ ୨୬ ତାରିଖରେ ସେମିଳିଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମାମଲାରୁ କୋରାପୁଟ ସାଇବର ସେଲ୍‌କୁ ପଠାଇ ରିପୋର୍ଟ ମଗାଯାଇଥିଲା। ସାଇବର ସେଲ ସହାୟତାରେ ଜଣାପଡ଼ିଥିଲା କି ଅଭିଯୁକ୍ତ ଗୋଟିଏ ସ୍ଥାନୀୟ ନମ୍ବରକୁ ମଡିଫାଏଡ ହ୍ୱାଟ୍ସଆପ୍ ଜରିଆରେ ଅନ୍ତର୍ଜାତୀୟ ନମ୍ବରରେ ପରିଣତ କରୁଥିଲା। ସାଇବର ସେଲ୍ ଅଭିଯୁକ୍ତର ଆଇପି ଆଡ୍ରେସ, ଲିଙ୍କ ମୋବାଇଲ ନମ୍ବର ପଠାଇଥିଲା। ତାର ସହାୟତାରେ ପୁଲିସ ସେମିଳିଗୁଡ଼ା ଅନ୍ନପୂର୍ଣ୍ଣା ନର୍ସରୀ ନିକଟରେ ଭଡ଼ାରେ ରହୁଥିବା ରୋହିତକୁ ଗିରଫ କରାଯାଇଥିଲା। ପଚରାଉଚରା ବେଳେ ସେ ସ୍ୱୀକାର କରିଥିଲା। ଏଆଇ ଜେନେରେଟେଡ୍ ଭଏସ୍ ମେସେଜ ପଠାଇଥିଲା। ପରେ ପୁଲିସ ଠିକାଦାରଙ୍କୁ ହତ୍ୟା ଧମକ ଅଭିଯୋଗରେ ସାଇବର ଅପରାଧୀ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ନନ୍ଦପୁର ବ୍ଲକ୍ ଡାଇଁତର ଗାଁର ରୋହିତ କୁମାର ଲକେଇ। ତା ପାଖରୁ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ତାର ଅନ୍ୟ ଲିଙ୍କ୍ ଅଛି କି ନାହିଁ ତାହାର ତଦନ୍ତ ପୁଲିସ କରୁଛି। ସାମ୍ବାଦିକ ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ସମେତ ସେମିଳିଗୁଡ଼ା ଥାନା ଅଧିକାରିଣୀ ଅନିତା କୁଜୁର, ସୁନାବେଡ଼ା ଥାନା ଅଧିକାରିଣୀ ସୁଷମା କୁଅଁର ଉପସ୍ଥିତ ଥିଲେ।



# ମହାପୁରୁଷ ମହାବୀରଙ୍କ ୨୫୫୨ତମ ଜୟନ୍ତୀ



ଜୟପୁର,୩୧।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଜୈନ ସମ୍ପ୍ରଦାୟ ପକ୍ଷରୁ ଜୈନ ଧର୍ମର ପ୍ରତିଷ୍ଠାତା ମହାପୁରୁଷ ମହାବୀରଙ୍କ ୨୫୫୨ତମ ଜୟନ୍ତୀ ଆଡମ୍ବର ସହିତ ପାଳନ କରାଯାଇଛି। ସ୍ଥାନୀୟ ଜୈନ ସମ୍ପ୍ରଦାୟ ପକ୍ଷରୁ ପୂର୍ବାହ୍ନରେ ସହରର ମୁଖ୍ୟରାସ୍ତାରେ ରହିଥିବା ଜୈନମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ଏକ ନିର୍ମାଣ କରାଯାଇଥିବା ରଥ ଉପରେ ମହାପୁରୁଷ ମହାବୀରଙ୍କ ଫଟୋ ରଖି ଧର୍ମାବଲମ୍ବୀ ଏବଂ ଶ୍ରଦ୍ଧାଳୁ ରଥକୁ ଟାଣି ଟାଣି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା ଜୈନ ମନ୍ଦିରରୁ ବାହାରି ଏମ୍‌ଜି ରୋଡ, ବେଲରୋଡ, ଏନକେ.ଟି ରୋଡ ଦେଇ ପୁଣି ମୁଖ୍ୟରାସ୍ତାକୁ ବାହାରି ଜୈନ ମନ୍ଦିରକୁ ଯାଇଥିଲା। ଏଥିରେ ସମ୍ପ୍ରଦାୟର ପୁରୁଷ ମାନଙ୍କ ସହିତ ମହିଳା ମାନେ ଜୈନ ସମ୍ପ୍ରଦାୟର ଭକ୍ତି ଭଜନ ଗାନ କରିବା ସହିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସମ୍ପ୍ରଦାୟ ପକ୍ଷରୁ ଜିଲ୍ଲା ଶାଖା ପକ୍ଷରୁ ବେଲ ରୋଡ ଠାରେ ଶୋଭାଯାତ୍ରୀକାରୀଙ୍କୁ ଥଣ୍ଡା ପାନୀୟ ଏବଂ ସରବତ ପ୍ରଦାନ କରିଥିଲେ। ଅପରାହ୍ନରେ ଜୈନ ମନ୍ଦିର ଠାରେ ପୂଜାର୍ଚ୍ଚନା ସହିତ ଭଜନ ଏବଂ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେହିପରି ଗତ ଶନିବାର ଜୈନ ଭବନ ଠାରେ ବାଳକ ଓ ବାଳିକାଙ୍କ ବିଭିନ୍ନ ପ୍ରତିଯୋଗିତା, ଭକ୍ତି ସଂଗୀତ ଗାନ ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସମ୍ପ୍ରଦାୟର ମହାବୀର ପାରିଖ, ସଞ୍ଜୟ କୁମାର ଜୈନ, ରାଜେଶ କୁମାର ଜୈନ, ସଞ୍ଜୟ ପାରିଖ, ଅବିନାଶ ବୈଦ, ମୟଙ୍କ ପାରିଖ, ମନୋଜ କୁମାର ଜୈନ, ସନ୍ଦିପ ଜୈନ, ଯୋଗେଶ ଜୈନ, ହିତେଶ ଜୈନ, ଭାବେଶ ଜୈନ, ମଙ୍ଗଳ ବୈଦ, ନିର୍ମଳ ବୈଦ, ବିକି ସୋନ ପ୍ରମୁଖ ଉପସ୍ଥିତ ରହିବା ସହିତ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ, ମହାପୁରୁଷ ମହାବୀରଙ୍କ ଦେଶର ବିହାର ରାଜ୍ୟରେ ଜନ୍ମଗ୍ରହଣ କରିବା ସହିତ ଅହିଂସା, ଜୀବହତ୍ୟାକୁ ଧର୍ମ ବିରୋଧି କାର୍ଯ୍ୟ ଭାବେ ପ୍ରଚାର ପ୍ରସାର କରିଥିଲେ। ଭାରତବର୍ଷରେ ମହାପୁରୁଷ ମହାବୀରଙ୍କୁ ଆଦର୍ଶରେ ଅନୁପ୍ରାଣିତ ହୋଇ ଅନେକ ଲୋକ ଜୈନ ସମ୍ପ୍ରଦାୟରେ ସାମିଲ ହୋଇଥିଲେ।

# ଗ୍ୟାସ୍ କଳାବଜାର ରୋକିବାକୁ ଚଢ଼ଉ

ଉମରକୋଟ,୩୧।୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭାରତକୁ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଏହାର ସୁଯୋଗ ନେଇ କିଛି କଳା ବ୍ୟବସାୟୀ କଳାବଜାର କରୁଛନ୍ତି। ଏହାକୁ ରୋକିବା ପାଇଁ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉମରକୋଟ ସହରରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ସହରର କିଛି ହୋଟେଲ ଓ ଘରେ ଚଢାଉ କରାଯାଇ ୨୯ଟି ଘରୋଇ ଗ୍ୟାସ ଓ ୯ଟି ବ୍ୟବସାୟିକ ଖାଲି ଶିଲେଣ୍ଡର କୁ ଜବତ କରାଯାଇଥୁଛି। ଯେଉଁ ବ୍ୟକ୍ତି ମାନଙ୍କ ଠାରୁ ଖାଲି ସିଲିଣ୍ଡର୍ ଜବତ କରାଯାଇଛି। ସେମାନେ ଯଦି ଉପଯୁକ୍ତ ପ୍ରମାଣପତ୍ର ଦେଖାଇବେ ତେବେ ସେମାନଙ୍କୁ ସିଲିଣ୍ଡର୍‌ଗୁଡ଼ିକ ଫେରାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ସନ୍ତୋଷୀ ନଗରଠାରେ ଏକ ବନ୍ଦ କୋଠରୀରେ ଗ୍ୟାସ ଥିବା ସୂଚନା ପାଇ ଅଧିକାରୀମାନେ ସେଠାରେ ପହଥିବା ବେଳକୁ ସେଠାରେ ଚାବି ପଡ଼ିଥିଲା । ତେଣୁ ଗ୍ୟାସ ଥିବା ସନ୍ଦେହ କରି ଉକ୍ତ କୋଠରୀକୁ ପ୍ରଶାସନ ସିଲ କରିଦେଇଛି। ପୁଲିସ ଉପସ୍ଥିତିରେ ଚାବି ଖୋଲାଯିବ ବୋଲି ସୂଚନା ମିଳିଛି। ଏହି ଚଢ଼ଉରେ ନବରଙ୍ଗପୁର ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ, ଉମରକୋଟ ତହସିଲଦାର ମେଗବାନ ବାଗ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଥାନା ଅଧିକାରୀ ବିପିନ କୁମାର ବାଗ, ଯୋଗାଣ ନିରୀକ୍ଷକ ସୁନୀଲ କୁମାର ଜେନାଙ୍କ ସହ ପୁଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ବିବାଦକୁ ନେଇ ମାଡ଼ପିଟ୍: ଯୁବକ ଗୁରୁତର

କାଳିମେଲା,୩୧।୩(ସମିସ): ମାଲକାନଗିରି ଜିଲ୍ଲା କାଳିମେଲା ଥାନା ଅନ୍ତର୍ଗତ ମାଙ୍ଗିପାଲି ଗ୍ରାମରେ ଜମିଜମା ବିବାଦକୁ ନେଇ ରକ୍ତରଞ୍ଜିତ ଘଟଣା ଘଟିଯାଇଛି। ସୂଚନା ମୁତାବକ ଉକ୍ତ ଗ୍ରାମର ଯୁବକ ବୁଧିନାଥ କବାସୀ ମହୁଲ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ହଠାତ୍ କିଛି ବ୍ୟକ୍ତି ତାଙ୍କୁ ଧନୁତୀର ଓ ପଥରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବୁଧିନାଥ ଗୁରୁତର ଆହତ ହୋଇ ଘଟଣାସ୍ଥଳରୁ ରକ୍ତାକ୍ତ ଅବସ୍ଥାରେ ଖସି ଯାଇ ପ୍ରଥମେ କାଳିମେଲା ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ଘଟଣା ଜମିଜମା ବିବାଦକୁ କେନ୍ଦ୍ରକରି ଘଟିଥିବା କୁହାଯାଉଛି। ଆକ୍ରାନ୍ତଙ୍କ ସ୍ତ୍ରୀ ସୁକାନ୍ତି କବାସୀ କାଳିମେଲା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିବା ସୂଚନା ମିଳିଛି। ଅଭିଯୋଗକୁ ଆଧାର କରି କାଳିମେଲା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏହି ଘଟଣାରେ ଭିମା କବାସୀ, ସୋମନାଥ କବାସୀ ଓ ଲକ୍ଷ୍ମଣ କବାସୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଥିବା ଜଣାପଡିଛି।



# ବିଷୁବ ସଂକ୍ରାନ୍ତୀ ପାଳନ ନେଇ ପ୍ରସ୍ତୁତି ବୈଠକ



ନବରଙ୍ଗପୁର,୩୧।୩(ସମିସ): ନବରଙ୍ଗପୁର ଆଖଣ୍ଡଳମଣି ମନ୍ଦିର ପରିସରରେ ହିନ୍ଦୁ ଏକତା ବାହିନୀର ଆବାହକ ଗୌରୀ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ନବରଙ୍ଗପୁର ସହରର ସମସ୍ତ ଜାତି ମୁଖିଆ, ଯୁବକ ସଂଘ ଓ ହିନ୍ଦୁ ଏକତା ବାହିନୀର ସଦସ୍ୟମାନଙ୍କୁ ନେଇ ଆସନ୍ତା ପଣା ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ସମସ୍ତ ଜାତିର ମୁଖିଆଙ୍କ ବହୁମୂଲ୍ୟ ସୁଚିନ୍ତିତ ମତାମତ ସହ ଶୋଭାଯାତ୍ରା କିପରି ଶୃଙ୍ଖଳିତ ଏବଂ ଆକର୍ଷଣୀୟ ହେଇପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ନିଷ୍ପତ୍ତି ପ୍ରକାରେ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ଗୌର ପତଳାରେ ସହର ସଜ୍ଜା ହେବା ସହ ବିଭିନ୍ନ ସ୍ଥାନରେ ଆଲୋକ ସଜ୍ଜ ହେବ। ସେହିପରି ଉକ୍ତ ଦିନ ଅନୁଷ୍ଠିତ ହେବାକୁ ଥିବା ଶୋଭାଯାତ୍ରା ରେ ଜିଲ୍ଲା ତଥା ରାଜ୍ୟ ବାହାରୁ କେତେକ ନୃତ୍ୟ ଦଳ ସମେତ ନବରଙ୍ଗପୁର ସଦର ମହକୁମାର ପାଖା ପାଖି ଅଞ୍ଚଳର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ, ପାରମ୍ପରିକ ବାଦ୍ୟ ଦଳ ଓ ସ୍ଥାନୀୟ କଳାକାରଙ୍କୁ ସାମିଲ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଗଲା। ଶୋଭାଯାତ୍ରାରେ ବିଶେଷ କରି ମହିଳା ଓ ଶିଶୁ ଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଉକ୍ତ ଦିନ ଜିଲ୍ଲା ପ୍ରଶାସନ ସହାୟତାରେ ସହରର ସମସ୍ତ ମଦ ଦୋକାନ ବନ୍ଦ କରାଯିବା ନିମନ୍ତେ ପ୍ରୟାସ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଗଲା। ବିଭିନ୍ନ ସମାଜ ଏବଂ ବର୍ଗର ସପରିବାର ଉକ୍ତ କାର୍ଯ୍ୟକ୍ରମରେ କିପରି ସାମିଲ ହୋଇପାରିବେ ସେଥିପ୍ରତି ସମସ୍ତେ ଆଗେଇ ଆସିବାକୁ ଅନୁରୋଧ କରାଯାଇଛି। ଘରେ ଘରେ ଯେପରି ଗୌରୀକ ପତାକା ଲଗାଯାଇ ପାରିବ ସେ ନେଇ ସମସ୍ତ ସହର ବାସୀ ତଥା ଆଖ ପାଖ ଅଞ୍ଚଳର ବାସିନ୍ଦାଙ୍କୁ ଅନୁରୋଧ କରିବା ସହ ଉକ୍ତ ଦିନ ଛୋଟ ପିଲାମାନଙ୍କ ବିଭିନ୍ନ ଦେବାଦେବୀଙ୍କ ବେଶ ଭୂଷା ସହ ଘର ସମ୍ମୁଖରେ ଝୋଟି ପକାଇବା ପାଇଁ ସମସ୍ତଙ୍କୁ ସୂଚିତ କରେଇବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ଏପ୍ରିଲ ୧୨ ତାରିଖ ତଥା ରବିବାର ଦିନ ସମସ୍ତ ହିନ୍ଦୁ ଭାଇ ଭଉଣୀ, ବିଶେଷ କରି ଛୋଟ ପିଲାଙ୍କୁ ନେଇ ଏକ ସନାତନୀ ଦୌଡ଼ର ଆୟୋଜନ ନିମନ୍ତେ ନିଷ୍ପତ୍ତି ନିଆଗଲା। ବୈଠକ ଶେଷରେ ସର୍ବସମ୍ମତି କ୍ରମେ ଚଳିତ ବର୍ଷର ପଣା ସଂକ୍ରାନ୍ତି ବିଗତ ବର୍ଷ ମାନଙ୍କଠାରୁ ଅଧିକ ଧୁମ୍‌ଧାମରେ ପାଳନ କରିଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟ ମାନ୍ୟତା ଦିବସ ପାଳିତ

ନବରଙ୍ଗପୁର,୩୧।୩(ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାର ସମସ୍ତ କିନ୍ନର ଏବଂ ସହରର ବିଭିନ୍ନ ଅନୁଷ୍ଠାନର ଲୋକଙ୍କୁ ନେଇ ସ୍ଥାନୀୟ ମା' ଭଣ୍ଡାର ଘରଣୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ବାଜା ବାଜଣା ସହ ଏକ ବିରାଟ ଶୋଭାଯାତ୍ରା ବାହାରି ବିନାୟକ ଭବନରେ ପହଞ୍ଚିଥିଲା। ଏହି ଅବସରରେ ପୌରାଧ୍ୟକ୍ଷ କୁନୁ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ଉପଦେଷ୍ଟା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ବାବୁ ପାତ୍ର, ଆଶାକିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା, ଉମରକୋଟ ଅଞ୍ଚଳରୁ ସଂଘର ସଭ୍ୟା ସଂଯୁକ୍ତା ପଟ୍ଟନାୟକ, ଗୀତାଞ୍ଜଳି ନନ୍ଦଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଆସିଥିବା କିନ୍ନର ମାନେ ଉପସ୍ଥିତ ଥିଲେ। ଶୋଭାଯାତ୍ରା ବିନାୟକ ଭବନ ପହଞ୍ଚିବା ପରେ ସମ୍ମିଳନୀ ଗୃହରେ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ସଭାପତିତ୍ୱ ରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ ସମାଜର ବିଭିନ୍ନ ବର୍ଗର ସହଯୋଗରେ ହିଁ କିନ୍ନର ସମାଜର ଉନ୍ନତି ହୋଇ ପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ କିନ୍ନର ସଂଘର ସଭାପତି କାଜୋଲ କିନ୍ନର ଏବଂ ସମ୍ପାଦକ ଚୁମୁକି କିନ୍ନର ମଞ୍ଚାସିନ ଥିଲେ। ସଭା ପ୍ରାରମ୍ଭରେ ପ୍ରୀତି କିନ୍ନର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଆଶାକିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ଭାବରେ ସଂଘରେ ଯୋଗ ଦେଇଥିବା ପାଞ୍ଚ ଜଣ କିନ୍ନରଙ୍କୁ ଉପଢୌକନ ସହ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା କିନ୍ନର ସଂଘକୁ କମ୍ପ୍ୟୁଟର, ଫ୍ୟାନ, ଚୌକି, ଟେବୁଲ ଏବଂ ଟିଭି ଆଦି ପ୍ରଦାନ କରାଯାଇଥିଲା। ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ଏ.ଧନୁର୍ଜୟ ରାଓ, ମିଥୁନ ତ୍ରିପାଠୀ, ବୃନ୍ଦାବନ ବେବର୍ତ୍ତା, ମହେନ୍ଦ୍ର ବିଷୋୟୀ, ସବ୍ୟସାଚୀ ବେହେରା, ବିଶ୍ୱଜିତ୍ ମହାନ୍ତି, ସମସନ୍ ନାୟକ ଏବଂ ଶକୁନ୍ତଳା ଭତ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ସିପାଇପୁଟ ଗ୍ରାମରେ ବଡ଼ବେଣ୍ଟ କାର୍ଯ୍ୟକ୍ରମ

ପଟ୍ଟାଙ୍ଗି,୩୧।୩(ସମିସ): କୋରାପୁଟ ଜିଲ୍ଲାର ପାରମ୍ପରିକ ପରବ ଚଇତି ପରବ ଆସି ପହଞ୍ଚିଛି। ଉକ୍ତ ଚଇତି ପରବକୁ ସ୍ଥାନୀୟ ଅଧିବାସୀ ଆଡ଼ମ୍ବର ସହ ପାଳନ କରୁଛନ୍ତି। ପଟ୍ଟାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତର ସିପାଇପୁଟ ଗ୍ରାମରେ ଚଇତି ପରବର ବଡ଼ବେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗ୍ରାମର ନାୟକ ରାମଚନ୍ଦ୍ର ଖରା, ପୂଜାରୀ ବୈଦ୍ୟନାଥ ଗେମେଲ୍, ବାରିକ ପୂର୍ଣ୍ଣ ଖରାଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମଟି ପଟ୍ଟାଙ୍ଗି ଜୋନ ୧ର ଜିଲ୍ଲା ପରିଷଦ ସଦସ୍ୟା ଟିକାଇ ଗେମେଲଙ୍କ ନିଜ ଗ୍ରାମ ହୋଇଥିବା ଯୋଗୁ ସ୍ଥାନୀୟ ଲୋକେ ତଥା ଭଗବାନ ଗୋଲୋରୀ ଏବଂ ଗ୍ରାମବାସୀ ତଥା ଭାରତ ସାଆନ୍ତା, ତ୍ରିନାଥ ଖରା, ଜଗନ୍ନାଥ ଗେମେଲ, ବିଭୀଷଣ ଗୋଲୋରି, ମାଧବ ଖରା, ଭିମାନା ଗେମେଲ, ଲକ୍ଷ୍ମଣ ଖରା, ରାଜେନ୍ଦ୍ର ଖରା, ବିମାନା ଗେମେଲ ପ୍ରମୁଖଙ୍କ ସହଯୋଗରେ ଅତି ଆଡ଼ମ୍ବର ସହ ପାଳିତ ହେଉଛି। କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ତଥା ପଟ୍ଟାଙ୍ଗି ଜୋନ ୨ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା, ମାଳିପୁଟ ପଞ୍ଚାୟତର ସରପଞ୍ଚ ସୋମନାଥ ଗୁଣ୍ଡା, ଗାଙ୍ଗରାଜପୁର ପଞ୍ଚାୟତର ସମିତି ସଭ୍ୟା ବିମଳା ପାଙ୍ଗି, 'ସକାଳ'ର ବ୍ଲକ ପ୍ରତିନିଧି ଶ୍ରୀକାନ୍ତ ଚୌଧୁରୀ, ଟିଭି ସାମ୍ବାଦିକ କୁନା ଖରା, ପଟ୍ଟାଙ୍ଗି ପୂର୍ବତନ ସରପଞ୍ଚ ରଧୁ ଖରା, ସମାଜସେବୀ ବିନୋଦ ତାମାଲ, ସୁଶାନ୍ତ ବାଙ୍ଗା, ନାଗେଶ ତାମାଲ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜକୁମାର କନ୍ଦପାଣ ପ୍ରମୁଖ ଯୋଗଦାନ ଦେଇଥିଲେ। ଅତିଥି ମାନେ ଗ୍ରାମ ପ୍ରବେଶ ଦ୍ୱାର ରେ ରହିଥିବା ବରଗଛ ଠାରେ ନଡ଼ିଆ ବାଡେଇବା ପରେ ତାଙ୍କୁ ଗ୍ରାମ ମଧ୍ୟକୁ ବାଜା ବାଇଦ ସହ ଢେମସା ନୃତ୍ୟ କରି ପୂଜା ସ୍ଥାନକୁ ନିଆଯାଇଥିଲା। ସେଠାରେ ବଡ ବେଣ୍ଟର ନିୟମ ଅନୁଯାୟୀ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଫିଙ୍ଗି ଅଣ୍ଡାକୁ ଶିକାର କରିଥିଲେ। ଏହାପରେ ସେଠାରୁ ଫେରି ନିଷାଣି ମୁଣ୍ଡାଠାରେ ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମକୁ ଶେଷ କରିଥିଲେ।

# ପଲ୍ଲିସଭା ବର୍ଜନ ପାଇଁ ସରପଞ୍ଚ ସଂଘର ନିଷ୍ପତ୍ତି

ଉମରକୋଟ ୩୧।୩ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ପଲ୍ଲିସଭା ଓ ଗ୍ରାମସଭାରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଦୀର୍ଘ ୨ ବର୍ଷ ହେଲା ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ପଲ୍ଲିସଭା ଓ ଗ୍ରାମସଭା ମାଧ୍ୟମରେ ନିଆଯାଇଥିବା ନିଷ୍ପତ୍ତିକୁ ସରପଞ୍ଚଙ୍କ ଅଜାଣତରେ ଉନ୍ନୟନ କାର୍ଯ୍ୟଗୁଡ଼ିକର ନାମ ପରିବର୍ତ୍ତନ କରି ଦିଆଯାଉଛି। ଏହା ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ପ୍ରତି କୁଠାରଘାତ ବୋଲି ସରପଞ୍ଚ ସଂଘ ପକ୍ଷ କୁହାଯାଇଛି। ପଲ୍ଲୀସଭା ଓ ଗ୍ରାମ ସଭାରେ ପକ୍ଷରୁ ଯାହା ନିଷ୍ପତ୍ତି ହେଉଛି, ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ଆଗାମୀ ୬ରୁ ୧୫ ଏପ୍ରିଲ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ପଲ୍ଲୀସଭାକୁ ସରପଞ୍ଚ ସଂଘ ବର୍ଜନ କରିବ ବୋଲି ନିଷ୍ପତ୍ତି ନେଇଛି। ଏ ନେଇ ଉମରକୋଟ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେରଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ସଂଘର ସଭାପତି ତଥା ଜାମରୁଣ୍ଡା ସରପଞ୍ଚ ଜଗଦୀଶ ଗଣ୍ଡ, ନିଳାଦ୍ରି ମାଝୀ, ଅର୍ଜୁନ ଭତ୍ରା , ସବିତା ବଞ୍ଜାରା, ମାଳତୀ ମାଝୀ, ପବିତ୍ର ଭତ୍ରା, ମନୁ ରାମ ମାଝୀ, ଲଖଣ ବଞ୍ଜାରା, ରାତିରମ ମାଝୀଙ୍କ ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ।



## ଜିଲ୍ଲା ସଙ୍କଟକାଳୀନ ପରିଚାଳନା କମିଟି ବୈଠକ

# ଗ୍ୟାସ୍, ପେଟ୍ରୋଲ ଓ ଡିଜେଲକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ



**ନବରଙ୍ଗପୁର, ୩୧।୩(ସମିସ):** ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଙ୍କଟକାଳୀନ ପରିଚାଳନା କମିଟି ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ। ଜିଲ୍ଲାରେ ଏଲ ପି ଜି ଗ୍ୟାସ, ପେଟ୍ରୋଲ, ଡିଜେଲ ଭଳି ଅତିଆବଶ୍ୟକ ସାମଗ୍ରୀର ଉପଲବ୍ଧ ସମ୍ପର୍କରେ ନିୟମିତ ଅନୁଧ୍ୟାନ ଉପରେ ଗୃହରେ ଆଲୋଚନା ହୋଇଥିଲା। ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ଜିଲ୍ଲାରେ ଏଚ ପି ସିଏଲଆଇ ଓ ସିଏଲ ଏବଂ ବିପିସିଏଲ କମ୍ପାନୀର ମୋଟ ୨୧ଟି ରନ୍ଧନ ଗ୍ୟାସ ବିତରକ ଅଛନ୍ତି। ସୁଚନା ଅନୁସାରେ ଆଜି ସୁଦ୍ଧା ଏଚ ପି ସି ଏଲ ର ୯୪୨ , ଆଇ ଓ ସି ଏଲ ର ୨୧୭୪ ଏବଂ ବି ପି ସି ଏଲ ର ୯୩୫ ଟି ଗ୍ୟାସ ସିଲିଣ୍ଡର୍ ମହଜୁଦ ରହିଛି। ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କାରୀଙ୍କୁ ରନ୍ଧନ ଗ୍ୟାସ ବିତରକଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି। ଜିଲ୍ଲାପାଳ ଅସାଧୁ ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସିଏସଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବେଆଇନ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଯେହେତୁ ଗ୍ୟାସ ସିଲିଣ୍ଡର ଯଥେଷ୍ଟ ମହଜୁଦ ରହିଛି । କୌଣସି ଗୁଜବରେ ବିଶ୍ୱାସ ନ କରି ପ୍ରଶାସନ ଉପରେ ଭରସା ରଖିବାକୁ ଗୃହରେ ଜିଲ୍ଲାପାଳ କହିଥିଲେ। ଚଢ଼ଉ ପାଇଁ ଏକ ସ୍କ୍ୱାର୍ଡ ଗଠନ କରିବା ପାଇଁ ସିଏସଓଙ୍କୁ ଜିଲ୍ଲାପାଳ କହିଥିଲେ। ଜିଲ୍ଲାରେ ପେଟ୍ରୋଲ,ଡିଜେଲ ପମ୍ପ ନିକଟରେ ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି ବୋଲି ସିଏସ ଓ ସୂଚନା ଦେଇଥିଲେ। ଏଥିପାଇଁ ସାମାଜିକ ଗଣମାଧ୍ୟମ ଉପରେ ବିଶେଷ ନଜର ରଖିବାକୁ ଡିଆଇପିଆର୍‌ଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନ ହଷ୍ଟେଲ, ଡାକ୍ତରଖାନା, ଆହାର କେନ୍ଦ୍ର, ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନ ମାନଙ୍କୁ ବାଣିଜ୍ୟିକ ସିଲିଣ୍ଡର୍ ନିୟମ ଅନୁଯାୟୀ ଯୋଗାଇ ଦିଆଯାଉଛି। ଜିଲ୍ଲା ନିୟନ୍ତ୍ରଣ କକ୍ଷ ନମ୍ବର ୦୬୮୫୮୨୯୫୪୨୪ ରେ ଗ୍ୟାସ ଜନିତ କଳାବଜାରୀ ଓ ଅସାଧୁ ବ୍ୟବସାୟୀଙ୍କ ଉପରେ ସୁଚନା ଦେଲେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଜିଲ୍ଲା ସ୍ତରୀୟ ସଙ୍କଟକାଳୀନ ପରିଚାଳନା କମିଟି ଅଧିକାରୀ, ଗ୍ୟାସ ବିତରକ, ହୋଟେଲ ମାଲିକ, ପେଟ୍ରୋଲ ପମ୍ପ ମାଲିକ ଉପସ୍ଥିତ ଥିଲେ।



## ରାଷ୍ଟ୍ରୀୟ ଗୋକୁଳ ମିଶନରେ ଅନିୟମିତତା ଅଭିଯୋଗ

# ଦୁର୍ବଳ ଓ ଅସୁସ୍ଥ ଗାଈ ବଣ୍ଟନ, ହିତାଧିକାରୀ ହତାଶ

**ଶୁକ୍ଳି, ୩୧।୩(ସମିସ)**



ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଅଧୀନରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (ଏନଡିଡିବି)ଙ୍କ ଦୁଗ୍ଧ ସେବା ଦ୍ୱାରା ପ୍ରାୟୋଜିତ ଝ ଉତ୍ପାଦକ ବୃଦ୍ଧି ସେବା ପ୍ରକଳ୍ପ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଶିକ୍ଷଣପ୍ରାପ୍ତ ଦୁଗ୍ଧ ଚାଷୀଙ୍କୁ ଗୋ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ୨୦୨୫ ଜୁନ ମାସରେ ଏହି ଯୋଜନାରେ ଗିର ଓ ସାହିୱାଲ ପ୍ରଜାତିର ଶତାଧିକ ଦୁଧିଆଳୀ ଗାଈ ପ୍ରତି ବ୍ଲକରେ ବଣ୍ଟନ ହୋଇଥିଲା। ଆୟୋଜକ ଆଲ୍ଲାମାଡ଼ି ସିମେନ ଷ୍ଟେସନ ପକ୍ଷରୁ ଗୁଜରାଟ ଓ ପଞ୍ଜାବ ଭଳି ରାଜ୍ୟରୁ ଗର୍ଭବତୀ ଗାଈ ଆଣି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିଲା। ତେବେ ବଣ୍ଟନ ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଅନେକ ଗୋପାଳକଙ୍କ ଅଭିଯୋଗ ଅନୁଯାୟୀ ମିଳିଥିବା ଗାଈଗୁଡିକ ମଧ୍ୟରୁ ବହୁତ ଦୁର୍ବଳ ଓ ଅସୁସ୍ଥ ଅବସ୍ଥାରେ ଥିଲେ। କେତେକ ଗାଈ ଗର୍ଭବତୀ ଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ଦେଖାଯାଇଛି। ଫଳରେ କେହି କେହି ଚାଷୀଙ୍କ ଗାଈ ମୃତ୍ୟୁମୁଖରେ ପଡ଼ିଥିବା ମଧ୍ୟ ଜଣାପଡ଼ିଛି। ଏହି ପରିସ୍ଥିତିରେ ଆର୍ଥିକ ଉନ୍ନତି ଆଶା କରିଥିବା ଚାଷୀ ବିପରୀତରେ କ୍ଷତି ସହୁଛନ୍ତି। ଗୋପାଳନ ଖର୍ଚ୍ଚ ବୃଦ୍ଧି ପାଇବା ସହିତ ଆୟ ହ୍ରାସ ପାଉଥିବାରୁ ସେମାନେ ଚିନ୍ତା ପ୍ରକଟ କରିଛନ୍ତି।

ସୂଚନା ମୁତାବକ, କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଗୋକୁଳ ମିଶନ ଅଧୀନରେ ଗୋ-ଚାଷଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଉପଖଣ୍ଡ ରରୁଆଁ ବ୍ଲକରେ ଶତାଧିକ ଗାଈ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଗୋ-ପାଳକ କହୁଛନ୍ତି, ଗାଈଗୁଡ଼ିକୁ ଆଣିବା ପରେ କିଛି ଦିନ ମଧ୍ୟରେ ଗାଈଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଅବନତି ଘଟିଥିଲା। କେତେକ ଘଟଣାରେ ଗାଈ ମୃତ୍ୟୁବରଣ କରିଥିବାବେଳେ କେଉଁଠି ବାଛୁରୀ ମରିଯାଇଥିବା ସୂଚନା ମିଳିବାରେ ଲାଗିଛି। ଫଳରେ ଗୋ-ପାଳକ ଆର୍ଥିକ ଓ ମାନସିକ ଚିନ୍ତାରେ ରହିଛନ୍ତି। ହିତାଧିକାରୀଙ୍କ କହିବା ଅନୁସାରେ, ଯୋଜନା ଅନୁଯାୟୀ ସୁସ୍ଥ ଓ ଉତ୍ତମ ଜାତୀୟ ଗାଈ ମିଳିବା କଥା। କିନ୍ତୁ ବାସ୍ତବରେ ଯାହା ଦିଆଗଲା, ତାହା ଦେଖି ସେମାନେ ଆଶ୍ଚର୍ଯ୍ୟଚକିତ। ଅନେକ ଗାଈ ପୂର୍ବରୁ ରୋଗାକ୍ରାନ୍ତ ଥିବା ଓ ଠିକ୍ ଭାବେ ପରୀକ୍ଷା କରାଯାଇ ନ ଥିବା ନେଇ ସନ୍ଦେହ ଉଠିଛି। ଏ ପରିସ୍ଥିତିରେ ଅନେକ ଗୋ-ପାଳକ ଯୋଜନା ପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି। କେହି କେହି ଆଗାମୀ ଦିନରେ ଏପରି ସରକାରୀ ସହାୟତା ନେବାକୁ ଅସ୍ୱୀକାର କରୁଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ କିମ୍ବା ପଶୁପାଳନ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। ସମ୍ପୂର୍ଣ୍ଣ ଘଟଣା ଏବେ ଯୋଜନାର ପାରଦର୍ଶିତା ଓ କାର୍ଯ୍ୟାନ୍ୱୟନ ଉପରେ ପ୍ରଶ୍ନ ଉଠାଇଛି।

## ଯେତେ ବଢ଼ୁଛି ବଢୁ ରନ୍ଧନ ଗ୍ୟାସ୍ ଦର...



କାଠ ଅଛି ତ, ଆମ ଚୁଲି ଜଳିବ (ଫଟୋ ମନୋଜ, ବାରିପଦା)

## କୂଅରୁ ଗଳିତ ଶବ ଉଦ୍ଧାର

**ଶୁଳିଆପଦା, ୩୧।୩(ସମିସ):** ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ ଅଧୀନ ବାଦଡା ଗ୍ରାମର ଏକ କୂଅ ଭିତରୁ ଶୁଳିଆପଦା ଅଗ୍ନିଶମ ବିଭାଗ ଦ୍ୱାରା ଗଳିତ ଶବ ଉଦ୍ଧାର କରାଯାଇଛି। ମୃତକ ଜଣକ ଉକ୍ତ ଗ୍ରାମର ହରିଶ୍ଚନ୍ଦ୍ର ଧଳଙ୍କ ପୁଅ ପ୍ରଭାତ ଧଳ (୪୫)। ସେ ଗତ ୨୪ ତାରିଖଠାରୁ ନିଖୋଜ ଥିଲେ। ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ୨୯ ତାରିଖ ଦିନ ଶୁଳିଆପଦା ଥାନାରେ ଅଭିଯୋଗ କରିଥିଲେ। ତେବେ ଆଜି ଗାଁ ମୁଣ୍ଡରେ ଚାଷ ପାଇଁ ଖୋଳାଯାଇଥିବା ଏକ କୂଅ ଭିତରେ ଜଣେ କେହି ଭାସୁଥିବା ଗ୍ରାମବାସୀ ଦେଖି ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଶୁଳିଆପଦା ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ଗୋପାଳ ଚନ୍ଦ୍ର ନାଏକ୍ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗଳିତ ଶବକୁ ଉଦ୍ଧାର କରିଥିଲେ। ପରେ ଶୁଳିଆପଦା ଏସଆଇ ରୂପଶ୍ରୀ ସ୍ୱାଇଁ ପହଞ୍ଚି ଶବ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଶୁଳିଆପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଏପ୍ରିଲ୍ ମାସ ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ

**ବାରିପଦା, ୩୧।୩ (ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅପ୍ରେଲ ମାସ ପାଇଁ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଶୁଣାଣି ଶିବିର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ପ୍ରଥମ ସୋମବାର ୬ ତାରିଖରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ବାରିପଦା ସଦର ଉପଖଣ୍ଡ ପାଇଁ; ଦ୍ୱିତୀୟ ସୋମବାର ୧୩ ତାରିଖ ବାମନଘାଟି ଉପଖଣ୍ଡ ପାଇଁ ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ; ତୃତୀୟ ସୋମବାର ୨୦ ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଏବଂ ଚତୁର୍ଥ ସୋମବାର ୨୭ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ ଉଦଳାସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲାପାଳ ହେମକାନ୍ତ ସଏ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ତତ୍ତ୍ୱାବଧାନରେ ହେବ।

ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗ ଅଧିକାରୀ ଓ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡ଼ିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତିରେ, ଜିଲ୍ଲାର ଅନ୍ୟ ଉପଖଣ୍ଡଙ୍କରେ ଅନୁଷ୍ଠିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡର ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ସିଡିପିଓଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଅଭିଯୋଗର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇପାରିବେ।

## ବାରିପଦା-ଅମର୍ଦା ମୁଖ୍ୟ ରାସ୍ତାରେ ହାତୀ ପଲ, ଯାତାୟାତ ବନ୍ଦ



**ରାସଗୋବିନ୍ଦପୁର, ୩୧।୩(ସମିସ):** ମଙ୍ଗଳାବର ଅପରାହ୍ନ ସମୟରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବାରିପଦା-ଅମର୍ଦା ମୁଖ୍ୟ ରାସ୍ତାର ସାରୁମୂଳା ନିକଟରେ ଆଜି ଏକ ହାତୀ ପଲ ରାସ୍ତାକୁ ଅବରୋଧ କରିବାରୁ କିଛି ସମୟ ପାଇଁ ଯାତାୟାତ ପୂରାପୂରି ବନ୍ଦ ହୋଇଥିଲା। ହଠାତ୍ ଜଙ୍ଗଲ ଅଞ୍ଚଳରୁ ବାହାରି ଆସିଥିବା ଏହି ହାତୀପଲ ରାସ୍ତା ମଧ୍ୟରେ ଦୀର୍ଘ ସମୟ ରହିଥିବାରୁ ଯାତ୍ରୀ ଓ ଯାନଚାଳକ ଭୟଭୀତ ହୋଇପଡ଼ିଥିଲେ। ସୂଚନା ମିଳିବା ପରେ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ହାତୀମାନଙ୍କୁ ଜଙ୍ଗଲ ମୁହାଁ ଦେଇ ଫେରାଇବା ପାଇଁ ପ୍ରୟାସ କରିଥିଲେ। ପରେ ପରିସ୍ଥିତି ନିୟନ୍ତ୍ରଣରେ ଆସିବା ସହ ଯାତାୟାତ ପୁନର୍ବାର ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ଏହି ଅଞ୍ଚଳରେ ହାତୀ ଆତଙ୍କ ବୃଦ୍ଧି ପାଇଁ ଚିନ୍ତା ବ୍ୟକ୍ତ କରିବା ସହ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନଙ୍କ ଦ୍ରୁତ ପଦକ୍ଷେପ ଦାବି କରିଛନ୍ତି।

## ଶିକ୍ଷକଙ୍କୁ ଛୁରା ମାଡ଼ ଘଟଣାରେ ଜଣେ ଗିରଫ

**ଠାକୁରମୁଣ୍ଡା, ୩୧।୩ (ସମିସ):** ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଜୁଡାମ୍ବ ଗ୍ରାମରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଅବସରପ୍ରାପ୍ତ ଶିକ୍ଷକ ଭକ୍ତ ଚରଣ ମହାନ୍ତଙ୍କୁ ଛୁରୀରେ ଆକ୍ରମଣ କରି ଗୁରୁତର କରିଥିବା ସେହି ଗ୍ରାମରେ ଘର ଭଡା ନେଇ ରହୁଥିବା ଗୁଣ୍ଡା ହୋଙ୍କୁ ଠାକୁରମୁଣ୍ଡା ଥାନା ପୁଲିସ ଗିରଫ କରିଛି। ଜମିବାଡ଼ିକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡ଼ିଛି। ମହୁଲଡିହା ଥାନା ଅନ୍ତର୍ଗତ ଘଣ୍ଟିଆଦର ଗ୍ରାମର ଗୁଣ୍ଡା ହୋ ଅବସରପ୍ରାପ୍ତ ଶିକ୍ଷକଙ୍କ ବେକକୁ ଛୁରୀରେ ଆକ୍ରମଣ କରିବାରୁ ତାଙ୍କ ବେକରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବେକରେ ଶକ୍ତ ଆଘାତ କାରଣରୁ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବାର ଜଣାପଡ଼ିଛି। ଉଭୟଙ୍କ ମଧ୍ୟରେ ପୂର୍ବରୁ ଜମିବାଡ଼ି ଘଟଣାକୁ ନେଇ ବଚସା ହୋଇଥିଲା। ଗୁରୁତରଙ୍କ ସ୍ତ୍ରୀ ନିର୍ମଳା ମହାନ୍ତଙ୍କ ଲିଖିତ ଅଭିଯୋଗ ପରେ ଠାକୁରମୁଣ୍ଡା ଥାନା ଏଏସଆଇ ଅନୀତା ସ୍ୱାଇଁ, ଏଏସଆଇ ଅମରେଶ ବାରିକ, ବିଭୁତି ନାଏକ, ଇନ୍ଦ୍ରମଣି ନାଏକ, ଚିତ ମୁଣ୍ଡାଙ୍କ ସହଯୋଗରେ ଆକ୍ରମଣକାରୀକୁ ଗିରଫ କରି ୩୬/୨୦୨୬ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## କାଳବୈଶାଖୀରେ ଉଡ଼ିଗଲା ଛପର



**ବିଶୋଇ, ୩୧।୩ (ସମିସ):** ବିଶୋଇ ବ୍ଲକ ବାଉତିବେଡ଼ା ପଞ୍ଚାୟତସ୍ଥ ଓଷାଡ଼ଲା ଗ୍ରାମର ସାନଦାସ ନାଏକଙ୍କ ଘର ଛପର ଗତକାଲି କାଳବୈଶାଖୀଜନିତ ଝଡ଼ତୋଫାନ କାରଣରୁ ଉଡ଼ିଯାଇଛି। ଗତକାଲି ରାତିରେ ବିଶୋଇ ବ୍ଲକ ଅଞ୍ଚଳରେ କାଳବୈଶାଖୀ କାରଣରୁ ହଠାତ ଝଡ଼ ତୋଫାନ ଆରମ୍ଭ ହେବା ସହିତ ତୁହାକୁ ତୁହା ଘଡଘଡି ବର୍ଷା ଆରମ୍ଭ ହୋଇଥିଲା। ଓଷାଡ଼ଲା ଗ୍ରାମର ସାନଦାସ ପରିବାର ସହିତ ଶୋଇଥିବା ସମୟରେ ପ୍ରବଳ ପବନ କାରଣରୁ ତିନି ବଖରା ଘରର ଆଜବେଷ୍ଟସ୍ ଛପର ଉଡିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ ଘର ମଧ୍ୟରେ ଥିବା ବିଭିନ୍ନ ଆସବାବପତ୍ର ଓ ଧାନ ଚାଉଳ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ମାତ୍ର ସାନଦାସଙ୍କ ପରିବାର ଅଳ୍ପକେ ରକ୍ଷା ପାଇଯାଇଥିଲେ। ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଆଜି ଘଟଣାସ୍ଥଳରେ ପହଞ୍ଚି କ୍ଷତି ଆକଳନ କରିଛନ୍ତି। ସାନଦାସ ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବାବେଳେ ବାସଗୃହ ନଷ୍ଟ ହୋଇଯାଇଥିବାରୁ ତାଙ୍କ ପରିବାର ବର୍ତ୍ତମାନ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ସାନଦାସଙ୍କ ପରିବାରକୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

## ବର୍ଷା ଆଣିଲା ଆଶ୍ୱସ୍ତି

# ଗୁଳୁଗୁଳିରେ ଲାଗିଲା ବ୍ରେକ୍, ଖସିଲା ତାପମାତ୍ରା

**ରାଇରଙ୍ଗପୁର, ୩୧।୩(ସମିସ):** ଅଦିନିଆ ବର୍ଷା ରାଇରଙ୍ଗପୁର ଅଞ୍ଚଳରେ ଆଶ୍ୱସ୍ତି ଆଣିଦେଇଛି। ଉପରମୁଁହା ଥିବା ତାପମାତ୍ରା ବର୍ଷା ପାଇଁ ନିମ୍ନଗାମୀ ହୋଇଛି। ସୋମବାର ସନ୍ଧ୍ୟାରେ ଜୋରରେ ବର୍ଷା ଓ ପବନ ହେବାରୁ ରାଇରଙ୍ଗପୁରରେ ଗରମ ଓ ଗୁଳୁଗୁଳି ମାତ୍ରା କମିଛି। ମାର୍ଚ୍ଚ ପହିଲାରୁ ତାପମାତ୍ରା କ୍ରମଶଃ ବୃଦ୍ଧି ରାଜ୍ୟର ପ୍ରମୁଖ ତାପମାତ୍ରା ଥିବା ସହର ମଧ୍ୟରେ ରାଇରଙ୍ଗପୁର ମଧ୍ୟ ସ୍ଥାନ ପାଇଥିଲା। ତେବେ ଆଞ୍ଚଳିକ ପାଣିପାଗ ବିଭାଗ ସତର୍କତା ଅନୁଯାୟୀ ସୋମବାର ବର୍ଷା ହେବା ପରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପବନ ହେବାରୁ ରାଇରଙ୍ଗପୁର ହସ୍‌ପିଟାଲ ନିକଟରେ ରାସ୍ତା କଡ଼ରେ ଥିବା

**ବିଜତଳାରେ ରାଜ୍ୟର ଦ୍ୱିତୀୟ ସର୍ବାଧିକ ବୃଷ୍ଟିପାତ**

ପୁରୁଣା ଗଛ ଭାଙ୍ଗିଯାଇଛି। ବାମନଘାଟି ଉପଖଣ୍ଡରେ ରାଜ୍ୟର ରେକର୍ଡ ସଂଖ୍ୟକ ବୃଷ୍ଟିପାତ ହୋଇଥିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ବିଜତଳାରେ ୩୪ ମିମି ବୃଷ୍ଟିପାତ ହୋଇଛି। ଯାହାକି ରାଜ୍ୟର ଦ୍ୱିତୀୟ ସର୍ବାଧିକ ବୃଷ୍ଟିପାତ ଅଟେ। ସେହିପରି ସାରସକଣାରେ ୨୮ ମିମି, ଶୁକ୍ଳିରେ ୨୦ ମିମି, ରରୁଆଁରେ ୧୬.୪ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଆସନ୍ତା ୨/୩ ଦିନ ପର୍ଯ୍ୟନ୍ତ ବଜ୍ରପାତ ଓ ବୃଷ୍ଟିପାତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ବର୍ଷା ପାଇଁ ଗରମରେ ବ୍ରେକ ଲାଗିଥିବାବେଳେ ପୁଣି ଗରମ ମାତ୍ରା ବୃଦ୍ଧି ପାଇବା ସମ୍ଭାବନା ରହିଛି।

## ଗୋଚାଲାଣରେ ରୋକ୍ ଲଗାଇବାକୁ ଅଣ୍ଟା ଭିଡ଼ିଲେ ସ୍ଥାନୀୟ ଯୁବକ

# ପଶ୍ଚିମବଙ୍ଗକୁ ଚାଲାଣ ବେଳେ ମାଡ଼ିବସିଲେ



**ସାରସକଣା, ୩୧।୩(ସମିସ):** ମୟୂରଭଞ୍ଜରେ ଥମୁନି ଗୋ ଚୋରାଚାଲାଣ। ୧୮ ଓ ୪୯ ନମ୍ବର ଜାତୀୟ ରାଜପଥ ଦେଇ ଚାଲାଣ ହେଉଛି ଗୋରୁ ବୋଝେଇ କଣ୍ଟେନର ଓ ପିକଅପ। କିଛିଦିନ ପୂର୍ବରୁ ଦିନଦ୍ୱିପ୍ରହରରେ ଗୋଟିଏ କଣ୍ଟେନର ବାଙ୍ଗିରିପୋଷି ଥାନାରେ ଧରାପଡ଼ିଥିବାବେଳେ ଗତକାଲି ବିଳମ୍ବିତ ରାତିରେ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଝାରପୋଖରିଆ ଥାନା ଝାରପୋଖରିଆ ପଞ୍ଚାୟତର ଦିଘି ଗ୍ରାମରେ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବା ଏକ ପିକଅପ୍ ଗାଡ଼ିକୁ ଧରି ପୁଲିସ ଜିମା ଦେଲେ ସ୍ଥାନୀୟ ଯୁବକ।

ଗତକାଲି ବିଳମ୍ବିତ ରାତିରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ରାଜ୍ୟକୁ ଚୋରାଚାଲାଣ ହେଉଥିବାବେଳେ ଦିଘି ଗ୍ରାମର ଜନସାଧାରଣ ଓ ଅଞ୍ଚଳର କିଛି ଯୁବଗୋଷ୍ଠୀ କୌଣସି ସୂତ୍ରରୁ ଖବରପାଇ ଗୋରୁ ବୋଝେଇ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ଗାଡ଼ିଟି କାର୍‌କୁ ଧକ୍କା ଦେଇ ରାସ୍ତା କଡ଼କୁ ଦବିଯାଇଥିଲା। ଝାରପୋଖରିଆ ଥାନାକୁ ଖବର ଦେବା ପରେ ପୁଲିସ ଟିମ ପହଞ୍ଚି ଗାଡ଼ିକୁ ଜବଦ କରି ଥାନାକୁ ଆଣିବା ସହିତ ସେଥିରେ ଥିବା ୮ଟି ଗୋରୁକୁ ଉଦ୍ଧାର କରି ଆଜି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅଭିଯୁକ୍ତ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ପୁଲିସ।

## ବାଲି ବୋଝେଇ ୮ ଡମ୍ଫର ଜବତ

**ରାସଗୋବିନ୍ଦପୁର, ୩୧।୩ (ସମିସ):** ସୋମବାର ବିଳମ୍ବିତ ରାତିରେ ପଡ଼ୋଶୀ ଜିଲ୍ଲା ବାଲେଶ୍ୱରର ମାଙ୍କଡିଆ ଅଞ୍ଚଳରୁ ବିନା କାଗଜପତ୍ରରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ମାଇନିଂ ବିଭାଗ ଏନଫୋର୍ସମେଣ୍ଟ ଟିମ୍, ରାସଗୋବିନ୍ଦପୁର ପୁଲିସ ପକ୍ଷରୁ ଅଚାନକ ଚଢ଼ଉ କରି ୮ଟି ଡମ୍ଫରକୁ ଜବତ କରାଯାଇଛି। ଚଢଉ ସମୟରେ ପୁଲିସକୁ ଦେଖି ସମସ୍ତ ଗାଡ଼ିର ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି। ତେବେ ରାସଗୋବିନ୍ଦପୁର ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।



ରାସଗୋବିନ୍ଦପୁର ତହସିଲ ଅନ୍ତର୍ଗତ ଡେଙ୍ଗାନାଳିଆ, କୁଶଡିହା, ଦଳେଇଡିହ, ବାଙ୍କବଣ ଆଦି ବିଭିନ୍ନ ଅଞ୍ଚଳରୁ ଶହ ଶହ ଟ୍ରିପ ମାଟି, ମୋରମ ଓ ବାଲି ପଡ଼ୋଶୀ ବାଲେଶ୍ୱର ଜିଲ୍ଲା ଓ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଚୋରାରେ ପ୍ରତ୍ୟେକ ଦିନ ବିଳମ୍ବିତ ରାତିରେ ଚୋରା ଚାଲାଣ ହେଉଛି। ଏ ନେଇ ରାଜସ୍ୱ ବିଭାଗ ଓ ମାଇନିଂ ବିଭାଗ ପକ୍ଷରୁ ଜୋରଦାର ଚଢ଼ଉର ଆବଶ୍ୟକତା ରହିଛି।

## ପିକ୍‌ଅପ୍ ଭ୍ୟାନ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ବୈଶିଙ୍ଗା, ୩୧।୩ (ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ଯୁଗୋଳ ଛକରେ ରାସ୍ତା ଅତିକ୍ରମ କରୁଥିବା ଜଣେ ସାଇକଲ ଆରୋହୀଙ୍କୁ ଏକ ଦ୍ରୁତଗାମୀ ପିକଅପ୍ ଭ୍ୟାନ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ବେତନଟୀ ବ୍ଲକ ଆଗ୍ରିଆ ଉପକଣ୍ଠ ବିରୋଳା ଗ୍ରାମର ଲେମ୍ବୁଧର ରଣାଙ୍କ ପୁଅ ଶଶୀଧର ରଣା(୪୦) ୧୮ ନଂ ଜାତୀୟ ରାଜପଥ ଯୁଗୋଳ ଛକରେ ସାଇକଲ ଯୋଗେ ରାସ୍ତା ଅତିକ୍ରମ କରୁଥିବାବେଳେ ବେତନଟୀ ଅଭିମୁଖେ ଆସୁଥିବା ପିକଅପ୍ ଭ୍ୟାନ ତାଙ୍କୁ ଶକ୍ତ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡ, ମୁହଁ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେଉଥିବାବେଳେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶଶୀଧରଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୈଶିଙ୍ଗା ପୁଲିସ ପହଞ୍ଚି ପିକଅପ୍ ଭ୍ୟାନକୁ ଜବତ କରିଛି।

## ଜନଗଣନା ନିଯୁକ୍ତିରେ ଅନିୟମିତତା ଅଭିଯୋଗ

# କନିଷ୍ଠଙ୍କ ଅଧୀନରେ କାର୍ଯ୍ୟ କରିବେ ବରିଷ୍ଠ

**ବାରିପଦା, ୩୧।୩(ସମିସ):** ୨୦୨୭ ଜନ ଗଣନା ପାଇଁ ସୁପରଭାଇଜର ଓ ଗଣନା ଅଧିକାରୀ ନିଯୁକ୍ତି ପାଇଁ ଭାରତ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶାବଳୀ ପ୍ରକାଶିତ ହୋଇଛି। କିନ୍ତୁ ବିଭିନ୍ନ ସ୍ଥାନରେ ଏହାକୁ ସଠିକ ଭାବେ ପାଳନ କରାଯାଉନାହିଁ। ବାରିପଦା ମ୍ୟୁନିସିପାଲିଟି ପକ୍ଷରୁ ପ୍ରକାଶିତ ଅଧିକାରୀ/

**ଶିକ୍ଷକ ସଙ୍ଘର ଅସନ୍ତୋଷ**

କର୍ମଚାରୀ ନିୟୋଜନ ତାଲିକାରେ ବ୍ୟାପକ ଅନିୟମିତତା ଦେଖାଯାଇଛି। ପ୍ରାଥମିକ ଶିକ୍ଷକ ଓ ଦୁଇତିନି ବର୍ଷ ହାଇସ୍କୁଲରେ ଶିକ୍ଷକତା କରିଥିବା ବ୍ୟକ୍ତିଙ୍କୁ ସୁପରଭାଇଜର ଭାବେ ନିଯୁକ୍ତି ମିଳିଥିବାବେଳେ ୨୦୦୬ରୁ ନିଯୁକ୍ତି ପାଇ ୨୦ ବର୍ଷର ଅଭିଜ୍ଞତା ଥିବା ଶିକ୍ଷକଙ୍କୁ ଏନୁମେରେଟର ଭାବେ ନିଯୁକ୍ତି ମିଳିଛି। ଏ ବାବଦରେ ମୟୂରଭଞ୍ଜ ଓଷ୍ଟା ପକ୍ଷରୁ ସଭାପତି ଚିତ୍ତରଞ୍ଜନ ପଳତା ଓ ବ୍ଲକ ସମ୍ପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ ପୂର୍ବକ ଆଲୋଚନା କରିଥିଲେ। ବରିଷ୍ଠମାନେ କୌଣସି ପରିସ୍ଥିତିରେ କନିଷ୍ଠମାନଙ୍କ ଅଧୀନରେ କାମ କରିବା ଶୋଭନୀୟ ନୁହେଁ ବୋଲି ସେ ଅନୁଭବ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଏ ବାବଦରେ ବିହିତ ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ କୃତଜ୍ଞତା ପ୍ରକାଶ କରାଯାଇଛି।



## ୩ ବର୍ଷ ହେବ ପଡ଼ିଥିବା ବିଦ୍ୟୁତ୍ ତାର ଲାଗି ବୃଦ୍ଧା ମୃତ

**ଉଦଳା, ୩୧।୩ (ସମିସ):** ବକେୟା ବିଦ୍ୟୁତ୍ ବିଲ୍ ଅଧିକ ହେବାରୁ ଆଜକୁ ୩ ବର୍ଷ ପୂର୍ବରୁ ବିଭାଗ ପକ୍ଷରୁ ବିଦ୍ୟୁତ ବିଚ୍ଛିନ୍ନ କରିଦିଆଯାଇଥିଲା। ୩ ବର୍ଷ ପୂର୍ବରୁ ଘରକୁ ଯାଇଥିବା ବିଦ୍ୟୁତ୍ ତାରକୁ କାଟି ଘର ବାଡି ପରିସରରେ ପକାଇ ଦିଆଯାଇଥିଲା। ଆଜି ସେ ବିଦ୍ୟୁତ୍ ତାର ନେଇଛି ବୃଦ୍ଧାଙ୍କ ଜୀବନ। ଏଭଳି ଘଟଣା ଘଟିଛି ଉଦଳା ଥାନା କୁର୍ଟିଙ୍ଗ ଗ୍ରାମରେ। ଗ୍ରାମର ମୁନି ବାସ୍କେ ଆଜି ଅପରାହ୍ନରେ ଗାଧୋଇସାରି ଘରକୁ ଆସିଥିଲେ। ଘର ହତାରେ ଶାଢୀ ଶୁଖାଇବା ପରେ ଅଚାନକ ଭାବେ ୩ ବର୍ଷ ହେବ ପଡ଼ିରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେହି ବିଦ୍ୟୁତ୍ ତାର ଆଘାତ ଲାଗିବା ସହିତ ସେ ସେଠାରେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେମିତି ୩ ବର୍ଷ ହେବ ବିଦ୍ୟୁତ କାଟ ହୋଇ ପଡ଼ିରହିଥିବା ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହେଲା, ତାହା ସବୁଠାରୁ ବଡ ପ୍ରଶ୍ନ ସୃଷ୍ଟି କରିଛି।



# ରାଉରକେଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



**ରାଉରକେଲା, ୩୧।୩(ସମିସ):** ରାଉରକେଲା ଓକିଲ ସଂଘର ୨୦୨୬-୨୭ ବର୍ଷ ପାଇଁ ନବ ନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ଶପଥ ଗ୍ରହଣ ସମାରୋହ ଆଜି ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ସରୋଜ ନାରାୟଣ ମହାପାତ୍ର ସମସ୍ତ ନବନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ନବନିର୍ବାଚିତ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ସଦାନନ୍ଦ ସାହୁ, ଉପ ସଭାପତି ରାଜ କିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଭାବେ ଶାନ୍ତନୁ କୁମାର ଦାସ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ସିଂହଦେଓ, ସହ ସମ୍ପାଦକ (ଏଏସ୍ଏମ୍ ଫଣ୍ଡ) ତାପସ ପରିଡ଼ା, ସହ ସମ୍ପାଦକ (ଲାଇବ୍ରେରୀ) ଶ୍ରୀନିବାସ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ମହେଶ୍ୱର ପୁରଣ, ବନ୍ଦନା ପଣ୍ଡା, ଋଷି ଶେଖର ମହନ୍ତ, ଅଭିଷେକ ସିଂହ, ସୁମିତା ନନ୍ଦ ପ୍ରମୁଖଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶପଥ ପାଠ କରାଇଥିଲେ।

ସମାରୋହରେ ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ଚତୁର୍ଭୁଜ ନାଏକ, ପଙ୍କଜ କୁମାର ଦାଶ, ଏମ୍ ମାଲେଶ୍ୱରମ, ଚନ୍ଦ୍ରମଣି ଦାଶ ପ୍ରମୁଖ ବକ୍ତବ୍ୟ ରଖି ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ଓ ବାର୍ ଓ ବେଞ୍ଚ ମଧ୍ୟରେ ସମ୍ପର୍କ ରକ୍ଷା କରି ନବନିର୍ବାଚିତ କର୍ମକର୍ତ୍ତା କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ କମିଟିର ଅନ୍ୟତମ ସଦସ୍ୟ ପବିତ୍ର କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମାଧବୀ ଝା, ପ୍ରିୟଦର୍ଶିନୀ ବାରିକ, ଅନ୍ନପୂର୍ଣ୍ଣା କୁମାର, ସୁଚିତ୍ରା ସାହୁ, ମାଧବ ନାୟକ, ନାଗେଶ୍ୱର ଜଗଦଳା ପ୍ରମୁଖ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ କିରାଣି ଭିଜିଲାନ୍ସ ଦ୍ୱାରା ଦଣ୍ଡିତ

**ରାଉରକେଲା, ୩୧।୩(ସମିସ):** ଲାଞ୍ଚ ନେଇ ଗିରଫ ହୋଇଥିବା ରାଉରକେଲା ପୂର୍ତ୍ତ ବିଭାଗର ଅବସରପ୍ରାପ୍ତ ବରିଷ୍ଠ କିରାଣି ସୁବାଷ ଚନ୍ଦ୍ର ଦାସ ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ମାନ୍ୟବର ସ୍ୱତନ୍ତ୍ର ବିଚାରପତି ଏହି ମାମଲା ବିଚାର କରି ସୁଭାଷ ଚନ୍ଦ୍ର ଦାସଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଉରକେଲା ଆର ଆଣ୍ଡ ବି ଡିଭିଜନ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ କିରାଣି ସୁଭାଷ ଚନ୍ଦ୍ର ଦାସ ଜଣେ ଠିକାଦାରଙ୍କ ଦ୍ୱାରା ସମ୍ପାଦିତ ନିର୍ମାଣ କାର୍ଯ୍ୟ ପାଇଁ ତାଙ୍କର ସିକ୍ୟୁରିଟି ଅର୍ଥ ରାଶି ଫେରସ୍ତ ନିମନ୍ତେ ଲାଞ୍ଚ ଦାବି କରିଥିଲେ। ଏହି ଅଭିଯୋଗରେ ସେ ଭିଜିଲାନ୍ସ ଦ୍ୱାର ଗିରଫ ହୋଇ ଜେଲ ଯାଇଥିଲେ। ପରେ ଲାଞ୍ଚ ନେବା ପାଇଁ ତାଙ୍କୁ ଚାର୍ଜସିଟ୍ କରାଯାଇଥିଲା। ଏହି ମାମଲାର ବିଚାର କରି ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହା ବ୍ୟତୀତ ସୁବାସ ଚନ୍ଦ୍ର ଦାସଙ୍କ ପେନସନ ବନ୍ଦ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଡାଲମିଆ କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର



**କୁତ୍ରା, ୩୧।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅନ୍ତର୍ଗତ ଝରବେଡ଼ାସଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ମଙ୍ଗଳବାର ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ୟାପିତ ହୋଇଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମଟିକୁ ଅଧ୍ୟାପିକା ଡ. ତବସୁମ୍ ବନୋ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ପଙ୍କଜିନୀ ପଟେଲ ଆୟୋଜନ କରିଥିଲେ। ଉଦ୍ୟାପନୀ ଉତ୍ସବରେ ହିନ୍ଦୀ ବିଭାଗର ମୁଖ୍ୟ ଡଃ ମୀନା ସୋନି ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପୂଜା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରିଶେଷରେ ଅଧ୍ୟାପିକା ଶ୍ରୀମତୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୃହ ଗଣନା ପାଇଁ ୩୩୦ ଜଣଙ୍କୁ ତାଲିମ

**ଲହୁଣୀପଡ଼ା, ୩୧।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକରେ ଗୃହ ଗଣନା ନିମନ୍ତେ ୩୩୦ ଜଣ ଅଧିକାରୀଙ୍କୁ ୩ଟି ପର୍ଯ୍ୟାୟର ୨ଟି ଭେନୁରେ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇଛି। ମାର୍ଚ୍ଚ ୨୪ ତାରିଖରୁ ଅପ୍ରେଲ ୭ ତାରିଖ ପର୍ଯ୍ୟନ୍ତ ୯ଟି କାର୍ଯ୍ୟ ଦିବସରେ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ଲହୁଣୀପଡ଼ା ତହସିଲଦାର ବାବୁଲ ପେରେଇ ଏବଂ ଅତିରିକ୍ତ ତହସିଲଦାର ଝସକେତନ ନାୟକ ଉଦ୍‌ଘାଟନ କରିଥିଲେ। ତାଲିମ ଶିବିର ଉଦ୍‌ଘାଟନ ଅବସରରେ ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଇବା ସହ ଗୃହ ଗଣନା କାର୍ଯ୍ୟକୁ ସଠିକ୍ ଉପାୟରେ ନିର୍ଭୁଲ ତଥ୍ୟ ସହ ସମ୍ପାଦନ କରିବାକୁ କହିଥିଲେ। ଏହି ଗୃହ ଗଣନା ଉପରେ ଜିଲ୍ଲା ମୁଖ୍ୟାଳୟରୁ ତାଲିମ ନେଇ ଆସିଥିବା ମାଷ୍ଟର ଟ୍ରେନର୍ ଲହୁଣୀପଡ଼ା ଡିଗ୍ରୀ କଲେଜ ଏବଂ ଲହୁଣୀପଡ଼ା ମାଧ୍ୟମିକ ଉଚ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ପ୍ରଶ୍ନ କୁମାର ପ୍ରଧାନ, ନେତ୍ରାନନ୍ଦ ପ୍ରଧାନ, ନିରଞ୍ଜନ ଓଝା ଏବଂ ସୈମ୍ୟାଦତ୍ତା ପଟ୍ଟନାୟକ ପ୍ରମୁଖ ଜନଗଣନା ଅଧିକାରୀଙ୍କୁ ତାଲିମ ପ୍ରଦାନ କରୁଥିବା ଜଣାପଡ଼ିଛି। ୨ଟି ଭେନୁରେ ତାଲିମ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ତହସିଲଦାର ଶ୍ରୀ ପେରେଇ ଏବଂ ଅତିରିକ୍ତ ତହସିଲଦାର ଶ୍ରୀ ନାୟକ ଉପସ୍ଥିତ ରହି କେନ୍ଦ୍ର ଗୁଡ଼ିକର ତଦାରଖ କରୁଥିବା ଜଣାପଡ଼ିଛି।

# ବିଜୁ ବାବୁଙ୍କ ପ୍ରତି ଅପମାନ ପ୍ରତିବାଦରେ ଆନ୍ଦୋଳନ



**ରାଉରକେଲା, ୩୧।୩(ସମିସ)**

ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅପମାନ ସୂଚକ ମନ୍ତବ୍ୟ ବିରୋଧରେ ରାଉରକେଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଘୋର ବିରୋଧ କରାଯାଇଛି। ସ୍ଥାନୀୟ ଛେଣ୍ଡ କଲୋନୀ କଳିଙ୍ଗ ବିହାରସ୍ଥିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ରାଉରକେଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜନନାୟକ ବିଜୁବାବୁଙ୍କ ଉପରେ ଦେଇଥିବା ମିଥ୍ୟା ତଥ୍ୟକୁ ବିରୋଧ କରି ପ୍ରତିବାଦ କରାଯାଇଥିଲା। ଏହି ଅବସରରେ ନିଶିକାନ୍ତ ଦୁବେଙ୍କର କୁଶପୁତ୍ତଳିକା ଦାହ କରାଯିବା ସହ ଭୁଲ ତଥ୍ୟ କହିଥିବାରୁ ସମଗ୍ର ଦେଶବାସୀଙ୍କୁ ନିଶିକାନ୍ତ କ୍ଷମା ମାଗି ନିଜର ଭୁଲ ସ୍ୱୀକାର କରନ୍ତୁ ବୋଲି ଦାବି କରାଯାଇଥିଲା। ବିଜୁ ବାବୁ ଛାତ୍ର ଜୀବନରୁ ବ୍ରିଟିଶ ସରକାର ବିରୋଧରେ କାର୍ଯ୍ୟ କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭୂମିକା ଗ୍ରହଣ କରି ଜେଲ ଯାଇଛନ୍ତି। ବିଜୁବାବୁ ସବୁବେଳେ ଯୁବକମାନଙ୍କୁ ସ୍ୱାବଲମ୍ବୀ ହେବା ସହ ଦେଶପାଇଁ କାମ କରିବାକୁ, ନୂତନ ଚିନ୍ତାଧାରା ଆଣିବାକୁ ଉତ୍ସାହିତ କରୁଥିଲେ ବୋଲି ଯୁବନେତା ମାନେ କହିଥିଲେ। ସେଇଭଳି ମହାନ ପୁରୁଷଙ୍କ ବିଷୟରେ ମିଥ୍ୟା ଆରୋପକୁ ଓଡ଼ିଶାବାସୀ କେବେ ବି ବରଦାସ୍ତ କରିବେ ନାହିଁ। ଏହାସହିତ ଓଡ଼ିଶା ବିଜେପିର ୨୦ ଜଣ ନିର୍ବାଚିତ ଲୋକସଭା ସଦସ୍ୟ ଚୁପ୍ ବସିଥିବାରୁ ଯୁବ ଓ ଛାତ୍ର ନେତାମାନେ ଘୋର ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ସୁବାସ ସ୍ୱାଇଁ, ସୁଶାନ୍ତ ଦାସ, ଜିଲ୍ଲା ମହିଳା ନେତ୍ରୀ ସନ୍ଧ୍ୟା ଲାକ୍ରା, ଜ୍ୟୋତ୍ସ୍ନା ନାୟକ, ସୀତା ପ୍ରଧାନ, ସୁଧାଂଶୁ ସାମଲ, ବିଭୂତି ପୁହାଣ, କାବୁଲି ପ୍ରତିହାରୀ, ରାଜ୍ୟ ଛାତ୍ର ଜନତା ଦଳ କାର୍ଯ୍ୟକାରୀ ସଭାପତି ବାବୁ ଖାନ, ସଞ୍ଜିତ ଛୋଟରାୟଙ୍କ ନେତୃତ୍ୱରେ ପିଙ୍କୁ ଜୟସ୍ୱାଲ, ପୂର୍ବତନ କଉନସିଲର ଆଶିଷ ମହାନ୍ତି, ପ୍ରଣବ ନାୟକ, ବରିଷ୍ଠ ନେତା ଗଗନ ପଣ୍ଡା, ସନ୍ତୋଷ ନାୟକ, ସତ୍ୟନାରାୟଣ ମହାପାତ୍ର, ବିରେନ ସେନାପତି, ଜୟନ୍ତ କୁମାର ମିଶ୍ର, ରାଜେନ୍ଦ୍ର କୁଜୁର, ସରୋଜ ଦାସ, ଅକ୍ଷୟ ନାୟକ, ନଳିନୀ ରାଉତ, ହିମାଂଶୁ ପଣ୍ଡା, ସିଡୁ ସାମଲ, ତାରେଣୀସେନ ବାରିକ, ସୋମ୍ୟ ଦାଶ, ରାହୁଲ ମହାନ୍ତି, ବୀଣାପାଣି ମହାପାତ୍ର, ସଙ୍ଗୀତା ମିଶ୍ର, ପ୍ରମୋଦ ଜେନା, ସୁଦାମ ପ୍ରଧାନ, ଅମରେଶ ପାଣିଗ୍ରାହୀ ସମେତ ବହୁ ଯୁବ ନେତୃତ୍ୱ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ

**ରାଉରକେଲା, ୩୧।୩(ସମିସ):** ଆଜି ସନ୍ଧ୍ୟାରେ ସ୍ଥାନୀୟ ଡିଆର୍‌ଡିଏ ଛକ ଠାରେ ଜିଲ୍ଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ସେହେବାଜ ହୁସେନଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଜୁ ଯୁବ ଜନତା ଦଳର କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିପରି ବିଜେଡିର ବରିଷ୍ଠ ନେତା, ମହିଳା ବିଜେଡି, ଛାତ୍ର ବିଜେଡି କର୍ମୀଙ୍କ ସହ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ଦ୍ୱାରା ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଓଡ଼ିଶାର ଲୌହମାନବ, ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ସିଆଇଏ ସହିତ ଯୋଡ଼ି ଦୁବେ ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ ଏହି



ପ୍ରତିବାଦ କରାଯାଇଛି। ସୁନ୍ଦରଗଡ଼ରେ ମଧ୍ୟ ଆଜି ନିଶିକାନ୍ତ ଦୁବେଙ୍କ ଏହି ମନ୍ତବ୍ୟର ତୀବ୍ର ପ୍ରତିବାଦ କରି ବିଜେଡି ନାରାବାଜି କରିଥିଲା। ଏହି ବିକ୍ଷୋଭ ପ୍ରତିବାଦ ସଭା ଏବଂ ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ କରିବା ସମୟରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ଉପ ନଗରପାଳ ଲଲାଟ ପରିଡ଼ା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପଞ୍ଚା ବାର୍ଲା, ହେମନ୍ତ ପାଢ଼ୀ, ସୁମନ୍ତ ପଣ୍ଡା, ଅସିତ ରାୟ, କୈଳାସ ତନ୍ତୀ, ସୁଶୀଳା ନାଗ, ଦୁଷିଲା ଦଣ୍ଡସେନା, ଅନୀଲ ମହାପାତ୍ର, ସୁନୀଲ ମହାପାତ୍ର, ଅଶୋକ ମହାନ୍ତି, ବରୁନ ବାଗ, ବୈରାଗୀ ସାହୁ, ଯୁବ ବିଜେଡି ନେତା ସୁଶାନ୍ତ କୁମାର ଦେବ, ମାନସ ରଞ୍ଜନ ବେହେରା, ଅନିରୁଦ୍ଧ ସାହୁ, ଅମନ ହୁସେନ, ରାଜା ହୋତା, ବିଶ୍ୱଜିତ ରାଉତ, ସୁଧାଂଶୁ ଦାସ, ଗୌତମ ସାନୁଏନ, ମଙ୍ଗଳ ପ୍ରଜାପତି, ରାଜା ସୁନାନୀ, ସୋହନ ଶର୍ମା ଙ୍କ ସମେତ ଅନେକ ବିଜେଡି ଯୁବ କର୍ମୀ ଉପସ୍ଥିତ ଥିଲେ।

# ସବିତା ରାୟ ମେମୋରିଆଲ ପକ୍ଷରୁ ବେଦବେଦାନ୍ତ ଆଲୋଚନା



**ରାଉରକେଲା, ୩୧।୩(ସମିସ):** ସ୍ଥାନୀୟ ବେଦବ୍ୟାସସ୍ଥିତ ଗୁରୁକୁଳ ଆଶ୍ରମରେ ସବିତା ରାୟ ମେମୋରିଆଲ ଆନୁକୂଲ୍ୟରେ ବେଦ ବେଦାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତା ଉପଦେଶ ଦେବା ଛଳରେ ସାମବେଦକୁ ଶ୍ରେଷ୍ଠ ବୋଲି ଅଭିହିତ କରିଥିଲେ। ଏହାକୁ ଆଲୋଚନାର ପ୍ରସଙ୍ଗ କରି 'ବେଦଚତୁଷ୍ଟୟେ - ବେଦାନାଂ ସାମବେଦୋସ୍ମି' ଶୀର୍ଷକ ବିଷୟ ଉପରେ ଡକ୍ଟର ଉମାକାନ୍ତ ପଣ୍ଡା ନିଜର ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀ ପଣ୍ଡା ରାମାୟଣ, ମହାଭାରତ ଭଳି ଶାସ୍ତ୍ରରୁ ଉଦ୍ଧୃତ ଅନେକ କଥାବସ୍ତୁ ଉପସ୍ଥାପନ କରିଥିଲେ। ହିନ୍ଦୁ ଧର୍ମରେ ଜାତିପ୍ରଥାକୁ ସେ ନାପସନ୍ଦ କରି କହିଥିଲେ, ଯାହା ବେଦ ସମ୍ମତ ନୁହେଁ ତାହା ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟ ଅତିଥି ଭାବେ ଡାକ୍ତର ବ୍ରହ୍ମାନନ୍ଦ ନାଏକ ଏବଂ ସମ୍ମାନିତ ଅତିଥି ହୃଷିକେଶ ବଳିୟାରସିଂହ ନିଜର ଅଭିଭାଷଣରେ ସବିତା ରାୟ ମେମୋରିଆଲର ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସଂଗଠନର ଆବାହକ ଶ୍ୟାମସୁନ୍ଦର ଜେନା ଆଦର୍ଶ ଶିକ୍ଷୟିତ୍ରୀ ସବିତା ରାୟଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ମେମୋରିଆଲର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବିଭୂତି ଭୂଷଣ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସର୍ବଜିତ ଜେନା ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ ଗୁରୁକୁଳ ଆଶ୍ରମରେ ଅନ୍ତେବାସୀଙ୍କୁ ସଂଗଠନ ପକ୍ଷରୁ ପୋଷାକ ବିତରଣ କରାଯାଇଥିଲା। ପରେ ଶାନ୍ତିଲତା ବଳିୟାରସିଂହଙ୍କ ତରଫରୁ ତିନୋଟି ବିଜୁଳି ପଙ୍ଖା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଧୁସୂଦନ ସାହୁ, ଟିକେଶ୍ୱର ପ୍ରଧାନ, ରଘୁନାଥ ଜେନା, ଦିବାକର ନନ୍ଦ, ଅର୍ଜୁନ ସାହୁ, ସୁଶାନ୍ତ ରାୟ, ସୁବାସ ନାୟକ, ପ୍ରଭାତ ଜେନା, କ୍ଷେତ୍ରବାସୀ ଧଳ, ଗୀତାଞ୍ଜଳି ସାହୁ, ମେଘମାଳା ଦାସ, ସରୋଜିନୀ ନାୟକ, ସଞ୍ଜୁ ବାରୁଆ, ଶ୍ରୁତି ବାରୁଆ, ପି ଚଲାପତି ରାଓ, ପ୍ରସନ୍ନ ପାଢ଼ୀ, ଲକ୍ଷ୍ମୀଧର ରାଉତ, ପ୍ରତାପ କରଣ, ଅସିତ ମଣ୍ଡଳ, ପାର୍ଥସାରଥୀ ପାତ୍ର, ସେଫାଳି ପାତ୍ର, ରୂପଶ୍ରୀ ଦାସ, ରଣଜିତ୍ ମଣ୍ଡଳ, ସନ୍ଧ୍ୟା ରାଣୀ ପାଢ଼ୀ, ମଲ୍ଲୀ ଏକ୍କା, ରୀତା ଦେହୁରୀ, ସଞ୍ଜୟ କୁମାର ରାୟ, ଦେବଯାନୀ ଜେନା, ବାପି ପଟ୍ଟନାୟକ, ଅଙ୍କେଶ ବରୁଆ ଏବଂ ଲକ୍ଷ୍ମୀ ହାଂସଦା, ଅକ୍ଷୟ କୁମାର ଭୂୟାଁ, ସୁକାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ରାଉରକେଲା, ୩୧।୩(ସମିସ):** ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନୟାବଜାର ସ୍ଥିତ କଂଗ୍ରେସ ଭବନ ପଛ ନିକଟ ପଡ଼ିଆରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହି ଯୋଜନାକୁ ପଣ୍ଡ କରି ଦେଇଥିବା ସହ ଏହି ଘଟଣାରେ ୫ ଜଣ ଡକାୟତଙ୍କୁ ଗିରଫ ସହ ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ନୟାବଜାର କଂଗ୍ରେସ ଭବନ ପଛ ପଟ ପଡ଼ିଆରେ ଗତ ଗତ କାଲି ବିଳମ୍ବିତ ରାତିରେ ନିକଟସ୍ଥ ଏକ ପେଟ୍ରୋଲରେ ବଡଧରଣର ଡକାୟତି ସହ ଘର ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ପାଇ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଚଢଉ କରି ଘଟଣା ସ୍ଥଳରୁ ୫ ଜଣ ଡକାୟତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ରାମେଶ୍ୱରପାଲିର ଦିପ୍ତୀ ରଞ୍ଜନ ପଟ୍ଟନାୟକ(୩୦), କିଶୋର ରଣା(୩୧), ମହତାବରୋଡର ଆଦିତ୍ୟ ସାହୁ(୨୧), ଟାଙ୍ଗରପାଲି ଥାନା କଇଥାବାସାର ସୁଶୀଲ ହୋ ଓରଫ ଗୁଲଟୁ(୨୪) ଏବଂ ଗୋପବନ୍ଧୁପାଲି ବସ୍ତିର ରାକେଶ ସିଂହ(୨୭)। ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ୨ଟି ଲୁହାଛଡ ଓ ଏକ ଭୁଜାଲି



ଜବତ କରାଯାଇଛି। ଚଢଉ ବେଳେ ଘଟଣା ସ୍ଥଳରୁ ୨ ଜଣ ଫେରାଇ ହୋଇଯାଇଥିବା ଜଣାପଡ଼ିଛି। ସେମାନେ ନିକଟସ୍ଥ ପେଟ୍ରୋଲ ପମ୍ପ ସମେତ କିଛି ଘର ଓ ଦୋକାନରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ଗିରଫ ପରେ ସେମାନେ ପୁଲିସକୁ ସୂଚନା ଦେଇଛନ୍ତି।

# 'ସଙ୍କଟକାଳୀନ ରଣନୈତିକ ପରିଚାଳନା' ସ୍ମାରକୀ ପ୍ରକାଶ



**ରାଉରକେଲା, ୩୧।୩(ସମିସ):** ଭାରତର ଜନସମ୍ପର୍କ ପରିଷଦ (ପିଆର୍‌ସିଆଇ), ରାଉରକେଲା ଚାପ୍ଟର ପକ୍ଷରୁ ମଙ୍ଗଳବାର 'ସଙ୍କଟକାଳୀନ ରଣନୈତିକ ପରିଚାଳନା' ଶୀର୍ଷକ ଏକ ସ୍ମାରକୀ ପ୍ରକାଶ ପାଇଛି। ଏହି ସ୍ମାରକୀ ଜିଏମ୍, ପିଆର୍ ଏବଂ ସିଓସି (ଆର୍‌ଏସ୍‌ପି) ତଥା ଅଧ୍ୟକ୍ଷା, ପିଆର୍‌ସିଆଇ ରାଉରକେଲା ଚାପ୍ଟର ଅର୍ଚ୍ଚନା ଶତପଥୀ, ଡକ୍ଟର ଅଞ୍ଜନା ମୈତ୍ର ଏବଂ ଲୋଲାତି ଟପ୍ପୋ, ଉଭୟ ଉପାଧ୍ୟକ୍ଷା ଜେଜେ ଦାସ, ଜାତୀୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍‌ଏସ୍ ପଟ୍ଟନାୟକ, ସାଧାରଣ ସମ୍ପାଦକ ଏବଂ ପିଆର୍‌ସିଆଇ ରାଉରକେଲା ଚାପ୍ଟରର ଅନ୍ୟାନ୍ୟ ସଦସ୍ୟଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉଲ୍ଲେଖନୀୟ ଯେ, 'ସଙ୍କଟକାଳୀନ ରଣନୈତିକ ପରିଚାଳନା' ଶୀର୍ଷକ ସେମିନାର ପିଆର୍‌ସିଆଇ ରାଉରକେଲା ଚାପ୍ଟର ଏବଂ ମ୍ୟାନେଜମେଣ୍ଟ ଆସୋସିଏସନ୍(ମାର) ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା। ଯାହା ଆଧୁନିକ ସାଂଗଠାନିକ ଦୃଶ୍ୟପଟରେ ସଙ୍କଟ ପରିଚାଳନା ପାଇଁ ପ୍ରଭାବଶାଳୀ ରଣନୀତି ଉପରେ ବିଚାର ବିମର୍ଷ କରିବା ପାଇଁ ଶିଳ୍ପ, ଯୋଗାଯୋଗ ବୃତ୍ତିଗତ, ଶିକ୍ଷାବିତ୍ ଏବଂ ପରିଚାଳନା ବୃତ୍ତିଧାରୀଙ୍କୁ ଏକତ୍ର କରିଥିଲା। ଉଲ୍ଲେଖନୀୟ ଯେ, ସ୍ମାରକୀଟି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଦ୍ୱାରା ପ୍ରାୟୋଜିତ ହୋଇଛି। ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍‌ର ସମର୍ଥନ ଏ ଦିଗରେ ନିଜର ବୃତ୍ତିଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପ୍ରତି ସଂଗଠନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସ୍ମାରକୀଟିର ପ୍ରକାଶନ ପିଆର୍‌ସିଆଇ ରାଉରକେଲା ଚାପ୍ଟର ଦ୍ୱାରା ଜନସମ୍ପର୍କ, ଯୋଗାଯୋଗ ଏବଂ ପରିଚାଳନାରେ ସମସାମୟିକ ପ୍ରସଙ୍ଗ ଉପରେ ଆଲୋଚନା ଏବଂ ଚିନ୍ତାଧାରା ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଦେବୋତ୍ତର ବିଭାଗ ହାତକୁ ଗଲା ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟ ପରିଚାଳନା ଦାୟିତ୍ୱ

**ରାଉରକେଲା, ୩୧।୩(ସମିସ):** ପାନପୋଷ ରୋଡ୍‌ସ୍ଥିତ ମା' ତାରିଣୀ ମନ୍ଦିର ସମିତି ଦ୍ୱାରା ପରିଚାଳିତ ମା' ତାରିଣୀ ମନ୍ଦିରର ପରିଚାଳନା ଭାରକୁ ଓଡ଼ିଶା ସରକାର, ଓଡ଼ିଶା ଧାର୍ମିକ ହିନ୍ଦୁ ଦେବୋତ୍ତର ଆଇନ ୧୯୫୧ ବଳରେ ଦେବୋତ୍ତର ବିଭାଗ ଗ୍ରହଣ କରିଛି। ୧୯୭୫ ମସିହାରେ ମା' ତାରିଣୀଙ୍କ ଏହି ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ମା'ଙ୍କ ମନ୍ଦିର ଚାରିପାଖରେ ହନୁମାନ ମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର ଓ ମା'ଲକ୍ଷ୍ମୀଙ୍କ ମନ୍ଦିର ସ୍ଥାପିତ ହୋଇଥିଲା। ଏତଦ୍‌ବ୍ୟତୀତ ଏହି ପରିସରରେ ଏକ ସୁନ୍ଦର କଲ୍ୟାଣ ମଣ୍ଡପ ମଧ୍ୟ ଅବସ୍ଥିତ। ପ୍ରତିବର୍ଷ ମା'ଙ୍କ ମନ୍ଦିର ପରିସରରେ ଅଷ୍ଟମପ୍ରହରୀ, ଚୈତ୍ର ମଙ୍ଗଳବାର, ଝାମୁ ଯାତ୍ରା, ଅକ୍ଷୟ ତୃତୀୟା, ରଥଯାତ୍ରା, ନବରାତ୍ର, ଗୀତା ଯଜ୍ଞ ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟମାନ ଅନୁଷ୍ଠିତ ହୋଇଥାଏ। ତତ୍କାଳୀନ ସଭାପତି ନିର୍ମଳ ଚନ୍ଦ୍ର ରାଉତରାୟଙ୍କ ତତ୍ତ୍ୱାବଧାନରେ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗତ ମଇ ମାସରେ ସୁଚାରୁ ରୂପେ ସମ୍ପନ୍ନ ହୋଇଛି। ଅତିରିକ୍ତ ସହାକରୀ କମିଶନର, ଦେବୋତ୍ତର ବିଭାଗ, ସମ୍ବଲପୁରଙ୍କ ଦ୍ୱାରା ଏହି ପରିଚାଳନା ଭାର ଟ୍ରଷ୍ଟକୁ ନ୍ୟସ୍ତ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଟ୍ରଷ୍ଟର ନିର୍ଦ୍ଦେଶ ମୁତାବକ ନିର୍ମଳ ଚନ୍ଦ୍ର ରାଉତରାୟଙ୍କୁ ଶ୍ରୀ ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ରୂପେ ନିର୍ବାଚିତ କରାଯାଇଛି। ଏତଦ୍‌ବ୍ୟତୀତ ରାଉରକେଲା ତହସିଲଦାର, ରଘୁନାଥପାଲି ଥାନା ଇନ୍ସପେକ୍ଟର, ପ୍ରଭାତ ମିଶ୍ର, ଋଷିନାଥ ବିଶ୍ୱାଳ, ଦେବବ୍ରତ ବିହାରୀ, ଦିବ୍ୟସିଂହ ସାମଲ, ବିଜୟ ସାମଲ, କାଶୀନାଥ ସାହୁ, ବୁଦ୍ଧିରାମ ମହାନ୍ତି ଏବଂ ଅଖିଳ ଦାଶ ପ୍ରମୁଖ ଟ୍ରଷ୍ଟି ଭାବେ ସ୍ଥାନ ପାଇଛନ୍ତି ବୋଲି ଶ୍ରୀ ମା' ତାରିଣୀ ଠାକୁରାଣୀ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ନିର୍ମଳ ଚନ୍ଦ୍ର ରାଉତରାୟ ସୂଚନା ଦେଇଛନ୍ତି।

# ସାପ କାମୁଡ଼ାରେ ଯୁବକ ମୃତ

**ଲହୁଣୀପଡ଼ା, ୩୧।୩(ସମିସ):** ଲହୁଣୀପଡ଼ା ଥାନା ଟାଙ୍କଯୋଡ଼ା ଗ୍ରାମରେ ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ ଫୁଲେଶ୍ୱର ମାହାନ୍ତଙ୍କ ପୁଅ ଦୀପକ ମାହାନ୍ତ (୨୮)। ମିଳିଥିବା ସୂଚନା ମୁତାବକ ଗତକାଲି ସନ୍ଧ୍ୟା ପ୍ରାୟ ୭ଟାରେ ସେ ନାଳକୁ ଶୌଚ ହେବାକୁ ଯାଇ ଘରକୁ ଫେରିବା ପରେ ଘରେ ବେହୋସ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଖବର ପାଇ ଲହୁଣୀପଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ମର୍ଗ ହାଉସରେ ରଖିଥିବା ବେଳେ ଆଜି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣାର କାରଣ ଜଣାପଡ଼ିବ ବୋଲି କହିଛି।

# ଆର୍‌ଏସ୍‌ପିରେ ପ୍ରୋପେନ ବ୍ୟବହାର ହ୍ରାସ ନିମନ୍ତେ ମିଶ୍ରିତ ଗ୍ୟାସ ଉପଯୋଗ



**ରାଉରକେଲା, ୩୧।୩(ସମିସ)**

ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ଯୋଗୁଁ ଅଧୁନାତମ ବିଶ୍ୱ ଶକ୍ତି ସଙ୍କଟକୁ ଦୃଷ୍ଟିରେ ରଖି ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଅନ୍ତର୍ଗତ ଷ୍ଟିଲ୍ ମେଲ୍ଟିଂ ସପ୍-୨ ବିଭାଗ ନିଜସ୍ୱ ସମ୍ବଳ ଉପଯୋଗକୁ ଉନ୍ନତ କରି, ନିରବଚ୍ଛିନ୍ନ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ସୂଚନା ଯୋଗ୍ୟ ଯେ, ସେନ (ସବମର୍ଜଡ୍ ଏଣ୍ଟ୍ରି ନୋଜଲ୍) ଉତ୍ତପ୍ତ, କାଷ୍ଟର ମେସିନଗୁଡ଼ିକର ନିରନ୍ତର ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କାଷ୍ଟିଙ୍ଗ ପୂର୍ବରୁ ଉକ୍ତ ସେନକୁ କିଛି ସମୟ ଗରମ କରାଯାଏ। ଯାହା ପୂର୍ବରୁ ପ୍ରୋପେନ ମାଧ୍ୟମରେ କରାଯାଉଥିବା ବେଳେ ତାହା ସମ୍ପ୍ରତି କାରଖାନାରେ ଉପଲବ୍ଧ ମିଶ୍ରିତ ଗ୍ୟାସରେ କରାଯାଉଛି। ଯୋଗାଣ ପ୍ରତିବନ୍ଧକକୁ ଦୂର କରିବା ଏବଂ ପ୍ରୋପେନ ବ୍ୟବହାର ହ୍ରାସ କରିବାରେ, ଅଗ୍ରଣୀ ଭୂମିକା ନିର୍ବାହ କରି, ଏସ୍‌ଏମ୍‌ଏସ୍-୨ ସାମୂହିକ ସଫଳତାର ସହିତ କାଷ୍ଟର -୧, ୨ ଏବଂ ୩ ରେ ସେନ ଗରମ କରିବା ବ୍ୟବସ୍ଥାକୁ ପ୍ରୋପେନରୁ ମିଶ୍ରିତ ଗ୍ୟାସରେ ପରିବର୍ତ୍ତନ କରିଛନ୍ତି। ଏହି ରୂପାନ୍ତରଣ ନିମନ୍ତେ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା ଏବଂ ଭିତ୍ତିଭୂମି ଘରୋଇ ବିଶେଷଜ୍ଞଙ୍କ ସହ ଉପଲବ୍ଧ ସମ୍ବଳ ବ୍ୟବହାରରେ କାର୍ଯ୍ୟକ୍ଷମ କରାଯାଇଛି, ଯାହା କାରଖାନାର ଦୃଢ଼ ବୈଷୟିକ ଦକ୍ଷତା ସହ କାର୍ଯ୍ୟ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି। ଏହି ପଦକ୍ଷେପ ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ୍ ଏମ୍ ଜି ଶ୍ରୀକାନ୍ତଙ୍କ ମାର୍ଗଦର୍ଶନରେ ନିଆଯାଇଥିଲା। ଯାହା ମେକାନିକାଲ ମୁଖ୍ୟ ସତ୍ୟବାଦୀ ମହାପାତ୍ରଙ୍କ ନେତୃତ୍ୱରେ ପରିକଳ୍ପନା କରାଯାଇଥିଲା। ମେକାନିକାଲ ବିଭାଗର ଜିଏମ୍ ଡି ମିଶ୍ର ଏବଂ ଏସ୍‌ଏମ୍‌ଏସ୍-୨ ବିଭାଗର ଡିଜିଏମ୍ ଏଲ୍‌କେ ଦାଶଙ୍କ ନେତୃତ୍ୱରେ ଗଠିତ ଦଳ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଏହି ଅଭିନବ ପଦକ୍ଷେପ ଉଲ୍ଲେଖନୀୟ ଭାବରେ ପ୍ରୋପେନ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି ଆଶା କରାଯାଉଛି।



## ସରକାରଙ୍କୁ ଘେରିଲେ ସାଂସଦ ନିରଞ୍ଜନ ବିଶି

# କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ବିଧେୟକକୁ ସାଂସଦଙ୍କ କଡ଼ା ସମାଲୋଚନା

ପଦ୍ମପୁର, ୩୧।୩(ସମିସ)



- କେନ୍ଦ୍ରୀକରଣ ବଢ଼ିଲେ ସମନ୍ୱୟ ନୁହେଁ, ସଂଘର୍ଷ ବଢ଼ିବ
- ସିଏପିଏଫରେ ୯୩ ହଜାର ପଦ ଖାଲି
- ବଲାଙ୍ଗିର ନକ୍ସଲମୁକ୍ତିରେ ଓଡ଼ିଶା ପୁଲିସର ମୁଖ୍ୟ ଭୂମିକା
- ଆଦିବାସୀ ଦଳିତ ବର୍ଗ ପ୍ରତିନିଧିତ୍ୱର ଅଭାବ, ବ୍ୟାକ ଲଗ୍ ପଦ ପୂରଣରେ ବିଳମ୍ବ

ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସାଧାରଣ ପ୍ରଶାସନ) ବିଧେୟକ, ୨୦୨୬ ଉପରେ ଚର୍ଚ୍ଚା କରି ବିଲ୍‌ର ବିଭିନ୍ନ ପ୍ରସଙ୍ଗରେ କଡା ଆପତ୍ତି ଉଠାଇ ସରକାରଙ୍କୁ ଘେରିଛନ୍ତି। ବିଧେୟକରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ, ସୀମା ସୁରକ୍ଷା ବଳ, ଭାରତ ତିବ୍ବତ ସୀମା ପୁଲିସ ଓ କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ସରଳୀକରଣ କରିବାରେ ଗୁରୁତର ତ୍ରୁଟି ରହିଛି ବୋଲି ସେ କହିଛନ୍ତି। ବିଧେୟକରେ ରାଜ୍ୟ ପୁଲିସ ସହ ଅଭିଯାନ ସମୟରେ କମାଣ୍ଡ ଗଠନରେ ସ୍ୱଷ୍ଟତା ନଥିବାରୁ ସମସ୍ୟା ସୃଷ୍ଟି ହେବ ବୋଲି ସାଂସଦ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏଥିରେ ଆଧୁନିକ ସୁରକ୍ଷା ଚ୍ୟାଲେଞ୍ଜ, ମାଓବାଦ, ଆତଙ୍କବାଦ ଓ ସୀମା ପରିଚାଳନା ପାଇଁ ପ୍ରଯୁକ୍ତି, ସାଇବର କ୍ଷମତା ଓ ଆଧୁନିକ ସାଧନରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇ ନାହିଁ ବୋଲି ସେ ଆପତ୍ତି ଜଣାଇଛନ୍ତି। ମାନବାଧିକାର ସୁରକ୍ଷା ପାଇଁ ସମ୍ବେଦନଶୀଳ ଅଞ୍ଚଳରେ ଉତ୍ତରଦାୟିତ୍ୱ କ୍ଷମତାରେ ସ୍ପଷ୍ଟ ବ୍ୟବସ୍ଥା ନାହିଁ; ପୁଣି କେନ୍ଦ୍ରୀକରଣ ବଢ଼ିବା ନେଇ ସେ କହିଛନ୍ତି ଯେ, ଏହା ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିପାରେ। ଏହାସହ ଶ୍ରୀ ବିଶି କହିଥିଲେ ଯେ, ଭାରତୀୟ ପୁଲିସ ସେବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୁପ୍ତ ସୂଚନାରୁ ଆରମ୍ଭ କରି ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ଏହା ସମନ୍ୱୟ ରଖେ। ଏହାର ଭୂମିକା ହ୍ରାସ ହେଲେ ସମଗ୍ର ପ୍ରଣାଳୀ ପ୍ରଭାବିତ ହେବ ବୋଲି ସେ ଚେତାଇ ଦେଇଛନ୍ତି।

ଓଡ଼ିଶାର ଉଦାହରଣ ଦେଇ ସାଂସଦ କହିଛନ୍ତି ଯେ, ବଲାଙ୍ଗିର ସହିତ ଅନେକ ଅଞ୍ଚଳ ନକ୍ସଲମୁକ୍ତ ହୋଇଛି। ଏଥିରେ ରାଜ୍ୟ ପୁଲିସର ମୁଖ୍ୟ ଭୂମିକା ଥିବା ବେଳେ କେନ୍ଦ୍ରୀୟ ବଳ ସହଯୋଗ କରିଛି। କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳରେ ୯୩, ୦୦୦ରୁ ଅଧିକ ଖାଲି ପଦ, କର୍ମଚାରୀଙ୍କ ସେବା ସୁବିଧା, ମାନସିକ ସ୍ୱାସ୍ଥ୍ୟ ଓ ଅଭିଯୋଗ ନିବାରଣ ବ୍ୟବସ୍ଥା ଉପରେ ଅଭାବ ନେଇ ସରକାରଙ୍କୁ ଘେରିଥିଲେ। ଏହା ସହିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ପ୍ରତିନିଧିତ୍ୱ ଓ ବ୍ୟାକଲଗ୍ ପଦ ପୂରଣରେ ବିଳମ୍ବ ଉପରେ ସେ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ। ଶେଷରେ ସାଂସଦ ଶ୍ରୀ ବିଶି ସରକାରଙ୍କୁ ବିଲ୍‌ରେ ଆବଶ୍ୟକ ସଂଶୋଧନ କରି ସମନ୍ୱୟ ଓ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଦାବି କରିଥିଲେ। ସେ ଲୋକସଭା ସାଂସଦ ନିଶିକାନ୍ତ ଦୁବେଙ୍କ ଦ୍ୱାରା ଭାରତ, ଇଣ୍ଡୋନେସିଆ, ରୁଷିଆ ଦେଶର ଭୂମିପୁତ୍ର ବୈଶ୍ୱିକ ନେତା ତଥା ଆଧୁନିକ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ କରାଯାଇଥିବା ଅପମାନଜନକ ମନ୍ତବ୍ୟକୁ ମଧ୍ୟ ଘୋର ନିନ୍ଦା କରି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

## ପାଇକମାଲ ବ୍ଲକ୍‌ର ୧୦୦ଟି ବିଦ୍ୟାଳୟ ପାଇଁ ପରିମଳ ସଚେତନତା କର୍ମଶାଳା

**ପାଇକମାଲ, ୩୧।୩(ସମିସ):** ପାଇକମାଲ ଗୋଷ୍ଠୀ ସାଧନ କେନ୍ଦ୍ର ସଭା ଗୃହଠାରେ ବ୍ଲକର ୧୦୦ଟି ବିଦ୍ୟାଳୟକୁ ନେଇ ଦୁଇଦିନିଆ ପରିମଳ ସଚେତନତା କର୍ମଶାଳା ମାର୍ଚ୍ଚ ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଅମର ଜ୍ୟୋତି ଫାଉଣ୍ଡେସନର ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡିକରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ସୁଧାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତି ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ.ହଳଧର ନାଗ ଯୋଗ ଦେଇଥିଲେ।



ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଚକାମନ ସୁନା ଏବଂ ଦୁବରାଜ ବେସରା ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଦିନିଆ କର୍ମଶାଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିସରକୁ କିପରି ନିର୍ମଳ ରଖାଯିବ ଏବଂ ଛାତ୍ରଛାତ୍ରୀଙ୍କୁ ପରିମଳ ସଚେତନତା ମାଧ୍ୟମରେ ରୋଗମୁକ୍ତ ରଖାଯାଇପାରିବ, ବିଭିନ୍ନ ଖେଳ, ଷ୍ଟେମ କିଟ୍, ପଜଲ କିଟ୍, ଗପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ପ୍ରତି ଆକୃଷ୍ଟ କରିବା ସହିତ ହାତ ଧୋଇବା, ଶୌଚାଳୟ ସଫା ରଖିବା, ସଫା ଏବଂ ସ୍ୱଚ୍ଛ ମଧ୍ୟରେ ପାର୍ଥକ୍ୟ ଭଳି ବିଭିନ୍ନ ବିଷୟ ନେଇ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏବିଇଓ ରାଧେଶ୍ୟାମ ମେହେର ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଗାୟତ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରୋଜ ପଟ୍ଟନାୟକ ଯୋଗଦେଇ ଶିକ୍ଷକମାନଙ୍କୁ ଏହି ଅଭିଯାନକୁ ସଫଳ କରିବା ପାଇଁ ଉତ୍ସାହିତ କରିଥିଲେ। ଅମର ଜ୍ୟୋତି ଫାଉଣ୍ଡେସନର ଆଞ୍ଚଳିକ ସଂଯୋଜିକା ରୀନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ହ୍ରିତିକ ସାହୁ, ଡେଜି ତନ୍ତୀ ଏବଂ ସୋମ୍ୟରଞ୍ଜନ ହୋତା ସହଯୋଗ କରିଥିଲେ।

## ଫାର୍ମାସ୍ୟୁଟିକାଲ୍ କଲେଜରେ 'ଜାତୀୟ ଶିକ୍ଷା ନୀତି' ଆଲୋଚନାଚକ୍ର

**ବରପାଲି/ମହଦା, ୩୧।୩(ସମିସ):** ବରପାଲି ଫାର୍ମାସ୍ୟୁଟିକାଲ୍ କଲେଜ ପକ୍ଷରୁ 'ଜାତୀୟ ଶିକ୍ଷା ନୀତି ୨୦୨୦' ଶୀର୍ଷକ ଆଲୋଚନାଚକ୍ର ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡକ୍ଟର ଅର୍କ ଦାସ ମହାପାତ୍ର ଏବଂ ଡ.ଯଶପିନ୍ଦର ପାଲ ସିଂ ବିରଡି ଯୋଗ ଦେଇଥିଲେ। ପରିଚାଳନା କମିଟି ଅଧକ୍ଷ ନରେନ୍ଦ୍ର ହୋତାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ପାଦକ ଦାମୋଦର ପଣ୍ଡା ଏବଂ ନିର୍ଦ୍ଦେଶକ ଡ.ରଞ୍ଜନ ସାହୁ ମଞ୍ଚାସୀନ ହୋଇଥିଲେ। ଡ.ଆଶୁତୋଷ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ.ଆଶୁତୋଷ ମେହେରଙ୍କ ସମେତ କଲେଜର ଅଧ୍ୟାପକ ଅବିନାଶ ସାହୁ, ଡ.ସନ୍ତୋଷ ଦାଶ, ଡ.ଅବଦୁଲ ସୟିଦ ଖାନ, ହେନେରିଟା ଦାଶ, ସୌରଭ ଦ୍ୱିବେଦୀ, ପପୁନ ଭୋଇ, ଟେକଚାନ୍ଦ ସେନାପତି, ସିଦ୍ଧେଶ୍ୱର ପଟେଲ, ରଞ୍ଜିତ ଥାଇତ, ବୈଜୟନ୍ତୀ ଦେବତା, ଗଙ୍ଗାଧର ମେହେର ଏବଂ ପଦ୍ମାଳୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନବସୃଜନ ଓ ନବ ଉଦ୍ୟୋଗ ସମ୍ପର୍କିତ କର୍ମଶାଳା




**ବରଗଡ଼, ୩୧।୩(ସମିସ):** ବରଗଡ଼ ସ୍ଥିତ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଅଧକ୍ଷା ନନ୍ଦିନୀ ନିରୋଦ ପଣ୍ଡାଙ୍କ ନେତୃତ୍ୱରେ 'ନବସୃଜନ ଓ ନୂତନ ଉଦ୍ୟୋଗ' ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ହେଲଥକେୟାର ଷ୍ଟାର୍ଟଅପ୍ 'ମେଡଲାଇଫ୍ ୨୪୭'ର ପ୍ରତିଷ୍ଠାତା, ଉଦ୍ୟୋକ୍ତା ତଥା ପରାମର୍ଶଦାତା ସୁମନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ, ଅଧ୍ୟାପିକା ଡ.ସୟିଦା ବାନୁ, ଅଧ୍ୟାପକ ଡ.ଚନ୍ଦ୍ରମଣି ଦେବତା ଏବଂ ଅଧ୍ୟାପିକା ବେଲମତି ମେହେରଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀ ଅର୍ଚ୍ଚନା ମୁଣ୍ଡଚୂଳିଆ, ଶିବାନୀ ପଧାନ, ରେଣୁକା ବରିହା, ମାନିନି ସାହୁ, ଗୀତାଞ୍ଜଳୀ ପାତ୍ର, ଶ୍ୱାତୀ ଦାସ, ସଞ୍ଜନା ସାହୁ, ସଲୋନି ଦାସ, ଶୁଚିସ୍ମିତା ନାଏକ ପ୍ରମୁଖ କର୍ମଶାଳାରେ ନିଜର ସଂଦର୍ଭ ଉପସ୍ଥାପନ କରିଥିଲେ।

## ଗଞ୍ଜେଇ ଜବତ ଘଟଣାରେ ଆଉ ୨ ଗିରଫ

**ବରଗଡ଼, ୩୧।୩(ସମିସ):** ପାଇକମାଲ ପୁଲିସ ଓଆଇସି କୈଳାସ ଚନ୍ଦ୍ର ପ୍ରଧାନ ନେତୃତ୍ୱରେ ଏକ ଦଳ ଝାରମୁଣ୍ଡା ବିଜୁ ଏକ୍ସପ୍ରେସ ୱେ ଛକ ନିକଟରେ ଚେକିଂ ବେଳେ ୭ କେଜି ଗଞ୍ଜେଇ ଜବତ କରିବା ଘଟଣାରେ ପୁଲିସ ଅନ୍ୟ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଇକମାଲ ଥାନା ଚେରେଙ୍ଗାଝାଞ୍ଜର ଲଳିତ ମାଝୀ (୪୫) ଓ ଖପ୍ରାଖୋଲ ହସ୍ପିଟାଲ ପଡ଼ାର ଦିଲ୍ଲୀପ ଚନ୍ଦନ (୨୯) । ଉଲ୍ଲେଖଯୋଗ୍ୟ, ଗତ ଫେବୃଆରୀ ୨୮ ରେ ଝାରମୁଣ୍ଡା ବିଜୁ ଏକ୍ସପ୍ରେସ ୱେ ଛକ ନିକଟରେ ଚେକିଂ ବେଳେ ଚେରେଙ୍ଗାଝାଞ୍ଜର ହରି ମାଝୀ ଓ ଦିଲ୍ଲୀପ ଚନ୍ଦନ ବାଇକରେ ଆସୁଥିଲେ। ପୁଲିସକୁ ଦେଖି ପଛରେ ବସିଥିବା ଦିଲ୍ଲୀପ ଫେରାର ହୋଇଥିଲା। ବାଇକ୍ ଚଳାଉଥିବାରୁ ହରି ଖସି ଯାଇ ନପାରି ପୁଲିସ ହାତରେ ଧରାପଡ଼ିଥିଲା। ବାଇକ୍ ତଲାସି ପରେ ୭ କେଜି ଗଞ୍ଜେଇ ଓ ନଗଦ ୫୮୦ ଟଙ୍କା ଜବତ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ହରିକୁ କୋର୍ଟ ଚାଲାଣ କରିଥିଲା। ତେବେ ଫେରାର ଥିବା ଦିଲ୍ଲୀପକୁ ଧରିବାକୁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଶେଷରେ ଭୁଲିଆବନ୍ଧ ଠାରେ ଦିଲ୍ଲୀପକୁ ଗିରଫ କରାଯାଇ ଘଟଣାରେ ଆହୁରି ଖୋଳତାଡ ହୋଇଥିଲା। ଫଳରେ ଜବତ ଗଞ୍ଜେଇ ଉପରେ ଚେରେଙ୍ଗାଝାଞ୍ଜର ଲଳିତର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଆଜି ଲଳିତକୁ ଚେରେଙ୍ଗାଝାଞ୍ଜ ଛକ ନିକଟରେ ଗିରଫ କରାହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଉଭୟଙ୍କ ନାମରେ ପାଇକମାଲ ଥାନାରେ ମାମଲା ରୁଜୁ ହୋଇ ପଦ୍ମପୁର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଓଆଇସି କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ମାନସିକ ଚାପ ପରିଚାଳନା କାର୍ଯ୍ୟକ୍ରମ

**ଭଟଲି, ୩୧।୩(ସମିସ):** ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ଭଟଲି ପରିସରରେ ମାନସିକ ଚାପ ନିୟନ୍ତ୍ରଣ ଓ ପରିଚାଳନାକୁ ଆଧାର କରି ଅଧକ୍ଷ ସରୋଜ ଦାଶଙ୍କ ସଭାପତିତ୍ୱରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଅଧ୍ୟାପକ ଡ.ଦୁର୍ଗାଶିଷ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଅଧକ୍ଷ ସରୋଜ ଦାଶ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ସଂକ୍ରାନ୍ତୀୟ କାରଣ, ସମସ୍ୟା ଏବଂ ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଂସ୍କୃତ ବିଭାଗୀୟ ମୁଖ୍ୟ ରାଜୀବ ସାହୁ ମଣିଷର ଅସହାୟତା ଓ ନୈରାଶ୍ୟ ସହିତ ମାନସିକ ଚାପର ସମ୍ପର୍କକୁ ଉପସ୍ଥାପିତ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝରର ଶିକ୍ଷକ ତଥା ମାନସିକ ଚାପ, ପ୍ରାଣାୟମ ଓ ଯୋଗ ବିଶେଷଜ୍ଞ ଦୁଷ୍ମନ୍ତ ସାହୁ ଓ ଅଙ୍କିତା ଦାଶ ପ୍ରଶ୍ନୋତ୍ତର ଶୈଳୀରେ ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ ଏବଂ ସମସ୍ୟାର ନିରାକରଣ ସମ୍ପର୍କରେ ବୁଝାଇଥିଲେ। ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ବହୁଳ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧକ୍ଷ ସରୋଜ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୩ ଦିନରେ ଚାଷୀ ସଂଗଠନ ଆନ୍ଦୋଳନ



### ହାତ ଟେକିଦେଲେ ଜିଲ୍ଲାପାଳ

**ବରଗଡ଼, ୩୧।୩(ସମିସ):** ଚାଷୀଙ୍କ ବିଭିନ୍ନ ଦାବି ନେଇ ଚାଷୀ ସଂଗଠନ ପକ୍ଷରୁ ଆନ୍ଦୋଳନ ୨୩ ଦିନରେ ପହଞ୍ଚିଛି। ତେବେ ମଙ୍ଗଳବାର ଅପରାହ୍ଣ ୪ଟାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଆଲୋଚନା ପାଇଁ ରାଜି ହୋଇଥିଲେ। ସଂଗଠନ ତରଫରୁ ବିକାଶ ଭୋଇ, ଯାଦବ ସାହୁ, ରବୀନ୍ଦ୍ର ପ୍ରଧାନ, ନୀଳାଞ୍ଚଳ ଦେହେରୀ ଏବଂ ଈଶାନ୍ତ ଭୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କିନ୍ତୁ ଏଥିରେ ଚାଷୀଙ୍କୁ କୌଣସି ଆଶ୍ୱସ୍ତି ମିଳି ପାରି ନାହିଁ। "ମୁଁ କିଛି କରିପାରିବି ନାହିଁ। ମୁଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି। ଏଣୁ ଟୋକନ ଆସିଲେ ଆପଣ ମାନେ ଧାନ ବିକ୍ରି କରିପାରିବେ ନ ହେଲେ ମଧ୍ୟସ୍ଥି ଜରିଆରେ ଧାନ ବିକ୍ରି କରିଦିଅନ୍ତୁ" ବୋଲି ଶେଷରେ ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ଏତାଦୃଶ କାର୍ଯ୍ୟ ପ୍ରଣାଳୀକୁ ସଂଯୁକ୍ତ କୃଷକ ସଂଗଠନ ପରିତାପର ବିଷୟ ବୋଲି କହିବା ସହ ଦୃଢ଼ ନିନ୍ଦା କରି ପ୍ରତିକ୍ରିୟା ପ୍ରକାଶ କରିଛି।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

**ଝାରବନ୍ଧ, ୩୧।୩(ସମିସ):** ଝାରବନ୍ଧ ବ୍ଲକ ବିଜେପି, ଜଗଦଲପୁର ମଣ୍ଡଳ ପକ୍ଷରୁ 'ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬' ଦୁଇଦିବସୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମାର୍ଚ୍ଚ ୨୯ ଓ ୩୦ରେ ଜଗଦଲପୁର ବଡକୁଞ୍ଚାରୀ ଛକ ସ୍ଥିତ ଅଘରିଆ ଧର୍ମଶାଳା



ପ୍ରାଙ୍ଗଣରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି କ୍ଷୀରସାର ସାହୁଙ୍କ ନେତୃତ୍ୱରେ ଏବଂ ସମ୍ପାଦକ ପଦ୍ମନ ରଣାଙ୍କ ସଞ୍ଚାଳନାରେ କାର୍ଯ୍ୟକ୍ରମଟି ସୂଚାରୁ ଭାବେ ପରିଚାଳିତ ହୋଇଥିଲା। ଏଥିରେ ବିଜେପିର ଗୋବର୍ଦ୍ଧନ ଭୋଏ, ସରୋଜ ସାମଲ, ହରିହର ସାହୁ, ଲମ୍ବୋଦର ପଣ୍ଡା, ଦୁର୍ଗାପ୍ରସାଦ ଅଗ୍ରୱାଲ, ମଦନ ମୋହନ ପଟେଲ ଓ ଚିନ୍ମୟ ପଣ୍ଡା ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ଏସ୍‌ଆଇଆର୍, ବୁଥ୍ ପରିଚାଳନା, ସରକାରୀ ଯୋଜନାର ପ୍ରଚାର ଏବଂ ସୋସିଆଲ ମିଡିଆର ସଠିକ୍ ବ୍ୟବହାର ସମ୍ପର୍କରେ କର୍ମୀମାନଙ୍କୁ ତାଲିମ ଦେଇଥିଲେ। ଶେଷରେ ହରେକୃଷ୍ଣ ପଟେଲ ସମସ୍ତ ଅତିଥି ଓ ଅଂଶଗ୍ରାହୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

**ବିଜେପୁର:** ବିଜେପୁର ବ୍ଲକ ଅଧୀନ ତାଳପଦର ଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ବିଜେପି ପକ୍ଷରୁ ଆୟୋଜିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ଅଧିବେଶନରେ ରାଜ୍ୟପରିଷଦ ସଦସ୍ୟ ଶରତ ବିଶି, ବର୍ଗ ପ୍ରମୁଖ ଯୋଗୀନ୍ଦ୍ର ପଧାନ, ଜିଲ୍ଲାପରିଷଦ ସଦସ୍ୟ ସୁଶାନ୍ତ ଗଡ଼ତୀୟା, ବକ୍ତା ବୀରସୁରେନ୍ଦ୍ର ସାହୁ ଓ ଆଇନଜୀବୀ ପ୍ରଶାନ୍ତ ପଧାନ, ମଣ୍ଡଳ ସଭାପତି ଆଶୁତୋଷ ମେହେର, ପଞ୍ଚାୟତ ପ୍ରମୁଖ ସଞ୍ଜୀବ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ କର୍ମୀମାନଙ୍କୁ ଦଳୀୟ ଶୃଙ୍ଖଳା, ସମନ୍ୱୟତା ଓ ସେବାଭାବ ରଖି କାମ କରିବାକୁ ଆହ୍ୱାନ ଜଣାଇଯାଇଥିଲା। ଜନସାଧାରଣଙ୍କ ସମସ୍ୟାକୁ ନିକଟରୁ ବୁଝି ସମାଧାନ ପାଇଁ ପ୍ରୟାସ କରିବା ଏବଂ ସରକାରୀ ଯୋଜନା ମାନଙ୍କୁ ଘରେ ଘରେ ପହଞ୍ଚାଇବାକୁ କୁହାଯାଇଥିଲା। ଦୁଇଦିବସୀୟ ପ୍ରଶିକ୍ଷଣ ମହାଅଭିଯାନରେ ଲାଉମୁଣ୍ଡା ମଣ୍ଡଳର ବହୁ ସଂଖ୍ୟକ କର୍ମୀ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ଅତାବିରା, ୩୧।୩(ସମିସ):** ଅତାବିରା ବ୍ଲକ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗାମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାଇବର ଅପରାଧ ସମ୍ପର୍କରେ ଅତାବିରା ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ ସଚେତନତା ବାର୍ତ୍ତା ଦେଇଥିଲେ। ସାଇବର ସୁରକ୍ଷା ସମ୍ପର୍କରେ ବିଷଦ ଭାବେ ବୁଝାଇଥିଲେ। ପରେ ସଂଘର ସଭାପତି ଭରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କେରକେଟା ମୁଖ୍ୟ ଅତିଥି, ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି କେଦାରନାଥ ମିଶ୍ର, ସମ୍ପାଦକ ଗୋବିନ୍ଦ ଦାଶ, ସମାଜସେବୀ ଫକୀର କର୍ଣ୍ଣ, ସମ୍ପାଦକ ରଘୁନାଥ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରବୀଣ ସଂଗଠକ ରୂପେ ଅମୂଲ୍ୟ ପତି, ଶିକ୍ଷାବିତ ଭୋଜରାଜ ସ୍ୱାଇଁ ଓ ବ୍ରଜକିଶୋର ଦାଶ, ବରିଷ୍ଠ ନାଗରିକ ଭାବେ ବାଲେଶ୍ୱର ସାହୁ(୯୦) ପ୍ରମୁଖଙ୍କ ପାଦ ଧୌତ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ ସହିତ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସାଙ୍ଗଠନିକ ସମ୍ପାଦକ ମଙ୍ଗଲୁ ଚରଣ ବିଶ୍ୱାଳ ଅତିଥି ପରିଚୟ, ସମ୍ପାଦକ ରଘୁନାଥ ବିଶ୍ୱାଳ ବିବରଣୀ ପଠନ ଏବଂ ନିତ୍ୟାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କଳାସଂସ୍କୃତି ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନବୀନ ଦାଶ, ସୁରେଶ ଦାଶ, ନିର୍ମଳ ପ୍ରଧାନ, ବଳିରାଜ ଭୋଇ, ଭୋଳାନାଥ ପ୍ରଧାନ, ଇନ୍ଦ୍ରଜିତ ଉର୍ମା, ହସନ ଅଲ୍ଲୀ, ଗୁଣନିଧି ପ୍ରଧାନ, ଦଶରଥ ଚାନ୍ଦ, ବିମଳେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପ୍ରସାଧନ ସାମଗ୍ରୀ ବଣ୍ଟନ

**ବରଗଡ଼, ୩୧।୩(ସମିସ):** ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅନ୍ତେବାସୀ ମାନଙ୍କୁ ବରଗଡ଼ ଚିନିକଳର ଅବସରପ୍ରାପ୍ତ ଆଇନ ଅଧିକାରୀ ଅଚ୍ୟୁତ ନନ୍ଦ ବାରିକଙ୍କ ପୁତ୍ରୀ ଚାନ୍ଦିନୀ ବାରିକଙ୍କ ପକ୍ଷରୁ ପ୍ରସାଧନ ସାମଗ୍ରୀ ଗାମୁଛା, ସାବୁନ, ବ୍ରସ, ପେଷ୍ଟ ଓ ବିସ୍କୁଟ ଇତ୍ୟାଦି ବଣ୍ଟନ କରାଯାଇଛି। ଏହି ଅବସରରେ ଅଚ୍ୟୁତ ନନ୍ଦ ବାରିକ, ମାତା ଅନ୍ନପୂର୍ଣ୍ଣା ବାରିକ, ବନ୍ଧୁ ମଙ୍ଗଳ ଭୋଇ, ଶ୍ରୀମା ସଙ୍ଗୀତ ବିଦ୍ୟାଳୟର ଅଧକ୍ଷ କ୍ଷୀରେଶ୍ୱର ମହାନନ୍ଦ, ମଳୟ ମହାନ୍ତି ଓ ପ୍ରଭାସିନୀ ମହାନ୍ତି ପ୍ରମୁଖ ଅତିଥିଗଣ ଉପସ୍ଥିତ ଥିଲେ।

## ଡଙ୍ଗାଘାଟ ଗାଁରେ ୨୪ ପ୍ରହର ନାମଯଜ୍ଞ ଶୁଭାରମ୍ଭ

**ପଦ୍ମପୁର, ୩୧।୩(ସମିସ):** ଡଙ୍ଗାଘାଟ ଗାଁରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ତଥା ଅଷ୍ଟ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପ୍ରଥମ ବାର୍ଷିକ ମହୋତ୍ସବ ଅବସରରେ ୨୪ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ନାମଯଜ୍ଞରେ ଚନ୍ଦ୍ରଶେଖର ସାହୁ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ସାହୁ ତଥା ସୁଶାନ୍ତ ପାଣ୍ଡେ ଓ ତାଙ୍କ ଧର୍ମପତ୍ନୀ ରୁବିତା ପାଣ୍ଡେ ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ପୁରୀରୁ ତିନି ଠାକୁରଙ୍କ ପାଇଁ ଖଣ୍ଡୁଆ ପାଟ ଓ ଧ୍ୱଜା ଅଣାଯାଇ ଗଣନାଥ ମହାପାତ୍ର, ଚକ୍ରଧର ମହାପାତ୍ର, ଗୋପାଳକୃଷ୍ଣ ଦାଶ ଓ ସାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ନାମଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ନାମଯଜ୍ଞ ଚାଲିବ। ଗାଁର ସମସ୍ତ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୀର୍ତ୍ତନ ମଣ୍ଡଳୀ, କ୍ଲବ୍, ଫୁଟବଲ୍ ଦଳ, କ୍ରିକେଟ୍ ଦଳଙ୍କ ସହଯୋଗରେ ସୂଚାରୁ ରୂପେ ନାମଯଜ୍ଞ ଅନୁଷ୍ଠିତ ହେଉଛି।

## ୪ରେ ଜିଲ୍ଲାସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ

**ବରଗଡ଼, ୩୧।୩(ସମିସ):** ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଉତ୍ସବ ଏପ୍ରିଲ ୨ ତାରିଖରେ ପାଳନ କରାଯିବା ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନ ଏହାକୁ ପରିବର୍ତ୍ତନ କରାଯାଇ ଏପ୍ରିଲ ୪ରେ ପାଳନ କରିବାକୁ ଓସେପା ପକ୍ଷରୁ ପତ୍ର ସଂଖ୍ୟା ୪୦୨୭, ୩୧.୩ ୨୦୨୬ରେ ଏସପିଡି ଅନନ୍ୟା ଦାଶ ନିର୍ଦ୍ଦେଶ ଜାରି କରିଛନ୍ତି।

## ବ୍ୟବସାୟୀ ମଧୁସୂଦନ ଦାସଙ୍କ ପରଲୋକ



**ଥୁଆପାଲି, ୩୧।୩(ସମିସ):** ଭେଡେନ ବ୍ଲକ ଝରାପାଲି ମାର୍କେଟ ଥୁଆପାଲିର ବିଶିଷ୍ଟ ବ୍ୟବସାୟୀ ମଧୁସୂଦନ ଦାସ(୬୬)ଙ୍କ ପରଲୋକ ଘଟିଛି। ଭୁବନେଶ୍ୱରରେ ଏକ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିବା ଅବସ୍ଥାରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ମରଶରୀରକୁ ଥୁଆପାଲି ଅଣାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ ଶେଷ ଦର୍ଶନ କରିବା ସହ ଶବାଧାରରେ ସାମିଲ ହୋଇଥିଲେ। ପୁଅ ଉତ୍କର୍ଷ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରୋଷେଇ ବଗିଚା ଉପରେ ଦକ୍ଷତା ଗଠନ ପ୍ରଶିକ୍ଷଣ ଶିବିର

**ପଦ୍ମପୁର, ୩୧।୩(ସମିସ):** ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କେର୍ମେଲାବାହାଲରେ ମଙ୍ଗଳବାର 'ରୋଷେଇ ବଗିଚା ଉପରେ ଦକ୍ଷତା ଗଠନ ପ୍ରଶିକ୍ଷଣ' ଅନୁଷ୍ଠିତ ହୋଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରବିନ୍ଦ ପଣ୍ଡା ଅଧକ୍ଷତା କରିଥଲେ। ପ୍ରଥମ ପର୍ଯ୍ୟାୟରେ ଉଦ୍ୟାନ କୃଷି ବିଭାଗ ପଦ୍ମପୁରର ଉଦ୍ୟାନ କୃଷି ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମ୍ଭାର ଓ ତ୍ରିରଙ୍ଗା ଏନ୍‌ଜିଓର ଜୈବିକ କୃଷିର ସିଆର୍‌ପି ନନ୍ଦଲାଲ ପଟେଲ ପ୍ରମୁଖ ଜୈବିକ କୃଷି, ଉଦ୍ୟାନ କୃଷି ରୋଷେଇ ବଗିଚାର




ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ସମାରୋହରେ ପାଇକମାଳର ଅତିରିକ୍ତ ତହସିଲଦାର ହରି ସିଂ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ତଥା ରୋଷେଇ ବଗିଚାର ପ୍ରାଧାନ୍ୟ ଓ ବର୍ତ୍ତମାନ ଯୁଗରେ ଏହାର ଉପକାରିତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ମଧୁସ୍ମିତା ମେହେର, ମମତା ନାୟକ, ସୁଜିତ ବାଗ, ବିମଳ ଭୋଇ, ଲୋହିତ ସାହା, ଗଣେଶ୍ୱର ସାହୁ, କ୍ଷୀର ବରିହା, ପୂଜା ପାରିଜାତ ଖମାରୀ, ସଞ୍ଜୀବ ସାହୁ, ଶ୍ରଧାକର ଶିକା, ସୁବାସ ଚନ୍ଦ୍ର ବରିହା ଓ ପର୍ଶୁରାମ ପ୍ରଧାନ ସହଯୋଗ କରିଥିଲେ। ଶେଷରେ ଲୋହିତ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

## ମନରେଗାରେ ଅନିୟମିତତା ଅଭିଯୋଗ

ପଦ୍ମପୁର/ଦହିତା, ୩୧।୩(ସମିସ)

- କାମ ନକରି ଲକ୍ଷାଧିକ ଟଙ୍କା ଉଠାଣ
- ଗାଁ ସାଥୀକୁ ବହିଷ୍କାର ପାଇଁ ଅଭିଯୋଗ

ରାଜବୋଡାସମ୍ବର ବ୍ଲକ ଅଧୀନ ବୁଡେନ୍ ପଞ୍ଚାୟତର ନରେନ୍ଦ୍ରପୁର ଗାଁରେ ମନରେଗା କାର୍ଯ୍ୟକ୍ରମରେ ଗୁରୁତର ଅନିୟମିତତାର ଅଭିଯୋଗ ହୋଇଛି। ଗ୍ରାମବାସୀ ଗାଁ ସାଥୀ ବୃନ୍ଦାବନ ଦିଶ୍ରୀଙ୍କ ବିରୋଧରେ କାମ ନକରି ଟଙ୍କା ଉଠାଇବା ଏବଂ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ଗ୍ରାମବାସୀଙ୍କ ଅନୁସାରେ, ଦୀର୍ଘଦିନ ଧରି ମନରେଗା ଯୋଜନାରେ ପିପଲମୁଣ୍ଡା ବାଏଡୁଙ୍ଗୁରି ଭାଟ କାମ ଓ ନରେନ୍ଦ୍ରପୁର-ଡେଙ୍ଗରାପଥର ରାସ୍ତା କାମ ଚାଲୁଛି। କିନ୍ତୁ ନିମ୍ନ ମାନର କାର୍ଯ୍ୟ ହେଉଛି ଏବଂ କାମଗୁଡିକ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଦେଖାଇ ପୁରୁଣା କାମ ଉପରେ ଶ୍ରମିକ ମାନଙ୍କୁ ଛିଡା କରାଇ ଫଟୋ ଉଠାଇ ଟଙ୍କା ଉଠାଯାଉଥିବା ଅଭିଯୋଗ ହୋଇଛି। ପୁଣି ଯେଉଁ ଜବକାର୍ଡଧାରୀ ଶ୍ରମିକମାନେ ପ୍ରକୃତରେ କାମ କରିନାହାନ୍ତି ସେମାନଙ୍କ ନାମରେ ଟଙ୍କା ଉଠାଯାଇଛି। ପାଠ ପଢୁଥିବା ଛାତ୍ରଛାତ୍ରୀ, ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବୃଦ୍ଧବୃଦ୍ଧାଙ୍କ ବ୍ୟାଙ୍କ ଖାତାକୁ ବ୍ୟବହାର କରାଯାଇଥିବା ସହିତ ପରେ ସେହି ଟଙ୍କାକୁ ଅନ୍ୟ ଉପାୟରେ ଆତ୍ମସାତ୍ କରାଯାଇଥିବା ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଗାଁ ସାଥୀଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବା ସହିତ ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ରାଜବୋଡାସମ୍ବର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଉପଜିଲ୍ଲାପାଳ ପଦ୍ମପୁରଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି।

# ମାଁ ଠାକୁରାଣୀଙ୍କ ଘଣ୍ଟ ପର୍ବ ଆରମ୍ଭ

ମୁନିଗୁଡା,୩୧।୩(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ସରଧାପୁର ଗ୍ରାମରେ ପ୍ରସିଦ୍ଧ ଶ୍ରୀ ଶ୍ରୀ ମାଁ ଠାକୁରାଣୀ ଘଣ୍ଟ ପର୍ବ ୧ ତାରିଖ ବୁଧବାର ଦିନରୁ ଆରମ୍ଭ ହେବାକୁ ଯାଉଛି । ଏହି ପର୍ବ ଆସନ୍ତା ୬ ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିବା ସହ ଶେଷ ଦିନରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ଏହି ପାଞ୍ଚଦିନିଆ ଉତ୍ସବ ଅବସରରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବିଭିନ୍ନ ଧାରାର ନାଟକ ପରିବେଷଣ କରାଯିବ । ଶ୍ରୀ ଶ୍ରୀ ମହାକାଳେଶ୍ୱର ନାଟ୍ୟକଳା ଅନୁଷ୍ଠାନ, ଯମୁନାବାହଲ ପକ୍ଷରୁ ନାଟକଗୁଡ଼ିକ ମଞ୍ଚସ୍ଥ ହେବ । ଗୁରୁ ଅକ୍ଷୟ ପୂଝାରୀଙ୍କ ରଚିତ "ଝିଅ ହଜିଗଲା ବାହା ବେଦିରେ', "ମାମୁଁ ଭାଙ୍ଗିଦେଲା ସୁନା ସଂସାର', "ରାବଣ ବଧ' ଓ "ଇନ୍ଦ୍ରଜିତ ବଧ' ଭଳି ଲୋକପ୍ରିୟ ନାଟକ ଦର୍ଶକମାନଙ୍କୁ ଆକର୍ଷିତ କରିବ । ଘଣ୍ଟ ପର୍ବକୁ ନେଇ ସମଗ୍ର ସରଧାପୁର ଅଞ୍ଚଳ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିବା ବେଳେ ମାଁ ଠାକୁରାଣୀ ଘଣ୍ଟ ପର୍ବ କମିଟି ପକ୍ଷରୁ ସମସ୍ତ ଅଞ୍ଚଳବାସୀ ଓ ଭକ୍ତମଣ୍ଡଳୀଙ୍କୁ ଯୋଗଦେଇ ଉତ୍ସବକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି ।

**▶ ଚାରି ଦିନ ଧରି ହେବ ସାଂସ୍କୃତିକ ଉତ୍ସବ**
**▶ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଉତ୍ସବ**

## ବିଷମକଟକରେ ଗଞ୍ଜାମ ପ୍ରସିଦ୍ଧ ଦଣ୍ଡକାଳୀ ଯାତ୍ରା

# ଶରୀରକୁ କଷ୍ଟ ଦେଇ ଆରାଧନା କରନ୍ତି ଦଣ୍ଡୁଆ



ବିଷମ କଟକ,୩୧।୩(ସମିସ): ଆମ ରାଜ୍ୟରେ ଗଞ୍ଜାମ ପ୍ରସିଦ୍ଧ ଦଣ୍ଡଯାତ୍ରା ବହୁ ଧୁମ୍‌ଧାମରେ ଆୟୋଜିତ ହେଉଛି । ଚତୁର୍ଥ ଥର ପାଇଁ ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ ମା' କାଳୀଙ୍କ ପବିତ୍ର ଦଣ୍ଡାଯାତ୍ରା ଆୟୋଜନ କରାଯାଇଛି । ଏହି ଯାତ୍ରା ଚଳିତ ବର୍ଷର ଚୈତ୍ରମାସରେ ପାଳନ କାରାଯାଇ ବିଷୁବ ସଂକ୍ରାନ୍ତି ଦିନ ଏହା ଶେଷ ହୋଇଥାଏ । ଏହି ଅବସରରେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁର ରାହୁଲପଲ୍ଲୀର ୭୦ଜଣ ଦଣ୍ଡୁଆ ମାନଙ୍କୁ ବିଷମ କଟକ ମା' ଦଣ୍ଡକାଳୀ ପୂଜା କମିଟି ନିମନ୍ତ୍ରଣ କରିବା ପରେ ଦଣ୍ଡୁଆମାନେ ଚାଲି ଚାଲି ଆଜି ସକାଳେ ବିଷମ କଟକ ସହରରେ ପହଞ୍ଚି ଥିଲେ । ଦଣ୍ଡୁଆ ମାନଙ୍କୁ ବିଷମ କଟକ ଗାଁ ପ୍ରବେଶରୁ ନିମନ୍ତ୍ରଣ କରି ବିଷମ କଟକ ସହର ପରିକ୍ରମା କରାଯାଇଥିଲା । ବିଷମ କଟକ ସହରରେ ଚତୁର୍ଥ ଥର ପାଇଁ ମା' ଦଣ୍ଡକାଳୀଙ୍କ ପବିତ୍ର ଦଣ୍ଡ ଯାତ୍ରା ପୂଜାର ଆୟୋଜନ ହୋଇଥିବାରୁ ପ୍ରତ୍ୟେକ ସାହିରେ ମହିଳା ମାନେ ପୂଜାର୍ଚ୍ଚନା କରି ପଟୁଆର ସହ ମାଁ ଦଣ୍ଡକାଳୀଙ୍କୁ ପୂଜାର୍ଚ୍ଚନା କରି ଆର୍ଶୀବାଦ ପ୍ରାର୍ଥନା କରିଥିଲେ । ଦଣ୍ଡୁଆ ମାନେ ନିଜ ଶରୀରକୁ କଷ୍ଟ ବା ଦଣ୍ଡ ଦେଇ ମହାଦେବ ଏବଂ ମାଁ କାଳୀଙ୍କ ଉଦେଶ୍ୟରେ ଏହି ଦଣ୍ଡଯାତ୍ରା କରୁଥିବାରୁ ନୃତ୍ୟକୁ ଦଣ୍ଡ ନାଚ କୁହାଯାଇଥାଏ । ପୌରାଣିକ କଥା ବସ୍ତୁକୁ ନାଟ୍ୟ ରୂପାନ୍ତରଣ ମାଧ୍ୟରେ ଲୋକଙ୍କୁ ଜଣାଇବା ଦଣ୍ଡୁଆ ମାନଙ୍କ ମୂଳ ଲକ୍ଷ୍ୟ । ବିଷମ କଟକ ସହରର ମୁଖ୍ୟ ରାସ୍ତାରେ ମାଁ ଦଣ୍ଡ କାଳିଙ୍କୁ ସ୍ଥାପନା କରି ପୂଜାର୍ଚ୍ଚନା କରାଯାଇଥିଲା । ଏହି ଦଣ୍ଡୁଆ ମାନେ ଧୂଳିଦଣ୍ଡ ପ୍ରଦର୍ଶନ ଅବସରରେ ଅଭିନୟ ମାଧ୍ୟମରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସୁଆଙ୍ଗ ଏବଂ କିନ୍ନର ମାନଙ୍କ ଦ୍ୱାରା ପାରମ୍ପରିକନୃତ୍ୟ ପଦର୍ଶନ କରିଥିଲେ । ମଧ୍ୟାହ୍ନରେ ଧୂଳିଦଣ୍ଡର ସମାପନ ପରେ ସନ୍ଧ୍ୟାରେ ସ୍ଥାନୀୟ ଢେପାଗୁଡା ନାଳଠାରେ ବ୍ରତାଧିକାରୀ ମାନେ ଗାଧୋଇ ଝୁଣା ପର୍ବ ପ୍ରଦର୍ଶନ କରି ପାଣିଦଣ୍ଡା ଭାଙ୍ଗିଥିଲେ । ଏହାପରେ ଢେପାଗୁଡା ନାଳ ନିକଟର ମାଁ କାଳୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ପଣାଭୋଗ କରାଯାଇଥିଲା । ମାଁ ଦଣ୍ଡକାଳୀଙ୍କ ପବିତ୍ର ଦଣ୍ଡଯାତ୍ରାରେ ମାନସିକ ଧାରୀ ମାନେ ନିଷ୍ଠା ଓ ଏକାଗ୍ରତା ସହ ପାଳନ କରିଥାନ୍ତି । ଏହି ଦଣ୍ଡକାଳୀ ପବିତ୍ର ଦଣ୍ଡ ଯାତ୍ରା ଦେଖିବାକୁ ପୂଜା ସ୍ଥଳରେ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ଉକ୍ତ କାର୍ଯ୍ୟକ୍ରମ ଗୁଡିକ ପୂଜା କମିଟି ସଭାପତି ବୃନ୍ଦାବନ ପଟ୍ଟନାୟକ, ମଦନ ସୁନ୍ଦର ପଟ୍ଟନାୟକ, ସମ୍ପାଦକ ଦିଲୀପ ମହାରଣା, ସନ୍ତୋଷ ପ୍ରଧାନ, ସଂଗ୍ରାମ ପଟ୍ଟନାୟକ, ଦିଲୀପ ପଡିଆରି, ମିଥୁନ୍‌ବେହେରା , ମଙ୍ଗୁଲୁ ବେହେରା , ବାଲା ବେହେରା, ଆଲୋକ ଦାଶ, ସମୀର ପରିଡା, ଗିରି ଜେନା, ଉତ୍ତମ ନାହକ, ଗୋପି ପଲାଇ, ସୁଶାନ୍ତ ପ୍ରଧାନଙ୍କ ସମେତ ସମସ୍ତ କମିଟି ସଦସ୍ୟ ଏବଂ ଗ୍ରାମବାସୀ ମାନଙ୍କ ସହଯୋଗରେ ପୂଜା ସୁରୁଖୁରୁରେ ସମାପନ ହୋଇଛି ।

# ନନ୍ଦପୁରରେ କଳାବୈଶାଖୀ



ନନ୍ଦପୁର, ୩୧।୩ (ସମିସ): ସୋମବାର ମଧ୍ୟାହ୍ନରେ କଳାବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି । କାଳବୈଶାଖୀରେ ବର୍ଷା, କୁଆପଥର, ଘଡଘଡ଼ିରେ ବାଟୋଇଙ୍କ ଦୁର୍ଦ୍ଦଶା ଦେଖିବାକୁ ମିଳିଥିଲା । ଆଜି ସନ୍ଧ୍ୟା ହେବା କ୍ଷଣି ହଠାତ୍ କାଳ ବୈଶାଖୀ ଆରମ୍ଭ ହୋଇ ପ୍ରବଳ ପବନ ସହିତ ବର୍ଷା ସହ ଘଡ଼ଘଡି ହୋଇଥିଲା । ଏହି କାଳ ବୈଶାଖୀ ପ୍ରଭାବରେ ବାଡେଲ ଓ ସଗର ଗାଁ ମଝିରେ ଗଛ ପଡ଼ି କିଛି ସମୟ ରାସ୍ତା ଅବରୋଧ ହୋଇଥିଲା । ବର୍ଷା କମିବା ପରେ ନନ୍ଦପୁର ଅଗ୍ନିଶମ ବିଭାଗ ପହଞ୍ଚି ଗଛ ଗୁଡିକୁ କାଟି ରାସ୍ତା ସଫା କରିଥିଲେ । ତେବେ କାଳ ବୈଶାଖୀ ତାଣ୍ଡବରେ ବିଦ୍ୟୁତ୍ ବିଚ୍ଛିନ୍ନ ସହ ସମଗ୍ର ନନ୍ଦପୁର ବ୍ଲକ୍ ଅନ୍ଧାରରେ ରହିଥିଲା ।

# କେଜିବିଭି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗୁଡ଼ାରୀ,୩୧।୩(ସମିସ): ଗୁଡ଼ାରୀ ବ୍ଲକର ଏମ୍‌କେ ରାଇ ପଞ୍ଚାୟତ ଅନ୍ତର୍ଗତ ଜଳନିଧି ଗ୍ରାମରେ ସ୍ଥାପିତ କେଜିବିଭି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ମୁଟିକାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଡାରୀ ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱନାଥ ଶବର ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ଏବିଇଓ ସାଙ୍ଗୁଡାରୁପା ମାଝୀ, କେ.ଜି.ବି.ଭି ପ୍ରଦାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ମୁଟିକା, ଜିଲ୍ଲା ପରିଷଦ ସଭ୍ୟ ପତି କ୍ରାସ୍କା, ସରପଞ୍ଚ ବନିତା ଶବର, ସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ଶବର, ସିଆରସିସି ପ୍ରତାପ ଚନ୍ଦ୍ର ସହିଁତ, ମୁଖ୍ୟବକ୍ତା ଭାବେ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମୂଲ୍ୟକୃଷ୍ଣ ପ୍ରଧାନ ମଞ୍ଚାସୀନ ହୋଇଥିଲେ । ପ୍ରଥମତଃ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପ ଧୂପ ଅର୍ପଣ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ପରେ ବିଦ୍ୟାର୍ଥୀଙ୍କ ଦ୍ୱାରା ଫୁଲତୋଡା ଓ ଉପଢୌକନ ଦେଇ ମଞ୍ଚାସୀନ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରଥମେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ମୁଟିକା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ବାର୍ଷିକ ଉତ୍ସବରେ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ବାର୍ଷିକ ଉତ୍ସବକୁ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ପରିଚାଳନା କରିଥିବା ଦେଖିବାକୁ ମିଳିଛି ।

# ଗଞ୍ଜେଇ ଜବତ, ଜଣେ ଗିରଫ



ନନ୍ଦପୁର,୩୧।୩ (ସମିସ): ନନ୍ଦପୁର ଅବକାରୀ ପୁଲିସ ଜଣେ ଗଞ୍ଜେଇ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ଅନୁସାରେ ନନ୍ଦପୁର ଅବକାରୀ ଓଆଇସି ରାଜୁକିଟି ଏକ ଟିମ୍ ଏଏସଆଇ ଶକ୍ତି ବେହେରା, କନେଷ୍ଟବଳ ଦେବେନ୍ଦ୍ର ଖରା, ଗୀତାରାଣୀ ଦଳପତି, ଜ୍ଞାନ ଦୀକ୍ଷିତ , ଗଙ୍ଗା ଶଙ୍କର, ତ୍ରିଲୋଚନ ସିଂ ପ୍ରମୁଖ ନନ୍ଦପୁରର ସ୍ଥାନୀୟ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟ ଜଣେ ଯୁବକଙ୍କୁ ପିଛା କରି ଧରିଥିଲେ । ପରେ ଯୁବକ ପାଖରେ ଥିବା ବ୍ୟାଗ୍‌କୁ ଯାଞ୍ଚ କରିବା ବେଳେ ଗଞ୍ଜେଇ ଥିବା ଦେଖି ଯୁବକଙ୍କୁ କାର୍ଯ୍ୟାଳୟକୁ ନେଇ ଅଧିକ ତଦନ୍ତ କରିଥିଲେ । ବ୍ୟାଗ୍ ଭିତରେ ମୋଟ ୧୫ କିଲୋ ୨୦୦ଗ୍ରାମ ଗଞ୍ଜେଇ ରହିଥିଲା । ଗିରଫ ଯୁବକ କୋରାପୁଟ ସଦର ବଡ ଦେଉଲା ଗ୍ରାମର ସୌମ୍ୟ ରଞ୍ଜନ ପରଜା ବୋଲି ଜଣାପଡିଛି ।

# ଓଡ଼ିଆ ପକ୍ଷ ପାଳନ ନେଇ ପ୍ରସ୍ତୁତି ବୈଠକ

ଡାବୁଗାଁ, ୩୧।୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଓଡିଆ ପକ୍ଷ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚଳିତ ବର୍ଷ ଏପ୍ରିଲ ୧ ତାରିଖ ଠାରୁ ୧୪ ତାରିଖ ମହାବିଷୁବ ସଙ୍କ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯିବ । ଏଥିରେ ଓଡିଆ ଦିବସ, ଖଡିଛୁଆଁ ଦିବସ, ପାରମ୍ପରିକ ପୋଷାକ ପରିଧାନ ଦିବସ, ଓଡିଆରେ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା, ଗଣଦୌଡ, ଦେବାଳୟ ଓ ଐତିହ୍ୟ ସ୍ଥଳୀ ସ୍ୱଚ୍ଛତା ଅଭିଯାନ, ବର୍ଣ୍ଣବୋଧ ବଣ୍ଟନ, ରକ୍ତଦାନ ଦିବସ, ଆସ ବହିଟିଏ କିଣିବା ଦିବସ, ଲୋକକଳା ପାଇଁ ଦିନଟିଏ, ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ, ଜୁଆବ ଲେଖକ ସମ୍ମିଳନୀ, ବ୍ଲକର ବରପୁତ୍ର ମାନଙ୍କ ଉପରେ ଆଲୋଚନା, ପାରମ୍ପରିକ ଖାଦ୍ୟ ଦିବସ ଓ ଶେଷ ଦିନରେ ଓଡିଆ ନବବର୍ଷ ପାଳନ ଏବଂ ବିଭିନ୍ନ ପ୍ରତିଯୋଗିତା ଆଦି କରାଯିବା ନେଇ ଆଲୋଚନା କରାଯାଇଥିଲା । ଏହି ବୈଠକରେ ବିଡିଓ ସମୀର ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିତା ନେତାମ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଓଏଲଏମ ବିପିଏମ ଦୀପ୍ତି କିଶୋର ନାୟକ, ଅଙ୍ଗନବାଡି ସୁପରଭାଇଜର ବିମଳା ନାୟକ, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡା, ଏମ୍‌ବିକେ ଓ ସିଆରପି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଅମୂଲ୍ୟ ଦଳାଇ ପରିଚାଳନା କରିଥିଲେ ।

## ■ ନନ୍ଦପୁର ଲ୍ୟାମ୍ପସ୍‌ର ବାର୍ଷିକ ଅଡିଟ୍ ରିପୋର୍ଟ ପ୍ରକାଶିତ

# ଭବିଷ୍ୟତ କାର୍ଯ୍ୟଯୋଜନା ଉପରେ ଆଲୋଚନାଚକ୍ର



ନନ୍ଦପୁର, ୩୧।୩ (ସମିସ): ନନ୍ଦପୁର ଲ୍ୟାମ୍ପସ୍ ରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷା ଶ୍ରୀମତୀ ଦାନା ସିସାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ବିଷୟବସ୍ତୁ ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ଉପସ୍ଥିତ ନିର୍ଦ୍ଦେଶକମାନଙ୍କ ମଧ୍ୟରେ ବଳଭଦ୍ର ସିସା, ଭଗବାନ ମୁଦୁଲି, ଭଗବାନ ସିସା, ଗିରିଧର ନାୟକ, ଜଗନ୍ନାଥ ପାଙ୍ଗି, ବିମଳା ଡୁମାରୀ, ତୁଳା ନାୟକ, ସିମାଞ୍ଚଳ ଖିଲ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍. କେ. ଗଫୁର, ଭଗବାନ ପେଟିଆ, ନିଳାମ୍ବର ହଂସା, ଜିନୁ କିର୍ଷାନି ଓ ଆଗଧାଡ଼ି ଚାଷୀମାନଙ୍କ ମଧ୍ୟରେ ଗଙ୍ଗାପ୍ରସାଦ ହଜାରୀ, ବାଳକୃଷ୍ଣ ସୁଆର, ଶିବ ପ୍ରସାଦ ବେବର୍ତ୍ତା, ମନା କନ୍‌ୱର, ରାମା ମାଳି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ୨୦୨୪-୨୫ ମସିହାର ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯାଇଥିବା ବେଳେ ୨୦୨୫-୨୬ ମସିହାର ବାର୍ଷିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା । ସେହିପରି ୨୦୨୬-୨୭ ପାଇଁ କାର୍ଯ୍ୟ ଖସଡା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହାସହ ଲ୍ୟାମ୍ପ୍‌ସରେ ସିଏସସି ସେଣ୍ଟର, ସାର ହୋଲସେଲ୍ ପଏଣ୍ଟ ଓ ଜନଔଷଧି କେନ୍ଦ୍ର ପରିଚାଳନା, ବିହନ ଓ ସାର ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ କରିବା ନେଇ ମତ ବିନିମୟ ହୋଇଥିଲା । ତା ଛଡ଼ା ଲୁଜିଙ୍ଗ ଚକ୍ ସମ୍ମୁଖରେ ଥିବା ୧ ଏକର ଜମିରେ ପଟ୍ଟା ପ୍ରାପ୍ତି ପରେ କୋଲ୍ଡ ଷ୍ଟୋରେଜ୍ ଓ ଏଲପିଜି ବିତରକ କେନ୍ଦ୍ର ସ୍ଥାପନ ସହିତ ଲ୍ୟାମ୍ପସ୍‌ରେ ଷ୍ଟଲ୍ ବା ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ସର୍ବୋପରି, କର୍ମଚାରୀଙ୍କ ସର୍ବାଙ୍ଗୀନ ଉନ୍ନତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ବରିଷ୍ଠ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ବେବର୍ତ୍ତା ସଭାକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ପରିଚାଳନା ନିର୍ଦ୍ଦେଶକ ସୁରେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥ ସାଗର ପାରିପାର୍ଶ୍ୱିକ ନିର୍ମାଣ କାର୍ଯ୍ୟ ପାଇଁ ସର୍ଭେ

ଜୟପୁର, ୩୧।୩(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ଐତିହାସିକ ଜଗନ୍ନାଥ ସାଗର ପାରିପାର୍ଶ୍ୱିକ ଉନ୍ନତୀକରଣ ନିର୍ମାଣ କାର୍ଯ୍ୟ ପାଇଁ ଆଜି ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱରର ଏକ ନିର୍ମାଣକାରୀ ଘରୋଇ ସଂସ୍ଥାକୁ ସର୍ଭେ ସହିତ ବ୍ୟୟ ଅଟକଳ କରାଯାଇ ଏକି ରିପୋର୍ଟ ପ୍ରଦାନ ନେଇ ଦାୟୀତ୍ୱ ପ୍ରଦାନ କରାଯାଇଛି । ଏହି ସଂସ୍ଥାର ଦୁଇଜଣିଆ ଦଳ ସହିତ ପୌରସଂସ୍ଥାର କନିଷ୍ଠ ଯନ୍ତ୍ରୀ ହେମନ୍ତ ପଣ୍ଡା, ୱାର୍କ ସରକାର ଦେବ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଦିନିଆ ସର୍ଭେରେ ସାଗରର ସୁରକ୍ଷା ପାଇଁ ଲୁହା ପାଇପ ପାଚେରୀ, ଗଛରୋପଣ ଏବଂ ଅନ୍ୟାନ୍ୟ ନିର୍ମାଣ କରାଯିବା ନେଇ ଅଟକଳ କରାଯାଇ । ଅଳ୍ପ ବ୍ୟୟ ଅଟକଳ ଏବଂ କମ ରକ୍ଷଣାବେକ୍ଷଣ ଓ ସୁରକ୍ଷିତ ନେଇ ଅଧିକ ଧ୍ୟାନ ଦିଆଯାଇ ଏହି ସର୍ଭେ ଓ ଅଟକଳ କରାଯାଇଥିବା ପୌର ଯନ୍ତ୍ରୀ ଅଜୟ ଜାନୀ ପ୍ରକାଶ କରିଛନ୍ତି । ଜୟପୁର ଜଗନ୍ନାଥ ସାଗରର ଖନନ, ମାଟି ଉତ୍ତୋଳନ ଏବଂ ସଫେଇ ପାଇଁ ୧୬ କୋଟି ଟଙ୍କାର ବଜେଟ କରାଯାଇଥିବା ବେଳେ ପାରିପାର୍ଶ୍ୱିକ ଉନ୍ନତୀ ଓ ନିର୍ମାଣ ବାବଦକୁ ହିନ୍ଦୁସ୍ଥାନ ଏରୋନାଟିକ ଲିମିଟେଡ (ହାଲ୍) ପକ୍ଷରୁ ୬ କୋଟି ଟଙ୍କା ପ୍ରଦାନ କରାଯାଇଛି ।

# ପରିତ୍ୟକ୍ତ କୂଅରେ ପଡି ମହିଳାଙ୍କ ମୃତ୍ୟୁ

ନନ୍ଦପୁର , ୩୧।୩ (ସମିସ): ନନ୍ଦପୁର ସଦର ମହକୁମା ବାହିରିପଡା ସ୍ଥିତି ଏକ ପରିତ୍ୟକ୍ତ କୂଅରେ ସୋମବାର ଜଣେ ବୃଦ୍ଧା ମୃତ୍ୟୁବରଣ କରିଛି । ସକାଳ ପ୍ରାୟ ସାଢେ ୭ଟା ବେଳେ ଖବର ପାଇ ସ୍ଥାନୀୟ ଦମକଳ ବାହିନୀର କେନ୍ଦ୍ରାଧିକାରୀ ହେମନ୍ତ କୁମାର ସାମଲ, ଅଗ୍ନିଯୋଦ୍ଧା ଥବିର ଭୋଇ, କିରଣ କୁମାର ମହାରଣା, ଜଗନ୍ନାଥ ଦଳାଇ, ଅମିତ କୁମାର ଦାସ, ଡ୍ରାଇଭର ଅଜୟ ପ୍ରଧାନ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ । ସୂଚିତ ଯେ ମୃତ ବୃଦ୍ଧା ଜଣକ ବଡ଼ସାନା ସାହି ବାସିନ୍ଦା ସ୍ୱର୍ଗତ ଧନ ଦିଆରୀଙ୍କ ପତ୍ନୀ ୬୨ ବର୍ଷିୟା ଦଇମତି ଦିଆରୀ ବୋଲି ଜଣାପଡ଼ିଛି । ସୂଚନା ପ୍ରକାରେ ଦଇମତି ଫୁଲ ତୋଳିବାକୁ ବଡି ଭୋରୁ ଯାଇଥିବା ବେଳେ କୌଣସି ପ୍ରକାରେ କୂଅରେ ପଡ଼ି ମୃତ୍ୟୁ ବରଣ କରିଥିବା ସନ୍ଦେହ କରାଯାଉଛି । ଏ ସମ୍ପର୍କରେ ନନ୍ଦପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ତ୍ରିନାଥ ତୋଟା ପାଡିଆ ।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ



କୋରୁକୋଣ୍ଡା/ବାଲିମେଳା, ୩୧।୩(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଠାରେ ଓରକେଲ୍ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ପାଳିତ ହୋଇଯାଇଛି । ଏହା ବାଲିମେଳା ସ୍ଥିତ ଗୋପବନ୍ଧୁ ଛକରୁ ବାହାରି ଆମ୍ବେଦକର ଛକ, ଦୈନିକ ବଜାର, ନାଲ୍ଲା ଛକ ହୋଇ ପୁଣି ଗୋପବନ୍ଧୁ ଛକ ଠାରେ ପହଞ୍ଚିଥିଲା । କାର୍ଯକ୍ରମଟି ଓରକେଲ ଥାନା ଅଧିକାରୀଙ୍କ ନେତୃତ୍ୱରେ ବାଲିମେଳାର ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଓ ବୟସ୍କ ଲୋକଙ୍କ ସହାୟତାରେ ଲୋକ ମାନଙ୍କୁ ସଡକ ସୁରକ୍ଷାର ନିୟମାବଳୀ ଓ ସଡକ ସୁରକ୍ଷା ଜୀବନ ରକ୍ଷା ଭଳି ବିଭିନ୍ନ ବାର୍ତ୍ତା ଦେଇ ସଚେତନ କରିଥିଲେ । ହେଲମେଟ ପରିଧାନ କରି ଯାଉଥିବା ୨ ଚକିଆ ଚାଳକ ମାନଙ୍କୁ ଗୋଲାପ ଫୁଲ ଦିଆଯାଇ ଉତ୍ସାହିତ କରାଯାଇଥିବା ବେଳେ ଯେଉଁ ମାନେ ହେଲମେଟ ପିନ୍ଧି ନଥିଲେ, ତାଙ୍କୁ ପୁଲିସ ପକ୍ଷରୁ ହେଲମେଟ ବଣ୍ଟନ କରାଯିବା ସହିତ ସଚେତନ କରାଯାଇଥିଲା । ଦେଶରେ ବଢୁଥିବା ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ଭାରତ ସରକାରଙ୍କ ଏହି ପ୍ରୟାସକୁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତି ବ୍ଲକ୍, ସହରରେ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମାନଙ୍କ ସହାୟତାରେ ବ୍ୟାପକ ସଚେତନତା କରାଯାଇଥିଲା । ହେଲମେଟ୍ ବ୍ୟବହାର, ସିଟ୍ ବେଲ୍ଟ ବ୍ୟବହାର କରିବା, ଟ୍ରାଫିକ୍ ନିୟମ ମାନିବା ଏବଂ ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପରାମର୍ଶ ଦିଆଯାଉଛି । ଶୋଭାଯାତ୍ରା, ପଦଯାତ୍ରା ଓ ପ୍ଲାକାର୍ଡ ମାଧ୍ୟମରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଇଛି । ଏଭଳି କାର୍ଯ୍ୟକ୍ରମ ଓରକେଲ ପୁଲିସ ପକ୍ଷରୁ ଅନୁଷ୍ଠିତ ହେଉଥିବାରୁ ବାଲିମେଳା ବାସିନ୍ଦା ବହୁତ ପସନ୍ଦ କରିଛନ୍ତି ।

## ଦୁଇ ରାଜ୍ୟକୁ ସଂଯୋଗ କରୁଛି ତାଲୁର ଘାଟ

# ଭଙ୍ଗା ଡଙ୍ଗାରେ ବିପଦସଂକୁଳ ନଦୀ ପାର





ବୈପାରିଗୁଡ଼ା, ୩୧।୩(ସମିସ): ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ତାଲୁର ଘାଟ ଦୁଇ ରାଜ୍ୟ ଓଡିଶା ଓ ଛତିଶଗଡକୁ ସଂଯୋଗ କରୁଛି । କିନ୍ତୁ ପ୍ରତିଦିନ ଜୀବନକୁ ବାଜି ଲଗାଇ ଭଙ୍ଗା ଦଦରା ଡ଼ଙ୍ଗାରେ ଯାତାୟତ କରୁଛନ୍ତି ଲୋକେ । ଏଠାରେ ନୂତନ ଡ଼ଙ୍ଗା ସହ ପୋଲ ନିର୍ମାଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ । ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ଅଞ୍ଚଳରେ ବସବାସ କରୁଛନ୍ତି ଦୁରୁଆ ସଂପ୍ରଦାୟର ଜନଜାତି । ଆଉ ଶାବେରୀ ନଦୀ ଆରୋପଟେ ଥିବା ଛତିଶଗଡ ରାଜ୍ୟର ତିରିଆ, କାଅପାଲ, ଟାଇପଦର ଭଳି ଅନେକ ଗାଁକୁ ଏହି ଘାଟ ଦେଇ ଯିବା ଆସିବା କରନ୍ତି । ଶହଶହ ବର୍ଷ ଧରି ଦୁରୁଆ ଜନଜାତିର ଲୋକେ ଛତିଶଗଡ଼, କୋଟପାଡ଼ ଏବଂ ବୈପାରିଗୁଡାର ଗୁପ୍ତେଶ୍ୱର ପଞ୍ଚାୟତ ଅଞ୍ଚଳରେ ବସବାସ କରିଆସୁଛନ୍ତି । ଗୁପ୍ତେଶ୍ୱର ପଞ୍ଚାୟତର ତାଲୁର, ଶିରିବେଡା, ଘୋଡାଘାଟ ଭଳି ଗ୍ରାମରେ ବସବାସ କରୁଥିବା ଦୁରୁଆ ଜନଜାତିଙ୍କ ସଂପର୍କୀୟ ଛତିଶଗଡ଼ ଓ କୋଟପାଡ଼ ଅଞ୍ଚଳରେ ରୁହନ୍ତି । ପର୍ବପର୍ବାଣି, ବିବାହ ବ୍ରତଘର ହେଉ କିମ୍ବା କୌଣସି ସୁଖଦୁଃଖ ସମୟରେ ସମସ୍ତେ ପରସ୍ପର ଗାଁକୁ ଯିବା ଆସିବା କରିଥାନ୍ତି । କିନ୍ତୁ ଗୁପ୍ତେଶ୍ୱର ପଞ୍ଚାୟତରେ ବସବାସ କରୁଥିବା ଦୁରୁଆ ଜନଜାତିଙ୍କୁ ଛତିଶଗଡ଼ ହେଉ କିମ୍ବା କୋଟପାଡ଼ରେ ରହୁଥିବା ସମ୍ପର୍କୀୟଙ୍କ ପାଖକୁ ଯିବା ପାଇଁ ପ୍ରତିବନ୍ଧକ ସାଜିଛି ସାବେରୀ ନଦୀ । ଛତିଶଗଡ଼ ଏବଂ ଓଡ଼ିଶାର ସୀମାରେ ଥିବା ସାବେରୀ ନଦୀରେ ପୋଲ ନିର୍ମାଣ ହୋଇନଥିବାରୁ ଲୋକେ ଡଙ୍ଗା ଉପରେ ନିର୍ଭର କରିଥାନ୍ତି । ପ୍ରତିଦିନ ଦୁରୁଆ ଜନଜାତିର ଲୋକେ ନିଜ ବ୍ୟବସାୟ କରିବା ପାଇଁ ଛତିଶଗଡ଼ର ତିରିଆ ଗ୍ରାମକୁ ଯାଇଥାନ୍ତି । ସବୁଦିନ ସେମାନେ ନିଜ ଜୀବନକୁ ବାଜି ଲଗାଇ ଭଙ୍ଗା ଦଦରା ଡଙ୍ଗାରେ ଯାତାୟତ କରିଥାନ୍ତି । ଏପଟେ ଦେହରେ କୌଣସି ସୁରକ୍ଷା କବଚ ନଥିବା ବେଳେ ସେପଟେ କୁମ୍ଭୀର ଭୟ । ଏଭଳି ବିପଦପୂର୍ଣ୍ଣ ଯାତ୍ରା କରନ୍ତି ବୈପାରିଗୁଡା ବ୍ଲକର ଗୁପ୍ତେଶ୍ୱର ପଞ୍ଚାୟତରେ ବସବାସ କରୁଥିବା ଦୁରୁଆ ସଂପ୍ରଦାୟର ଲୋକେ । ବହୁବାର ନୂଆ ଡ଼ଙ୍ଗା ଯୋଗାଇ ଦେବା ପାଇଁ ସରକାରଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ଦୁରୁଆ ଜନଜାତିର ଲୋକେ । ଦୁରୁଆ ସମାଜ ପକ୍ଷରୁ ତାଲୁର ଘାଟ ପାଇଁ ଯଥାଶୀଘ୍ର ଏକ ନୂତନ ଡଙ୍ଗା ସହ ପୋଲ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ଗ୍ରାମବାସୀ ।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଗ୍ରାଜୁଏସନ୍ ଉତ୍ସବ




ରାୟଗଡ଼ା,୩୧।୩(ସମିସ): ରାୟଗଡା ସହରର ସ୍ଥାନୀୟ ନ୍ୟୁକଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଗ୍ରାଜୁଏସନ୍ ଉତ୍ସବ ପାଳିତ ହୋଇଯାଇଛି । ହାଇସ୍କୁଲର ପ୍ରିନ୍ସିପାଲ ରମେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍, ରାୟଗଡ଼ାର ସଭାପତି ନୀଳମଣି ପାଟଯୋଶୀ ଯୋଗ ଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମଣ୍ଟେସରିରୁ ପ୍ରଥମ ଶ୍ରେଣୀକୁ ଉନ୍ନୀତ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । କୁନି ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଥିଲା ଏବଂ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶେଷରେ ବିଦ୍ୟାଳୟର ଶିକ୍ଷା ସଂଯୋଜିକା ସୁନୀତା ଖାଡାଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତ ସମିତିସ୍ତରୀୟ ମିଳିତ ଜନଶୁଣାଣି

**ଧରାକୋଟ,୩୧।୩(ସମିସ):** ଧରାକୋଟ ବ୍ଲକର ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିସ୍ତରୀୟ ମନରେଗା, ସମଗ୍ର ଶିକ୍ଷା, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଜଙ୍ଗଲ ବିଭାଗର ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଉପଜିଲ୍ଲାପାଳ ଛତ୍ରପୁର ପାର୍ଥସାରଥୀ ହାଁସଦା, ବିଡିଓ ସଂଗ୍ରାମ କେଶରୀ ଜେନା, ଏବିଡିଓ ସୁଶିଲ ପଟନାୟକ, ସହକାରି ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ବିଇଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ସୌରୀ ଶଙ୍କର ବେହେରା, ଏପିଓ ନନ୍ଦିନୀ ଦାସ, ବିଏସଏ ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୨୦୨୫-୨୬ ଆର୍ଥିକ ବର୍ଷରେ ଏପ୍ରିଲ ମାସ ଠାରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ମନରେଗା ଯୋଜନାରେ ହୋଇଥିବା କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏହି ସମୟସୀମା ମଧ୍ୟରେ ତିନି ଲକ୍ଷ ପଚିଶ ହଜାର ନଅସହ ଷାଠିଏ ଗୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ୧୩୫ ଜଣ ଜବକାର୍ଡ ଧରି ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଥିବା ଜଣାଯାଇଛି। ସେହିପରି ସମଗ୍ରଶିକ୍ଷାର ୨୮ ଗୋଟି ବିଦ୍ୟାଳୟର ସମୀକ୍ଷା କରାଯାଇଥିଲା। ଅନ୍ୟ ଲାଇନ ବିଭାଗ ମଧ୍ୟରେ ମୃତ୍ତିକା ସଂରକ୍ଷଣ, ଉଦ୍ୟାନ ଓ ଜଙ୍ଗଲ ବିଭାଗର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଏସିପି ଅମେସ ବେହେରା, ସଞ୍ଜୀବ ରାଉଳ, ଦୀପକ ପଟ୍ଟନାୟକ ଓ ଆଶୁତୋଷ ପ୍ରଧାନ ସହଯୋଗ କରିଥିଲେ। ଏବିଡିଓ ସୁଶିଲ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ ମହାସଭା ପକ୍ଷରୁ ଦାବିପତ୍ର ପ୍ରଦାନ

**ଧରାକୋଟ,୩୧।୩(ସମିସ):** ଓଡ଼ିଶା ଦଳିତ ମହାସଭା ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ଦଳିତ ବର୍ଗର ପୁରୁଷ ଓ ମହିଳା ସେମାନଙ୍କୁ ସ୍ଥାୟୀ ଘର ପଟ୍ଟା ପ୍ରଦାନ ଓ ପ୍ରକୃତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ପାଇଁ ଆଜି ଅତିରିକ୍ତ ତହସିଲଦାର ଓ ବିଡିଓଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଦଳିତ ମହାସଭାର ଜିଲ୍ଲା ସଭାପତି ସଞ୍ଜୀବ ନାୟକ, ସାଧାରଣ ସମ୍ପାଦକ ସଂଗ୍ରାମ ନାୟକ, ବ୍ଲକ ସଭାପତି ନିରଞ୍ଜନ ନାୟକ, ଉପ ସଭାପତି ରୋହିତ ନାୟକ, ସହ ସମ୍ପାଦକ ମିଥୁନ ପରିଚ୍ଛା, କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ ଓ ଏଆଇକେଏମଏସର ରାଜ୍ୟ ସମ୍ପାଦକ ପ୍ରତାପ ନାୟକଙ୍କ ନେତୃତ୍ୱରେ ଧରାକୋଟ ବ୍ଲକର ବରଡାବିଲି ପଞ୍ଚାୟତର ହରିପୁର, ପ୍ରତାପୁର, ବରଡାବିଲି, ବନ୍ୟା ନଗର ପ୍ରଭୃତି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାରଙ୍କ ସହ ଆଲୋଚନା କରାଯାଇ ଦାବିପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କୁ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉନଥିବା ଅଭିଯୋଗ କରିଥିଲେ। ବିଡିଓ ନିରପେକ୍ଷ ଭାବେ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଆବାସ ଗୃହ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଥିଲେ।

## ଅନ୍‌ସ୍ଲୋ ହାଇସ୍କୁଲରେ ଆଲୋଚନାଚକ୍ର

**ଛତ୍ରପୁର,୩୧।୩(ସମିସ):** ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ନିର୍ଦ୍ଦେଶକ୍ରମେ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଛତ୍ରପୁର ସ୍ଥିତ ଅନସ୍ଲୋ ଉଚ୍ଚ ବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଉତ୍କଳ ସମ୍ମିଳନୀ ଶାଖାର ସଭାପତି ଡ଼ଃ ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଦୁଇଶହ ରୁ ଉର୍ଦ୍ଧ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିଥିଲେ। "ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀ ଏବଂ ଆମ ପୂର୍ବସୁରୀମାନଙ୍କ ଅବିସ୍ମରଣୀୟ ଅବଦାନ" ବିଷୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ଛତ୍ରପୁର ଶାଖାର ଉପଦେଷ୍ଟା ଡ଼ଃ ରାଜେନ୍ଦ୍ର କୁମାର ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ଶିକ୍ଷକ ବିଦ୍ୟାଧର ଦାସ ଓ ସଞ୍ଜୟ କୁମାର ବେହେରା, ଶିକ୍ଷୟିତ୍ରୀ ଅଞ୍ଜନାଶ୍ରୀ ବଡ଼ତ୍ୟା ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ନିର୍ମାତା ଉତ୍କଳ ଗୌରବ ବାରିଷ୍ଟର ମଧୁସୂଦନ ଦାସଙ୍କ ସହିତ ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନର ଅନ୍ୟାନ୍ୟ ବରପୁତ୍ରମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ବିଦ୍ୟାର୍ଥୀ ମାନଙ୍କୁ ସେହି ମହାପୁରୁଷ ମାନଙ୍କ ଆଦର୍ଶରେ ପ୍ରେରିତ ହୋଇ ଜଣେ ଦାୟିତ୍ୱଶୀଳ ଓ ଆଦର୍ଶ ନାଗରିକ ହେବା ପାଇଁ ଅତିଥିମାନେ ଆହ୍ୱାନ ଜଣାଇଥିଲେ। ଶିକ୍ଷୟିତ୍ରୀ ଅଞ୍ଜନାଶ୍ରୀ ବଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଜଣେ ଗୁରୁତର

**ପାତ୍ରପୁର,୩୧।୩(ସମିସ):** ପାତ୍ରପୁର ଗ୍ରାମର ଜଣେ ଯୁବକ ସାପ କାମୁଡାରେ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଶିବ ଶଙ୍କର ସାହୁ (୩୧)। ସୋମବାର ସେ ତାଙ୍କ ଚା'ଦୋକାନ ବନ୍ଦ କରି ଆସି ଘରେ ଖାଇସାରି ଶୋଇଥିଲେ। ଏହି ସମୟରେ ଏକ ଚିତିସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନେଇଥିଲେ। ହେଲେ ଆଇସିୟୁ ଆବଶ୍ୟକତା ରହିଥିବା ହେତୁ ତାଙ୍କୁ ଶୀତଳାପଲ୍ଲୀ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଟମାଟୋ ଫସଲ କ୍ଷତିର କାରଣ ଖୋଜିଲା ବୈଷୟିକ ଟିମ୍

**ବ୍ରହ୍ମପୁର,୩୧।୩(ସମିସ)**



ଗଞ୍ଜାମ ଜିଲ୍ଲାର ଗଞ୍ଜାମ ଓ ଛତ୍ରପୁର ଅଞ୍ଚଳରେ ବହୁଳ ଭାବେ ଟମାଟୋ ଚାଷ ହୋଇଥାଏ। ଚଳିତବର୍ଷ ମଧ୍ୟ ଏ ଅଞ୍ଚଳ ବ୍ୟତୀତ ସାରା ଜିଲ୍ଲାରେ ପ୍ରଚୁର ଭାବେ ଟମାଟୋ ଚାଷ ହୋଇଥିବା ବେଳେ ଏହାର ମୂଲ୍ୟ ଏବେ ସାରା ବଜାରରେ କମ୍ ରହିଛି। କିନ୍ତୁ ସବୁବର୍ଷ ପରି ଏ ବର୍ଷ ଗଞ୍ଜାମ ବ୍ଲକ ନିକଟସ୍ଥ ଗ୍ରାମମାନଙ୍କରେ ଟମାଟୋରେ ଦେଖାଯାଇଥିବା ଅଜଣା ରୋଗ ଚାଷୀଙ୍କର ମେରୁଦଣ୍ଡ ଭାଙ୍ଗିଦେଇଛି।

ସୂଚନାପ୍ରକାରେ ହୁମ୍ମା, ରମ୍ଭା ନିକଟବର୍ତ୍ତୀ ସାନ ରାମଚନ୍ଦ୍ରପୁର, ସୁବଳୟା, ଗୋବିନ୍ଦପୁର, କାଇଞ୍ଚପୁର ଅନ୍ତର୍ଗତ ଝାରପଦର, କଣ୍ଟାପଡ଼ା, ସିପକୁଦା, ମୁକୁନ୍ଦପୁର, ଝରେଡି, ନୂଆଗାଁ, ବୁରୁଡ଼ି, ମଧୁଆତୁଆ ଆଦି ବିଭିନ୍ନ ଗ୍ରାମରେ ଚାଷୀମାନେ ପ୍ରତିବର୍ଷ ଶହଶହ ଏକର ବିଭିନ୍ନ ଶଙ୍କର କିସମର କୋବି, ଟମାଟୋ ଆଦି ପନିପରିବା ଉତ୍ପାଦନ କରିଥାନ୍ତି। ଏବର୍ଷ ଅଦିନିଆ ଓ ଅତ୍ୟଧିକ ବର୍ଷାରେ ଫୁଲ କୋବି ନଷ୍ଟ ହୋଇଯାଇଥିଲା। ଏବେ ଏହି ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ଏକର ଟମାଟୋ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା। ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. କନ୍ଦ ଜେନା ଏକ ବୈଷୟିକ ଟିମ୍ ଅନୁଧ୍ୟାନ ପାଇଁ ଯାଇଥିଲେ।

କୃଷି ବିଜ୍ଞାନ କେନ୍ଦ୍ର, ବ୍ରହ୍ମପୁରର ମୁଖ୍ୟ ବୈଜ୍ଞାନିକ ଡ ସୁଜିତ୍ କୁମାର ନାଥ, ମୃତ୍ତିକା ବୈଜ୍ଞାନିକ ଡ. ଦେବାଶିଷ ଷଡ଼ଙ୍ଗୀ ବିଭିନ୍ନ ଗ୍ରାମର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟ ବୈଜ୍ଞାନିକ ଡ. ନାଥଙ୍କ କହିବା ଅନୁସାରେ ବାରମ୍ବାର ସମାନ ଜମିରେ ଟମାଟୋ କିସମ କରିବା ଦ୍ୱାରା ଏ ଅଞ୍ଚଳ ମାଟିରେ ଫୁଜାରିଆମ୍ ଏକ୍ସିସ୍ପୋରମ୍ ଲାଇକୋପର୍ଶିଶି ନାମକ କବକର ସଂଖ୍ୟା ବହୁଗୁଣରେ ବୃଦ୍ଧି ପାଇଛି। ଯାହାଦ୍ୱାରା ଟମାଟୋ ଗଛ ଝାଉଁଳି ମରିଯାଇଛି। ଏହାସହ ବୀଜାଣୁ ଜାତୀୟ ଝାଉଁଳା ରୋଗ ମଧ୍ୟ ହୋଇଛି। ଏଠି ଫସଲ ପରିବର୍ତ୍ତନ ନକଲେ ଏ ଜୀବାଣୁକୁ ନିୟନ୍ତ୍ରଣ କରିବା କଷ୍ଟକର। ସେମାନେ କରିଥିବା ବିଭିନ୍ନ କମ୍ପାନୀର କିସମ ଝାଉଳା ରୋଗ ନିରୋଧ ନୁହଁ ବୋଲି ସେ ପ୍ରକାଶ କରିଥିଲେ। ଭବିଷ୍ୟତରେ ଫସଲ ପରିବର୍ତ୍ତନ ସହ ସମନ୍ୱିତ ରୋଗ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ଡ. ନାଥ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୃତ୍ତିକା ବୈଜ୍ଞାନିକ ଡ ଷଡ଼ଙ୍ଗୀ ଫସଲରେ ଗୁଣବତ୍ତା ବୃଦ୍ଧି ପାଇଁ ବୋରୋନ, ମ୍ୟାଗନେସିଅମ, ସଲଫର୍ ଆଦିର ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ।

## ଖମ୍ବେଶ୍ୱରୀଙ୍କ ଚୈତ୍ରପର୍ବ ଉଦ୍‌ଯାପିତ

**ଆସିକା,୩୧।୩(ସମିସ):** ଗଞ୍ଜାମ ଜିଲ୍ଲାର ଆରାଧ୍ୟ ଦେବୀ ତଥା ଆସିକା ବିଜେ ମା' ଖମ୍ବେଶ୍ୱରୀ ଠାକୁରାଣୀଙ୍କ ଚୈତ୍ରପର୍ବର ଚତୁର୍ଥ ମଙ୍ଗଳବାର ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ନିଜ ସନ୍ତାନଙ୍କ ପ୍ରଥମ ଚୁଟି ଏହି ପୀଠରେ ପକାଇଲେ ପିଲାଙ୍କ ରୋଗବ୍ୟାଧି ଖଣ୍ଡନ ହେବା ସହ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୁଏ ବୋଲି ଆବାହମାନ କାଳରୁ ଏହି ପ୍ରଥା ଚାଲି ଆସିଛି। ତେଣୁ ପୀଠରେ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାରରେ ଭକ୍ତମାନେ ଆସି ପିଲାଙ୍କୁ ମୁଣ୍ଡନ କରି ମା'ଙ୍କ ପ୍ରିୟ ଭୋଗ ପଞ୍ଚାମୃତ ଅର୍ପଣ କରନ୍ତି। ମା'ଙ୍କ ସ୍ୱତନ୍ତ୍ର ପୂଜାବିଧି ଅନୁଯାୟୀ ପ୍ରାତଃକାଳରେ ଦୁଆର ଫିଟା ନୀତି,



ମହାସ୍ନାନ, ବେଶ, ଆଳତୀ, ବାଳଭୋଗ ପରେ ମାଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଭୋଗ, ପହଡ଼ ପରେ ସନ୍ଧ୍ୟା ଆଳତୀ ଏବଂ ରାତ୍ର ଭୋଗ ପରେ ଠାକୁରାଣୀଙ୍କ ବିଜେ ପ୍ରତିମା ଏକ ପିତଳ ସିଂହ ବିମାନରେ ବିରାଜମାନ କରାଯାଇ ମା' ନଗର ପରିକ୍ରମାରେ ଯାଆନ୍ତି। ଦିନ ତମାମ କାର୍ଯ୍ୟକ୍ରମକୁ ସୁପରିଚାଳନା ସକାଶେ କମିଟି ପକ୍ଷରୁ ତଦାରଖ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମେଇ ପାଣିଗ୍ରାହୀ, ମୁଖ୍ୟ ପୂଜାରି ମନୋଜ ମୁନୀଙ୍କ ତତ୍ତ୍ୱାବଧାନରେ ପୂଜା ନୀତି ସମାପନ ହୋଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## 'ଉତ୍କଳ ପ୍ରଦେଶ ଗଠନରେ ବଡ଼ଖେମୁଣ୍ଡିର ଅବଦାନ' ଆଲୋଚନାଚକ୍ର

**ଦିଗପହଣ୍ଡି,୩୧।୩(ସମିସ):** ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ପରିସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ମୃତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ''ଉତ୍କଳ ପ୍ରଦେଶ ଗଠନରେ ତତ୍କାଳୀନ ବଡ଼ଖେମୁଣ୍ଡି ବର୍ତ୍ତମାନର ଦିଗପହଣ୍ଡିର ଅବଦାନ' ଶୀର୍ଷକ ଆଲୋଚନାଚକ୍ରରେ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ରୂପେ ଇତିହାସ ଗବେଷକ ଡ଼. ଅନନ୍ତରାମ କର କୌଣ୍ଡିନ୍ୟ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ବଡ଼ଖେମୁଣ୍ଡିର ଭୂମିକା ସମ୍ପର୍କରେ ତଥ୍ୟ ଭିତ୍ତିକ ଉଦବୋଧନ ଦେଇଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚର ଦକ୍ଷିଣାଞ୍ଚଳ ପ୍ରମୁଖ ତଥା ଶିକ୍ଷାବିତ ମୃତ୍ୟୁଞ୍ଜୟ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ଓଡିଶା ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ରୂପେ କବିସୂର୍ଯ୍ୟ ସ୍ମୃତି ପରିଷଦ ସମ୍ପାଦକ ତଥା ଆଇନଜୀବୀ କୁରେଶୁ ପଣ୍ଡା ଯୋଗଦେଇ ଉତ୍କଳୀୟ ସଂସ୍କୃତିର ମହାନତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ପୂର୍ବତନ କାଉନସିଲର ନିରୁପମା ପଟ୍ଟନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର



ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଖେମୁଣ୍ଡି ଇତିହାସବିତ୍ ଡ଼. ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଉତ୍କଳ ପ୍ରଦେଶ ଗଠନର ଇତିହାସ ଏବଂ ଉତ୍କଳୀୟ ମହାପୁରୁଷଙ୍କ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ମମତା ଦେବୀ, ସୁନୀତା ମହାକୁଡ଼, ତୃପ୍ତି କୁମାରୀ ସାମଲ, ଶିବାନୀ ସାହୁ, ଶିକ୍ଷକ ସୁନୀଲ ମହାନ୍ତି, ସୀମାଞ୍ଚଳ ରେଡ୍ଡୀ, ଲୋକନାଥ ସେଠୀ, ଯୁଗୋପାଳ ପ୍ରମୁଖ ସହାୟତା କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

**ଗୋଷାଣି,୩୧।୩(ସମିସ):** ଗୋଷାଣି ବ୍ଲକ ଭୁଷୁକୁଡିରେ ପଞ୍ଚାୟତସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ସମୁଦାୟ ୫୪ ଅଭିଯୋଗର ଶୁଣାଣି କରିଥିଲେ। ସମୁଦାୟ ଅଭିଯୋଗ ମଧ୍ୟରେ ଆବାସିକ ପାଇଁ ୮, ଭିନ୍ନକ୍ଷମ ଭତ୍ତା ପାଇଁ ୧୫, ସମନ୍ୱୟଶିଶୁ ମହିଳା ବିଭାଗ ସମ୍ବନ୍ଧିତ ୯,



ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପାଇଁ ୫, ସ୍ୱଚ୍ଛ ଭାରତ ମିଶନର ୧୨, ଅନ୍ୟାନ୍ୟ ୫ ଅଭିଯୋଗ ରହିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ ପାଇଁ ବିଡିଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଭୁଷୁକୁଡି ସରପଞ୍ଚ ଟି. ବନଜାକ୍ଷୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ ପାତ୍ର ଉପସ୍ଥିତ ଥିଲେ। ୧୦ରୁ ଉର୍ଦ୍ଧ୍ୱଙ୍କୁ ଉତ୍ତରାଧିକାରୀ ପଟ୍ଟା ବଣ୍ଟନ କରାଯାଇଥିଲା। ଶୁଣାଣିରେ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଏପ୍ରିଲ ୫ରେ ୧୩ ଶମ୍ଭୁ ମିଳନ

**ବାଲିଗୁଡ଼ା,୩୧।୩(ସମିସ):** ଦିନକ ପରେ ଆସୁଛି ୧୩ ଦିନିଆ ଦଣ୍ଡଯାତ୍ରା। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ମା'କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡ଼ା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୭ ତମ ବାର୍ଷିକ ୧୩ ଶମ୍ଭୁ ମିଳନ ଏପ୍ରିଲ ୫ ରେ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପ୍ରିଲ ୧ରୁ ୧୪ ପର୍ଯ୍ୟନ୍ତ ସହରରେ ଆମିଷ ଦ୍ରବ୍ୟ ବିକ୍ରି ଓ ସେବନ ବନ୍ଦ କରି ସହଯୋଗ କରିବା ସହିତ ମା' କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି। ୧୩ ଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୫ ତାରିଖ ରବିବାର ସକାଳ ୮ଟାରେ ମା' ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଦଳକୁ ବରଣ କରାଯିବ। ସାଢ଼େ ୧୧ଟା ବେଳେ ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ, ଅପରାହ୍ନ ସାଢ଼େ ୪ଟାରେ ବନ୍ଧପାଖରେ ପାଣିଦଣ୍ଡ ଅପରାହ୍ନ ୫ଟାରେ ବଜାର ଛକ ନିକଟରେ ୧୩ ଦଣ୍ଡର ମହାମିଳନ ହେବ। ରାତ୍ର ୮ରୁ ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାତ୍ର ୧୧ଟାରେ ଝୁଣାଦଣ୍ଡର ଏକ ବିରାଟ ପଟୁଆର ହେବା ସହ ୬ ତାରିଖ ସକାଳ ୮ଟାରେ ଯାତ୍ରା ସମାପ୍ତ ହେବ।

**୧ରୁ ଆମିଷ ବିକ୍ରି ଓ ସେବନ ବନ୍ଦ**

## ମନ୍ଦିର ପ୍ରତିଷ୍ଠା ଲାଗି ଶୁଭଖୁଣ୍ଟି ସ୍ଥାପନ



**ସାନଖେମୁଣ୍ଡି,୩୧।୩(ସମିସ):** ସାନଖେମୁଣ୍ଡି ବ୍ଲକ ଅଧିନସ୍ଥ ରାଧାଦେଇପୁର ପଞ୍ଚାୟତରେ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଥିବା ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କ ନୂତନ ଚତୁର୍ଦ୍ଧା ବିଗ୍ରହ ସହିତ ବୈଷ୍ଣବ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ନିମନ୍ତେ ସୋମବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ୧୬ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରତିଷ୍ଠା ଉତ୍ସବରେ ପୁରୋହିତ ଟୁକୁଲା ପାଢ଼ୀ ପୂଜା କାର୍ଯ୍ୟ କରୁଥିବା ବେଳେ କର୍ତ୍ତା ଭାବେ ବ୍ରହ୍ମପୁର ଗୋଷାଣୀନୂଆଁଗା ଅଞ୍ଚଳର ନରସିଂହ ଚୋଧୁରୀ ଓ ତାଙ୍କ ଧର୍ମପତ୍ନୀ ଝୁନୁ ଚୌଧୁରୀ ଉପସ୍ଥିତ ଥିଲେ। ସେହିପରି ରାଧାଦେଇପୁର ସରପଞ୍ଚ ରାକେଶ ପାତ୍ର, ସମିତି ସଭ୍ୟ ନୀଳାଞ୍ଚଳ ପ୍ରଧାନ, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ସମିତି ସଭ୍ୟ ପ୍ରତିନିଧି ଶୁକଦେବ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରତିନିଧି ଶଙ୍କର ସ୍ୱାଇଁ, ସଭାପତି ରାଜ କିଶୋର ପାଢ଼ୀ, ଯାତ୍ରା କମିଟି ସଭାପତି ଦିଲ୍ଲୀପ ପାଣିଗ୍ରାହୀ, ସମ୍ପାଦକ, କୋଷାଧ୍ୟକ୍ଷ ଶ୍ରୀନିବାସ ସାହୁଙ୍କ ସମେତ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**କୁକୁଡାଖଣ୍ଡି, ୩୧।୩(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅଧିନସ୍ଥ ନିମଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନିଆ ନିମଖଣ୍ଡି କ୍ଲଷ୍ଟରସ୍ତରୀୟ ଶିକ୍ଷାଦାନ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିମଖଣ୍ଡି କ୍ଲଷ୍ଟର ସିଆରସିସି ଲୋକନାଥ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଜଣେ ଜଣେ ସହକାରୀ ଶିକ୍ଷକ /ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

ପୁରୁଣାପାଟଣା ସିଆରସିସି ହୃଷୀକେଶ ପାଣିଗ୍ରାହୀ, ଲାଠୀ ସିଆରସିସି ଡ. ଗୋବିନ୍ଦ ଚନ୍ଦ୍ର ମହାକୁଡ, ଆଙ୍କୁଶପୁର ସିଆରସିସି ସୁଶାନ୍ତ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ କର୍ମଚାରୀ ଜିତେନ୍ଦ୍ର କୁମାର ସାହୁ ଏବଂ ସନ୍ତୋଷ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ଲଷ୍ଟରର ଶିକ୍ଷକ /ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମା ରଥ, ରଞ୍ଜିତାରାଣୀ ଦାଶ, ଉଷାରଣୀ ସାହୁ, ଶ୍ୟାମାସୁନ୍ଦର ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାତ୍ର, ରଶ୍ମିତା ପାଢ଼ୀ, ମମତା ତିଆଡ଼ି, ଆରତୀ ବେହେରା, ପରମେଶ୍ୱରୀ ସେଠୀ, ଭାଗ୍ୟଶ୍ରୀ ଗୌଡ଼, କବିତା କୁମାରୀ ଧର, ରଶ୍ମିତା ପାତ୍ର, ସସ୍ମିତା କୁମାରୀ ସାହୁ, କାଜଲ ପଣ୍ଡା, ସରିତା ପାଢ଼ୀ, ରବି ମିଶ୍ର ଏବଂ ସନ୍ତୋଷ କୁମାର ସାହୁ ପ୍ରମୁଖ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ




**ଛତ୍ରପୁର,୩୧।୩(ସମିସ):** ଗଞ୍ଜାମ ଜିଲ୍ଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ ୨୦୨୬ ପାଳିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ ଜଣ ଟ୍ରାନ୍ସଜେଣ୍ଡର ଭାଗ ନେଇଥିଲେ। ଟ୍ରାନ୍ସଜେଣ୍ଡର ମାନଙ୍କ ଅଧିକାର ସମ୍ବନ୍ଧୀୟ ଜନସଚେତନତା ପାଇଁ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲ୍ଲା ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ତାପରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ପୌରହିତ୍ୟ କରି କହିଥିଲେ ଯେ, ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ମାଧ୍ୟମରେ ଟ୍ରାନ୍ସଜେଣ୍ଡରମାନଙ୍କ ସାମାଜିକ, ଆର୍ଥିକ ବିକାଶ ପାଇଁ ସରକାର ରୀତିମତ ପ୍ରଚେଷ୍ଟା ଚଳାଇ ଆସିଛନ୍ତି। ଯାହାଦ୍ୱାରା ଟ୍ରାନ୍ସଜେଣ୍ଡରମାନଙ୍କ ପ୍ରତି ଜନସାଧାରଣଙ୍କ ମାନସିକତା ବଦଳିଲାଣି। ଏହି ଅବସରରେ ୫ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରଯାଇଥିଲା।

କାର୍ଯ୍ୟକ୍ରମରେ ଓଡିଶା ଟ୍ରାନ୍ସଜେଣ୍ଡର ସଂଘର ରାଜ୍ୟ ସଭାପତି ସ୍ୱିଟି ସାହୁ, ଗଞ୍ଜାମ ଜିଲ୍ଲା ଟ୍ରାନ୍ସଜେଣ୍ଡର ସଂଘ ସମ୍ପାଦକ ମନୋଜ ତରାଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବ୍ରହ୍ମପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାହୁ, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲ୍ଲାକୁ ତିନି ଜାତୀୟ ପୁରସ୍କାର

**ଛତ୍ରପୁର,୩୧।୩(ସମିସ)**

ପୁଣି ରାଜ୍ୟରେ ଗଞ୍ଜାମ ଜିଲ୍ଲା ସୁନାମ ଆଣିଛି। ଜିଲ୍ଲାକୁ ୩ଟି ଜାତୀୟ ପୁରସ୍କାର ମିଳିଛି। ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ ୨ଟି ପଞ୍ଚାୟତ କୃତିତ୍ୱ ଲାଭ କରିଛି। ସେହିପରି ନାନାଜୀ ଦେଶମୁଖ ସର୍ବୋତମ ପଞ୍ଚାୟତ ସତତ ବିକାଶ ପୁରସ୍କାରରେ ଗଞ୍ଜାମ ଜିଲ୍ଲା ଗୌରବାନ୍ୱିତ ହୋଇଛି। ଏନେଇ କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ବିଜୟ କୁମାର ବେହେରା ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସମଗ୍ର ରାଜ୍ୟରେ ୫ଟି ପଞ୍ଚାୟତ ଏଥିରେ ପୁରସ୍କୃତ ହେବେ। ସେଥିରୁ ୩ଟି ଗଞ୍ଜାମ ଜିଲ୍ଲାରୁ ରହିଛି। ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ ଛତ୍ରପୁର ବ୍ଲକର ପୋଟଲାମପୁରକୁ ଦେଶର ୩ୟ ସୁସ୍ଥ ପଚାଂୟତ ଭାବେ ଘୋଷଣା କରାଯାଇଛି।



ଏହି ପୁରସ୍କାର ବର୍ଗରେ ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ସାମାଜିକ ସୁରକ୍ଷିତ ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଛି। ସେ ଦ୍ୱିତୀୟ ସ୍ଥାନ ରହିଛି। ସେହିପରି ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାରରେ ଗଞ୍ଜାମ ଜିଲାକୁ ଜିଲା ପଚାଂୟତ ଭାବେ ପୁରସ୍କୃତ କରାଯିବ। ସେ ଦେଶରେ ୨ୟ ସ୍ଥାନ ରହିଛି ଓ ଗଞ୍ଜାମ ଜିଲାପାଳ ଭି.କିର୍ତି ଭାସନ ପୁରସ୍କୃତ ହେବାକୁ ଥିବା ସମସ୍ତ ପଚାଂୟତବାସୀ ଓ ଜନପ୍ରତିନିଧି ଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହା ଜିଲାପାଇଁ ଗୌରବର ବିଷୟବୋଲି କହିଥିଲେ। ସ୍ଥାନୀୟଅଞ୍ଚଳରେ ବିକାଶ ଲକ୍ଷ୍ୟକୁ ନେଇ ଧାର୍ଯ୍ୟ ଥିବା ୯ଟି ମାନଦଣ୍ଡ ରହିଛି, ଏହି ପୋଷଣୀୟ ବିକାଶ ଧାରା କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା କରିବାରେ ସଫଳ ହୋଇପାରିଛନ୍ତି। ଫଳରେ ଗଞ୍ଜାମ ଜିଲ୍ଲା ସର୍ବଭାରତୀୟ ସ୍ତରରେ ସୁନାମ ବଜାୟ ରଖିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ କହିଥିଲେ। ସେହିପରି ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ଯୋଜନାରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତ ଜଳସମୃଦ୍ଧ ଏବଂ ସୁନ୍ଦରଗଡ ଜିଲାର ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତକୁ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ଏନେଇ ଆଜି ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ଯୁବନେତା ବନୋଜ ନାହାକଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ମାନେ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜୀତ ସାହୁଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହିତ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷୀକ ଡାକ୍ତର ସ୍ୱାଧୀନ ରଥ, ପୋଟଲାମପୁର ପଞ୍ଚାୟତର ସମସ୍ତ ଷ୍ଟାଫ ଏବଂ ପଞ୍ଚାୟତବାସୀଙ୍କୁ ସରପଞ୍ଚ ଏବଂ ସମିତି ସଭ୍ୟ ଧନ୍ୟବାଦ ଜଣାଇଛନ୍ତି।

# ମେହେରପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ



ସିନାପାଲି, ୩୧।୩(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ସହରର ମେହେରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଅସ୍ମିତା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବିଇଓ ଯତିନ୍ଦ୍ର କୁମାର ସେଠ, ମୁଖ୍ୟବକ୍ତା ସିଆରସିସି ବଂଶୀଧର ଜଗତ ଓ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସୁନିତା ମେହେର, ବରିଷ୍ଠ ଶିକ୍ଷକ ହୃଦାନନ୍ଦ ମେହେର, କିଶୋର କୁମାର ସାହୁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶନର ଏକ ସୁନ୍ଦର ସୁଯୋଗ ଆଣି ଦେଉଥିବାରୁ ଏହା ପିଲାଙ୍କ ମନରେ ଆଗ୍ରହ ଓ ଉତ୍ସାହ ଭରିଦିଏ ବୋଲି ଅତିଥିମାନେ ମତ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ରୀତାଞ୍ଜଳି ଚାନ୍ଦ ଓ ମିତା ମେହେରଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ଦେବପୂଜନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକନାଥ ମେହେର ଓ ସନ୍ତୋଷିନୀ ମେହେର ମଞ୍ଚ ପରିଚାଳନା କରିଥିଲେ। ପରେ ବିଦ୍ୟାଳୟର ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହକୁ ଅତିଥିମାନେ ଉଦଘାଟନ କରିଥିଲେ। ଏ ଅବସରରେ ଗତ ଶିକ୍ଷାବର୍ଷର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ଲୋକନାଥ ମେହେର ଧନ୍ୟବାଦ ଦେଇଥିଲେ।

**ସମସ୍ୟା ଘେରରେ ଭଟାଜରିଗାଁ**

# ସ୍ୱାସ୍ଥ୍ୟସେବା, ଗମନାଗମନ, ବିଜୁଳି, ପାଣି ସ୍ୱପ୍ନ

ଲାଞ୍ଜିଗଡ଼, ୩୧।୩(ସମିସ)

ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ପଞ୍ଚାୟତର ଆଦିବାସୀ ଗାଁ ଭଟାଜରି। ଏହି ଗାଁରେ ୩୫ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ହେଲେ ଗାଁରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ଏଥିମଧ୍ୟରୁ ସ୍ୱାସ୍ଥ୍ୟ ସେବା, ଗମନାଗମନ, ବିଜୁଳି ଓ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ଠାରୁ ୨୧ କି:ମି ଦୂରରେ ରହିଥିବା ବେଳେ ପଞ୍ଚାୟତ ମୁଖ୍ୟାଳୟଠାରୁ ମାତ୍ର ୬ କିମି ଦୂରରେ ରହିଛି। ଉତ୍ତମ ସ୍ୱାସ୍ଥ୍ୟସେବା, ଗମନାଗମନ, ବିଜୁଳି ଓ ପାନୀୟ ଜଳ ସଂଯୋଗ ଆଦି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହିଛି। ବର୍ଷ ବର୍ଷରୁ ଅଧିକ ସମୟ ଧରି ଆଦିବାସୀମାନେ ଏଠି ଘରକରି ରହୁଥିଲେ ମଧ୍ୟ ରାସ୍ତା ମୁଖ୍ୟ ସମସ୍ୟା ହୋଇ ରହିଛି। ଯାହାଫଳରେ ଗାଁ ବିକାଶରେ ବାଧକ ସାଜିଛି। ୨ କିମି ଦୂର ପଥରିଆ ପାଦଚଲା ରାସ୍ତାରେ ହିତାଧିକାରୀ ପଞ୍ଚାୟତ ପିଡ଼ିଏସ ଚାଉଳ ଓ ଭତ୍ତା ପାଇଁ ଆସୁଥିବା



ବେଳେ ନାହିଁନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଗାଁରୁ ୨ କିମି ପଥରିଆ ରାସ୍ତାରେ ଯିବା ପରେ ଲାଞ୍ଜିଗଡ଼ ଠାରୁ ବେନଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାପଡ଼େ। ଗାଁରେ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ। ଫଳରେ ଅନେକ ରୋଗୀ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ରହୁଛନ୍ତି। ଗାଁକୁ ଆମ୍ବୁଲାନ୍ସ ଯାଇନପାରିବାରୁ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ୨ କି:ମି ଦୂର ମୁଖ୍ୟ ରାସ୍ତାକୁ ଆଣିଥିବା ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଥିଲା। ରାସ୍ତାକୁ ନେଇ ବାରମ୍ବାର ଅଭିଯୋଗ ପରେ ମାସେକ ତଳେ ସେହି ପଥରିଆ ରାସ୍ତା ଉପରେ ଲାଞ୍ଜିଗଡ଼ ପଞ୍ଚାୟତ ପକ୍ଷରୁ ମାଟି ପକା ଯାଇଛି। ଯାହାକି ବର୍ଷା ଦିନେ ବାଇକ ଯିବା ମଧ୍ୟ ସମ୍ଭବ ହେବନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗାଁରେ ବିଜୁଳି ପାଇଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଗାଁକୁ ବିଜୁଳି ସଂଯୋଗ ହୋଇପାରିଲା ନାହିଁ। କିନ୍ତୁ କିଛି ଏନ୍‌ଜିଓ ମାଧ୍ୟମରେ ସୌରଶକ୍ତି ଚାଳିତ ଲାଇଟ ଆଦିବାସୀଙ୍କୁ ଯୋଗାଇ ଦିଆଯାଇଥିଲା। ତାହା ମଧ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଧିକାଂଶ ଅଚଳ ହୋଇପଡ଼ିରହିଛି। ସଜାଡିବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ। ଏହାର ଫାଇଦା ଉଠାଇ କିଛି ଠକ ଗାଁକୁ ଯାଇ ତମ ସୋଲାର ସଜାଡି ଦେବୁ କହି ନେଇଥିଲେ। କିନ୍ତୁ ଆଉ ସେମାନଙ୍କ ଦେଖାନାହିଁ। ବର୍ତ୍ତମାନ ଗାଁରେ ସେହିପରି ସୋଲାର ଲାଇଟ ମାଧ୍ୟମରେ ପାନୀୟ ଜଳ ଯୋଗାଣ ମଧ୍ୟ ହୋଇଛି। କିନ୍ତୁ ଏହା ସମସ୍ତ ପରିବାରଙ୍କୁ ପାଣି ପହଁଚୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ବି କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ କହିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

କୋକସରା, ୩୧।୩(ସମିସ): କୋକସରା ଥାନା ମାଝୀଗୁଡାଗ୍ରାମର ଜଣେ ମହିଳା ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତ ମହିଳା ଗ୍ରାମର ବଡରଣାପଡ଼ାର ଲଳିତ ରଣାଙ୍କ ସ୍ତ୍ରୀ ହାରାରଣା (୬୫) ବୋଲି ସୂଚନା ମିଳିଛି। ସେ ମଙ୍ଗଳବାର ସକାଳୁ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ପାଣି ଭିତରେ ବୁଡ଼ିଯାଇଥିଲେ। ପରେ ପରିବାର ଓ ସ୍ଥାନୀୟ ଲୋକେ କୋକସରା ଥାନାକୁ ଖବର ଦେଇଥିଲେ। ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଥିଲେ। କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ହାବିଲଦାର ସୁନୀଲ ରଞ୍ଜନ ବାରଲା, କର୍ମଚାରୀ ଦେବାଶିଷ ମହାପାତ୍ର, ଉମାଶଙ୍କର ନାଏକ, ସତ୍ୟମ ମାଝୀ, ଲଳିତ ପୁଟେଲ ପ୍ରମୁଖ ଶବ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ କୁ ପଠାଇଥିଲେ। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ହେବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ସିନାପାଲି ସହର ରିଙ୍ଗରୋଡ୍ ପାଇଁ ଡିପିଆର ପ୍ରସ୍ତୁତ

ସିନାପାଲି, ୩୧।୩(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ସହରର ଦୀର୍ଘଦିନର ଦାବି ରିଙ୍ଗରୋଡ୍ ପ୍ରକଳ୍ପ ଏବେ ପ୍ରାୟୋଗିକ ରୂପ ନେବାକୁ ଯାଉଛି। ଖଡ଼ିଆଳ ବିଧାୟକ ଅଧୀରାଜ ପାଣିଗ୍ରାହୀ ଉଦନ୍ତୀ ମହୋତ୍ସବର ଶେଷ ସନ୍ଧ୍ୟାରେ ଘୋଷଣା କରିଥିଲେ ଯେ, ପ୍ରସ୍ତାବିତ ରିଙ୍ଗ ରୋଡ୍ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ହୋଇସାରିଛି। ବର୍ତ୍ତମାନ ସିନାପାଲି ସହର ଦ୍ରୁତ ନଗରୀକରଣ ବଢୁଥିବା ସମୟରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଗମ୍ଭୀରରୂପ ଧାରଣ କରୁଛି। ବର୍ଦ୍ଧିତ ଯାନବାହନ ଚାପ ଓ ସଂକୀର୍ଣ୍ଣ ମୁଖ୍ୟ ରାସ୍ତା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟା ସାଧାରଣ ଘଟଣା ହୋଇପଡ଼ିଛି। ବିଶେଷକରି ଖରିଆର, ବୋଡେନ, କଳାହାଣ୍ଡି, ହାଇଦ୍ରାବାଦ ଓ ଛତିଶଗଡ଼କୁ ଯାଉଥିବା ବସ୍ ସାଙ୍ଗକୁ ଭାରୀ ଯାନବାହନ ସହର ମଝିରୁ ଯାଉ ଥିବାରୁ ଅବସ୍ଥା ଅଧିକ ଜଟିଳ ହେଉଛି। କିଛି ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ସିନାପାଲିକୁ ଏନ୍‌ଏସି ଭାବେ ଘୋଷଣା କରାଯିବା ପରେ ସହରର ଗୁରୁତ୍ୱ ଆହୁରି ବଢ଼ିଛି। ପ୍ରସ୍ତାବିତ ରିଙ୍ଗ ରୋଡ୍ ପ୍ରକଳ୍ପକୁ ଏକ ଦୃଢ଼ ସମାଧାନ ଭାବେ ଦେଖାଯାଉଛି। ପ୍ରାୟ ୨ କିଲୋମିଟର ଲମ୍ବା ଏହି ରାସ୍ତା ଉଦନ୍ତୀ ନଦୀ କୂଳ ଦେଇ କାପସିରୁ ଯୁଗେନପଦର (ନୂତନ ବସ୍‌ଷ୍ଟାଣ୍ଡ) ପର୍ଯ୍ୟନ୍ତ ନିର୍ମିତ ହେବା ପ୍ରସ୍ତାବ ରହିଛି। ଏହା ଚାଲୁ ହେଲେ ସହର ମଧ୍ୟରୁ ଭାରୀ ଯାନବାହନର ଚଳାଚଳ କମିବା ସହିତ ଟ୍ରାଫିକ ଜାମ୍ ଓ ଦୁର୍ଘଟଣା ହାର ହ୍ରାସ ପାଇବ। ଏହି ରିଙ୍ଗ ରୋଡ୍ ପ୍ରକଳ୍ପ ସହରର ଯାତାୟାତ ସମସ୍ୟାକୁ ଦୂର କରିବା ସହିତ ଆଗାମୀ ଦିନରେ ବିକାଶର ଦ୍ୱାର ଖୋଲିଦେବ। ସ୍ଥାନୀୟ ଲୋକମାନେ ମଧ୍ୟ ଏହି ପ୍ରକଳ୍ପକୁ ସ୍ୱାଗତ କରି ଶୀଘ୍ର କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

# ବୁଢ଼ୀ ଗଙ୍ଗାଦେବୀଙ୍କ ଚଇତ୍ରା ଯାତ୍ରା

ଭବାନୀପାଟଣା, ୩୧।୩(ସମିସ): ଭବାନୀପାଟଣାର ନଗରଦେବୀ ହେଉଛନ୍ତି ବୁଢ଼ୀ ଗଙ୍ଗାଦେବୀ ଠାକୁରାଣୀ। ସହରର ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଭିତରେ ରହିଛି ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀଙ୍କ ଗୁଡ଼ି ବା ମନ୍ଦିର। ପ୍ରତିବର୍ଷ ଚୈତ୍ର ମାସର ତୃତୀୟ ମଙ୍ଗଳବାରରୁ ଶେଷ ମଙ୍ଗଳବାର ଯାଏଁ ସପ୍ତାହ ବ୍ୟାପି ବୁଢ଼ୀ ଗଙ୍ଗାଦେବୀ ଠାକୁରାଣୀଙ୍କ ଚଇତ୍ରା ଯାତ୍ରା ଅନୁଷ୍ଠିତ ହୋଇଥାଏ।



ପରମ୍ପରା ଅନୁଯାୟୀ ଚୈତ୍ର ତୃତୀୟ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ରାଜ ପ୍ରାସାଦରେ ମହାରାଜାଙ୍କ ତରଫରୁ ବୁଢ଼ୀ ଗଙ୍ଗା ଦେବୀ ଠାକୁରାଣୀଙ୍କ ଘଟ ବା ଘଣ୍ଟରେ ଅରୁଆ ଚାଉଳ ପୂର୍ଣ୍ଣକରି ବଟାହଳଦୀ ଘଣ୍ଟରେ ପ୍ରଲେପ କରି ପୂଜାର୍ଚ୍ଚନା କରାଯାଇଥାଏ। ତାପରେ ରାଜ ପ୍ରାସାଦରୁ ଦେବୀଙ୍କ ଘଣ୍ଟକୁ ମୁଣ୍ଡରେ ବୋହି ପୂଜାରୀ ନଗର ପରିକ୍ରମା କରିଥାନ୍ତି। ତୃତୀୟ ମଙ୍ଗଳବାରରୁ ଆରମ୍ଭ କରି ରବିବାର ଯାଏଁ ଦେବୀଙ୍କ ଘଣ୍ଟ ସହରର ବିଭିନ୍ନ ପଡ଼ା ପରିକ୍ରମା କରିଥାନ୍ତି। ପ୍ରତ୍ୟେକ ଘର ସାମନାରେ ଶ୍ରଦ୍ଧାଳୁ ମାନେ ଧୂପ, ଦୀପ, ନୈବେଦ୍ୟ ଓ ପଣା ଦେବୀଙ୍କୁ ଅର୍ପଣ କରିଥାନ୍ତି। ଛୋଟ ଛୋଟ ଶିଶୁମାନେ ମଙ୍ଗଳ କାମନା କରି ଦେବୀଙ୍କ ଘଣ୍ଟ ସାମନାରେ ରାସ୍ତାରେ ଶୋଇ ଥାନ୍ତି। ଦେବୀଙ୍କ ଘଣ୍ଟ ମୁଣ୍ଡରେ ବୋହୁଥିବା ପୂଜାରୀ ଶୋଇ ଥିବା ଶିଶୁମାନଙ୍କୁ ଡେଇଁ ଡେଇଁ ଯାଆନ୍ତି। ସୋମବାର ଦିନ ଦେବୀଙ୍କ ବିଶ୍ରାମ। ଚୈତ୍ର ଶେଷ ମଙ୍ଗଳବାର ଦିନ ମନ୍ଦିରରେ ଅନୁଷ୍ଠିତ ହୋଇଥାଏ ଚଇତ୍ରା ଯାତ୍ରା। ଶ୍ରଦ୍ଧାଳୁମାନେ କାମନା କରି ଦେବୀଙ୍କୁ ପାରା, କୁକୁଡ଼ା, ଛେଳି ବଳି ଅର୍ପଣ କରିଥାନ୍ତି। ଚଇତ୍ରା ଦିନ କଳାହାଣ୍ଡିରେ ଚାହାଁର, ମହୁଲ, ଆମ୍ବ ଓ କାନ୍ଦୁଲ ଦେବୀଙ୍କୁ ଅର୍ପଣ କରି ଏହି ଚାରୋଟି ପଦାର୍ଥର ନୂଆଁ ଖାଇଥାନ୍ତି। କଳାହାଣ୍ଡିର ସାମାଜିକ ଜନଜୀବନରେ ଚଇତ୍ରା ମୁଖ୍ୟ ଯାତ୍ରା। ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆନନ୍ଦର ସହ ଚଇତ୍ରାଯାତ୍ରା ଉତ୍ସାହର ସହ ପାଳନ କରିଥାନ୍ତି। ସାମାଜିକ ସହାବସ୍ଥାନରେ ଚଇତ୍ରା ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# କଲମପୁର ପ୍ରାଥମିକ କୃଷି ସେବା ସମବାୟର ବାର୍ଷିକ ସାଧାରଣ ସଭା



କଲମପୁର, ୩୧।୩(ସମିସ): କଲମପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଶଙ୍କର୍ଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୋର୍ଡ଼ ପରିଚାଳନା ପରିଷଦର ସଭ୍ୟ ପୀତବାସ ସାହୁ, ଘନଶ୍ୟାମ ନାଏକ, ମହେନ୍ଦ୍ରନାଥ ସାହୁ, ବିପିନ ପ୍ରଧାନୀ, ପବନ ମାଝୀ, ପ୍ରଭାସ ବାଗ, ସମେତ ସମବାୟ ବ୍ୟାଙ୍କ ପକ୍ଷରୁ ବୁଦ୍ଧିମାନ ପାତ୍ର ଏବଂ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ କ୍ଷେତ୍ରମୋହନ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ନଗେନ୍ଦ୍ର ନେଗୀ, ଡିଇଓ କ୍ଷୀରୋଦ ନାଏକ, ତାପସ ନାଏକ, ସଚିନ ମିଶ୍ର, ଚୂଡ଼ାମଣି ବାଗ, ଏକେଶ୍ୱର ପାତ୍ର, ନୀତେଶ ନାଗ, ଜୟନ୍ତ ବାଗ, ଏବଂ ଦୁର୍ଗା ନାଏକ ସମସ୍ତଙ୍କୁ ସମ୍ବର୍ଦ୍ଧନା କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ କ୍ଷେତ୍ର ମୋହନ ବାଗ ସମିତିର ଋଣ ଲଗାଣ, ଅସୁଲି, ବଜେଟ ୨୦୨୬/୨୭ ଆର୍ଥିକ ବର୍ଷର ଅନୁମୋଦନ, ଆୟବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ସର୍ବ ସମ୍ମତି କ୍ରମେ ରେଜୁଲେଶନ ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ରାମଚନ୍ଦ୍ର ଓରଫ ପ୍ରଭା ସାହୁ ସମେତ ଚାଷୀମାନେ ପ୍ରସ୍ତାବ ପାରିତ ପାଇଁ ମତ ପ୍ରକାଶ କରିଥିଲେ। ଆବଶ୍ୟକ ସମୟର ପୂର୍ବରୁ ସମିତି ତରଫରୁ ଚାଷୀଙ୍କୁ ସାର ଓ ବିହନ ଯୋଗାଇବା ନେଇ ଗୁରୁତ୍ୱ ଦେବାକୁ ଚାଷୀ ବବ୍ରୁବାହନ ପାଣିଗ୍ରାହୀ, ନିହାର ସାହୁ ସମେତ ରବୀନ୍ଦ୍ର ମିଶ୍ର ପ୍ରସ୍ତାବ ଆଗତ କରିଥିଲେ। ତେବେ ସମସ୍ତଙ୍କ ସହମତି କ୍ରମେ ପ୍ରତିଦିନ ସାର ଗୋଦାମ ଘର ଖୋଲା ରଖିବା ଏବଂ ସାର ଯୋଗାଇବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଗତ ଦିନରେ ଧାନ ବିକ୍ରିକୁ ନେଇ ଲାଲ ଧଳା ପାର୍ଥକ୍ୟ ସହିତ ଅନେକ ହଇରାଣ ହେବାକୁ ପଡ଼ିଛି। ଏହାର ସମାଧାନ କ୍ଷେତ୍ରରେ ଦୃଷ୍ଟି ଦେବାକୁ ଚାଷୀ ବାଳଗୋପାଳ ତେଣ୍ଡକାରୀ ପ୍ରସ୍ତାବ ରଖିଥିଲେ। କଲମପୁର, ଦେପୁର, ପଣ୍ଡିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୫ଟି ମଣ୍ଡିରୁ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ରହି ନିଜ ମତ ପ୍ରକାଶ କରିଛନ୍ତି। ଅନ୍ୟାନ୍ୟ ଆଲୋଚନା ପରେ ଅବସର ଶିକ୍ଷକ ଦୟାନିଧି ବାଣୁଆ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କ ମନୋରଞ୍ଜନ କରିଥିଲେ। ଚାଷୀ ସୁଧୀର ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଭ୍ୟ ପୀତବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ କର୍ମଶାଳା



ଲାଞ୍ଜିଗଡ଼, ୩୧।୩(ସମିସ): ଲାଞ୍ଜିଗଡ଼ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ବିଶ୍ୱନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାକୁ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠି ଶିକ୍ଷାଧିକାରୀ ରୁଷିଆ ମେହେର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଢ଼ଳଦେବ ମୁଣ୍ଡ, ଭାରତ ଭୁଷଣ ସାହୁ ଏବଂ ୧୩ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକମାନେ ଉପସ୍ଥିତ ଥିଲେ। ମଙ୍ଗଳବାର ଉଦ୍‌ଯାପିତ ଦିବସରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେର, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭାରତ ଭୁଷଣ ସାହୁ, ଚମ୍ପାଦେଇପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ, ବିଶ୍ୱନାଥପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୁଃଖୀ ଶ୍ୟାମ ବାରିକଙ୍କ ସମେତ ୧୩ ଗୋଷ୍ଠୀ କ୍ଲଷ୍ଟରରୁ ୩ ଜଣ ଲେଖାଏଁ ସମୁଦାୟ ୩୯ ଦକ୍ଷ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇ ଥିଲେ। ଗୋଷ୍ଠି ଶିକ୍ଷାଧିକାରୀ ଶ୍ରୀ ମେହେର ଶିକ୍ଷକମାନଙ୍କୁ ଶିକ୍ଷଣ ସାମଗ୍ରୀ ବ୍ୟବହାର ମାଧ୍ୟମରେ ଶିକ୍ଷାଦାନକୁ ଆହୁରି ଆକର୍ଷଣୀୟ ଓ ଫଳ ଦାୟକ କରିବାକୁ ପରାମର୍ଶ ଦେଇଥିଲେ।

# ଉଦ୍ଭିଦବିଜ୍ଞାନ ମୁଖ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା



ନୂଆପଡ଼ା, ୩୧।୩(ସମିସ): ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ରୀତା ଦାସଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଅଧ୍ୟକ୍ଷ ଡ଼.ରଣବୀର ସିଂହ, କର୍ମଚାରୀ ସଂଘର ସମ୍ପାଦିକା ଅଧ୍ୟାପିକା ଡ଼.ଗୀତାଶ୍ରୀ ପ୍ରିୟମ୍ବଦା, ସହ ସମ୍ପାଦକ ଅଧ୍ୟାପକ ଡ଼.ରାଜ କୁମାର ରତେ, ପ୍ରାଧ୍ୟାପିକା ରୀତା ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ଅଭିଜ୍ଞତା ବ୍ୟକ୍ତ କରିଥିଲେ। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡ଼. ତରୁଣ କୁମାର ପ୍ରଧାନ ତଥାସମସ୍ତ ସହକର୍ମୀ ତଥା ସହଯୋଗୀମାନେ ମଧ୍ୟ ଅନୁଭୂତି ଉପସ୍ଥାପନ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନିଲ କୁମାର ପାଢ଼ୀ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଡ଼.ବିଷ୍ଣୁ ଦେବ ସିଂ ମଲ୍ଲିକ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପକ ଡ଼.ସରୋଜ କୁମାର ପଣ୍ଡା, ଅଧ୍ୟାପକ ହରିହର ବେଶରା, ଅଧ୍ୟାପକ ହରିବନ୍ଧୁ ହଂସ, ଅଧ୍ୟାପକ ଚିତ୍ତ ରଞ୍ଜନ ଜେନା, ଅଧ୍ୟାପକ ଶୁଭ୍ରାଂସିସ ବାରିକ, ଅଧ୍ୟାପକ ଶୁଭେନ୍ଦୁ ନିଆଲ, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ଶିଳା ତ୍ରିବେଦୀ, ଅଧ୍ୟାପିକା ଡ଼.କାଜଲ ମେହେର, ଅଧ୍ୟାପିକା ଲିପ୍ସା ବାରିକ, ଅଧ୍ୟାପିକା ସାଗରିକା ପଣ୍ଡା, ଅଧ୍ୟାପକ ଡ଼. ସୁରଞ୍ଜନ ପ୍ରଧାନ, ଅଧ୍ୟାପକ ରମାକାନ୍ତ ସିଂ ସାହାଣୀ, ଅଧ୍ୟାପକ ଡ଼. ମହାଦେବ ଭୋଇଙ୍କ ସମେତ ସମସ୍ତ ସହକର୍ମୀ ଯୋଗଦେଇ ଥିଲେ।

# ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ

କୋକସରା, ୩୧।୩(ସମିସ): କୋକସରା ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଠାରେ ଚାଲିଥିବା ନୂତନତ୍ୱ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। କଲେଜର ଅଧ୍ୟକ୍ଷ ପୁଷ୍ପରାଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ବଡପୋଡାଗୁଡା ଏକ୍ସିସ୍ ବ୍ୟାଙ୍କର ଶାଖା ପରିଚାଳକ ମନୋଜ ସେଠୀ ମୁଖ୍ୟଅତିଥି




ଭାବେ ଯୋଗଦେଇଥିଲେ। ଡେପୁଟି ମେନେଜର ରାହୁଲ ବାବୁ, ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଧ୍ୟାପକ ଜଗନ ଚାନ୍ଦାନି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଗତ ୬ ଦିନ ଧରି ହୋଇଥିବା ନୂତନତ୍ୱ ଚିନ୍ତାଧାରା ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମରେ କୃତିତ୍ୱ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପିକା କନକ ମଞ୍ଜୁରୀ ବେହେରା, ବେଦମୟୀ ବାରିକ, ଶୁଭଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସୁକୁନାଭଟା ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

କେସିଙ୍ଗା, ୩୧।୩(ସମିସ)

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ସୁକାନାଭଟା ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍ୱବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଶନିବାର ଓ ରବିବାର ଦିନ ପୁରାତନ ଛାତ୍ର ସଂସଦ ଓ ସୁବର୍ଣ୍ଣ ଜୟନ୍ତୀସମାରୋହ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଶନିବାର ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ପ୍ରଥମେ କସୃପଡ଼ା ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବିଦ୍ୟାଳୟ ପର୍ଯ୍ୟନ୍ତ ଆସି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁ, କେସିଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର



ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଦିପାଞ୍ଜଳି ସାହୁ, କଶୃପଡ଼ା ସରପଞ୍ଚ ଅରୁଣା ନାଏକ, ପୁରାତନ ଛାତ୍ର ଦୁର୍ବାଦଳ ବିଶି ଓ ଅନ୍ୟାନ୍ୟ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀର ଗୋଟିପୁଅ ନୃତ୍ୟ, ବଲାଙ୍ଗିରର ସମ୍ବଲପୁରୀ ନୃତ୍ୟ, ଖୋର୍ଦ୍ଧାର ପାଇକ ନୃତ୍ୟ ସାଙ୍ଗକୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟବେଶ ଆକର୍ଷଣୀୟ ହୋଇଥିଲା ସେହିପରି ରବିବାର ଉଦ୍‌ଯାପିତ ଦିବସର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ରକ୍ତ କେନ୍ଦ୍ର ଭବାନୀପାଟଣା ସହଯୋଗରେ ରକ୍ତଦାନ ଶିବିର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପରେ ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଭୂପିନ୍ଦର ସିଂହ, ମୁଖ୍ୟବକ୍ତା ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗ ଦେଇ ଥିବା ବେଳେ କେସିଙ୍ଗା ବିଇଓ ଓ ଅନ୍ୟାନ୍ୟ ଅତିଥିମାନେ ମଞ୍ଚାସିନ ଥିଲେ। ପରେ ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭବାନୀପାଟଣା ପ୍ରତିଭା ଅନୁଷ୍ଠାନର ସିଙ୍ଗାରୀ ନୃତ୍ୟ, ବରଗଡ଼ କଲାଜିବି ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ, ଭୁବନେଶ୍ୱର ଶିଳ୍ପିକା ଅନୁଷ୍ଠାନର ଫ୍ୟୁଜନ ପରିବେଷଣ ହୋଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଅଞ୍ଚଳର ସୁନାମଧନ୍ୟ ସମ୍ବଲପୁରୀ ଗାୟକ ସର୍ବେଶ୍ୱର ଭୋଇଙ୍କ ଲୋକ ଗୀତ ଓ ପଦ୍ମଶ୍ରୀ ପଟେଲ ଶ୍ରେୟାଂଶ ଶେଖରଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭବାନୀପାଟଣା, ୩୧।୩(ସମିସ): ସଦର ବ୍ଲକ ମୂଷିଗୁଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଶଶାଙ୍କ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟଅତିଥି ଭାବେ ଝିଲୀ ମେହେର, ମୁଖ୍ୟବକ୍ତା ଭାବେ ସୁକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ହରିହରନ ନାଗ, ସୁଶ୍ରୀ ରାଜଶ୍ରୀ ନାୟକ, ପିଟିଏ ସଦସ୍ୟ ତଥା ସାମ୍ବାଦିକ ହେମନ୍ତ କୁମାର ରାୟ, ସିଆରସି ବିଜୟ କୁମାର ଦାସ, ଭୂଜଲ୍ କେତକୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନଶିକ୍ଷକ ଶଶାଙ୍କ ଚୌଧୁରୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ




ପାରିବେଷିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତ, ପ୍ରବନ୍ଧ, ରଙ୍ଗୋଲି ତଥା ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟନାରାୟଣ ଗିଭେଲା ଏବଂ ପଦ୍ମଲୋଚନ କଟା ପରିଚାଳନା କରିଥିବା ବେଳେ ଶିକ୍ଷକ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ସେବାୟତ ମହାସଂଘର ବୈଠକ

**ବେଗୁନିଆ, ୩୧ା୩ (ସମିସ):** ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବୈଦେଶ୍ୱର୍ ଗ୍ରାମର ପବିତ୍ର ଶୈବପୀଠସ୍ଥଳୀ ରାମନାଥ ଦେବଙ୍କ ମନ୍ଦିର ପରିସରରେ ନିଖିଳ ଉତ୍କଳ ସେବାୟତ ମହାସଂଘର ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ସଭାପତି ମହେଶ୍ୱର ରଣାଙ୍କ ଅଧ୍ୟକ୍ଷତା ଓ ଗୁଣନିଧି ମହାପାତ୍ରଙ୍କ ଆବାହକତ୍ୱରେ ବରିଷ୍ଠ ସେବାୟତ କାର୍ତିକ ଚନ୍ଦ୍ର ମହାପାତ୍ର ଓ କୈଳାସ ଚନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା ସହ ମନ୍ତ୍ରପାଠ ଉଚ୍ଚାରଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ମହେଶ୍ୱର ମହାପାତ୍ର, କାର୍ତ୍ତିକ ମହାପାତ୍ର, କଂଗ୍ରେସ ମହାପାତ୍ର, ତ୍ରିଲୋଚନ ମହାପାତ୍ର, ସନ୍ତୋଷ ରଣା, ଅଭିରାମ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶଙ୍କର୍ଷଣ ରଣା, ଖଗେଶ୍ୱର ମହାପାତ୍ର, ବୈକୁଣ୍ଠ ମହାପାତ୍ର, ବିଜୟ କୁମାର ମହାପାତ୍ର, ମନୋରଂଜନ ମହାପାତ୍ର ଓ ରଞ୍ଜନ ମହାପାତ୍ର ପ୍ରମୁଖ ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଷୟ କୁମାର ମହାପାତ୍ରଙ୍କୁ ରାଜ୍ୟ ସଂଯୋଜକ ଭାବେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ଏପରିକି ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ପ୍ରତ୍ୟେକ ବ୍ଲକରୁ ୪ ଜଣଙ୍କୁ ନେଇ ଏକ କମିଟି ଗଠନ କରାଯାଇ ମନ୍ଦିରମାନଙ୍କର ସୁପରିଚାଳନା ନିମନ୍ତେ ସେବାୟତ ବୋର୍ଡ ଗଠନ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ନିଆ ଯାଇଛି । ମହେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲୁଗାଁ, ୩୧ ।୩(ସମିସ) :** ବାଲୁଗାଁ ଚିଲିକାରାଣୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ୪୪ ତମ ବାର୍ଷିକ ଉତ୍ସବ 'ଗରିମା' ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫେସର ବିଜୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ସଭାରେ ମୁଖ୍ୟଅତିଥି ଭାବେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ବିଶ୍ୱମୁକ୍ତି ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଡ. ଶଶାଙ୍କ ଶେଖର ଚୂଡ଼ାମଣି, ଅନ୍ୟତମ ଅତିଥି ଭାବେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ଆବାହକ ଜୟନ୍ତୀ ସାମଲ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ଏକାଗ୍ରତା ଓ ସମୟାନୁବର୍ତ୍ତିତା ସହିତ ପାଠ ପଢିବାକୁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟିର ସମ୍ପାଦକ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଳାଦ୍ରୀ ଭୂଷଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ




**ଖୋର୍ଦ୍ଧା, ୩୧ା୩ (ସମିସ):** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବଙ୍ଗିଦା ଉଚ୍ଚ ବିଦ୍ୟାଳୟ ପରିସରରେ ସଂସ୍କୃତ ଶିକ୍ଷକ ବୀରେନ୍ଦ୍ର କୁମାର ନାୟକ, ହିନ୍ଦୀ ଶିକ୍ଷକ ଆଶିଷ କୁମାର ରାୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ କୃପାସିନ୍ଧୁ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରେମ ମଞ୍ଜରୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ୍ ବିରଞ୍ଚି କୁମାର ସାହୁଙ୍କ ସଂଯୋଜନାରେ ବରିଷ୍ଠ ଶିକ୍ଷାବିତ୍ ବ୍ରଜ କିଶୋର ରାୟଗୁରୁ ମୁଖ୍ୟ ଅତିଥି, ଭୁଆସୁଣୀପାଟଣା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ ଗଣେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା, ବେଗୁନିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ କୁମାର ଦାଶ, ଶିକ୍ଷାବିତ୍ ଗୌର ହରି ମିଶ୍ର ବିଦ୍ୟାଳୟର ପ୍ରତିଷ୍ଠାତା ବଟକୃଷ୍ଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । ଅଶୋକ ସାହୁ, ମନୋଜ ସାହୁ, ସୁଚିତ୍ରା ନାୟକ, ଲିପି ଶ୍ୱାସତ୍ ମିଶ୍ର, ବିରଞ୍ଚି ପ୍ରସାଦ ସାହୁ ଓ ସାଇମନ ରାଇତ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରାମଲୀଳା ନାଟକ ପରିବେଷଣ

**ବାଲୁଗାଁ, ୩୧ା୩ (ସମିସ):** ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଚନ୍ଦ୍ରଙ୍କ ଜନ୍ମମହୋତ୍ସବ ଅବସରରେ ରାମନବମୀ ବ୍ରତ ସମଗ୍ର ବାଲୁଗାଁ-ବାଣପୁର ଅଞ୍ଚଳରେ ଆଡମ୍ବର ସହକାରେ ଅନୁଷ୍ଠିତ ହେଉଛି । ରାମନବମୀ ଠାରୁ ଆରମ୍ଭ ହୋଇ ୨୧ ଦିନ ବ୍ୟାପି ଗ୍ରାମ ମାନଙ୍କରେ ଶହ ଶହ ଉପାସନାକାରୀ ମାନେ ବ୍ରତ ପାଳନ କରୁଥିବାର ଦେଖିବାକୁ ମିଳୁଥିବା ବେଳେ ୨୧ ଦିନ ପରେ ଉଦ୍‌ଯାପନ ହେବ । ରାମନବମୀ ବ୍ରତ ବାଲୁଗାଁ ସାମନ୍ତରାପୁର, ରାମପୁର, ସରଳାପଦର ସହ ବାଲୁଗାଁ ନିକଟସ୍ଥ ଖାରିବନ୍ଧ, ବଡ଼କୂଳ ପାନ୍ଥନିବାସ ରୋଡ଼, ଗଡ଼ଦ୍ୱାର, ଛତ୍ରଗଡ ଓ ବାଣପୁରର ମଙ୍ଗରାଜପୁର ଆଦି ଗ୍ରାମାଂଚଳରେ ମଧ୍ୟ ସମାରୋହରେ ରାମନବମୀ ମହୋତ୍ସବ ଅନୁଷ୍ଠିତ ହେଉଛି ।

# ବାହୁଡ଼ା ଯାତ୍ରାରେ ଅଘଟଣ; ପଣା କିଆରିରେ ଭାଙ୍ଗିଲା ରଥ ଅଖ

**ନିରାକାରପୁର, ୩୧ା୩ (ସମିସ)**

ପ୍ରାଚୀନ ପରମ୍ପରା ଓ ବିଶ୍ୱାସର ଏକ ଅନନ୍ୟ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଡିଆସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠରେ । ବାବା କପିଳେଶ୍ୱରଙ୍କ ପ୍ରସିଦ୍ଧ ଅଶୋକାଷ୍ଟମୀ ରଥଯାତ୍ରାର ୪ ଦିନ ପରେ ଗତକାଲି ଏକ ନିଆରା ପରିସ୍ଥିତି ମଧ୍ୟରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ହେଲେ ରଥ ଟଣା

## ବିମାନରେ ମନ୍ଦିର ବାହୁଡ଼ିଲେ ଠାକୁର

ହେଉଥିବା ସମୟରେ ପଣା କିଆରି ଗହିର ବିଲ ମାଳ ମଧ୍ୟରେ ଅଚାନକ ରଥର ଅଖ ଭାଙ୍ଗିଯିବାରୁ ଶେଷରେ ଠାକୁରଙ୍କୁ ବିମାନ ଯୋଗେ ମନ୍ଦିରକୁ ନିଆଯାଇଛି । ଇତିହାସ ପ୍ରସିଦ୍ଧ ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ପୀଠ ସହିତ ପୁରୀ ଶ୍ରୀମନ୍ଦିରର ସ୍ୱତନ୍ତ୍ର ସମ୍ପର୍କ ରହିଛି । ପ୍ରାୟ



୫୦୦ ବର୍ଷର ପୁରୁଣା ପରମ୍ପରା ଅନୁଯାୟୀ, ଏଠାରେ ଚୈତ୍ର ଶୁକ୍ଳ ଦ୍ୱାଦଶୀ ତିଥିରେ ବାହୁଡା ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ରଥଯାତ୍ରାରେ ମାଉସୀ ମା' ମନ୍ଦିରରେ ୪ ଦିନ ରହିବା ପରେ ବାବା କପିଳେଶ୍ୱରଦେବ ରଥାରୁଢ ହୋଇ ନିଜ ପୀଠକୁ ବାହୁଡିଥାନ୍ତି । ବାହୁଡା ଦିନ ରୀତିନୀତି ମୁତାବକ ବାବା କପିଳେଶ୍ୱରଦେବ, ମାତା ପାର୍ବତୀ, ବଡଭାଇ ଗ୍ରାମେଶ୍ୱରଦେବ ଓ ଗ୍ରାମେଶ୍ୱରୀ ଦେବୀ ଦୁଇଟି ସୁସଜ୍ଜିତ ବିମାନରେ ବାହାରି ଡିଆ ଗ୍ରାମରେ ନଗର ପରିକ୍ରମା କରିଥିଲେ । ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସରିବା ପରେ ପ୍ରଭୁ ରଥାରୁଢ ହୋଇଥିଲେ । ପରମ୍ପରା ଅନୁଯାୟୀ ଭକ୍ତମାନେ ବିଲମାଳ ଗହିର ମଧ୍ୟରେ ରଥକୁ ଟାଣି ନେବାକୁ ଆରମ୍ଭ କରିଥିବାବେଳେ ହଠାତ୍ ରଥର ଚକ ଓ ଅଖ ଭାଙ୍ଗିଯାଇଥିଲା । ରଥ ଭାଙ୍ଗିଯିବା ଫଳରେ ଯାତ୍ରା ସେହିଠାରେ ଅଟକି ରହିଥିଲା । ପରେ ସେବାୟତ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇ ରାତିର ନିଶାର୍ଦ୍ଧରେ ମହାପ୍ରଭୁଙ୍କୁ ବିମାନ ଯୋଗେ ନିଆଯାଇ ଭେଟବାଲି ନିକଟରେ ପହଞ୍ଚା ଯାଇଥିଲା । ଏହି ନିଆରା ବାହୁଡା ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଥିବା ବେଳେ ଭକ୍ତଙ୍କ ଗହଳି ଜମିଥିଲା । ପୁଲିସର କଡା ନିର୍ଦ୍ଦେଶ ଯୋଗୁ ଆତସବାଜି ପ୍ରଦର୍ଶନ ଦେଖାଯାଇ ନ ଥିଲା ।

# ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଗୁନିଆ, ୩୧ା୩ (ସମିସ):** ବେଗୁନିଆ ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ୮୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ମୁଖ୍ୟଅତିଥି, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣ୍ଣବ କୁମାର ବେଉରା, ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ପୁଷ୍ପଲତା ଜୟସିଂହ, ଉପାଧ୍ୟକ୍ଷ ସର୍ବେଶ୍ୱର ସାହୁ, ପଞ୍ଚଶଖା ଶିକ୍ଷାସେତୁ ସଂଗଠନର ସଭାପତି ମାୟାଧର ମାର୍ଥା ଓ ଉପସଭାପତି ଭବାନୀ ଶଙ୍କର ଜୟସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଥିଲେ । ସଭାର ପ୍ରାରମ୍ଭରେ ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନଗଣନାକାରୀ ଓ ନିରୀକ୍ଷକଙ୍କ ଜିଲ୍ଲାୱାରୀ ପ୍ରଶିକ୍ଷଣ ଆରମ୍ଭ

**ଖୋର୍ଦ୍ଧା,୩୧ା୩(ସମିସ):** ଆସନ୍ତା ୨୦୨୭ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ ଜନଗଣନା କାର୍ଯ୍ୟ ସମ୍ପାଦିତ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପ୍ରଶାସନ ପକ୍ଷରୁ ସମସ୍ତ ତହସିଲ, ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ମାନଙ୍କରେ ଚଳିତ ମାସ ୨୩ ତାରିଖ ଠାରୁ ବୋଲଗଡ ତହସିଲରେ ଗଣନାକାରୀ ଏବଂ ନିରୀକ୍ଷକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଆସୁଥିବାବେଳେ ଆସନ୍ତା ଏପ୍ରିଲ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପିତୁକୁଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ପ୍ରଦାନ କରାଯିବ ।

ସେହିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ଏପ୍ରିଲ ୨,୪ ଓ ୬ ତାରିଖ, ଟାଙ୍ଗୀ ବିଜ୍ଞାପିତ ଅଂଚଳ ପରିଷଦ ନିମନ୍ତେ ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ଏପ୍ରିଲ ୬ ତାରିଖରୁ ୮ ତାରିଖ, ଜଟଣୀ ପୌରାଂଚଳ ନିମନ୍ତେ ୩୧ ତାରିଖ ଓ ଏପ୍ରିଲ ୨,୪,୬,୭,୮,୯ ତାରିଖ ବାଛେରା ସୁଶୀଳା ଦେବୀ ପ୍ରଗତି ବିଦ୍ୟାପୀଠ, ବାଣପୁର ତହସିଲ ନିମନ୍ତେ ୩୧ ରୁ ଏପ୍ରିଲ୍ ୨,୪ ଓ ୬ ତାରିଖରେ ବାଣପୁର ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ, ବାଲିପାଟଣା ତହସିଲ ନିମନ୍ତେ ଏପ୍ରିଲ ୨ ରୁ ୧୦ ତାରିଖ ମଞ୍ଜରୀ ଦେବୀ ମହାବିଦ୍ୟାଳୟ ଠାରେ, ଟାଙ୍ଗୀ ତହସିଲ ନିମନ୍ତେ ୩୧ ରୁ ଏପ୍ରିଲ୍ ୧୦ ତାରିଖ ବଳରାମ ବିଦ୍ୟାପୀଠ ଠାରେ, ଖୋର୍ଦ୍ଧା ପୌର ପରିଷଦ ନିମନ୍ତେ ମାର୍ଚ୍ଚ ୩୧ ତାରିଖ,ଏପ୍ରିଲ୍ ୨ ରୁ ୧୦ ତାରିଖ ଖୋର୍ଦ୍ଧା ପୌର ପରିଷଦ ସମ୍ମିଳନୀ କକ୍ଷରେ, ଭୁବନେଶ୍ୱର ତହସିଲ ନିମନ୍ତେ ମାର୍ଚ୍ଚ ୩୧ ରୁ ଏପ୍ରିଲ୍ ୨,୪,୬,୭,୮,୯, ୧୦ ତାରିଖରେ ଭୁବନେଶ୍ୱର ବ୍ଲକ୍ ସମ୍ମିଳନୀ କକ୍ଷରେ, ବେଗୁନିଆ ତହସିଲ ନିମନ୍ତେ ମାର୍ଚ୍ଚ ୩୧ ରୁ ଏପ୍ରିଲ୍ ୨ ଓ ୪ ତାରିଖରେ ବେଗୁନିଆ କଲେଜ୍ ଠାରେ ଏବଂ ଏପ୍ରିଲ୍ ୫,୬,୭ ତାରିଖରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବେଗୁନିଆ ଠାରେ, ଖୋର୍ଦ୍ଧା ତହସିଲ ନିମନ୍ତେ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୨,୪,୬,୭ ତାରିଖରେ ବ୍ଲକ୍ ଅଫିସ, ଖୋର୍ଦ୍ଧା ଓ ଖୋର୍ଦ୍ଧା ପୌରପରିଷଦ କାର୍ଯ୍ୟାଳୟରେ, ଜଟଣୀ ତହସିଲ ପାଇଁ ୩୧ ରୁ ଏପ୍ରିଲ୍ ୧,୪,୬,୭, ତାରିଖ ରେ ନାଇଜର ଠାରେ, ବାଲିଅନ୍ତା ତହସିଲ ନିମନ୍ତେ ଏପ୍ରିଲ୍ ୨ ରୁ ୧୦ ତାରିଖ ମଞ୍ଜରୀ ଦେବୀ ନର୍ସିଂ କଲେଜ ଠାରେ, ଚିଲିକା ତହସିଲ ନିମନ୍ତେ ଏପ୍ରିଲ୍ ୪,୬,୭ ତାରିଖ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଚିଲିକା ବ୍ଲକ୍ କାର୍ଯ୍ୟାଳୟ ଠାରେ ଏବଂ ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ନିମନ୍ତେ ୩୧ରୁ ଏପ୍ରିଲ୍ ୨,୪,୬,୭ ତାରିଖରେ ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏଣୁ ସଂପୃକ୍ତ ସୀମାର ଗଣନା କାରୀ ଓ ନିରୀକ୍ଷକ ମାନେ ସେମାନଙ୍କ ପାଇଁ ଧାର୍ଯ୍ୟ ତାରିଖ ଓ ସ୍ଥାନ, ସମୟରେ ପ୍ରଶିକ୍ଷଣ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ସର୍ବଭାରତୀୟ ଫୁଟବଲ୍: ଘାଟିକିଆ ବଜରଙ୍ଗବାଲି ସ୍ପୋର୍ଟିଂ କ୍ଲବ ସେମିରେ

**ବେଗୁନିଆ,୩୧ା୩ (ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମ ସ୍ଥିତ ଖେଳ ପଡିଆରେ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ୫୧ ତମ ବାର୍ଷିକ ସର୍ବ ଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଡି ମ୍ୟାଚ୍ ଭୁବନେଶ୍ୱର ସେଞ୍ଚୁରିଆନ ୟୁନିଭର୍ସସିଟି ଓ ଘାଟିକିଆ ବଜରଙ୍ଗବାଲି ସ୍ପୋର୍ଟିଙ୍ଗ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଘାଟିକିଆ ବଜରଙ୍ଗବାଲି ସ୍ପୋର୍ଟିଙ୍ଗ କ୍ଲବ ୧-୦ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି । ଏଥିରେ ମନୋଜ କୁମାର ପ୍ରଧାନ, ଅଞ୍ଜର ଖାନ ଓ ଅନସୁର୍ ଖାନ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ମ୍ୟାଚ କମିଶନର ଅବଦୁଲ ଦୟାନ ଖାଁଙ୍କ ତତ୍ତ୍ୱାବଧାନ ଓ ରେଫରି ସୌକତ ଅଲି ଖାଁଙ୍କ ନେତୃତ୍ୱରେ ସଗିର ଅହମ୍ମଦ, ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରିୟବ୍ରତ ବାହିନୀପତି ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା କାଲି ପ୍ରଥମ ସେମି ଫାଇନାଲ ମ୍ୟାଚ ଘାଟିକିଆ ବଜରଙ୍ଗ ସ୍ପୋର୍ଟିଙ୍ଗ କ୍ଲବ ଓ ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ମଧ୍ୟରେ ଖେଳ ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି ।

# ଶତାୟୁ ମହିଳାଙ୍କ ପରଲୋକ

**ଖୋର୍ଦ୍ଧା, ୩୧ା୩(ସମିସ):** ଖୋର୍ଦ୍ଧା ବ୍ଲକ ନାଳିପଡ଼ା ଅର୍ଜୁନପୁର ଗ୍ରାମପଞ୍ଚାୟତର ପ୍ରଥମ ସରପଞ୍ଚ ସ୍ୱର୍ଗତ ଗଗନ ବିହାରୀ ଛୋଟରାୟଙ୍କ ଧର୍ମପତ୍ନୀ, ଧର୍ମପ୍ରାଣା ପରୋପକାରୀ ମହିଳା ଉର୍ମିଳା ଛୋଟରାୟ ଶହେ ବର୍ଷରେ ଇହଲୀଳା ସମ୍ବରଣ କରିଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ସୁସାହିତ୍ୟିକ ପ୍ରଣବ ଛୋଟରାୟ ଓ କନିଷ୍ଠ ପୁତ୍ର ଜାଗୁଲେଇପାଟଣା ଅନନ୍ତ ପୁରୁଷୋତ୍ତମ ଦେବଙ୍କ ଟ୍ରଷ୍ଟବୋର୍ଡ ସଂପାଦକ ବିରେନ୍ଦ୍ର ଛୋଟରାୟ, ଦୁଇ ପୁତ୍ରବଧୂ ଓ ଏକମାତ୍ର କନ୍ୟା, ଜାମାତା ତଥା ବନ୍ଧୁବର୍ଗ ଉପସ୍ଥିତ ଥିଲେ ।

# ୮୧ ବର୍ଷରେ ବାଜପୁର ରଙ୍ଗଣୀସାହି ରାମଲୀଳା

**ଖୋର୍ଦ୍ଧା,୩୧ା୩(ସମିସ):** ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ବାଜପୁର ଗ୍ରାମ ରଙ୍ଗଣୀସାହିରେ ଶ୍ରୀରାମଲୀଳା ପ୍ରଚାର ସମିତି ପକ୍ଷରୁ ଆଜକୁ ୮୧ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି ଶ୍ରୀ ରାମଲୀଳା ଉତ୍ସବ । ପ୍ରତିବର୍ଷ ରାମନବମୀଠାରୁ ଆରମ୍ଭ ହୁଏ ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଲୀଳା ଉତ୍ସବ । ଗୀତିନାଟ୍ୟ ଢଙ୍ଗରେ କବି ଅନଙ୍ଗ ନରେନ୍ଦ୍ର, ବିକ୍ରମ ନରେନ୍ଦ୍ର ଓ ସଦାଶିବଙ୍କ ଭରତିକୁ ଆଧାରାକରି ଶ୍ରୀରାମ, ଲକ୍ଷ୍ମଣ, ସୀତା



ଏବଂ ରାବଣ, କୁମ୍ଭକର୍ଣ୍ଣର୍, ବଭୀଷଣଙ୍କ ଜନ୍ମଠାରୁ ଆରମ୍ଭ କରି ସୀତାବିବାହ, ବନବାସ, ଲଙ୍କାପୋଡ଼ି, ଲକ୍ଷ୍ମଣ ଶକ୍ତିଭେଦ, ଇନ୍ଦ୍ରଜିତ ବଧ, ତରଣୀସେନ ବଧ, ମହୀରାବଣ ବଧ, ରାବଣବଧ ଓ ବିଭୀଷଣଙ୍କ ରାଜ୍ୟାଭିଷେକପରେ ଶେଷ ରାତିରେ ଅନୁଷ୍ଠିତ ହୁଏ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟ ସିଂହାସନ ଆରୋହଣ(ଅଭିଷେକ) ଉତ୍ସବ । ସୀତା ଚୋରି ବିଷୟ ବସ୍ତୁ ରାବଣ ବଧର ମୂଳଦୁଆ ବୋଲି କୁହାଯାଏ । ସମସ୍ତ ରାମଲୀଳା ନାଟକକୁ ରଙ୍ଗଣୀସାହି ଶ୍ରୀରାମଲୀଳା ପ୍ରଚାର ସମିତି କଳାକାରମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା । ପୁରାଣ କଥାକୁ ନାଟକ ମାଧ୍ୟମରେ ସମାଜକୁ ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ କଳାକାରଙ୍କ ଏଭଳି ଜୀବନ୍ତ କଳା ପରିବେଷଣ ରାତିର ଶୁଲୁଶୁଲିଆ ପବନରେ ଖୋଲା ମଞ୍ଚ ନିକଟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା ।

# ବିଦ୍ୟୁତ୍ ଦେୟ ପୈଠ ହୋଇନି; ପୂର୍ତ୍ତ ଡାକବଙ୍ଗଳାରୁ ବିଜୁଳି ବିଚ୍ଛିନ୍ନ

**ଟାଙ୍ଗୀ,୩୧ା୩(ସମିସ):** ସାଧାରଣ ଉପଭୋକ୍ତାଙ୍କ କଥା ଛାଡ ବିଦ୍ୟୁତ ବିଭାଗ କୁ ବିଦ୍ୟୁତ ଦେୟ ପୈଠ କରାଯାଇନଥିବାରୁ ତିନି ଦିନ ହେଲା ଟାଙ୍ଗୀ ସରକାରୀ ପୂର୍ତ୍ତ ବିଭାାଗ ଡାକ ବଙ୍ଗଳାରୁ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି । ଟାଙ୍ଗୀ ଏକ ଏବେ ଏନଏସି ଭାବେ ଘୋଷଣା କରାଯାଇଛି । ଏହି ଡାକବଙ୍ଗଳାକୁ ବିଭିନ୍ନ ରାଜନେତାଙ୍କ ଠାରୁ ଆରମ୍ଭ କରି ସରକାରୀ ଅଫିସର ଜରୁରୀ ଆବଶ୍ୟକତା ସମୟରେ ବ୍ୟବହାର କରିଥାନ୍ତି । ସୂଚନାଯୋଗ୍ୟ ବିଦ୍ୟୁତ ବିଭାଗ ଏହି ଡାକବଙ୍ଗଳାରେ ସ୍ମାର୍ଟ ମିଟର ଲଗାଇଛି । ବିଦ୍ୟୁତ ଦେୟ ପୈଠ ନହେଲେ ସିଧାସଳଖ ସେଣ୍ଟରରୁ ସ୍ୱତଃ ବିଦ୍ୟୁତ ସେବା କଟିଯାଇଥାଏ । ଟାଙ୍ଗୀ ଡାକ ବଙ୍ଗଳାର ବିଦ୍ୟୁତ ଦେୟ ପୈଠ ହୋଇନଥିବାରୁ ଗତ ତିନି ଦିନ ହେଲା ବିଦ୍ୟୁତ ସଂଯୋଗ କଟିଯାଇଛି ।

# ଅଷ୍ଟପ୍ରହର ନାମଯଜ୍ଞ

**ବେଗୁନିଆ,୩୧ା୩ (ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମ ବ୍ରାହ୍ମଣ ସାହିର ଯୁବଗୋଷ୍ଠୀ ଓ ଗ୍ରାମବାସୀଙ୍କ ସହଯୋଗରେ ଭଗବତ ଦେବଙ୍କ ପୀଠରେ ଚାଲିଥିବା ପଞ୍ଚମ ବାର୍ଷିକ ଅଷ୍ଟ ପ୍ରହର ନାମଯଜ୍ଞ ଉଦଯାପିତ ହୋଇଛି । ତପନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଦୁଃଖିଶ୍ୟାମ ପଣ୍ଡା କର୍ତ୍ତା ଭାବେ ରହି ଗ୍ରାମ୍ୟର ବଧି ପୋଖରୀରୁ କଳସ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରି ନାମ ଯଜ୍ଞ ସ୍ଥଳରେ ସ୍ଥାପନ ହୋଇଥିଲା । ଏଥିରେ ୮ଟି ଯଥା ପୋଡ଼ାଡିହ, ତଳଗଡ, ବେଗୁନିଆମୂଳ, ମାଗୁରା, ହଳଦିପଦା,ଅସରଳା ସାଗୁରଗାଁ ଓ ଭେଡା ଦଳ ଉପସ୍ଥିତ ରହି ନାମ ସଙ୍କୀର୍ତ୍ତନ ପରିବେଷଣ କରି ଥିବାରୁ ଭକ୍ତି ଓ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । ଅନ୍ତିମ ଦିବସରେ ନଗର କୀର୍ତ୍ତନ କରାଯାଇ କାର୍ଯ୍ୟକ୍ରମକୁ ସମାପନ ହୋଇଥିଲା ।

# ସରିଲା ଚୈତ୍ର ମଙ୍ଗଳବାର ଓଷା

**ଖୋର୍ଦ୍ଧା,୩୧ା୩ (ସମିସ):** ଶେଷ ହୋଇଛି ଗାଁ ଦାଣ୍ଡରେ ଚାଲିଥିବା ଚୈତ୍ର ମଙ୍ଗଳବାର ଓଷା । ଗାଁ ଦାଣ୍ଡରେ କରାଯାଉଥିବାରୁ ଅନେକ ଅଞ୍ଚଳରେ ଏହା ବାଟ ମଙ୍ଗଳା ଓଷା ବା ପନ୍ଥେଇ ପୂଜା ତଥା ଚଇତି ମଙ୍ଗଳବାର ବୋଲି ମଧ୍ୟ କହୁଛନ୍ତି । ଫାଲଗୁନ ପୂର୍ଣ୍ଣିମାଠାରୁ ଚୈତ୍ର ପୂର୍ଣ୍ଣିମା ଯାଏ ଏହି ଓଷା ପାଳନ କରାଯାଉଥିବାବେଳେ ଏହାଦ୍ୱାରା ମା' ମଙ୍ଗଳାଙ୍କ କୃପା ଲାଭ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି । ସ୍ୱାମୀ ଓ ସନ୍ତାନଙ୍କ ଶୁଭମନାସୀ ସଧବା ନାରୀମାନେ ମା'ମଙ୍ଗଳାଙ୍କୁ ସୁମରଣା କରି ଏହି ଓଷା ୪ ମଙ୍ଗଳବାର କରିବା ପରେ ଆଜି ଶେଷ କରିଛନ୍ତି ।

# ବାଲୁଗାଁ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ରାଜ୍ୟସ୍ତରୀୟ ପ୍ରକୃତି ଶିବିର

**ବାଲୁଗାଁ,୩୧ ।୩(ସମିସ)**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ୫ ଦିନିଆ ରାଜ୍ୟସ୍ତରୀୟ ପ୍ରକୃତି ଶିବିର ଚିଲିକା ତଟସ୍ଥ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏସିଆ ମହାଦେଶର ସର୍ବ ବୃହତ ଲବଣା ହ୍ରଦ ଓ ବିଦେଶାଗତ ପକ୍ଷୀ ମାନଙ୍କର ଭୂସ୍ୱର୍ଗ ତଥା ଜୈବ ବିବିଧତା ରେ ପରିପୂର୍ଣ୍ଣ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ବିଶ୍ୱ ପ୍ରସିଦ୍ଧ । ପର୍ଯ୍ୟଟନ, ବିହଙ୍ଗଙ୍କ ପାଇଁ ପ୍ରମୁଖ ସ୍ଥାନ ହୋଇ ଥିବା ସ୍ଥଳେ ମତ୍ସ୍ୟଜୀବୀମାନଙ୍କ ପାଇଁ ଭାତ ହାଣ୍ଡି ହେଲା ଚିଲିକା । ଏପରି ସ୍ଥଳେ ଆମ ରାଜ୍ୟର ଛାତ୍ର ଛାତ୍ରୀ ମାନେ ସୁପ୍ରସିଦ୍ଧ ଚିଲିକାର ପ୍ରକୃତି, ପରିବେଶ ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ କରିବା ଏହି ପ୍ରକୃତି ଶିବିରର ମୂଳ ଲକ୍ଷ । ଉଚ୍ଚ ଶିକ୍ଷା ବିଭାଗର ଉପ ସଚିବ ପ୍ରଫେସର ରମେଶ ଚନ୍ଦ୍ର ବେହେରାଙ୍କ ଦିଗଦର୍ଶନ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରକୁ ଉତ୍କଳ




ବିଶ୍?ବିଦ୍ୟାଳୟ ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ବ୍ରଜ ନାରାୟଣ ପାତ୍ର ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଉକ୍ତ ପ୍ରକୃତି ଶିବିରକୁ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତ ପରିଚାଳନା କରିଥିବା ବେଳେ ଏଥିରେ ରାଜ୍ୟର ୧୫ଟି ବିଶ୍ୱବିଦ୍ୟାଳୟରୁ ୨ଶହ ସ୍ୱେଚ୍ଛାସେବୀଙ୍କ ସମେତ ସେମାନଙ୍କ ଦାୟିତ୍ୱରେ ୨୫ ଜଣ କାର୍ଯ୍ୟକ୍ରମ ଅଧିକାରୀ ସାମିଲ ହୋଇଥିଲେ । ଏହି ଶିବିର ୫ଦିନ ଧରି ଚାଲିଥିବା ବେଳେ ଏଥିରେ ଜାତୀୟ ଯୁବ ପ୍ରକଳ୍ପ ସଂଯୋଜକ ଶ୍ରୀ ସୋମ, ରାଜ୍ୟ ଏନଏସଏସ ତାଲିମ କେନ୍ଦ୍ର ସହ-ସଂଯୋଜକ ନିରଦବରଣ ଖୁଣ୍ଟିଆ, ଚିଲିକା ଡ଼ିଏଫଓ ଅମ୍ଲାନ ନାୟକ, ପରିବେଶବିତ ଡକ୍ଟର ପ୍ରକାଶ ଜେନା, ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ବୈଜ୍ଞାନିକ ପ୍ରଦୀପ୍ତ ରଞ୍ଜନ ମୁଦୁଲି ଓ ଡ. ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଦିବସରେ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କୁ ଚିଲିକାର ପ୍ରକୃତି, ପରିବେଶ, ବିଦେଶାଗତ ପକ୍ଷୀ ଓ ଜୈବ ବିବିଧତା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଶିବିରର ଅନ୍ତିମ ଦିବସରେ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ବାଲୁଗାଁ ଏନଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଏନଏସଏସ ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ଓ ମହାବିଦ୍ୟାଳୟର ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପରିବେଶ ପ୍ରତି ସଚେତନ ଓ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।

# ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନିରାକାରପୁର,୩୧ା୩ (ସମିସ):** ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ କାଇପଦରରେ ତିନିଦିନ ବ୍ୟାପି ପରିଚାଳିତ ହେଉଥିବା ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସଭାରେ ପୂର୍ବତନ ଜିଲ୍ଲାପାଳ ତଥା ଓଡ଼ିଆ ସରକାରଙ୍କ ସୂଚନା ଓ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ (ଆଇଏଏସ) ମୁଖ୍ୟଅତିଥି, ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ. ଦିଲୀପ କୁମାର ଶ୍ରୀଚନ୍ଦନ ମୁଖ୍ୟ ବକ୍ତା, ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ ଡ. ଜଗମୋହନ ପଟ୍ଟନାୟକ ସମ୍ମାନିତ ଅତିଥି ଓ ନିକଟସ୍ଥ ଆଇ ଏ ସିଏଲର ବିଭାଗୀୟ ମହାପ୍ରବନ୍ଧକ ସୋମନାଥ ଦାସ ସମ୍ମାନିତ ଅତିଥି, ପୂର୍ବତନ କ୍ରୀଡା ଶିକ୍ଷକ ଦିଗମ୍ବର ବଳିଆରସିଂହ ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ଥିଲେ । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ । ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଜନ୍ମେଜୟ ଚୌଧୁରୀ କର୍ମଶାଳାର ବିଭିନ୍ନ ଦିବସରେ ଜାତୀୟ ସେବା ଯୋଜନାର ଅବ୍ୟ ସଂଯୋଜକ ନିରୋଧ କାରଣ ଖୁଣ୍ଟିଆ, ଓଡ଼ିଶା ସରକାରଙ୍କ ପୂର୍ବତନ ସୂଚନା ଆୟୁକ୍ତ ଜଗଦାନନ୍ଦ, ପୂର୍ବତନ ଇତିହାସ ଅଧ୍ୟାପକ ଅଶୋକ କୁମାର ରାୟସିଂହ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କର୍ମଶାଳାକୁ ପରିଚାଳନା କରିଥିଲେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପକ ମାନସ କୁମାର ଜୟସିଂହ ।



# ଭୁବନେଶ୍ୱର ସିଟି

**ପୂର୍ବରୁ ସତର୍କ କରିଥିଲା 'ସକାଳ'**

**ଖାମଖିଆଲ ପ୍ରଶାସନ**

## ସାଇଫନ୍‌ରେ ଗଲା ଆଉଏକ ଜୀବନ

ଧଉଳି, ୩୧।୩(ସମିସ): କିଛିଦିନ ହେଲା ଧଉଳି ଠାରୁ ୩ କିଲୋମିଟର ଦୂରରେ ଥିବା ବାଲକାଟି ସାଇଫନ୍ ସୋସିଆଲ ମିଡିଆରେ ଟ୍ରେଣ୍ଡରେ ଥିବାବେଳେ କିଛି ଯୁବ ଇନ୍‌ଷ୍ଟା ଗ୍ରାମ୍ ବ୍ୟବହାରକାରୀ ବାଲକାଟି ସାଇଫନ୍‌କୁ ବୁଲିବା ସହିତ ତାର ସୁନ୍ଦର ପ୍ରାକୃତିକ ପରିବେଶକୁ ଭିଡିଓ ମାଧ୍ୟମରେ ସୋସିଆଲ ମିଡିଆର ଇନ୍‌ଷ୍ଟା ଗ୍ରାମ୍ ପୋଷ୍ଟ କରୁଛନ୍ତି। ଯାହାକୁ ଦେଖି ଅନେକ ଯୁବ ୟୁଟ୍ୟୁବର ଆଖ ପାଖ ଅଞ୍ଚଳରୁ ଆସି ସାଇଫନ୍ (କେନାଲ)ରେ ଭିଡ଼ ଜମାଇ କେତେକ ନିଶା ଖାଇ ବା ସହିତ ତାର ସେଠାରେ ବିପଦଜ୍ଜନକ ଅବସ୍ଥାରେ ଭିଡିଓ ଉତ୍ତୋଳନ କରିବା ସହ ବିପଡଜନକ ସ୍ଥାନରେ ଗାଧାଉ ଥିବାର ନଜର ମଧ୍ୟ ରହିଛି। ଏନେଇ ସକାଳ ଖବର କାଗ ରେ 'ରିଲ୍ସ, ସେଲ୍‌ଫି ନିଶାରେ ଯୁବପିଢ଼ି, ମରଣଯନ୍ତା ପାଲଟିଛି ବାଲକାଟି ସାଇଫନ୍' ଶୀର୍ଷକ ଖବର ପ୍ରକାଶର ୪୮ ଘଣ୍ଟା ପରେ ଉକ୍ତ ସାଇଫନ୍‌ରେ ପୁଣି ଜଣେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ମନ୍ତ୍ରୀପଡ଼ା ଗ୍ରାମର ଏସ. କେ. ମହମଦ ଅଲ୍ଲୀଙ୍କ ପୁଅ ଏସ. କେ. ଇସାଦ ଅଲ୍ଲୀ। ସେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର ଥିଲେ। କଲେଜ ପରୀକ୍ଷା ସରିବା ପରେ ଭାଇରାଲ୍ ବାଲକାଟି ସାଇଫନ୍(କେନାଲ) ବିଷୟରେ ଜାଣିବା ପରେ ସେଠାକୁ ଯିବା ପାଇଁ ନିଜ ସାଙ୍ଗମାନଙ୍କ ସହ ୨ଟି ଦଳରେ ୮ ଜଣ ସେମାନେ ପିପିଲି ଥାନା ପୁବାଶାସନ ପାର୍ଶ୍ୱରେ ମୋଟର ସାଇକଲ ଓ ବ୍ୟାଗ ରଖି ଭାର୍ଗବୀ ନଦୀକୁ ଯାଇଥିଲେ। ସେଠାରେ କିଛି ଛାତ୍ର ରିଲସ କରିଥିବା ବେଳେ ୪ ଜଣ ଛାତ୍ର ଗାଧୋଇବା ପାଇଁ ନଦୀକୁ ଡେଇଁଥିଲେ। ଗାଧୋଇବାକୁ ଡେଇଁଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ କୂଳକୁ ଆସିଥିବା ବେଳେ ଏସ. କେ ଇସାଦ ନଦୀର ବୁଡି ପ୍ରଖର ସୁଅରେ ଗଭୀର ଜଳରାଶି ଭିତରେ ନିଖୋଜ ହୋଇଯାଇ ଥିଲେ। ପରେ ଖବର ପାଇ ବାଲକାଟି ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ଜେନା, ପିପିଲି ଓ ବାଲିଅନ୍ତା ଅଗ୍ନିଶମ ବାହିନୀର କର୍ମଚାରୀ, ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରାୟ ଏକ ଘଣ୍ଟା ପରେ ଇସାଦଙ୍କ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରକୁ ପଠାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପିପିଲି ପୁଲିସଙ୍କ ଠାରୁ ସୂଚନା ମିଳିଛି।

ପ୍ରକାଶ ଥାଉ କି ଏ ନେଇ ଖବର କାଗଜରେ ସତର୍କତା ଓ ସଚେତନତାମୂଳକ ଖବର ପ୍ରକାଶ ପରେ ମଧ୍ୟ ନା ଯୁବଗୋଷ୍ଠୀ ସଚେତନ ହୋଇଥିଲେ ନା ପ୍ରଶାସନ ଏଥିପାଇଁ ଦୃଷ୍ଟି ଦେଇଥିଲା। ଏମିତି କି ଏଠାରେ ସୂଚନା ଫଳକ ମଧ୍ୟ ଲଗାଯାଇ ନ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାରେ ଥିବା ବିପଦପୂର୍ଣ୍ଣ ସ୍ଥାନଟିକୁ ନେଇ ବିଭିନ୍ନ ରିଲ୍ସ, ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଉଥିଲେ ମଧ୍ୟ ପୁଲିସ ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଅନେକଙ୍କ ଜୀବନ ଯାଉଛି।



## ରଥଖଳାରେ ଲାଗିଲା ରୁକୁଣା ରଥ

**ଆଜି ସ୍ୱର୍ଣ୍ଣାଦ୍ରିକୁ ବିଜେ କରିବେ ଶ୍ରୀଲିଙ୍ଗରାଜ**

ଭୁବନେଶ୍ୱର, ୩୧।୩(ସମିସ): ଅଶୋକାଷ୍ଟମୀଠାରୁ ଆରମ୍ଭ ହୋଇଥିବା ରୁକୁଣା ରଥଟଣା ଶେଷ ହୋଇଛି। ମହାପ୍ରଭୁ ଲିଙ୍ଗରାଜ, ଦେବୀଦୁର୍ଗା, ଓ ଦୋଳଗୋବିନ୍ଦ ରଥଖଳାରେ ରଥରେ ବିରାଜମାନ ଅଛନ୍ତି। ମଙ୍ଗଳବାର ଗୋସାଗେଶ୍ୱର ଛକ ନିକଟରୁ ଅପରାହ୍ଣ ୩ଟା ସମୟରେ ରୁକୁଣା ରଥଟଣା ଆରମ୍ଭ ହୋଇଥିବା ବେଳେ ୩ ସେବାୟତ ନିଯୋଗ ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ, ବଡୁ ନିଯୋଗ ପକ୍ଷରୁ ଦିଅଁଙ୍କୁ ପଣା ଭୋଗ ଅର୍ପଣ କରାଯାଇଥିଲା। ପରେ ରାତି ୭ଟା ୧୫ରେ ରଥ ରଥଖଳାରେ ଲାଗିଥିଲା। ଛଅ ଦିନ ହେଉଥିବାରୁ ଦିଅଁମାନେ ରଥ ଉପରେ ବିରାଜମାନ କରିଥିଲେ। ବୁଧବାର ପହୁଡ଼ ଖୋଲିବା ପରେ ମଙ୍ଗଳ ଆଳତି ଓ ଅବକାଶ ହୋଇ ସାହାଣ ମେଲା କରାଯାଇ ଅନ୍ୟାନ୍ୟ ନୀତି ବଢ଼ିବ। ସକାଳ ଧୂପ ପରେ ଶ୍ରଦ୍ଧାଳୁମାନେ ରଥାରୁଢ଼ ଦିଅଁଙ୍କୁ ଦର୍ଶନ କରି ସନ୍ଧ୍ୟାରେ ସ୍ୱର୍ଣ୍ଣାଦ୍ରି ବିଜେ ଅନୁଷ୍ଠିତ କରାଯିବ। ଏଥିପାଇଁ ମନ୍ଦିରରେ ପ୍ରଥମେ ଦ୍ୱିପହର ଧୂପ ସରିଲେ ରଥାରୁଢ଼ ଲିଙ୍ଗରାଜଙ୍କ ଦ୍ୱିପହର ଧୂପ ସରିବା ଓ ପଣା ଭୋଗ ହେବା ସହ ଚାହାଣି ମଣ୍ଡପରେ ଠାକୁରଙ୍କୁ ଅପେକ୍ଷା କରି ରହିଥିବା ମା ପାର୍ବତୀଙ୍କ ସହ ଭେଟ ଅଳତି କରାଯାଇ ଠାକୁରମାନେ ପହଣ୍ଡି ହୋଇ ସ୍ୱର୍ଣ୍ଣାଦ୍ରିକୁ ବିଜେ କରିବେ।

କିନ୍ତୁ ପାର୍ବତୀଙ୍କ ଦର୍ଶନ ଅପେକ୍ଷାରେ ଥିବାରୁ ମନ୍ଦିର ବିଜେ ହେବା ପରେ ଦକ୍ଷିଣୀ ଘର ପାଖରେ ସମସ୍ତ ଚଳନ୍ତି ପ୍ରତିମା ଜଗମୋହନ ଭିତରକୁ ବିଜେ ହେଇଯିବେ। ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିମନ୍ତେ ଦେବୀ ପାର୍ବତୀ ବେହରଣ ଦ୍ୱାର କିଳି ରଖିଥିବେ। ଦେବୀ ପାର୍ବତୀଙ୍କ ସହ କିଛି ସମୟର ବଚନିକା ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପକ୍ଷରୁ ଆସନ୍ତା ୨୨ ଦିନବ୍ୟାପୀ ଚନ୍ଦନଯାତ୍ରାରେ ପାର୍ବତୀଙ୍କୁ ନେଇ ବିନ୍ଦୁସାଗରରେ ଚାପଖେଳର ପ୍ରତିଶ୍ରୁତି ଦେଇ ମାନଭଞ୍ଜନ କରିବା ଏହି ସମୟରେ ଲିଙ୍ଗରାଜ ଓ ଦେବୀ ପାର୍ବତୀଙ୍କ ପକ୍ଷରୁ ଦୁଇ ଜଣ ସେବାୟତ ବଚନିକା ନୀତି କରିବେ। ପରେ ସମସ୍ତ ଚଳନ୍ତି ପ୍ରତିମା ଆଡ଼କାଠ ପାଖରେ ବିଜେ ହୋଇ ପୀଠାଧୀଶଙ୍କ ସହ ଭେଟ ଆଳତି ବଢ଼ିବ ଓ ଦକ୍ଷିଣୀ ଘରକୁ ବିଜେ କରିବେ।



## ପାର୍ଲାମେଣ୍ଟ ଘେରାଉ ପାଇଁ ଓଡ଼ିଶାରୁ ଯିବେ ୩ ହଜାର କିନ୍ନର



ଭୁବନେଶ୍ୱର, ୩୧।୩(ସମିସ): ଭାରତରେ ଥିବା ଏକ କୋଟିରୁ ଅଧିକ ଟ୍ରାନ୍ସଜେଣ୍ଡରଙ୍କ ବିରୁଦ୍ଧରେ ଗତ ସଂସଦ ଅଧିବେଶନରେ ବିଲ୍ ଆସିବାରୁ ତାହାକୁ ସାରା ଭାରତ ବର୍ଷରେ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଭିଜିଟେବୁଲ୍ ଦିବସକୁ କଳା ଦିବସ ଭାବେ ପାଳନ କରାଯିବା ସହ ଓଡ଼ିଶାରେ ନିଖିଳ ଓଡ଼ିଶା ଟ୍ରାନ୍ସଜେଣ୍ଡର ଓ ଜେଣ୍ଡର ଡ଼ିଭାଇସ୍ ଇଣ୍ଡିଭିଜୁଆଲ ଆସୋସିଏସନ ତରଫରୁ ହଜାର ହଜାର କିନ୍ନର ଟ୍ରାନ୍ସଜେଣ୍ଡର ପ୍ରୋଟେକ୍ସନ ଅଫ୍ ରାଇଟ୍ସ ଆମେଣ୍ଡମେଣ୍ଟ ବିଲ-୨୦୨୬କୁ ବିରୋଧ କରି ମାଷ୍ଟର କ୍ୟାଣ୍ଟିନ୍ ଛକରୁ କଳା ଶାଢ଼ି ଓ ଟି-ସାର୍ଟ ପରିଧାନ କରି ହାତରେ ପ୍ଲାକାର୍ଡ଼ ଧରି ରାମ ମନ୍ଦିର ଛକରେ ପହଞ୍ଚି ସେଠାରେ ପ୍ରତିବାଦ କରିଥିଲେ ଏବଂ ନାଲଶା ଜଜ୍‌ମେଣ୍ଟ ମାଧ୍ୟମରେ କିନ୍ନରମାନଙ୍କୁ ଅଧିକାର ପ୍ରଦାନ କରିବା ଓ ସେମାନଙ୍କୁ ସ୍ୱଇଚ୍ଛାରେ ଟ୍ରାନ୍ସଜେଣ୍ଡର ବୋଲି ପରିଚୟ ଦେବାକୁ ସେମାନେ ଦାବି କରିଥିଲେ ଏବଂ ରାଜ୍ୟସଭା ଓ ଲୋକସଭାରେ ଆସିଥିବା ବିଲ୍ ନମ୍ବର-୭୯କୁ ପରିବର୍ତ୍ତନ କରିବା ପାଇଁ ଦାବି କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କିନ୍ନର ସଭାପତି ମୀରା ପରିଡ଼ା କହିଲେ ଆସନ୍ତା ୬ ତାରିଖରେ ସଂସଦ ଭବନ ଆଗରେ ୩ ଲକ୍ଷରୁ ଅଧିକ ଟ୍ରାନ୍ସଜେଣ୍ଡରମାନେ ଯୋଗଦେବେ। କାର୍ଯ୍ୟକାରୀ ସଭାପତି ସୁଇଟି ସାହୁ କହିଲେ ଓଡ଼ିଶାରୁ ପ୍ରତ୍ୟେକ ଟ୍ରେନ୍‌ରେ ୩ ହଜାର ଟ୍ରାନ୍ସଜେଣ୍ଡର ଦିଲ୍ଲୀ ଧାରଣା ସ୍ଥଳରେ ପହଞ୍ଚିବେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପୂର୍ବତନ ଚେୟାରମ୍ୟାନ ପ୍ରତାପ ସାହୁ କହିଲେ ଏବେ ଆସିଥିବା ବିଲ୍ କିନ୍ନରମାନଙ୍କ ବିରୁଦ୍ଧରେ ହୋଇଥିବାରୁ ସରକାରୀ ଡାକ୍ତରୀ ଦଳ ପରୀକ୍ଷା କଲେ ବହୁ ଛୋଟ ଛୁଆ ବାପା ମା' ଛେଉଣ୍ଡ ହେବା ସହ ବହୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ବହୁ କିନ୍ନର ଲିଡ଼ର ସାଧନା ମିଶ୍ର, ମାଧୁରୀ କିନ୍ନର, ଶୋନମ୍ କିନ୍ନର, ସୋନୀ, ଟିନା, ରାଣୀ ପ୍ରମୁଖ ହଜାର ହଜାର କିନ୍ନର ଯୋଗଦେଇଥିଲେ।

## ଜାଲ୍ କାଗଜପତ୍ରରେ ଜମି ବିକ୍ରିକରି ଜଣେ ଗିରଫ

ଭୁବନେଶ୍ୱର, ୩୧।୩(ସମିସ): ଜାଲ କାଗଜପତ୍ର ପ୍ରସ୍ତୁତ କରି ବେଆଇନ୍ ଭାବେ ଜମି ବିକ୍ରି କରିବା ଅଭିଯୋଗରେ ବଡ଼ଗଡ଼ ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୁଶାନ୍ତ କୁମାର ପାତ୍ର। ସୁଶାନ୍ତର ଘର ନୂଆସାହି ନୟାପଲ୍ଲୀ ଅଞ୍ଚଳରେ।

ପୁଲିସ ସୂଚନା ମୁତାବକ, ଅଭିଯୋଗକାରିଣୀ 'ମେସର୍ସ କାର୍ଗୋ ଲାଇନ୍ସ' ଫାର୍ମର ଏକମାତ୍ର ମାଲିକ ହୋଇଥିବାରୁ ୨୦୨୧ ମସିହାରେ ରଘୁନାଥପୁର ମୌଜାରେ ଦୁଇଟି ପ୍ଲଟ୍ କିଣି ସେଥିରେ ଦଖଲରେ ଥିଲେ। ପରେ ଜଣାପଡ଼ିଥିଲା ଯେ କିଛି ଅଭିଯୁକ୍ତ ପରସ୍ପର ମିଳିତ ଭାବରେ ଜାଲ୍ ରିଜୋଲ୍ୟୁସନ୍, ସିଲ୍ ଏବଂ ଦସ୍ତଖତ ସହ ଜାଲ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରି ଅଭିଯୋଗକାରିଣୀଙ୍କ ଅଜାଣତରେ ସବ-ରେଜିଷ୍ଟ୍ରାର ଅଫିସରେ ପ୍ରତାରଣାମୂଳକ ଭାବରେ ବିକ୍ରୟ ଡିଡ୍ ବାତିଲ କରିଥିଲେ। ନିଜକୁ ଅଧିକୃତ ପ୍ରତିନିଧି ଭାବେ ପରିଚୟ ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ପାୱାର ଅଫ୍ ଆଟର୍ଣ୍ଣି ଏବଂ ଡିଭେଲପମେଣ୍ଟ ଏଗ୍ରିମେଣ୍ଟ କାର୍ଯ୍ୟକାରୀ କରି ବାଣିଜ୍ୟିକ ଲାଭ ଉଦ୍ଦେଶ୍ୟରେ ଜମି ଉପରେ ଅବୈଧ ଦଖଲ ସ୍ଥାପନ କରିଥିଲେ। ଯାହା ଫଳରେ ଅଭିଯୋଗକାରିଣୀଙ୍କୁ ପ୍ରାୟ ୩୪.୩୧ ଲକ୍ଷ ଟଙ୍କାର ଆର୍ଥିକ କ୍ଷତି ହୋଇଥିଲା। ତଦନ୍ତ ସମୟରେ ପ୍ରାସଙ୍ଗିକ ଦସ୍ତାବିଜଗୁଡ଼ିକୁ ଜବତ କରାଯାଇଥିଲା। ହସ୍ତଲିଖନ ବିଶେଷଜ୍ଞଙ୍କ ମତାମତ ଦ୍ୱାରା ଦସ୍ତଖତର ଜାଲିଆତି ନିଶ୍ଚିତ ହୋଇଥିଲା। ଅଭିଯୁକ୍ତ ସୁଶାନ୍ତ କୁମାର ପାତ୍ରଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ନିଜକୁ ଅଧିକୃତ ସ୍ୱାକ୍ଷରକାରୀ ଭାବରେ ପରିଚୟ ଦେଇ ସହ-ଅଭିଯୁକ୍ତମାନଙ୍କ ସହ ମିଶି ପ୍ରତାରଣାମୂଳକ ବାତିଲ ଡିଡ୍ କାର୍ଯ୍ୟକାରୀ କରିଥିବା କଥା ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି।

## ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ; ସ୍ୱାମୀ ଗିରଫ

ଭୁବନେଶ୍ୱର, ୩୧।୩(ସମିସ): ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ବରଗଡ଼ ଥାନା ପୁଲିସ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୁଶାନ୍ତ ସ୍ୱାଇଁ(୪୫)। ତାଙ୍କ ଘର ବାଙ୍କୁଆଳ ଅଞ୍ଚଳରେ। ସେ ବାଙ୍କୁଆଳରେ ପରିବା ଦୋକାନ କରିଛନ୍ତି। ପାରିବାରିକ କଳହରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି।

ପୁଲିସ ସୂଚନା ମୁତାବାକ, ଅମ୍ବିକା ସ୍ୱାଇଁ ସୁଶାନ୍ତଙ୍କୁ ବହୁବର୍ଷ ପୂର୍ବେ ବିହାର କରିଥିଲେ। ତାଙ୍କ ପିଲା ଅଷ୍ଟମ ଶ୍ରେଣୀ ପଢୁଛି। ସୁଶାନ୍ତ ଅନେକ ସମୟରେ ସ୍ତ୍ରୀ ଅମ୍ବିକାକୁ ନିର୍ଯାତନା ଦେଇ ଆସୁଥିଲେ। ଶେଷରେ ମଙ୍ଗଳବାର ପାରିବାରିକ କଳହ ଉଗ୍ର ରୂପ ନେଇଥିଲା। ଏଣୁ ସୁଶାନ୍ତ ତାଙ୍କ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏନେଇ ଅମ୍ବିକାଙ୍କ ଭାଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ଶବ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରିଥିଲା। ହତ୍ୟା ନେଇ ପ୍ରମାଣ ମିଳିବା ପରେ ପୁଲିସ ଏକ ମାମଲା ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରିଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ମଞ୍ଚେଶ୍ୱର ମେଡିସିନ୍ ଗୋଦାମରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୩୧।୩(ସମିସ):ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ସ୍ଥିତ ଇଷ୍ଟନ୍ ଡ୍ରଗ୍ କମ୍ପାନୀର ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ କ୍ୟାମ୍ପସ ପରିସରରେ ଥିବା ବ୍ୟାଟେରୀ କମ୍ପାର୍ଟମେଣ୍ଟରୁ ସକାଳ ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ଅଚାନକ ଧୂଆଁ ବାହାରି ଥିଲା। ଏହାପରେ ବିଭିନ୍ନ ସ୍ଥାନକୁ ନିଆଁ ବ୍ୟାପିଥିଲା। ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲା। ଏଠାରେ ଥିବା ଏକ ପରିତ୍ୟକ୍ତ ମେଡିସିନ୍ ଗୋଦାମରେ ନିଆଁ ଲାଗିଯାଇଥିଲା। ଫଳରେ ବହୁ ପରିମାଣରେ ମେଡିସିନ୍ ଜଳି ପୋଡ଼ି ପାଉଁସ ହୋଇଯାଇଛି। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବାରେ ସଫଳ ହୋଇଛି।

## ଦମ୍ପତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକ; ଯୁବକ ଗିରଫ

- ଅଭିଯୁକ୍ତ ନାଁରେ ରହିଛି ୮ ମାମଲା



ଭୁବନେଶ୍ୱର, ୩୧।୩ (ସମିସ): ଦମ୍ପତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁନ୍ଦରପଦାର ରଶ୍ମିରଞ୍ଜନ ବାରିକ (୨୮)।

ପୁଲିସ ସୂଚନାନୁଯାୟୀ, ଗତ ରବିବାର ରାତି ୯ଟା ୩୦ରେ ବ୍ୟାଙ୍କ୍ ଅଧିକାରୀ ସୁଧାଂଶୁ, ତାଙ୍କ ପତ୍ନୀ ଓ ଝିଅ ଏୟାରପୋର୍ଟରୁ ଘରକୁ ଫେରୁଥିଲେ। ଘରକୁ ଯିବା ଗଳିରେ ରଶ୍ମି ଓ ତାର ସହଯୋଗୀମାନେ ସ୍କୋର୍ପିଓ ଗାଡ଼ି ସାମ୍ନାରୁ ତାଙ୍କ ଗାଡ଼ିକୁ ଅଟକାଇଥିଲା। ଗାଡ଼ି ପଛକୁ ଫେରାଇବାକୁ ଜୋର କରିବା ସହ ତାଙ୍କ ସ୍ତ୍ରୀ ଓ ଝିଅମାନଙ୍କ ସମ୍ମୁଖରେ ଗାଳିଗୁଲଜ କରିଥିଲେ। ସୁଧାଂଶୁ ଯିବାପାଇଁ ସାଇଟ୍ ମାଗିବାରୁ ଅଭିଯୁକ୍ତମାନେ ଅନ୍ୟ ସହଯୋଗୀମାନଙ୍କୁ ଡକାଇଥିଲେ। କିଛି ସମୟ ମଧ୍ୟରେ ସହଯୋଗୀମାନେ ପହଞ୍ଚି ଦମ୍ପତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ହତ୍ୟା କରିବାକୁ ଧମକ ଦେଇ ପଳାଇଥିଲେ। ପରିବାର ପ୍ରତି ବିପଦ ଥିବା ଜାଣି ସୁଧାଂଶୁ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ରଶ୍ମିକୁ ଗିରଫ କରିବା ସହ କଳା ରଙ୍ଗର ସ୍କୋର୍ପିଓ ଜବତ କରିଥିଲା। ରଶ୍ମି ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୮ ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ବହିଖାତା ପାଇଁ ମନଇଚ୍ଛା ଫି' ନେଉଛନ୍ତି ଘରୋଇ ଶିକ୍ଷାନୁଷ୍ଠାନ

- ମୁଖ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲା ଅଭିଭାବକ ମହାସଂଘ

ଭୁବନେଶ୍ୱର, ୩୧।୩(ସମିସ): ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶୋଷଣ କରୁଛନ୍ତି ଘରୋଇ ଶିକ୍ଷାନୁଷ୍ଠାନ। ବହି ଖାତା ନାମରେ ମନଇଚ୍ଛା ଫି' ନେଉଛନ୍ତି। ବଜାର ଦର ଠାରୁ ବହୁ ଅଧିକ ଦର ନେଉଥିଲେ ମଧ୍ୟ ସରକାରଙ୍କ କୌଣସି ଅଙ୍କୁଶ ନାହିଁ। ଆଉ ଦିନେ ପରେ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ଷୋଷଣ ବିରୋଧରେ ଅଭିଭାବକ ମହାସଂଘ ମୁଖ୍ୟ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛି।

ସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ କହିଛନ୍ତି ଯେ ଗଣଶିକ୍ଷା ବିଭାଗର ୧୯୯୬ ନିର୍ଦ୍ଦେଶନାମା ଅନୁଯାୟୀ ସ୍କୁଲ୍ ଫି ସାଧାରଣତଃ ପ୍ରତି ତିନି ବର୍ଷରେ ଥରେ ସଂଶୋଧନ କରାଯାଇପାରିବ। ମାତ୍ର ରାଜ୍ୟରେ ଥିବା ୪୫୦୦ ସ୍ୱୀକୃତିପ୍ରାପ୍ତ ଏବଂ ୨୫୦୦ ଅଣ-ସ୍ୱୀକୃତିପ୍ରାପ୍ତ ବେସରକାରୀ ସ୍କୁଲ ପ୍ରତିବର୍ଷ ୧୦ ରୁ ୧୫% ଫି ବୃଦ୍ଧି କରୁଛନ୍ତି। ରିଆଡମିସନ୍ ନାମରେ ବହୁ ଅଧିକ ଅର୍ଥ ଆଦାୟ କରୁଛନ୍ତି। ୨୦୧୫ ମସିହାରୁ ବହୁ ସ୍କୁଲ୍‌ର ଫି ପ୍ରାୟ ଦ୍ୱିଗୁଣ ହେଲାଣି। ଦୈନନ୍ଦିନ ଦରଦାମ୍ ବଢୁଥିବାବେଳେ ଲଗାମଛଡ଼ା ଫି ବୃଦ୍ଧି ଅଭିଭାବକଙ୍କ ପାଇଁ ବେଡ଼ି ଉପରେ କରଡ଼ା ମାଡ଼ ସଦୃଶ ହେଲାଣି। ଏଣୁ ସଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଘଟଣାରେ ତ୍ୱରିତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଅନ୍ୟଥା ଆମରଣ ଅନଶନ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ପରିଜା, ମହାସଚିବ ଅଶୋକ ପାଇକରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ପଦ୍ମନାଭ ସାହୁ ଓ ବାବା ପ୍ରସାଦ ଚେତାବନୀ ଦେଇଛନ୍ତି।

## ଭୁବନେଶ୍ୱର ନିୟୁସିଟି ମାଷ୍ଟରପ୍ଲାନ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ

ଭୁବନେଶ୍ୱର, ୩୧।୩(ସମିସ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ମଙ୍ଗଳବାର ଭୁବନେଶ୍ୱରର ପ୍ରସ୍ତାବିତ 'ନିୟୁସିଟି' (ନୂଆ ସହର) ପାଇଁ ଏକ ବ୍ୟାପକ ମାଷ୍ଟରପ୍ଲାନ୍ ପ୍ରସ୍ତୁତି କରି ସୁର୍ବାନା ଜୁରୋଙ୍ଗ ସଂସ୍ଥା ସହ ଏକ ଚୁକ୍ତି ସ୍ୱାକ୍ଷରିତ କରିଛି। ବିଡିଏ ସଚିବ ମାନସ ରଞ୍ଜନ ପାଢ଼ୀ ଓ ସୁର୍ବାନା ଜୁରୋଙ୍ଗର ଡେପୁଟି ଡାଇରେକ୍ଟର ମନଦୀପ ଦତ୍ତଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ଏହି ମେଗା ପ୍ରକଳ୍ପ ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିରେ ନିର୍ମାଣ ହେବ ଏବଂ ରାଜ୍ୟର ଦୀର୍ଘମିଆଦୀ ଉନ୍ନୟନ ରୋଡ଼ମ୍ୟାପ୍ 'ବିକଶିତ ଓଡ଼ିଶା ୨୦୩୬' ସହ ସମନ୍ୱୟ ରଖି ଏକ ବହୁ-ଅର୍ଥନୈତିକ ବୃଦ୍ଧି କ୍ଷେତ୍ର ଭାବେ ଗଢ଼ାଯିବ। ପ୍ରସ୍ତାବିତ ନୂଆ ସହରକୁ ଏକ ଟ୍ରାନ୍ସିଟ୍-ଓରିଏଣ୍ଟେଡ୍ ସହରୀ ହବ୍ ଭାବେ ଗଢ଼ାଯିବ ଏବଂ ଏଥିରେ ଦକ୍ଷ ପରିବହନ ବ୍ୟବସ୍ଥା, କମ୍ ଯାତାୟାତ ସମୟ ଓ ମିଶ୍ରିତ ଜମି ବ୍ୟବହାରର ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯିବ। 'ସମସ୍ତଙ୍କ ପାଇଁ ଗୃହ' ଲକ୍ଷ୍ୟ ପୂରଣ ପାଇଁ ବିଭିନ୍ନ ଆୟ ସ୍ତରର ଲୋକଙ୍କ ପାଇଁ ସୁଲଭ ଓ ବିବିଧ ଗୃହ ବ୍ୟବସ୍ଥା ଏକ ପ୍ରମୁଖ ଦିଗ ହେବ। ଏହି ଅବସରରେ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି ଯେ, ଏହି ସହର ଆଧୁନିକ ସୁବିଧା ସହିତ ତିଆରି ହେବ। ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ପ୍ଲଗ୍-ଆଣ୍ଡ-ପ୍ଲେ ଇନୋଭେସନ୍ ହବ୍, ଆଇଡିଆ ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର ଅନ୍ତର୍ଭୁକ୍ତ ହେବ। ସେ ଆହୁରି କହିଛନ୍ତି ଯେ ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମୁଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟୱେ ପ୍ଲାଜା, କ୍ରିଏଟିଭ୍ ପ୍ଲେସମେକିଙ୍ଗ୍ ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ପ୍ରକଳ୍ପ ଜଳବାୟୁ ସହନଶୀଳତା, ପରିବେଶ ସୁରକ୍ଷା ଓ ନାଗରିକଙ୍କ ସମଗ୍ର କଲ୍ୟାଣ ପାଇଁ ସ୍ମାର୍ଟ, ସବୁଜ ଭିତ୍ତିଭୂମି ଓ ସାମଗ୍ରିକ ଜୀବନମାନର ଗୁଣବତ୍ତା ବୃଦ୍ଧି ପାଇଁ କାର୍ଯ୍ୟ କରିବ।




ବିଡିଏକୁ ଏହି ପ୍ରକଳ୍ପର ନୋଡାଲ୍ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହା ଭୁବନେଶ୍ୱରର ପରିଯୋଜିତ ପ୍ରସାରଣକୁ ନିର୍ଦ୍ଦେଶିତ କରିବ, ଅନିୟନ୍ତ୍ରିତ ସହରୀ ବିସ୍ତାରକୁ ରୋକିବ ଏବଂ ଭିତିଭୂମିକୁ ମଜବୁତ୍ କରିବ। ଏହା ଚାକିରି ସୁଯୋଗ ସୃଷ୍ଟି କରିବ, ବିନିଯୋଗ ଆକର୍ଷିତ କରିବ ଏବଂ ସମସ୍ତ ବର୍ଗର ଲୋକଙ୍କ ପାଇଁ ସୁଲଭ ଗୃହ ଓ ଆବଶ୍ୟକୀୟ ସମ୍ପ୍ରଦାୟିକ ସୁବିଧା ଯୋଗାଇ ଅନ୍ତର୍ଭୁକ୍ତିମୂଳକ ବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ଡେପୁଟି କମିଶନର ତଥା ନିୟୁ ସିଟି(ନୂଆ ସହର) ନୋଡାଲ୍ ଅଧିକାରୀ ଭବତାରଣ ସାହୁ, ଆସୋସିଏଟ୍ ଟାଉନ୍ ପ୍ଲାନର୍ ଓମକାର ମହାନ୍ତି, ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର୍ ମାନସୀ ମହାନ୍ତି ଓ ପିଏମ୍ୟୁ ଟିମ୍ ଲିଡର୍ ଅଜୟ ଝା ପ୍ରମୁଖ ଉପସ୍ଥିତ ରହିଥିଲେ।

ସକାଳ
THE SAKALA



## ମା' ଅଗ୍ନିରୂପାଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ

# ଲୋକାରଣ୍ୟ ହିଙ୍ଗୁଳା ପୀଠ, ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼





ତାଳଚେର/ତାଳଚେର ସହର,୩୧ ।୩(ସମିସ):

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ମା'ଙ୍କ ପୀଠରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଏଥିସହ ମା'ଙ୍କ ନବକଳେବର ତଥା ପାଟୁଆରୀ ଉତ୍ସବ ମଧ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ ଚୈତ୍ରମାସ ଶୁକ୍ଳ ଚତୁର୍ଦ୍ଦଶୀ ବା ବିଷ୍ଣୁ ଦମନକ ଚତୁର୍ଦ୍ଦଶୀରେ ମା'ଙ୍କ ନବଦିନାଳକ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଯାତ୍ରାର ପ୍ରଥମ ଦିନରେ ଆଜି ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଚଳିତ ବର୍ଷ ଅଗ୍ନିରୂପା ମା' ହିଙ୍ଗୁଳା ମନ୍ଦିରର ପୂର୍ବ ଦିଗରେ ପ୍ରାୟ ୨ଶହ ମିଟର ଦୂରରେ ଥିବା ଅରା ବାଉଁଶ ଜଙ୍ଗଲ ନିକଟରେ ଆବିର୍ଭାବ ହୋଇଛନ୍ତି । ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନ ପାଇଁ ଉଭାସ୍ଥଳୀକୁ ବଡ଼ି ଭୋରରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ସକାଳେ ସମାନ୍ୟ ବର୍ଷା ହୋଇଥିଲେ ମଧ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

ପ୍ରତ୍ୟୁଷରୁ ମା'ଙ୍କ ମଙ୍ଗଳ ଆଳତି, ବାଳଭୋଗ ଆଦି ସମ୍ପନ୍ନ ହୋଇଥିଲା । ପରେ ମା'ଙ୍କ ନବକଳେବର ଓ ପାଟୁଆରୀ ପୂଜା ଅନୁଷ୍ଠିତ ହୋଇଥିଲା । ତାଳଚେରର ୨୬ତମ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ଓ ପାଟରାଣୀ ତାଳଚେର ରାଜପ୍ରାସାଦରୁ ଭବ୍ୟ ଶୋଭାଯାତ୍ରାରେ ପୀଠକୁ ଆସିଥିଲେ । ସେଠାରେ ପ୍ରଥମେ ଦେହୁରୀଙ୍କ ଘରକୁ ଯାଇ ଦିଅଁଘରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ । ପରେ ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ ପାଟୁଆରୀ ଉତ୍ସବ ଓ ମା'ଙ୍କ ନବକଳେବର ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ହିଙ୍ଗୁଳାଙ୍କ ପ୍ରତୀକ ସ୍ୱରୂପ ଖମ୍ବ, ପାଷାଣ, ପାଟ, ଚାନ୍ଦୁଆ ଆଦିକୁ ବିସର୍ଜନ କରି ନୂତନ ଖମ୍ବ, ପାଷାଣ ତଥା ମା'ଙ୍କ ପ୍ରତୀକ ଆଲମରେ ନୂତନ ପାଟ ବସ୍ତ୍ର ଓ ରୁପା ମସ୍ତକ ସ୍ଥାପନ କରି ଜୀବନ୍ୟାସ କରିଥିଲେ । ପରମ୍ପରା ଅନୁଯାୟୀ ଦେହୁରୀ ମହିଳା ବେଶ ଧାରଣ କରି ରାଜାଙ୍କୁ ପଗଡ଼ି ଓ ରାଣୀଙ୍କୁ ମୁକୁଟ ପିନ୍ଧାଇଥିଲେ । ଏହାକୁ ପାଟବରୀ ଉତ୍ସବ ବା ପାଟୁଆରୀ ଉତ୍ସବ କୁହାଯାଏ । ଏଥିରେ ରାଜଗୁରୁ ପଙ୍କଜ ଲୋଚନ ପତି ଓ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ ସହଯୋଗ କରିଥିଲେ । ଜଣେ ରାଜାଙ୍କ ଜୀବନକାଳ ମଧ୍ୟରେ ମା'ଙ୍କ ନବକଳେବର ଥରେ ମାତ୍ର ହେଉଥିବାରୁ ଆଜିର ଯାତ୍ରା ବିଶେଷ ମହତ୍ତ୍ୱ ରଖିଥାଏ । ପରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ମା' ଅଗ୍ନିରୂପାଙ୍କ ଉଭାସ୍ଥଳୀକୁ ନିଆଯାଇଥିଲା । ସେଠାରେ ଦେହୁରୀ ଶାବରୀ ମନ୍ତ୍ରରେ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ ।

ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶିଶୁମାନଙ୍କ ମୁଣ୍ଡନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇଥିଲା । ବହୁ ଶ୍ରଦ୍ଧାଳୁ ଶାଳବଣିଆ ଛକରୁ ଗୋପାଳପ୍ରସାଦ ସିଙ୍ଗଡ଼ା ବ୍ରିଜ ପର୍ଯ୍ୟନ୍ତ ରାସ୍ତାପାଶ୍ୱର୍ ବିଭିନ୍ନ ସ୍ଥାନରେ ଶିଶୁମାନଙ୍କ ଚୁଟି ମୁଣ୍ଡନ କରାଇଥିଲେ । ପ୍ରଚଣ୍ଡ ରୌଦ୍ରତାପରୁ ଭକ୍ତମାନଙ୍କୁ ସୁରକ୍ଷା ପ୍ରଦାନ ପାଇଁ ଉଭାସ୍ଥଳୀ ଓ ମନ୍ଦିର ଚତୁଃପାଶ୍ୱର୍କୁ କପଡ଼ା ଦ୍ୱାରା ସିଲିଂ କରାଯାଇଥିଲା । ଉଭାସ୍ଥଳୀରେ ଦୁଇଟି ବିଶାଳ ବିଶ୍ରାମାଗାର ନିର୍ମାଣ କରାଯାଇଛି । ଉଭାସ୍ଥଳୀ ଓ ମନ୍ଦିରରେ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯାଇ ପୁରୁଷ ଓ ମହିଳାମାନେ ମା'ଙ୍କୁ ଦର୍ଶନ କରିବା ସହ ଅଗ୍ନିରୂପାଙ୍କୁ ନଡ଼ିଆ, କଦଳୀ, ଗୁଡ଼, ଘିଅ, ଝୋଟ, ସିନ୍ଦୂର, ଚୁଡ଼ି, ଛିଟ, ପୁଷ୍ପ ଆଦି ଅର୍ପଣ କରିଥିଲେ । ଭିଡ଼ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।

ଆଞ୍ଚଳିକ ଠିକା ମଜଦୁର ସଂଘ, ମହାନଦୀ କୋଲଫିଲ୍ଡସ୍ ଠିକାଦାର ଶ୍ରମିକ ସଂଘ, ତାଳଚେର ଓ କଣିହାଁ ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ, ମା' ହିଙ୍ଗୁଳା ଅନ୍ନବସ୍ତ୍ର କମିଟି ଆଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ମାଗଣାରେ ଅନ୍ନପ୍ରସାଦ ବିତରଣ କରାଯାଇଥିଲା । ହିଙ୍ଗୁଳା କୋଇଲାଖଣି କର୍ମଚାରୀ ସଂଗଠନ, ପ୍ରତିଭା ମହିଳା ମଣ୍ଡଳ, ହିଙ୍ଗୁଳା ଟ୍ରକ ମାଲିକ ସଂଘ, ଗୋପାଳପ୍ରସାଦ ଟ୍ରକ ମାଲିକ ସଂଘ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଥଣ୍ଡା ପାନୀୟ ଜଳ, ଦହି, ସରବତ, ତରଭୁଜ, ଆଖୁରସ ଆଦି ବର୍ଣ୍ଟନ କରାଯାଇଥିଲା । ଅଂଶୁଘାତ ମୁକାବିଲା ପାଇଁ ଉଭାସ୍ଥଳୀରେ ଜଳ ସିଞ୍ଚନ, ଅଂଶୁଘାତ ଚିକିତ୍ସା କେନ୍ଦ୍ର, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି । ଏମସିଏଲ୍ ଆମ୍ବୁଲାନ୍ସ ଡିଭିଜନ, ଅନନ୍ତ ଆମ୍ବୁଲାନ୍ସ, ମା' ହିଙ୍ଗୁଳା ଆମ୍ବୁଲାନ୍ସ ଡିଭିଜନ ସମେତ ଗୋଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର, କଳମଛୁଇଁ ଓ ଗୋପାଳପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସେବା ଯୋଗାଇ ଦିଆଯାଉଛି । ଉଭାସ୍ଥଳୀରେ ବିଭିନ୍ନ ଭଜନ ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା । ଉଭୟ ମନ୍ଦିର ଓ ଉଭାସ୍ଥଳୀରେ ସିସିଟିଭି କ୍ୟାମେରା ଲଗାଯାଇ ପୁଲିସ ପ୍ରଶାସନ ପକ୍ଷରୁ ୨୪ ଘଣ୍ଟିଆ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି । ଉଭୟ ଉଭାସ୍ଥଳୀ ଓ ମନ୍ଦିର ପରିସରରେ ସୂଚନା କେନ୍ଦ୍ର ଖୋଲାଯାଇଛି । ପ୍ରତ୍ୟେକ ସନ୍ଧ୍ୟାରେ ଲୋକ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ କଳାକାର ଯୋଗଦେଇ ନିଜ ପ୍ରତିଭା ପ୍ରଦର୍ଶନ କରୁଛନ୍ତି । ମନ୍ଦିର ପରିସର ପଡ଼ିଆରେ ପ୍ରାୟ ୪ଶହ ଷ୍ଟଲ ନିର୍ମାଣ କରାଯାଇଛି । ସେଥିରେ ଖାଦ୍ୟ, ଫାଷ୍ଟ ଫୁଡ, ମନୋହରୀ ସାମଗ୍ରୀ, ପଲ୍ଲୀଶ୍ରୀ ମେଳା, ମୀନାବଜାର, ଖେଳନା, ଘରକରଣା ସାମଗ୍ରୀ ତଥା କାଠ ତିଆରି ଘରୋଇ ଉପକରଣ ଆଦି ବିକ୍ରି ହେଉଛି । ବିଭିନ୍ନ ଛକରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି । ଦୁର୍ଘଟଣା ଏଡ଼ାଇବା ପାଇଁ ୱାନ ୱେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁଙ୍କ ପାଇଁ ମା' କରଡ଼େଇ ପୀଠ ନିକଟ ପଡିଆ ଓ ଗଜରାଜ ଷ୍ଟାଡିୟମରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ଆସନ୍ତା ୮ ତାରିଖ ଏହି ଯାତ୍ରା ଉଦଯାପିତ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

● ତାଳଚେରର ଅଧିଷ୍ଠାତ୍ରୀ ଦେବୀଙ୍କ ନବଦିନାତ୍ମକ ଯାତ୍ରା

## 'ମା' ହିଙ୍ଗୁଳା ସନାତନ ସଭ୍ୟତା ଓ ଆଧ୍ୟାତ୍ମିକ ଚେତନାର ପ୍ରତୀକ'

ଅନୁଗୋଳ,୩୧ ।୩(ସମିସ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ, ଶକ୍ତିସ୍ୱରୂପିଣୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପବିତ୍ର ନବଦିନାତ୍ମକ ଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିବାର ସହ ମା'ଙ୍କ ଦର୍ଶନ କରିବା ସହ ଉଭାସ୍ଥଳୀରେ ପୂଜାର୍ଚ୍ଚନା କରିଛନ୍ତି । ମା'ଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କରି ସେ ନିଜକୁ କୃତାର୍ଥ ମନେ କରିବା ସହ ମା' ହିଙ୍ଗୁଳା ସନାତନ



ସଭ୍ୟତାର ଅନନ୍ୟ ସାଂସ୍କୃତିକ, ଧାର୍ମିକ ଏବଂ ଆଧ୍ୟାତ୍ମିକ ଚେତନାର ପ୍ରତୀକ ଭାବେ ବର୍ଣ୍ଣନା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ପ୍ରଧାନ ମା'ଙ୍କ ଶ୍ରୀଚରଣରେ ଅନୁଗୋଳ ମାଟିର ଶ୍ରୀବୃଦ୍ଧି ସହ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସାକାର ହେଉ ବୋଲି ପ୍ରାର୍ଥନା କରିଛନ୍ତି । ଏହି ଅବସରରେ ସେ ମା'ଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହାସହ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦ ବିତରଣ କରିଥିଲେ ।

## ମା' ହିଙ୍ଗୁଳା ଯାତ୍ରା ଉପଲକ୍ଷେ ଜଳଛତ୍ର



କୁଇଓ,୩୧ ।୩(ସମିସ): ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଯାତ୍ରା ଉପଲକ୍ଷେ ବେଡ଼ାସର ଗ୍ରାମର ରାଧାକୃଷ୍ଣ କ୍ଲବ ପକ୍ଷରୁ ଜଳଛତ୍ର ଖୋଲାଯାଇଛି । ଅନୁଗୋଳଠାରୁ ଗୋପାଳଗଡ଼ ମା' ହିଙ୍ଗୁଳା ଯାତ୍ରା ଦେଖିବା ପାଇଁ ଭକ୍ତମାନେ ଆସନ୍ତି । ଏହାକୁ ଦୃଷ୍ଟିରେ ରଖି ରାଧାକୃଷ୍ଣ କ୍ଲବ ପକ୍ଷରୁ ଜଳଛତ୍ର ଖୋଲାଯାଇ ଭକ୍ତଙ୍କୁ ଦହିପାଣି, ଥଣ୍ଡା ପାଣି, ବେଲପଣା ଦିଆଯାଥିଲା । କମିଟିର ଶଶିଭୂଷଣ ପ୍ରଧାନ, ସୁଶୀଲ ସ୍ୱାଇଁ, ଜିତେନ ପ୍ରଧାନ, ପିନୁ ଦେହୁରୀ, ପ୍ରଶାନ୍ତ ସାହୁ, ସରପଞ୍ଚ ଟୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଡିଏଚ୍ଏଚ୍‌ରେ ଇଣ୍ଟିଗ୍ରେଟେଡ୍ ପବ୍ଲିକ ହେଲ୍‌ଥ ଲାବ୍ ଉଦଘାଟିତ

ଅନୁଗୋଳ,୩୧ ।୩(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ସୋମବାର ଇଣ୍ଟିଗ୍ରେଟେଡ ପବ୍ଲିକ ହେଲ୍‌ଥ ଲାବୋରେଟୋରୀ (ଆଇପିଏଚ୍ଏଲ୍) ଉଦଘାଟିତ ହୋଇଛି । ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏହି ଲାବ ଜିଲ୍ଲାର ସାର୍ବଜନୀନ ସ୍ୱାସ୍ଥ୍ୟସେବା ଏବଂ ରୋଗର ସଠିକ୍ ନିଦାନରେ ସହାୟକ ହେବ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ,



ମେଡିକାଲ ସୁପରିନଟେଣ୍ଡେଣ୍ଟ ତରଙ୍ଗିଣୀ ଦାସ, ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ଓ ପ୍ରିନ୍ସିପାଲ୍ ଡା. କୀର୍ତ୍ତିରେଖା ମହାନ୍ତି, ଡିଏମ୍‌ଓ ଡା. ଦିଲୀପ କୁମାର ପଟ୍ଟନାୟକ, ଡିପିଏଚ୍‌ଓ ଡା. ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର୍ ସୌମ୍ୟାରାଣୀ ଗୌଡ଼, ଜିଲ୍ଲା ମାଇକ୍ରୋ ବାୟୋଲଜିଷ୍ଟ ଅର୍ଦ୍ଧେନ୍ଦୁ ଭୂଷଣ ପ୍ରହରାଜଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ ଉପସ୍ଥିତ ଥିଲେ ।

## ହତାଶିମିଳି ଗ୍ରାମରେ ରାମନବମୀ ଉତ୍ସବ

କିଶୋରନଗର,୩୧ ।୩(ସମିସ): ଆଠମଲ୍ଲିକ ଉପଖଣ୍ଡ ହତାଶିମିଳି ଗ୍ରାମରେ ରାମନବମୀ ଉତ୍ସବ ପାଳିତ ହୋଇଛି । ସକାଳ ୭ଟାରେ ଗ୍ରାମର ପୁରୁଷ ମହିଳା ପୁରୁଣା ଶିବ ମନ୍ଦିର ପାଖରୁ ପାଣି ଉଠାଇ କଳସ ଯାତ୍ରା କରି ମଣ୍ଡପ ପାଖରେ ସ୍ଥାପନ କରିଥିଲେ । ୧୧ଟାରେ ଯଜ୍ଞ ଆରମ୍ଭ ହୋଇଥିଲା । ନାରାୟଣ କୁମାର ବିଶ୍ୱାଳ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ସଞ୍ଜୟ ମିଶ୍ର, ବିଶ୍ୱନାଥ ମିଶ୍ର, ସନ୍ତୋଷ ମିଶ୍ର, କୁନି ମାତା, ନାଗା ବାବାଙ୍କ ମନ୍ତ୍ର ପାଠରେ ଗାଁ ପରିବେଶ



ଭକ୍ତିମୟ ହୋଇଥିଲା । ସକାଳ ୬ଟା ୧୪ରେ ପୂର୍ଣ୍ଣାହୁତି ପଡ଼ିଥିଲା । ଭକ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା । ଏହି ଯାତ୍ରା ପଚିଶି ବର୍ଷ ହେବ ହୋଇ ଆସୁଛି । ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ଓ ଅପେରା ପରିବେଷଣ ହୋଇଥିଲା । ଗ୍ରାମ ସଭାପତି ଭରତ ଦେହୁରୀ, ସମ୍ପାଦକ ପ୍ରବୀଣ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା ।

■ ୩ଦଫା ଦାବି ନେଇ ଆଲୋଚନା ପରେ ନିଷ୍ପତ୍ତି

## ବିଫଳ ହେଲେ ୯ରୁ ପୁଣି ଆନ୍ଦୋଳନ




କଣିହାଁ,୩୧ ।୩(ସମିସ): ଠିକା ଶ୍ରମିକଙ୍କ ଛଟେଇ ପ୍ରତିବାଦରେ କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ପାୱାରଗ୍ରୀଡରେ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ମଙ୍ଗଳବାର ଅପରାହ୍ନରେ ସ୍ଥଗିତ ରଖାଯାଇଛି । ପ୍ରାୟ ୩୦ ବର୍ଷ ଧରି କାର୍ଯ୍ୟରତ ୬ ଠିକା ଶ୍ରମିକଙ୍କୁ ଛଟେଇ କରାଯାଇଥିବା ବିରୋଧରେ ମାର୍ଚ୍ଚ ୨୬ରୁ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲେ । ପୁନଃନିଯୁକ୍ତି, ସମସ୍ତ ଠିକା ଶ୍ରମିକଙ୍କୁ ଇଏସ୍‌ଆଇ କାର୍ଡ ପ୍ରଦାନ ଓ ମାସର ସମସ୍ତ କାର୍ଯ୍ୟଦିନରେ କାମ ଯୋଗାଣ ଦାବିରେ ଆନ୍ଦୋଳନ ଚାଲିଥିଲା । ଆନ୍ଦୋଳନକୁ ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ସମର୍ଥନ ମିଳିଥିଲା । ଦୀର୍ଘ ସମୟ ଧରି ପାୱାରଗ୍ରୀଡ କର୍ତ୍ତୃପକ୍ଷ ଓ ଶ୍ରମିକ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ପରେ ଆନ୍ଦୋଳନକୁ ସାମୟିକ ଭାବେ ଏପ୍ରିଲ ୮ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଶ୍ରମିକ ପ୍ରତିନିଧିମାନଙ୍କ କହିବା ଅନୁଯାୟୀ, ଏପ୍ରିଲ ୮ରେ ଯଦି ଆଲୋଚନା ବିଫଳ ହୁଏ ତେବେ ୯ରୁ ପୁନର୍ବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରାଯିବ । ଏ ସମ୍ପର୍କରେ କୈଳାସ ମାଝି, ବଂଶୀଧର ସାହୁ, ବିନୋଦ ନାଏକ, ଗୌତମ ସେଠୀ ଓ ବିଦ୍ୟାଧର ସାମଲ ପ୍ରମୁଖ ଶ୍ରମିକ ନେତା ପାୱାରଗ୍ରୀଡ କର୍ତ୍ତୃପକ୍ଷ ଓ ପୁଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଛନ୍ତି ।

● ଓପି ଜିନ୍ଦଲଙ୍କ ୨୧ତମ ପୁଣ୍ୟତିଥିରେ କଲ୍ୟାଣକାରୀ କାର୍ଯ୍ୟକ୍ରମ

## ରକ୍ତଦାନ ଶିବିରରେ ୩୮୦ ୟୁନିଟ୍ ସଂଗ୍ରହ




ଅନୁଗୋଳ,୩୧ ।୩(ସମିସ): ଓପି ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଓପି ଜିନ୍ଦଲଙ୍କ ୨୧ତମ ପୁଣ୍ୟତିଥି ଅନୁଗୋଳ ଜିନ୍ଦଲ ନଗରରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜିନ୍ଦଲ ଷ୍ଟିଲର ସାମାଜିକ ଦାୟିତ୍ୱ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଛି । ଓଡ଼ିଶା ବ୍ଲଡ୍ ବ୍ୟାଙ୍କ ଏବଂ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସହାୟତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ କର୍ମଚାରୀ, କର୍ମବୀର, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସମସ୍ୟ ରକ୍ତଦାନ କରିଥିଲେ । ଶିବିରରୁ ୩୮୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଏହି ଅବସରରେ ଜିନ୍ଦଲ ଷ୍ଟିଲର ଅନୁଗୋଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ କର୍ମଚାରୀ, କର୍ମବୀର ଏବଂ ସମ୍ପ୍ରଦାୟ ସଦସ୍ୟମାନେ ଓପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଜିନ୍ଦଲ ଫାଉଣ୍ଡେସନ୍ ଅନୁଗୋଳର ଅବହେଳିତ ଏବଂ ଦିବ୍ୟାଙ୍ଗ ପିଲାମାନଙ୍କ ସେବା କରୁଥିବା ଆଶ୍ରୟସ୍ଥଳୀ, ଅନୁଷ୍ଠାନ ଏବଂ ଗୋଶାଳା ସମେତ ବିଭିନ୍ନ ସାମାଜିକ ସଂଗଠନକୁ ମଧ୍ୟ ସହାୟତା ପ୍ରଦାନ କରିଥିଲା । ଓପି ଜିନ୍ଦଲ ସ୍କୁଲର ଛାତ୍ରଛାତ୍ରୀ ଏବଂ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଦେବଭୂମି ମନ୍ଦିର ଏବଂ ଜିନ୍ଦଲ ନଗର ଟାଉନସିପରେ ଅଖଣ୍ଡ ରାମାୟଣ ପାଠ, ପୂଜା ଏବଂ ହୋମଯଜ୍ଞ ସମେତ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,୩୧ ।୩(ସମିସ): ସାମାଜିକ ସଂଗଠନ ''ସ୍ପନ୍ଦନ' ତରଫରୁ ଓଜନ ଏବଂ ମାପ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଗୋଳ ବ୍ଲକ କୁମୁରିସିଙ୍ଗା ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ସରପଞ୍ଚ ଦୁର୍ଯ୍ୟୋଧନ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରି ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ସମୟ ସମୟରେ ବିଭିନ୍ନ ଗୁଜବ ପ୍ରଚାର ହେଉଥିବାରୁ ଖାଉଟିମାନେ ବହୁ ଶୋଷଣର ଶିକାର ହେଉଥିବା କହିଥିଲେ । ମୁନଫାଖୋର ବ୍ୟବସାୟୀମାନେ ଚଡ଼ା ଦରରେ ଜିନିଷ ବିକ୍ରି କରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଥିବାରୁ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି । ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏପରି ବ୍ୟକ୍ତିଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ଅନୁରୋଧ କରିଥିଲେ । ସମସ୍ତେ ସଚେତନ ହେବା ସହ ଶୋଷଣରୁ ମୁକ୍ତି ପାଇଁ ସ୍ୱର ଉତ୍ତୋଳନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ




ଖାଉଟି ସୁରକ୍ଷା ଆଇନ, ଖାଉଟିଙ୍କ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ, ଇତ୍ୟାଦି ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । କୌଣସି ଠକାମୀର ଶିକାର ହେଲେ ଜାତୀୟ ହେଲ୍ପଲାଇନ ନମ୍ବର ୧୯୧୫ କିମ୍ବା ଜିଲ୍ଲା ଖାଉଟି ଅଦାଲତରେ ଅଭିଯୋଗ ଜଣାଇପାରିବେ ବୋଲି କହିଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରତୁପର୍ଣ୍ଣା ପ୍ରଧାନ, ନାଏବ-ସରପଞ୍ଚ ଉପମା ଦେହୁରୀ, ଏମ୍‌ବିକେ ସଞ୍ଜୁକ୍ତା ତ୍ରିପାଠୀ ପ୍ରମୁଖ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ । ''ସ୍ପନ୍ଦନ'ର ସଦସ୍ୟ ବିଭୁ ଶତପଥି ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ । ସୁଶାନ୍ତ କୁମାର ବେହେରା, ସୁକୁମାରୀ ମାଝୀ, ଦୈତାରୀ ଦେହୁରୀ ଏବଂ ସୁନୀତା ବେହେରା ସହଯୋଗ କରିଥିଲେ

## ଆଠମଲ୍ଲିକରେ ୨୦୪ କୋଟିର ବିଭିନ୍ନ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ

# 'ଉତ୍ତମ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉ ଓଡ଼ିଶା ଦିବସର ସଂକଳ୍ପ'

ଅନୁଗୋଳ/କିଶୋରନଗର,୩୧ ।୩(ସମିସ):





୧୯୩୬ ଏପ୍ରିଲ ୧ରେ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ୨୦୩୬ରେ ଆମେ ଓଡ଼ିଶା ଗଠନର ଶତବାର୍ଷିକୀ ପାଳନ କରିବା । 'ବିକଶିତ ଭାରତ' ଓ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସେତେବେଳେ ସାକାର ହେବ, ଯେତେବେଳେ ଆମ ପିଲାମାନେ ସୁସ୍ଥ ରହିବା ସହ ଉତ୍ତମ ଶିକ୍ଷା ପାଇବେ । ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ଓଡ଼ିଶା ଦିବସର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଆଠମଲ୍ଲିକରେ ଆୟୋଜିତ ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମନ୍ତ୍ରୀ ପ୍ରଧାନ ଆଠମଲ୍ଲିକର ବିକାଶ ପାଇଁ ୨୦୪ କୋଟି ୩୨ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି ।

ଏହି ଅବସରରେ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ''ସବକା ସାଥ୍, ସବକା ବିକାଶ' ମନ୍ତ୍ର ଅଞ୍ଚଳର ପ୍ରଗତିପଥକୁ ପ୍ରଶସ୍ତ କରିବ । ଆଠମଲ୍ଲିକ ହେଉଛି ଅପାର ସମ୍ଭାବନାର ଅଞ୍ଚଳ । ଡବଲ ଇଞ୍ଜିନ ସରକାର ଏଠାକାର ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ସହାୟତା ପାଇଁ ଆବାସ ଯୋଜନାରେ ଶହ ଶହ ନୂଆ ପକ୍କାଘର ନିର୍ମାଣ ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ଜିଲ୍ଲାପାଳଙ୍କୁ ଏକ ଆଧୁନିକ ହାଉସିଂ ପ୍ରୋଜେକ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହାଦ୍ୱାରା ଅଞ୍ଚଳର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଉପକୃତ ହୋଇପାରିବେ । ସେହିପରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରି ଆମ ସରକାର 'ଅନ୍ତ୍ୟୋଦୟ' ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । ଆଠମଲ୍ଲିକ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଏଠାରେ ଚିନାବାଦାମ, ଡାଲିଜାତୀୟ ଶସ୍ୟ, ପନିପରିବା ସହ ଆମ୍ବ, ପଣସ, ଲିଚୁ ଓ ଲେମ୍ବୁ ଭଳି ଫଳ ବହୁ ପରିମାଣରେ ଉତ୍ପାଦିତ ହେଉଛି । ଏହି କୃଷିଜାତ ଦ୍ରବ୍ୟର ସଠିକ୍ ବିକ୍ରୟ ପାଇଁ ବ୍ୟବସାୟିକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ଏବଂ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ସାତକୋଶିଆର ବିକାଶ ପାଇଁ ଭାରତ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଞ୍ଚଳରେ ରହୁଥିବା ଲୋକଙ୍କ ସମସ୍ୟା ଓ ସେମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଆସନ୍ତା ଏପ୍ରିଲ ମାସରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ, ଯେଉଁଠାରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣାଯିବା ସହ ସମାଧାନର ବାଟ ବାହାର କରାଯାଇ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସୁବିଧା ସହ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି । ଏହାବ୍ୟତୀତ ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ 'ସୁଭଦ୍ରା' ଯୋଜନା ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ପ୍ରଧାନ କହିଛନ୍ତି ।

ଏହି ଅବସରରେ ସେ ଅଞ୍ଚଳର ବିକାଶ ପାଇଁ ୨୦୪.୩୨ କୋଟି ଟଙ୍କାର ୯୧ଟି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏଥିମଧ୍ୟରୁ ୧୮୩.୮୫ କୋଟି ଟଙ୍କା ବ୍ୟୟରେ ୬୨ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିବା ବେଳେ ୨୦.୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୯ ପ୍ରକଳ୍ପର ଲୋକାର୍ପଣ କରାଯାଇଛି । ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଏହିସବୁ ପ୍ରକଳ୍ପ ଆଗାମୀ ଦିନରେ ଆଠମଲ୍ଲିକ ଅଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଲୋକଙ୍କ ଜୀବନଧାରଣରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ମନ୍ତ୍ରୀ ପ୍ରଧାନ କହିଛନ୍ତି ।

# ଗୋଗୋ ସିଗାରେଟ ଓ ଡ୍ରଗ୍ସ ସେବନ କରି ଗଣଦୁଷ୍କର୍ମ






ବ୍ରହ୍ମପୁର,୩୧।୩(ସମିସ): ଗୋପାଳପୁର ନିର୍ବାଚନମଣ୍ଡଳୀ ତଥା ସ୍ଥାନୀୟ ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଚନ୍ଦନନଗର ଇଲାକାରେ ଗତ ୨୯ତାରିଖ ରାତିରେ ଆନ୍ଧ୍ରର ଜଣେ ନାବାଳିକାଙ୍କୁ ମୃଦୁପାନୀୟରେ ନିଶାଦେଇ ଖୋଲା ପଡ଼ିଆରେ ରାତିତମାମ ଗଣଦୁଷ୍କର୍ମ କରାଯାଇଛି। ଏଥିରେ ମୋଟ ୩ ଜଣଙ୍କର ସମ୍ପୃକ୍ତି ଥିବାବେଳେ ଜଣେ ନାବାଳକ ଓ ଅନ୍ୟ ୨ ଜଣ ସାବାଳକ ସାମିଲ ଥିବା ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ସମସ୍ତ ୩ଜଣଙ୍କୁ ଚିହ୍ନଟ କରାଯିବା ସହ କାବୁ କରାଯାଇଛି। ପୀଡ଼ିତା ନାବାଳିକାଙ୍କ ସମେତ ସମସ୍ତଙ୍କର ଡାକ୍ତରୀ ମାଇନା ଓ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି।

ମାତ୍ର ଗଞ୍ଜେଇ ସିଗାରେଟ ଓ ଡ୍ରଗ୍ସ ସେବନ କରି ନିଶାଶକ୍ତ ଅବସ୍ଥାରେ ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ବ୍ରହ୍ମପୁର ତଥା ଆଖପାଖ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲେ ହେଁ ସହରର ବିଭିନ୍ନ ସ୍ଥାନରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଶିକ୍ଷାନୁଷ୍ଠାନ ଓ ସପିଂମଲ୍ ଗୁଡିକ ନିକଟରେ ସାଧାରଣତଃ ଏହି କାରବାର ବହୁଳ ଭାବେ ଚାଲିଥିବା ଦେଖିବାକୁ ମିଳୁଛି। କୋଡୱାର୍ଡ ବ୍ୟବହାର କରି ଏହି ନିଷିଦ୍ଧ ନିଶା କାରବାର ଚାଲିଥିବା ଜଣାପଡ଼ିଛି। ମୁଖ୍ୟତଃ ଚାମ୍ପା, ଗୋଗୋ, ବାବା ନାମରେ ଗଂଜେଇ ସିଗାରେଟ ବିକ୍ରି ହେଉଥିବା ଅଭିଯୋଗ ରହିଛି। ଶ୍ରାବଣ ମାସରେ କାଉଡ଼ିଆମାନେ ପରମ୍ପରା ଆଳରେ ଗଂଜେଇ ସେବନ କରିଥାନ୍ତି। ସେହିପରି ବର୍ତ୍ତମାନ ଜିଲ୍ଲାରେ ଦଣ୍ଡନାଚ ଆରମ୍ଭ ହୋଇଯାଇଛି। ଏହାର ସୁଯୋଗ ନେଇ ମଧ୍ୟ କିଛି ଦଣ୍ଡୁଆ ଓ ମାନସିକଧାରୀ ଗଞ୍ଜେଇ ସେବନ କରିଥାନ୍ତି। ସେମାନେ ଚିଲମରେ ଗଂଜେଇ ଟାଣୁଥିବା ବେଳେ ଯୁବପିଢ଼ି ଗୋଗୋ ଭଳି ବିଭିନ୍ନ ନିଶା ସିଗାରେଟ ସେବନ କରୁଥିବା ଜଣାପଡ଼ିଛି। ଏହି ଗଞ୍ଜେଇ ସିଗାରେଟ ଓ ଡ୍ରଗ୍ସ ସେବନ କରି ଲାଞ୍ଜିପଲ୍ଲୀ ଦୀପ ସାହିର ଅଭିଯୁକ୍ତ ଅର୍ଜୁନ ନାୟକ ଓ ଆଦିତ୍ୟ ନାୟକ ସମେତ ନାବାଳକ ଜଣକ ଗତ ୨୯ତାରିଖ ସନ୍ଧ୍ୟାରେ ଚନ୍ଦନନଗର ଠାରେ ଥିବା ଏକ ପଡ଼ିଆରେ ଆନ୍ଧ୍ରର ଜନୈକା ୧୭ ବର୍ଷିଆ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ନାବାଳକ ଘଟଣାସ୍ଥଳରେ ନିଶାସକ୍ତ ଅବସ୍ଥାରେ ଶୋଇପଡ଼ିବା ପରେ ପ୍ରାୟ ରାତି ୧୦ଟା ପରେ ଅର୍ଜୁନ ଓ ଆଦିତ୍ୟ ଦୁହେଁ ସମ୍ପୃକ୍ତ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ। ଏନେଇ ଗୋଷାଣୀ ନୂଆଗାଁ ଥାନାରେ ଅଭିଯୋଗ ପରେ ନାବାଳିକାର ବୟାନ ରେକର୍ଡ କରାଯାଇଥିଲା। କିଛି ନିଶା ଦେଇ ଗଣଦୁଷ୍କର୍ମ କରିଥିବା ନେଇ ପୁଲିସ ନିକଟରେ ପୀଡ଼ିତା ଅଭିଯୋଗ କରିଛନ୍ତି।

## ବ୍ରହ୍ମପୁର ସହରରକୁ ଲଜ୍ଜିତ କଲାଣି ୪ଟି ଗଣଦୁଷ୍କର୍ମ

ବ୍ରହ୍ମପୁର,୩୧।୩(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୨ ବର୍ଷ ମଧ୍ୟରେ ଘଟିଲାଣି ୪ଟି ଗଣଦୁଷ୍କର୍ମ ମାମଲା। ଯାହା ସହରକୁ ଲଜ୍ଜିତ କରିଛି। ସବୁ ମାମଲାରେ ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏପରିକି ଗୋଟିଏ ମାମଲାରେ କୋର୍ଟ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ ମଧ୍ୟ କରିଛି। ତଥାପି ଗଣଦୁଷ୍କର୍ମ ମାମଲାରେ ରୋକ୍ ଲାଗୁନି। ନିକଟରେ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ୧୭ ବର୍ଷିଆ ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ପରେ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ନାବାଳକକୁ ବାଳସୁଧାର ଗୃହରେ ହାଜର କରିଛି।

ଗତବର୍ଷ ଜୁନ୍ ୩ ରାତିରେ ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗାଁରେ ଚାଲିଥିବା ଶୁଭକାର୍ଯ୍ୟରେ ଦୁଇ ନବାଳିକା ସମ୍ପର୍କୀୟ ଭଉଣୀ ଯୋଗଦେବାକୁ ଯାଇ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ସମ୍ପୃକ୍ତ ଦୁଇ ନାବାଳିକା ଭଉଣୀଙ୍କୁ ଏକ ପରିତ୍ୟକ୍ତ ସ୍ଥାନରେ ୪ ଜଣ ଯୁବକ ମିଶି ଦୁଇ ଗଣଦୁଷ୍କର୍ମ କରିଥିଲେ। ତା’ ପରଦିନ ମଧ୍ୟ ଅନ୍ୟଏକ ସ୍ଥାନରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ ୪ ଯୁବକ। ଏପରିକି ଦୁଇ ନାବାଳିକାଙ୍କୁ ନିଜ ଘରକୁ ଛାଡ଼ିବା ଆଳରେ ୪ ଜଣଙ୍କ ମଧ୍ୟରୁ ୨ ଯୁବକ ଗଣଦୁଷ୍କର୍ମ କରିଥିଲେ। ଏଭଳି ଦୁଇ ନାବାଳିକାଙ୍କୁ ଦୁଇ ଦିନରେ ତିନୋଟି ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ ଯୁବକମାନେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଗୋଳନ୍ଥରା ଥାନାରେ ଗତ ୪ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ବିଶାଖାପାଟନମରୁ କେ. ଶିବା(୨୧), କେ. ସାଇ (୨୧), ଜି. ଗରେୟା(୨୧) ଓ ଏନ୍. ଶ୍ରୀନୁ (୨୨) ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ସେହିଭଳି ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ରେ ଜଣେ ଯୁବତୀଙ୍କୁ ୪ ଯୁବକ ଗଣଦୁଷ୍କର୍ମ କରିଥିବା ବେଳେ ୬ ଜଣ ସହଯୋଗ କରିଥିଲେ। ଯାହା ଫଳରେ ପୁଲିସ ୧୦ ଜଣଙ୍କୁ ଧରିଥିଲା। ୬ଜଣ ସାବାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା। ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଏଥିରେ ଅନ୍ୟତମ ସାବାଳକ ଓମ୍ ପ୍ରଧାନଙ୍କୁ ଚାର୍ଜସିଟରୁ ବାଦ ଦିଆଯାଇଛି। ଏହି ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ରହିଛି।

୨୦୨୪ ମାର୍ଚ୍ଚ ୩ରେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଏକ ବ୍ୟାଚଲର୍ ରୁମ୍‌ରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ ହୋଇଥିଲା। ଏହି ମାମଲାରେ ପୁଲିସ ରୁତୁନ କୁମାର ଦାସ, ରୁଦ୍ର ଜେନା, ଅଭିଳାଶ ପଲାଇ, ଆକାଶ ନାୟକ, ଓମକାର ଜେନା ଓ ଜୁମନ ଗୌଡ ଆଦି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଚଳିତବର୍ଷ ଜାନୁଆରୀ ୨୯ରେ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ପ୍ରଣତୀ ପଟ୍ଟନାୟକ ଉକ୍ତ ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାରଣା କରି ୬ ଜଣ ଯୁବକଙ୍କୁ ୨୦ବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଅପରପକ୍ଷେ, ଗତ ୨୬ତାରିଖରେ ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟର ଜଜ୍ ରୋହିତ ଲାଲ ପଣ୍ଡା ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ସଂପୃକ୍ତ ଅଭିଯୁକ୍ତକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଞ୍ଚଳର କେବଶ ନାହାକ ଓରଫ କେଶା। ଏହି ଦଣ୍ଡାଦେଶ ପରେ ଅପରାଧୀମାନେ ଭୟଭୀତ ହୋଇ ଏଭଳି କାର୍ଯ୍ୟରୁ ନିର୍ବୃତ୍ତ ରହିବେ ଭାବିବା ବେଳକୁ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଆଉ ଏକ ଗଣଦୁଷ୍କର୍ମ ମାମଲା ଚାଞ୍ଚଲ୍ୟ ଖେଳାଇଦେଇଛି।

## ପିଲା ଚୋର ସନ୍ଦେହରେ ମହିଳା ଅଟକ

ବ୍ରହ୍ମପୁର,୩୧।୩(ସମିସ): ପିଲାଚୋର ସନ୍ଦେହରେ ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମବାସୀ ଜଣେ ମହିଳାଙ୍କୁ ଅଟକ ରଖି ପୁଲିସ୍‌କୁ ହସ୍ତାନ୍ତର କରିଛନ୍ତି। ଆଜି ଅପରାହ୍ନରେ ଜଗଦଳପୁର ବାଉରିସାହିରେ ୨ଜଣ ଅଣଓଡ଼ିଆ ମହିଳା ସନ୍ଦେହଜନକ ଅବସ୍ଥାରେ ବୁଲୁଥିବାବେଳେ ଗ୍ରାମବାସୀ ପଚରାଉଚରା କରିଥିଲେ। ହେଲେ ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ ଗ୍ରାମାବସୀ ଉଭୟଙ୍କୁ ଅଟକ ରଖିଥିଲେ ମଧ୍ୟ ଜଣେ ମହିଳା କୌଶଳକ୍ରମେ ଖସି ପଳାଇଥିଲେ।

## କଲେଜ ଛାତ୍ରୀଙ୍କୁ ବ୍ଲାକମେଲ୍; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୩୧।୩(ସମିସ): ବ୍ରହ୍ମପୁର ସହରର ଏକ ସରକାରୀ କଲେଜରେ ପଢୁଥିବା ଜଣେ ୧୮ ବର୍ଷୀୟା ଛାତ୍ରୀଙ୍କୁ ବ୍ଲାକମେଲ ସହ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ଗୋସାଇଁନୂଆଗାଁ ଥାନା ପୁଲିସ କଟକର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରାକେଶ ରାଉତ(୨୫)। ସାମାଜିକ ଗଣମାଧ୍ୟମ ଜରିଆରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ ପରେ ରାକେଶ ବିଭିନ୍ନ ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟରେ ଫଟୋ ଏବଂ ଭିଡିଓ ଉତ୍ତୋଳନ କରିଥିଲେ। ପରେ ଛାତ୍ରୀଜଣଙ୍କ ତାଙ୍କ କଥାରେ ରାଜି ନହେବାରୁ ସାମାଜିକ ଗଣମାଧ୍ୟମରେ ଏହାକୁ ଭାଇରାଲ କରି ଦେଇଥିଲେ। ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ମୁମ୍ବାଇ ପଳାଇଥିଲା। ପୁଲିସ ମୁମ୍ବାଇ ଯାଇ ତାଙ୍କୁ ଗିରଫ କରି ବ୍ରହ୍ମପୁର ଆଣିଛି।

## ଜିଲ୍ଲାରେ ବୁଲିଲା ସଚେତନତା ରଥ



ଛତ୍ରପୁର,୩୧।୩(ସମିସ): ଜନଗଣନା ନିମନ୍ତେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ମଙ୍ଗଳବାର ଏକ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ। ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୁଲି ଲୋକମାନଙ୍କୁ ଜନଗଣନାରେ ସକ୍ରିୟ ଭାଗନେବା ଓ ଆବଶ୍ୟକୀୟ ସହଯୋଗ କରିବା ପାଇଁ ସଚେତନ କରିବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ତାରାତାରିଣୀଙ୍କ ଚୈତ୍ରମେଳା



### ବାସନ୍ତିକ ଦୁର୍ଗା ବେଶରେ ଦର୍ଶନ ଦେଲେ ମା’



ପୁରୁଷୋତ୍ତମପୁର,୩୧।୩(ସମିସ): ଗଞ୍ଜାମ ଜିଲ୍ଲାର ଇଷ୍ଟଦେବୀ ମା’ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଉଦ୍‌ଯାପିତ ହୋଇଛି। ଶେଷ ପାଳିରେ ମା’ତାରାତାରିଣୀ ବାସନ୍ତିକ ଦୁର୍ଗା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।

ଶେଷ ପାଳିରେ ଭୋର ସାଢେ ୨ଟାରୁ ମନ୍ଦିର ଦ୍ୱାର ଫିଟା ଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଙ୍ଗାର, ଅଭିଷେକ ଆଦି ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା’ତାରାତାରିଣୀଙ୍କୁ ବାସନ୍ତିକ ଦୁର୍ଗା ବେଶରେ ସଜ୍ଜିତ କରାଯାଇଥିଲା। ସକାଳ ସାଢ଼େ ୪ଟାରେ ସାହାଣ ମେଲା ହୋଇ ମା’ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହାସହ ଭୋର ୩ଟା ୩୦ରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭକ୍ତମାନେ ପାହାଡ଼ ପାଦଦେଶ ମୁଣ୍ଡନଶାଳାରେ ଶିଶୁଙ୍କ ମୁଣ୍ଡନ କରାଇଥିଲେ। ମେଘୁଆ ପାଗ ରହିଥିବାରୁ ଶ୍ରଦ୍ଧାଳୁ ୯୯୯ ପାହାଚ ଚଢ଼ି ମା’ଙ୍କୁ ଦର୍ଶନ କରିଛନ୍ତି। ସେହିପରି ରୋପୱେରେ ଓ ବସ୍ ମାଧ୍ୟମରେ ପାହାଡ଼ ଉପରକୁ ଆସି ଶ୍ରଦ୍ଧାଳୁ ମା’ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଭକ୍ତମାନଙ୍କ ପାଇଁ ମନ୍ଦିର ପାଦଦେଶରେ ପ୍ରଶାସନ ପକ୍ଷରୁ ମାଗଣା ଅନ୍ନ ପ୍ରସାଦ ଦିଆଯାଇଥିଲା। ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ ଆସି କିଭଳି ଶାନ୍ତି ଶୃଙ୍ଖଳାର ସହ ମା’ଙ୍କ ଚୈତ୍ରଯାତ୍ରା ଶେଷ ହେବ ସେନେଇ ତଦାରଖ କରିଥିବାବେଳେ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଷିଶ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତ କୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଅତିରିକ୍ତ ତହସିଲଦାର ଭି. ଦେବାଶିଷ ମହାପାତ୍ର, ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣି ସେଠୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ତହସିଲ କର୍ମଚାରୀ, ପୁଲିସ ଫୋର୍ସ ଓ ଛତ୍ରପୁରର ରାମଚଣ୍ଡୀର ସ୍ୱେଚ୍ଛାସେବୀ କମିଟି, ପାରଳାଖେମୁଣ୍ଡି, ପୁରୁଷୋତ୍ତମପୁର ସ୍ୱପ୍ନେଶ୍ୱର କମିଟିର ସ୍ୱେଚ୍ଛାସେବୀମାନେ ସହଯୋଗ କରିବା ସହ ସେବାୟତ ସଂଘ ସଭାପତି ତପନ ରଣା, ବାପୁଜୀ ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ।

## ଦୁଇ ଦୋକାନରୁ ୧୨ ଗ୍ୟାସ୍ ସିଲିଣ୍ଡର ଜବତ

ବ୍ରହ୍ମପୁର,୩୧।୩(ସମିସ): ସହରରେ ଅବୈଧ ଭାବେ ଗ୍ୟାସ ସିଲିଣ୍ଡର ମହଜୁତ ଓ ବ୍ୟବହାରକୁ ନେଇ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି। ବାଲାଜୀପେଣ୍ଠ ସାହି ସ୍ଥିତ ରାଜୁ ମିଠା ଦୋକାନରୁ ୧୦ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିବା ବେଳେ ଖାସପା ସାହି ସ୍ଥିତ ପନିର ହାଉସରୁ ୨ଟି ସିଲିଣ୍ଡର ବ୍ରହ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ସିଭିଲ ସପ୍ଲାଇଜ ବିଭାଗ ପକ୍ଷରୁ ଜବତ ହୋଇଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ଗ୍ୟାସ ସିଲିଣ୍ଡରର ଅବୈଧ ବ୍ୟବହାର ହେଉଥିବା ଖବର ପାଇ ଅଧିକାରୀମାନେ ଚଢ଼ାଉ କରିଥିଲେ। ଯାଞ୍ଚ ସମୟରେ ଦୁଇଟି ଦୋକାନରୁ ମୋଟ ୧୨ଟି ସିଲିଣ୍ଡର ମିଳିଥିବା ବେଳେ ବ୍ୟବସାୟୀମାନେ ଆବଶ୍ୟକ ମୁତାବକ କାଗଜପତ୍ର ପ୍ରଦାନ କରିନଥିବାରୁ ସମସ୍ତ ସିଲିଣ୍ଡର ଜବତ କରାଯାଇଥିଲା। ଆଗାମୀ ଦିନରେ ଏପରି ଚଢ଼ାଉ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦେଇଛି। ଚଢ଼ାଉ ସମୟରେ ଆଡ଼ିସନାଲ ସିଏସଓ ଶୁଭରାଜ ସାମନ୍ତରାୟ, ଏସିଏସଓ ସଞ୍ଜୟ କୁମାର ମଲ୍ଲିକ, ଏସଆଇ ପୁଷ୍ପାଞ୍ଜଳୀ ବେହେରା ଓ ଏମଆଇ ରଞ୍ଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖୁଲମ୍‌ଖୁଲା ବୁଲୁଛନ୍ତି ଶାନ୍ତିମାର୍ଗ ସଂଘବଦ୍ଧ ଆକ୍ରମଣକାରୀ

ବ୍ରହ୍ମପୁର,୩୧।୩(ସମିସ): ସ୍ଥାନୀୟ ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଶାନ୍ତିମାର୍ଗରେ ଗତ ୮ ତାରିଖ ବିଳମ୍ବିତ ରାତିରେ ଜନୈକ ଯୁବ ଆଇନଜୀବୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ତାଙ୍କ ପରିବାର ସଦସ୍ୟ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ। ଆକ୍ରମଣର ଶୀକାର ଯୁବ ଆଇନଜୀବୀ

**ଉଭୟ ପକ୍ଷରୁ ମାମଲା ସତ୍ତ୍ୱେ ଅଟକିଛି ପୁଲିସ କାର୍ଯ୍ୟାନୁଷ୍ଠାନ**

ମହେଶ ତ୍ରିପାଠୀଙ୍କ ପତ୍ନୀ କମଳକୁମାରୀ ନାୟକ ଏନେଇ ଥାନାରେ ଲିଖିତ ଏତଲା ଦେଇଥିଲେ। ପୁଲିସ ୯ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରିନଥିବା ଜଣାପଡ଼ିଛି। ତେବେ ଘଟଣାରେ ସମ୍ପୃକ୍ତ ଅପରାଧୀମାନେ ନିକଟରେ ରାମନବମୀ ଅବସରରେ ଆୟୋଜିତ ଶୋଭାଯାତ୍ରାରେ ମାରଣାସ୍ତ୍ର ଧରି ଖୁଲମଖୁଲା ବୁଲୁଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ୨୯୮, ୧୦୯(୧), ୧୧୫(୨), ୩୫୧(୨), ୩(୫), ଆର୍ମସ ଆକ୍ଟ ୨୫(୧)(କ) ଓ ୨୭, ଏକ୍ସପ୍ଲୋସିଭ ସବଷ୍ଟାନସେସ ଆକ୍ଟ ୩ ଓ ୪ରେ ମାମଲା ରୁଜୁ ହୋଇଛି। ସେପଟେ ଘଟଣାକୁ ନେଇ ଆଇନଜୀବୀ ମହେଶ ତ୍ରିପାଠୀଙ୍କ ନାମରେ ମଧ୍ୟ ପାଲଟା ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ତେବେ ଏନେଇ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ବେଳେ ବିପକ୍ଷ ଗୋଷ୍ଠୀର ଅପରାଧୀଙ୍କୁ ମଧ୍ୟ ପୁଲିସ ଗିରଫ କରିନଥିବା ଅଭିଯୋଗ ହୋଇଛି।

● ନିଆଁରେ ପୋଡ଼ିହୋଇ ନବବଧୂଙ୍କ ମୃତ୍ୟୁ ମାମଲା

## ଅଭିଯୁକ୍ତ ସ୍ୱାମୀକୁ ୩ ବର୍ଷ ଜେଲ୍

ବ୍ରହ୍ମପୁର,୩୧।୩(ସମିସ): ନୂଆ ଗୋଳବନ୍ଧରେ ୨୦୧୪ରେ ଘଟିଥିବା ନିଆଁରେ ପୋଡ଼ି ହୋଇ ନବବଧୂଙ୍କ ମୃତ୍ୟୁ ମାମଲାର ବିଚାରଣା କରି ଅତିରିକ୍ତ ଜିଲ୍ଲାଜଜ ଆୟୁଷ୍ମାନ ମହନ୍ତ ସମ୍ପୃକ୍ତ ନବବଧୂଙ୍କ ସ୍ୱାମୀଙ୍କୁ ୩ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ନୂଆଗୋଳବନ୍ଧ ଗ୍ରାମର ସନ୍ତୋଷ କୁମାର ବେହେରା(୪୨)। ଜେଲ୍ ସହ ତାଙ୍କୁ ୧୦ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଏହି ମାମଲାରେ ଅଭିଯୁକ୍ତ ଥିବା ନବବଧୂଙ୍କ ଶାଶୁ ବିଷ୍ଣୁପ୍ରିୟା ବେହେରାଙ୍କ ମୃତ୍ୟୁ ହୋଇ ସାରିଥିବାରୁ ତାଙ୍କୁ ଏହି ମାମଲାରୁ ବାଦ ଦିଆଯାଇଥିବା ବେଳେ ନବବଧୂଙ୍କ ଦିଅର ସଞ୍ଜୟ ବେହେରାଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶଯେ, ନୂଆ ଗୋଳବନ୍ଧର ସୁଲତା ବେହେରା ୨୦୧୪ ଜୁଲାଇ ୪ରେ ଅଭିଯୁକ୍ତ ସନ୍ତୋଷଙ୍କୁ ବିବାହ କରିଥିଲେ। ହେଲେ ବିବାହର କିଛିଦିନ ପରେ ହିଁ ଅଧିକ ଯୌତୁକ ଦାବିରେ ସୁଲତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏଥିରେ ଅତିଷ୍ଠ ହୋଇ ସେହିବର୍ଷ ସେପ୍ଟେମ୍ବର ୨୯ତାରିଖରେ ସୁଲତା ନିଜ ଶରୀରରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ। ସୁଲତାଙ୍କ ବାପା ପର୍ଶୁରାମଙ୍କ ଅଭିଯୋଗପ୍ରକାରେ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ସେହି ସମୟରେ ସନ୍ତୋଷ ଓ ସଞ୍ଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ଉଭୟ ଜାମିନରେ ମୁକୁଳିଥିଲେ। ତଦନ୍ତ ବେଳେ ପୁଲିସ ନବବଧୂଙ୍କ ଶାଶୁ ବିଷ୍ଣୁପ୍ରିୟାଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଇଥିଲା। ମାମଲାର ବିଚାରଣ ବେଳେ ୧୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ସନ୍ତୋଷ ଓ ସଞ୍ଜୟ କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ମଧୁସ୍ମିତା ସେଠୀ ଓ ସହକାରୀ ପିପି ଅରୁଣ କୁମାର ବିଶ୍ୱାଳ ମୋକଦ୍ଦମା ପରିଚାଳନା କରୁଥିଲେ।

## ଡିଆଇସି ପକ୍ଷରୁ କୃତ୍ରିମ ଅଙ୍ଗ ପ୍ରଦାନ

ବ୍ରହ୍ମପୁର,୩୧।୩(ସମିସ): ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୪୩ଜଣ ଶିଶୁଙ୍କୁ ସିଟି ହସ୍ପିଟାଲ ସ୍ଥିତ ଡିଆଇସି ପକ୍ଷରୁ ମଙ୍ଗଳବାର କୃତ୍ରିମ ଅଙ୍ଗ ଏବଂ ବିଭିନ୍ନ ସହାୟତା ଉପକରଣ ପ୍ରଦାନ କରାଯାଇଛି। ଡିଇଆଇସି ଓ ଏସଏସଇପିଡି ବିଭାଗ ଅଧୀନ ଏଆର୍‌ସି କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହାକୁ ପ୍ରଦାନ କରାଯାଇଛି। ପୂର୍ବରୁ ଆୟୋଜିତ ସ୍ୱତନ୍ତ୍ର ଶିବିରରେ ଉକ୍ତ ଶିଶୁମାନଙ୍କୁ ଚିହ୍ନଟ କରାଯାଇଥିଲା। ସେହିପରି ଶରୀର ନିରୀକ୍ଷଣ କରିବା ପରେ ଆବଶ୍ୟକ ଉପକରଣ ପ୍ରସ୍ତୁତ ହୋଇଥିଲା। ଜିଲ୍ଲା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରବନ୍ଧକ ଲୋପାମୁଦ୍ରା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ ଡା. ବିଜୟ କୁମାର ପାଣିଗ୍ରାହୀ, ଡା. ଜଗଦୀଶ ପଟ୍ଟନାୟକ ଓ ଜଗତଜୟ ଶର୍ମାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ସଞ୍ଜ ନଇଁଲେ ଅଚଳ ଏମ୍‌କେସିଜି ରକ୍ତଭଣ୍ଡାର

● ରକ୍ତ ପାଇଁ ହାହାକାର ରୋଗୀ, ଫାଇଦା ନେଉଛନ୍ତି ଦଲାଲ, ପ୍ରକ୍ସିରେ ଚାଲିଛି ଡ୍ୟୁଟି

● ରାତିରେ ଡାକ୍ତରଙ୍କ ଦେଖାମିଳୁନି, ଏଲ୍‌ଟିଙ୍କ ଭରସାରେ ଚାଲୁଛି ରକ୍ତଭଣ୍ଡାର

ବ୍ରହ୍ମପୁର,୩୧।୩(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ରକ୍ତ ଭଣ୍ଡାର ଉପରେ ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସଂକଟାପନ୍ନ ରୋଗୀ ନିର୍ଭରଶୀଳ। ବିଶେଷକରି ଏମକେସିଜି ମେଡିକାଲ ଓ ବ୍ରହ୍ମପୁର ସମେତ ଏହାର ଆଖପାଖରେ ଥିବା ବିଭିନ୍ନ ଘରୋଇ ହସ୍ପିଟାଲର ଶତାଧିକ ରୋଗୀ ରକ୍ତ ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ସଞ୍ଜ ନଇଁବା ପରେ ଏମକେସିଜି ମେଡ଼ିକାଲର ରକ୍ତ ଭଣ୍ଡାର ସତେ ଯେମିତି ଅନ୍ଧକାର ମାଡିଆସୁଛି ଆଉ ସେଠାରେ ସୃଷ୍ଟି ହେଉଛି ଅଚଳାବସ୍ଥା। ଫଳରେ ଜରୁରିକାଳୀନ ସମୟରେ ରକ୍ତର ଆବଶ୍ୟକତା ଥିବା ସଂକଟାପନ୍ନ ରୋଗୀଙ୍କୁ ଭୟଙ୍କର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ରାତି ସମୟରେ ରକ୍ତ ଭଣ୍ଡାରରେ ଡାକ୍ତରଙ୍କ ଦେଖା ମିଳୁନଥିବା ବେଳେ ଲ୍ୟାବ ଟେକ୍ନିସିଆନ(ଏଲଟି), ଆଟେଣ୍ଡାଣ୍ଟ ଓ ସୁରକ୍ଷାକର୍ମୀଙ୍କ ଭରସାରେ ଚାଲୁଛି ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାର। ରାତିରେ ରକ୍ତ ନେବାକୁ ଆସୁଥିବା ରୋଗୀଙ୍କୁ ରକ୍ତ ପ୍ରଦାନ କରାଯାଉ ନଥିବା ବେଳେ ଡୋନରଙ୍କ ଜରିଆରେ ରକ୍ତ ନେବାକୁ ଚାହିଁଲେ ମଧ୍ୟ କାର୍ଯ୍ୟରତ ଏଲଟି ରକ୍ତ ସଂଗ୍ରହ କରୁନଥିବା ଅଭିଯୋଗ ହୋଇଛି। ଗତ ସୋମବାର ରାତିରେ ଜଣେ ରୋଗୀଙ୍କ ସମ୍ପର୍କୀୟ ୩ଟି ଡୋନରଙ୍କୁ ନେଇ ରକ୍ତ ଭଣ୍ଡାରକୁ ଆସିଥିବା ବେଳେ ତାଙ୍କୁ ରକ୍ତ ଦେବାକୁ ସ୍ପଷ୍ଟ ମନା କରାଯାଇ ସକାଳେ ଆସିବାକୁ କୁହାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ କାର୍ଯ୍ୟରତ ଏଲଟି ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ବଚସା ହେବାପରେ ଡୋନର ବଦଳରେ ରୋଗୀଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା। ସେହିପରି ରାୟଗଡ଼ା ଜିଲ୍ଲାର ଜଣେ ରୋଗୀ ମେଡ଼ିକାଲର ଆଶୁଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ରକ୍ତର ଆବଶ୍ୟକତା ଥିବାରୁ ରକ୍ତ ସଂଗ୍ରହ କରିବାକୁ ଡ଼ାକ୍ତର ପରାମର୍ଶ ଦେଇଥିଲେ। ତେବେ ଉକ୍ତ ରୋଗୀଙ୍କୁ ରକ୍ତ ଭଣ୍ଡାର ପକ୍ଷରୁ ରକ୍ତ ପ୍ରଦାନ କରଯାଇନଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଙ୍ଗଳବାର




ରୋଗୀଙ୍କୁ ରକ୍ତ ପ୍ରଦାନ କରାଯାଇଥିଲା। ଏଭଳି ଭାବେ ରକ୍ତ ଭଣ୍ଡାରରେ ଲାଗି ରହିଥିବା ମନୁଷ୍ୟକୃତ ଅବ୍ୟବସ୍ଥା ରୋଗୀଙ୍କୁ ବିଭିନ୍ନ ସମୟରେ ଜଟିଳ ପରିସ୍ଥିତି ଆଡ଼କୁ ଠେଲି ଦେଉଛି। ଏହାର ପ୍ରତିବାଦ କଲେ ରୋଗୀ ଅଥବା ସେମାନଙ୍କ ସମ୍ପର୍କୀୟଙ୍କୁ ରକ୍ତ ଭଣ୍ଡାରର କିଛି କର୍ମଚାରୀ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ସେହିପରି ରକ୍ତ ଭଣ୍ଡାରରେ ଜଣେ ଲାବ୍ ଟେକ୍ନିସିଆନଙ୍କ ଡ୍ୟୁଟି ସମୟରେ ପ୍ରକ୍ସିରେ ଅନ୍ୟଜଣେ କାମ କରୁଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧକ୍ଷ ତଥା ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡ଼ା. ସୂଚିତ୍ରା ଦାଶଙ୍କ ନିକଟରେ ଅଭିଯୋଗ ପରେ ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡ଼ାକ୍ତରଙ୍କୁ ତାଗିଦ୍ କରିବା ସହ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ବିଭିନ୍ନ ସମସ୍ୟା ଯୋଗୁଁ ରକ୍ତ ଭଣ୍ଡାରେ ରୋଗୀଙ୍କୁ ସଠିକ ସମୟରେ ରକ୍ତ ମିଳୁନାହିଁ। ଫଳରେ ରକ୍ତ ପାଇଁ ଗୁରୁତର ରୋଗୀ ଓ ସମ୍ପର୍କୀୟଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହାର ସୁଯୋଗ ନେଇ ରକ୍ତ ଭଣ୍ଡାରରେ କିଛି ଦଲାଲ ସକ୍ରିୟ ହୋଇପଡ଼ିଛନ୍ତି। ରକ୍ତ ନପାଇ ହତାଶ ରୋଗୀଙ୍କ ପରିବାରକୁ ଟାର୍ଗେଟ କରି ଅଧିକ ଟଙ୍କା ନେଇ ରକ୍ତ ଯୋଗାଣ କରାଯାଉଥିବା ଅଭିଯୋଗ ଆସୁଛି। ଏହାଦ୍ୱାରା ଦୁର୍ବଳ ଓ ଆର୍ଥିକ ଭାବେ ପଛୁଆ ରୋଗୀମାନେ ବେଶି ପ୍ରଭାବିତ ହେଉଛନ୍ତି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରି ବଡ଼ ହସ୍ପିଟାଲରେ ଯଦି ରାତିରେ ଏପରି ଅବ୍ୟବସ୍ଥା ରହିବ, ତେବେ ଗୁରୁତର ରୋଗୀଙ୍କ ଜୀବନ ସଙ୍କଟରେ ପଡ଼ିବା ନିଶ୍ଚିତ। ରାତି ସମୟରେ ଡାକ୍ତରଙ୍କ ନିଯୁକ୍ତି, ସୁଚାରୁ ପରିଚାଳନା ଓ ଦଲାଲ ଗୋଷ୍ଠୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ପରିସ୍ଥିତିକୁ ନେଇ ସ୍ୱାସ୍ଥ୍ୟବିଭାଗ ଓ ହସ୍ପିଟାଲ କର୍ତ୍ତୃପକ୍ଷ ତତ୍କାଳ ହସ୍ତକ୍ଷେପ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଭୁବନେଶ୍ୱର ସିଟି



## ରାଜଧାନୀ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

# ୧୩ ଜଣଙ୍କୁ ମିଳିବ ରାଜଧାନୀ ଗୌରବ ସମ୍ମାନ

ଭୁବନେଶ୍ୱର, ୩୧।୩(ସମିସ): ଆସନ୍ତା ଅପ୍ରିଲ ୧୩ ତାରିଖ ଦିନ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ ହେବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ଏକ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ଦିନ



### ■ ୩ ଜଣ ବୟୋଜ୍ୟେଷ୍ଠଙ୍କୁ କରାଯିବ ସମ୍ବର୍ଦ୍ଧିତ

ସକାଳୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ବିଧାନ ସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳକରେ ପ୍ରାତଃ ସମୟରେ ମାଲ୍ୟାର୍ପଣ କରାଯିବା ସହ ରାଜଧାନୀ ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ। ପରେ ପୋଲିସ, ଟ୍ରାଫିକ୍ ପୋଲିସ, ସେଭେନ୍ଥ ବ୍ୟାଟେଲିୟନ, ଅଗ୍ନିଶମ ବିଭାଗ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡରେ ମୁଖ୍ୟ ଅତିଥି ଅଭିବାଦନ ଗ୍ରହଣ କରିବେ। ଜୟଦେବ ଭବନରେ ସୂଚନା ଓ ଲୋକ ସମ୍ପର୍କ ପକ୍ଷରୁ ଫଟୋ ପ୍ରଦର୍ଶନ ହେବାକୁ ଥିବା ବେଳେ ସନ୍ଧ୍ୟାବେଳେ ଉତ୍କଳ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କୁ ରାଜଧାନୀ ଗୌରବ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଏମ୍ ସିର ତିନୋଟି ଜୋନରୁ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ଏହି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଏହା ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଡକାଯିବ। ସେଥିରେ ମୁଖ୍ୟ ଶାସନ ସଚିବଙ୍କ ସହ ବିଏମ୍ ସି, ବିଡିଏ, ପୂର୍ତ୍ତ, ନଗର ଉନ୍ନୟନ ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, କମିଶନରେଟ୍ ପୋଲିସ, ଟ୍ରାଫିକ୍ ପୋଲିସ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓ୍ୱାଟକୋ ଆଦି ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହିବେ। ଏହି ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷାକରି ବିଏମ୍ସି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମେୟର ଓ କମିଶନର ପରାମର୍ଶ ଦେଇଛନ୍ତି। ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ, ରାଜଧାନୀ ପ୍ରତିଷ୍ଠା କମିଟିର ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ସହ ବିଏମ୍ ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ପୁରୁଣା ଫଟୋ: ପୁରୁଣା ସ୍ମୃତି



ଭୁବନେଶ୍ୱର, ୩୧।୩(ସମିସ): ଭୁବନେଶ୍ୱରର ରୂପରେଖରେ ପରିବର୍ତ୍ତନ ଆସିଛି ଏବଂ ଆଧୁନିକତାର ଛାପ ମଧ୍ୟ ଦେଖିବାକୁ ମିଳୁଛି। ତଥାପି ଏ ସହରରେ ଏପରି ଅନେକ ସ୍ଥାନ ରହିଛି। ଯାହାକି ଅନେକ ବର୍ଷର ସ୍ମୃତିକୁ ନିଜ ସହ ସାଇତି ରଖିଛି। ଯେପରି ପୁରୁଣା ଭୁବନେଶ୍ୱର ପ୍ରତ୍ୟେକ ଲୋକଙ୍କ ପାଇଁ ସ୍ମୃତିର ଏକ ସୁନ୍ଦର ଠିକଣା। ଠିକ୍ ସେହିପରି ବିନ୍ଦୁସାଗର ଏବଂ ଲିଙ୍ଗରାଜ ମନ୍ଦିର ନିକଟ ହାଟ ଆଦି ସବୁବେଳେ ଲୋକଙ୍କ ପୁରୁଣା ସ୍ମୃତିକୁ ତାଜା କରିଥାଏ। ସମୟ ଯେତେ ବଦଳିଲେବି ଏସବୁ ସ୍ଥାନ ଠିକ ସେମିତି ହିଁ ଥାନ୍ତି। ବର୍ତ୍ତମାନର ଜ୍ଞାନକୌଶଳ ଫଳରେ ଲୋକଙ୍କ ହାତ ପାହାନ୍ତାରେ ସବୁକିଛି ଘର ପାଖରେ ଆସି ପହଁଚିଯାଉଛି। ବିଭିନ୍ନ ଆପ ସାହାଯ୍ୟରେ ଫଳଠୁ ପରିବା ଆଉ କିଣିବାକୁ ବାହାରକୁ ଯିବାକୁ ପଡୁନି। ହେଲେ ସେ ସମୟରେ ସବୁକିଛି ପାଇଁ ଲୋକ ହାଟ ଉପରେ ନିର୍ଭର କରୁଥିଲେ। ସେହିପରି ଏକ ପୁରୁଣା କଥାକୁ ନେଇ ଆଜିର ଉପସ୍ଥାପନା।

ସାମାଜିକ ଗଣମାଧ୍ୟମରେ ଆଜି ଏକ ବହୁ ବର୍ଷ ପୁରୁଣା ଫଟୋ ଦେଖିବାକୁ ମିଳିଥିଲା। ଯେଉଁଥିରେ ଲିଙ୍ଗରାଜ ମନ୍ଦିର ନିକଟ ହାଟର ଦୃଶ୍ୟ ପରିଲକ୍ଷିତ ହୋଇଛି। ଏହି ଫଟୋଟି ପ୍ରାୟ ୫୦ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଏହି କଳାଧଳା ଫଟୋରେ ଥିବା ଦୃଶ୍ୟରେ ଲୋକ ହାଟରେ ବୁଲି କିଣାକିଣି କରୁଛନ୍ତି ଏବଂ ସବୁଠୁ ବଡ କଥା ହେଲା ସେତେବେଳେ ଲୋକ ହାଟକୁ ଯିବାକୁ ଗାଡି ନୁହଁ ବରଂ ସାଇକେଲ ହିଁ ସାହାରା ଥିଲା।

## ନେତାଜୀ ସୁଭାଷ ବୋଷ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୩୧।୩(ସମିସ): ନେତାଜୀ ସୁଭାଷ ବୋଷ ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ସଏଦ ମମତାଜ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ନଗର ବନ୍ଧୁ ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବରିଷ୍ଠ ନାଗରିକ ମହାସଂଘର କାର୍ଯ୍ୟକାରୀ ସଭାପତି ନଗରବନ୍ଧୁ ଇଞ୍ଜିନିୟର ଗିରିଜାନନ୍ଦନ ମହାନ୍ତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନୂଆପଲ୍ଲୀ ଗ୍ରାମ ଉନ୍ନୟନ କମିଟିର ସମ୍ପାଦକ ବରିଷ୍ଠ ନାଗରିକ ନଟବର ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଗୌତମ ବେହେରା ଏବଂ ଅନ୍ୟତମ ଅତିଥି ଭାବେ ଉତ୍କଳ ଜ୍ୟୋତି ଫାଉଣ୍ଡେସନର ଅଧ୍ୟକ୍ଷା ରଶ୍ମୀରାଣୀ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଧନୁର୍ଜୟ ମାହାର ସ୍ୱାଗତ ଭାଷଣ ଦେବା ସହ ବାସନ୍ତୀ ମାହାର ବାର୍ଷିକ ବିବରଣୀ ପାଠ କରିଥିଲେ। ମାଷ୍ଟର ଅରିନ୍ଦମ ମାହାର ପୂର୍ବତନ ଛାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିବ୍ୟା ତନ୍ମଶ୍ରୀ ଦାସ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଷ୍ଣୁପ୍ରିୟା ଜେନାଙ୍କ ପରିଚାଳନାରେ ପୁରସ୍କାର ବିତରଣ କରାଯାଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭର ପୂର୍ବରୁ ଏବଂ ପରେ ଶିକ୍ଷୟିତ୍ରୀ ରୁକ୍ମିଣୀ ପ୍ରଧାନ ଓ କସ୍ତୁରୀ ମାଳିନୀ ସାହୁ, ନିବେଦିତା ଜେନାଙ୍କ ପରିଚାଳନାରେ ନୃତ୍ୟଗୁରୁ ଆଶୁତୋଷ ସାମନ୍ତରାୟଙ୍କ ନୃତ୍ୟ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ତାପସ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସର୍ବଶ୍ରୀ କ୍ରିଷ୍ଣା ହରିଚନ୍ଦନ, ସିମାଞ୍ଚଳ ବେହେରା, କୃପାସିନ୍ଧୁ ପରିଡ଼ା ପ୍ରମୁଖଙ୍କ ସହଯୋଗ କରିଥିଲେ।

## ସ୍ୱତନ୍ତ୍ର ଶାସନ ସଚିବ ମନୁ ନାଥ ସେଠୀଙ୍କ ଅବସର



ଭୁବନେଶ୍ୱର, ୩୧।୩(ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ମନୁ ନାଥ ସେଠୀ ମଙ୍ଗଳବାର ସରକାରୀ ସେବାରୁ ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ୩୫ ବର୍ଷର ନିଷ୍ଠାପର ସେବା ପରେ ସେ ଚାକିରି ନିମନ୍ତେ ଧାର୍ଯ୍ୟ ବୟସର ସୀମା ଅତିକ୍ରମ କରି ଅବସର ନେଇଛନ୍ତି। ୧୯୯୧ ମସିହାରେ ସରକାରୀ ସେବାରେ ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ଭାବରେ ଯୋଜନା ଓ ସଂଯୋଜନ ବିଭାଗରେ ଯୋଗ ଦେଇଥିବା ସେ ଅତିରିକ୍ତ ବାଣିଜ୍ୟ କର ଅଧିକାରୀ, ଜିଲ୍ଲା କୋଷାଗାର ଅଧିକାରୀ, ବାଣିଜ୍ୟ କର ବିଭାଗର ଡେପୁଟି କମିସନର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅର୍ଥ ନିୟନ୍ତ୍ରକ ଏବଂ ବାଣିଜ୍ୟ କର ଏବଂ ପଣ୍ୟ ଓ ସେବା କର ବିଭାଗ ବିଭାଗର ଅତିରିକ୍ତ କମିଶନର ଭାବେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ସୋଆ ଏବଂ ସେରେଣ୍ଡିପିଟି ସ୍ପେସ୍ ପ୍ରାଇଭେଟ ଲିମିଟେଡ ମଧ୍ୟରେ ବୁଝାମଣା

### ମାଇକ୍ରୋଗ୍ରାଭିଟି ଔଷଧ ବିକାଶରେ ହେବ ସହାୟକ



ଭୁବନେଶ୍ୱର, ୩୧।୩(ସମିସ): ସୋଆ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱରସ୍ଥିତ ଷ୍ଟାର୍ଟ ଅପ୍ ସେରେଣ୍ଡିପିଟି ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଦୁଇ ପକ୍ଷ ପ୍ରୟୋଗଶାଳା, ସିମ୍ୟୁଲେଟେଡ ମାଇକ୍ରୋଗ୍ରାଭିଟି ଏବଂ ଅନ୍ତରୀକ୍ଷ ଯାତ୍ରା ପରିବେଶରେ କ୍ଷୁଦ୍ର ଅଣୁଗୁଡ଼ିକୁ ନେଇ ସ୍ଫଟିକୀକରଣ ପରୀକ୍ଷାରେ ସହଯୋଗ କରିବାକୁ ଉଦ୍ଦେଶ୍ୟ ରଖିଥିବା ସୋଆ ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସେସ୍ର ପ୍ରଫେସର ଭାରତ ଭୂଷଣ ସୁବୁଦ୍ଧି କହିଛନ୍ତି। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ସେରେଣ୍ଡିପିଟି ସ୍ପେସ୍ ପ୍ରାଇଭେଟ ଲିମିଟେଡ୍ର ସିଇଓ ଅନ୍ତରୀକ୍ଷ ପରିଚ୍ଛା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ସେ କହିଥିଲେ ଯେ ମାଇକ୍ରୋଗ୍ରାଭିଟି ପରିବେଶ ଅଧିକ ସ୍ଥିର ସ୍ଫଟିକୀୟ ଔଷଧ ବିକାଶରେ ସହାୟତା କରିଥାଏ। ଏହା ଫଳରେ ରେଫ୍ରିଜେରେସନ୍ ବିନା ଦୀର୍ଘକାଳୀନ ସଂରକ୍ଷଣ ସହଜ ହୋଇଥାଏ। ଏହି ବୁଝାମଣା ସ୍ୱାକ୍ଷର ହେବା ସମୟରେ ଏସ୍ପିଏସ୍ର ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ, ପ୍ରଫେସର ସୁବୁଦ୍ଧି ଓ ସୋଆର ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ।

## ଓଡିଏମ୍ରେ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୬'



ଭୁବନେଶ୍ୱର, ୩୧।୩(ସମିସ): ଉତ୍କଳ ଦିବସ ଅବସରରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଉତ୍କଳ ପ୍ରତିଭା ଫାଉଣ୍ଡେସନ୍ର ଆବାହକ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଡିଜିପି ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ତଥା ସମ୍ପ୍ରତି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ପ୍ରକାଶ ମିଶ୍ର ଯୋଗଦାନ କରିଥିଲେ। ଏହି ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା ଭାବରେ ବିଶିଷ୍ଟ ଭେଷଜ୍ ବିଶେଷଜ୍ଞ ତଥା କିମ୍ସ ହସ୍ପିଟାଲ୍ର ଉପ-କୁଳପତି ଡା. ସି.ବି.କେ. ମହାନ୍ତି, ଉତ୍କଳ ହସ୍ପିଟାଲ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫେସର ଡ. ବି.କେ. ସୁବୋଧ ସିଂହ, ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରତିଷ୍ଠାତା ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ବରିଷ୍ଠ ଶିକ୍ଷାବିତ୍ ଏବଂ ସୁ-ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ଭାରୋତ୍ତୋଳନକାରୀ କେ.ରବି କୁମାର, ବରିଷ୍ଠ ପ୍ରଶାସନିକ ଅଧିକାରୀ ହିମାଂଶୁ କୁମାର ଲାଲ ପ୍ରମୁଖ ଯୋଗଦାନ କରିଥିଲେ। ଉତ୍କଳ ପ୍ରତିଭା ଫାଉଣ୍ଡେସନ୍ର ସମ୍ପାଦିକା ଇନ୍ଦୁମତୀ ରାୟ ଏବଂ ବିଦ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି 'ଉତ୍କଳ ପ୍ରତିଭା ସମ୍ମାନ-୨୦୨୬'ରେ ୬ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବରମୁଣ୍ଡା ବସ୍ଷ୍ଟାଣ୍ଡରେ ନିଆଁ

ଭୁବନେଶ୍ୱର, ୩୧।୩ (ସମିସ): ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ୍ ଟର୍ମିନାଲ ପରିସରରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବସ୍ ଜଳିଯାଇଥିବା ଜଣାପଡ଼ିଛି। ଖବର ନେବାରୁ ଜଣାପଡ଼ିଛି ଯେ ବସ୍ଷ୍ଟାଣ୍ଡ ଭିତରେ ଥିବା ସାରଳା ବସ୍ ପାର୍କିଂ ବେଳେ ନିଆଁ ଲାଗିଯାଇଥିଲା। ବିଳମ୍ବିତ ରାତିରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ବସ୍ର ଅନେକାଂଶ ଜଳିଯାଇଛି। ଖବର ପାଇ ତମାଣ୍ଡୋ ଫାୟାର ଟିମ ନିଆଁକୁ ଆୟତ୍ତ କରିଛି।

## ରାମଲୀଳାର ପଞ୍ଚମ ସନ୍ଧ୍ୟାରେ 'ଭରତ ମିଳନ'



ଯାଁଳା, ୩୧।୩(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମର ଐତିହାସିକ ରାମ ନାଟକ ସ୍ୱର୍ଗତ ପ୍ରଭାକର ମହାପାତ୍ରଙ୍କ ବିରଚିତ ରାମଲୀଳା ନାଟକ ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ କ୍ରମାଗତ ଭାବେ ପ୍ରଦର୍ଶିତ ହେଉଥିବା ରାମଲୀଳା ନାଟକ, ଶ୍ରୀଶ୍ରୀ ରଘୁନାଥ ଦେବ ନାଟ୍ୟ ପରିଷଦର କୁଶଳୀ କଳାକାରମାନଙ୍କ ଅଭିନୟକୁ ଆଧାର କରି ନାଟକ ପରିବେଷଣ ହୋଇଛି। ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ଭରତ ମିଳନ ଓ ବିରାଧ ବଧ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭାଇ ପ୍ରତି ସ୍ନେହ, ଭକ୍ତିର ଚରମ ନିଦର୍ଶନ ଦେଖିବାକୁ ମିଳିଥିଲା। ଆଜିର ରାମଲୀଳାରେ ମିଳନ ଦୃଶ୍ୟରେ ଭାବବିହ୍ୱଳ ଦର୍ଶକଙ୍କ ଆଖିରୁ ଲୁହ ଝରି ଆସିଥିଲା, ବିଭିନ୍ନ ଭୂମିକାରେ ଭରତ ବାରିକ(ରାମ), ପ୍ରସନ୍ନ ପରିଡ଼ା (ସୀତ), ଶିବ ମଙ୍ଗରାଜ (ଲକ୍ଷ୍ମଣ) କୁଶ ମହାପାତ୍ର (ବିରାଧ), ସନ୍ତୋଷ ପ୍ରଧାନ (ଭରତ), ଅନିଲ୍ ପରିଡ଼ା (ଶତ୍ରୁଘ୍ନ), ପ୍ରମୋଦ ମହାପାତ୍ର (ସୁପର୍ଣ୍ଣଖା), ପ୍ରମୁଖ କଳାକାର ଅଭିନୟ କରିଥିଲେ।

## ସୋଟୋ ପକ୍ଷରୁ 'ବ୍ରେନ୍ ଷ୍ଟେମ୍ ଡେଥ୍ କର୍ମଶାଳା




ଭୁବନେଶ୍ୱର, ୩୧।୩(ସମିସ): ମଙ୍ଗଳବାର ଭୁବନେଶ୍ୱରର ଏକ ହୋଟେଲରେ ରାଜ୍ୟ ଅଙ୍ଗ ଓ ତନ୍ତୁ ପ୍ରତ୍ୟାରୋପଣ ସଂଗଠନ (ଏସ୍ଓଟିଟିଓ-ସୋଟୋ), ଓଡ଼ିଶା ପକ୍ଷରୁ ବ୍ରେନ୍ ଷ୍ଟେମ୍ ଡେଥ୍ ଚିହ୍ନଟ ଓ ଅଙ୍ଗଦାନ ବିଷୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୃତଦେହ ଅଙ୍ଗଦାନ ହାର ବୃଦ୍ଧି ପାଇଁ ଚିକିତ୍ସା ପ୍ରକ୍ରିୟା ଓ ସମନ୍ୱୟକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେଡିକାଲ ଏଡୁକେସନ୍ ଆଣ୍ଡ ଟ୍ରେନିଂର ଡାଇରେକ୍ଟର ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ ଯୋଗଦେଇଥିବା ବେଳେ ରାଜ୍ୟ ଅଙ୍ଗ ଓ ତନ୍ତୁ ପ୍ରତ୍ୟାରୋପଣ ସଂଗଠନ (ସୋଟୋ) ର ରାଜ୍ୟ ନୋଡାଲ ଅଫିସର ପ୍ରଫେସର ଡା. ଉମାକାନ୍ତ ଶତପଥୀ, ପିଜିଆଇଏମଇଆର, କ୍ୟାପିଟାଲ ହସ୍ପିଟାଲ ଡାଇରେକ୍ଟର ପ୍ରଫେସର ଡ. ସୁଜାତା ମିଶ୍ର, ପ୍ରଫେସର ଡ. ରୋମା ରତ୍ତନ, ପ୍ରଫେସର ଡ. ଅନିଲ ସାହୁ, ପ୍ରଫେସର ଡ. ଅଭିନାଶ ପାଣ୍ଡା ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଲକ୍ଷ୍ମୀକାନ୍ତଙ୍କୁ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ଚିକିତ୍ସକ ନିଯୁକ୍ତି ପରେ ଶୁଭେଚ୍ଛାର ସୁଅ



ଭୁବନେଶ୍ୱର, ୩୧।୩(ସମିସ): ଓଡ଼ିଶାର ହୋମିଓପ୍ୟାଥିକ ଚିକିତ୍ସାବିତ୍ ତଥା ଡାକ୍ତର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥିକ ମେଡିକାଲ କଲେଜ ଭୁବନେଶ୍ୱରର ପ୍ରାକ୍ତନ ଅଧ୍ୟକ୍ଷ ଓ ପ୍ରଫେସର ଡା. ଲକ୍ଷ୍ମୀକାନ୍ତ ନନ୍ଦ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଅବୈତନିକ ବ୍ୟକ୍ତିଗତ ଚିକିତ୍ସକ ଭାବେ ନିଯୁକ୍ତି ପାଇଛନ୍ତି। ଏହି ସମ୍ମାନଜନକ ନିଯୁକ୍ତି ପାଇବା ପରେ ଡାକ୍ତର ଲକ୍ଷ୍ମୀକାନ୍ତ ନନ୍ଦଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଜଗତସିଂପୁର ଜିଲ୍ଲା ମୁଦିପୁର ପଞ୍ଚାୟତର କବିରାଜ ତଥା ଜନନେତା ବୈକୁଣ୍ଠନାଥ ନନ୍ଦଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଫେସର ଲକ୍ଷ୍ମୀକାନ୍ତ ନନ୍ଦ ହୋମିଓପ୍ୟାଥିକ ଚିକିତ୍ସା କ୍ଷେତ୍ରରେ ଅନେକ ସୁନାମର ଅଧିକାରୀ। ସୂଚନାଯୋଗ୍ୟ ଯେ, ହାଇଟେକ୍ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ପ୍ରଫେସର ନନ୍ଦ, ଆୟୁଷ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ।

## ରାଜ୍ୟ ହିନ୍ଦୁ ମହିଳା ମହାସଭାର ସଭାପତି ହେଲେ ସ୍ମିତା ମୁଦୁଲି



ଭୁବନେଶ୍ୱର, ୩୧।୩(ସମିସ): ଅଖିଳ ଭାରତୀୟ ହିନ୍ଦୁ ମହାସଭାର ରାଜ୍ୟ ହିନ୍ଦୁ ମହିଳା ମହାସଭାର ରାଜ୍ୟସ୍ତରୀୟ ସଙ୍ଗଠନ ଗଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗଠନ ପକ୍ଷ୍ୟରୁ ରାଜ୍ୟର ସଭାପତି ଗୀତା ଚଇନି, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ଡ଼. ବିଶ୍ୱଜିତ ମୁଦୁଲି ଏବଂ ମହାସଚିବ ସଞ୍ଜୟ ବିଶୋଇଙ୍କ ଦ୍ୱାରା ବିଭିନ୍ନ ସଦସ୍ୟ ଓ ପଦପଦବୀ ବାବଦରେ ଏକ ପତ୍ର ମାଧ୍ୟମରେ ସ୍ପଷ୍ଟ କରାଯାଇଛି। ରାଜ୍ୟ ହିନ୍ଦୁ ମହିଳା ମହାସଭାର ରାଜ୍ୟ ସଭାପତି ଭାବେ ସ୍ମିତା ମୁଦୁଲିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଅସ୍ତିତ୍ୱ ହରାଇଲାଣି ରାଜଧାନୀର ପୁରାତନ କେନାଲ

ଭୁବନେଶ୍ୱର, ୩୧।୩(ସମିସ): ଧୀରେ ଧୀରେ ଆବର୍ଜନା ଗଦା ଭିତରେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ରାଜଧାନୀର ସର୍ବ ପୁରାତନ କେନାଲ। ପଳାଶୁଣି, ବଡ଼ଗଡ଼, ଝାରପଡ଼ା, ଚିନ୍ତାମଣେଶ୍ୱର ଦେଇ ଗଙ୍ଗୁଆରେ ମିଶିଥିବା ଏହି କେନାଲ ଏବେ ପାଲଟିଛି ଡମ୍ପିଂୟାର୍ଡ। ପ୍ରତିଦିନ କ୍ୱିଣ୍ଟାଲ କ୍ୱିଣ୍ଟାଲ ପରିମାଣରେ ଆବର୍ଜନା ଏହି କେନାଲ ଭିତରକୁ ପକା

### ■ ଡମ୍ପିଂୟାର୍ଡ ପାଲଟିଛି କେନାଲ
### ■ ଗଦା ହେଉଛି କୁଢ଼ କୁଢ଼ ପ୍ଲାଷ୍ଟିକ୍ ଆବର୍ଜନା



ଯାଉଥିବାରୁ କେବଳ କେନାଲର ପାଣି ନଷ୍ଟ ହୋଇ ନାହିଁ ବରଂ ଦିନକୁ ଦିନ ପୋତି ହେବାରେ ଲାଗିଛି। ଗୋଟେପଟେ ସହରକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ବିଭିନ୍ନ ପଦକ୍ଷେପମାନ ନିଆଯାଉଥିବା ବେଳେ ଏପେଟେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରେ ଭର୍ତ୍ତି ହୋଇଛି କେନାଲ।

ରାଜଧାନୀରେ ରହିଥିବା ପୁରାତନ ନଈ, ନାଳ ଆଦି ମୁକ୍ତ ଜଳାଶୟରେ ଗାଈ, ଷଣ୍ଢ, କୁକୁରଙ୍କ ସମେତ ଜୀବଜନ୍ତୁମାନେ ପାଣି ପିଇଥାନ୍ତି। ଏହି କେନାଲ ମଧ୍ୟ ଅତୀତରେ ଜୀବଜନ୍ତୁଙ୍କ ଜୀବନଧାରା ସାଜିଥିଲା। କେବଳ ସେତିକି ନୁହେଁ, ଲୋକମାନେ ମଧ୍ୟ ନିତ୍ୟକର୍ମ ଠାରୁ ଆରମ୍ଭ କରି ବ୍ୟବହାର ପାଇଁ ଏଠାରୁ ପାଣି ନେଉଥିଲେ। ହେଲେ ଏବେ ଏହା ଭିତରକୁ ଯିବା ବି ଅସମ୍ଭବ। କେନାଲ ଉଭୟ ପାର୍ଶ୍ୱରେ କେଉଁଠି ବ୍ୟବସାୟୀମାନେ ଅକ୍ତିଆର କରିଛନ୍ତି ତ ଆଉ କେଉଁଠି ଗଢ଼ିଉଠିଛି ବସ୍ତି। ବିଶେଷ କରି ଏଠାରେ ରହିଥିବା ହୋଟେଲ, ବିବାହ ମଣ୍ଡପରୁ ବାହାରୁଥିବା ବର୍ଜ୍ୟବସ୍ତୁ ସାଙ୍ଗକୁ ପରିବା, ଚିକେନ୍, ମଟନ୍, ମାଛ ଆଦି ଆମିଷ ବ୍ୟବସାୟୀମାନେ ବର୍ଜ୍ୟବସ୍ତୁ ପକାଉଛନ୍ତି। ଫଳରେ ପାଣି ରଙ୍ଗ କଳା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଦୁର୍ଗନ୍ଧ ସାଙ୍ଗକୁ ମଶାଙ୍କ ପ୍ରାଦୁର୍ଭାବ ବି ବଢ଼ିଛି। ଅନେକ ବ୍ୟବସାୟୀମାନେ ଗଚ୍ଛିତ ରଖିଥିବା କୋଇଲା ବସ୍ତା ମଧ୍ୟ କେନାଲ ଭିତରରେ ପଡ଼ି ରହି ଜାମ୍ କରୁଥିବା ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ଦଳରେ ଭର୍ତ୍ତି ହୋଇଥିବା ବେଳେ ଆବର୍ଜନାର ପାହାଡ଼ ଦେଖିବାକୁ ମିଳିଛି। ପୂର୍ବରୁ ରାଜଧାନୀରେ ରହିଥିବା ଜଳାଶୟ ଗୁଡ଼ିକ ଶିଳ୍ପ କାରଖାନା ହେଉ ଅବା ଅଟ୍ଟାଳିକା ନିର୍ମାଣ ବେଳେ ପୋତି ହୋଇ ଯାଇଥିବା ବେଳେ ଯେଉଁ କେତୋଟି କେନାଲ, ନାଳ ଆଦି ରହିଛି ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବର୍ଷ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ଏସବୁ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। କାରଣ ଦିନକୁ ଦିନ ଏହି କେନାଲ ଉଭୟ ପାର୍ଶ୍ୱରେ ବିଭିନ୍ନ ଦୋକାନ ଆମିଷ ବ୍ୟବସାୟୀମାନେ ମାଡ଼ି ବସିଲେଣି। ବ୍ୟବସାୟ ସରିବା ପରେ ସେମାନେ ବର୍ଜ୍ୟବସ୍ତୁ ଗୁଡ଼ିକ କେନାଲ ଭିତରକୁ ଫିଙ୍ଗି ଦେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଅଞ୍ଚଳରେ ପ୍ରାୟ ୪ରୁ ୫କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା କେନାଲ ଅଧିକାଂଶ ସ୍ଥାନରେ ପାଣି ନଥିବା ବେଳେ ପ୍ଲାଷ୍ଟିକ ବୋତଲ, ପଲିଥିନ୍, ପ୍ଲେଟ୍, ଗ୍ଲାସ୍ ଆଦି ବର୍ଷ ବର୍ଷ ଧରି ପଡ଼ି ରହିଥିବାରୁ ପାଣି ଠିକ୍ ଭାବେ ପ୍ରବାହିତ ହୋଇ ପାରୁ ନାହିଁ। ଯାହାଦ୍ୱାରା ବର୍ଷା ସମୟରେ ତାହା ଉଛୁଳି ରାସ୍ତା ଉପରେ ଆବର୍ଜନା ପାଣି ଚାଲିଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ସହରକୁ ସ୍ୱଚ୍ଛ ରଖିବାକୁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ମାନ କରାଯାଉଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସହରରୁ ଡଷ୍ଟବିନ୍ ଉଠାଯାଇଛି। ପ୍ରତିଦିନ ସଫେଇ ଗାଡ଼ି ମାଧ୍ୟମରେ ଅଳିଆ ସଂଗ୍ରହ କରାଯାଉଛି। କିନ୍ତୁ, ଲୋକମାନେ ସଫେଇ ଗାଡ଼ିରେ ଅଳିଆ ନପକାଇ କେନାଲ ଭିତରକୁ ଫିଙ୍ଗୁଥିବା ସହ ବ୍ୟବସାୟୀମାନେ ମଧ୍ୟ ରାତି ଅଧିଆ ଗଦା ଗଦା ବର୍ଜ୍ୟ, ଆବର୍ଜନା ପକାଉଥିବା ଅଭିଯୋଗ ହୋଇଛି। ଏହି କେନାଲଟି ଏହି ଅଞ୍ଚଳର ୱାର୍ଡ ନମ୍ବର ୧୯, ୩୧, ୪୪, ୪୫, ୫୬ ଅଧିନରେ ରହିଥିବା ବେଳେ ମିଳିତ ଭାବେ ସମସ୍ତ ୱାର୍ଡ କର୍ପୋରେଟର ଏହାର ସମାଧାନ କରିବାକୁ ଦାବୀ ହୋଇଛି। ଏନେଇ ୱାର୍ଡ ନମ୍ବର ୪୫ର କର୍ପୋରେଟର ଅମରେଶ ଜେନା କହିଛନ୍ତି ଯେ, ପୂର୍ବରୁ କର୍ପୋରେସନ୍ ମିଟିଂରେ ଏହି କେନାଲର ପୁନରୁଦ୍ଧାର କରାଯିବାକୁ ବିଏମ୍ସିକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଜଳ ସମ୍ପଦ ବିଭାଗର ଅଟେ। ହେଲେ ସ୍ଥାନୀୟ ଲୋକେ ମଧ୍ୟ ଏଥିପାଇଁ ସଚେତନ ହେବା ଉଚିତ୍ ବୋଲି ଶ୍ରୀ ଜେନା କହିଛନ୍ତି।

## ମୃତ ଯୁବକଙ୍କ ପରିଚୟ ମିଳିଲା

ନରସିଂହପୁର,୩୧।୩(ସମିସ): ନରସିଂହପୁର ଥାନା ଅନ୍ତର୍ଗତ ସେରମୁଣ୍ଡା ଛକଠାରୁ କିଛି ଦୂରରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡି ରହିଥିବା ସ୍ଥାନୀୟ ଲୋକେ ଦେଖି ମଙ୍ଗଳବାର ନରସିଂହପୁର ପୁଲିସକୁ ଖବର ଦେଇଥିଲେ। ଥାନାଧିକାରୀ ତପନ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ବ୍ୟକ୍ତି ଜଣକ ବନ୍ଧହୁଡା ଗ୍ରାମର ପ୍ରମୋଦ ପ୍ରଧାନ (୨୪) ବୋଲି ସୂଚନା ଦେଇଥିଲେ। ମୃତକଙ୍କ ମୃତଦେହକୁ ନରସିଂହପୁର ଡାକ୍ତରଖାନାକୁ ଅଣାଯିବା ପରେ ସେଠାରେ ପରିବାର ଲୋକେ ପହଞ୍ଚିଥିଲେ। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ପ୍ରମୋଦ ଭୁବନେଶ୍ୱର ଯିବାକୁ କହି ଘରୁ ଆସିଥିଲେ ବୋଲି ମୃତଙ୍କର ବାପା ସାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି।

## ଶୃଙ୍ଖଳାରେ ସମ୍ପନ୍ନ ହେଲା +୨ ପରୀକ୍ଷା

ନିଶ୍ଚିନ୍ତକୋଇଲି,୩୧।୩(ସମିସ): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଚଳିତ ବର୍ଷର ଯୁକ୍ତ ଦୁଇ ପରୀକ୍ଷା ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଏଥିପାଇଁ ହବ୍ କେନ୍ଦ୍ର କରାଯାଇଥିବା ବେଳେ ଏହା ଅଧୀନରେ ଥିବା ସମସ୍ତ ପରୀକ୍ଷା କେନ୍ଦ୍ରରେ ସଫଳତାର ସହ ପରୀକ୍ଷା ପରିଚାଳନା କରାଯାଇଛି। ଏହି ହବ୍ କେନ୍ଦ୍ର ଅଧୀନରେ ନତକାଇ ବଲ୍ଲଭୀ ଦେବୀ ମହିଳା ବିଦ୍ୟାଳୟ, ଅସୁରେଶ୍ୱର ସୁଭଦ୍ରା ମହତାବ ବିଦ୍ୟାଳୟ, ଭିତରବଣ୍ଟ ଡେଲଟା ବିଦ୍ୟାଳୟ, ହଳଦିଆ ଦୁର୍ଗାଚରଣ ନାୟକ ମେମୋରିଆଲ ଏବଂ ପଞ୍ଚାୟତ ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ଧନ୍ଦାମୂଳକ ଶିକ୍ଷା ସଂସ୍ଥାନ ଅନ୍ତର୍ଭୁକ୍ତ ଥିଲା। ସୂଚନା ଅନୁଯାୟୀ, କଳା ବିଭାଗରେ ୯୧୧ ଜଣ, ବିଜ୍ଞାନରେ ୨୬୬ ଜଣ, ବାଣିଜ୍ୟରେ ୧୮ ଜଣ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୯ ଜଣଙ୍କୁ ମିଶାଇ ସମୁଦାୟ ୧୨୧୪ ଜଣ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ଓ ଉତ୍ତରଖାତା ଏହି କେନ୍ଦ୍ରରେ ସୁରକ୍ଷିତ ରଖାଯାଇଥିଲା। ଗତ ଫେବୃଆରୀ ୧୭ରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପରୀକ୍ଷା ସମୟରେ ପୁଲିସ ସୁରକ୍ଷା ଓ ପର୍ଯ୍ୟବେକ୍ଷକମାନଙ୍କ କଡ଼ା ନଜରରେ ପ୍ରଶ୍ନପତ୍ର ପହଞ୍ଚାଯାଇଥିଲା। ହବ୍ କେନ୍ଦ୍ର ପରିଚାଳକ ତଥା ଅଧ୍ୟକ୍ଷା ଡ. ତରୁଲତା ଦେବୀ ସମଗ୍ର କାର୍ଯ୍ୟକୁ ସୂଚାରୁ ରୂପେ ପରିଚାଳନା କରିଥିବା ବେଳେ ଅତିରିକ୍ତ ତହସିଲଦାର ଶିବୁରାମ ସ୍ୱାଇଁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଭାବେ ଏହାର ନିରୀକ୍ଷଣ କରିଥିଲେ।

## ପୁତ୍ରବଧୂଙ୍କୁ ନିର୍ଯାତନା ଓ ଅସଦାଚରଣ ଅଭିଯୋଗ

**ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଗିରଫ**

ସାଲେପୁର,୩୧।୩(ସମିସ): ପୁତ୍ରବଧୂଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଅସଦାଚରଣ କରିବା ଅଭିଯୋଗରେ ସାଲେପୁର ପୁଲିସ ଜଣେ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସାଲେପୁର ଥାନା ଅନ୍ତର୍ଗତ କାନପୁର ଗ୍ରାମର ଧିରେନ୍ଦ୍ର କୁମାର ଦାସ (୬୫)। ପୁଲିସ ପୀଡିତା ବୋହୂଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଶଶୁରଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଧିରେନ୍ଦ୍ରଙ୍କ ପୁଅ ମାନସିକ ବିକାରଗ୍ରସ୍ତ ଥିବା ଜାଣି ମଧ୍ୟ ସେ ୨୦୨୧ରେ ଢେଙ୍କାନାଳ ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କର ବିବାହ କରାଇଥିଲେ। ଧିରେନ୍ଦ୍ର ନିଜ ପୁତ୍ରବଧୂଙ୍କୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଜୋର ଜବରଦସ୍ତି ଅନୈତିକ ସମ୍ପର୍କ ସ୍ଥାପନ ପାଇଁ ଉଦ୍ୟମ କରୁଥିଲେ। ଏହାର ବିରୋଧ କରିବାରୁ ବୋହୂଙ୍କୁ ନିସ୍ତୁକ ମାରଧର କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗତ ୩୦ ତାରିଖରେ ପୁଣି ଥରେ ଅନୁରୂପ ଘଟଣା ଘଟିବାରୁ ପୀଡ଼ିତା ଜଣକ ୧୧୨ ନମ୍ବରକୁ ଫୋନ୍ କରି ସହାୟତା ମାଗିଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲା। ଏନେଇ ସାଲେପୁର ଥାନାରେ ମାମଲା ରୁଜୁ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ସାଲେପୁର ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି ସବ୍‌ଇନ୍‌ସପେକ୍ଟର ଶ୍ରଦ୍ଧାଞ୍ଜଳି ସେନାପତି ସୂଚନା ଦେଇଛନ୍ତି।

● ଜାତୀୟ କନିଷ୍ଠ ଖୋ-ଖୋ ଚାମ୍ପିଅନ୍‌ସିପ୍

## ଦ୍ୱିତୀୟ ଦିନରେ ୬୦ଟି ମ୍ୟାଚ୍




ଆଠଗଡ଼,୩୧।୩(ସମିସ): ଆଠଗଡ଼ ମହୋତ୍ସବ ପଡ଼ିଆଠାରେ ଚାଲିଥିବା ଜାତୀୟ କନିଷ୍ଠ ଖୋ-ଖୋ ଚାମ୍ପିୟନସିପ୍‌ର ଦ୍ୱିତୀୟ ଦିନରେ ମଙ୍ଗଳବାର ଉଭୟ ବାଳକ ଓ ବାଳିକା ବିଭାଗରେ ସମୁଦାୟ ୬୦ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଚାରୋଟି କୋର୍ଟରେ ଚାଲିଥିବା ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ୬୦ଟି ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ଖେଳାଳିମାନଙ୍କ ଉତ୍ସାହ ଓ ନୈପୁଣ୍ୟ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି। ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ "ଖୋ-ଖୋ ଓଡ଼ିଶା'ର ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜ, "ଖୋ-ଖୋ ଇଣ୍ଡିଆ'ର ସଭାପତି ବିନୋଦ ସିଂ ଏବଂ ମୁଖ୍ୟ ଉପଦେଷ୍ଟା ସୁରେଶ ଶର୍ମା ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋ-ଖୋ ଓଡ଼ିଶାର ସମ୍ପାଦକ ବିକ୍ରମ ବିକାଶ ରାୟ ସାମନ୍ତ, ପୁଲିନ ମିଶ୍ର, କ୍ଷୀରୋଦ ମହାପାତ୍ର ଏବଂ ପ୍ରଭାତ କୁମାର ଦଳବେହେରା ବକ୍ତବ୍ୟ ରଖିଥିଲେ।

**ଅନ୍ଧାରରେ ବାବା ସିଂହନାଥ**

# ୧୦ ଦିନହେଲା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ

ବଡ଼ମ୍ବା,୩୧।୩(ସମିସ)



କଟକ ଜିଲ୍ଲାର ଅନ୍ୟତମ ସର୍ବପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ବାବା ସିଂହନାଥଙ୍କ ମନ୍ଦିର ଏବେ ଅନ୍ଧାରରେ। ପ୍ରଶାସନିକ ଅବ୍ୟବସ୍ଥା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ବିଶ୍ୱପ୍ରସିଦ୍ଧ ଟି-ସେତୁ ସମେତ ସିଂହନାଥଙ୍କ ଗର୍ଭଗୃହ ଆଜକୁ ଦୀର୍ଘ ୧୦ ଦିନରୁ ଊର୍ଦ୍ଧ୍ୱ ସମୟ ହେବ ଅନ୍ଧାରରେ ରହିଛି। ପାର୍ବଣ ଋତୁ ଚାଲିଥିବା ବେଳେ ପୀଠର ଏଭଳି ଦୁର୍ଦ୍ଦଶା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଦେଇଛି। ରାଜ୍ୟର କୋଣ ଅନୁକୋଣରୁ ଭକ୍ତମାନେ ବାବାଙ୍କ ଦର୍ଶନ ପାଇଁ ଆସୁଥିବା ବେଳେ ମନ୍ଦିର ଭିତରେ ଆଲୋକ ନ ଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭକ୍ତମାନେ ଅନ୍ଧାରରେ ଦରାଣ୍ଡି ହୋଇ ବାବାଙ୍କ ପାଖକୁ ଯାଉଥିବା ବେଳେ ଅନେକ ସମୟରେ ଜ୍ୱଳନ୍ତ ଦୀପଶିଖାକୁ ଭରସା କରି ଦର୍ଶନ କରୁଛନ୍ତି। ପୂର୍ବରୁ ସେବାୟତମାନେ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ବିଦ୍ୟୁତ ସଂଯୋଗ ହୋଇଥିଲା, ମାତ୍ର ବିଦ୍ୟୁତ ବିଭାଗ ପକ୍ଷରୁ ପୁନଶ୍ଚ ଲାଇନ୍ କାଟି ଦିଆଯିବା ଫଳରେ ପରିସ୍ଥିତି ଜଟିଳ ହୋଇଛି। ଏହି ବିଭ୍ରାଟ ମଧ୍ୟରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୨୦୨୧ ମସିହାରେ ପୂର୍ବ ସରକାରଙ୍କ ସମୟରେ ପୀଠର ଉନ୍ନତିକରଣ ପାଇଁ ୧ କୋଟି ୨୬ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା। ସେହି ସମୟରେ ଜରୁରୀକାଳୀନ ଆଲୋକ ବ୍ୟବସ୍ଥା ପାଇଁ ଏକ ଜେନେରେଟର ମଧ୍ୟ ପ୍ରଦାନ କରାଯାଇଥିଲା। ମାତ୍ର ବର୍ତ୍ତମାନ ସେହି ଜେନେରେଟରଟି କୁଆଡ଼େ ଗଲା ଏବଂ କାହିଁକି ତାହା ବ୍ୟବହାର ହେଉନାହିଁ, ସେ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଜାଗର ଓ ମକର ମେଳା ସମୟରେ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିମାନେ ପୀଠର ବିକାଶ ପାଇଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବାସ୍ତବରେ ପୀଠର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପ୍ରଶାସନର ଏଭଳି ବୈମାତୃକ ମନୋଭାବ ଯୋଗୁଁ ଶ୍ରଦ୍ଧାଳୁମାନେ ପୀଠ ପ୍ରତି ବିମୁଖ ହେବାରେ ଲାଗିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଅସନ୍ତୋଷ ଆହୁରି ତୀବ୍ର ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

● ପୂର୍ବ ସରକାରଙ୍କ ଅନୁଦାନରେ ଆସିଥିବା ଜେନେରେଟର ଗାଏବ୍

● ପ୍ରଶାସନର ବୈମାତୃକ ମନୋଭାବକୁ ନେଇ ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

## ଚିତ୍ରକୁଟ ବେଶରେ ଦାରୁ ରଘୁନାଥଜୀଉ



ତିଗିରିଆ,୩୧।୩(ସମିସ): ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉ ନିଜର ଭକ୍ତମାନଙ୍କୁ ଚିତ୍ରକୁଟ ବେଶରେ ଦର୍ଶନ ଦେଇଛନ୍ତି। ଆଜି ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ ପୂଜାର୍ଚ୍ଚନା ସହ ସନ୍ଧ୍ୟା ସମୟରେ ବିଗ୍ରହମାନଙ୍କ ଚିତ୍ରକୁଟ ବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ ଲାଭ କରିଛନ୍ତି। ଆଜି ପଞ୍ଚମ ଦିବସରେ ଆଠଗଡ, ନୂଆଶାସନର ଶ୍ରୀ ଶ୍ରୀ ରାମେଶ୍ୱର ଲୀଳା ସମିତି ପକ୍ଷରୁ "ମହୀରାବଣ ବଧ' ବିଷୟବସ୍ତୁକୁ ନେଇ ନାଟକ ପରିବେଷଣ କରାଯିବ ବୋଲି ଗ୍ରାମ୍ୟ କମିଟି ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।

## ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଓ ଉତ୍କଳ ଦିବସ ସମାରୋହ

**ପ୍ରଥମ ସନ୍ଧ୍ୟାରେ ଇରା ମହାନ୍ତିଙ୍କ ସ୍ୱରରେ ଝୁମିଲେ ଦର୍ଶକ**



ସାଲେପୁର,୩୧।୩(ସମିସ): ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ଏକାଦଶତମ ପ୍ରତିଷ୍ଠା ଉତ୍ସବ ଓ ଉତ୍କଳ ଦିବସ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ିଶା ସରକାରଙ୍କ ମତ୍ସ୍ୟ, ପଶୁ ସଂପଦ ଓ କ୍ଷୁଦ୍ର ଓ ଅଣୁ ଶିଳ୍ପ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ରୂପେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ଅନ୍ୟତମ ଅତିଥି ରୂପେ ସାଲେପୁର ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅରିନ୍ଦମ ରାୟ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ପ୍ରଥମେ ପୁସ୍ତକ ମେଳା ଓ ପଲ୍ଲିଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ମଞ୍ଚରେ ବନ୍ଦେ ଉତ୍କଳ ଜନନୀ ଗାନ ପରେ ସାମ୍ବାଦିକ ମନୋଜ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଂପାଦକ ହୃଷିକେଶ ମଲ୍ଲିକ ମଞ୍ଚରେ ଉପସ୍ଥିତ ଥିବାବେଳେ ସଂଘର କୋଷାଧ୍ୟକ୍ଷ ସୁଧିର ଶତପଥି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ, ବିଧାୟକ ଓ ବିଜେପି ନେତାଙ୍କ ସମେତ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ମହେଶ୍ୱର ବେହେରା ଏବଂ ବିଶିଷ୍ଟ ସଂଗୀତଜ୍ଞ ଇରା ମହାନ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ ସଂଗୀତଜ୍ଞ ଇରା ମହାନ୍ତି ଏବଂ ତାଙ୍କ ଟିମ୍ ସୁମଧୁର ସଂଗୀତ ଗାନ ଓ ନୃତ୍ୟରେ ଉପସ୍ଥିତ ଜନସାଧାରଣଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ନୁପୁର ନୃତ୍ୟାଙ୍ଗନା, ଏଲ୍.ଏନ୍. ପାଠଶାଳା, ନଟରାଜ ଡ୍ୟାନ୍‌ସ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସାଲେପୁରର ଚିତ୍ରୋତ୍ପଳା ପ୍ରକାଶନୀ, ଗୁରୁସ୍ୱାମୀ ବୁକ୍ ଷ୍ଟୋର, ଶାରଳା ବୁକ୍‌ଷ୍ଟୋର, କାହାଣୀ ପବ୍ଲିକେସନ୍ ପକ୍ଷରୁ ପୁସ୍ତକ ମେଳା ପ୍ରଦର୍ଶନ କରାଯାଇଥିବାବେଳେ ଓରମାସ୍ ପକ୍ଷରୁ ସାଲେପୁର ବ୍ଲକ୍ ସହାୟତାରେ ୧୦ରୁ ଉର୍ଦ୍ଧ୍ୱ ସୁଭଦ୍ରା ଶକ୍ତି ପଲ୍ଲିଶ୍ରୀ ମେଳାର ମହିଳାମାନେ ଭାଗନେଇଥିଲେ।

## ବୈରୀକୁ ହରାଇ ମଣିଆଁ ଚାମ୍ପିଅନ

**ସିଦ୍ଧେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**




ଟାଙ୍ଗୀ,୩୧।୩(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ସିଦ୍ଧେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାରିଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବର୍ଣ୍ଣବୋଧ ଶିକ୍ଷକ ପ୍ରମୋଦ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ଯୁବ ସମାଜସେବୀ ଗଙ୍ଗାଧର ବେହେରା, ମଣ୍ଡଳ ବିଜେପି ସଭାପତି ହୃଷୀକେଶ ସାମଲ ପ୍ରମୁଖ ଯୋଗଦେଇ ବିଜୟୀ ମଣିଆଁ କ୍ରିକେଟ ଟିମ୍ ଓ ରନର୍ସଅପ ବୈରୀ କ୍ରିକେଟ ଟିମକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୪ ଦିନରେ ୧୬ଟି ଟିମ୍ ଭାଗନେଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ କ୍ଲବର ବିବେକାନନ୍ଦ ବେହେରା, ମନୋରଞ୍ଜନ ଛାଟୋଇ, ଜୟପ୍ରକାଶ ବେହେରା, ସୌମ୍ୟରଞ୍ଜନ ନାୟକ, ଅଶ୍ୱିନ ବେହେରା, ଶିବାନନ୍ଦ ପରିଡ଼ା, ଲିଟୁନା ଛାଟୋଇ, ମନୋଜ ବେଉରା ଓ ସତ୍ୟବ୍ରତ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ଟେଟ୍ରାହେଡ୍ରନ୍‌ର ସହାୟତା



ଟାଙ୍ଗୀ,୩୧।୩(ସମିସ): ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କୋଟସାହି ପଞ୍ଚାୟତ ଟାଙ୍ଗୀ ମଦନମୋହନ ସାହି ବାସିନ୍ଦା ଗୁରୁଦେବ ପାଗଳଙ୍କ ୩ ବଖରା ଚାଳଘର ପୋଡ଼ି ପାଉଁଶ ହୋଇଯାଇଛି। ଚା' ଦୋକାନ କରି ଜୀବିକା ନିର୍ବାହ କରୁଥିବା ଗୁରୁଦେବଙ୍କ ପରିବାର ସୁରକ୍ଷିତ ଥିବାବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲେ ହେଁ ବିଦ୍ୟୁତ୍ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଆଶଙ୍କା କରାଯାଉଛି। ଦମକଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ବାସିନ୍ଦା ନିଆଁକୁ ଆୟତ୍ତ କରିନେଇଥିଲେ। ଖବରପାଇ ମଙ୍ଗଳବାର ସକାଳୁ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ସାମାଜିକ କର୍ମୀ ଆକାଶ ପାତ୍ର ପୀଡ଼ିତ ପରିବାରକୁ ଭେଟି ସମବେଦନା ଜ୍ଞାପନ ପୂର୍ବକ ସହାୟତା ପ୍ରଦାନ କରିଥିଲେ। ବିଡ଼ିଓଙ୍କୁ ଭେଟି ପୀଡ଼ିତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଥିଲେ।

## ୬୫ ନମ୍ବର ରାଜ୍ୟ ରାଜପଥ ଉପରେ ଡ୍ରେନ୍ ପାଣି



ତିଗିରିଆ,୩୧।୩(ସମିସ): ତିଗିରିଆ ବ୍ଲକର ପ୍ରବେଶ ପଥ ନୂଆସଡ଼କ ଛକ ନିକଟସ୍ଥ ୬୫ ନମ୍ବର ରାଜ୍ୟ ରାଜପଥ ଉପରେ ଦୀର୍ଘ ଦିନ ଧରି ଡ୍ରେନ୍ ପାଣି ଜମି ରହୁଥିବାରୁ ସ୍ଥାନୀୟ ଜନସାଧାରଣ ଓ ପଥଚାରୀ ଅତିଷ୍ଠ ହୋଇପଡ଼ିଛନ୍ତି। ପୋପରା ଆଶ୍ରମ ବିଦ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ଏହି ମୁଖ୍ୟ ରାସ୍ତା ଉପରେ ବିଦ୍ୟାଳୟର ବର୍ଜ୍ୟ ଜଳ ନିଷ୍କାସିତ ହୋଇ ଲହଡ଼ି ଭାଙ୍ଗୁଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଶହ ଶହ ଗାଡ଼ି ମୋଟର ଓ ପଥଚାରୀମାନେ ଦୁର୍ଗନ୍ଧରେ ନାକେଦମ୍ ହେଉଛନ୍ତି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପଢୁଥିବା ୧୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଅପରିଷ୍କାର ଜଳ ରାସ୍ତା ଉପରକୁ ଆସୁଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ସୁଲୋଚନା ରାଉତ କହିଛନ୍ତି ଯେ ବିଦ୍ୟାଳୟ ସମ୍ମୁଖରେ ଥିବା ଡ୍ରେନ୍ କୌଣସି କାରଣରୁ ଅବରୋଧ ହୋଇଥିବାରୁ ପାଣି ଉଛୁଳି ରାସ୍ତା ଉପରକୁ ମାଡୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶିବଧନୁ ଭଙ୍ଗ ଓ ସୀତା ବିବାହ ଉତ୍ସବ



ନରସିଂହପୁର,୩୧।୩(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡାପାଟଣା ଗ୍ରାମରେ ଥିବା ରାମଲୀଳା ନାଟ୍ୟ ସଂଘ ପକ୍ଷରୁ ରାମଲୀଳା ନାଟକ ରଘୁନାଥଜୀଉ ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଶ୍ରୀରାମ ସୀତାଙ୍କ ବିବାହ ଆତସବାଜି ମଧ୍ୟରେ କଳାକାରମାନେ ପରିବେଷଣ କରିଥିଲେ। ଗୀତିକାର ପୂର୍ଣ୍ଣଚନ୍ଦ୍ର ସାହୁ, ବିନୋଦ ସାହୁ ସଂଗୀତ ପରିବେଷଣ କରିଥିଲେ। ରାଜବାଟୀଠାରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବିଧାୟକ ବିଜୟ ଦଳବେହେରା, ଶିକ୍ଷାବିତ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ପରେଶ ବେହେରା, ଶ୍ରୀକାନ୍ତ ସାହୁ, ପଶା ବେହେରା, ମନ୍ଦର ସାହୁ, ବାଦଲ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, କରୁଣା ବେହେରା, ଭୂପେନ ଦାସ, ସରୋଜ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**ସରକାରୀ ଟଙ୍କାର ଅପବ୍ୟବହାର**

# ନିଜ ଘର ନିକଟରେ ପ୍ରକଳ୍ପ କରୁଛନ୍ତି କର୍ପୋରେଟର

କଟକ,୩୧।୩(ସମିସ)



ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ଅର୍ଥ କିଭଳି ଭାବେ ବାଟମାରଣା କରାଯାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ କଟକ ମହାନଗର ନିଗମର ୫୬ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି। କଟକ "ୱାଟକୋ' ପକ୍ଷରୁ ଏହି ୱାର୍ଡରେ ନିର୍ମାଣ ହେବାକୁ ଥିବା ଏକ ନୂତନ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ନେଇ ଏବେ ବିବାଦ ତେଜିଛି। ପ୍ରକଳ୍ପଟି ସାଧାରଣ ଜନତାଙ୍କ ସୁବିଧା ପାଇଁ କୌଣସି ଜନଗହଳି ପୂର୍ଣ୍ଣ ସ୍ଥାନରେ ହେବା କଥା, ମାତ୍ର ସ୍ଥାନୀୟ କର୍ପୋରେଟରଙ୍କ ଚାପରେ ଏହା ଏକ ନିଛାଟିଆ ସ୍ଥାନରେ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ୱାର୍ଡର ବିଭିନ୍ନ ପ୍ରମୁଖ ଛକରେ ଯେଉଁଠାରେ ଲୋକଙ୍କ ଯାତାୟାତ ଅଧିକ ରହିଛି, ସେଠାରେ ଏହି ପ୍ରକଳ୍ପ ନିର୍ମାଣ ନ କରି ସ୍ଥାନୀୟ କର୍ପୋରେଟର ନିଜ ଘର ନିକଟସ୍ଥ କାଠଯୋଡ଼ି ନଦୀବନ୍ଧ ସର୍ଭିସ୍ ରୋଡ୍ କଡ଼ରେ ଏହାକୁ ବସାଉଛନ୍ତି। ଏହି ରାସ୍ତାରେ ଯାତାୟାତ ବହୁତ କମ୍ ରହିଥିବାରୁ ଏହା ଜନସାଧାରଣଙ୍କ କୌଣସି କାମରେ ଆସିବ ନାହିଁ। କେବଳ କର୍ପୋରେଟର ଏବଂ ତାଙ୍କ ସାହିର କିଛି ମୁଷ୍ଟିମେୟ ଲୋକ ଏଥିରେ ଉପକୃତ ହେବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ୱାର୍ଡରେ ପାଇକସାହି, ବାଲିକୁଦା, ଜଗନ୍ନାଥ କଲୋନୀ, ଉତ୍ତମାପୁର, ଶୁଭଦ୍ରାପୁର ଭଳି ପ୍ରାୟ ୧୬ଟି ଗ୍ରାମ ରହିଛି ଏବଂ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଭୋଟର ବସବାସ କରୁଛନ୍ତି। ପ୍ରକଳ୍ପ ପୂର୍ବରୁ ବିଭାଗ ପକ୍ଷରୁ ସଠିକ୍ ସର୍ଭେ କରାଯିବା କଥା, କିନ୍ତୁ କିଛି ଅସାଧୁ ଅଫିସର କର୍ପୋରେଟରଙ୍କ ସହ ମିଶି ଏକ ମିଥ୍ୟା ସର୍ଭେ ରିପୋର୍ଟ ପ୍ରସ୍ତୁତ କରିଥିବା କୁହାଯାଉଛି। ଲୋକଙ୍କୁ ନ ପଚାରି କିଭଳି ଏହି ରିପୋର୍ଟ ପ୍ରସ୍ତୁତ ହେଲା, ତାହାର ତଦନ୍ତ ପାଇଁ ଦାବି ଉଠିଛି। ଆଜି ଏହି ସମସ୍ୟାକୁ ନେଇ ଅଞ୍ଚଳର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ଥାଇ ଏକ ଦାବିପତ୍ର ୱାଟକୋ ଜେନେରାଲ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଛି। ସାଗର ବେଉରା, ସୁକଦେବ ସାମଲ, ଜଗନ୍ନାଥ ନାୟକ, ସନ୍ତୋଷ ନାୟକଙ୍କ ସମେତ ଶତାଧିକ ଲୋକ ୱାଟକୋ ଅଫିସରେ ପହଞ୍ଚି ଜିଏମ୍‌ଙ୍କୁ ସାକ୍ଷାତ କରିଛନ୍ତି। ପ୍ରକଳ୍ପଟିକୁ ତୁରନ୍ତ ଉପଯୁକ୍ତ ଜନଗହଳି ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ୱାଟକୋ ବିଏମ୍ କହିଛନ୍ତି ଯେ ଅଭିଯୋଗପତ୍ର ମିଳିଛି ଏବଂ ଏହା ଉପରେ ପୁନଃତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

● ୫୬ ନମ୍ବର ୱାର୍ଡରେ ପାନୀୟଜଳ ପ୍ରକଳ୍ପ ସ୍ଥାନାନ୍ତର ଦାବି

● ମିଥ୍ୟା ସର୍ଭେ ରିପୋର୍ଟ ଅଭିଯୋଗ ଆଣିଲେ ଅଞ୍ଚଳବାସୀ

## ଆଦର୍ଶ ଶିକ୍ଷକଙ୍କ ନିରଞ୍ଜନ କରଙ୍କ ସ୍ମୃତିସଭା




ଚୌଦ୍ୱାର,୩୧।୩(ସମିସ): ଚୌଦ୍ୱାର ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ତରଫରୁ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ କରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଅଶୋକ ନାୟକଙ୍କ ପୌରୋହିତ୍ୟରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅଶୋକ ପରିଜା, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଡ. ବିଚିତ୍ରାନନ୍ଦ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସେଣ, ଶିକ୍ଷାବିତ୍ ଶୁକ ଦେଇ, ଭାଗବତ ରାଉତ, ଅନୀଲ ବଳ, ରବୀନ୍ଦ୍ର ମହାପାତ୍ର, ଅଲେଖ ବେହେରା, ବିଷ୍ଣୁ ଚରଣ ପରିଡ଼ା, ଦୁର୍ଯ୍ୟୋଧନ ବେହେରାଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ସ୍ୱର୍ଗତ କରଙ୍କ ସ୍ମୃତିଚାରଣ କରିଥିଲେ।

## ମା' ହିଙ୍ଗୁଳାଙ୍କ ଯାତ୍ରାରେ ଜଳଛତ୍ର



ଢେଙ୍କାନାଳ,୩୧।୩(ସମିସ): ଢେଙ୍କାନାଳ ରେଙ୍ଗାଳି ଦକ୍ଷିଣ କେନାଲ ଅନ୍ତର୍ଗତ ବିଭାଜନ ଦୁଇ ତରଫରୁ ଏକ ଜଳଛତ୍ର ଖୋଲାଯାଇ ଶ୍ରଦ୍ଧାଳୁମାନଙ୍କୁ ଦହି ସର୍ବତ ବଣ୍ଟନ କରିଯାଇଛି। ତାଳଚେରର ଅଧିଷ୍ଠାତ ଦେବୀ ମା' ହିଙ୍ଗୁଳାଙ୍କ ପୂଜାରେ ଯୋଗଦେଇଥିବା ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନେଇଥିବାବେଳେ ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱର ବିଭାଜନ ୨ର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଏନ ସନ୍ତୋଷ କୁମାର ଚୌଧୁରୀ, ମୁଖ୍ୟଯନ୍ତ୍ରୀ କୁଳମଣି ସେଠୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ବିଭାଜନର ଯନ୍ତ୍ରୀ, ଟଙ୍କଧର ବେହେରା ଓ ଅନ୍ୟ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ ବିଭାଗର କର୍ମଚାରୀ ସହଯୋଗରେ ଜଳଛତ୍ର କରାଯାଇଥିଲା। ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ଏପରି କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମୁଖ୍ୟଯନ୍ତ୍ରୀ ପ୍ରକାଶ କରିଛନ୍ତି।

# ହିନ୍ଦୋଳ ଉପଖଣ୍ଡରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପନ୍ନ

ହିନ୍ଦୋଳ,୩୧।୩(ସମିସ): ୨୦୨୫-୨୬ ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ରକ୍ଷଣାବେକ୍ଷଣ ଯୋଜନାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପନ୍ନ ହୋଇଛି। ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୋନାଲି ସୁଚରିତା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହୋଇଛି। କୁକୁଟା ପୂର୍ତ୍ତ ବିଭାଗ ରାସ୍ତାଠାରୁ ଚିତ୍ତଲପୁର ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉଭୟ ପାଶ୍ୱର୍ରେ ଗାର୍ଡ ୱାଲ, ପିଚୁ ରାସ୍ତାର ମରାମତି ଓ ଗଣ୍ଡାନାଳି ପଞ୍ଚାୟତ ଖାଲିବୋରି ଗ୍ରାମ ସାପୁଆ ନାଳରେ ତିଆରି ହୋଇଥିବା ବ୍ରିଜର ଆପ୍ରୋଚ ରୋଡ୍‌ର ପ୍ରବେଶ ପଥ ଜମି ବିବାଦ ପାଇଁ ଦୀର୍ଘଦିନ ହେଲା ହୋଇପରୁ ନ ଥିବା ବେଳେ ବିଭାଗ ଦ୍ୱାରା ଏହାର ସମାଧାନ କରାଯାଇ ରାସ୍ତାର ଉଭୟ ପାଶ୍ୱର୍କୁ ଚଉଡ଼ା କରାଯାଇଛି। ସେହିପରି ଗିରିଧର ପ୍ରସାଦ ଗ୍ରାମ ରାସ୍ତାରେ ପାଣି ଜମି ରହୁଥିଲା। ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଚଳିତ ବର୍ଷ ବିଭାଗ ଦ୍ୱାରା ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ ଓ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ବାହାଳ ଛକରୁ ନୂଆ ଭାୟା ବାର୍ଷିଙ୍ଗା ରାସ୍ତା କାର୍ଯ୍ୟ କରାଯାଇଥିବା ବେଳେ ବନ୍ଧଭୂଇଁରୁ କରାବିରା ରାସ୍ତା ସମ୍ପୂର୍ଣ୍ଣ ହୋଇଛି। ଏହାସହ ଉପଖଣ୍ଡର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ପୁନରୁଦ୍ଧାର କାର୍ଯ୍ୟ ବିଭାଗ ଦ୍ୱାରା କରାଯାଇଛି। କାରନ୍ଦା ରାଜସ୍ୱ ନିରୀକ୍ଷକ କାର୍ଯାଳୟ, ପଞ୍ଚପଡ଼ା, ରାସୋଳ, ଗଣ୍ଡାନାଳି, କୁନୁଆଁ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ମରାମତି, ବିଭିନ୍ନ ଥାନାର ଗୃହ ମରାମତି ବିଭାଗ ଦ୍ୱାରା କରାଯାଇଛି।



## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ପରଜଙ୍ଗ,୩୧।୩(ସମିସ): ୫୩ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ସରାଙ୍ଗ କଲେଜ ଛକ ନିକଟ ମାରୁତି ହୋଟେଲ ସମ୍ମୁଖରେ କୁକୁର ସହ ବାଇକ୍ ଧକ୍କା ହେବାରୁ ଦୁର୍ଘଟଣା ଘଟି ଜଣଙ୍କ ମୃତ ଘଟିଛି। ମୃତକ ହେଲେ ଜୟପୁରାକାଟେଣୀ ପଞ୍ଚାୟତ କନ୍ହେଇ ନଗରର ଗାନ୍ଧୀ କୁଲ୍ଲି। ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ମୁକ୍ତାପଶି ଗ୍ରାମର ପବିତ୍ର ବେହେରା ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗାନ୍ଧୀ ଓ ପବିତ୍ର ବାଇକ୍ ଯୋଗେ ତାଳଚେର ଅଭିମୁଖେ ଯାଉଥିବା ବେଳେ ମାରୁତି ହୋଟେଲ ସମ୍ମୁଖରେ ଏକ କୁକୁର ସହ ଧକ୍କା ହୋଇଥିଲେ। ଫଳରେ ଭାରସ୍ୟାମ ହରାଇ ରାସ୍ତା ସୁରକ୍ଷା ବାଡ଼ରେ ଧକ୍କାହୋଇ ଉଭୟ ପଡ଼ିଯାଇଥିଲେ। ଘଟଣାସ୍ଥଳରେ କୁକୁରର ମୃତ୍ୟୁ ହୋଇଥିବା ସରାଙ୍ଗ ଫାଣ୍ଡି ପୁଲିସ ଏବଂ ସ୍ଥାନୀୟ କେ ଗାନ୍ଧୀ ଓ ପବିତ୍ରଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ଗାନ୍ଧୀଙ୍କୁ ମୃତ ଘୋଷଣା କରିଥିଲେ। ପବିତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି।

# ବେଗା ପ୍ୟାକ୍ସର ପ୍ରଥମ ସାଧାରଣ ସଭା

ଗଁଦିଆ,୩୧।୩(ସମିସ): ଢେଙ୍କାନାଳ ଜିଲ୍ଲା ବେଗା ପଞ୍ଚାୟତ ପରିସରରେ ବେଗା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିମିଟେଡ୍ (ପ୍ୟାକ୍ସ)ର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭାବେ ଏହି ସେବା ସମବାୟ ସମିତି ମିଳିଥିବାରୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ସ୍ଥାନୀୟ ସରପଞ୍ଚ ରାହୁଲରାୟ ମହାଳିକଙ୍କୁ କୃତଜ୍ଞତା ଜଣାଇଥିଲେ। ବେଗା ସରପଞ୍ଚ ରାହୁଲରାୟ ମହାଳିକ ବୈଠକରେ ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାଳିକ, ସନ୍ତୋଷ ସାହୁ, ନାଏବ ସରପଞ୍ଚ ଝରଣା କବି, ବରିଷ୍ଠ ନାଗରିକ ଚନ୍ଦ୍ରକାନ୍ତ କାନୁନଗୋ, ରତନପୁର ସମବାୟ ସମିତି ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ, ମହେଶ୍ୱର ରାଉତ ଓ ତ୍ରିନାଥ ବେହୁରା ଉପସ୍ଥିତ ଥିଲେ। ୨୦୦ରୁ ଅଧିକ ଚାଷୀ ଯୋଗଦେଇ ନିଜ ମତାମତ ରଖିଥିଲେ। ରତନପୁର ସମିତି ସମ୍ପାଦକ ସୁଧାଂଶୁ ଶେଖର ସ୍ୱାଇଁ ସଭା ସଂଯୋଜନା କରିଥିଲେ।



● ବିଦ୍ୟାଳୟ ଉପରେ ୧୧ କେଭି ବିଦ୍ୟୁତ ତାର

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଘୋଡ଼ ନିଦ୍ରାରେ ବିଭାଗ

ହିନ୍ଦୋଳ,୩୧।୩(ସମିସ): ହିନ୍ଦୋଳରେ ବିଦ୍ୟୁତ ବିଭାଗର ଚରମ ଅବହେଳା ଦେଖିବାକୁ ମିଳିଛି। ହିନ୍ଦୋଳ ବ୍ଲକ୍ ଖଜୁରିଆକଟା ସେକ୍ସନ ଗଣ୍ଡାନାଳୀ ପଞ୍ଚାୟତ ଗଣ୍ଡାନାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ଉପରେ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେତେବେଳେ ଯେ ଅଘଟଣ ନ ଘଟିବ ତାହା କହି ହେବନାହିଁ। ତୁରନ୍ତ ଶ୍ରେଣୀ ଗୃହ ଉପରୁ ୧୧ କେଭି ବିଦ୍ୟୁତ ତାର ହଟା ନ ଗଲେ ଯେକୌଣସି ଅଘଟଣ ପାଇଁ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।



## ଦୁବେଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ

ଢେଙ୍କାନାଳ,୩୧।୩(ସମିସ): ନିଶିକାନ୍ତ ଦୁବେ ସାଂସଦ ହୋଇପାରନ୍ତି ଓ ତାଙ୍କ ଦଳର ସେ ସମ୍ପତ୍ତି ହୋଇପାରନ୍ତି ହେଲେ ବିଜୁବାବୁଙ୍କ ସମ୍ପର୍କରେ କିଛି ଜାଣିନାହାନ୍ତି ଓ ଜାଣିବା ପାଇଁ ତାଙ୍କର ଜ୍ଞାନ ମଧ୍ୟ ନାହିଁ। ଏଭଳି କଥାକୁହା ନେତାଙ୍କୁ ତାଙ୍କ ଦଳ ତାଗିଦ କରିବା ଉଚିତ। ଦେଶ, ପ୍ରଦେଶ ଓ ରାଷ୍ଟ୍ର ପାଇଁ ବିଜୁବାବୁଙ୍କ ଅବଦାନର କୌଣସି ମାପକାଠି ଅଦ୍ୟାବଧି ସୃଷ୍ଟି ହୋଇନାହିଁ। ପିଲାଳିଆ କଥା ବିଚାର କରି ପ୍ରସଙ୍ଗକୁ ଅଧିକ ଚର୍ଚ୍ଚା କରା ନ ଯାଉ ବୋଲି ବିଜେଡି ନେତା ମହେଶ ସାହୁ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର



ଗଁଦିଆ,୩୧।୩(ସମିସ): ଭୁବନ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା କପିଳାସ ଦେଓଗାଁ ତିନିକଣିଆ ଛକ ନିକଟରେ ଦୁର୍ଘଟଣା ଘଟି ଦୁଇ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସାମ୍ନାପଟୁ ଦୁଇଜଣ ବାଇକ୍ ଆରୋହୀ ଆସିଯିବାରୁ ସେମାନଙ୍କୁ ବଞ୍ଚାଇବାକୁ ଯାଇ ଏକ ଲୁହା ତାର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ବାଇକ ଆରୋହୀ ମଧ୍ୟ ଟ୍ରକକୁ ଦେଖି ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ସୁଆଖାଇ କାଟେଣୀ ଅଞ୍ଚଳର ଅବନ୍ତି ନାୟକ ଓ ଶେଷଦେବ ନାୟକ ଗୁରୁତର ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଟ୍ରକ ଡ୍ରାଇଭର ବିଶ୍ୱଜିତ ଦେହୁରୀ ସାମାନ୍ୟ ଆହତ ହୋଇଛନ୍ତି। ଗଁଦିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଡ଼କ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ଢେଙ୍କାନାଳ,୩୧।୩(ସମିସ): ୫୫ନଂ ଜାତୀୟ ରାଜପଥର କଣ୍ଟାବଣିଆ ଥାନା କଣ୍ଟାବଣିଆ ଛକ ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ବସକୁ ବିପରୀତ ଦିଗରୁ ଆସୁଥିବା ପାଉଁଶ ବୋଝେଇ ଟ୍ରକ ଧକ୍କା ଦେଇଛି। ଏଥିରେ ଟ୍ରକ ଡ୍ରାଇଭର ଗୁରୁତର ହୋଇ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସବୁଦିନ ଭଳି ଟାଟାଷ୍ଟିଲ ମେରାମଣ୍ଡଳୀରେ ବିଭିନ୍ନ କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କୁ ନେବାଆଣିବା କରୁଥିବା ବସଗୁଡ଼ିକ ଅଭିମୁଖେ ଶ୍ରମିକମାନଙ୍କୁ ନେବାପାଇଁ କଣ୍ଟାବଣିଆ ଛକରେ ରାଜପଥ କଡ଼ରେ ଠିଆ ହୋଇଥିଲେ। ଅପରାହ୍ନ ପ୍ରାୟ ୫ଟା ବେଳକୁ କମଳାଙ୍ଗ ଜିଏମଆର ପାୱାରପ୍ଲାଣ୍ଟରୁ ପାଉଁଶ ବୋଝେଇ ହୋଇ ଆସୁଥିବା ଏକ ଟ୍ରକ ବ୍ରେକଫେଲ ହୋଇ ମଝି ରାସ୍ତାରେ ଥିବା ଡିଭାଇଡରକୁ ଅତିକ୍ରମକରି ଡାହାଣ ପାଖ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ବସକୁ ଧକ୍କା ଦେଇଥିଲା। ବସରେ କୌଣସି ଲୋକ ନ ଥିଲେ। ଟ୍ରକର ଡ୍ରାଇଭର ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଡାକ୍ତରଖାନା ପଠାଯାଇଛି। ଡ୍ରାଇଭରଙ୍କ ପରିଚୟ ମିଳିନାହିଁ। ପୁଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।




## ଖଙ୍କର ରାମନବମୀ ମହୋତ୍ସବ

ଗଁଦିଆ,୩୧।୩(ସମିସ): ଗଁଦିଆ ବ୍ଲକ ଖଙ୍କର ଗ୍ରାମ ଶ୍ରୀରାମ ମନ୍ଦିରରେ ୧୨୦ତମ ଶ୍ରୀରାମ ନବମୀ ମହୋତ୍ସବ ଅନୁଷ୍ଠିତ ହୋଇଛି। ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ ହୋଇଥିଲା। ପ୍ରତ୍ୟହ ସୂର୍ଯ୍ୟପୂଜା, ଜନ୍ମପୂଜା, ବିଶ୍ୱଶାନ୍ତି ଯଜ୍ଞ ହେବା ସହ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କର୍ତ୍ତା ଭାବେ ଅମ୍ବରୀଶ ଶତପଥୀ ଓ ଗୀତାରାଣୀ ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଗ୍ରାମ ପରିଚାଳନା କମିଟି ଉପଦେଷ୍ଟା ଅମ୍ବୁଜ ବଲ୍ଲଭ ଶତପଥୀ, ସଭାପତି ପଠାଣି ଚରଣ ଦାସ, ସଭ୍ୟ ସୁଚେନ୍ଦ୍ର ଶତପଥୀ, ରାଧେଶ ଶତପଥୀ, ପ୍ରଭାତ ଦେହୁରୀ, ପ୍ରଫୁଲ୍ଲ ନାୟକ, ଅଶୋକ କୁମାର ଶତପଥୀ, ପ୍ରେମାନନ୍ଦ ବାରିକ, ମିଲା ବେହେରା, ଦୁଃଖବନ୍ଧୁ ମହାନ୍ତି, ବିରଞ୍ଚି ନାରାୟଣ ସେଠୀ, ଶ୍ରୀବତ୍ସ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମର ରାମସେନା କମିଟି ଓ ବଜରଙ୍ଗୀ କମିଟିର ଯୁବଗୋଷ୍ଠୀ ସହଯୋଗ କରିଥିଲେ। ତିନିଦିନ ବ୍ୟାପୀ ଅପେରା ଅନୁଷ୍ଠିତ ହୋଇଥିଲା।



● ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା

## ଜେଲ୍ ଗଲେ ମୁଖ୍ୟ ଅଭିଯୁକ୍ତ

ଭୁବନ,୩୧।୩(ସମିସ): ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣାରେ ପୁଲିସ ପୂର୍ବରୁ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ତ୍ରିଲୋଚନ ମହାନ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଭୁବନ ଥାନା ବାରୁଆଁ ପଞ୍ଚାୟତ କୃଷ୍ଣପୁର ଗ୍ରାମ ବଜୁସାହିର ସ୍ୱର୍ଗତ ରଥୁ ମହାନ୍ତଙ୍କ ପୁଅ ତ୍ରିଲୋଚନ ସମ୍ପର୍କୀୟ ଭାଇ ତଥା ତରୁଣ ମହାନ୍ତଙ୍କ ପୁଅ ମଣ୍ଟୁ ମହାନ୍ତଙ୍କୁ ଫୋନ ଯୋଗେ ଘରକୁ ଡାକିଥିଲେ। ସେ ଆସିବା ପରେ ତ୍ରିଲୋଚନ ପୂଜାପାଠ କରିବା ସହ ତାଙ୍କୁ ହତ୍ୟା କରିଥିଲେ। ବେକରେ ଗାମୁଛା ବାନ୍ଧି ପ୍ରାୟ ୧୫୦ ମିଟର ଘୋଷାଡ଼ି ଘୋଷାଡ଼ି ଦାଣ୍ଡକୁ ନେଇଥିଲା। ସେଠାରେ ପାଳନଡ଼ା ପକାଇ ନିଆଁ ଲଗାଇ ଜଳାଇ ଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଗ୍ରାମବାସୀ ପହଞ୍ଚି ନିଆଁ ଲିଭାଇବା ସହ ତ୍ରିଲୋଚନଙ୍କୁ କାବୁ କରି ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତ୍ରିଲୋଚନ (୪୧), ତାଙ୍କ ମା' ଭାନୁମତି ମହାନ୍ତ (୫୮), ସ୍ତ୍ରୀ ବବିତା ମହାନ୍ତ (୩୦) ଓ ନାବାଳକ ପୁଅଙ୍କୁ ଅଟକ ରଖିଥିଲା। ଗ୍ରାମବାସୀଙ୍କ ମାଡ଼ରେ ଗୁରୁତର ହୋଇଥିବା ତ୍ରିଲୋଚନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ତ୍ରିଲୋଚନ ସୁସ୍ଥ ହେବାରୁ ତାଙ୍କୁ ମଧ୍ୟ ଜେଲ ପଠାଯାଇଥିବା ତଦନ୍ତ ଅଧିକାରୀ ରେଣୁବାଳା ସାହୁଙ୍କ ସୂଚନା ଦେଇଛନ୍ତି।

## ଓଆରଏସ୍ ବଦଳରେ କୀଟନାଶକ, ରୋଗୀ ମୃତ

ଭୁବନ,୩୧।୩(ସମିସ): ସ୍ୱାମୀଙ୍କ ଝାଡ଼ା ହେଉଥିବାରୁ ମେଡିକାଲରେ ଚିକିତ୍ସା କରାଇ ଔଷଧ ନେଇ ଘରକୁ ଫେରିଥିଲେ ସ୍ତ୍ରୀ। ସବୁ ଓଷଧ ଆଲମିରାରେ ରଖିଲେ। କିନ୍ତୁ ଅଜାଣତରେ ଓଆରଏସ୍ ବଦଳରେ କୀଟନାଶକ ଔଷଧ ଗ୍ଲାସରେ ମିଶାଇ ପିଇବାକୁ ଦେଇଥିଲେ। ଗୁରୁତର ହେବାରୁ ପରିବାର ଲୋକେ ପୁଣି ମେଡିକାଲ ନେଇଥିଲେ। ପରେ କଟକ ସ୍ଥାନାନ୍ତର କରାଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ହେଲେ ଭୁବନ ଥାନା ବାଲିବୋ ଗ୍ରାମର ହଟକୃଷ୍ଣ ନାୟକ।

## ହାଇୱା ପଛରେ ଧକ୍କାହେଲା ଟ୍ରକ

ଭୁବନ,୩୧।୩(ସମିସ): ଚଳନ୍ତା ହାଇୱା ପଛରେ କୋଇଲା ବୋଝେଇ ଟ୍ରକ ଧକ୍କା ହେବାରୁ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଜାତୀୟ ରାଜପଥ ୫୩ର ଭୁବନ ଥାନା ସାମଲ ଛକ ନିକଟରେ ମଙ୍ଗଳବାର ସକାଳେ ଏହି ଦୁର୍ଘଟଣା ଘଟିଛି। ତାଳଚେରରୁ ଏକ ଟ୍ରକ କୋଇଲା ବୋଝେଇ କରି ଯାଜପୁର କଳିଙ୍ଗନଗର ଯାଉଥିଲା। ସମଲ ଛକ ନିକଟରେ ଏକ ହାଇୱାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ କୋଇଲା ବୋଝେଇ ଟ୍ରକ ଡ୍ରାଇଭର ଗୁରୁତର ହୋଇଥିଲେ। ଦମକଳ ବାହିନୀ ଟ୍ରକକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରି ଭୁବନ ମେଡିକାଲରେ ଭର୍ତ୍ତି କରାଇଥିଲେ। ଡ୍ରାଇଭରଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଛନ୍ତି। ଗୁରୁତର ଡ୍ରାଇଭର ହେଲେ ପର୍ଜଙ୍ଗ ଥାନା ଦଦରାଘାଟି ଗ୍ରାମର ହିମାଂଶୁ ସାହୁ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଖଜୁରିଆକଟା,୩୧।୩(ସମିସ): ହିନ୍ଦୋଳ ଉପଖଣ୍ଡ ଦୁଦୁରକୋଟ କରଣସାହିର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ପଟ୍ଟନାୟକ ୮୦ଙ୍କ ଗତକାଲି ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ଦୀର୍ଘ ଦିନ ହେବ ଶ୍ୱାସ ସମସ୍ୟା ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସା ହୋଇ ଆସୁଥିଲେ। ଚାକିରି ଜୀବନରେ ଅନେକ ବିଦ୍ୟାଳୟରେ ଶିକ୍ଷାଦାନ କରି ଖଜୁରିଆକଟା ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିଲେ। ହିନ୍ଦୋଳ ବ୍ଲକ ପୂର୍ବତନ ଚେୟାରମ୍ୟାନ ସୁଧାକର ପଟ୍ଟନାୟକଙ୍କ କନିଷ୍ଠ ଭ୍ରାତା ଅଟନ୍ତି। ଜଣେ ମିଷ୍ଟଭାଷୀ ,ସରଳ, ମେଳାପୀ ଓ ସମାଜସେବୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ ଶ୍ରୀ ପଟ୍ଟନାୟକ। ତାଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ନିଜ ଗ୍ରାମ ଦୁଦୁରକୋଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ କିସାନ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।



# ରାଜନୀତି ବିଜ୍ଞାନ ବିଭାଗରେ ସମ୍ବର୍ଦ୍ଧନା ସଭା

ଖଜୁରିଆକଟା,୩୧।୩(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀଙ୍କ ପୌରହିତ୍ୟରେ +୩ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଦ୍ୟା ଅର୍ଜନ ଶେଷରେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଯୋଗ୍ୟତା ତଥା ସାମର୍ଥ୍ୟ ଅନୁଯାୟୀ ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବେ। ତେଣୁ ମନରେ ଉଚ୍ଚ ଚିନ୍ତାଧାରା ସହ ପ୍ରଗତିଶୀଳ ମନୋଭାବ ନେଇ ଦେଶର ପ୍ରଗତିକୁ ଆଗେଇ ନେବାପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଦେଶର ଭାବୀ କର୍ଣ୍ଣଧାର ଛାତ୍ରଛାତ୍ରୀମାନେ ନିଜ ପରିପୂର୍ଣ୍ଣତା ନିମିତ୍ତ ଜୀବନରେ ଶୃଙ୍ଖଳା ସହିତ ଉତ୍ତମ କାର୍ଯ୍ୟରେ ନିୟୋଜିତ ହେବାପାଇଁ ମାର୍ଗ ଦର୍ଶନ ଦେଇଥିଲେ। ଶେଷ ବର୍ଷର ଛାତ୍ର ଛାତ୍ରୀ ମାନେ ବିଗତ ଦିନର ଅଭୁଲା ସ୍ମୃତିକୁ ମନେ ପକାଇବା ବେଳେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆୟୋଜିତ ସଭାରେ ବିଭାଗର ଅଧ୍ୟାପକ ବଳାସୀୟସ ଟପୋ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲା ବେଳେ ଅଧ୍ୟାପକ ଅଭିରାମ ମେହେର ଧନ୍ୟବାଦ ଜଣାଇଥିଲେ। ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସଙ୍ଗୀତ ନୃତ୍ୟ ପରିବେଷଣ କରିଥିଲେ।




ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

# 'ଯୋଗ ଓ ଧ୍ୟାନ କଲେ ପିଲାଙ୍କ ମଧ୍ୟରେ ଶୃଙ୍ଖଳା ଆସିଥାଏ'

ଢେଙ୍କାନାଳ,୩୧।୩(ସମିସ): ବାଇପାସସ୍ଥିତ ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ବାର୍ଷିକଉତ୍ସବ 'ସମ୍ପ୍ରଭା' ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଅପରେସନ ସ୍ୱାମୀ ସତ୍ୟଚୈତନ୍ୟ ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଛାତ୍ର ଜୀବନରେ ଶୃଙ୍ଖଳା ଆବଶ୍ୟକ। ଯୋଗ ଓ ଧ୍ୟାନ ଦ୍ୱାରା ପିଲାଙ୍କ ମଧ୍ୟରେ ଶୃଙ୍ଖଳା ଆସିଥାଏ। ପିଲାଙ୍କୁ ଭଲ ମଣିଷ କରିବାରେ ଶିକ୍ଷକ ଓ ମାତାପିତାଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଆର୍ଟ ଅଫ ଲିଭିଂର ବରିଷ୍ଠ ଟିଚର ସୁଜାତା ମହାନ୍ତି, କାମାକ୍ଷାପ୍ରସାଦ ଲେଙ୍କା ଓ ପ୍ରଳୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ପ୍ରିନ୍ସିପାଲ ଡ. ସୁନିତା ଦେବୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ କମିଟି ସମ୍ପାଦକ ଆଇନଜୀବୀ ଭାବଗ୍ରାହୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ତାଏକ୍ୱୋଣ୍ଡୋ ପ୍ରଦର୍ଶନ, କବିତା ପାଠ, ସାଇବର ସମ୍ପର୍କିତ ନାଟକ, ଗ୍ରୁପ ଡ୍ୟାନ୍ସ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାଇସ ପ୍ରିନ୍ସିପାଲ ସସ୍ମିତା ସିଂହ, ବରିଷ୍ଠ ଶିକ୍ଷକ ଜୟନ୍ତ ବେହେରା, ବରିଷ୍ଠ ଶିକ୍ଷୟିତ୍ରୀ ଜଲି ଲେଙ୍କା, ଭାବନା ସାକ୍ସେନା, ନିରୁପମା ସାହୁ, ସ୍ମିତାରାଣୀ ମିଶ୍ର, ମମତା ବିଶ୍ୱାଳ, ସ୍ମିତାଞ୍ଜଳି ଧୀରସାମନ୍ତ, ସସ୍ମିତା ନନ୍ଦ, ସଚେନ୍ଦ୍ରଦେବ ଶତପଥୀ, ଜ୍ୟୋତିରୂପା ସେନାପତି, ଶିଲା ପଟ୍ଟନାୟକ, ବିଜୟ କୁମାର ସ୍ୱାଇଁ, ନିର୍ମାଲ୍ୟ ମଲିକ, ପଦ୍ମାସିନୀ ନାୟକ, ସଙ୍ଗୀତାରାଣୀ ମିଶ୍ର, ପ୍ରିୟଙ୍କା ସିଂହ, ସର୍ବେଶ୍ୱର ପାଇଲ, ସୌରାଂଶୁ ଶେଖର ପ୍ରମୁଖ ସହଯୋଗ କରିଥିଲେ।




## ପାଇଖାନା ଟାଙ୍କିରେ ଫସିଲା ହାତୀ



ଢେଙ୍କାନାଳ,୩୧।୩(ସମିସ): ଢେଙ୍କାନାଳ ବନଖଣ୍ଡ ସଦର ବନାଞ୍ଚଳ ଗଦାଶିଳା ସେକ୍ସନ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଚାଇଁପୁର ଗ୍ରାମକୁ ପଶି ଆସିଥିବା ଏକ ହାତୀ ପାଇଖାନା ଟାଙ୍କିରେ ଫସି ହନ୍ତସନ୍ତ ହୋଇଛି। ସୋମବାର ବିଳମ୍ବିତ ରାତିରେ ହାତୀ ଚାଇଁପୁର ଗାଁ ଭିତରକୁ ପଶି ଆସିଥିଲା। ଗ୍ରାମର ଶ୍ରୀକାନ୍ତ ସାହୁଙ୍କ ଘର ପଛରେ ଥିବା ପାଇଖାନା ଟାଙ୍କି ଉପର ଦେଇ ଯାଉଥିବାବେଳେ ସ୍ଲାବ ଭାଙ୍ଗି ଯାଇଥିଲା। ଫଳରେ ହାତୀଟି ଟାଙ୍କି ଭିତରେ ପଡ଼ିଯାଇ ଆଉ ବାହାରି ପାରି ନ ଥିଲା। ହାତୀର ଗର୍ଜନ ଶୁଣି ଶ୍ରୀକାନ୍ତ ଘର ପଛପଟକୁ ଯାଇ ହାତୀଟି ଟାଙ୍କିରେ ପଡ଼ିଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ଜେସିବି ମେସିନ ସାହାଯ୍ୟରେ ଖୋଳି ହାତୀକୁ ଉଦ୍ଧାର କରିଛନ୍ତି। ପରେ ହାତୀଟି ପାଖ ଜଙ୍ଗଲକୁ ପଳାଇଯାଇଛି।